ଧରିତ୍ରୀ 50 Years
ପୃଷ୍ଠା–୧୨+୮
# ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୪/୨୦୨୪ (୧୨+୮=୨୦ ପୃଷ୍ଠା) Bhubaneswar, Friday, October 4/2024 Page 20 ₹ 7.00
୫୦ଶ ଭାଗ ୩୧୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 311 ମୂଲ୍ୟ₹୭/-



ସ୍ୱତନ୍ତ୍ର
ଭୁବନେଶ୍ୱର, ଶୁକ୍ରବାର, ୪ ଅକ୍ଟୋବର , ୨୦୨୪

# ମଧ୍ୟପ୍ରାଚ୍ୟରେ ମହାସଂଗ୍ରାମ




ଇସ୍ରାଏଲ୍‌ର ଗାଜା ଆକ୍ରମଣକୁ ବର୍ଷେ ପୂରିବାକୁ ଯାଉଥିବାବେଳେ ଯୁଦ୍ଧର ଘନଘଟା କେବଳ ଏହି ୨ ଭୂଖଣ୍ଡରେ ସୀମିତ ହୋଇ ରହିନାହିଁ। ତେହରାନ୍ ସମର୍ଥିତ ହମାସ୍, ହେଜ୍‌ବୋଲ୍ଲା ଓ ହୁତି ଆତଙ୍କବାଦୀଙ୍କ ବିଧ୍ୱଂସକାରୀ କାର୍ଯ୍ୟକଳାପ ଯୁଦ୍ଧକୁ ଇରାନ୍, ୟେମେନ୍ ଏବଂ ଲେବାନନ୍ ପର୍ଯ୍ୟନ୍ତ ଟାଣିନେଇଛି। ଜି୭ ବୈଠକରେ ଆମେରିକା, କାନାଡା, ବ୍ରିଟେନ୍, ଫ୍ରାନ୍ସ, ଜର୍ମାନୀ, ଇଟାଲୀ ଓ ଜାପାନ ଭଳି ଶକ୍ତିଶାଳୀ ଗଣତାନ୍ତ୍ରିକ ରାଷ୍ଟ୍ର ଇସ୍ରାଏଲ୍‌କୁ ସମର୍ଥନ ଦୋହରାଇବା ପରେ ମଧ୍ୟପ୍ରାଚ୍ୟରେ ଅଘୋଷିତ ମହାସଂଗ୍ରାମର ଅଘ୍ୟମାରମ୍ଭ ହୋଇଛି। ଏଭଳି ସ୍ଥିତିରେ ଇରାନ ଆଉ ଏକତରଫା ଭାବେ ସଂଯମ ରହିପାରିବ ନାହିଁ ବୋଲି ଆମେରିକାକୁ ସନ୍ଦେଶ ଦେଇ ବିଶ୍ୱକୁ ଏକ ବୃହତ୍ ସମ୍ଭାବ୍ୟ ଯୁଦ୍ଧର ଭୟାବହ ପରିଣାମ ସମ୍ପର୍କରେ ଚେତାଇଦେବାକୁ ପ୍ରୟାସ କରିଛି। ମିଡିଲ୍ ଇଷ୍ଟରେ ସାମରିକ ଉତ୍ତେଜନା ବୃଦ୍ଧି ପାଇଲେ ଅନ୍ତର୍ଜାତୀୟ ବଜାରରେ କ୍ରୁଡ୍ ଅଏଲ୍ ବା ଅଶୋଧିତ ତୈଳ ଦର ବଢ଼ିବ। ଏହାର ସିଧାସଳଖ ପ୍ରଭାବ ଭାରତ ଏବଂ ପଶ୍ଚିମ-ଦକ୍ଷିଣ ଏସୀୟ ରାଷ୍ଟ୍ରଗୁଡ଼ିକ ଉପରେ ପଡ଼ିବ। ପରିବହନଜନିତ ଖର୍ଚ୍ଚ ବୃଦ୍ଧି ସବୁ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍‌କୁ ବଢ଼ାଇଦେବ ବୋଲି ବଜାର ବିଶେଷଜ୍ଞମାନେ ମତ ଦେଇଛନ୍ତି। ଯୁଦ୍ଧ ଆତଙ୍କ ଭିତରେ ଆମେରିକା, ୟୁରୋପ ଓ ଭାରତର ଶେୟାର ବଜାର ତଳମୁହାଁ ହେବାରେ ଲାଗିଛି, ଯାହାକି ଅର୍ଥନୀତି ପାଇଁ ଆଦୌ ଶୁଭଙ୍କର ନୁହେଁ ବୋଲି କୁହାଯାଉଛି।

# ଅର୍ଥନୀତିକୁ ଯୁଦ୍ଧ ଭୟ

## ପାର୍ବଣରେ ଖସିଲା ପୁଞ୍ଜିବଜାର

ମୁମ୍ବାଇ/ନ୍ୟୁୟର୍କ,୩।୧୦

ପାର୍ବଣ ଋତୁରେ ସାଧାରଣତଃ ଭାରତୀୟ ଶେୟାର ବଜାର ଫୁଲିଉଠିଥାଏ। କିନ୍ତୁ ଚଳିତ ବର୍ଷ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଅକ୍ଟୋବର ଆରମ୍ଭରୁ ଷ୍ଟକ୍ ମାର୍କେଟ ତଳମୁହାଁ ହେବା ଆରମ୍ଭ କଲାଣି। ମଧ୍ୟପ୍ରାଚ୍ୟରେ ଯୁଦ୍ଧ ବଢ଼ିବା ଆଶଙ୍କା ଯୋଗୁ ପୁଞ୍ଜିବଜାର ଧରାଶାୟୀ ହୋଇଯିବ ବୋଲି ଅନେକେ ମତ ଦେଲେଣି।

ଇସ୍ରାଏଲ୍‌ର ଲେବାନନ୍ ଆକ୍ରମଣ ପରିପ୍ରେକ୍ଷୀରେ ଆମେରିକା ସମେତ ଅନେକ ୟୁରୋପୀୟ ବଜାର ୨ ସପ୍ତାହର ସର୍ବନିମ୍ନ ସ୍ତରକୁ ଖସିଥିଲା। ଗୁରୁବାର ଭାରତୀୟ ବଜାରରେ ଏହାର ବଡ଼ ପ୍ରଭାବ ଦେଖିବାକୁ ମିଳିଛି। ନିଫ୍ଟି୫୦ ୫୪୬.୮୦ ପଏଣ୍ଟ (୨.୧୨%) ଖସି ୨୫,୨୫୦ରେ ରହିଥିବାବେଳେ ସେନ୍‌ସେକ୍ସ ୨.୧୦% ବା ୧,୭୬୯.୧୯ ତଳକୁ ଖସି ୮୨,୪୯୭ରେ କାରବାର ଶେଷ ହୋଇଛି। ଅନୁରୂପ ଭାବେ ବ୍ୟାଙ୍କ ନିଫ୍ଟି ମଧ୍ୟ ୧,୦୭୭ ପଏଣ୍ଟ ଅର୍ଥାତ୍ ୨%ରୁ ଊର୍ଦ୍ଧ୍ୱ ତଳକୁ ଯାଇ ୫୧,୮୪୫ରେ ସ୍ଥିର ରହିଛି। ଏଥିଯୋଗୁ ଦିନକରେ ଭାରତୀୟ ନିବେଶକମାନେ ୧୦ ଟ୍ରିଲିୟନ୍‌ରୁ ଊର୍ଦ୍ଧ୍ୱ ଟଙ୍କା ହରାଇଛନ୍ତି। ଅଗଷ୍ଟ ୫ ପରେ ଏହାକୁ ସବୁଠୁ ବଡ଼ ମାର୍କେଟ କ୍ରାଶ୍ ବୋଲି କୁହାଯାଉଛି।

ଅନ୍ୟପକ୍ଷେ ଇରାନର ତୈଳ ଭଣ୍ଡାର ଓ ଡିପୋଗୁଡ଼ିକ ଉପରେ ଇସ୍ରାଏଲ୍ ଆକ୍ରମଣ କରିବା ଆଶଙ୍କା ବଢ଼ିବାରେ ଲାଗିଛି। ଏନେଇ ଆଲୋଚନା ଚାଲିଥିବା ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କହିଛନ୍ତି। ଏପରି ହେଲେ ଅନ୍ତର୍ଜାତୀୟ ବଜାରରେ କ୍ରୁଡ୍ ଅଏଲ୍ ମୂଲ୍ୟ ବଢ଼ିପାରେ। ତୈଳ ଉତ୍ପାଦନ ଓ ରପ୍ତାନି ହ୍ରାସ ପାଇଲେ ଏହାର ପ୍ରଭାବ କେବଳ ମଧ୍ୟପ୍ରାଚ୍ୟ ନୁହେଁ, ବରଂ ସାରା ବିଶ୍ୱରେ ଅନୁଭୂତ ହେବ। ବିଶେଷକରି ଅନ୍ୟ ଦେଶଗୁଡ଼ିକ ଉପରେ ନିର୍ଭରଶୀଳ ଭାରତୀୟ ବଜାରରେ ସବୁ ସାମଗ୍ରୀର ଦରଦାମ୍ ବଢ଼ିବା ଅନୁମାନ କରାଯାଉଛି।

## ଲୋହିତ ସାଗରରେ ୧୦୦ ଜାହାଜକୁ ଆକ୍ରମଣ କଲାଣି ହୁତି

### ଏବେ ଇ-ମେଲ୍‌ରେ ଧମକ ଦେଉଛି



ଲଣ୍ଡନ୍/ଏଥେନ୍ସ,୩।୧୦

ଲୋହିତ ସାଗରରେ ଯାତାୟାତ କରୁଥିବା ଜାହାଜଗୁଡ଼ିକୁ ହୁତି ବିଦ୍ରୋହୀ ଇ-ମେଲ୍ ଜରିଆରେ ଆକ୍ରମଣ ଧମକ ଦେଉଛନ୍ତି। ଏଥେନ୍ସରେ ଗ୍ରୀସ୍‌ର ଏକ ଶିପିଂ କମ୍ପାନୀର ଜଣେ ବରିଷ୍ଠ ଅଧିକାରୀ ତାଙ୍କ ନିକଟକୁ ଆସିଥିବା ଏପରି ଏକ ଇ-ମେଲ୍ ପାଇଛନ୍ତି। କମ୍ପାନୀ ମ୍ୟାନେଜରଙ୍କ ବିଜ୍‌ନେସ୍ ଇ-ମେଲ୍ ଆଡ୍ରେସ୍‌କୁ ମଧ୍ୟ ଅନୁରୂପ ଧମକପୂର୍ଣ୍ଣ ମେସେଜ୍ ପଠାଯାଇଛି। ସେଥିରେ ଲେଖାଅଛି, ଇରାନ୍ ସମର୍ଥିତ ୟେମେନ୍‌ର ହୁତି ମିଲିସିଆ ଲୋହିତ ସାଗରରେ ଯାତ୍ରା କରୁଥିବା ଆପଣଙ୍କ ଜାହାଜକୁ ଆକ୍ରମଣ କରିପାରନ୍ତି। ନିଷିଦ୍ଧ ଘୋଷଣା ସତ୍ତ୍ୱେ ରେଡ୍ ସି'ରେ ଜାହାଜ ଚଳାଚଳ କଲେ ଆକ୍ରମଣ କରାଯିବ ଏବଂ ଏଥିପାଇଁ ଆପଣ ଉତ୍ତରଦାୟୀ ରହିବେ। ଗତ ଫେବୃୟାରୀରେ ପ୍ରତିଷ୍ଠିତ ହୁତି ବଳ ଓ ବ୍ୟବସାୟିକ ଶିପିଂ ଅପରେଟରଙ୍କ ମଧ୍ୟସ୍ଥ ସଂସ୍ଥା ୟେମେନ୍‌ଭିତ୍ତିକ ହ୍ୟୁମାନିଟାରିଆନ୍ ଅପରେଶନ୍ସ କୋ-ଅର୍ଡିନେଶନ ସେଣ୍ଟର (ଏଚ୍‌ଓସିସି) ପକ୍ଷରୁ ଏହି ମେଲ୍ ପ୍ରେରଣ କରାଯାଉଛି। ଇସ୍ରାଏଲ୍-ଗାଜା ଯୁଦ୍ଧ ପରେ ନଭେମ୍ବରରୁ ଅଦ୍ୟାବଧି ହୁତି ଲୋହିତ ସାଗରରେ ପ୍ରାୟ ୧୦୦ ଜାହାଜକୁ ଆକ୍ରମଣ କରିସାରିଲାଣି। ଏହି ଧାରା ଆଗକୁ ଲାଗି ରହିଲେ ଜଳପଥରେ ବାଣିଜ୍ୟିକ କାରବାର ବାଧାପ୍ରାପ୍ତ ହେବା ସହ ସବୁ ସାମଗ୍ରୀର ଦରଦାମ ବୃଦ୍ଧି ପାଇବା ଆଶଙ୍କା କରାଯାଉଛି।



ଗାଜା ଷ୍ଟ୍ରିପ୍‌ର ଖାନ୍ ୟୁନିସ୍‌ରେ ଇସ୍ରାଏଲୀ ସୈନ୍ୟଙ୍କ ଆକ୍ରମଣରେ ଆହତ ରାମାଦନ ଓ ତାଙ୍କ ଭାଣିଜୀ।

## ଯୁଦ୍ଧ ଚାହୁଁନୁ, ସଂଯମ ଶେଷ: ଇରାନ

➩ଇରାନ କାତାର ଜରିଆରେ ଆମେରିକାକୁ ଏକ ବାର୍ତ୍ତା ପ୍ରେରଣ କରିଛି। ସମ୍ପୃକ୍ତ ଅଞ୍ଚଳରେ ତେହରାନ୍ ଯୁଦ୍ଧ ଚାହୁଁନାହିଁ। ଏକତରଫା ଆତ୍ମସଂଯମ ପର୍ଯ୍ୟାୟ ଶେଷ ହୋଇଯାଇଛି। ଇସ୍ରାଏଲ୍ ପଟୁ ଆକ୍ରମଣ କରାଗଲେ ଅଣପାରମ୍ପରିକ ଶୈଳୀରେ ଏହାର ଜବାବ ଦିଆଯିବ। ଏଥିରେ ଇସ୍ରାଏଲୀ ଭିତ୍ତିଭୂମିକୁ ମଧ୍ୟ ଟାର୍ଗେଟ କରାଯିବ ବୋଲି ଧମକ ଦିଆଯାଇଛି।

➩ଇସ୍ରାଏଲୀ ସୈନ୍ୟ ଦକ୍ଷିଣ ଲେବାନନ୍‌ର ମାରୋଉନ୍ ଅଲ୍-ରାସ୍ ଗ୍ରାମକୁ ପ୍ରବେଶ କରୁଥିବାବେଳେ ହେଜ୍‌ବୋଲ୍ଲା ପକ୍ଷରୁ ଆକ୍ରମଣ କରାଯାଇଛି।

➩ଇସ୍ରାଏଲୀ ଏୟାରଷ୍ଟ୍ରାଇକ୍‌ରେ ସେଣ୍ଟ୍ରାଲ ବେରୁଟ୍‌ରେ ଅନ୍ୟୂନ ୧୫ ହେଜ୍‌ବୋଲ୍ଲା ଫାଇଟରଙ୍କ ମୃତ୍ୟୁ ଘଟିଥିବାବେଳେ ୧୪ ଆହତ ହୋଇଛନ୍ତି। ଇସ୍ରାଏଲ୍ ଲେବାବନ୍ ରାଜଧାନୀର ଦକ୍ଷିଣ ଉପକଣ୍ଠରେ ଥିବା ଦହିୟେହରେ ମଧ୍ୟ ୩ଟି ମିଶାଇଲ ମାଡ଼ କରିଛି।

➩ଜାତିସଂଘ ପକ୍ଷରୁ ବଫର ଜୋନ୍ ଘୋଷିତ ଦକ୍ଷିଣ ଲେବାନନ୍‌ର ଉତ୍ତର ଭାଗକୁ ତୁରନ୍ତ ଖାଲି କରିବାକୁ ଇସ୍ରାଏଲୀ ସେନା ନିର୍ଦ୍ଦେଶ ଦେଇଛି।

➩ଲେବାନନ୍ ସେନା କହିଛି, ଏହାର ପ୍ରତି ଆକ୍ରମଣରେ ଦକ୍ଷିଣ ଲେବାନନ୍‌ରେ ୨ ଇସ୍ରାଏଲୀ ସୈନ୍ୟ ନିହତ ହୋଇଛନ୍ତି।

➩ଗତ ୪୮ ଘଣ୍ଟାରେ ଗାଜାରେ ମଧ୍ୟ ଇସ୍ରାଏଲ୍ ଆକ୍ରମଣକୁ ଜୋର୍‌ଦାର କରିଛି। ଏଥିରେ ଅନେକ ପାଲେଷ୍ଟିନୀୟ ନିହତ ହୋଇଛନ୍ତି।

## ହମାସ୍ ସରକାରୀ ମୁଖ୍ୟ, ୨ ଶୀର୍ଷ ନେତା ନିହତ



ହମାସ୍ ସରକାରୀ ମୁଖ୍ୟ ରାୱିହି ମୁଶ୍‌ତାହା, ହମାସ୍ ଜେନେରାଲ ସିକ୍ୟୁରିଟି ମେକାନିଜମ୍ କମାଣ୍ଡର ସାମି ଓଉଦେହ ଏବଂ ହମାସ୍ ପଲିଟିକାଲ ବ୍ୟୁରୋ ସୁରକ୍ଷା ନେତା ସମେହ ଅଲ୍-ସିରାଜ।

ଜେରୁଜେଲମ୍,୩।୧୦

ଇସ୍ରାଏଲ୍ ଏୟାରଷ୍ଟ୍ରାଇକ୍‌ରେ ହମାସ୍ ସରକାର ମୁଖ୍ୟ ରାୱିହି ମୁଶ୍‌ତାହା ନିହତ ହୋଇଛନ୍ତି। ୩ ମାସ ପୂର୍ବେ ଗାଜାର ଏକ ଭୂତଳ ପରିସରକୁ ଟାର୍ଗେଟ କରି କରାଯାଇଥିବା ଏହି ଆକ୍ରମଣରେ ତାଙ୍କ ସହ ଆଶ୍ରୟ ନେଇଥିବା ହମାସ୍ ଜେନେରାଲ ସିକ୍ୟୁରିଟି ମେକାନିଜମ୍ କମାଣ୍ଡର ସାମି ଓଉଦେହ ଏବଂ ପଲିଟିକାଲ ବ୍ୟୁରୋ ସୁରକ୍ଷା ସଦସ୍ୟ ସମେହ ଅଲ୍-ସିରାଜ ମଧ୍ୟ ପ୍ରାଣ ହରାଇଛନ୍ତି। ଇସ୍ରାଏଲୀ ସେନା ଗୁରୁବାର ଏନେଇ ସୂଚନା ଦେଇଛି।

ଇସ୍ରାଏଲୀ ଡିଫେନ୍ସ ଫୋର୍ସ (ଆଇଡିଏଫ୍) ପକ୍ଷରୁ ମିଳିଥିବା ସୂଚନାନୁସାରେ ରାୱିହି ଗାଜା ଷ୍ଟ୍ରିପ୍‌ରେ ହମାସ୍ ସରକାର ଚଳାଉଥିଲେ। ସେ ସଙ୍ଗଠନର ଅନ୍ୟତମ ବରିଷ୍ଠ ଅପରେଟିଭ୍ ଥିବାବେଳେ ହମାସ୍ ଫାଇଟର୍ସଙ୍କ ମୁତୟନ ସମ୍ପର୍କିତ ନିଷ୍ପତ୍ତି ନେବାରେ ତାଙ୍କର ପ୍ରତ୍ୟକ୍ଷ ପ୍ରଭାବ ରହିଥିଲା। ତାଙ୍କୁ ହମାସ୍‌ର ଶୀର୍ଷ ନେତା ୟାହୟା ସିନ୍‌ୱାରଙ୍କ 'ଡାହାଣ ହାତ' କୁହାଯାଉଥିଲା। ୨୦୧୫ରେ ଆମେରିକା ରାୱିହିଙ୍କୁ 'ବୈଶ୍ୱିକ ଆତଙ୍କବାଦୀ' ମାନ୍ୟତା ଦେଇଥିଲା। ବୈଦେଶିକ ସମ୍ପର୍କ ସମ୍ବନ୍ଧୀୟ ୟୁରୋପୀୟ ପରିଷଦ (ଆଇସିଏଫ୍‌ଆର୍) ତାଙ୍କୁ ହମାସ୍‌ର ଆର୍ଥିକ ବ୍ୟାପାର ବୁଝୁଥିବା ଗାଜା ପଲିଟ୍‌ବ୍ୟୁରୋ ସଦସ୍ୟ ଆଖ୍ୟା ଦେଇଥିଲା। ସେହିପରି ସିରାଜ ଜଣେ ପଲିଟ୍‌ବ୍ୟୁରୋ ସଦସ୍ୟ ହୋଇଥିବାବେଳେ ଓ ଉଦେହ ହମାସ୍‌ର ଆଭ୍ୟନ୍ତରୀଣ ସୁରକ୍ଷା ନେତା ଥିଲେ। ହମାସ୍‌କୁ ସମୂଳେ ନାଶ କରିବା ପାଇଁ ଇସ୍ରାଏଲ୍ ଚଳାଇଥିବା ଅଭିଯାନ ଏହି ସଙ୍ଗଠନକୁ ବହୁମାତ୍ରାରେ ଦୁର୍ବଳ କରିଦେଇଛି। ଏହାର ବହୁ ନେତା ଓ ଅନେକ ହଜାର ଫାଇଟର ନିହତ ହେଲେଣି।

୨୦୨୩ ଅକ୍ଟୋବରରେ ହମାସ୍‌ର ଶତାଧିକ ରକେଟମାଡ଼ରେ ୧,୨୦୫ ଇସ୍ରାଏଲୀ ନିହତ ହୋଇଥିବାବେଳେ ଆତଙ୍କବାଦୀମାନେ ୨୫୦ରୁ ଅଧିକ ଲୋକଙ୍କୁ ଅପହରଣ କରିନେଇଥିଲେ। ପଣବନ୍ଦୀଙ୍କ ମଧ୍ୟରୁ ୧୦୦ ଜଣ ଏବେ ମଧ୍ୟ ହମାସ୍ କବଳରେ ରହିଛନ୍ତି। ଅନ୍ୟପକ୍ଷେ ଇସ୍ରାଏଲ୍‌ର ଗାଜା ଆକ୍ରମଣରେ ୪୧,୭୮୮ ପାଲେଷ୍ଟିନୀୟ ନିହତ ହୋଇଛନ୍ତି। ଅନେକ ଲକ୍ଷ ଲୋକ ବିସ୍ଥାପିତ ହୋଇ ଇଜିପ୍ଟ ସମେତ ଅନ୍ୟ ପଡ଼ୋଶୀ ଦେଶଗୁଡ଼ିକରେ ଆଶ୍ରୟ ନେଇଛନ୍ତି।



ଇସ୍ରାଏଲୀ ଏୟାରଷ୍ଟ୍ରାଇକ୍‌ରେ ବିଧ୍ୱସ୍ତ ଦକ୍ଷିଣ ଲେବାନନ୍‌ର ବେରୁଟ୍।

## ଇରାନ ହିଟ୍‌ଲିଷ୍ଟରେ ନେତାନ୍ୟାହୁ



ହେଜ୍‌ବୋଲ୍ଲା ମୁଖ୍ୟ ହସନ୍ ନସ୍‌ରୁଲ୍ଲାଙ୍କ ପରେ ଇରାନ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇଙ୍କୁ ଏୟାରଷ୍ଟ୍ରାଇକ୍‌ରେ ହତ୍ୟା କରିବା ପାଇଁ ଇସ୍ରାଏଲ୍ ଯୋଜନା କରୁଥିବାବେଳେ ପ୍ରତିଶୋଧ ନିଆଁରେ ଜଳୁଥିବା ତେହରାନ ମଧ୍ୟ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ମାରିଦେବା ପାଇଁ ଉଦ୍ୟମ ଚଳାଇଛି। ଇରାନ ପକ୍ଷରୁ ଗୁରୁବାର ଏକ୍ସ'ରେ ଏକ 'ଏକ୍ଜିକ୍ୟୁଶନ୍ ଲିଷ୍ଟ' ଜାରି କରାଯାଇଛି। ଏଥିରେ 'ଇସ୍ରାଏଲୀ ଆତଙ୍କବାଦୀଙ୍କ' ନାମ ରହିଛି। ତାଲିକାରେ ନେତାନ୍ୟାହୁ ଓ ତାଙ୍କ ପ୍ରତିରକ୍ଷା ମନ୍ତ୍ରୀ ୟୋଆଭ୍ ଗାଲାଣ୍ଟଙ୍କ ସମେତ ଇସ୍ରାଏଲୀ ସ୍ଥଳସେନା, ନୌସେନା ଓ ବାୟୁସେନା କମାଣ୍ଡରମାନଙ୍କ ନାମ ଉଲ୍ଲେଖ କରାଯାଇଛି। ଏହି ତାଲିକାକୁ ବିଶ୍ୱାସ କରାଗଲେ ଇରାନର ହିଟ୍‌ଲିଷ୍ଟରେ ନେତାନ୍ୟାହୁ ରହିଥିବା ବୁଝାପଡ଼ୁଛି।

DSPL-130

ପର୍ବପର୍ବାଣୀ ଓ ଉତ୍ସବ ଆୟୋଜକଙ୍କ ପାଇଁ ବିଦ୍ୟୁତ୍ ସୁରକ୍ଷା ସମ୍ବନ୍ଧୀୟ ପରାମର୍ଶ

- ଅନାଧିକୃତ ବିଦ୍ୟୁତ୍ ସଂଯୋଗରୁ ଦୂରେଇ ରୁହନ୍ତୁ ଏବଂ ଉପଯୁକ୍ତ ଦେୟ ପଇଠ କରି ଡିସ୍କମ୍ ରୁ ବିଦ୍ୟୁତ୍ ସଂଯୋଗ ନିଅନ୍ତୁ।
- ଅସ୍ଥାୟୀ ପୂଜା ପେଣ୍ଡାଲ୍ ନିର୍ମାଣ କରିବା ଏବଂ ଭସାଣି ଉତ୍ସବ କରିବା ପୂର୍ବରୁ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟକୁ ସୂଚନା ଦିଅନ୍ତୁ ଏବଂ ଆବଶ୍ୟକ ଅନୁମତି ନିଅନ୍ତୁ।
- ବୈଦ୍ୟୁତିକ କାର୍ଯ୍ୟ ତାଲିମପ୍ରାପ୍ତ ଇଲେକ୍ଟ୍ରିସିଆନ୍ ଙ୍କ ଦ୍ୱାରା କରାନ୍ତୁ ଏବଂ କାମ କରିବା ସମୟରେ ବ୍ୟକ୍ତିଗତ ସୁରକ୍ଷା ଉପକରଣର ବ୍ୟବହାର ସୁନିଶ୍ଚିତ କରାନ୍ତୁ।
- ବିଦ୍ୟୁତ୍ ଲାଇନ୍ ତଳେ କିମ୍ବା ନିକଟରେ ପୂଜା ମଣ୍ଡପ ନିର୍ମାଣ ଏବଂ ସାଜସଜ୍ଜା କରନ୍ତୁ ନାହିଁ।
- ବିଦ୍ୟୁତ୍ ଖୁଣ୍ଟ, ସବଷ୍ଟେସନ୍ କିମ୍ବା ଷ୍ଟେ ତାରକୁ ସାଜସଜ୍ଜାରେ କାର୍ଯ୍ୟରେ ବ୍ୟବହାର କରନ୍ତୁ ନାହିଁ।
- ବିଦ୍ୟୁତ୍ ଆଘାତରୁ ସୁରକ୍ଷା ନିମନ୍ତେ ଆର.ସି.ସି.ବି ବ୍ୟବହାର କରନ୍ତୁ।
- ଉପଯୁକ୍ତ ରେଟିଙ୍ଗ୍ ର ଆଇ.ଏସ.ଆଇ ମାନକଯୁକ୍ତ ଉପକରଣ ଯଥା ତାର, କେବୁଲ, ସର୍କିଟ୍ ବ୍ରେକର ଏବଂ ଅନ୍ୟାନ୍ୟ ଉପକରଣ ବ୍ୟବହାର କରନ୍ତୁ।
- ଉତ୍ସବ ପାଳନ ସମୟରେ ଓଭରଲୋଡିଂ ଏବଂ ସମ୍ଭାବ୍ୟ ବ୍ଲାକଆଉଟ୍ ରୋକିବା ପାଇଁ ବୈଦ୍ୟୁତିକ ଲୋଡ୍‌କୁ ସଠିକ୍ ଭାବରେ ପରିଚାଳନା କରନ୍ତୁ।
- ଅସ୍ଥାୟୀ ଡିଜି ସେଟ୍ ବ୍ୟବହାର କରୁଥିଲେ ସଠିକ୍ ଆର୍ଥିଙ୍ଗ୍ ଏବଂ ଚେଞ୍ଜଓଭର ସୁଇଚ୍ ବ୍ୟବହାର କରନ୍ତୁ।
- ଖୋଲା ସ୍ଥାନରେ ବ୍ୟବହୃତ ବୈଦ୍ୟୁତିକ ଉପକରଣ ଗୁଡିକୁ ପାଣି ଓ ବର୍ଷାରୁ ସୁରକ୍ଷା ନିମନ୍ତେ, ଉପଯୁକ୍ତ ଆଇ.ପି (ଆଇ.ପି ୬୫/ଆଇ.ପି ୬୬/ଆଇ.ପି ୫୫) ମାନକଯୁକ୍ତ ଥିବା ଉପକରଣ ବ୍ୟବହାର କରନ୍ତୁ।
- ସୁନିଶ୍ଚିତ କରନ୍ତୁ ଯେ ସମସ୍ତ ବୈଦ୍ୟୁତିକ ସ୍ଥାପନା ସଠିକ୍ ଭାବେ ଆର୍ଥିଙ୍ଗ୍ ହୋଇଛି କି ନାହିଁ।
- ସୁନିଶ୍ଚିତ କରନ୍ତୁ ଯେ ବୈଦ୍ୟୁତିକ ଅଗ୍ନିକାଣ୍ଡର ମୁକାବିଲା ପାଇଁ ଉପଯୁକ୍ତ ଅଗ୍ନି ନିର୍ବାପକ ବ୍ୟବସ୍ଥା ସ୍ଥାପିତ ହୋଇଛି।
- ନିଶ୍ଚିତ କରନ୍ତୁ ଯେ ସମସ୍ତ ଉତ୍ସବ ପାଳନ ସ୍ଥାନ ଗୁଡିକୁ ବୈଦ୍ୟୁତିକ ସୁରକ୍ଷା ପାଇଁ ନଜରରେ ରଖାଯାଇଛି ଏବଂ ଯଦି କୌଣସି ସ୍ଥାନରେ ବୈଦ୍ୟୁତିକ ଇନଷ୍ଟାଲେସନ୍ ଅସୁରକ୍ଷିତ ଥାଏ, ତୁରନ୍ତ ଡିସ୍କମ୍ ଅଧିକାରୀଙ୍କୁ ଜଣାନ୍ତୁ।
- ବୈଦ୍ୟୁତିକ ସୁରକ୍ଷା ପରାମର୍ଶଗୁଡିକୁ ଅନୁସରଣ କରନ୍ତୁ ଏବଂ ଡିସ୍କମ୍ କର୍ମଚାରୀଙ୍କ ସହ ଉପଯୁକ୍ତ ସମନ୍ୱୟ ରକ୍ଷା କରି ଉତ୍ସବ ପାଇଁ ସୁରକ୍ଷିତ ବୈଦ୍ୟୁତିକ ସେଟ୍‌ଅପ୍ କରନ୍ତୁ।
- ପୂଜା ସ୍ଥଳୀରେ ୧୦୦ ରୁ ଅଧିକ ଜନସମାଗମର ସମ୍ଭାବନାଥିଲେ ଏହାର ବୈଦ୍ୟୁତିକ ଉପକରଣର ସୁରକ୍ଷା ବିଦ୍ୟୁତ୍ ନିରୀକ୍ଷକଙ୍କ ଦ୍ୱାରା ଯାଞ୍ଚ କରାନ୍ତୁ।



ବିଦ୍ୟୁତ ସୁରକ୍ଷା ଆପଣାନ୍କୁ ଜୀବନ ସୁରକ୍ଷିତ ରଖନ୍ତୁ।

ଶକ୍ତି ବିଭାଗ, ଓଡ଼ିଶା ସରକାର
ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ

OIPR-04066/13/0011/2425

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୪/୨୦୨୪ | Bhubaneswar, Friday, October 4/2024


# ଚିକିତ୍ସିତ ହେବା ପରେ ଡାକ୍ତରଙ୍କୁ ଗୁଳିକରି ହତ୍ୟା

**ନୂଆଦିଲ୍ଲୀ,୩।୧୦**

ଦିଲ୍ଲୀର ଜୈତପୁରରେ ଥିବା ଏକ ଘରୋଇ ହସ୍ପିଟାଲରେ ବୁଧବାର ରାତିରେ ଜଣେ ୫୫ ବର୍ଷୀୟ ଡାକ୍ତରଙ୍କୁ ଗୁଳିକରି ହତ୍ୟା କରାଯାଇଛି। ନିମା ହସ୍ପିଟାଲ କର୍ମଚାରୀମାନଙ୍କ କହିବା ଅନୁଯାୟୀ ୨ ଜଣ ନାବାଳକ ଗତ ରାତିରେ ପହଞ୍ଚିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ତାଙ୍କ ଗୋଡ଼ରେ ହୋଇଥିବା କ୍ଷତର ଡ୍ରେସିଂ ବଦଳାଇବାକୁ କହିଥିଲେ। ଡ୍ରେସିଂ ହୋଇସାରିବା ପରେ ସେମାନେ ପ୍ରେସ୍କ୍ରିପ୍ସନ ପାଇଁ ଡାକ୍ତର ଜାଭେଦ୍ ଅଖତରଙ୍କ କ୍ୟାବିନ୍‌କୁ ଯାଇଥିଲେ। ଏହାର କିଛି ସମୟ ପରେ ଉକ୍ତ କ୍ୟାବିନ୍‌ରେ ଗୁଳି ଶବ୍ଦ ଶୁଣାଯାଇଥିଲା। କର୍ମଚାରୀମାନେ କ୍ୟାବିନ୍‌କୁ ଯାଇ ଡାକ୍ତରଙ୍କ ମୁଣ୍ଡରୁ ☞ପୃଷ୍ଠା-୨




# ଓଡ଼ିଶା ହେବ ଶିଳ୍ପ ହବ୍




**ଭୁବନେଶ୍ୱର,୩।୧୦(ଅନିଲ ଦାସ )**

## ନୂଆଦିଲ୍ଲୀରେ ଆମ୍ବାସାଡର ମିଟ୍

- ୫ ବର୍ଷରେ ୫ ଲକ୍ଷ କୋଟିର ପୁଞ୍ଜିନିବେଶ ଲକ୍ଷ୍ୟ
- ପୁଞ୍ଜିନିବେଶ ପାଇଁ ଆହ୍ୱାନ ଦେଲେ ମୁଖ୍ୟମନ୍ତ୍ରୀ

ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଚାଲିଛି। କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଓଡ଼ିଶା ଏକ ଶିଳ୍ପ ହବ୍‌ରେ ପରିଣତ ହେବାକୁ ଯାଉଛି। ଏନେଇ ଆମ୍ବାସାଡର ମିଟ୍‌ରେ ଏକ ସଫଳ ସଙ୍କେତ ମିଳିପାରିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଓଡ଼ିଶାକୁ ଅଧିକ ପୁଞ୍ଜି ଆଣିବା ସହ ଆଗାମୀ ଦିନରେ ବିଦେଶୀ ପୁଞ୍ଜି ନିବେଶ ବଢ଼ାଇବା ଲକ୍ଷ୍ୟ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ନୂଆଦିଲ୍ଲୀର ଆଇଟିସି ମୌର୍ଯ୍ୟ ହୋଟେଲରେ ଗୁରୁବାର ଆମ୍ବାସାଡର ମିଟ୍ ଆୟୋଜନ କରାଯାଇଛି। ଏଥିରେ ୩୪ଟି ଦେଶର ରାଷ୍ଟ୍ରଦୂତ ଯୋଗଦେଇଛନ୍ତି। ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କମିଶନର, ହାଇକମିଶନର ଓ ବରିଷ୍ଠ ଅଧିକାରୀଙ୍କ ସହିତ ଆଲୋଚନା ହୋଇଛି। ଓଡ଼ିଶାରେ ଶିଳ୍ପ ବାତାବରଣ ଓ ପୁଞ୍ଜିନିବେଶ ପାଇଁ ସମସ୍ତଙ୍କ ସହ ସକାରାତ୍ମକ ଆଲୋଚନା ହୋଇଛି। ଏଥିରେ ଆନ୍ତର୍ଜାତିକ ସହଭାଗିତା ଭିତ୍ତିରେ ଓଡ଼ିଶାରେ କିପରି ବିଦେଶୀ ପୁଞ୍ଜିନିବେଶ ହୋଇପାରିବ, ସେ ବିଷୟରେ ଫଳପ୍ରଦ ଆଲୋଚନା ହୋଇଛି। ୨୦୨୫ ଜାନୁଆରୀରେ ସର୍ବବୃହତ୍ ଶିଳ୍ପ ସମାବେଶ 'ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ' ଅନୁଷ୍ଠିତ ହେବାକୁ ଯାଉଛି। ଆଗାମୀ ଦିନରେ ସେମିକଣ୍ଡକ୍ଟର, ଆଇଟି, ଗ୍ରୀନ୍ ଏନର୍ଜି, ପେଟ୍ରୋ କେମିକାଲ୍‌ସ, ଇଲେକ୍ଟ୍ରୋନିକ୍ସ, ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ଅଧିକ ପୁଞ୍ଜିନିବେଶ ହେବାର ସମ୍ଭାବନା ରହିଛି। ଏହା ୨୦୩୬ରେ ସମୃଦ୍ଧ ଓଡ଼ିଶା ଓ ୨୦୪୭ରେ ବିକଶିତ ଓଡ଼ିଶା ଗଠନରେ ସୁଦୃଢ଼ ମୂଳଦୁଆ ପକାଇବ। ପୂର୍ବୋଦୟର ବିକାଶ ହେଲେ ଭାରତର ବିକାଶ ହେବ ବୋଲି ଯାହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ, ତାହା ସଫଳ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରାଜ୍ୟରେ ଆସନ୍ତା ୫ ବର୍ଷରେ ୫ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଲକ୍ଷ୍ୟ ରଖାଯାଇଛି। ବିଶେଷକରି ଫୁଡ୍ ପ୍ରୋସେସିଂ, ଆଇଟି, କେମିକାଲ, ପେଟ୍ରୋ କେମିକାଲ କ୍ଷେତ୍ରରେ ପୁଞ୍ଜିନିବେଶ ଉପରେ ପ୍ରାଥମିକତା ଦିଆଯାଇଛି। ଏଦିଗରେ ବିଭିନ୍ନ ପୁଞ୍ଜିନିବେଶକଙ୍କ ସହ ଆଲୋଚନା କରାଯିବ। ଓଡ଼ିଶାରେ ପୁଞ୍ଜି ଲଗାଣ ତଥା ଶିଳ୍ପ ପ୍ରତିଷ୍ଠା ସମ୍ବନ୍ଧରେ ଥିବା ସକାରାତ୍ମକ ଇକୋସିଷ୍ଟମ ସମ୍ବନ୍ଧରେ ମୁଖ୍ୟମନ୍ତ୍ରୀ ଆମ୍ବାସାଡରମାନଙ୍କୁ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** | ଜଳବାୟୁ ପରିବର୍ତ୍ତନର ସ୍ୱାସ୍ଥ୍ୟଗତ ପ୍ରଭାବ






**ଆଜିର ମନ୍ତବ୍ୟ**

ହରିୟାଣାବାସୀ ଭାଜପାର ଘୃଣା ରାଜନୀତିକୁ ପ୍ରତ୍ୟାଖ୍ୟାନ କରିବେ। ରାଜ୍ୟରେ କଂଗ୍ରେସ ନୂତନ ସରକାର ଗଢ଼ିବ, ଯାହା ଗରିବ ଏବଂ କୃଷକଙ୍କ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ହେବ।
–ରାହୁଲ ଗାନ୍ଧୀ, ଲୋକ ସଭାର ବିରୋଧୀ ଦଳ ନେତା

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଓଡ଼ିଶା ରାଜ୍ୟସ୍ତରୀୟ ବିଜ୍ଞାନ ସେମିନାର, ସ୍ଥାନ: ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ସମୟ: ପୂର୍ବାହ୍ଣ ୧୦ଟା ୩୦।
- ଭାରତ ରକ୍ଷା ମଞ୍ଚ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବୁଲନ ଭାଇ ସେବା ସଦନ, ସମୟ: ପୂର୍ବାହ୍ଣ ୧୧ଟା ୩୦।
- ସାର୍ବଜନୀନ ଦୁର୍ଗାପୂଜା ସମିତି ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ଡ୍ୟୁରିନ୍, ପୁରୁଣା ଷ୍ଟେଶନ ବଜାର, ସମୟ: ମଧ୍ୟାହ୍ନ ୧୨ଟା ୩୦।

## କଟକ
- ସିପିଆଇ କଟକ ମହାନଗର କମିଟି ପକ୍ଷରୁ ବିକ୍ଷୋଭ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ଣ ୧୧ଟା।
- ଦୈନିକ ଖବରକାଗଜ ସମାଜର ୧୦୫ତମ ପ୍ରତିଷ୍ଠା ଦିବସ ସମାରୋହ, ସ୍ଥାନ: କଟକ ସାରଳା ଭବନ, ସମୟ: ଅପରାହ୍ଣ ୫ଟା୧୫।
- ରାଜ୍ୟସ୍ତରୀୟ ବିଶାଳ ହସ୍ତଶିଳ୍ପ ପ୍ରଦର୍ଶନୀ ଗାନ୍ଧୀ ଶିଳ୍ପ ବଜାର ଉଦ୍‌ଘାଟନ, ସ୍ଥାନ: ହର୍ସ ଗେଟ୍ ସାମ୍ନା, କଟକ ଉପର ବାଲିଯାତ୍ରା ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## ପୁରୀ
- ଶ୍ରୀଜଗନ୍ନାଥ ରାଷ୍ଟ୍ରୀୟାଦର୍ଶ ବେଦ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ପାଳନ ଅବସରରେ ଶୋଭାଯାତ୍ରା, ସ୍ଥାନ: ଶ୍ରୀଜଗନ୍ନାଥ ମନ୍ଦିରଠାରୁ ସଦାଶିବ ସଂସ୍କୃତ ବିଦ୍ୟାଳୟ, ପୁରୀ, ସମୟ: ସକାଳ ୭ଟା।
- ଚମାର ସଂଘ ପକ୍ଷରୁ ଶ୍ରୀମନ୍ଦିର ପ୍ରଶାସକଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ଶ୍ରୀମନ୍ଦିର କାର୍ଯ୍ୟାଳୟ, ପୁରୀ, ସମୟ: ପୂର୍ବାହ୍ଣ ୧୧ଟା।
- ସାହିଭାଇ ପକ୍ଷରୁ ସ୍ୱର୍ଗଦ୍ୱାର ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସ୍ୱର୍ଗଦ୍ୱାର ପରିସର, ପୁରୀ, ସମୟ: ଅପରାହ୍ଣ ୪ଟା।

## ଖୋର୍ଦ୍ଧା
- ଜିଲାପରିଷଦର ୬ଷ୍ଠ ବୈଠକ, ସ୍ଥାନ: ଜିଲାପରିଷଦ ସମ୍ମିଳନୀ କକ୍ଷ, ଖୋର୍ଦ୍ଧା, ସମୟ: ପୂର୍ବାହ୍ଣ ୧୦ଟା ୩୦।

## ବାଲେଶ୍ୱର
- ବୁଢ଼ାବଳଙ୍ଗ ନଦୀରେ ରିଭର ରେଂଚିଙ୍ଗ୍ ପ୍ରୋଗ୍ରାମ୍, ସ୍ଥାନ: ବାଲିଘାଟ, ବାଲେଶ୍ୱର, ସମୟ: ପୂର୍ବାହ୍ଣ ୧୦ଟା।
- ଦୁର୍ଗାପୂଜା ଉପଲକ୍ଷେ ସିଙ୍ଗଲ ୱିଣ୍ଡୋ ଶୁଭାରମ୍ଭ, ସ୍ଥାନ: ଉପଜିଲାପାଳଙ୍କ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ପୂର୍ବାହ୍ଣ ୧୦ଟା।
- ଜିଲା ପରିଷଦର ଷଷ୍ଠ ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ପୂର୍ବାହ୍ଣ ୧୦ଟା ୩୦।
- ଖବରକାଗଜ ବିତରକ ସଂଘର ସ୍ୱତନ୍ତ୍ର ସଭା, ସ୍ଥାନ: ଷ୍ଟେଶନ କ୍ଲବ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ
- ଭାରତର କମ୍ୟୁନିଷ୍ଟ ପାର୍ଟି(ମାର୍କ୍ସବାଦୀ)ର ୧୪ତମ ଆଞ୍ଚଳିକ ସମ୍ମିଳନୀ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ଣ ୧୦ଟା।
- ଆଦର୍ଶ ବିଦ୍ୟାଳୟ ସଂଘର ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ଉଲଙ୍ଗ ଆଦର୍ଶ ବିଦ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ଣ ୧୦ଟା।

## କେନ୍ଦୁଝର
- ମା' ଗଡ଼ଚଣ୍ଡୀଙ୍କ ବ୍ରାହ୍ମଚାରିଣୀ ବେଶ, ପୂଜା, ଭଜନ ସଂକୀର୍ତ୍ତନ, ସ୍ଥାନ: ସୁନ୍ଦରାପାଳ, ହାଟଡ଼ିହୀ, ସମୟ : ସକାଳ ୬, ସନ୍ଧ୍ୟା ୭ ଟା।
- ମା' ଦୁର୍ଗାଙ୍କ ମନ୍ଦିରରେ ଦ୍ୱିତୀୟ ଦିନ ନବରାତ୍ର ପୂଜା, ସ୍ଥାନ: ଡ଼ଅଁର, ହାଟଡ଼ିହୀ, ସମୟ: ସକାଳ ଏବଂ ସନ୍ଧ୍ୟା ୭ ଟା।
- ମା' ଦୁର୍ଗାଙ୍କ ମୃଣ୍ମୟୀ ପ୍ରତିମା ପୂଜା, ସ୍ଥାନ: ବ୍ୟାଙ୍କ ଛକ, ହାଟଡିହୀ, ସମୟ : ସକାଳ ୮ ଟା।
- ଜଳସୁଆଁରେ ଯୁବକଙ୍କ ଦ୍ୱାରା ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ପାଲାମଣ୍ଡପ, ଜଳସୁଆଁ, ଆନନ୍ଦପୁର, ସମୟ: ପୂର୍ବାହ୍ଣ ୧୦ ଟା।
- ଦୁର୍ଗାସେବା ସଂଗଠନ ପକ୍ଷରୁ ବୈଠକ, ସ୍ଥାନ: ଦୁର୍ଗା ପଡ଼ିଆ, ସାଇଁକୁଳ, ଘସିପୁରା, ସମୟ: ଅପରାହ୍ଣ ୪ ଟା।
- ବାବା ଶନିଶ୍ଚର କମିଟି ପକ୍ଷରୁ ବୈଠକ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ ମଙ୍ଗଳପୁର, ହରିଡ଼ାପାଳ, ଆନନ୍ଦପୁର, ସମୟ: ଅପରାହ୍ଣ ୫ ଟା।

## ମୟୂରଭଞ୍ଜ
- ନାରୀ ଶକ୍ତି ଅନ୍‌ଲିମିଟେଡ୍ କାର୍ଯ୍ୟକ୍ରମ, ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା, ସମୟ: ଅପରାହ୍ଣ ୨ଟା।
- ରୋଟାରୀ କ୍ଲବ ସହାୟତାରେ ମୌଳିକ କମ୍ପ୍ୟୁଟର ଶିକ୍ଷା ଶୁଭାରମ୍ଭ,ସ୍ଥାନ:ଉଦଳା ବ୍ଲକ ଅଧୀନ ଭୀମତାଳି ହାଇସ୍କୁଲ ପରିସର,ସମୟ:ଅପରାହ୍ଣ ୩ଟ

## ଗଞ୍ଜାମ
- ରକ୍ତଦାନ ଶିବିର, ସ୍ଥାନ:ଭଞ୍ଜନଗର ବ୍ଲକ ବାହାଡ଼ାପଦର, ସମୟ: ସକାଳ ୮ଟା।
- ଏକ ଦିବସୀୟ ଆଧ୍ୟାତ୍ମିକ ସମ୍ମିଳନୀ, ସ୍ଥାନ: ଆସିକା ଦିବ୍ୟ ଜୀବନ ସଂଘ, ସମୟ: ସକାଳ୮ଟା।
- ଆସିକା ପଞ୍ଚାୟତ ସମିତି ବୈଠକ, ସ୍ଥାନ: ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ଣ ୧୦ଟା ୩୦।

## କନ୍ଧମାଳ
- ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ , ସ୍ଥାନ: କ. ନୂଆଗାଁ ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ଣ ୧୦ଟା।
- ସୁବିଧା କେନ୍ଦ୍ର ପରିଚାଳନାର ଶୁଭାରମ୍ଭ, ସ୍ଥାନ: ଦାରିଙ୍ଗବାଡି ପଥପ୍ରାନ୍ତ ସେବାକେନ୍ଦ୍ର, ସମୟ: ପୂର୍ବାହ୍ଣ ୧୧ଟା।
- ଶିଶୁ ମହୋତ୍ସବ ସୁରଭି, ସ୍ଥାନ: ଦାରିଙ୍ଗବାଡି ବ୍ଲକ ରାପ୍ରଡାଡି ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ: ଅପରାହ୍ଣ ୨ଟା ୩୦।

## ଢେଙ୍କାନାଳ
- ଏସ୍‌ପିଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ–ଜିଲା ପୋଲିସ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ–ମଧ୍ୟାହ୍ନ ସାଢେ ୧୨ଟା।

## ଜଗତ୍‌ସିଂହପୁର
- ଜାତୀୟ ନାଟ୍ୟ ସଂସ୍ଥା କାନମାସ୍‌ର ନାଟକ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କାନମାସ କାର୍ଯ୍ୟାଳୟ, ନୂଆବଜାର, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଜଜାଙ୍ଗ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ଣ ୧୦ଟା।

## ଯାଜପୁର
- ୬୮ ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ବ୍ୟାଡମିଣ୍ଟନ ଓ ହ୍ୟାଣ୍ଡବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ : ଯାଜପୁର ଜିଲା ସ୍କୁଲ ଓ ଇଣ୍ଡୋର ଷ୍ଟାଡିୟମ, ସମୟ : ପୂର୍ବାହ୍ଣ ୧୦ଟା।

## ନୟାଗଡ଼
- ମହିଷାସୁଣୀ ପୀଠରେ ନବଦିନାତ୍ମକ ପୂଜା ଆରମ୍ଭ, ସ୍ଥାନ: ଖଣ୍ଡପଡ଼ା ବ୍ଲକ୍ ଜଗନ୍ନାଥ ପ୍ରସାଦର ଦରଦା, ସମୟ: ସକାଳ ୭ଟା।
- ନୀଳମାଧବ ମନ୍ଦିର ପାର୍ଶ୍ୱଦେବୀ ମା' ବିମଳାଙ୍କ ନବଦିନାତ୍ମକ ପୂଜାର ୨ୟ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା।
- ଶୋଡଷ ଦିବସୀୟ ପୂଜାର ଏକାଦଶ ଦିବସ, ସ୍ଥାନ: କନକ ଦୁର୍ଗା ଦେବୀ ଠାକୁରାଣୀ ପୀଠ ନୟାଗଡ଼ ପୁରୁଣା ସହର ରାଜବାଟୀପାଖ, ସମୟ: ସକାଳ ୭ଟା।
- ଶୋଡଷ ଦିବସୀୟ ପୂଜାର ଏକାଦଶ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିରର ବିମଳା ପୀଠ, ସମୟ: ସକାଳ ୭ଟା।
- ଶୋଡଷ ଦିବସୀୟ ପୂଜାର ଏକାଦଶ ଦିବସ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ ପାର୍ବତୀ ଠାକୁରାଣୀଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା
- ଜିଲା ଭିତ୍ତିକ ନିଯୁକ୍ତି ଦାବିରେ ବନ୍ଦ ପାଳନ, ସ୍ଥାନ: ଗୁଣପୁର, ସମୟ: ସକାଳ ୬ଟା।

## ନବରଙ୍ଗପୁର
- ୧୨ ଘଣ୍ଟିଆ ଜିଲା ବନ୍ଦ, ସ୍ଥାନ: ନବରଙ୍ଗପୁର, ସମୟ : ସକାଳ ୬।

## କୋରାପୁଟ
- ଜିଲା ଗୁଣାତ୍ମକ ମାନ ଯାଞ୍ଚ କମିଟି ବୈଠକ, ସ୍ଥାନ: କୋରାପୁଟ ଜିଲାପାଳଙ୍କ ସମ୍ମିଳନୀ ସଭାଗୃହ, ସମୟ: ଅପରାହ୍ଣ ୪ ଟା ୩୦।
- ଜିଲା ଆଡଭାଇଜରୀ କମିଟି ବୈଠକ, ସ୍ଥାନ: କୋରାପୁଟ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ଣ ୫ ଟା।
- ନାଲ୍‌କୋ ସିଏସ୍‌ଆର ପାଣ୍ଠି ଖର୍ଚ୍ଚ ନେଇ ସମୀକ୍ଷା ବୈଠକ, ସ୍ଥାନ: କୋରାପୁଟ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ : ଅପରାହ୍ଣ ୫ଟା ୩୦।

## ସମ୍ବଲପୁର
- ସମଲେଇ ଦେବୀଙ୍କ ଧବଳମୁଖି ବେଶ ଦର୍ଶନ, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ସମୟ: ପ୍ରାତଃ ୫ଟାରୁ ଅପରାହ୍ଣ ୨ଟା।
- ସମ୍ବଲପୁର ବିଶ୍ୱବିଦ୍ୟାଳୟର ୩୪ତମ ସମାବର୍ତ୍ତନ ଉତ୍ସବ, ସ୍ଥାନ: ଜ୍ୟୋତି ବିହାର ପରିସରସ୍ଥ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟ, ସମୟ: ସକାଳ ୯ଟା।
- ଆବାହନୀ ପକ୍ଷରୁ ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ : ବଡବଜାର ସ୍ଥିତ ଆର୍ଟ ଗ୍ୟାଲେରୀ, ସମୟ: ପୂର୍ବାହ୍ଣ ୧୦ଟା।
- ଜିଲା କ୍ରୀଡ଼ା ସଂଘ ପକ୍ଷରୁ ସର୍ବଭାରତୀୟ ବୀର ସୁରେନ୍ଦ୍ର ସାଏ ଫୁଟବଲ ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ଅପରାହ୍ଣ ୩ଟା।

## ବଲାଙ୍ଗୀର
- ମନୋଜ କୁମବାର ପଣ୍ଡା ସର୍ଜନା ପୁରସ୍କାର ଓ ସ୍ମାରକୀ ବକ୍ତୃତା, ସ୍ଥାନ: ପିପି ଏକାଡେମୀ ସଭାଗୃହ, ବଲାଙ୍ଗୀର, ସମୟ: ଅପରାହ୍ଣ ୫ଟା ୩୦ ମିନିଟ।

## ସୁବର୍ଣ୍ଣପୁର
- ମାଁ ଙ୍କ ଶାରଦୀୟ ନବରାତ୍ର ପୂଜାର ଦ୍ୱିତୀୟ ଦିବସ, ସ୍ଥାନ: ଦୁର୍ଗା ମନ୍ଦିର, ତ୍ରିବେଣୀ ଛକ, ବୀରମହାରାଜପୁର, ସମୟ:ସକାଳ ୯ଟା।
- ନବରାତ୍ର, ଘୃତଯଜ୍ଞ, ଚଣ୍ଡୀପାଠର ଦ୍ୱିତୀୟ ଦିବସ, ସ୍ଥାନ: କୋଟସମଲେଇ, ଉଲୁଣ୍ଡା ବ୍ଲକ, ସମୟ: ସକାଳ ୯ଟା।
- ନବାନ୍ନ ପାରାୟଣର ଶେଷ ଦିବସ, ସ୍ଥାନ: କର୍ଡାପାଲ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ଣ ୧୦ଟା।
- ଦୁର୍ଗା ମନ୍ଦିରରେ ସ୍ୱତନ୍ତ୍ର ପୂଜା ଓ ନବରାତ୍ରି ପାଳନ, ସ୍ଥାନ: ଅମରପାଲି, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୬ଟା।

## ବରଗଡ଼
- ସମଲେଶ୍ୱରୀଙ୍କ ଶାରଦୀୟ ପୂଜନୋତ୍ସବ, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ତଳିପଡ଼ା, ବରଗଡ଼, ସମୟ: ସକାଳ ୬ଟା।
- ନବରାତ୍ର ଦୁର୍ଗାପୂଜା, ସ୍ଥାନ: ଗୌରୀ ମଣ୍ଡପ, ନାଏକପଡ଼ା, ବରଗଡ଼, ସମୟ: ସକାଳ ୬ଟା।
- ମାଁ ବାଟମଙ୍ଗଳାଙ୍କ ଶାରଦୀୟ ଦୁର୍ଗାପୂଜା, ସ୍ଥାନ: ବିଶାଳପାଲି, ଭଟଲି, ସମୟ: ସକାଳ ୬ଟା।
- ଶାରଦୀୟ ନବରାତ୍ର ଦୁର୍ଗାପୂଜା, ସ୍ଥାନ: ସୋହେଲା, ସମୟ: ସକାଳ ୭ଟା।
- ଏଚିଭର୍ସ ହେଲ୍‌ପିଂ ଫାଉଣ୍ଡେଶନର ନୂଆଁଖାଇ ଭେଟଘାଟ୍, ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ: ଅପରାହ୍ଣ ୨ଟା।
- ଆନ୍ତଃ ଜିଲା ସାହାଣୀ କପ୍ ଫୁଟବଲ ସେମିଫାଇନାଲ (ବରଗଡ଼ ବନାମ୍ ରାଉରକେଲା), ସ୍ଥାନ: ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମ, ବରଗଡ଼, ସମୟ: ଅପରାହ୍ଣ ୩ଟା।
- ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ସ୍ୱର୍ଗତ ମହାଦେବ ଭୋଇଙ୍କ ସ୍ମୃତିସଭା, ସ୍ଥାନ: ଗାନ୍ଧୀ ସ୍ମୃତି ପାଠାଗାର, ବରଗଡ଼, ସମୟ: ଅପରାହ୍ଣ ୫ଟା।

## ସୁନ୍ଦରଗଡ଼
- ସଦର ବିଧାୟକ ଯୋଗେଶ କୁମାର ସିଂହଙ୍କ ଦ୍ୱାରା ବିଭିନ୍ନ ସରକାରୀ କାର୍ଯ୍ୟର ସମୀକ୍ଷା ବୈଠକ,ସ୍ଥାନ:ସଦଭାବନା ଭବନ,ସମୟ: ସକାଳ୧୧ଟା।

## ରାଉରକେଲା
- ରୋଟାରୀ କ୍ଲବ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ବାଲୁଘାଟ, ସମୟ: ସକାଳ ୯ଟା।
- ବାଟ ମା' ମଙ୍ଗଳାଙ୍କ ନବରାତ୍ରି ପୂଜାର ଦ୍ୱିତୀୟ ଦିବସ, ସ୍ଥାନ: ଜଗଦା, ସମୟ: ସକାଳ ୯ଟା।
- ଓଡ଼ିଶା ଷ୍ଟେଟ୍ କମିଶନ ଫର୍ ପ୍ରୋଟେକ୍ସନ୍ ଅଫ୍ ଚାଇଲ୍ଡ ରାଇଟସ୍ ପକ୍ଷରୁ ରାଉରକେଲା ଗସ୍ତ, ସ୍ଥାନ: ଝିରପାଣି ସମେତ ବିଭିନ୍ନ ଅଞ୍ଚଳ, ସମୟ: ସକାଳ ୯ଟା।
- ପ୍ରଶାସନ ପକ୍ଷରୁ ପାର୍ବଣକୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ, ସ୍ଥାନ: ସେକ୍ଟର–୧୯ ସିଭିକ୍ ସେଣ୍ଟର, ସମୟ : ସନ୍ଧ୍ୟା ୬ଟା।
- ଫ୍ରାମ୍ଭ ପକ୍ଷରୁ ନୂତନ ମସଲା ପଦାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ହୋଟେଲ ଦୀପ୍ତି, ସମୟ: ପୂର୍ବାହ୍ଣ ୧୧ଟା ।
- ଗାୟତ୍ରୀ ଶକ୍ତିପୀଠରେ ନବରାତ୍ରି ହୋମଯଜ୍ଞ, ସ୍ଥାନ: ଗାୟତ୍ରୀ ପୀଠ, ସେକ୍ଟର–୨, ସମୟ: ସକାଳ ୬ଟା ୩୦।
- ବାସନ୍ତୀ ପାଠାଗାରର ସାହିତ୍ୟ ସଭା, ସ୍ଥାନ: ବାସନ୍ତୀ ପାଠାଗାର, ସମୟ: ସନ୍ଧ୍ୟା ୭ଟା ୩୦।

## ଦେବଗଡ଼
- କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି–୨୦୨୪, ସ୍ଥାନ: ଅପୂର୍ବ ଉଚ୍ଚ ବିଦ୍ୟାଳୟ ସୁଗୁଡା, ସମୟ: ପୂର୍ବାହ୍ଣ ୧୦ଟା।
- ମା' କନକ ଦୁର୍ଗା ମନ୍ଦିରରେ ନବରାତ୍ର ପୂଜା ଆରମ୍ଭ, ସ୍ଥାନ: ମା' କନକ ଦୁର୍ଗା ମନ୍ଦିର, ମଠସାହି, ସମୟ: ପୂର୍ବାହ୍ଣ ୧୧ଟା।
- ମା' ଦକ୍ଷିଣକାଳୀ ପୀଠରେ ନବରାତ୍ର ପୂଜା ଆରମ୍ଭ, ସ୍ଥାନ: ଶନି ମନ୍ଦିର, ଦେବଗଡ, ସହର, ସମୟ: ପୂର୍ବାହ୍ଣ ୧୧ଟା।
- ବିଭିନ୍ନ ସମସ୍ୟା ନେଇ ଚାଷୀଙ୍କ ଶୋଭାଯାତ୍ରା, ସ୍ଥାନ: ଗୋପାଳଜୀ ମନ୍ଦିରରୁ ନଗର ପରିକ୍ରମା, ସମୟ: ପୂର୍ବାହ୍ଣ ୧୧ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା
- ନବରାତ୍ର ଉପଲକ୍ଷେ ଦୀପ ପ୍ରଜ୍ୱଳନ, ସ୍ଥାନ: ଦୁର୍ଗା ମଣ୍ଡପ ନୂଆପଡ଼ା ମନ୍ଦିରପଡ଼ା, ସମୟ: ପ୍ରାତଃ ୬ଟା।
- ମା' ଶୈଳପୁତ୍ରୀ, ବ୍ରହ୍ମଚାରିଣୀ ପୂଜା, ସ୍ଥାନ: ଦୁର୍ଗା ମଣ୍ଡପ ତରବୋଡ଼, ସମୟ: ସକାଳ ୮ଟା।
- ଜୟ ମା' ଭୈଇଁଷିପାଟ ଅଖଣ୍ଡ ଜ୍ୟୋତି କାର୍ଯ୍ୟକ୍ରମରେ ମାନସ ଗାନ, ସ୍ଥାନ: ନୂଆପଡ଼ା ବ୍ଲକ ସାରାବଙ୍ଗ ପଞ୍ଚାୟତର ଭୈଇଁଷିପାଟ ମନ୍ଦିର, ସମୟ: ରାତ୍ର ୯ଟା।

## ବୌଦ୍ଧ
- ପ୍ରାପ୍ତବୟସ୍କ ବ୍ୟକ୍ତିଙ୍କ ନିମନ୍ତେ ଯକ୍ଷ୍ମା ପ୍ରତିଷେଧକ ଟୀକାକରଣ ଶୁଭାରମ୍ଭ,ସ୍ଥାନ: ଟାଉନହଲ, ବୌଦ୍ଧ, ସମୟ: ସକାଳ: ୯ଟା ୩୦ ମିନିଟ ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ବାଣୀକାରକ ବୁଧ ପାପଗ୍ରହ ପ୍ରଭାବରେ ଆପଣଙ୍କ ଆଜିର ଭୁଲ୍ ନିଷ୍ପତ୍ତି ସମସ୍ୟା ସୃଷ୍ଟି କରିବ। ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ ଫଳ ପାଇବେ ତଥାପି ସକାଳ ସମୟଟି ମାନସିକ ଅସ୍ଥିରତା ମଧ୍ୟରେ କଟିବ। ଦେବା ନେବାକୁ କେନ୍ଦ୍ରକରି ସମ୍ପର୍କୀୟଙ୍କ ସହ ବିବାଦ ବଢ଼ିପାରେ। ଶାରୀରିକ ଅସୁସ୍ଥତା ସାଙ୍ଗକୁ କଳହ ଲାଗିପାରେ।

**ବୃଷ**
ତୃତୀୟସ୍ଥ ମଙ୍ଗଳ ଯୋଗୁ ଭ୍ରାତୃ ସମ୍ପର୍କ କ୍ଷୁଣ୍ଣ ହୋଇପାରେ। ଯେ କୌଣସି କ୍ଷେତ୍ର ହେଉନା କାହିଁକି, ତରବରିଆ ପଦକ୍ଷେପ ନେଲେ ବେଶି ହଇରାଣ ହେବେ। ଆର୍ଥିକ ସମସ୍ୟା ଦୂର ହେବାରେ ପଡ଼ୋଶୀଙ୍କ ଅବଦାନକୁ ଭୁଲି ହେବନି। କର୍ମକ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ନ ହୋଇପାରେ।

**ମିଥୁନ**
ସ୍ୱଗୃହୀ ଭାଗ୍ୟାଧିପତିଙ୍କ ଯୋଗୁ ପ୍ରତ୍ୟେକ କାମକୁ ଅନୁକୂଳ ବାତାବରଣ ମଧ୍ୟରେ ସମ୍ପନ୍ନ କରିବେ। ନାହିଁ ନାହିଁ କରୁଥିବା ଲୋକଟି ଶେଷରେ ଆପଣଙ୍କ କଥାରେ ହଁ ଭରିବ। ସାଧାରଣ କଥାକୁ କେନ୍ଦ୍ରକରି ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉଠାଇ ପାରନ୍ତି। ଅର୍ଥାଭାବ ଲାଗିରହିବା କାରଣରୁ କେତେକ ଆଶା ଅପୂରଣ ରହିଯାଇପାରେ।

**କର୍କଟ**
ରାହୁ ପ୍ରଭାବରେ ଇଚ୍ଛା ନ ଥିଲେ ମଧ୍ୟ ବାଧ ବାଧକତାରେ ଦୂରଯାତ୍ରା କରିବାକୁ ପଡିପାରେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ ନତୁବା ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ। ମାଦକ ଦ୍ରବ୍ୟ ସେବନରୁ ସ୍ୱାସ୍ଥ୍ୟହାନି ସାଙ୍ଗକୁ ସମାଲୋଚନାର ଶରବ୍ୟ ହୋଇପାରନ୍ତି।

**ସିଂହ**
ଦ୍ୱିତୀୟସ୍ଥ ବୁଧାଦିତ୍ୟ ଯୋଗ ପ୍ରଭାବରେ ନିଜସ୍ୱ ବିଚାରଧାରା ଓ କୌଶଳପୂର୍ଣ୍ଣ କାର୍ଯ୍ୟପଦ୍ଧତି ଯୋଗୁ ପ୍ରତ୍ୟେକ କ୍ଷେତ୍ରରେ ବିଜୟୀ ହେବେ। ବନ୍ଧୁଙ୍କ ମଧ୍ୟସ୍ଥତାରେ ଭାଙ୍ଗି ପଡିଥିବା ସମ୍ପର୍କ ଯୋଡି ହୋଇଯିବ। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବାରୁ ମାନସିକ ଅସ୍ଥିରତା କେତେକାଂଶରେ ଦୂର ହେବ।

**କନ୍ୟା**
ପାପଗ୍ରହ ଯୁକ୍ତ ବୁଧ ହେତୁ ଯେତେ ଭଲ କରିବାକୁ ଚିନ୍ତା କଲେ ମଧ୍ୟ ନିଜ ଲୋକଙ୍କ ବିରୁଦ୍ଧାଚରଣର ସମ୍ମୁଖୀନ ହେବେ। ଆନୁଷ୍ଠାନିକ କ୍ଷେତ୍ରରେ କୃତିତ୍ୱ ଯୋଗୁ ବିଜ୍ଞବ୍ୟକ୍ତିଙ୍କର ପ୍ରଶଂସାଭାଜନ ହେବେ। ଅସାବଧାନତା କାରଣରୁ ଧନହାନି ଘଟିପାରେ। ପାରସ୍ପରିକ ସୁବୁଝାମଣା ହେତୁ ପରିବାରରେ ଅଶାନ୍ତି ଦୂର ହେବ।

**ତୁଳା**
ବିଳାସକାରକ ଗ୍ରହ ଶୁକ୍ର ଚତୁର୍ଥାଧିପ ସଂଯୋଗରୁ ପାରିବାରିକ ସ୍ଥିତି ସୁଖ,ସନ୍ତୋଷରେ କଟିବ। ଆଜି ଅର୍ଥ ସଂକଟ ଦେଖାଦେବା କାରଣରୁ ଚାହୁଁଥିବା ଜିନିଷ ପାଇବେ ନାହିଁ। ଭଲ ସମ୍ପର୍କ ରହିଥିବା କୌଣସି ଭଦ୍ର ମହିଳାଙ୍କ ଦ୍ୱାରା ଉପକୃତ ହୋଇପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଅବସ୍ଥା ଦେଖି ବ୍ୟବସ୍ଥା କରନ୍ତୁ ନତୁବା ଠକିଯିବାଟା ହିଁ ସାର୍ ହେବ।

**ବିଛା**
ସପ୍ତମାଧିପ ରାଶିରେ ରହିଥିବାରୁ ଆଜିର ଯାତ୍ରା, ବାଣିଜ୍ୟ, ପ୍ରତିଯୋଗିତା ପ୍ରଭୃତି କ୍ଷେତ୍ରରେ ସଫଳତା ହାସଲ କରିବେ। ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇ ପାରନ୍ତି। ଆପଣଙ୍କ ପ୍ରତି ଅସହିଷ୍ଣୁତା ମନୋଭାବ କାରଣରୁ ସମ୍ପର୍କୀୟମାନେ ପାଖ ମାଡ଼ିବେ ନାହିଁ। ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ।

**ଧନୁ**
ଚତୁର୍ଥାଧିପ ଷଷ୍ଠଭାବରେ ଅବସ୍ଥାନ କରିଥିବାରୁ ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ବନ୍ଧୁଙ୍କ ସହ ଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ ଏବଂ ପାରିବାରିକ ସ୍ଥିତିରେ ମିଷ୍ଟଭାଷୀହେବେ। ବ୍ୟବସାୟ,ଆନୁଷ୍ଠାନିକ କାର୍ଯ୍ୟ,ସଭାସମିତି କାମରେ ଅଗ୍ରଣୀ ହେବେ।

**ମକର**
ଆଜି ଶୁକ୍ରଙ୍କ ସ୍ଥାନ ପ୍ରଭାବରୁ କର୍ମକ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଚେଷ୍ଟା କରୁଥିବା କାମଟି ଅସମ୍ପୂର୍ଣ୍ଣ ରହିଯିବାରୁ ମନଦୁଃଖ ହେବ। ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିବ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ ନତୁବା ପରେ ବ୍ୟସ୍ତ ହେବାକୁ ପଡ଼ିପାରେ। ବ୍ୟବସାୟ, ପ୍ରଶାସନ, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ର ଉନ୍ନତ ରହିବ।

**କୁମ୍ଭ**
ରାହୁ ଓ ଶନିଙ୍କ କୁପ୍ରଭାବଜନିତ ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିବ। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ବିଭିନ୍ନ ସୂତ୍ରରୁ ରୋଜଗାର କରିବେ ଏବଂ ଋଣ ପରିଶୋଧର ଯୋଜନା କରିପାରନ୍ତି। ଶାରୀରିକ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ସହ ଆଜି ଭ୍ରମଣ ରାଜନୀତି, ପ୍ରଶାସନ ପାଇଁ ଦିନଟି ବହୁତ ଭଲ।

**ମୀନ**
ବୁଧଜନିତ ପାରିବାରିକ କ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ଆନୁଷ୍ଠାନିକ କାମରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି।

ଆଜି ଅକ୍ଟୋବର ୪ ତାରିଖ, ଆଶ୍ୱିନ ଶୁକ୍ଳ ଦ୍ୱିତୀୟା ଶୁକ୍ରବାର, ବିଶ୍ୱ ପଶୁକଲ୍ୟାଣ ଦିବସ, ରାଶିନକ୍ଷତ୍ର–ଚିତ୍ରା/ତୁଳା, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ. ଘ.୦୫.୪୧ ଗତେ ଘ.୦୬.୨୮ ମଧ୍ୟେ, ଘ.୦୭.୧୬ ଗତେ ଘ.୦୮.୩୮ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦.୦୬ ଗତେ ଘ.୧୧.୩୫ ମଧ୍ୟେ ରାହୁକାଳ।

# ମୋବାଇଲ ଟର୍ଚ୍ଚ ଆଲୁଅରେ ଚିକିତ୍ସା

### ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥା

ରାୟଗଡ଼ା,୩।୧୦(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହରରେ ଗୁରୁବାର ବିଦ୍ୟୁତ୍ ସରବରାହ ବନ୍ଦ ରହିଥିବା ବେଳେ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୋବାଇଲ ଟର୍ଚ୍ଚ ଲାଇଟରେ ଚିକିତ୍ସା ଚାଲିଥିବା ଦେଖିବାକୁ ମିଳିଛି। ଗୁରୁବାର ମଧ୍ୟାହ୍ନ ପ୍ରାୟ ୧ଟାବେଳେ ବହିର୍ବିଭାଗ ସମ୍ମୁଖରେ ରୋଗୀଙ୍କ ଲମ୍ବା ଧାଡ଼ି ଲାଗି ରହିଥିଲା। ସେଠାରେ ଉପସ୍ଥିତ ଡାକ୍ତର ଜଣକ ପରେ ଜଣେ ରୋଗୀଙ୍କ ଚିକିତ୍ସା କରୁଥିଲେ, ତ କାହାକୁ କିଛି ନମୁନା ପରୀକ୍ଷା ପାଇଁ ରେଫର କରୁଥିଲେ। ତେବେ ପ୍ରେସ୍କ୍ରିପ୍‌ସନ ଲେଖୁଥିବା ସମୟରେ ଡାକ୍ତରଙ୍କୁ ମୋବାଇଲ ଟର୍ଚ୍ଚ ଦେଖାଇ ଲେଖିବାରେ ସାହାଯ୍ୟ କରୁଥିଲେ ରୋଗୀ ଓ ତାଙ୍କ ସମ୍ପର୍କୀୟମାନେ ।




**ପ୍ରଥମ ପୃଷ୍ଠାରୁ...**

## ଓଡ଼ିଶା ହେବ ...

ଅବଗତ କରାଇଛନ୍ତି। ଆମ୍ବାସାଡର ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା ଭାରତର ପୂର୍ବ ଉପକୂଳରେ ଅବସ୍ଥିତ। ଏହା କେଉଁ ଐତିହାସିକ କାଳରୁ ଭାରତ ଓ ବିଶ୍ୱ ମଧ୍ୟରେ ଗେଟ୍‌ୱେ ଭାବେ ରହି ଆସିଛି। ଏହାର ୪୮୦ କିଲୋମିଟର ବ୍ୟାପୀ ବେଳାଭୂମି ରହିଛି। ଦଶନ୍ଧି ଦଶନ୍ଧି ଧରି ଓଡ଼ିଶା ବ୍ୟବସାୟିକ କେନ୍ଦ୍ର ଭାବେ ରହି ଆସିଛି। ଆମର ପୂର୍ବପୁରୁଷମାନେ ଦକ୍ଷିଣ ପୂର୍ବ ଏବଂ ପଶ୍ଚିମ ଏସିଆ ସହ ବାଣିଜ୍ୟ କାରବାର କରୁଥିଲେ। ଓଡ଼ିଶାରେ ଲୁହାପଥର, ବକ୍ସାଇଟ, ନିକେଲ, କ୍ରୋମାଇଟ, କୋଇଲା ଭଳି ପ୍ରାକୃତିକ ସମ୍ପଦ ଭରପୂର ରହିଥିବା ବେଳେ ସୁଦୀର୍ଘ ଜଙ୍ଗଲ ଓ ଜଳ ସମ୍ପଦ ରହିଛି। ଦେଶରେ ଓଡ଼ିଶା ଖଣିଜ ଆଧାରିତ ଶିଳ୍ପରେ ଏକ ପ୍ରମୁଖ ସ୍ଥାନ ଗ୍ରହଣ କରିଛି। ଏଥିସହିତ ରାଜ୍ୟରେ ଦକ୍ଷ ମାନବ ସମ୍ବଳ ସହିତ ଭିତ୍ତିଭୂମି ରହିଛି। ବଙ୍ଗୋପସାଗର ଉପକୂଳରେ ସୁଦୀର୍ଘ ବେଳାଭୂମି, ୱାଇଲ୍ଡଲାଇଫ ସାଙ୍କ୍‌ଚୁଆରି ରହିଛି, ଯାହା କି ପର୍ଯ୍ୟଟକଙ୍କୁ ଅତୁଳନୀୟ ଅନୁଭୂତି ପ୍ରଦାନ କରୁଛି। ଏଥିସହିତ ଓଡ଼ିଶା ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ରହିଛି। ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଆସନ୍ତାବର୍ଷ ଜାନୁୟାରୀ ୨୮ ଓ ୨୯ତାରିଖରେ ହେବାକୁ ଥିବା 'ଉତ୍କର୍ଷ ଓଡ଼ିଶା–୨୦୨୫' ସମ୍ମିଳନୀରେ ଯୋଗଦେବାକୁ ବିଭିନ୍ନ ଦେଶର ଆମ୍ବାସାଡର ଏବଂ ଶିଳ୍ପପତିମାନଙ୍କୁ ମୁଖ୍ୟମନ୍ତ୍ରୀ ଆମନ୍ତ୍ରଣ କରିଛନ୍ତି। ଏଥିସହିତ ନିବେଶକଙ୍କ ସହ ମୁଖ୍ୟମନ୍ତ୍ରୀ ୱାନ୍ ଟୁ ୱାନ୍ ଆଲୋଚନା କରିଛନ୍ତି। ଏହି ନିବେଶକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ ସହ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ବିଭାଗୀୟ ଅଧିକାରୀମାନେ ଯୋଗଦେଇଛନ୍ତି।

ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନୂଆଦିଲ୍ଲୀର ତାଜ ପ୍ୟାଲେସରେ ଦେଶ ବିଦେଶର ଶିଳ୍ପପତିମାନଙ୍କ ସହ ଆଲୋଚନା କରିଛନ୍ତି। ରାଜ୍ୟରେ ନିଯୁକ୍ତି ସୃଷ୍ଟି ସହିତ ପୁଞ୍ଜିନିବେଶ ପାଇଁ ଅନୁକୂଳ ବାତାବରଣ, ବ୍ୟବସାୟିକ ନିରାପତ୍ତା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ଯୋଗଦେଇ ଆଦିବାସୀମାନଙ୍କ ବିକାଶ ଦିଗରେ ପଦକ୍ଷେପ ନେବାକୁ ଶିଳ୍ପପତିଙ୍କୁ ଆହ୍ୱାନ ଦେଇଛନ୍ତି। ଶିଳ୍ପପତିଙ୍କ ସହ ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଉଦ୍ୟୋଗପତିମାନଙ୍କୁ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ପୁଞ୍ଜି ବିନିଯୋଗ ପାଇଁ ଆମନ୍ତ୍ରଣ କରାଯାଇଛି। ରୋଡ ଶୋ ପାଇଁ ୪୦୦ ଜଣଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଏଥିରେ ପ୍ରାୟ ୬୦୦ ଉଦ୍ୟୋଗପତି ଯୋଗଦେଇଥିଲେ। ଆମର ଶିଳ୍ପ ଅନୁକୂଳ ନୀତି ଯୋଗୁ ଶିଳ୍ପପତିମାନେ ଓଡ଼ିଶାରେ ପୁଞ୍ଜି ବିନିଯୋଗ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ରାଜ୍ୟରେ ୫ ଲକ୍ଷ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପୁଞ୍ଜିବିନିଯୋଗ ହେବ ନେଇ ଆଶା ପ୍ରକଟ କରିବା ସହ ଉଦ୍ୟମରେ ସଫଳ ହେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଓଡ଼ିଶାରେ ପୁଞ୍ଜିଲଗାଣ, ଶିଳ୍ପ ପ୍ରତିଷ୍ଠାର ସକାରାତ୍ମକ ଇକୋ ସିଷ୍ଟମ୍ ରହିଛି। ଓଡ଼ିଶାକୁ ୧୦୦ ଦିନରେ ୪୫ ହଜାର କୋଟି ପୁଞ୍ଜି ଆସି ସାରିଛି। ଆସନ୍ତାବର୍ଷ ଜାନୁୟାରୀ ୨୮ ଓ ୨୯ତାରିଖରେ ଉତ୍କର୍ଷ ଓଡ଼ିଶା–୨୦୨୫ କନ୍‌କ୍ଲେଭ ପାଇଁ ଦିନ ଧାର୍ଯ୍ୟ ହୋଇଛି। ବିଜେଡି ସରକାରଙ୍କ 'ମେକ୍ ଇନ୍ ଓଡ଼ିଶା'ର ନାଁ ପରିବର୍ତ୍ତନ କରି ଭାଜପା ସରକାର ଏହାକୁ 'ଉତ୍କର୍ଷ ଓଡ଼ିଶା'ର ନାମକରଣ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କହି ପୋଛି ଜାଣେ ଯିଏ**
**ପଚା ଚିଙ୍ଗୁଡ଼ି ବିକେ ସିଏ ।**

କଥା କହିବାର ଶୈଳୀ ବା ପ୍ରଣାଳୀ ସମସ୍ତଙ୍କୁ ଜଣା ନ ଥାଏ। ଜଣେ ଯଦି ଭଲ କଥା କହିପାରେ, ତା'ହେଲେ ସେ ଖରାପ ଜିନିଷକୁ ମଧ୍ୟ ଖୁବ୍‌ଶୀଘ୍ର ଉପଯୁକ୍ତ ମୂଲ୍ୟରେ ବିକ୍ରି କରିଦେଇପାରେ। ବ୍ୟବସାୟରେ ସଫଳତା ପାଇଁ ମଧୁର ବଚନ ଓ ଉତ୍ତମ ବ୍ୟବହାରର ଅଧିକ ଗୁରୁତ୍ୱ ରହିଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କର୍ମହୀନ ଲୋକ ଦଇବ ନିନ୍ଦଇ**
**ଖାଆଣ ନିନ୍ଦଇ ରୋଗୀ**
**କାଳୀ କୋତରୀକୁ ରସିକ ନିନ୍ଦଇ**
**ଗହଳ ନିନ୍ଦଇ ଯୋଗୀ।**

ନିକମା ତଥା ଅଯୋଗ୍ୟ ଶ୍ରେଣୀର ବ୍ୟକ୍ତି ସଦାସର୍ବଦା ନିଜର ଭାଗ୍ୟକୁ ନିନ୍ଦିଥାନ୍ତି ବା ଦୋଷ ଦେଇଥାନ୍ତି। ରୋଗ ବୈରାଗରେ ପଡ଼ିଥିବା ବ୍ୟକ୍ତି ଭୋଜନ ପ୍ରତି ସେତେଟା ଆଗ୍ରହ ଦେଖାଇ ନ ଥାନ୍ତି। ସେହିପରି ରସିକ ସ୍ୱଭାବର ବ୍ୟକ୍ତି ଶ୍ୟାମଳବର୍ଣ୍ଣ ଝିଅ ପ୍ରତି ବିମୁଖ ଭାବ ପ୍ରଦର୍ଶନ କରୁଥିବାବେଳେ ଯୋଗୀ ବା ସାଧୁସନ୍ଥ ପ୍ରକୃତିର ବ୍ୟକ୍ତି ଅତ୍ୟଧିକ ଗହଳଚହଳ ବା କୋଳାହଳକୁ ପସନ୍ଦ କରି ନ ଥାନ୍ତି ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:



ଗୁରୁବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

**ପ୍ରଥମ ପୃଷ୍ଠାରୁ...**

## ଚିକିତ୍ସିତ ହେବା...

ରକ୍ତସ୍ରାବ ହେଉଥିବା ଦେଖିଥିଲେ। ଏହା ଏକ ଟାର୍ଗେଟ ମର୍ଡର ବୋଲି ପୋଲିସ କହିଛି। ୧୬ରୁ ୧୭ ବର୍ଷ ବୟସର ୨ ଅଭିଯୁକ୍ତ ମଙ୍ଗଳବାର ରାତିରେ ମଧ୍ୟ ଉକ୍ତ ହସ୍ପିଟାଲକୁ ଯାଇ ଡ୍ରେସିଂ କରାଇଥିଲେ। ସେମାନଙ୍କୁ ଧରିବା ପାଇଁ ପୋଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରୁଛି। କୋଲକାତାର ଆର୍.ଜି. କର ହସ୍ପିଟାଲରେ ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାର ୨ ମାସ ପରେ ଦିଲ୍ଲୀରେ ଏଭଳି ହତ୍ୟାକାଣ୍ଡ ଘଟିଛି।













AVAILABLE AT THE Raymond SHOP & ALL LEADING MENSWEAR OUTLETS. SHOPPERS STOP | lifestyle | CENTRO

ColorPlus ALSO AVAILABLE AT : PLUTONE MALL

ତୁମର ମନ, ପ୍ରାଣ(ହୃଦୟ) ଓ ଦେହ- ଏମାନେ ଯଦି ତିନିପ୍ରକାର ଅଲଗା କଥା ଚାହାନ୍ତି- ତେବେ ତୁମର ବ୍ୟକ୍ତିତ୍ୱ ପରିଣତ ହୁଏ ଏକ ଯୁଦ୍ଧକ୍ଷେତ୍ରରେ। ଫଳରେ ତୁମ ଚେତନାରେ ସୃଷ୍ଟି ହୁଏ ବିଷମ ଆବେଗ। ... ଶାରୀରିକ ଅସୁସ୍ଥତା ହେଉଛି- ଏହି ପରର ଯୁଦ୍ଧରତ ଆବେଗଗୁଡ଼ିକରୁ ସୃଷ୍ଟି ହୋଇଥିବା ବିକ୍ଷୋଭ, ଚାଞ୍ଚଲ୍ୟ, ଭୟ ଓ ଅବସାଦର ଘନର ଫଳ। -ଶ୍ରୀମା



# ଜଳବାୟୁ ପରିବର୍ତ୍ତନର ସ୍ୱାସ୍ଥ୍ୟଗତ ପ୍ରଭାବ



ପଲ୍ ହଡ୍‌ସନ

ବନାଗ୍ନି ପ୍ରଭାବରେ ଆକାଶ ଲାଲ ଦିଶୁଛି ଓ ବାୟୁମଣ୍ଡଳରେ ଧୂଳିଧୂଆଁ ଭର୍ତ୍ତି ହୋଇଯାଉଛି। ଏଭଳି ସ୍ଥିତି ଏବେ ଅଷ୍ଟ୍ରେଲିଆ, କାଲିଫର୍ଣ୍ଣିଆ, ଆମାଜନ୍ ଏବଂ ଅନ୍ୟାନ୍ୟ ସ୍ଥାନରେ ଅଧିକ ଦେଖାଦେଉଛି। ଘର, ବନ୍ୟଜନ୍ତୁ ଏବଂ ପରିସଂସ୍ଥାକୁ ନଷ୍ଟକରିବା ପରେ ଜଙ୍ଗଲ ନିଆଁ ବାୟୁର ଗୁଣବତ୍ତାକୁ ଖରାପ କରିବା ସହ ମଣିଷର ସ୍ୱାସ୍ଥ୍ୟ ପାଇଁ ଗମ୍ଭୀର ପରିଣାମ ଆଣୁଛି। ଏହାବାଦ୍ ସାଧାରଣ ସମୟରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍ଓ) ଦ୍ୱାରା ନିର୍ଦ୍ଧାରିତ ଗୁଣବତ୍ତା ସୀମାକୁ ଟପିଯାଉଥିବା ବାୟୁକୁ ଲୋକେ ଶ୍ୱାସକ୍ରିୟାରେ ଗ୍ରହଣ କରୁଛନ୍ତି। କିନ୍ତୁ ଜଙ୍ଗଲ ନିଆଁ ବାୟୁର ସ୍ଥିତିକୁ ଆହୁରି ଖରାପ କରିଦେଉଛି। ପ୍ରଦୂଷଣ ଓ ବାୟୁଜନିତ ଆଲର୍ଜି ବୃଦ୍ଧିପାଉଛି। ଏହା ସହ ଶ୍ୱାସକ୍ରିୟାଜନିତ ସମସ୍ୟା ଯୋଗୁ ଅଧିକ ଲୋକ ରୋଗଗ୍ରସ୍ତ ହେଉଛନ୍ତି। ଏପରିକି ବନାଗ୍ନି ସ୍ଥାନରୁ ବହୁ ଦୂରରେ ଥିବା ଅଞ୍ଚଳର ଲୋକେ ମଧ୍ୟ ଏଭଳି ସମସ୍ୟାର ସାମ୍ନା କରୁଛନ୍ତି। ଗତ ବର୍ଷ କାନାଡାରେ ୧୯ ଦିନ ଧରି ଜଙ୍ଗଲ ଜଳିଥିଲା, ଏପରିକି ଏହାର ଧୂଆଁ ଆମେରିକାର ଆକାଶକୁ ବ୍ୟାପିଥିଲା। ଫଳରେ ଆମେରିକାରେ ଶ୍ୱାସରୋଗର ଜରୁରୀ ଚିକିତ୍ସା ହାର ୧୭%ରୁ ଅଧିକ ବୃଦ୍ଧିପାଇଥିଲା।

ଲଗାତର ଜଳବାୟୁ ପରିବର୍ତ୍ତନ ପ୍ରଭାବରୁ ବନାଗ୍ନି ବିପର୍ଯ୍ୟୟର ତୀବ୍ରତା ବଢୁଥିବାରୁ ଏହା ବିଶେଷକରି ସ୍ୱାସ୍ଥ୍ୟ କ୍ଷେତ୍ରକୁ ଅଧିକ ପ୍ରଭାବିତ କରୁଛି ଓ ଆଗକୁ କରିବ ମଧ୍ୟ। ଲୋକେ ଶ୍ୱାସରୋଗ, କ୍ରନିକ ଅବଷ୍ଟ୍ରକ୍ଟିଭ ପଲ୍‌ମୋନାରି ଡିଜିଜ (ସିଓପିଡି) ରୋଗରେ ସଂକ୍ରମିତ ହେଉଛନ୍ତି। ବାୟୁ ପ୍ରଦୂଷଣ ଓ ଆଲର୍ଜର କାରଣ ପାଲନ୍‌ଥୁଥିବା କଣିକାଗୁଡ଼ିକ ହେତୁ ଏହିସବୁ ସ୍ୱାସ୍ଥ୍ୟ ସମସ୍ୟା ଅଧିକ ହେବା ଆଶଙ୍କା ରହିଛି। ଏହାସହ ତାପମାତ୍ରା ବୃଦ୍ଧି ଏହାକୁ ଆହୁରି ଜଟିଳ କରିଦେଉଛି। ଏକ ଗବେଷଣାରୁ ଜଣାପଡ଼ିଛି, ୨୩.୨ ଡିଗ୍ରୀ ସେଲସିୟସ ଉପରେ ତାପମାତ୍ରାରେ ପ୍ରତି ୧ ଡିଗ୍ରୀ ସେଲସିୟସ ବୃଦ୍ଧିହେବା ଦ୍ୱାରା ସିଓପିଡି ପୀଡ଼ିତଙ୍କ ହସ୍ପିଟାଲ ଚିକିତ୍ସା ହାର ୧.୫% ବୃଦ୍ଧି ପାଉଛି।

ଜଳବାୟୁରେ ଅଧିକ ପରିବର୍ତ୍ତନ ହେଉଥିବାବେଳେ କେତେକ ନିର୍ଦ୍ଦିଷ୍ଟ ଆଲର୍ଜି ଥିବା ବ୍ୟକ୍ତିଙ୍କ ପ୍ରତି ଶ୍ୱାସକ୍ରିୟାଜନିତ ସମସ୍ୟାର ବିପଦ ରହିଛି। ଉଦାହରଣ ସ୍ୱରୂପ, ଗତ ୨୦ ବର୍ଷ ମଧ୍ୟରେ ତାପମାତ୍ରା ଏବଂ ବାୟୁରେ କାର୍ବନ ଡାଇଅକ୍ସାଇଡ୍ ବଢ଼ିଛି। ଏହା ଯୋଗୁ ବାୟୁରେ ପ୍ରଦୂଷିତ କଣିକା ପରିମାଣ କ୍ରମାଗତ ଭାବରେ ବୃଦ୍ଧି ପାଉଚାଲିଛି। ଜଳବାୟୁ ପରିବର୍ତ୍ତନକୁ ଲକ୍ଷ୍ୟକରି ଶ୍ୱାସକ୍ରିୟାଜନିତ ରୋଗର ଅଧିକ ନୂତନ ନିରାକରଣ ପଦ୍ଧତି ଆପଣାଯାଉଛି। ବଡ଼ କଥା



ହେଉଛି, ଯେଉଁମାନଙ୍କର ପୂର୍ବରୁ ଶ୍ୱାସକ୍ରିୟାଜନିତ ସମସ୍ୟା ଥିଲା ଏହା ଏବେ ବଢ଼ିଯାଉଛି। ଯେହେତୁ ଶ୍ୱାସ ପ୍ରକ୍ରିୟାକୁ ପ୍ରଭାବିତ କରୁଥିବା ଉଚ୍ଚ ତାପମାତ୍ରା ଓ ବାୟୁରେ ଅଧିକ ଆଲର୍ଜି କଣିକାର ଉପସ୍ଥିତି ଯୋଗୁ ମଧ ରୋଗ ପ୍ରତିରୋଧକ ଡିଜିକ୍ ବୃଦ୍ଧି ପାଉଛି। ପ୍ରଦୂଷିତ ପରିବେଶ ପ୍ରତିରୋଧକ ଶକ୍ତିକୁ ପ୍ରଭାବିତ କରିଚାଲିଛି। ଏହା ଯୋଗୁ ପ୍ରଦାହଜନକ ଶାରୀରିକ ସମସ୍ୟା ଦେଖାଯାଉଛି, ଯେଉଁଥିରେ ବିଶ୍ୱସ୍ତରରେ ସମସ୍ତ ମୃତ୍ୟୁହାର ଅଧାରୁ ଅଧିକ ଘଟୁଛି। ତେବେ ବାୟୁ ପ୍ରଦୂଷଣ ସହ ହାଇପରପିଗ୍‌ମେଣ୍ଟେସନ, ଆଟୋପିକ୍ ଡର୍ମାଟାଇଟିସ ଏବଂ ସୋରିଆସିସ୍ ଭଳି ଚର୍ମରୋଗର ସମ୍ପର୍କ ରହିଥିବା ଏକ ଗବେଷଣାରୁ ପ୍ରମାଣ ମିଳିଛି। ଜଳବାୟୁ ପରିବର୍ତ୍ତନର ପ୍ରଭାବ ମେନିଞ୍ଜାଇଟିସ୍ ଏବଂ ଟ୍ରପିକାଲ ଭଳି ସଂକ୍ରାମକ ରୋଗ ସମେତ ଅନ୍ୟାନ୍ୟ ରୋଗକୁ ମଧ ବଢ଼ାଇପାରେ, ଯାହା ରୋଗ ପ୍ରତିରୋଧକ ଶକ୍ତି ଉପରେ ପ୍ରଭାବ ପକାଇଥାଏ। ଘର ଭିତରେ ରହିଲେ ମଧ ଆମେ ସୁରକ୍ଷିତ ରହିପାରିବା ନାହିଁ, କାରଣ ଜଳବାୟୁ ପରିବର୍ତ୍ତନ ଯୋଗୁ ଘର ଭିତରର ବାୟୁ ମଧ୍ୟ ପ୍ରଦୂଷଣ ବୃଦ୍ଧି ପାଉଛି। ଏହା ଯୋଗୁ ବିଶ୍ୱରେ ପ୍ରତିବର୍ଷ ପ୍ରାୟ ୧.୬ ନିୟୁତ ଲୋକଙ୍କର ମୃତ୍ୟୁ ଘଟୁଛି। ଏମାନଙ୍କ ମଧ୍ୟରୁ ଅଧାରୁ ଅଧିକ ହେଉଛନ୍ତି ୫ ବର୍ଷରୁ କମ୍ ପିଲା, ଯେଉଁମାନେ ଜଳବାୟୁ ପରିବର୍ତ୍ତନ ଦ୍ୱାରା ପ୍ରଭାବିତ ଦେଶଗୁଡ଼ିକରେ ରହୁଛନ୍ତି।

ଜଳବାୟୁ ସଙ୍କଟ ବୃଦ୍ଧିକୁ ଦୃଷ୍ଟିରେ ରଖି ମାନବ ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ଜରୁରୀ ପଦକ୍ଷେପ ଆବଶ୍ୟକ। ପ୍ରାରମ୍ଭରୁ ସ୍ୱାସ୍ଥ୍ୟସେବା କ୍ଷେତ୍ର ଜଳବାୟୁ ପରିବର୍ତ୍ତନ ଦ୍ୱାରା ସୃଷ୍ଟି କିମ୍ବା ବୃଦ୍ଧିପାଉଥିବା ପ୍ରମୁଖ ପରିବେଶ ବିପଦଗୁଡ଼ିକୁ ଚିହ୍ନଟକରି ସେଗୁଡ଼ିକର ସମ୍ଭାବ୍ୟ ସ୍ୱାସ୍ଥ୍ୟ ପ୍ରଭାବକୁ ନିଶ୍ଚିତ କରିବା ଦରକାର। ଏହା ସହ ଏ ସମ୍ପର୍କିତ ସ୍ଥିତି ଓ ରୋଗକୁ ରୋକିବା ପାଇଁ ଦୃଢ଼ ପଦକ୍ଷେପ ନେବା ଆବଶ୍ୟକ। ଚିକିତ୍ସା ସେବା ସମ୍ପର୍କିତ କାର୍ଯ୍ୟକ୍ରମ ଲକ୍ଷ୍ୟଭିତ୍ତିକ ଚିକିତ୍ସାରେ ଉନ୍ନତି ଆଣିବା ଲାଗି ଅଧିକ ପଦକ୍ଷେପ ନେବାକୁ ପଡ଼ିବ। ଜଳବାୟୁ ପରିବର୍ତ୍ତନଜନିତ ସ୍ୱାସ୍ଥ୍ୟଗତ ପ୍ରଭାବକୁ ରୋକିବା ଲାଗି ନିଆଯାଉଥିବା ପଦକ୍ଷେପରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତା ବ୍ୟବହାର କରାଯିବା ଉଚିତ। ନିଃସନ୍ଦେହ ଯେ, ଜଳବାୟୁ ପଦକ୍ଷେପରେ ଏଆଇ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଗବେଷଣାରୁ ଜଣାପଡ଼ିଛି, ଏବକାର ବିକଶିତ ତଥା ପ୍ରମାଣିତ ଆପ୍ଲିକେସନ୍ସ ଓ ଟେକ୍ନୋଲୋଜିକୁ ନେଇ ଏଆଇ ୨୦୩୦ ସୁଦ୍ଧା ଗ୍ରୀନ୍ ହାଉସ ଗ୍ୟାସ୍ ( ଜିଏଚ୍‌ଜି) ବା ବୈଶ୍ୱିକ ସବୁଜ ଗୃହ ବାଷ୍ପକୁ ପ୍ରତି ବର୍ଷରେ ୧୦% ହ୍ରାସ କରିପାରିବ, ଯାହା ୟୁରୋପୀୟ ସଂଘର ବାର୍ଷିକ ନିର୍ଗମନ ସହ ସମାନ। ସ୍ୱାସ୍ଥ୍ୟ କ୍ଷେତ୍ରରେ ସମ୍ଭାବ୍ୟ ଜଳବାୟୁଜନିତ ବିପର୍ଯ୍ୟୟର ଧାରାକୁ ଚିହ୍ନଟକରିବା ସହ ଅସୁରକ୍ଷିତ ସ୍ଥିତିରେ ଥିବା ଲୋକଙ୍କୁ ଠାବ କରିବାରେ ଏଆଇ ସାହାଯ୍ୟ କରିପାରିବ। ଏହା ସହ ଚରମ ଜଳବାୟୁ ବିପର୍ଯ୍ୟୟଗୁଡ଼ିକ ଘଟିବା ପୂର୍ବରୁ ତାହାର ମୁକାବିଲା କରିବା ସକାଶେ ଯୋଜନା ପ୍ରସ୍ତୁତିରେ ଏହା ସହାୟକ ହେବ। ହିଟ୍‌ୱେଭ ବା ଅତ୍ୟଧିକ ଉତ୍ତାପ ବୃଦ୍ଧିସ୍ଥିତିର ପୂର୍ବାନୁମାନ କରିବାରେ ଏଆଇର କ୍ଷମତା ପୂର୍ବରୁ ପ୍ରମାଣିତ ହୋଇସାରିଛି। ଏହି ପୂର୍ବାନୁମାନ କ୍ଷମତାର ଅର୍ଥ ହେଉଛି ଏଆଇ ପବନ ଏବଂ ସୌର ଭଳି ଅକ୍ଷୟ ଶକ୍ତି ଉତ୍ସଗୁଡ଼ିକର ଏପରିକି ଏନର୍ଜି ଗ୍ରୀଡ୍‌ର ଦକ୍ଷତା ବୃଦ୍ଧି କରିବାରେ ସାହାଯ୍ୟ କରିପାରିବ।

ପରିଶେଷରେ ସ୍ୱାସ୍ଥ୍ୟସେବା କ୍ଷେତ୍ର ଲୋକଙ୍କୁ ଚିକିତ୍ସା ଯୋଗାଇଦେବା ସକାଶେ ସ୍ଥାନୀୟ ତଥା ସେବା ପ୍ରଦାନକାରୀ ସଙ୍ଗଠନ ତଥା କମ୍ୟୁନିଟି କର୍ମକର୍ତ୍ତାଙ୍କ ସହ ମିଳିତ ଭାବେ କାର୍ଯ୍ୟ କରିବା ଉଚିତ। ନିମ୍ନ ଏବଂ ମଧ୍ୟମ ଆୟବର୍ଗର ଦେଶଗୁଡ଼ିକ ଜଳବାୟୁ ପରିବର୍ତ୍ତନରେ ଅତ୍ୟଧିକ ପ୍ରଭାବିତ ହେଉଛନ୍ତି। ପରିଣାମ ସ୍ୱରୂପ ସେଠାରେ ଖାଦ୍ୟ ନିରାପତ୍ତା ସମସ୍ୟା, ପ୍ରଦୂଷିତ ବାୟୁର ସଂସ୍ପର୍ଶରେ ଆସିବା, ବିଶୁଦ୍ଧ ଜଳ ଏବଂ ପରିମଳର ଅଭାବ ଏବଂ ଗୁଣାତ୍ମକ ଔଷଧ ଏବଂ ଟିକା ପାଇଁ ସୀମିତ ସୁବିଧା ରହୁଛି। ଅଧିକ ଅସୁରକ୍ଷିତ ଥିବା ଅଧିକାଂଶ ସମୁଦାୟଙ୍କ ନିକଟରେ ପହଞ୍ଚିବା କଷ୍ଟକର ହେଉଥିବାରୁ ତୃଣମୂଳ ସ୍ତରରେ ସେମାନଙ୍କୁ ସହଯୋଗ କରିବା ପାଇଁ ସ୍ଥାନୀୟ ପରିବେଶ ସହିତ ପରିଚିତ ଲୋକଙ୍କ ସହାୟତା ନେବା ଜରୁରୀ।

ଜଳବାୟୁ ପରିବର୍ତ୍ତନର ସ୍ୱାସ୍ଥ୍ୟଗତ ପ୍ରଭାବ ହ୍ରାସ କରିବା ଅପରିହାର୍ଯ୍ୟ ହୋଇଥିବାବେଳେ ତାପମାତ୍ରା ବୃଦ୍ଧିକୁ ସୀମିତ ରଖିବା ବିଶେଷକରି ଜିଏଚ୍‌ଜି ନିର୍ଗମନ ଦୂରକରିବା ପାଇଁ ବିଶ୍ୱସ୍ତରୀୟ କୌଣସି ବିକଳ୍ପ ପଦକ୍ଷେପ ନିଆଯାଉନାହିଁ। କିଛି ପରିମାଣରେ ବିଶ୍ୱତାପନ ହ୍ରାସ କରିବା ଅନିବାର୍ଯ୍ୟ। କିନ୍ତୁ ଏହା ସମ୍ଭବ ହେଉନାହିଁ। ତେଣୁ ଜଳବାୟୁଜନିତ ବିପଦରେ ରହୁଥିବା ଲୋକଙ୍କ ସ୍ୱାସ୍ଥ୍ୟ ସମସ୍ୟାର ମୁକାବିଲା ପାଇଁ ରଣନୀତି ପ୍ରସ୍ତୁତ କରିବା ସହ ଏଥିରେ ଏଆଇର ପ୍ରୟୋଗ ଏବଂ ଉପଯୋଗୀ ସଂସ୍ଥାଗୁଡ଼ିକ ମଧ୍ୟରେ ପ୍ରଭାବଶାଳୀ ସହଯୋଗକୁ ଭିତ୍ତିକରି ଏହି ରଣନୀତି ପ୍ରସ୍ତୁତ ହେବା ଉଚିତ।

ସିଇଓ, ସାନୋଫ

## ଭାଗବତର ଆହ୍ୱାନ



ବିମଳ ପ୍ରସନ୍ନ ଦାସ

ଗୋ ଶ୍ରୀମଦ୍ ଭାଗବତର ସ୍ଥାନ ଓ ଆହ୍ୱାନ ବିଚାର୍ଯ୍ୟ। ଭାରତୀୟ ପ୍ରଜ୍ଞାମାନସ ବେଦରୂପୀ କଳ୍ପବୃକ୍ଷର ପରିପକ୍ୱ ସୁମିଷ୍ଟ ଫଳ 'ଭାଗବତ' ମୁକ୍ତିମାର୍ଗର ସୋପାନ। ଭଗବାନଙ୍କ ସାକ୍ଷାତ ଶବ୍ଦମୟୀ ମୂର୍ତ୍ତି। ସନାତନ ସଂସ୍କୃତିର ଅମୂଲ୍ୟରତ୍ନ। ଅଷ୍ଟାଦଶ ପୁରାଣମାନଙ୍କ ମଧ୍ୟରେ ଶ୍ରୀମଦ୍ ଭାଗବତର ମହାପୁରାଣର ସ୍ଥାନ ସ୍ୱତନ୍ତ୍ର। ଏହା ଭଗବାନଙ୍କର ମୁଖ ନିଃସୃତ ବାଣୀ, ଯାହାକି ଗୁରୁଶିଷ୍ୟ ପରମ୍ପରା। କ୍ରମେ ବ୍ରହ୍ମା, ନାରଦ, ବ୍ୟାସଦେବ, ଶୁକ ମହର୍ଷି ଆଦିଙ୍କ ମାଧ୍ୟମରେ ଆଜିର ମଣିଷ ପାଇଁ ସୁଲଭ ହୋଇପାରିଛି। ମହର୍ଷି ବ୍ୟାସଦେବ ଉପନିଷଦ, ବ୍ରହ୍ମସୂତ୍ର, ଶପ୍ତଦଶ ପୁରାଣ ରଚନା କରି ସାରିବା ପରେ ମଧ ପରମ ଶାନ୍ତି ପାଇ ପାରି ନାହାନ୍ତି। ମହର୍ଷି ନାରଦଙ୍କୁ ଏହି ଅଶାନ୍ତି ଅତୃପ୍ତିର କାରଣ ଜିଜ୍ଞାସା କରି ବ୍ୟାସଦେବ କହିଲେ, ଆପଣ ନିଜେ ତ୍ରିକାଳଦର୍ଶୀ। ଆପଣ ଏ ଅଶାନ୍ତିରୁ ମୁକ୍ତିର ମାର୍ଗ ମତେ ଦେଖାଇ ଦିଅନ୍ତୁ। ନାରଦ କହିଲେ ଆପଣ ଧର୍ମ, ଅର୍ଥ, କାମ, ମୋକ୍ଷ ତତ୍ତ୍ୱବର୍ଗକୁ ପୁରାଣମାନଙ୍କରେ ସବିଶେଷ କରିଛନ୍ତି କିନ୍ତୁ ରସରାଜ ଶ୍ରୀକୃଷ୍ଣଙ୍କର ରସଭରା ଲୀଳା ବର୍ଣ୍ଣନା କରିନାହାନ୍ତି। ତାଙ୍କ ରସମୟ ଲୀଳାର ବର୍ଣ୍ଣନା ଆପଣଙ୍କୁ ଶାନ୍ତି ଓ ତୃପ୍ତି ଦେଇପାରିବ। ଏହା ହିଁ ଶ୍ରୀମଦ୍ ଭାଗବତର ଉତ୍ସ। ମହାମୁନି ବ୍ୟାସ ସଂସ୍କୃତରେ ଲୀଳାମୟଙ୍କ ରସମୟ ଲୀଳା ବର୍ଣ୍ଣନା କରି ତାଙ୍କ ପ୍ରିୟପୁତ୍ର ଶୁକମୁନିଙ୍କୁ ଶୁଣାଇଲେ। ତାଙ୍କ ମୁଖରୁ ସୌତ ଆଦି ମୁନିଋଷିମାନେ ଏହାର ଗୂଢ଼ ତତ୍ତ୍ୱ ଓ ରହସ୍ୟମୟ ଜାଣିଲେ। ପ୍ରଜାନୁରଞ୍ଜନ, ଧର୍ମପ୍ରାଣ ମହାରାଜ ପରିକ୍ଷିତ ଋଷିପୁତ୍ରଙ୍କ ଅଭିଶାପରେ ପ୍ରମାଦଗ୍ରସ୍ତ ଅବସ୍ଥାରେ ପବିତ୍ର, ଗଙ୍ଗାକୂଳରେ ମୁନି ଋଷିଙ୍କ ନିକଟରେ ଉପସ୍ଥିତ ହେଲେ। ସାତଦିନ ମଧ୍ୟରେ ସର୍ପ ଦଂଶନରେ ତାଙ୍କର ମୃତ୍ୟୁ ଅନିବାର୍ଯ୍ୟ। ମୁନି ବାକ୍ୟ ଅନ୍ୟଥା ହେବନାହିଁ। ମହାମୁନି ଶୁକଙ୍କ ଚରଣରେ ମହାରାଜ ଶରଣ ଭିକ୍ଷା କରି ଯେଉଁ ତିନୋଟି ପ୍ରଶ୍ନର ଉତ୍ତର ଜିଜ୍ଞାସା କଲେ ତାହା ହିଁ ସମଗ୍ର ଭାଗବତ ମହାଗ୍ରନ୍ଥ। ସେ ତିନୋଟି ପ୍ରଶ୍ନ ହେଉଛି – କହ ଜୀବନ ଯିବା ବେଳେ – କିବା ସାଧୁବି ମନ୍ତିରେ, କିବା ଶୁଣିବ କର୍ଣ୍ଣ ପଥେ – ସ୍ମରଣ କି କରିବି ଚିତ୍ତେ, କିବା ବଚନ ଉଚ୍ଚାରଣ – ପୂଜି କି ବା ଦିବ ଜାହାର ଚରଣ। ଏ ସମସ୍ତ ପ୍ରଶ୍ନର ଉତ୍ତର କୃଷ୍ଣନାମ ଭଜନରେ ରହିଛି ବୋଲି ମୁନିବର କହିଛନ୍ତି। ବ୍ୟାସକୃତ ଏହି ସଂସ୍କୃତ ମହାକାବ୍ୟକୁ ନିଜ ନିରକ୍ଷର ଜନନୀଙ୍କ ଇଚ୍ଛାକୁ ସମ୍ମାନ ଦେଇ ଷୋଡ଼ଶ ଶତାବ୍ଦୀରେ ପଞ୍ଚସଖା ଯୁଗର ଅନ୍ୟତମ ମହାକବି ଶ୍ରୀ ଜଗନ୍ନାଥ ଦାସ ନବାକ୍ଷରୀ ଛନ୍ଦ ରଚନା କରିଥିଲେ।

ଭକ୍ତକବି ଜଗନ୍ନାଥଙ୍କ ପିତା ଭଗବାନ ଦାସ ଥିଲେ ପୁରାଣ ପଣ୍ଡା। ମାତ୍ର ୧୬ ବର୍ଷ ବୟସରେ ପିତୃହରା ହୋଇ ତାଙ୍କୁ ତାଙ୍କର କୌଳିକ ବୃତ୍ତି ଗ୍ରହଣ କରିବାକୁ ହେଲା। ସ୍ୱରଚିତ ଭାଗବତ ମହାପୁରାଣକୁ ଶ୍ରୀମନ୍ଦିରର ବଟଗଣେଶଙ୍କ ତଳେ ବସି ପାଠ କଲେ। ଏହି ସମୟରେ ଏକଦା ତାଙ୍କର ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ସହିତ ସାକ୍ଷାତ ହେଲା। ସେ ଭାଗବତ ପଠନ, ଗାୟନ, ମନନ ଓ ଚର୍ଚ୍ଚାରେ ବିମୁଗ୍ଧ ହୋଇ ତାଙ୍କୁ କୋଳାଗ୍ରତ ପୂର୍ବକ ଅତିବଡ଼ୀ ଉପାଧିରେ ଅଭିଷିକ୍ତ କଲେ। ତାଙ୍କର ଲୋକପ୍ରିୟତା ଓ ଉଚ୍ଚ ପ୍ରଶଂସା ଓଡ଼ାଇବା ବଡ଼ପଣ୍ଡାମାନଙ୍କର ଈର୍ଷାର କାରଣ ହେଲା। ଫଳତଃ ସେ ତାଙ୍କୁ ଓ ଜନନୀଙ୍କୁ ବହୁ କଠିନ ସମୟ ଦେଇ ଗତି କରିବାକୁ ପଡ଼ିଲା। କିନ୍ତୁ ତାଙ୍କ ପ୍ରତିଭାର ସୁରଭୀ ଗଜପତି ପ୍ରତାପ ରୁଦ୍ର ଦେବଙ୍କ ସଦୟ ଦୃଷ୍ଟି ଆକର୍ଷଣ କଲା। ଗଜପତିଙ୍କ ମହାନୁଭବତାର ଫଳସ୍ୱରୂପ ଶ୍ରୀକ୍ଷେତ୍ରରେ ନିର୍ଜନ ବେଳାଭୂମିରେ ସାତଲହରୀ ମଠ ନିର୍ମାଣ ହେଲା। ଆଜି ତାହା ପ୍ରତ୍ୟେକ ଓଡ଼ିଆର ମହାତୀର୍ଥ। କବି ଜନ ଉଇକ୍ଲିଫ ଇଂଲିଶ ଭାଷାରେ ବାଇବେଲର ଅନୁବାଦ କରି ପ୍ରଚାର କରନ୍ତେ ଇଂଲଣ୍ଡର ସାମାଜିକ ଜୀବନରେ ଅଭୂତପୂର୍ବ ଜାଗରଣ ସୃଷ୍ଟି ହୋଇଥିଲା। ସେହିପରି ଇତିହାସ ପ୍ରସିଦ୍ଧ ମାର୍ଟିନ ଲୁଥର ବାଇବେଲକୁ ଜର୍ମାନ ଭାଷାରେ ଅନୁବାଦ କରି ୟୁରୋପରେ ଅଭାବନୀୟ ପରିବର୍ତ୍ତନ ସୃଷ୍ଟି କରିଥିଲେ। ଅନୁରୂପ ଥିଲା ଓଡ଼ିଆ ଭାଗବତ ଓ ଓଡ଼ିଶାର ଜନଜୀବନ। ଓଡ଼ିଆ ଭାଗବତ ଓଡ଼ିଆ ଜାତିର ଗନ୍ଥିଧନ। ଏହି ପୁଣ୍ୟଗ୍ରନ୍ଥ ଓଡ଼ିଆର ଜୀବନ ମରଣର ସାଥୀ। ସେଥିପାଇଁ ଗାଁ ଗାଁରେ ରହିଥିଲା 'ଭାଗବତ ଟୁଙ୍ଗି'। ଭାଗବତ ଟୁଙ୍ଗି ତା'ର ଅଲେଖ ଟୁଙ୍ଗୀର ବିଲୁପ୍ତି ଆଜି ଜନଜୀବନକୁ କଳୁଷିତ କରିଛି- ରସାତଳକୁ ଟାଣି ନେଉଛି। ଏହାର ପୁନରୁଜ୍ଜୀବନ ଓଡ଼ିଆ ଜାତିର ଧ୍ୟେୟ ହେଉ।

ମୋ: ୯୪୩୮୧୮୬୬୬୬

## ଏଇ ଭାରତରେ

ଉତ୍ତରପ୍ରଦେଶ ସମ୍ଭଲ ଜିଲାର ଜୀବନରେଖା ହେଉଛି ସୋତ୍ ନଦୀ। ଏହା ଉଜବରଦଖଲ ଯୋଗୁ ବହୁ ଦଶନ୍ଧି ହେଲା ଏଥିରେ ଜଳପ୍ରବାହ ବାଧାପ୍ରାପ୍ତ ହୋଇଥିଲା। ହେଲେ ସମ୍ଭଲର ପୂର୍ବତନ ଜିଲାପାଳ ମନିଶ ବନ୍‌ସଲଙ୍କ ଚେଷ୍ଟା ଯୋଗୁ ୧୧୦କି.ମି. ଦୀର୍ଘ ଏହି ନଦୀର ପୁନରୁଦ୍ଧାର ସମ୍ଭବ ହୋଇପାରିଛି। ଏହି ନଦୀ ଗଙ୍ଗାର ଏକ ଉପନଦୀ। ୭୧ଟି ଗ୍ରାମପଞ୍ଚାୟତ ଦେଇ ପ୍ରବାହିତ ସୋତ୍ ନଦୀରୁ ଜବରଦଖଲ ଉଚ୍ଛେଦ କରିବା ସକାଶେ ମନିଶ କ୍ଷେତ୍ର ପରିଦର୍ଶନ କରି ଯୋଜନା ପ୍ରସ୍ତୁତ କରିଥିଲେ। ମହାତ୍ମା ଗାନ୍ଧୀ ନ୍ୟାସନାଲ ରୁରାଲ ଏମ୍ପ୍ଲୟମେଣ୍ଟ ଗ୍ୟାରେଣ୍ଟି ଆକ୍ଟ(ଏମ୍‌ଜିଏନ୍ଆରଇଜିଏ)ରେ ନଦୀ ପ୍ରବାହିତ ପଞ୍ଚାୟତଗୁଡ଼ିକର ଲୋକମାନଙ୍କ ଦ୍ୱାରା ଶଯ୍ୟା ଖୋଳି ଜଳ ସ୍ରୋତକୁ ସ୍ୱାଭାବିକ କରିପାରିଥିଲେ। ୨୦୨୨ରେ ଏହି ଯୋଜନା ଆରମ୍ଭ କରାଯାଇ ୨୦୨୩ ଜୁନରେ କାର୍ଯ୍ୟ ଶେଷ କରାଯାଇଥିଲା। ମନିଶ ବନସଲ ଏବେ ଶାହାଜାହାଁପୁର ଜିଲାପାଳ ଭାବେ କାର୍ଯ୍ୟରତ।

## ୫୦ ବର୍ଷ ତଳର ଧରିତ୍ରୀ

୪ ଅକ୍ଟୋବର ୧୯୭୫

- ଜରୁରୀ ପରିସ୍ଥିତି ଜାରି ହେବା ପରେ ମଧ୍ୟପ୍ରଦେଶରେ ୭୦୦ ସରକାରୀ କର୍ମଚାରୀଙ୍କୁ ସେମାନଙ୍କ କାର୍ଯ୍ୟ ସନ୍ତୋଷଜନକ ହେଉ ନ ଥିବା ଅଭିଯୋଗରେ ଚାକିରିରୁ ବାଧ୍ୟତାମୂଳକ ଅବସର ଦିଆଯାଇଛି।
- ବଢ଼ୁଆ ନଦୀର ପ୍ରଖର ସୁଅରେ ଗୋଟିଏ ଡଙ୍ଗା ଓଲଟିପଡ଼ିବା ଫଳରେ ସାନ୍ତାଳ ପ୍ରଗଣା ଜିଲା ନାରାୟଣପୁର ଗ୍ରାମର ୫୬ ଜଣ ବ୍ୟକ୍ତିଙ୍କ ସଲିଳ ସମାଧି।
- ସଙ୍ଗଠନ କଂଗ୍ରେସ ନେତା ତଥା ଅବିଭକ୍ତ କଂଗ୍ରେସ ଦଳର ପୂର୍ବତନ ସଭାପତି ୭୨ ବର୍ଷ ବୟସ୍କ ଗାନ୍ଧିବାଦୀ ନେତା କୁମାରସ୍ୱାମୀ କାମରାଜଙ୍କ ପରଲୋକ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 8 | | | 1 | 2 |
| 8 | | | 3 | 5 | | 4 | | |
| | | | | | 6 | | | |
| 1 | 5 | 9 | | | | | | |
| 6 | 7 | | 8 | | | | 9 | |
| | | 3 | | | 5 | | | |
| | | | | | | | | 6 |
| 2 | | | | 4 | | | 7 | 8 |
| 3 | 4 | | | 1 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 6 | 3 | 7 | 9 | 1 | 2 | 4 | 8 |
| 7 | 1 | 4 | 8 | 5 | 2 | 9 | 3 | 6 |
| 9 | 2 | 8 | 6 | 4 | 3 | 1 | 5 | 7 |
| 8 | 4 | 1 | 3 | 2 | 7 | 5 | 6 | 9 |
| 3 | 7 | 9 | 5 | 1 | 6 | 8 | 2 | 4 |
| 6 | 5 | 2 | 9 | 8 | 4 | 3 | 7 | 1 |
| 1 | 8 | 6 | 4 | 3 | 5 | 7 | 9 | 2 |
| 2 | 3 | 7 | 1 | 6 | 9 | 4 | 8 | 5 |
| 4 | 9 | 5 | 2 | 7 | 8 | 6 | 1 | 3 |

ଗତକାଲିର ଉତ୍ତର

# ସ୍ୱଚ୍ଛତା ଓ ଆମ ସହର



ଲୋକନାଥ ପଣ୍ଡା

ସ୍ୱଚ୍ଛତାକୁ ନେଇ ଅନେକ ଉତ୍ସାହଜନକ କାର୍ଯ୍ୟକ୍ରମ ଚାଲୁଛି। ତେବେ ସ୍ୱଚ୍ଛତା ଓ ଆମ ସହରକୁ ନେଇ ଆଲୋଚନା କରିବା ବେଳେ ପ୍ରଥମେ ପ୍ରାଥମିକ ସ୍ତରରୁ ତଥା ପ୍ରାଥମିକ ବିଦ୍ୟାଳୟରୁ ଆରମ୍ଭ କରିବା ଭଲ ହେବ। ସରକାରଙ୍କ ତରଫରୁ ବିଦ୍ୟାଳୟର ସ୍ୱଚ୍ଛତାକୁ ନେଇ ଅନେକ କାର୍ଯ୍ୟକ୍ରମ କରାଯାଉଛି। ଏହି ପରିପ୍ରେକ୍ଷୀରେ ୟୁନିସେଫ୍ ଓ ଭାରତ ଜ୍ଞାନ ବିଜ୍ଞାନ ସମିତି ମିଳିତ ଉଦ୍ୟମରେ ସରକାରୀ ବିଦ୍ୟାଳୟ ସ୍ତରରେ ସ୍ୱଚ୍ଛତାକୁ ନେଇ ୱାଶ୍ ଇନ୍ ସ୍କୁଲ ନାମରେ ଏକ କାର୍ଯ୍ୟକ୍ରମ ଚାଲୁଥିଲା। ଏହି କାର୍ଯ୍ୟକ୍ରମ ଅନୁସାରେ ପ୍ରତ୍ୟେକ ସ୍କୁଲର ସ୍ୱଚ୍ଛତା ତଥା ଶିକ୍ଷୀମାନଙ୍କର ବିଦ୍ୟାଳୟ ପରିବେଶରେ ଆବଶ୍ୟକତାକୁ ନେଇ ସ୍ୱଚ୍ଛତା ଆକ୍ସନ ପ୍ଲାନ୍ ବା ଯୋଜନା କରାଯାଇ ସ୍ୱଚ୍ଛତାକୁ ନେଇ ମାନଦଣ୍ଡଗୁଡ଼ିକର ନିର୍ଣ୍ଣୟ ଆଧାର କରାଯାଉଥାଏ। ଏହି ସ୍ୱଚ୍ଛତା ଆକ୍ସନ ପ୍ଲାନ୍‌କୁ ଅନେକ ବିଦ୍ୟାଳୟ କାର୍ଯ୍ୟକାରୀ କରିବା ପାଇଁ ପ୍ରୟାସ କରିଛନ୍ତି, ସଫଳତାର ସହ କାର୍ଯ୍ୟକାରୀ କରିଛନ୍ତି ଏବଂ କେତେକ କ୍ଷେତ୍ରରେ ଅନ୍ୟମାନଙ୍କଠାରୁ ପ୍ରଶଂସା ପାଉଛନ୍ତି। ଏହିଭଳି କ୍ଷେତ୍ରରେ ଏହି ଲେଖକ ମଧ୍ୟ କେତେକ ବିଦ୍ୟାଳୟ ଦେଖିଛି, ଯେଉଁଠି କି ଶିକ୍ଷକଗୋଷ୍ଠୀ ନିଜର ଇଚ୍ଛାଶକ୍ତି ଓ ଆଗ୍ରହ ହେତୁ ସଫଳ ହୋଇଛନ୍ତି ଏବଂ ଅନେକ ପ୍ରଶଂସିତ ହୋଇଛନ୍ତି। ସ୍ୱଚ୍ଛତାକୁ ନେଇ ପ୍ରଶଂସିତ ହୋଇଥିବା ପରବର୍ତ୍ତୀ ସମୟରେ ଅର୍ଥରାଶି ମଧ୍ୟ ଏହି ବିଦ୍ୟାଳୟଗୁଡ଼ିକୁ ଜିଲା କିମ୍ବା ରାଜ୍ୟ ତରଫରୁ ଅର୍ଥ ରାଶି ଯୋଗାଇ ଦିଆଯାଉଛି। ପାଇଖାନାର ଉପଯୋଗୀ ଓ ପାଣି ବ୍ୟବସ୍ଥା, ହାତଧୁଆ, ପାଣିଟାଙ୍କି ତଥା ଅନେକ କିଛି ମାନଦଣ୍ଡ ରହିଛି। ଏଥିରେ ଶିଶୁଙ୍କୁ ସ୍ୱଚ୍ଛତା ଅଭ୍ୟାସ କରାଇବା ପାଇଁ ପ୍ରେରଣାଦାୟକ ଗୁଣ୍ଡିଗୁଡ଼ିକ ରହିଛି।

ଗାଁ ହେଉ କି ସହର, ପ୍ରତିଦିନ ଶହ ଶହ କୁଇଣ୍ଟାଲ ଆବର୍ଜନା ବାହାରୁଛି। ବର୍ତ୍ତମାନର ସମାଜରେ ପ୍ଲାଷ୍ଟିକ୍‌ର ବହୁଳ ବ୍ୟବହାର, ପ୍ୟାକି ବ୍ୟବସ୍ଥା,ଦୋକାନ ବଜାରରୁ ଆବର୍ଜନା ବାହାରିବା, ଡାକ୍ତରଖାନାର ଆବର୍ଜନା କିମ୍ବା ଅନ୍ୟ କୌଣସି କାରଣରୁ ଅନେକ ପରିମାଣରେ ଆବର୍ଜନା ବାହାରୁଛି। ସରକାରଙ୍କ ତରଫରୁ ପ୍ରତିଦିନ ଗାଡ଼ି ଆସି ଘରୁ ସଂଗ୍ରହ କରିବା ପାଇଁ ବ୍ୟବସ୍ଥା ରହିଛି। କିନ୍ତୁ ଅନେକ କ୍ଷେତ୍ରରେ ଜନସାଧାରଣ ଏହାକୁ ସହଯୋଗ କରୁଥିବା ବେଳେ କେତେକ କ୍ଷେତ୍ରରେ କରୁନାହାନ୍ତି। ଏହାର କାରଣ ହେଲା ଆମର ମାନସିକତା। ସାଧାରଣତଃ ଓଡ଼ିଆମାନଙ୍କ ଅଭ୍ୟାସ ଯେ, ଭୋରରୁ ଘରର ମଇଳା ଓ ଆବର୍ଜନା ସଫା କରିବା। ଓଳିଆ ଗାଡ଼ି ଯଦି ଆସିବା ପୂର୍ବରୁ ଓଳିଆ ନେଇ ସାହି ଛକ, ନାଳ କିମ୍ବା ଅନ୍ୟ କାହା ଦାଣ୍ଡରେ ନେଇ ଅଧିକ ଅଧିକ କାମ ସାରିଦେଲି! ଏହି ଲେଖକ ଏହିଭଳି କିଛି ସମସ୍ୟାର ଭୁକ୍ତଭୋଗୀ। ଘର ଆଗରେ ମଧ୍ୟ ଏହିଭଳି ନିତିଦିନ ସମସ୍ୟା ଦେଖାଦେଉଥାଏ। ଭୋରରୁ ତାଙ୍କ ଦାଣ୍ଡ ମୁହଁରେ ଆଣି ଅନେକେ ଓଳିଆ ପକାଇ ପଳାନ୍ତି ଏବଂ ସ୍ୱଚ୍ଛତା ଗାଡ଼ି ଆସିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତି ନାହିଁ।

ସ୍ୱଚ୍ଛତାର ଅନ୍ୟ ଏକ ସମସ୍ୟା ହେଲା ସହରାଞ୍ଚଳ ହେଉ କିମ୍ବା ଗ୍ରାମାଞ୍ଚଳରେ ସହର ମୁଣ୍ଡରେ ନେଇ ଓଳିଆ ଗଦା କରିବା। ପଂଚାୟତ ତରଫରୁ ହେଉ କିମ୍ବା ସହରାଞ୍ଚଳ, ନଦୀ କୂଳ ହେଉ, ଗାଁ ମୁଣ୍ଡ ହେଉ, ସେଠାରେ ଓଳିଆ ପକାନ୍ତି। ଫଳରେ ଗାଁ ମୁଣ୍ଡରେ କିମ୍ବା ସହର ମୁଣ୍ଡରେ ପଶିବାବେଳେ



ଏହାର ଦୁର୍ଗନ୍ଧରେ ନାକ ଫାଟି ପଡ଼ିଥାଏ। ଜଣେ ସଚେତନ ନାଗରିକ ଯଦି ଏହାକୁ ଅଧ୍ୟୟନ କରେ, ତେବେ ଏହାକୁ ଅନୁଭବ କରିବ। ବଡ଼କଥା ହେଲା, ସହର ହେଉ କି ଗ୍ରାମାଞ୍ଚଳ ସେଠାରେ ଯେଉଁ ସ୍ୱଚ୍ଛ ପୋଖରୀଗୁଡ଼ିକ ଥିଲା, ଏବେ ତାହାର ଅବସ୍ଥା ବେଶ୍ ସଙ୍କଟାପନ୍ନ ଓ ପ୍ରଦୂଷିତ। ଅନେକ ପୋଖରୀକୁ ପୋତି ଦିଆଗଲାଣି କିମ୍ବା ଓଳିଆ ପକାଇ ଆବର୍ଜନାମୟ କରିଦିଆଗଲାଣି। କେଉଁଠି ଦୃଷ୍ଟିରେ ପାଣି ପୋଖରୀରେ ପଶୁଛି। ଜଳାଶୟଗୁଡ଼ିକ ବ୍ୟବହାରଯୋଗ୍ୟ ହୋଇ ରହିନାହିଁ।

ଅନ୍ୟ ଏକ ବଡ଼ ସମସ୍ୟା ହେଲା, ଯେଉଁଠି ସହରାଞ୍ଚଳରେ କିଛି ଖାଲି ଜାଗା ରହିଛି, ସେଠାରେ ଔଷଧୀୟ ଗଛ ରହୁଥିଲା, ଜଳାଶୟ ରହୁଥିଲା, ସେଗୁଡ଼ିକ ବର୍ତ୍ତମାନ ଡମ୍ପିଂ ୟାର୍ଡ ବା ଆବର୍ଜନା କେନ୍ଦ୍ର ପାଲଟିଛି! ରାୟଗଡ଼ା ସହରରେ ଦେଖୁଥିଲେ, ପ୍ରସିଦ୍ଧ ମଝିଘରିଆଣୀ ମନ୍ଦିର ନିକଟରେ ଖାଲି ଅଞ୍ଚଳ ଥିଲା, ସେଠାରେ ଜଳାଶୟ ରହୁଥିଲା ଏବଂ ଭୂଜଳ ଭଣ୍ଡାରକୁ ସଂରକ୍ଷଣ କରିବା ନିମନ୍ତେ ବେଶ୍ ପ୍ରଭାବ ପକାଉଥାଏ। କିନ୍ତୁ ବର୍ତ୍ତମାନ ଏହାକୁ ସହରାଞ୍ଚଳର ସମସ୍ତ ଆବର୍ଜନାକୁ ଏଠାରେ ପକାଯାଉଛି। ଏହାଦ୍ୱାରା ରାୟଗଡ଼ା ସହରର ଭୂଜଳ ପ୍ରଦୂଷିତ ହେବାର ଅନେକ ଆଶଙ୍କା ପ୍ରକାଶ ପାଉଛି। ଏହାକୁ ନେଇ କେହି ଆଲୋଚନା କରନ୍ତି ନାହିଁ କିମ୍ବା ଗଣମାଧ୍ୟମର ମଧ୍ୟ ଏଥିପ୍ରତି ନଜର ନାହିଁ। କୌଣସି ଏନଜିଓଙ୍କ ଅନୁଷ୍ଠାନ ବା ନାଗରିକ ଗୋଷ୍ଠୀ ମଧ୍ୟ ଏହା ସମ୍ପର୍କରେ ତର୍କବିତର୍କ କରୁନାହାନ୍ତି। ଓଡ଼ିଶାର ଅନେକ ସହର ଆଜିର ଦିନରେ ପ୍ରଦୂଷିତ ଏବଂ ଏପରିକି ଅନେକ ସହରର ବାୟୁରେ ପ୍ରଦୂଷଣର ମାତ୍ରା ବଢ଼ିଚାଲିଛି ଏବଂ ସ୍ୱାସ୍ଥ୍ୟ ଉପରେ ଏହାର ବେଶ୍ କୁପ୍ରଭାବ ପଡ଼ୁଛି। ଜଳ, ବାୟୁ, ପରିବେଶ ସବୁକ୍ଷେତ୍ରରେ ପ୍ରଦୂଷଣ ବଢ଼ି ବଢ଼ି ଚାଲିଛି।

କିଛିଦିନ ତଳେ ଦଳେ ଯୁବବର୍ଗ ଏବଂ ତାଙ୍କର ଅଧ୍ୟାପକଙ୍କ ଏକ ଉଚ୍ଚ ପଦସ୍ଥ ଅଫିସରଙ୍କ ଘର ଆଗ ବଜାରରେ ପିଲାମାନେ ସଫା କରିବା ପାଇଁ ଆବଶ୍ୟକୀୟ ପୋଷାକ ପିନ୍ଧି ସୁନ୍ଦର ସୁନ୍ଦର ଖାତୁ, ଯାହାକି ଆଜିକାଲି ବିଜ୍ଞାପନରେ ଦେଖାଯାଉଛି, ତାହାକୁ ଧରି ସଫା କରିବାକୁ ବାହାରିଥିଲେ। ଏହା ଦେଖି ମୁଁ ଅନୁମାନ କଲି, କେବଳ ବିଜ୍ଞାପନ ପାଇଁ! ଅନେକ ସମୟରେ ସ୍ୱଚ୍ଛତାକୁ ନେଇ ଯେଉଁ ପ୍ରଚାରପ୍ରସାର ଚାଲିଛି, ଜଣେ ଯଦି ଅନୁଭବ କରିବ, ତେବେ ସେ ଭାବିବ ଯେ ଏହା କେବଳ ନିଜର ବିଜ୍ଞାପନ ପାଇଁ। କିନ୍ତୁ ଅଭ୍ୟାସରେ ପରିଣତ କରିବା କେତେ କଷ୍ଟକର ହେଲେ ମଧ୍ୟ ତାହାକୁ ଆମକୁ ଅଭ୍ୟାସରେ ପରିଣତ କରିବା ପାଇଁ ପ୍ରୟାସ କରିବାକୁ ପଡ଼ିବ। ଗାନ୍ଧିଜୀ ଝାଡୁ କି ବିନୋବା ଭାବେ କିମ୍ବା ଓଡ଼ିଶାରେ ତାଙ୍କର ଅନୁଗାମୀ ଯଥା ଅନ୍ନପୂର୍ଣ୍ଣା ମହାରଣା, ଶାନ୍ତିଦେବୀ, ରମାଦେବୀ, ଗୋପବନ୍ଧୁ ଚୌଧୁରୀ ଝାଡୁ କିମ୍ବା ଅନେକ ବ୍ୟକ୍ତିବିଶେଷ ଅଛନ୍ତି ଓ ଅନୁଷ୍ଠାନ ଅଛନ୍ତି, ଯେଉଁମାନେ ସ୍ୱଚ୍ଛତାକୁ ନେଇ ଅଭ୍ୟାସ ଓ ଜୀବନରେ ଶୃଙ୍ଖଳା ଜାରି ରଖିଆସିଥିଲେ। ବର୍ତ୍ତମାନ ମଧ୍ୟ ଅନେକ ଅଛନ୍ତି ଯେଉଁମାନେ ରାସ୍ତା ତିଆରି କରି ଅନ୍ୟମାନଙ୍କ ବାଟ ଚାଲିବାର ପନ୍ଥା ଦେଖାନ୍ତି। ସେମାନେ ଅନ୍ୟମାନଙ୍କ ଅନୁସରଣ କରନ୍ତି ନାହିଁ, ନିଜେ ରାସ୍ତା କରନ୍ତି। ବର୍ତ୍ତମାନ ସ୍ଥିତିରେ ସ୍ୱଚ୍ଛତାକୁ ନେଇ ନିଜେ ଅଭ୍ୟାସରେ ପରିଣତ କରିବା ସହ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବାର ଆବଶ୍ୟକତା ରହିଛି। ବିଦ୍ୟାଳୟରେ ଅନେକ କାର୍ଯ୍ୟକ୍ରମ ରହିଛି ଯାହାକୁ ଶିଶୁଟି ତାହାର ସ୍ୱଚ୍ଛତାକୁ ନେଇ ଅଭ୍ୟାସ କରୁଛି। କିନ୍ତୁ ସ୍ୱଚ୍ଛତା ସହ ପ୍ରଦୂଷଣର ସମ୍ପର୍କ ରହୁଛି। ଆମେ ଯେତେ ସ୍ୱଚ୍ଛ ରହିବା, ପରିବେଶକୁ ଧ୍ୱଂସକରିବାରୁ ରକ୍ଷା କରିବା ପାଇଁ ପ୍ରୟାସ କରିବା, ଘରରୁ ହିଁ ସ୍ୱଚ୍ଛତାର ଅଭ୍ୟାସ ଆରମ୍ଭ କରିବା, ପରିବେଶକୁ ସୁରକ୍ଷା ଯୋଗାଇବା, ତେବେ ପୃଥିବୀ ବଞ୍ଚିରହିବ ଏବଂ ପରବର୍ତ୍ତୀ ପିଢ଼ି ଆମକୁ ମନେରଖିବେ।

ରାଣୀଗୁଡ଼ା, ରାୟଗଡ଼ା
ମୋ: ୯୪୩୮୦୧୪୩୮୦

## ପାଠକ ଶ୍ରେଷ୍ଠ ବିଚାରକ

### ବିକାଶର ପରିଭାଷା

ମହାଶୟ,

ମୋଟ ଘରୋଇ ଉତ୍ପାଦ ବା ଜିଡିପି ଅଭିବୃଦ୍ଧି ବିକାଶର ଏକମାତ୍ର ପରିଭାଷା ନୁହେଁ। ଜିଡିପି ପରିମାଣ ୫ ଟ୍ରିଲିୟନ ଡଲାର କିମ୍ବା ତା'ଠାରୁ ଅଧିକ ହେଲେ ମଧ୍ୟ ଦେଶ ଓ ଦେଶବାସୀ ବିକଶିତ ହୋଇପାରିବେ ନାହିଁ। ଏଥିସହ ଦେଶରେ ମୁଣ୍ଡପିଛା ଜିଡିପି ଓ ମୁଣ୍ଡପିଛା ଆୟ ବଢ଼ିବା ଦରକାର। ଦେଶରେ ଏବେ ମଧ ଦାରିଦ୍ର୍ୟ, ଅପପୁଷ୍ଟି, ନିରକ୍ଷରତା, ବେକାରି ଓ ଆର୍ଥିକ ଅସମାନତା ଭଳି ସମସ୍ୟା ରହିଛି। ଏଥିରୁ ମୁକ୍ତ ହେବା ଜରୁରୀ। ଏହା ସହିତ ପ୍ରଗତିଶୀଳ ଚିନ୍ତାଧାରା ଓ ମାନବିକ ମୂଲ୍ୟବୋଧର ବିକାଶ ହେବା ଆବଶ୍ୟକ। ସୁତରାଂ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଜିଡିପି ଅଭିବୃଦ୍ଧି ସହ ଏହିସବୁ ବିଷୟ ପ୍ରତି ଯତ୍ନଶୀଳ ହେବା ଉଚିତ।

-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତସିଂହପୁର

## ଚିରନ୍ତନୀ

ଦୁନିଆ ଭିତରେ ଚାଲିଯିବି ଆସପରି
ଉଦାସ ଗତିରେ ଏକାକୀ ପଥିଟି ଧରି
ତୁମେ ହସିଦେଲ ଯୋଛିଦେବ ପଛ କଥା
ନିମେଷ ସ୍ୱପନ ସମାନ ଗୋ ସୁନାରୋରୀ !
-(ସୁରଭ ମୋହ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଟଙ୍କା ପାଇଁ ମା'ଙ୍କୁ ଇଟାରେ ଛେଚି ହତ୍ୟା

**ସାମାନ୍ୟ କିଛି ଟଙ୍କା ପାଇଁ ଜଣେ ପୁଅ ଜନ୍ମକଲା ମା'ଙ୍କୁ ହତ୍ୟା କରିଛନ୍ତି। ଝାରସୁଗୁଡ଼ା ଜିଲା ରେଙ୍ଗାଲି ଥାନା ଲିମିଡିହ ଗ୍ରାମରେ ଜଣେ ଯୁବକ ଏଭଳି କାଣ୍ଡ ଘଟାଇଛନ୍ତି। ଧାନବୀମା ଟଙ୍କା ମା'ଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଆସିଥିବାରୁ, ତାକୁ ନେବାକୁ ମା'ଙ୍କୁ ଏଟିଏମ୍ କାର୍ଡ ମାଗିଥିଲେ। ହେଲେ ନ ଦେବାରୁ ଉତ୍କ୍ଷିପ୍ତ ହୋଇ ଏକ ଇଟାରେ ମା'ଙ୍କ ମୁଣ୍ଡ ଏବଂ ଛାତିକୁ ଆକ୍ରମଣ କଲେ। ଗୁରୁତର ଅବସ୍ଥାରେ ମା'ଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଛନ୍ତି। ଅଭିଯୁକ୍ତ ପୁଅଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି।**

ବ୍ରଜରାଜନଗର,୩।୧୦(ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ ଲିମିଡିହ ଗ୍ରାମର ଭାଗ୍ୟବତୀ ମିର୍ଦ୍ଧା(୬୦)ଙ୍କ ୩ଗୋଟି ସନ୍ତାନ ଅଛନ୍ତି। ବଡ଼ପୁଅ ଓ ସାନପୁଅ ରୋଜଗାର କରି ନିଜର ପରିବାର ପ୍ରତିପୋଷଣ କରନ୍ତି। ମଝିଆ ପୁଅ ଗଜାଧର କିଛି କାମ କରୁ ନ ଥିବାବେଳେ ଅଧିକାଂଶ ସମୟରେ ନିଶାସକ୍ତ ରହୁଥିବାରୁ ପରିବାର ଲୋକେ ତାଙ୍କ ବିବାହ କରାଇନାହାନ୍ତି। ଏପରିକି ସରକାରଙ୍କ ତରଫରୁ ମିଳିଥିବା ସୁବିଧାରୁ ତାଙ୍କୁ ବଞ୍ଚିତ ମଧ୍ୟ କରାଯାଇଛି। ଏହି ଘଟଣାରେ ଗଜାଧର ସର୍ବଦା ମାନସିକ ଦୁଶ୍ଚିନ୍ତାରେ ରହି ଭାଇ ଓ ମା'ଙ୍କ ସହ ଝଗଡ଼ା କରନ୍ତି। ନିକଟରେ ଧାନର ବୀମା ଟଙ୍କା ମା' ଙ୍କ ନାମରେ ଆସିଛି। ତେଣୁ ମା'ଙ୍କ ଠାରୁ ଟଙ୍କା ନେବା ପାଇଁ ଗଜାଧର ଜିଦ୍ କରୁଥିଲେ। ଗୁରୁବାର ଘରେ ଭାଇମାନେ ନ ଥିବାର ସୁଯୋଗ ନେଇ ଗଜାଧର ଟଙ୍କା ପାଇଁ ମା'ଙ୍କୁ ଏଟିଏମ୍ କାର୍ଡ ମାଗିଥିଲେ। ଟଙ୍କା ନେଲେ ମଦ୍ୟପାନ କରିବେ ବୋଲି ଭାବି ମା' ଭାଗ୍ୟବତୀ ଏଟିଏମ୍ କାର୍ଡ ଦେବାକୁ ମନା କରିଦେଇଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଗଜାଧର ଏକ ଇଟାରେ ମା'ଙ୍କ ମୁଣ୍ଡ ଓ ଛାତିକୁ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ସାହିପଡ଼ିଶା ଆସି ଭାଗ୍ୟବତୀଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ରେଙ୍ଗାଲି ଡାକ୍ତରଖାନା ଓ ପରେ ଝାରସୁଗୁଡ଼ା ସ୍ଥାନାନ୍ତର କରି ଘରୋଇ ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ। ହେଲେ ଚିକିତ୍ସିତ ଅବସ୍ଥାରେ ଭାଗ୍ୟବତୀଙ୍କ ମୃତ୍ୟୁ ଘଟିଥିଲା। ଏନେଇ ଡାକ୍ତର ଖବର ଦେବା ପରେ ପୋଲିସ ମୃତଦେହ ଜବତ କରିଥିଲା। ଏନେଇ ଏକ ହତ୍ୟା ମାମଲା ରୁଜୁ କରାଯାଇ ଗଜାଧରଙ୍କୁ ଅଟକ ରଖି ପୋଲିସ ପଚରାଉଚରା କରିଥିଲା। ଗଜାଧର ମା'ଙ୍କୁ ହତ୍ୟା କରିଥିବା ସ୍ୱୀକାର କରିବା ପରେ ପୋଲିସ ତାଙ୍କୁ ଗିରଫକରି କୋର୍ଟଚାଲାଣ କରିଛି।

# ସମ୍ପର୍କରେ କଳଙ୍କ: ମା'ଙ୍କୁ ବଳାତ୍କାର କଲେ ପୁଅ

ଦେବଗଡ଼,୩।୧୦
(ଶଶାଙ୍କ ଶେଖର ଝାଙ୍କର)

**ଦେବଗଡ଼ ଜିଲାରେ ଆଲୋଡ଼ନ**

ସମ୍ପର୍କରେ ଲାଗିଛି କଳଙ୍କର ଛିଟା। ଜନ୍ମଦାତ୍ରୀ ମା'ଙ୍କୁ ବଳାତ୍କାର ଭଳି ଜଘନ୍ୟ ଅପରାଧ କରିବାକୁ ପଛାଇନାହାନ୍ତି ଜଣେ ପୁଅ। ଦେବଗଡ଼ ଜିଲା ବାରକୋଟ ଥାନା ଅନ୍ତର୍ଗତ ଏକ ଗ୍ରାମରେ ଜଣେ ମା'(୫୨)ଙ୍କୁ ୨୮ବର୍ଷୀୟ ପୁଅ ବଳାତ୍କାର କରିଛନ୍ତି। ଏନେଇ ମା'ଙ୍କ ଅଭିଯୋଗ ଆଧାରରେ ବାରକୋଟ ପୋଲିସ ଅଭିଯୁକ୍ତ ପୁଅ ବିରୋଧରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ଏହି ଘଟଣା ଗତ ଶୁକ୍ରବାର ସନ୍ଧ୍ୟାରେ ଘଟିଥିବାବେଳେ ଗୁରୁବାର ଅଭିଯୋଗ ପରେ ପ୍ରଘଟ ହୋଇଛି। ଏହା ଜଣାପଡ଼ିବା ପରେ ଜିଲାରେ ଆଲୋଡନ ସୃଷ୍ଟି ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ଅଭିଯୋଗକାରିଣୀ ମହିଳାଙ୍କ ସ୍ୱାମୀ କୌଣସି ଏକ ମାମଲାରେ ଛନ୍ଦି ହୋଇ ଜେଲରେ ଅଛନ୍ତି। କିଛିବର୍ଷ ତଳେ ମହିଳା ଜଣଙ୍କ ତାଙ୍କ ପୁଅକୁ ଜଣେ ଯୁବତୀଙ୍କ ସହ ବିବାହ ଦେଇଥିଲେ। ମାତ୍ର ପୁଅ-ବୋହୂଙ୍କ ମଧ୍ୟରେ ବିଭିନ୍ନ ସମୟରେ ଗଣ୍ଡଗୋଳ ଘଟିବାରୁ ପ୍ରାୟ ୪ବର୍ଷ ହେଲା ବୋହୂ ତାଙ୍କ ବାପ ଘରକୁ ଚାଲିଯାଇଛନ୍ତି। ପୁଅ ବିଭିନ୍ନ ସମୟରେ ମା'ଙ୍କୁ ଗାଳିଗୁଲଜ କରିବା ସହ ଖରାପ କଥା କହିବା ସହ ମାଡ଼ ମଧ୍ୟ ମାରିଥାନ୍ତି। ଏହାକୁ ନେଇ ଗ୍ରାମରେ ଆଲୋଚାନ କରାଯିବା ସହ ଘଟଣାର ସମାଧାନ କରାଯାଇଥିଲା। ଗତ ୨୭ ତାରିଖ ରାତି ପ୍ରାୟ ୮ଟାରେ ମହିଳା ଜଣକ ଘରେ ଶୋଇଥିବାବେଳେ ତାଙ୍କ ପୁଅ ହାତରେ ଏକ ଛୁରି ଧରି ଭୟ ଦେଖାଇବା ସହ ଜୋରଜବରଦସ୍ତି ବଳାତ୍କାର କରିଥିଲେ। ଫଳରେ ମହିଳା ଜଣକ ଲଜ୍ଜାରେ କାହାରିକୁ ମୁହଁ ନ ଦେଖାଇ ନିକଟସ୍ଥ ଗ୍ରାମକୁ ଚାଲିଯାଇ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ଆଶ୍ରୟ ନେଇଥିଲେ। ଗୁରୁବାର ବାରକୋଟ ଥାନାକୁ ଆସି ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ।

# କୂଅରୁ ମହିଳାଙ୍କ ମୃତଦେହ ଜବତ

**ହତ୍ୟା ଅଭିଯୋଗ ଆଣିଲେ ପରିବାର**

ଭୁବନ, ୩।୧୦ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଥାନା ବାଲବୋ ଗ୍ରାମର ଦୁଃଖବନ୍ଧୁ ରାଉତଙ୍କ ସ୍ତ୍ରୀ ବାସନ୍ତୀ (୪୦)ଙ୍କ ମୃତଦେହ ଗ୍ରାମର ଏକ କୂଅ ଭିତରୁ ଉଦ୍ଧାର କରାଯିବା ପରେ ଜବତ କରାଯାଇଛି। ସ୍ୱାମୀ ଦୁଃଖବନ୍ଧୁ ତାଙ୍କୁ ହତ୍ୟାକରି କୂଅରେ ପକାଇ ଦେଇଥିବା ବାସନ୍ତୀଙ୍କ ଭାଇ ମନୀନ୍ଦ୍ର ସାହୁ ଅଭିଯୋଗ କରିଛନ୍ତି। ପୋଲିସ ଦୁଃଖବନ୍ଧୁଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି।

ପ୍ରକାଶ ଯେ, ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ପରେ ଦୁଃଖବନ୍ଧୁ ୧୨ ବର୍ଷ ପୂର୍ବେ କେନ୍ଦୁଝର ଜିଲା ଘଷିପୁରା ଥାନା କଅସ ଗ୍ରାମର ଅନାମ ଚରଣ ସାହୁଙ୍କ ଝିଅ ବାସନ୍ତୀଙ୍କୁ ବିବାହ କରିଥିଲେ। କିଛିବର୍ଷ ଭଲରେ କଟିବା ପରେ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ କଳହ ଲାଗିରହୁଥିଲା। ଦୁଃଖବନ୍ଧୁ ଅନେକ ସମୟରେ ବାସନ୍ତୀଙ୍କୁ ମାରପିଟ କରୁଥିଲେ। ବହୁ ସମୟରେ ବାସନ୍ତୀଙ୍କ ପରିବାର ଲୋକ ଆସି ସମାଧାନ କରିଥିଲେ। ତେବେ ଗୁରୁବାର ସକାଳେ ଗ୍ରାମବାସୀ ପାଣି ପାଇଁ ଆସିଥିବା ବେଳେ ଜଣେ ମହିଳାଙ୍କ ମୃତଦେହ କୂଅ ଭିତରେ ଭାସୁଥିବା ଦେଖିଥିଲେ। ସେମାନେ ଭୁବନ ଥାନା ଓ ଦମକଳ ବାହିନୀଙ୍କୁ ଏ ନେଇ ଜଣାଇଥିଲେ। ଥାନା ଅଧିକାରୀ ମନୋସିନୀ ମହାନ୍ତି ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ଦମକଳ ବାହିନୀ କୂଅ ଭିତରୁ ମୃତଦେହ ଉଦ୍ଧାର କରିଥିଲା। ବାସନ୍ତୀଙ୍କ ପରିବାର ଲୋକେ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବେଚ୍ଛଦ ପାଇଁ ପଠାଇଥିଲା। ଏ ନେଇ ବାସନ୍ତୀଙ୍କ ଭାଇ ମନୀନ୍ଦ୍ର ଭୁବନ ଥାନାରେ ପହଞ୍ଚି ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ଦୁଃଖବନ୍ଧୁଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି।

# ମହିଳାଙ୍କଠୁ ଝାମ୍ପିନେଲେ ୩.୨୫ ଲକ୍ଷ ଟଙ୍କା

**ପାର୍ବଣ ଆରମ୍ଭରୁ ମାତିଲେ ଲୁଟେରା**

ଭୁବନେଶ୍ୱର,୩।୧୦(ସତ୍ୟଜିତ୍ ରାଉତ)




ପାର୍ବଣ ଆରମ୍ଭରୁ ଭୁବନେଶ୍ୱରରେ ଲୁଟେରା ମାତିଛନ୍ତି। ଗୁରୁବାର ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଜଣେ ମହିଳାଙ୍କଠାରୁ ୩.୨୫ ଲକ୍ଷ ଟଙ୍କା ଝାମ୍ପି ନେଇଛନ୍ତି ଦୁଇ ଲୁଟେରା। ଜୟଦେବ ବିହାର ଅଞ୍ଚଳରେ ରହୁଥିବା ପ୍ରତିମା ବେହେରା ଏହି ଲୁଟ୍‌ର ଶିକାର ହୋଇଛନ୍ତି। ପ୍ରତିମାଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଚନ୍ଦ୍ରଶେଖରପୁର ଏଟିଏମ୍ ଛକ ପାଖରେ ପ୍ରତିମାଙ୍କ ଥିବା ପ୍ଲଟ୍‌ରେ ଘର ନିର୍ମାଣ ହେଉଛି। କଣ୍ଟ୍ରାକ୍ଟରଙ୍କୁ ଟଙ୍କା ଦେବା ପାଇଁ ସେ ତାଙ୍କ ଭାଇଙ୍କ ଜଣେ ସାଙ୍ଗଙ୍କ ସହ ଚନ୍ଦ୍ରଶେଖରପୁର ଫେଜ-୧ସ୍ଥିତ ଏସ୍‌ବିଆଇ ଶାଖାକୁ ଯାଇଥିଲେ। ସେଠାରୁ ଟଙ୍କା ଉଠାଇ ଏକ ବ୍ୟାଗରେ ଭର୍ତ୍ତି କରି ପ୍ଲଟ୍ ନିକଟରୁ ଯାଉଥିଲେ। ଭାଇଙ୍କ ସାଙ୍ଗ ବାଇକ ଚଳାଉଥିବା ବେଳେ ପ୍ରତିମା ପଛ ସିଟ୍‌ରେ ବସି ଟଙ୍କା ଭର୍ତ୍ତି ବ୍ୟାଗ ଧରିଥିଲେ। ସେ ବ୍ୟାଙ୍କରୁ ବାହାରି ଏଟିଏମ୍ ଛକ ଆଡ଼କୁ ଯାଉଥିବାବେଳେ ଦୁଇ ଦୁର୍ବୃତ୍ତ ବାଇକରେ ସେମାନଙ୍କୁ ପିଛା କରିଥିଲେ। ଦିନ ପ୍ରାୟ ୨ଟା ୫ ମିନିଟ୍‌ରେ ଲୁଟେରାଦ୍ୱୟ ସେମାନଙ୍କ ବାଇକ୍‌କୁ ପ୍ରତିମା ଯାଉଥିବା ବାଇକ୍ ସମ୍ମୁଖରେ ରଖିଦେଇଥିଲେ। ଏହି ସମୟରେ ପଛସିଟ୍‌ରେ ବସିଥିବା ଦୁର୍ବୃତ୍ତ ଜଣଙ୍କ ପ୍ରତିମାଙ୍କୁ ଧକ୍କା ଦେଇ ତାଙ୍କ ପାଖରୁ ଟଙ୍କା ଭର୍ତ୍ତି ବ୍ୟାଗ ଝାମ୍ପି ନେଇଯାଇଥିଲେ। ତେବେ ଲୁଟେରାଦ୍ୱୟ ଚଳାଉଥିବା ବାଇକରେ ପ୍ରେସ୍ ଲେଖାରହିଛି। ତେଣୁ ଏହା କୌଣସି ନକଲି ସାମ୍ବାଦିକଙ୍କ କାମ ବୋଲି ପୋଲିସ ସନ୍ଦେହ କରୁଛି। ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ଏକ ସିସିଟିଭି ଫୁଟେଜ୍ ଓ ଆଖପାଖ ଲୋକଙ୍କୁ ପଚାରି ପୋଲିସ ଅଭିଯୁକ୍ତଦ୍ୱୟଙ୍କୁ ଧରିବାକୁ ପ୍ରୟାସ କରୁଛି।

# ଖୋର୍ଦ୍ଧା ଡିଏଫ୍‌ଓଙ୍କୁ ଆକ୍ରମଣ ଘଟଣାରେ ୫ ଗିରଫ

ଟାଙ୍ଗୀ,୩।୧୦(ରଘୁନାଥ ସାହୁ)

ଖୋର୍ଦ୍ଧା ଡିଏଫ୍‌ଓ ପୂର୍ଣ୍ଣିମା ପାଣ୍ଡିଆନ୍ ମଙ୍ଗଳବାର ରାତିରେ ଟାଙ୍ଗୀ ରେଞ୍ଜ ଅନ୍ତର୍ଗତ ଟାଙ୍କୋଳ ପଞ୍ଚାୟତରେ ହାତୀପଲଙ୍କ ଗତିବିଧି ସମ୍ପର୍କରେ ଜାଣିବାକୁ ପାଟ୍ରୋଲିଂ କରୁଥିବା ବେଳେ ସ୍ଥାନୀୟ ଲୋକଙ୍କ ଆକ୍ରମଣର ଶିକାର ହୋଇଥିଲେ। ଏହି ଘଟଣାରେ ଜଙ୍କିଆ ଥାନା ପୋଲିସ ଏକ ମାମଲା(ନଂ. ୩୪୭/୨୪) ରୁଜୁକରି ତଦନ୍ତ ଚଳାଇବା ସହ ୫ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଟାଙ୍କୋଳ ଗ୍ରାମର ଲକ୍ଷ୍ମଣ ସାହୁ, ଟୁଲୁ ମହାନ୍ତ, ମଣ୍ଟୁ ମହାନ୍ତ, ନବ କିଶୋର ପ୍ରଧାନ ଏବଂ ଟୁକୁନା ପେଣ୍ଟୋଇ। ହାତୀ ଗତିବିଧି ଲକ୍ଷ୍ୟ ପାଇଁ ଯେଉଁ ଡ୍ରୋନ କ୍ୟାମେରା ବୁଲୁଥିଲା, ସେଥିରେ ଡିଏଫ୍‌ଓଙ୍କୁ ଦୁର୍ବ୍ୟବହାର କରାଯାଇଥିବା ନେଇ ଅଭିଯୁକ୍ତମାନଙ୍କର ଫଟୋ କଏଦ ହୋଇଥିଲା। ଏହାକୁ ଆଧାରକରି ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ଜଣାପଡ଼ିଛି।

ପ୍ରକାଶ ଯେ, ବର୍ଷତମାମ ଟାଙ୍ଗୀ ରେଞ୍ଜ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ହାତୀଙ୍କ ଉପଦ୍ରବ ଲାଗି ରହିଛି। ହାତୀପଲ ଫସଲ ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ଏପରିକି ଘର ଓ ପାଚେରି ଭାଙ୍ଗୁଛନ୍ତି। ଅନ୍ୟପଟେ ହାତୀଙ୍କ ସୁରକ୍ଷା ପାଇଁ ଅଞ୍ଚଳରେ ବିଦ୍ୟୁତ୍ କାଟ କରାଯିବା ଯୋଗୁ ଗୁଲୁଗୁଲିରେ ଜନସାଧାରଣ ଅସ୍ତବ୍ୟସ୍ତ ହେବା ସହ ରାତିରେ ଶୋଇପାରୁନାହାନ୍ତି। ଫଳରେ ବନ ବିଭାଗ ଅଧିକାରୀମାନଙ୍କ ଉପରେ ଜନସାଧାରଣଙ୍କ ଅସନ୍ତୋଷ ସ୍ୱରୂପ ଦୁର୍ବ୍ୟବହାର କରିଥିବା ସ୍ଥାନୀୟ ବୁଦ୍ଧିଜୀବୀମାନେ କହିଛନ୍ତି। ଅନ୍ୟପକ୍ଷରେ ଅଜାଣତରେ ଡିଏଫ୍‌ଓଙ୍କୁ ଆକ୍ରମଣ କରିଥିବା ଅଭିଯୁକ୍ତମାନେ ଜାଣିବା ପରେ ତାଙ୍କୁ କ୍ଷମା ପ୍ରାର୍ଥନା କରିଛନ୍ତି।

# ୨ ଜଣଙ୍କୁ ୧୦ ବର୍ଷ ଲେଖାଏ କାରାଦଣ୍ଡ

ବ୍ରହ୍ମପୁର,୩।୧୦ (ସୁବାସ ଚନ୍ଦ୍ର ପାଢ଼ୀ)

**ଗଞ୍ଜେଇ ଚାଲାଣ ମାମଲା**

ବ୍ରହ୍ମପୁର ଅତିରିକ୍ତ ଜିଲା ଜଜ୍ -୧ ଡ. ଇନ୍ଦୁ ଶର୍ମା ଗୁରୁବାର ଏକ ଗଞ୍ଜେଇ ଚାଲାଣ ମାମଲାର ୨ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ଗଜପତି ଜିଲା ମୋହନା ଥାନା ଖାରିଆଗୁମାର ସୁସ୍ଥିର ପାଲ(୩୨) ଓ ସଞ୍ଜୀବ ପାଲ(୨୬)। ଉଭୟଙ୍କୁ ୧୦ ବର୍ଷ କାରାଦଣ୍ଡ ସହ ୧ଲକ୍ଷ ଟଙ୍କା ଲେଖାଏ ଜରିମାନା ଦେବାକୁ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୧ ବର୍ଷ ଲେଖାଏ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି।

୨୦୨୩ ଅଗଷ୍ଟ ୨୧ରେ ବ୍ରହ୍ମପୁରକୁ ଗଞ୍ଜେଇ ଚାଲାଣ ହେଉଥିବା ଅବକାରୀ ଗୋଇନ୍ଦା ବିଭାଗ ଖବର ପାଇଥିଲା। ଏକ ଟିମ ଫାଷ୍ଟଗେଟ ଡୁଡୁମା କଲୋନୀ ଛକରେ ଯାନବାହନ ଯାଞ୍ଚ କରିଥିଲା। ବ୍ରହ୍ମପୁର ଅଭିମୁଖେ ଆସୁଥିବା କାର୍ (ନଂ.ଓ ୦୭କେ - ୭୩୭୨)କୁ ଅଟକାଇ ଯାଞ୍ଚ କରିବାରୁ ସେଥିରୁ ୫୦କେଜି ଗଞ୍ଜେଇ ମିଳିଥିଲା। ଜେରା ବେଳେ ଅଭିଯୁକ୍ତଦ୍ୱୟ ଉକ୍ତ ଗଞ୍ଜେଇ ଗଜପତି ଜିଲାରୁ ଆଣିଥିବା ଜଣାପଡିଥିଲା। ମାମଲା ନଂ. ୩୩୬/୨୩-୨୪ରେ ସେମାନଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ତତ୍କାଳୀନ ଗୋଇନ୍ଦା ଇନ୍ସପେକ୍ଟର ତଥା ତଦନ୍ତ ଅଧିକାରୀ ହୃଦୟ ଚନ୍ଦ୍ର ସାମନ୍ତ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ମାମଲାର ବିଚାର ବେଳେ ମୋଟ ୩ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିଥିବାରୁ ଜଜ୍ ଦଣ୍ଡାଦେଶ ଶୁଣାଇଛନ୍ତି। ଦଣ୍ଡାଦେଶ ସମୟରେ ଅଭିଯୁକ୍ତ ଦ୍ୱୟଙ୍କୁ ମଣ୍ଡଳ କାରାଗାରରୁ ଅଣାଯାଇ କୋର୍ଟରେ ହାଜର କରାଯାଇଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନରେଶ ପ୍ରସାଦ ପାତ୍ର ମାମଲା ପରିଚାଳନା କରୁଥିଲେ।

# ଜେଲରୁ ଚୋରି: ହୋମ୍‌ଗାର୍ଡଙ୍କ ସମେତ ୮ ଗିରଫ

ବଡ଼ଗାଁ,୩।୧୦(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଭୋଇପାଲି ମୁକ୍ତ ଜେଲରୁ ଚୋରି ଅଭିଯୋଗରେ ପୋଲିସ ଗୁରୁବାର ହୋମଗାର୍ଡଙ୍କ ସମେତ ୮ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଭୋଇପାଲି ଗ୍ରାମର ଦିବ୍ୟ ମେହେର(୩୫), ସଦର ଥାନାର ହୋମଗାର୍ଡ ସୁରଜ ଗୌଡ଼(୨୦), ହୃଦାନନ୍ଦ ଜୟପୁରିଆ (୩୮), ସୁମିତ କିସାନ (୨୮), ରଜତ ମାଝୀ (୨୪), ସନ୍ତୁ ମୁଣ୍ଡା(୩୧), ଚୋରି ସାମଗ୍ରୀ କିଣିଥିବା ଟୁରିପୋଷ ଗ୍ରାମର ଗୌତମ ପୃଷେଟ (୩୫), ପ୍ରଦୀପ ସା (୩୮)। ସନ୍ଧ୍ୟାରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟ ୨ ଜଣ ଫେରାର ଅଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ୨୯ରେ ଜେଲରୁ ୧୪ଟି ଫୋନ ଓ ୧୦ଟି ବାର


ଚୋରି ସାମଗ୍ରୀ ସହ ଗିରଫ ଅଭିଯୁକ୍ତମାନେ।

ଲାଇଟ ଚୋରି ହୋଇଥିଲା। ଏହି ଘଟଣାରେ ଥାନା ଆଇଆଇସି ଆଶିଷ କୁମାର ଜେନା, ସବ୍ ଇନ୍ସପେକ୍ଟର ଅମ୍ବିକା ପ୍ରଧାନ, ଏଏସ୍‌ଆଇ ଅରୂପାନନ୍ଦ ଦାସ, ଏଏସ୍‌ଆଇ ଗୋପୀନାଥ ଓଝା ତଦନ୍ତ କରୁଥିଲେ। କୌଣସି ସୂତ୍ରରୁ ପୋଲିସ ସୂଚନା ପାଇ ଗୌତମ ଓ ପ୍ରଦୀପଙ୍କ ଘରେ ଚଢ଼ାଉ କରି ଚୋରି ସାମଗ୍ରୀ ଜବତ କରିଥିଲା। ଚୋରି ଘଟଣାରେ ସୁନ୍ଦରଗଡ଼ ସଦର ଥାନାର ହୋମଗାର୍ଡ ସୁରଜ ଓ ଦିବ୍ୟ ମେହେର ମାଷ୍ଟରମାଇଣ୍ଡ ବୋଲି ପୋଲିସ କହିଛି।

# ଆର୍‌ଟିଓଙ୍କ ଗାଡ଼ି ଧକ୍କାରେ ସ୍ୱାମୀ ମୃତ, ସ୍ତ୍ରୀ ଗୁରୁତର

ଭୁବନେଶ୍ୱର,୩।୧୦
(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର କଳିଙ୍ଗ ହସ୍ପିଟାଲ ଛକ ନାଲ୍‌କୋ ଟ୍ରାଫିକ ଛକରେ ଗୁରୁବାର ଏକ ସଡ଼କ ଦୁର୍ଘଟଣା ଘଟିଛି। ଆରଟିଓ-୨ ଅଫିସର ଏକ ବୋଲେରୋ ଗାଡ଼ି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ସ୍ତ୍ରୀ ଗୁରୁତର ଆହତ ହୋଇଛନ୍ତି। ମୃତ ବ୍ୟକ୍ତିଜଣଙ୍କ ହେଲେ କନ୍ଧମାଳ ଅଞ୍ଚଳର ସାମନ୍ତ ଦିଗାଲ। ତାଙ୍କ ସ୍ତ୍ରୀ ବାସନ୍ତୀ ଦିଗାଲ ଆହତ ହୋଇଛନ୍ତି। ଗ୍ରୀନ୍ ସିଗ୍‌ନାଲ ଥିବାରୁ ଆର୍‌ଟିଓ ଅଫିସ ଗାଡ଼ି ଟ୍ରାଫିକ ଛକ ପାର ହେଉଥିବାବେଳେ ରେଡ ସିଗ୍‌ନାଲ ଥିବା ସତ୍ତ୍ୱେ ଦମ୍ପତି ହଠାତ୍ ରାସ୍ତା ପାର୍ ହେବାରୁ ଦୁର୍ଘଟଣା ଘଟିଲା ବୋଲି ଆର୍‌ଟିଓ-୨ର ଅଧିକାରୀ ସାମନ୍ତ ଜେନା କହିଛନ୍ତି।

ସୂଚନାନୁସାରେ ଆରଟିଓ-୨ ର ଏକ ବୋଲେରୋ ଗାଡ଼ିରେ ଅଧିକାରୀ ଜେନା ଜୟଦେବ ବିହାର ପାର୍ଶ୍ୱରୁ ପଟିଆସ୍ଥିତ ଅଫିସକୁ ଯାଉଥିବାବେଳେ ନାଲ୍‌କୋ ଟ୍ରାଫିକ ଛକରେ ଉକ୍ତ ଦମ୍ପତି ସ୍କୁଟି ଯୋଗେ ପଟିଆରୁ କଳିଙ୍ଗ ହସ୍ପିଟାଲ ରାସ୍ତାକୁ ଯିବା ବେଳେ ବୋଲେରୋ ସହ ଧକ୍କା ହୋଇଥିଲେ। ଫଳରେ ଦମ୍ପତି ଗାଡ଼ିରୁ ତଳେ ପଡ଼ିଯାଇ ଆହତ ହୋଇଥିଲେ। ସେମାନଙ୍କୁ ଉଦ୍ଧାର କରି ଲୋକେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ସ୍ୱାମୀଙ୍କୁ ମୃତ ଘୋଷଣା କରିଥିଲେ। ବାସନ୍ତୀ ଗୁରୁତର ଥିବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଖବର ପାଇ ମୈତ୍ରୀବିହାର ଥାନା ପୋଲିସ ବୋଲେରୋ ଓ ସ୍କୁଟି ଗାଡି ଜବତ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

# ସ୍ତ୍ରୀ ଆଗରେ ସ୍ୱାମୀଙ୍କୁ ହତ୍ୟା

କାମାକ୍ଷାନଗର,୩।୧୦
(ସୁଧୀର କୁମାର ପରିଡ଼ା)

ସ୍ତ୍ରୀ ଆଗରେ ଦୁର୍ବୃତ୍ତମାନେ ସ୍ୱାମୀଙ୍କୁ ପଥରରେ ଛେଚି ହତ୍ୟା କରିଛନ୍ତି। ଏପରି ଘଟଣା ଘଟିଛି ଢେଙ୍କାନାଳ ଜିଲା କଙ୍କଡାହାଡ଼ ଥାନା ଅନ୍ତର୍ଗତ ରୁପାବେଡ଼ା ଗାଁରେ। ମୃତବ୍ୟକ୍ତି ଜଣଙ୍କ ହେଲେ ଗଗନ ନାଏକ। ଏ ନେଇ ତାଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ରୁପାବେଡ଼ା ଗ୍ରାମର ଗଗନ ନାଏକ (୩୫) ଓ ସ୍ତ୍ରୀ ପିଙ୍କି ଦିନ ମଜୁରିଆ ଭାବେ କାମ କରନ୍ତି। ବୁଧବାର ସନ୍ଧ୍ୟାରେ କଙ୍କଡାହାଡ଼ରୁ ଉଭୟ କାମ ସାରି ଗ୍ରାମକୁ ଫେରୁଥିଲେ। ଗାଁ ମୁଣ୍ଡ କେନାଲ ନିକଟରେ ୩ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇଥିଲେ । ଅଟକାଇବାର କାରଣ ପଚାରିବାରୁ ସେମାନେ ଗଗନଙ୍କୁ ଅତି ନୃଶଂସ ଭାବରେ ପଥରରେ ଛେଚି ଆକ୍ରମଣ କରିଥିଲେ। ସ୍ତ୍ରୀ ପିଙ୍କି ପ୍ରତିରୋଧ କରିବାରୁ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ପରିବାର ଲୋକ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଦୁହିଁଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗଗନଙ୍କ ମୃତ୍ୟୁ ଘଟିଛି। ଏ ନେଇ ପିଙ୍କି କଙ୍କଡ଼ାହାଡ଼ ଥାନାରେ ଅଭିଯୋଗ କରିଛନ୍ତି। ସେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତିଯେ, ସେମାନେ ଘରକୁ ଫେରୁଥିବା ବେଳେ ରୁପାବେଡ଼ା ଗାଁର ୩ ଜଣ ଯୁବକ ଡିକୁ ପଧାନ, ବିଟୁନ ପଧାନ, ଶଙ୍କର ପଧାନ ତାଙ୍କ ସ୍ୱାମୀଙ୍କୁ ପଥରରେ ଛେଚି ହତ୍ୟା କରିଛନ୍ତି। ପୋଲିସ କାମାକ୍ଷାନଗର ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିଛି। ସାଇଣ୍ଟିଫିକ୍ ଟିମ୍ ଓ ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଜାରି ରଖିଛନ୍ତି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ କଳ୍ପନା ବେହେରା କହିଛନ୍ତି।

# ଓଏଲ୍‌ଏକ୍ସରେ ଫର୍ନିଚର କିଣିବାକୁ ଯାଇ ୧.୮୭ ଲକ୍ଷ ହରାଇଲେ ଯୁବକ

ଭୁବନେଶ୍ୱର,୩।୧୦
(ସୂର୍ଯ୍ୟକାନ୍ତ ବେହେରା)

ଓଏଲ୍‌ଏକ୍ସରେ ଫର୍ନିଚର ଜିନିଷ କିଣିବାକୁ ଯାଇ ଜଣେ ଯୁବକ ଠକାମିର ଶିକାର ହୋଇଛନ୍ତି। ଠକାମୀର ଶିକାର ହୋଇଥିବା ଯୁବକ ଜଣଙ୍କ ହେଲେ ଖଣ୍ଡଗିରି ଅଞ୍ଚଳର ସୌରଭକାନ୍ତ ସାହୁ। ସାଇବର ଅପରାଧୀମାନେ ତାଙ୍କଠାରୁ ବିଭିନ୍ନ ପର୍ଯ୍ୟାୟରେ ୧.୮୭ ଲକ୍ଷ ଟଙ୍କା ଲୁଟି ନେଇଥିବା ନେଇ ସେ ସାଇବର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତଙ୍କ ଆକାଉଣ୍ଟକୁ ଫ୍ରିଜ୍ କରିବାକୁ ଉଦ୍ୟମ ଚଳାଇଛି।

ସୌରଭଙ୍କ କହିବା ମୁତାବକ, ଓଏଲ୍‌ଏକ୍ସ ସାଇଟ୍ ଦେଖୁଥିବାବେଳେ ଏକ ଆଇଡିରେ ଫର୍ନିଚର ଜିନିଷ ବିକ୍ରି ହେବ ବୋଲି ବିଜ୍ଞାପନ ବାହାରିଥିବା ଜାଣିବାକୁ ପାଇଥିଲେ। ଉକ୍ତ ଆଇଡିରେ ଯୋଗାଯୋଗ କରିବାରୁ ସାଇବର ଅପରାଧୀ ସୌରଭଙ୍କୁ ଏକ ନମ୍ବର ଦେଇଥିଲେ। ଏହାପରେ ସୌରଭ ଉକ୍ତ ନମ୍ବରକୁ ଯୋଗାଯୋଗ କରିବାରୁ ସାଇବର ଅପରାଧୀ ଜଣଙ୍କ ନିଜକୁ ଆର୍ମି ଅଫିସର କହିବା ସହ ହାଇଦ୍ରାବାଦରେ ରହିଥିବା କହିଥିଲେ। ଚାକିରିରେ ଅନ୍ୟତ୍ର ବଦଳି ହୋଇଥିବାରୁ ଜିନିଷକୁ ବିକ୍ରି କରିବାକୁ କହିଥିଲେ। ଏହାପରେ ସାଇବର ଅପରାଧୀ ଜଣଙ୍କ ବିଶ୍ୱାସ ଜନ୍ମାଇ ସୌରଭଙ୍କଠାରୁ ପର୍ଯ୍ୟାୟ କ୍ରମେ ୧.୮୭ ଲକ୍ଷ ଟଙ୍କା ନେଇଯାଇଥିଲେ। ଏପରି କି ବାରମ୍ବାର ଫୋନ ଯୋଗେ ଅଧିକ ଟଙ୍କା ମାଗିବାରୁ ସନ୍ଦେହ ହେବାରୁ ସୌରଭ ଏନେଇ ସାଇବର ଥାନାର ଦ୍ୱାରସ୍ଥ ହୋଇଛନ୍ତି।

# ବନ୍ଧୁକ ଦେଖାଇ ଲୁଟିନେଲେ ୫୦ ହଜାର ଟଙ୍କାର କେନ୍ଦୁପତ୍ର






**ବୋଲେରୋ, ୨ ଡାଲା ଅଟୋରେ ଆସିଥିଲେ ୧୦ ଦୁର୍ବୃତ୍ତ**

ନୟାଗଡ଼/ଦଶପଲ୍ଲା,୩।୧୦ (ଲୋକନାଥ ମିଶ୍ର/ପ୍ରକାଶ କୁମାର ପାଣି)

ନୟାଗଡ଼ ଜିଲା ଦଶପଲ୍ଲା ବନାଞ୍ଚଳ ସାକେଣୀ କେନ୍ଦୁପତ୍ର ଫଡ଼ିରୁ ବୁଧବାର ରାତିରେ କେନ୍ଦୁପତ୍ର ଚୋରି ହୋଇଛି। କର୍ମଚାରୀମାନଙ୍କୁ ବନ୍ଧୁକ ଦେଖାଇ ୧୦ଜଣ ମୁଖାପିନ୍ଧା ଦୁର୍ବୃତ୍ତ ୫୦ ହଜାର ଟଙ୍କାର କେନ୍ଦୁପତ୍ର, ୨ ମୋବାଇଲ ଏବଂ ୭ହଜାର ଟଙ୍କା ଲୁଟି ନେଇଥିବା ଦଶପଲ୍ଲା ଥାନାରେ ଗୁରୁବାର ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ସରକାରଙ୍କ ପକ୍ଷରୁ କେନ୍ଦୁପତ୍ର ଫଡ଼ିରେ ପତ୍ର ବାନ୍ଧିବା ସହ ଭଲ ପତ୍ରଗୁଡ଼ିକୁ ବାଛି ରଖାଯାଉଥିଲା। ଏହି କାମରେ ୮ଜଣ କର୍ମଚାରୀ ନିୟୋଜିତ ହୋଇଥିଲେ। ବୁଧବାର ବିଳମ୍ବିତ ରାତିରେ ଗୋଟିଏ ବୋଲେରୋ ଏବଂ ୨ ଡାଲା ଅଟୋରେ ମୁଖା ପିନ୍ଧିଥିବା ୧୦ଜଣ ଯୁବକ ଆସି ପହଞ୍ଚି ଥିଲେ । ସେମାନେ ଫଡ଼ି ଭିତରେ ଜୋରଜବରଦସ୍ତ ପଶି ବନ୍ଧୁକ ଦେଖାଇ କର୍ମଚାରୀମାନଙ୍କୁ ଭୟଭୀତ କରି ଏକ ଘରେ ବନ୍ଦ କରି ଦେଇଥିଲେ। ଏହାପରେ ପତ୍ର ଫଡ଼ିରୁ ୭୦ ବିଡ଼ା ପତ୍ର, ୨ଟି ମୋବାଇଲ ଫୋନ୍, କର୍ମଚାରୀଙ୍କ ଦରମା ଟଙ୍କା ବାବଦରେ ଥିବା ୭ ହଜାର ଲୁଟି ନେଇ ଫେରାର ହୋଇଯାଇଥିଲେ। ଖବର ପାଇବା ପରେ ରେଞ୍ଜର ଆଶିଷ କୁମାର ସେନାପତି ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ପରେ ଦଶପଲ୍ଲା ଥାନାରେ ଏତଲା ଦେଇଥିଲେ। ଏ ସଂକ୍ରାନ୍ତରେ ଦଶପଲ୍ଲା ଥାନା ପୋଲିସ ମାମଲା(ନଂ.୨୭୪/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ନୟାଗଡ଼ ଏସ୍‌ଡିପିଓ ସୁଦର୍ଶନ ଗାଙ୍ଗୁଲି ଘଟଣାସ୍ଥଳ ପରିଦର୍ଶନ କରିଫେରିଛନ୍ତି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି।

# କଂଗ୍ରେସରେ ଯୋଗଦେଲେ ଭାଜପା ନେତା



ହରିୟାଣାର ମହେନ୍ଦ୍ରଗଡ଼ ଜିଲାରେ ଗୁରୁବାର କଂଗ୍ରେସ ପକ୍ଷରୁ ଅନୁଷ୍ଠିତ ଏକ ନିର୍ବାଚନୀ ସଭାରେ ରାହୁଲ ଗାନ୍ଧୀଙ୍କ ସହ ଦଳରେ ଯୋଗ ଦେଇଥିବା ପୂର୍ବତନ ଏମ୍‌ପି ଅଶୋକ ତନୱ୍ୱର ।

ଚଣ୍ଡିଗଡ଼,୩।୧୦

## ହରିୟାଣା ନିର୍ବାଚନର ୨ ଦିନ ପୂର୍ବରୁ ଘରବାହୁଡ଼ା

ହରିୟାଣା ବିଧାନସଭା ନିର୍ବାଚନର ୨ ଦିନ ପୂର୍ବରୁ ଗୁରୁବାର ଭାଜପାର ବରିଷ୍ଠ ନେତା ତଥା ପୂର୍ବତନ ଏମ୍‌ପି ଅଶୋକ ତନୱ୍ୱର କଂଗ୍ରେସରେ ଯୋଗ ଦେଇଛନ୍ତି। ମହେନ୍ଦ୍ରଗଡ଼ ଜିଲାରେ ଗୁରୁବାର କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ରାଲିରେ ଅଶୋକ ଦଳରେ ସାମିଲ ହୋଇଥିଲେ। ଅଶୋକଙ୍କର ଘରବାହୁଡ଼ା ହେଲା ବୋଲି ରାହୁଲ ମଞ୍ଚରେ ଘୋଷଣା କରିଥିଲେ। ସୂଚନାଯୋଗ୍ୟ, କଂଗ୍ରେସରେ ଯୋଗଦେବାର କିଛି ଘଣ୍ଟା ପୂର୍ବରୁ ସେ ଭାଜପା ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଥିଲେ। ଅଶୋକଙ୍କର ଏହା ଚତୁର୍ଥ ଦଳବଦଳ। ସେ ପ୍ରଥମେ କଂଗ୍ରେସରେ ଥିବାବେଳେ ବରିଷ୍ଠ ନେତା ଭୂପିନ୍ଦର ସିଂ ହୁଡ୍ଡାଙ୍କ ସହ ମତଭେଦ କାରଣରୁ ୨୦୧୯ରେ ଦଳ ଛାଡ଼ି କିଛିଦିନ ପାଇଁ ତୃଣମୂଳ କଂଗ୍ରେସକୁ ଯାଇଥିଲେ। ୨୦୨୨ ଏପ୍ରିଲରେ ସେ ଆମ୍ ଆଦ୍‌ମୀ ପାର୍ଟିରେ ସାମିଲ ହୋଇଥିଲେ। ଚଳିତ ବର୍ଷ ଜାନୁଆରୀରେ ସେ ଭାଜପାରେ ଯୋଗ ଦେଇଥିଲେ। ଲୋକ ସଭା ନିର୍ବାଚନରେ ଭାଜପାକୁ ୪୦୦ରୁ ଉର୍ଦ୍ଧ୍ୱ ଆସନ ହାସଲ ଦିଗରେ ଆମେ କାମ କରିବା ବୋଲି ସେତେବେଳେ ଅଶୋକ କହିଥିଲେ।

# ହରିୟାଣା ନିର୍ବାଚନ ପ୍ରଚାର ଶେଷ

ଚଣ୍ଡିଗଡ଼,୩।୧୦(ପି.ଟି.)

ଆସନ୍ତା ୫ ତାରିଖରେ ୯୦ ଆସନ ବିଶିଷ୍ଟ ହରିୟାଣା ବିଧାନସଭା ନିର୍ବାଚନ ହେବାକୁ ଯାଉଥିବାବେଳେ ଗୁରୁବାର ସନ୍ଧ୍ୟାରେ ହାଇଭୋଲ୍‌ଟେଜ୍ ପ୍ରଚାର ଶେଷ ହୋଇଛି। ଭାଜପା ସରକାର ବିରୋଧୀ ହାୱାକୁ ପ୍ରତିହତ କରି ପୁନର୍ବାର କ୍ଷମତାରେ ରହିବା ପାଇଁ ଆଶା ରଖିଥିବାବେଳେ ୧୦ ବର୍ଷ ପରେ କଂଗ୍ରେସ କ୍ଷମତାକୁ ଫେରିବା ଲାଗି ଆଶାବାଦୀ ରହିଛି। ୮,୮୨୧ ଜଣ ଶତାୟୁଙ୍କ ସମେତ ୨ କୋଟିରୁ ଉର୍ଦ୍ଧ୍ୱ ଭୋଟର ଶନିବାର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିବେ। ପ୍ରଚାର ଶେଷ ଦିନରେ ଭାଜପା, କଂଗ୍ରେସ, ଆମ୍ ଆଦ୍‌ମୀ ପାର୍ଟି, ଆଇଏନ୍‌ଏଲ୍‌ଡି–ବିଏସ୍‌ପି ଏବଂ ଜେଜେପି–ଆଜାଦ ସମାଜ ପାର୍ଟିର ତାରକା ପ୍ରଚାରକମାନେ ଭୋଟରମାନଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ସ୍ଥାନରେ ର୍ୟାଲି ଓ ରୋଡ୍‌ଶୋ' କରିଥିଲେ। ବରିଷ୍ଠ ଭାଜପା ନେତା ତଥା ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ପାଲୱାଲଠାରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ। ସେହିପରି କଂଗ୍ରେସ ଏମ୍‌ପି ଦୀପେନ୍ଦର ହୁଡ୍ଡା କାଲ୍‌କାଠାରେ କଂଗ୍ରେସ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ। ୫ ତାରିଖ ସକାଳ ୭ରୁ ମତଦାନ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ପଙ୍କଜ ଅଗ୍ରୱାଲ କହିଛନ୍ତି। ଏଥିପାଇଁ ୨୦,୬୨୯ ବୁଥ୍ କରାଯାଇଛି। ୮ ତାରିଖରେ ଜମ୍ମୁ–କଶ୍ମୀର ସମେତ ହରିୟାଣାରେ ଭୋଟଗଣତି କରାଯାଇ ଫଳାଫଳ ପ୍ରକାଶ ପାଇବ।

ନିର୍ବାଚନ କମିଶନ (ଇସି) ବୁଥ୍‌ଫେରନ୍ତା ଜନମତ ସର୍ଭେ (ଏକ୍‌ଜିଟ୍ ପୋଲ୍) ଉପରେ କଟକଣା ଲଗାଇଛନ୍ତି। ୫ ତାରିଖ ସନ୍ଧ୍ୟା ୬ଟାରେ ଭୋଟଗ୍ରହଣ ଶେଷ ହେବାକୁ ଥିବାବେଳେ ଏହି ସମୟ ମଧ୍ୟରେ ଛାପା ଗଣମାଧ୍ୟମ କିମ୍ବା ଇଲେକ୍ଟ୍ରୋନିକ୍ ମିଡିଆ ଜରିଆରେ ଏକ୍‌ଜିଟ୍ ପୋଲ୍ ଫଳାଫଳ ପ୍ରକାଶନ କିମ୍ବା ପ୍ରସାରଣ କରାଯାଇ ପାରିବ ନାହିଁ। ସନ୍ଧ୍ୟା ୬ଟା ୩୦ ପରେ ଏହି ଜନମତ ସର୍ଭେ ରିପୋର୍ଟ ପ୍ରକାଶ କରାଯାଇପାରିବ ବୋଲି ଇସି କହିଛନ୍ତି।

# ଇସ୍ତଫା ଦେବା ପ୍ରଶ୍ନ ଉଠୁନି: ବିଧାୟିକା ସୁଜାତା ସାହୁ

ଯାଜପୁର,୩।୧୦
(ହର୍ଷବର୍ଦ୍ଧନ ବେହେରା)

## ବବି ଯାଜପୁରର ବିକାଶ ପାଇଁ ଲଢ଼ିବେ, ଉପନିର୍ବାଚନ ନୁହେଁ



ସୁଜାତା ସାହୁ

ମୋର ଇସ୍ତଫା ଦେବାର ପ୍ରଶ୍ନ ଉଠୁନି, କିମ୍ବା ପ୍ରଣବ ପ୍ରକାଶ ଦାସ(ବବି) ଉପନିର୍ବାଚନ ଲଢ଼ିବେ ନାହିଁ। ସେ ଯାଜପୁରର ବିକାଶ ପାଇଁ ଲଢ଼ିବେ, ଉପନିର୍ବାଚନ ପାଇଁ ନୁହେଁ। ସେ କ୍ଷମତାଲୋଭୀ ନୁହନ୍ତି। ମିଶନ ଶକ୍ତି ମାଆ ହିସାବରେ ତାଙ୍କୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ସୁଯୋଗ ଦେଇଥିଲେ। ଏଭଳି ସ୍ଥିତିରେ ଉପନିର୍ବାଚନ ହେବାର ନାହିଁ ବୋଲି ଯାଜପୁର ବିଧାୟିକା ସୁଜାତା ସାହୁ ଗୁରୁବାର କହିଛନ୍ତି।

ବୁଧବାର ଯାଜପୁର ନିର୍ବାଚନମଣ୍ଡଳୀର କୁଆଁସ ମଙ୍ଗଳାପୀଠରେ ବିଜେଡି ପକ୍ଷରୁ ଅନୁଷ୍ଠିତ ଜନ ସମ୍ପର୍କ କାର୍ଯ୍ୟକ୍ରମରେ ଯୋଗଦେଇ ବବି ପୁଣି ଥରେ ଲଢ଼ିବାକୁ ପ୍ରସ୍ତୁତ ବୋଲି କହିଥିଲେ। ଏହାପରେ ବିଧାୟିକା ସାହୁଙ୍କ ଉପରୋକ୍ତ ମନ୍ତବ୍ୟ ବବିଙ୍କ ଆଶା ଆକାଂକ୍ଷାକୁ ମଳିନ କରିଦେଇଛି ବୋଲି ଚର୍ଚ୍ଚାର ବିଷୟ ହୋଇଛି। ବିଧାୟିକା ସାହୁଙ୍କ ଏହି ମନ୍ତବ୍ୟ ପରେ ବିଭିନ୍ନ ମହଲରୁ ଭିନ୍ନଭିନ୍ନ ମତ ପ୍ରକାଶ ପାଇଛି।

ଜନ ସମ୍ପର୍କ ସଭାରେ ସମର୍ଥକମାନଙ୍କ ଯୋଗଦାନ ଦେଖି ଶତସିଂହର ବଳ ଆସିଛି ବୋଲି ବବି କହିଥିଲେ। ସେ ଆହୁରି କହିଥିଲେ, ଯାଜପୁରର ବିକାଶ କରିବା ଯଦି ପାପ ହୁଏ, ତେବେ ଏଭଳି ପାପ ସେ ହଜାର ଥର କରିବେ। ଯଦି ସେ ଦୁର୍ନୀତି କରିଛନ୍ତି, ତେବେ ଆଜିଯାଏ ଜେଲ୍ ପଠାଇ ନାହାନ୍ତି କ'ଣ ପାଇଁ। ତାଙ୍କର ଜେଲ୍ ଯିବାକୁ ଡର ନାହିଁ, କିନ୍ତୁ ଯାଜପୁର ବିକାଶରେ ବାଧା ଦିଅ ନାହିଁ ବୋଲି ସେ କହିଥିଲେ। ଯାଜପୁର ନିର୍ବାଚନ ମଣ୍ଡଳୀରେ ଉପନିର୍ବାଚନ ଓ ବିଧାୟିକା ସାହୁଙ୍କ ଇସ୍ତଫାକୁ ନେଇ ଚର୍ଚ୍ଚା ଚାଲିଥିବା ବେଳେ ବବିଙ୍କ ଖୋଲା ମଞ୍ଚରେ ଏଭଳି ଘୋଷଣା ଯାଜପୁର ରାଜନୈତିକ ପାଣିପାଗକୁ ସରଗରମ କରିଛି। ଏ ସମ୍ପର୍କରେ ବିଧାୟିକା ସୁଜାତା ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ସେ ଇସ୍ତଫା ଦେବାର କୌଣସି କାରଣ ନାହିଁ। ଯାହାଙ୍କୁ ନେଇ ଚର୍ଚ୍ଚା ଚାଲିଛି,ତାଙ୍କ ତରଫରୁ କୌଣସି ସୂଚନା ବି ନାହିଁ। ଯେହେତୁ ଲୋକମାନେ ତାଙ୍କୁ ଆଗାମୀ ୫ବର୍ଷ ପାଇଁ ବିଧାୟିକା କରିଛନ୍ତି, ତେଣୁ ସେମାନଙ୍କ ସେବା କରିବା ମୋର ମୂଳ ଲକ୍ଷ୍ୟ ହେବ ।

ସୂଚନାଯୋଗ୍ୟ, ଗତ ସାଧାରଣ ନିର୍ବାଚନରେ ବବି ସମ୍ବଲପୁର ଲୋକସଭା ଆସନରୁ ପ୍ରାର୍ଥୀ ହୋଇଥିଲେ। ଯାଜପୁର ବିଧାନସଭା ନିର୍ବାଚନ ପାଇଁ ସୁଜାତା ସାହୁ ବିଜେଡି ପ୍ରାର୍ଥୀ ହୋଇ ୨୫୬୪ ଭୋଟ ବ୍ୟବଧାନରେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ଗୌତମ ରାୟଙ୍କୁ ହରାଇଥିଲେ। ଏହି କ୍ରମରେ ସୁଜାତା ସାହୁ ଜିଲାରେ ୫ମ ମହିଳା ବିଧାୟିକା ହେବାର ସୌଭାଗ୍ୟ ଅର୍ଜନ କରିଥିଲେ।

# ଝାଡ଼ଖଣ୍ଡ ନିର୍ବାଚନର ୱାର୍ ରୁମ୍ ସାଜିଛି ରାଜଭବନ: ବିଜେଡି

ଭୁବନେଶ୍ୱର, ୩।୧୦(ସୁନିତ୍ ମିଶ୍ର)

## ଶାସନରୁ ଯିବା ପରେ ବିଜେଡିର ମତିଭ୍ରମ ହୋଇଛି: ଭାଜପା

ନିକଟରେ ରାଜଭବନକୁ ଯାଇ ରାଜ୍ୟପାଳ ରଘୁବର ଦାସଙ୍କୁ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଭେଟିବା ଘଟଣାକୁ ନେଇ ଏବେ ରାଜନୀତି ଜୋର୍ ଧରିଛି। ବିଜେଡି ପକ୍ଷରୁ ଝାଡ଼ଖଣ୍ଡ ନିର୍ବାଚନ ସହ ରାଜଭବନରେ ଯୋଜନା ଚାଲିଛି ବୋଲି ଦାବି କରାଯାଇଛି। ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ୍ ପାତ୍ର କହିଛନ୍ତି, ଓଡ଼ିଶା ରାଜଭବନ ଝାଡ଼ଖଣ୍ଡ ନିର୍ବାଚନର ୱାର୍ ରୁମ୍ ସାଜିଛି। ଓଡ଼ିଶା ରାଜଭବନ ଏବେ ରାଜନୈତିକ ହବ୍ ପାଲଟିଛି। ହିମନ୍ତ ବିଶ୍ୱଶର୍ମା ଏବଂ ଭେଙ୍କୟା ନାଇଡୁ ନିକଟରେ ରାଜଭବନ ଆସିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ରାଜଭବନ ଯାଇ ଉଭୟ ନେତାଙ୍କୁ ଭେଟିଥିଲେ। ରାଜଭବନରୁ ଅଘୋଷିତ ନିର୍ଦ୍ଦେଶ ପାଇବା ପରେ ମୁଖ୍ୟମନ୍ତ୍ରୀ ଝାଡ଼ଖଣ୍ଡ ଗଲେ। ଚର୍ଚ୍ଚା ହେଉଛି ରାଜ୍ୟପାଳ ଝାଡ଼ଖଣ୍ଡ ନିର୍ବାଚନ ଲଢ଼ିବାକୁ ଯିବେ। ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ରେସ୍‌ରେ ରାଜ୍ୟପାଳ ଅଛନ୍ତି ବୋଲି ସସ୍ମିତ୍ କହିଛନ୍ତି।

ଏହାକୁ କାଉଣ୍ଟରକରି ଭାଜପା ମୁଖପାତ୍ର ମନୋଜ ମହାପାତ୍ର କହିଛନ୍ତି, ୨୪ ବର୍ଷ କ୍ଷମତାରେ ରହିବା ପରେ ଏବେ ଶାସନରୁ ପଳାଇଥିବାରୁ ବିଜେଡି ନେତାଙ୍କ ମତିଭ୍ରମ ହୋଇଗଲାଣି। ସେମାନଙ୍କୁ ସାମାନ୍ୟ ସୌଜନ୍ୟତା ବୁଝାପଡୁନାହିଁ। ବିଜେଡିରେ ଦିନକୁ ଦିନ ଗୋଷ୍ଠୀକନ୍ଦଳ ତୀବ୍ର ହେବାରେ ଲାଗିଛି। ଭୁବନେଶ୍ୱରରୁ ଆରମ୍ଭକରି ବିଭିନ୍ନ ସ୍ଥାନରେ ବିଶୃଙ୍ଖଳା ଦେଖିବାକୁ ମିଳୁଛି। ନେତା ଓ କର୍ମୀମାନେ ଏବେ ଦଳ ଛାଡ଼ିବାରେ ଲାଗିଛନ୍ତି। ଏଥିରୁ ଧ୍ୟାନ ହଟାଇବା ପାଇଁ ବିଜେଡି ଅପ୍ରସଙ୍ଗକୁ ପ୍ରସଙ୍ଗକରି ବିଳିବିଳି ହେଉଛି। ନିଜ ଘରେ ରାଜନୈତିକ ଅଶାନ୍ତିର ଅସନ୍ତୋଷ ଘଟୁଥିବାବେଳେ ରାଜଭବନକୁ 'ଫୋପଡ଼' ପକାଇବାକୁ ବିଜେଡି ପ୍ରୟାସ କରୁଛି। ରାଜ୍ୟପାଳଙ୍କୁ ଅନ୍ୟ ରାଜ୍ୟର ଜଣେ ମୁଖ୍ୟମନ୍ତ୍ରୀ ଭେଟିବା ସୌଜନ୍ୟତା ବା ବ୍ୟକ୍ତିଗତ ସମୀଚୀନ ହୋଇପାରେ। ଏହି ସାକ୍ଷାତକୁ ନେଇ ବିଜେଡିର ୨ ଜଣ ଏମ୍‌ପି ପ୍ରଶ୍ନ ଉଠାଇବାକୁ ଅସୌଜନ୍ୟତା କୁହାଯିବ। ଅତୀତରେ ନବୀନବାବୁଙ୍କୁ ଗୃହବନ୍ଦୀକରି ଅଣଓଡ଼ିଆ ଅଫିସରମାନେ ରାଜ୍ୟରେ ଶାସନ ଚଳାଉଥିଲେ। ସେତେବେଳେ ଏହି କୁହାଳିଆ ସାଂସଦମାନେ ଜଣେ ନିର୍ଦ୍ଦିଷ୍ଟ ଅଣଓଡ଼ିଆ ଅଫିସରଙ୍କର ପଦଲେହନ କରୁଥିଲେ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଝାଡ଼ଖଣ୍ଡ ନିର୍ବାଚନ ଦାୟିତ୍ୱରେ ଅଛନ୍ତି। ନିକଟରେ ସେ ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ଓଡ଼ିଶା ରାଜ୍ୟପାଳ ରଘୁବର ଦାସଙ୍କୁ ଭେଟିବା ଲାଗି ୨ ଘଣ୍ଟିଆ ରାଜ୍ୟ ଗସ୍ତରେ ଆସିଥିଲେ। ଏହି ଅବସରରେ ଏହା ତାଙ୍କର ବ୍ୟକ୍ତିଗତ ସ୍ତରର ଆଲୋଚନା ଲାଗି ଭେଟଘାଟ, ଏହା ସହ ଝାଡ଼ଖଣ୍ଡ ନିର୍ବାଚନର କୌଣସି ସମ୍ପର୍କ ନ ଥିବା କହିଥିଲେ। ଏହି ଅବସରରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମଧ୍ୟ ରାଜଭବନରେ ଥିଲେ। ଏହାର କିଛିଦିନ ଭିତରେ ମୋହନ ମାଝୀ ଝାଡ଼ଖଣ୍ଡ ପ୍ରଚାର ଲାଗି ଯିବା ପରେ ଏହାକୁ ନେଇ ରାଜନୀତି ଜୋର୍ ଧରିଛି।

## ବିଧାୟକଙ୍କୁ ଗାଳିଦେବାରୁ ହାତାହାତି

କଣାସ,୩।୧୦(ବିଭୂତି ଭୂଷଣ ତ୍ରିପାଠୀ)

ପୁରୀ ଜିଲା କଣାସ ପଞ୍ଚାୟତ ସମିତିର ନବମ ବୈଠକ ଗୁରୁବାର ପଞ୍ଚାୟତ ସମିତି ସଭାଗୃହରେ ଚାଲିଥିବା ସମୟରେ ବିଧାୟକଙ୍କ ଗୋଷ୍ଠୀ ଓ ବିରୋଧୀ ଗୋଷ୍ଠୀର ଶତାଧିକ ଯୁବକ ବାହାରେ ରହିଥିଲେ। ଏହି ସମୟରେ ବିରୋଧୀ ଗୋଷ୍ଠୀର କେତେଜଣ ଯୁବକ ସତ୍ୟାବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିକରିବାରୁ ବିଧାୟକଙ୍କ ଗୋଷ୍ଠୀର କେତେଜଣ ଯୁବକ ଏହାକୁ ବିରୋଧ କରିଥିଲେ। ପରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଯୁକ୍ତିତର୍କ ସହ ହାତାହାତି ଆରମ୍ଭ ହୋଇଯାଇଥିଲା। ଘଟଣାସ୍ଥଳରେ କଣାସ ଆଇଆଇସି ରାକେଶ ତ୍ରିପାଠୀ, ଏଏସ୍‌ଆଇ ଦେବୀପ୍ରସାଦ ଲେଙ୍କା, ଏସ୍‌ଆଇ କୃଷ୍ଣଚନ୍ଦ୍ର ବେହେରା ଉପସ୍ଥିତ ଥିବାରୁ ଉଭୟ ପକ୍ଷଙ୍କୁ ବୁଝାଶୁଝା କରି ଛାଡ଼ି ଦେଇଥିଲେ।

# ତାକତ ଅଛି ବିଜେଡି ଭାଡ଼ି ଖାଲି କରି ଦେଖାଅ: ବଦ୍ରି

ଭୁବନେଶ୍ୱର,୩।୧୦(ଅନିଲ ଦାସ)



ବଦ୍ରି ପାତ୍ର

ସାଧାରଣ ନିର୍ବାଚନରେ ପରାଜୟ ପରେ ବିଜେଡି ନେତାମାନେ ବିଭିନ୍ନ ଫର୍ମାଟରେ ରାଜ୍ୟର ଭାଜପା ସରକାରଙ୍କୁ କଡ଼ା ସମାଲୋଚନା କରିବାକୁ ପଛାଉ ନାହାନ୍ତି । ବିଜେଡି ନେତାମାନେ ଖୋଲାଖୋଲି ଭାବେ ରାଜ୍ୟ ସରକାର ଓ ଭାଜପାକୁ ଚ୍ୟାଲେଞ୍ଜ ଦେଇପାରିବା ପଣିଆ ଦେଖାଇବାକୁ ଆହ୍ୱାନ ଦେବାରେ ଲାଗିଛନ୍ତି।

ବୁଧବାର ବିଜେଡି ଜନସମ୍ପର୍କ ପଦଯାତ୍ରାରେ ବିଜେଡି ନେତା ପ୍ରଣବ ପ୍ରକାଶ ଦାସ ଭାଜପା ସରକାରଙ୍କୁ ଖୋଲା ଚ୍ୟାଲେଞ୍ଜ ଦେଇଥିବା ବେଳେ ଗୁରୁବାର ସମାନ ଢଙ୍ଗରେ ବରିଷ୍ଠ ବିଜେଡି ନେତା ବଦ୍ରି ପାତ୍ର ମଧ୍ୟ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ମଧ୍ୟ କଡ଼ା ଚ୍ୟାଲେଞ୍ଜ ଦେଇଛନ୍ତି। ତାକତ ଅଛି ତ ବିଜେଡିର ଭାଡ଼ି ଖାଲିକରି ଦେଖାଅ ବୋଲି ସେ ମନମୋହନଙ୍କୁ ଆହ୍ୱାନ ଦେଇଛନ୍ତି।

ରାଜ୍ୟ ସଭା ସଦସ୍ୟ ବିଜେଡି ଛାଡ଼ି ଭାଜପାରେ ମିଶିବା ପରେ ଧୀରେ ଧୀରେ ବିଜେଡିର ଭାଡ଼ି ଖାଲି ହୋଇଯିବ ବୋଲି ରାଜ୍ୟ ଭାଜପା ସଭାପତି ମନମୋହନ କହିଥିଲେ। ସେହିପ୍ରସଙ୍ଗରେ ବରିଷ୍ଠ ବିଜେଡି ନେତା ବଦ୍ରି ପାତ୍ର ଗଣମାଧ୍ୟମକୁ କହିଛନ୍ତି, ଯଦି ତାକତ ଅଛି, ବିଜେଡିକୁ ଖାଲିକରି କି ଦେଖାଅ। ବହୁତ ଲୋକ ଅନେକ କଥା କହିବେ। କିଏ କହିଲା ବେଳେ ଆମେ ଛିଡ଼ା ହୋଇ କ'ଣ କାହା ମୁହଁ ବନ୍ଦ କରିବୁ। ଏହି ସବୁ ନିରର୍ଥକ କଥା କହିବାର କିଛି ଅର୍ଥ ନ ଥାଏ । ବିଜୁ ଜନତା ଦଳ ଏକ ଆଞ୍ଚଳିକ ଦଳ। ଏତେ ବଡ଼ ଦଳକୁ ଖତମ୍ କରିବାର କାହାର ତାକତ ନାହିଁ। ଯଦି ତାକତ ଅଛି କରି ଦେଖାନ୍ତୁ। ଏପରି ବୟାନବାଜି କରିବାର କିଛି ଲାଭ ନାହିଁ ବୋଲି ବଦ୍ରି କହିଛନ୍ତି ।

# ୨ ସରପଞ୍ଚଙ୍କ ନାମରେ ଅନାସ୍ଥା ପ୍ରସ୍ତାବ



ଅନାସ୍ଥା ଆଣିଥିବା ଅର୍ତ୍ତଳ ପଞ୍ଚାୟତର ୱାର୍ଡମେମ୍ବର।

ଭବାନୀପାଟଣା,୩।୧୦ (ଉତ୍ତମ କୁମାର ଦାଶ)

## ଜିଲାପାଳଙ୍କୁ ଲିଖିତ ଅଭିଯୋଗ କଲେ ୱାର୍ଡମେମ୍ବର

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ପାଡ଼େପଦର ପଞ୍ଚାୟତର ସରପଞ୍ଚଙ୍କ ନାମରେ ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି ୭ ଜଣ ୱାର୍ଡମେମ୍ବର ଓ ସମିତିସଭ୍ୟ। ଏ ନେଇ ଗୁରୁବାର ସେମାନେ ଭବାନୀପାଟଣା ଆସି ଜିଲାପାଳଙ୍କୁ ଲିଖିତ ଅଭିଯୋଗ ଦେଇଛନ୍ତି। ତେବେ ଜିଲାପାଳ ଉପସ୍ଥିତ ନ ଥିବାରୁ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ ଏହାକୁ ଗ୍ରହଣ କରିଥିଲେ। ଅଭିଯୋଗ ଅନୁଯାୟୀ, ପାଡ଼େପଦର ସରପଞ୍ଚ ଭାବେ ସମ୍ବାରି ମାଝୀ ନିର୍ବାଚିତ ହୋଇଛନ୍ତି। ହେଲେ ଅନେକ ସମୟରେ ପଞ୍ଚାୟତର ସମସ୍ତ କାର୍ଯ୍ୟକ୍ରମରେ ତାଙ୍କ ସ୍ୱାମୀ ହସ୍ତକ୍ଷେପ କରୁଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଏହାକୁ ୱାର୍ଡମେମ୍ବରମାନେ ବିରୋଧ କଲେ ନାଲିଆଖି ଦେଖାଇ ଧମକ ଦେଉଛନ୍ତି। ତେଣୁ ଅନାସ୍ଥା ଆଣିଥିବା କହିଛନ୍ତି ସ୍ଥାନୀୟ ନାଏବ ସରପଞ୍ଚ ମହେନ୍ଦ୍ର ନାଏକ। ସେହିପରି ସମାନ ଅଭିଯୋଗ ଦେଖିବାକୁ ମିଳିଛି ଭବାନୀପାଟଣା ସଦର ବ୍ଲକର ଅର୍ତ୍ତଳ ପଞ୍ଚାୟତରେ। ଏଠାରେ ନିର୍ବାଚିତ ସରପଞ୍ଚ ଦସମତି ବେମାଲଙ୍କ ନାମରେ ଅନାସ୍ଥା ଆଣିଛନ୍ତି ସ୍ଥାନୀୟ ୱାର୍ଡମେମ୍ବର। ଅପରାହ୍ନରେ ଏହାକୁ ନେଇ ସେମାନେ ଜିଲାପାଳଙ୍କୁ ସାକ୍ଷାତ କରି ଲିଖିତ ଅଭିଯୋଗ ଦେଇଛନ୍ତି। ସରପଞ୍ଚଙ୍କ ମନମୁଖୀ କାର୍ଯ୍ୟ ଓ ପଞ୍ଚାୟତ କାର୍ଯ୍ୟରେ ତାଙ୍କ ସ୍ୱାମୀଙ୍କ ହସ୍ତକ୍ଷେପରେ ଅସନ୍ତୋଷ ହୋଇ ଅନାସ୍ଥା ଆଣିଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି।



ପାଡେପଦର ପଞ୍ଚାୟତର ୱାର୍ଡ ମେମ୍ବରମାନେ ଅତିରିକ୍ତ ଜିଲାପାଳଙ୍କୁ ଅଭିଯୋଗ ପତ୍ର ଦେଉଛନ୍ତି।

# ସ୍ମୃତିରେଖାଙ୍କ କାର୍ଯ୍ୟାଳୟରେ ଭଙ୍ଗାରୁଜା

ଧର୍ମଶାଳା/କାଏମା,୩।୧୦
(ବଟକୃଷ୍ଣ ପରିଡ଼ା/ ଶିବ ପ୍ରସାଦ ମହାନ୍ତି)

ଯାଜପୁର ଜିଲା ଧର୍ମଶାଳା ନିର୍ବାଚନମଣ୍ଡଳୀ ଅଧୀନ ଜାରକା ବଜାର ପାଖରେ ଥିବା ଭାଜପା ନେତ୍ରୀ ସ୍ମୃତିରେଖା ପହିଙ୍କ କାର୍ଯ୍ୟାଳୟରେ ବୁଧବାର ରାତିରେ ଭଙ୍ଗାରୁଜା ହୋଇଛି। କାର୍ଯ୍ୟାଳୟରେ ଲାଗିଥିବା ହୋର୍ଡିଂ ଓ ଝରକା କାଚକୁ ଦୁର୍ବୃତ୍ତ ଟେକାପଥର ଫିଙ୍ଗି ଭାଙ୍ଗିଦେଇଥିବା ଦେଖିବାକୁ ମିଳିଛି। ଏନେଇ ଗୁରୁବାର ସନ୍ଧ୍ୟାରେ ସ୍ମୃତିରେଖା ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିବା ସହ ଘଟଣାରେ ସମ୍ପୃକ୍ତ ଦୁର୍ବୃତ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଥାନା ଅଧିକାରୀ ତପନ କୁମାର ନାୟକଙ୍କ ନିକଟରେ ଦାବି କରିଛନ୍ତି।

ଗତ ସାଧାରଣ ନିର୍ବାଚନରେ ସ୍ମୃତିରେଖା ଧର୍ମଶାଳା ନିର୍ବାଚନମଣ୍ଡଳୀରୁ ଭାଜପା ବିଧାୟକ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ପରାଜିତ ହୋଇଥିଲେ। ଏବେ ସେ ଜାରକା ବଜାରରେ ଏକ ଭଡ଼ାଘରେ କାର୍ଯ୍ୟାଳୟ ଚଳାଇ ଆସୁଛନ୍ତି। ସକାଳୁ ଦଳର କାର୍ଯ୍ୟକର୍ତ୍ତା ପହଞ୍ଚିବା ପରେ କାର୍ଯ୍ୟାଳୟ ଭଙ୍ଗାରୁଜା ହୋଇଥିବା ଦେଖିବାକୁ ପାଇଥିଲେ। କାର୍ଯ୍ୟାଳୟ ମଧ୍ୟରେ ଅନେକ ଢେଲାପଥର ପଡ଼ିଥିଲା। କାର୍ଯ୍ୟାଳୟ ସମ୍ମୁଖରେ ଲାଗିଥିବା ବ୍ୟାନର ଚିରାଯାଇଛି। ତେବେ କିଏ ଓ କାହିଁକି ଏଭଳି କଲେ ତାହା ଜଣାପଡ଼ିନାହିଁ। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ସ୍ମୃତିରେଖାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିନାହିଁ।



ଜାରକା ବଜାର ପାଖରେ ଥିବା ଭାଜପା ନେତ୍ରୀ ସ୍ମୃତିରେଖାଙ୍କ କାର୍ଯ୍ୟାଳୟର ପୋଷ୍ଟର ଚିରା ଯାଇଛି।

# ଆଜି ଡିଙ୍କିଆ ନିର୍ବାଚନ, ପୋଲିସ ଛାଉଣୀରେ ପଞ୍ଚାୟତ

■୪ ବୁଥ୍ ସମ୍ବେଦନଶୀଳ
■ବୁଥ୍‌ରେ ପହଞ୍ଚିସାରିଛନ୍ତି ପୋଲିଂ ପାର୍ଟି

କୁଜଙ୍ଗ,୩।୧୦(ମନୋଜ ପ୍ରଧାନ)



ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ୍‌ର ବହୁ ଚର୍ଚ୍ଚିତ ଡିଙ୍କିଆ ପଞ୍ଚାୟତର ସରପଞ୍ଚ ଓ ୱାର୍ଡସଭ୍ୟାସଭ୍ୟଙ୍କ ନିମନ୍ତେ ଶୁକ୍ରବାର ଭୋଟ ଗ୍ରହଣ କରାଯିବ। ସକାଳ ୭ ଟାରୁ ଭୋଟ ଗ୍ରହଣ ଆରମ୍ଭ ହୋଇ ଅପରାହ୍ନ ୧ଟାରେ ସରିବ। ଏଥିନିମନ୍ତେ ପ୍ରଶାସନିକ ସ୍ତରରେ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଥିବାବେଳେ ମଧ୍ୟାହ୍ନ ସୁଦ୍ଧା ସମସ୍ତ ପୋଲିଂ ଦଳ ବୁଥ୍‌ରେ ପହଞ୍ଚି ସାରିଛନ୍ତି। ଶିଳ୍ପ ସପକ୍ଷ ଓ ବିପକ୍ଷକୁ ନେଇ ଏହି ପଞ୍ଚାୟତ ରାଜନୀତି ପ୍ରଭାବିତ। ଅତୀତରେ ବହୁବାର ଉଭୟ ଗୋଷ୍ଠୀ ମୁହାଁମୁହିଁ ହେବାର ନଜିର ରହିଛି। ସେ ଦୃଷ୍ଟିରୁ ଡିଙ୍କିଆ ପଞ୍ଚାୟତ ଉତ୍ତେଜନାପ୍ରବଣ ଅଞ୍ଚଳ ଭାବେ ପରିଚିତ।

ପଞ୍ଚାୟତର ୨୬ଟି ୱାର୍ଡ ମଧ୍ୟରୁ ତ୍ରିଲୋଚନପୁରର ୨ଟି ଓ ଡିଙ୍କିଆର ୨ଟି ୱାର୍ଡକୁ ଉତ୍ତେଜନାପ୍ରବଣ ଭାବେ ଚିହ୍ନଟ କରାଯାଇଛି ବୋଲି ଥାନା ଅଧିକାରୀ ରାଜକିଶୋର ବେହେରା କହିଛନ୍ତି। ଏହି ବୁଥ୍‌ଗୁଡ଼ିକରେ ସଶସ୍ତ୍ର ପୋଲିସ ମୁତୟନ କରାଯାଇଛି।

ଏହି ପଞ୍ଚାୟତରେ ହିଂସାମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ କରିବା ପାଇଁ ୫ ଡିଏସ୍‌ପି, ୧୨ ଇନ୍ସପେକ୍ଟର ପାହ୍ୟା ଅଧିକାରୀ ଉପସ୍ଥିତ ରହି ଆଇନ ଶୃଙ୍ଖଳା ପରିସ୍ଥିତି ଅନୁଧ୍ୟାନ କରିବେ। ଏଥିସହ ହିଂସା ଏଡ଼ାଇବା ପାଇଁ ୧୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ପଞ୍ଚାୟତ ଭିତରକୁ ବାହାର ଲୋକ ପ୍ରବେଶକୁ କଡ଼ାକଡି ଯାଞ୍ଚ କରାଯାଉଛି। ଗୁରୁବାର ଜଗତ୍‌ସିଂହପୁରର ଅତିରିକ୍ତ ଏସ୍‌ପି ଅମରେନ୍ଦ୍ର ପଣ୍ଡା ପହଞ୍ଚି ଆଇନ ଶୃଙ୍ଖଳା ପରିସ୍ଥିତି ଅନୁଧ୍ୟାନ କରିବା ସହ ତିର୍ତ୍ତୋଲ ଏସ୍‌ଡିପିଓ ଚିନ୍ମୟ ରାଉତ, ପାରାଦୀପ ଡିଏସ୍‌ପି ସନ୍ତୋଷ ଜେନା, ଅଭୟଚାନ୍ଦପୁର ଥାନା ଅଧିକାରୀ ରାଜକିଶୋର ବେହେରା, ଇନ୍ସପେକ୍ଟର କୁଳମଣି ସେଠୀ ପ୍ରମୁଖଙ୍କ ସହ ଆଲୋଚନା କରିଛନ୍ତି। ଏଥିସହ ଭୋଟ ଗ୍ରହଣ ନିମନ୍ତେ ନିୟୋଜିତ ସମସ୍ତ ସେକ୍ଟର ଅଫିସରଙ୍କ ସହ ନିର୍ବାଚନ ପରିଚାଳନା ଉପରେ ଆଲୋଚନା କରିଛନ୍ତି।

# ମହିଳାଙ୍କ ଏଓର୍ଟିକ ଷ୍ଟେନୋସିସ୍ ଚିକିତ୍ସାରେ ଟିଏଭିଆଇ ପ୍ରଭାବଶାଳୀ

ଭୁବନେଶ୍ୱର,୩।୧୦ (ବନ୍ଦନା ସେଠୀ)

ନେଟିଭ୍ ଭାଲଭୁଲାର୍ ରୋଗର ମୁଖ୍ୟ କାରଣ ବିବେଚନା କରାଯାଉଥିବା ସିଭିୟର ଏଓର୍ଟିକ ଷ୍ଟେନୋସିସ୍ (ଏଏସ୍) ବିଶ୍ୱବ୍ୟାପୀ ଅନେକ ଲକ୍ଷ ଲୋକଙ୍କୁ ପ୍ରଭାବିତ କରୁଥିବା ଦେଖିବାକୁ ମିଳୁଛି। ଏଏସ୍ ହୃତ୍‌ପିଣ୍ଡରୁ ରକ୍ତ ପ୍ରବାହକୁ ବ୍ୟାହତ କରିଥାଏ। ଏଥିଯୋଗୁ ଶ୍ୱାସକ୍ରିୟାରେ ବାଧା, ଛାତିରେ ଯନ୍ତ୍ରଣା ଏବଂ ହୃଦ୍‌ଘାତ ଭଳି ସମସ୍ୟା ବଢ଼ିଯାଏ। ଏହାକୁ ହୃଦ୍ ଭାଲ୍‌ଭଜନିତ ରୋଗର ଅନ୍ୟତମ ପ୍ରମୁଖ କାରଣ ବୋଲି ବିବେଚନା କରାଯାଉଛି। ବିଶେଷକରି ବୟସ୍କ ମହିଳାଙ୍କଠାରେ ଏହି ସମସ୍ୟା ଦେଖା ଦେଇଥାଏ। ହୃଦ୍ ଭାଲ୍‌ଭଜନିତ ରୋଗରେ ପୀଡ଼ିତ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତିଙ୍କୁ ଏହା ପ୍ରଭାବିତ କରିଥାଏ। ତେବେ ଟ୍ରାନ୍ସକ୍ୟାଥେଟର ଏଓର୍ଟିକ ଭାଲ୍‌ଭ ଇମ୍ପ୍ଲାଣ୍ଟେଶନ୍ (ଟିଏଭିଆଇ) ଏହି ରୋଗର ଚିକିତ୍ସା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ଲାଗିଛି।



ଡା. ମହେନ୍ଦ୍ର ପ୍ରସାଦ ତ୍ରିପାଠୀ
କ୍ଲିନିକାଲ ଡାଇରେକ୍ଟର ଆଣ୍ଡ୍ ହେଡ୍ କନସଲ୍‌ଟାଣ୍ଟ, କାର୍ଡିଓଲୋଜି, କେୟାର ହସ୍ପିଟାଲ, ଭୁବନେଶ୍ୱର

## ଟିଏଭିଆଇ: ଏକ ସର୍ବନିମ୍ନ ଆକ୍ରମଣାତ୍ମକ ବିକଳ୍ପ

ଟିଏଭିଆଇ ଜରିଆରେ ଫିମୋରାଲ ଧମନୀ ମାଧ୍ୟମରେ ପ୍ରବେଶ କରାଯାଇଥିବା କ୍ୟାଥେଟର ଏକ ନୂତନ ଏଓର୍ଟିକ ଭାଲ୍‌ଭକୁ ସ୍ଥାପନ କରିଥାଏ। ଏହି ସର୍ବନିମ୍ନ ଆକ୍ରମଣାତ୍ମକ ପ୍ରକ୍ରିୟା ଅସ୍ତ୍ରୋପଚାର ଆଘାତକୁ ହ୍ରାସ କରିଥାଏ। ଫଳରେ ହସ୍ପିଟାଲରେ ରହଣି ସମୟ ହ୍ରାସ ପାଇଥାଏ। ଏହା କମ୍ ସମୟ ମଧ୍ୟରେ ଆରୋଗ୍ୟ ପ୍ରଦାନ କରିଥାଏ। ବୟସ୍କ କିମ୍ବା ଏଭଳି ଅସୁବିଧା ଭୋଗୁଥିବା ବ୍ୟକ୍ତିଙ୍କ ସମେତ ଅସ୍ତ୍ରୋପଚାର ଜଟିଳତା ପାଇଁ ଅଧିକ ବିପଦ ଥିବା ରୋଗୀମାନେ ପ୍ରାୟତଃ ଟିଏଭିଆଇ ଚିକିତ୍ସା ଆପଣାଇଥାନ୍ତି। ଇଏସ୍‌ସି କଂଗ୍ରେସ-୨୦୨୪ରେ ଏ ସମ୍ପର୍କିତ ଏକ ଗବେଷଣାମୂଳକ ରିପୋର୍ଟ ଉପସ୍ଥାପନ କରାଯାଇଛି। ଏଥିରୁ ଜଣାପଡ଼ିଛି ଯେ ପାରମ୍ପରିକ ଅସ୍ତ୍ରୋପଚାର ତୁଳନାରେ ଟିଏଭିଆଇ ମହିଳାଙ୍କୁ ଉନ୍ନତ ଫଳ ଦେଇଥାଏ। ବିଶେଷକରି ଟିଏଭିଆଇ ଚିକିତ୍ସା ପଦ୍ଧତି ଗୁରୁତର ଏଏସ୍‌ରେ ପୀଡ଼ିତ ମହିଳାମାନଙ୍କଠାରେ ମୃତ୍ୟୁ ଓ ଷ୍ଟ୍ରୋକ୍ ହ୍ରାସ କରି ଡାକ୍ତରଖାନାରେ ପୁନଃ ଭର୍ତ୍ତି ହେବା ହାରକୁ କମାଇ ଦେଇଥାଏ ବୋଲି ଉକ୍ତ ଅଧ୍ୟୟନ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ଗମ୍ଭୀର ଏଓର୍ଟିକ ଷ୍ଟେନୋସିସ୍ ପୁରୁଷ ଏବଂ ମହିଳାଙ୍କୁ ସମାନ ଭାବରେ ପ୍ରଭାବିତ କରୁଥିଲେ ମଧ୍ୟ ଟିଏଭିଆଇ ଚିକିତ୍ସାର ଫଳାଫଳ ଲିଙ୍ଗ ଆଧାରରେ ଭିନ୍ନ ହୋଇପାରେ। ପୁରୁଷଙ୍କ ତୁଳନାରେ ମହିଳାମାନେ ଟିଏଭିଆଇରୁ ଅଧିକ ଲାଭବାନ ହେଉଥିବା ଦେଖିବାକୁ ମିଳୁଛି। ଅନେକ ବଡ଼ ପରୀକ୍ଷା ଓ ବିଶ୍ଳେଷଣରୁ ଜଣାପଡ଼ିଛି ଯେ, ଟିଏଭିଆଇ ନେଉଥିବା ମହିଳାଙ୍କ କ୍ଷେତ୍ରରେ କମ୍ ଜଟିଳତା, କମ୍ ମୃତ୍ୟୁ ହାର ଏବଂ ଶୀଘ୍ର ଆରୋଗ୍ୟ ଲାଭ ଦେଖିବାକୁ ମିଳୁଛି।

ଏହି ରୋଗର ଅନେକ କାରଣ ରହିଛି। ମହିଳାମାନଙ୍କର ସାଧାରଣତଃ ଛୋଟ ଏଓର୍ଟିକ ଆନୁଲି ରହିଥିବାରୁ ସେମାନଙ୍କୁ ଟିଏଭିଆଇ ଚିକିତ୍ସା ଆବଶ୍ୟକ ହୋଇଥାଏ। କାରଣ ଏହି ପ୍ରକ୍ରିୟାରେ ବ୍ୟବହୃତ ଛୋଟ ଭାଲ୍ୟୁଗୁଡ଼ିକ ଅଧିକ ପ୍ରଭାବଶାଳୀ। ଏହାବ୍ୟତୀତ ମହିଳାମାନେ ପେରିଫେରାଲ ଭାସ୍କୁଲାର ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ଥିବାରୁ ପାରମ୍ପରିକ ଅସ୍ତ୍ରୋପଚାରଜନିତ ବିପଦକୁ ମଧ୍ୟ ଏହା ବଢ଼ାଇପାରେ। କିନ୍ତୁ କ୍ୟାଥେଟର-ଆଧାରିତ ଟିଏଭିଆଇ ଚିକିତ୍ସା ପଦ୍ଧତି ଆପଣାଇଲେ ସମସ୍ୟା କମିଯାଇଥାଏ।

## ମହିଳାଙ୍କ ଜୀବନ ମାନରେ ଉନ୍ନତି

ମହିଳାଙ୍କ ପାଇଁ ଟିଏଭିଆଇର ଲାଭ ବଞ୍ଚିବା ହାରଠାରୁ ଅଧିକ। ଅଧିକାଂଶ ମହିଳା ଟିଏଭିଆଇ ପରେ ଉନ୍ନତ ମାନର ଜୀବନଯାପନ କରନ୍ତି। ସେମାନଙ୍କ ଜୀବନରେ କମ୍ ଲକ୍ଷଣ, ଉତ୍ତମ ଗତିଶୀଳତା ଏବଂ ଦୈନନ୍ଦିନ କାର୍ଯ୍ୟକଳାପରେ ଉନ୍ନତି ପରିଲକ୍ଷିତ ହୋଇଥାଏ। ଅସ୍ତ୍ରୋପଚାର ପରବର୍ତ୍ତୀ ଜଟିଳତା କମ୍ ରହିବାର ତାତ୍ପର୍ଯ୍ୟ ହେଉଛି ଅପରେଶନ୍ ପରେ ଜଟିଳତା କମିବା। ଏହା ଅଧିକ କୋ-ମର୍ବିଲିଟି ଥିବା ବୟସ୍କ ମହିଳାମାନଙ୍କ ପାଇଁ ବିଶେଷ ଗୁରୁତ୍ୱପୂର୍ଣ୍ଣ।

## ଟ୍ରାନ୍ସକ୍ୟାଥେଟର ଏଓର୍ଟିକ ଭାଲ୍‌ଭ ଇମ୍ପ୍ଲାଣ୍ଟେଶନ୍

ଟିଏଭିଆଇ ବିଶେଷକରି ମହିଳାଙ୍କଠାରେ ଗମ୍ଭୀର ଏଓର୍ଟିକ ଷ୍ଟେନୋସିସ୍ ଚିକିତ୍ସାରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି। ବଞ୍ଚିବା, ଆରୋଗ୍ୟ ହେବା ଏବଂ ଜୀବନର ଗୁଣବତ୍ତା ଦୃଷ୍ଟିରୁ ଉନ୍ନତ ଫଳ ସହିତ ସର୍ବନିମ୍ନ ଆକ୍ରମଣାତ୍ମକ ବୈଶିଷ୍ଟ୍ୟ ଏହାକୁ ଅନେକ ରୋଗୀଙ୍କ ପାଇଁ ଏକ ପସନ୍ଦଯୋଗ୍ୟ ବିକଳ୍ପରେ ପରିଣତ କରିଛି। ଗବେଷଣା ବିକଶିତ ହେବା ସହିତ ଟିଏଭିଆଇ ମହିଳାଙ୍କଠାରେ ଏଓର୍ଟିକ ଷ୍ଟେନୋସିସ୍ ପାଇଁ ଯତ୍ନର ମାପଦଣ୍ଡ ହୋଇପାରେ। ପାରମ୍ପରିକ ଅସ୍ତ୍ରୋପଚାର ପଦ୍ଧତି ତୁଳନାରେ ଏହା ଜରିଆରେ ଏକ ସୁରକ୍ଷିତ ଏବଂ ଅଧିକ ପ୍ରଭାବଶାଳୀ ଚିକିତ୍ସା ମିଳିପାରେ।

# ଜଙ୍ଗଲ, ବନ୍ୟପ୍ରାଣୀଙ୍କ ସୁରକ୍ଷା ସାମ୍ବିଧାନିକ ଦାୟିତ୍ୱ

ଭୁବନେଶ୍ୱର, ୩।୧୦ (ବନ୍ଦନା ସେଠୀ)



ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ଓ ଅନ୍ୟ ଅତିଥିମାନେ ଶୈଳେନ୍ଦ୍ର ନାରାୟଣ ଶତପଥୀଙ୍କୁ 'ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର' ପ୍ରଦାନ କରୁଛନ୍ତି।

## ୭୦ତମ ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ

- ଆସିବ 'ଆମ ଜଙ୍ଗଲ ଯୋଜନା'
- ୨ଜଣଙ୍କୁ 'ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର'

ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ଆମ ଦେଶର ସମ୍ବିଧାନ ପ୍ରଦତ୍ତ ଏକ ପ୍ରମୁଖ ଦାୟିତ୍ୱ ଓ କର୍ତ୍ତବ୍ୟ। 'ଜୀବେ ଦୟା' ଆମ ପୁରାତନ ସଂସ୍କୃତି ଓ ପରମ୍ପରାର ମୂଳମନ୍ତ୍ର। ମାନବ ସମାଜ ଓ ବନ୍ୟପ୍ରାଣୀ ଓତପ୍ରୋତ ଭାବେ ଜଡ଼ିତ। ମାନବ ସମାଜ ତିଷ୍ଠି ରହିବା ପାଇଁ ଏହି ପ୍ରାକୃତିକ ଭାରସାମ୍ୟ ଅପରିହାର୍ଯ୍ୟ ବୋଲି ଜଙ୍ଗଲ, ପରିବେଶ, ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ କହିଛନ୍ତି। ଗୁରୁବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ୭୦ତମ ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ କହିଲେ, ଓଡ଼ିଶାର ଭୌଗୋଳିକ ଆୟତନର ୩୭.୨୧ ପ୍ରତିଶତ ବନାଞ୍ଚଳ ଦ୍ୱାରା ଆଚ୍ଛାଦିତ, ଯାହା ଜାତୀୟ ହାର ୨୪ ପ୍ରତିଶତଠାରୁ ଯଥେଷ୍ଟ ଅଧିକ। ଏଠାରେ ୩ହଜାରରୁ ଅଧିକ ପ୍ରଜାତିର ଉଦ୍ଭିଦ ସହ ୧୧୪ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ, ୫୩୭ ପ୍ରଜାତିର ପକ୍ଷୀ, ୨୯ ପ୍ରଜାତିର ଉଭୟଚର ପ୍ରାଣୀ ଏବଂ ୧୨୯ ପ୍ରକାରର ସରୀସୃପ ଦେଖାଯାଆନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ କହିଲେ, ରାଜ୍ୟର ମାତ୍ର ୫.୬୯% ଅଞ୍ଚଳରେ ରହୁଥିବା ଜୀବଜନ୍ତୁଙ୍କ ସୁରକ୍ଷା ମୁଖ୍ୟ ଆହ୍ୱାନ ପାଲଟିଛି। ଶିମିଳିପାଳରେ ବାଘଙ୍କ ସୁରକ୍ଷା ପାଇଁ ଡେଡିକେଟେଡ୍ ଫୋର୍ସ ବ୍ୟବସ୍ଥା କରାଯାଇଛି। ମଞ୍ଜାବନ୍ଧରେ କଳା ବାଘ ସଫାରି କରାଯିବ। ହାତୀ ଉପରେ ନଜର ରଖିବାକୁ ରେଡିଓ କଲାର୍ କରାଯାଉଛି। ସେହିପରି ଗୋଠଛଡ଼ା ଅମାନିଆ ହାତୀଙ୍କୁ କୁମକୀ ଟ୍ରେନିଂ ଦିଆଯାଉଛି। ସବୁଠାରୁ ବଡ଼ ପଦକ୍ଷେପସ୍ୱରୂପ ବନ୍ୟଜନ୍ତୁଙ୍କ ସୁରକ୍ଷା ପାଇଁ ସ୍ୱେଚ୍ଛାକୃତ ଗ୍ରାମ ସ୍ଥାନାନ୍ତର କାର୍ଯ୍ୟକ୍ରମ କରାଯାଉଛି। ସେହିପରି ତୃଣଭୂମି ସୃଷ୍ଟି କରିବା ସହିତ 'ଆମ ଜଙ୍ଗଲ ଯୋଜନା' ଭଳି କିଛି ନୂଆ ଜୀବନ ଜୀବିକା ଯୋଜନାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିବେ ବୋଲି ସାହୁ କହିଛନ୍ତି। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ବନବାହିନୀ ମୁଖ୍ୟ ଦେବୀଦତ୍ତ ବିଶ୍ୱାଳ କହିଲେ, ପ୍ରତିବର୍ଷ ବନ୍ୟପ୍ରାଣୀ-ମନୁଷ୍ୟ ସଂଘର୍ଷରେ ୧୬୦-୧୮୦ ଜଣଙ୍କର ମୃତ୍ୟୁ ହେଉଛି। ହାତୀ ଦ୍ୱାରା ସର୍ବାଧିକ ମୃତ୍ୟୁ ହେଉଥିବାବେଳେ, ଦ୍ୱିତୀୟରେ କୁମ୍ଭୀର ଏବଂ ତୃତୀୟରେ ଭାଲୁ ଆକ୍ରମଣ ରହିଛି। ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ତଥା ପିସିସିଏଫ୍ ସୁଶାନ୍ତ ନନ୍ଦ ସ୍ୱାଗତ ଭାଷଣ ଦେଇ ବନ୍ୟପ୍ରାଣୀ ସଂଘର୍ଷରେ ମୃତକଙ୍କ ପରିବାରକୁ ମିଳୁଥିବା କ୍ଷତିପୂରଣ ରାଶି ବଢ଼ାଇବା ପାଇଁ ସେ ପ୍ରସ୍ତାବ ଦେଇଥିଲେ।

ଏହି ଅବସରରେ ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବାଲେଶ୍ୱରର ଡ. ସିଦ୍ଧାର୍ଥ ପତି ଓ ବଲାଙ୍ଗୀରର ଶୈଳେନ୍ଦ୍ର ନାରାୟଣ ଶତପଥୀଙ୍କୁ ରାଜ୍ୟସ୍ତରୀୟ 'ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର' ଦିଆଯାଇଥିଲା। ଅତିଥିଙ୍କ ଦ୍ୱାରା ୫ଟି ପୁସ୍ତକ ଲୋକାର୍ପିତ ହେବା ସହ ୫ଟି ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ରାଜ୍ୟ ବନ୍ୟପ୍ରାଣୀ ଅପରାଧ ଡାଟାବେସ୍ ପରିଚାଳନା ପୋର୍ଟାଲ 'ପ୍ରହାର' ଏବଂ ସାପ ଉଦ୍ଧାର ଓ ଥଇଥାନ ପୋର୍ଟାଲ 'ସର୍ପ' ଉନ୍ମୋଚିତ ହୋଇଥିଲା। ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ତଥା ନନ୍ଦନକାନନ ନିର୍ଦ୍ଦେଶକ ଡ. ମନୋଜ ଭି. ନାୟାର ଧନ୍ୟବାଦ ଦେଇଥିଲେ।

# ଜିଲାଭିତ୍ତିକ ନିଯୁକ୍ତି ଦାବିରେ ଆଜି ଅବିଭକ୍ତ କୋରାପୁଟ ଜିଲା ବନ୍ଦ

କୋରାପୁଟ,୩।୧୦ (ଅମିତାଭ ବେହେରା)

ଜିଲାଭିତ୍ତିକ ନିଯୁକ୍ତି ଦାବିରେ ଶୁକ୍ରବାର ଅବିଭକ୍ତ କୋରାପୁଟ ଜିଲା ୧୨ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି। ବିଭିନ୍ନ ସଂଗଠନ ପକ୍ଷରୁ ଏହି ଡାକରା ଦିଆଯାଇଥିବା ଜଣାପଡ଼ିଛି। ଏଥିରେ ସମସ୍ତ ଦୋକାନବଜାର, ସ୍କୁଲକଲେଜ ଓ ଅନ୍ୟାନ୍ୟ ପ୍ରତିଷ୍ଠାନ ଆଦି ବନ୍ଦ ରହିବା ନେଇ ସୂଚନା ମିଳିଛି। ନିଜ ଜିଲାରେ ପିଲାଙ୍କୁ ନିଯୁକ୍ତି ଦାବିରେ ଏହି ବନ୍ଦ ଡାକରା ଦିଆଯାଇଛି।

# ହାତୀ ଆକ୍ରମଣରେ ଗଜସାଥୀ, ବନରକ୍ଷୀ ଗୁରୁତର

ବଣାଇଁ,୩।୧୦ (ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ବଣାଇଁ ବନଖଣ୍ଡ ତଥା କୁଳିପୋଷ ରେଞ୍ଜ ଅଧୀନ ଗଣିଘଷା ନିକଟରେ ବୁଧବାରଠାରୁ ଘୂରି ବୁଲୁଥିବା ୪ ଟିକିଆ ହାତୀ ପଲ ସମ୍ପର୍କରେ ସୂଚନା ପାଇ ବନ ବିଭାଗ ପକ୍ଷରୁ ଗୁରୁବାର ଟ୍ରାକିଂ ଓ ଘଉଡାଇବା କାର୍ଯ୍ୟ ଚାଲିଥିଲା। ହାତୀଙ୍କ ବାସ୍ତବିକ ସ୍ଥିତି ଜଣାପଡୁ ନ ଥିବା ଯୋଗୁ ବନ କର୍ମଚାରୀ ହାତୀ ସମ୍ମୁଖରେ ପଡ଼ି ଯାଇଥିଲେ। ହାତୀଙ୍କ ଆକ୍ରମଣରେ ଜଣେ ଗଜସାଥୀ ଓ ବନରକ୍ଷୀ ଗୁରୁତର ହୋଇଛନ୍ତି। ଗଜସାଥୀଙ୍କୁ ହାତୀ ଶୁଣ୍ଢରେ ଧରି କଚାଡ଼ିବା ଯୋଗୁ ତାଙ୍କ ହାତ ଭାଙ୍ଗିବା ସହିତ ମୁଣ୍ଡ, ମୁହଁ, ଆଖି କ୍ଷତାକ୍ତ ହୋଇଛି। ସେମାନେ ହେଲେ କୁଳିପୋଷ ରେଞ୍ଜ ଗଣିଘଷା ଗ୍ରାମର ଗଜସାଥୀ ସନ୍ତୋଷ ମୁଣ୍ଡା ଓ ବରସୁଆଁ ରେଞ୍ଜର ବନରକ୍ଷୀ ଅନିରୁଦ୍ଧ ବେହେରା। ବନବିଭାଗ ଦୁହିଁଙ୍କୁ ଉଦ୍ଧାର କରି ପ୍ରଥମେ ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।


**ପୂର୍ବ ତଟ ରେଳପଥ**
ରାଜ୍ୟ ସରକାରଙ୍କ ଅବସରପ୍ରାପ୍ତ ଅଧିକାରୀଙ୍କ ପୁନଃ ନିଯୁକ୍ତି ପାଇଁ ସାଙ୍କେତିକ ବିଜ୍ଞପ୍ତି
ଖାଲି ପଦବୀ ବିଜ୍ଞପ୍ତି ସଂ.-02/2024
ECoR/Pers/04/Engg./HQ/Re-Eng./Retd./State-Gov. Revenue/Forest Official/24 ତା.26.09.2024ରିଖ
ମୁଖ୍ୟ ପ୍ରଶାସନିକ ଅଧିକାରୀ / ନିର୍ମାଣ / ପୂର୍ବ ତଟ ରେଳପଥ / ଭୁବନେଶ୍ୱର ଅଧୀନରେ ଜମି ଅଧିଗ୍ରହଣ ସହିତ ଜଡ଼ିତ ଥିବା ସ୍ଥାନଗୁଡ଼ିକରେ ରେଳ ପ୍ରକଳ୍ପଗୁଡ଼ିକରେ ରେଳ ସେବାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଚୁକ୍ତି ଭିତ୍ତିରେ ରାଜ୍ୟ ସରକାରଙ୍କ ଅବସରପ୍ରାପ୍ତ ଅଧିକାରୀଙ୍କ ନିଯୁକ୍ତି।
ପଦବୀ - ପରାମର୍ଶଦାତା (ଜମି ଅଧିଗ୍ରହଣ ଅଧିକାରୀ) / ସହକାରୀ ଜଙ୍ଗଲ ସଂରକ୍ଷକ / ଫରେଷ୍ଟ ରେଞ୍ଜର।
ଖାଲି ପଦବୀ ସଂ. 04 (ଚାରି)
ବିଧିବଦ୍ଧ ଭାବେ ପୂରଣ ହୋଇଥିବା ଦରଖାସ୍ତକୁ ଏକ ଲଫାଫାରେ ଭର୍ତ୍ତି କରି ତାହାକୁ ପ୍ରମୁଖ ମୁଖ୍ୟ କାର୍ମିକ ଅଧିକାରୀ, ପୂର୍ବ ତଟ ରେଳପଥ, ଦ୍ୱିତୀୟ ମହଲା, ଦକ୍ଷିଣ ବ୍ଲକ୍, ରେଳ ସଦନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା-751017 ଙ୍କ କାର୍ଯ୍ୟାଳୟ ଠିକଣାରେ ପଠାଯିବା ଆବଶ୍ୟକ। ଲଫାଫା ଉପରେ "ପରାମର୍ଶଦାତା (ଜମି ଅଧିଗ୍ରହଣ ଅଧିକାରୀ) / ସହକାରୀ ଜଙ୍ଗଲ ରକ୍ଷକ / ଫରେଷ୍ଟ ରେଞ୍ଜର ପଦବୀ ନିମନ୍ତେ ଦରଖାସ୍ତ" ଲେଖାଯିବା ଉଚିତ୍।
ଆବେଦନଗୁଡ଼ିକ ଗ୍ରହଣ କରିବାର ଶେଷ ତାରିଖ 25.10.2024
ଶିକ୍ଷାଗତ ଯୋଗ୍ୟତା / ଉପଯୁକ୍ତତା, ବୟସ, ପାରିଶ୍ରମିକ, ନିଯୁକ୍ତି ଅବଧି, ଦରଖାସ୍ତ ଫର୍ମାଟ ଏବଂ ଅନ୍ୟ ବିସ୍ତୃତ ନିୟମ ଓ ସର୍ତ୍ତାବଳୀ ନିମନ୍ତେ ଦୟାକରି ୱେବ୍‌ସାଇଟ : www.eastcoastrail.indianr ailways.gov.in (About us > HQ Departments > Personnel > Notification) ଅବଲୋକନ କରନ୍ତୁ।
ପ୍ରମୁଖ ମୁଖ୍ୟ କାର୍ମିକ ଅଧିକାରୀ, ମୁଖ୍ୟାଳୟ / ପୂର୍ବ ତଟ ରେଳପଥ, ଭୁବନେଶ୍ୱର
PR-575/P/24-25

**The Odisha Small Industries Corporation Ltd.**
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No.CAD-1268: OSIC GST No. 21AAACO2101M1Z1

**e-Procurement Notice**
Tender Notice No.3106/Mkt. Date: 01.10.2024
The Odisha Small Industries Corporation Ltd. (OSIC) (A Govt. of Odisha Undertaking), Industrial Estate, Madhupatna, Cuttack - 753 010, Odisha invites Tenders in sealed cover under two bid system *i.e.*, Technical Bid & Price Bid for "Supply & installation of Furniture & Water Purification System to Government Women's College, Sundargarh" as per specification," in ONLINE MODE.

| Date of Commencement of Tender | Last Date & Time of online submission and receipt of Tender | Date & Time for online opening of Tender | Cost of Tender Paper + GST@18%(Rs) |
|---|---|---|---|
| 01/10/2024 05:00PM | 22/10/2024 at 5.30 PM | 23/10/2024 at 3.30 PM | (Rs. 6000/-) |

The tender notice may be downloaded from http://tendersorissa.gov.in./ website: www.osicltd.in and the same can be submitted ONLINE along with cost of Tender Paper in shape of Bank Draft. Any corrigendum / addendum / information relating to this NIT will only be uploaded in above websites which will not be published in Newspapers.
The bidders have to participate in ONLINE bidding only. Further details can be seen from the website:http://tendersorissa.gov.in/ www.osicltd.in. All future corrigendum will be available on ONLINE MODE ONLY.
Sd/-
GENERAL MANAGER(O)
OIPR-14073/11/0007/2425

**Expression of Interest**
No. PP-32: "**Expression of Interest**" in sealed cover is hereby invited from organisations for the following activities of upcoming **19th Toshali National Crafts Mela to be held from 01.12.2024 to 12.12.2024 at Janata Maidan, Bhubaneswar.**
1. Operating Play Zone.
2. Providing Canteen Service.
3. Participating in the Food Court.
For details of EOI, TOR etc please visit the website: www.sidacodisha.org.in, www.crafts.odisha.gov.in, www.odisha.gov.in/textiles. For furthur details please contact the office of SIDAC , Handicrafts Complex, Gandamunda, Khandagiri, Bhubaneswar. Ph: 0674-2350318. The details of EOI will be available in the website w.e.f. 04.10.2024.
Sd /-
Member Secretary
State Institute for Development of Arts & Crafts
Handlooms, Textiles & Handicrafts Department, Govt. of Odisha
Handicrafts Complex, Gandamunda, Bhubaneswar-751030
SIDAC Tel. No.+91 (0)674 2350318,E-mail: sidacorissa@gmail.com, www.sidacodisha.org.in
OIPR-31036/11/0010/2425

**ODISHA HYDRO POWER CORPORATION LTD**
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
OHPC
**OFFICE OF THE GENERAL MANAGER (EL.)**
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
No.CAD-1273 WEB: www.ohpcltd.com ☏ (0663) 2460661, Email-hpschiplima@yahoo.in, Fax No. (0663) 2460505
No.-CHEP/TW-311 (Vol.-III)/4173 Date: 03.10.2024
**TENDER CALL NOTICE NO.-CHEP-35/2024-25**
Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes for below mentioned work from the 'D' & 'C' Class of contractors registered with the State Govt. of Odisha and contractors of equivalent grade / class registered with Central Govt. / MES / Railway for execution of civil works.

| Description | Cost of Tender Paper (Non-Refundable) | Estimated Cost / EMD (Refundable) |
|---|---|---|
| Renovation of Sewerage System at Power House, CHEP, Chiplima | Rs.2,360.00 (Rs.2,000.00 + GST@18%) | Rs.3,26,822.00 / EMD = Rs.3,270.00 |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com from dtd.07.10.2024 up to 12:30 PM of dtd.21.10.2024.
OIPR-04006/11/0033/2425 Sd/- C & P Head, CHEP, Chiplima

**ଦ.ପୂ. ରେଳପଥ - ଟେଣ୍ଡର**
ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଏସ୍‌ଇଆର୍-ସିଓଏନ୍-ଡିଓ୍ୱାଇ ସିଇ-ସିଜେଏସ୍‌ଜି-୦୧-୨୦୨୪ । ସମାପ୍ତି ତାରିଖ: ୨୫।୧୦।୨୦୨୪ । କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା: ଡେପୁଟି ଚିଫ୍ ଇଞ୍ଜିନିୟର/(ସିଓଏନ୍), ଝାରସୁଗୁଡ଼ା, ଦ.ପୂ. ରେଳପଥଙ୍କ ଅଧୀନରେ ୟାର୍ଡ ରିମଡେଲିଂ କାର୍ଯ୍ୟ ସଂକ୍ରାନ୍ତରେ ଏସ୍ ଆଣ୍ଡ ଟି ଷ୍ଟେଟ୍ ପ୍ଲାନ୍ ଅନୁଯାୟୀ ଝାରସୁଗୁଡ଼ା ପାସେଞ୍ଜର ଓ ଗୁଡ୍‌ସ ୟାର୍ଡର ମୁଖ୍ୟ ଲାଇନ୍ ଓ ଲୁପ୍ ଲାଇନ୍ ଉପରେ ଟ୍ରାକ୍ ଲିଙ୍କିଙ୍ଗ୍ କାର୍ଯ୍ୟରେ ଇନ୍-ସିଟୁ ଗୁଡ୍ ଜଏଣ୍ଟଗୁଡ଼ିକର ଯୋଗାଣ, ସ୍ଥାପନ ଏବଂ ଫିକ୍ସିଂ। (ଆନୁମାନିକ ମୂଲ୍ୟ: ଟ.୨.୭୧ କୋଟି, ବିଡ୍ ଅମାନତ: ଟ.୨,୮୫,୩୦୦.୦। ସମାପ୍ତି ଅବଧି: ୧୨ ମାସ) । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: "ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି ।" (PR-670)

**ମୋରାରଜୀ ଦେସାଇ ଜାତୀୟ ଯୋଗ ଅନୁଷ୍ଠାନ**
ଆୟୁଷ ମନ୍ତ୍ରଣାଳୟ, ଭାରତ ସରକାର
୬୮, ଅଶୋକ ରୋଡ୍, ନୂଆଦିଲ୍ଲୀ-୧୧୦୦୦୧
ଫୋନ୍: ୦୧୧-୨୩୭୩୦୪୧୮, ୨୩୩୫୧୦୯୯, ୨୩୭୨୧୪୭୨ ଟେଲିଫାକ୍ସ: ୦୧୧-୨୩୭୧୧୬୫୭
ଇ-ମେଲ୍: dir-mdniy@nic.in ୱେବ୍‌ସାଇଟ୍: www.yogamdniy.nic.in
ମୋରାରଜୀ ଦେସାଇ ଜାତୀୟ ଯୋଗ ଅନୁଷ୍ଠାନ (ଏମ୍‌ଡିଏନ୍‌ଆଇୱାଇ)ରେ ନିମ୍ନପ୍ରଦତ୍ତ ପଦବୀଗୁଡ଼ିକରେ କାମ କରିବା ନିମନ୍ତେ ଡେପୁଟେଶନରେ ନିୟୋଜନ ଲାଗି ଯୋଗ୍ୟ ପ୍ରାର୍ଥୀମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଛି:

| କ୍ର.ସଂ. | ପଦବୀର ନାମ | ପଦବୀ ସଂଖ୍ୟା/ବର୍ଗ | ବେତନ ହାର |
|---|---|---|---|
| ୧ | ବରିଷ୍ଠ ସ୍ୱାସ୍ଥ୍ୟ ଅଧିକାରୀ (ଏସ୍‌ଏମ୍‌ଓ) | ୦୧ (ୟୁଆର୍)* | ସ୍ତର-୧୧ (ଟ.୬୭୭୦୦-୨୦୮୭୦୦) + ଏନ୍‌ପିଏ |
| ୨ | ଉପ ନିର୍ଦ୍ଦେଶକ (ଏଫ୍ ଆଣ୍ଡ ଏ) | ୦୧ (ୟୁଆର୍)* | ସ୍ତର-୧୧ (ଟ.୬୭୭୦୦-୨୦୮୭୦୦) |

*ଉପରୋକ୍ତ ପଦବୀଗୁଡ଼ିକ ପାଇଁ ନିଯୁକ୍ତି ପଦ୍ଧତି - ଡେପୁଟେଶନ ଯୋଗେ
ପଦବୀ ପୂରଣ ପାଇଁ ଯୋଗ୍ୟତା, ଅଭିଜ୍ଞତା, ବୟସ ଇତ୍ୟାଦିର ବିବରଣୀ ତଥା ଅନ୍ୟାନ୍ୟ ନିୟମ ଓ ସର୍ତ୍ତାବଳୀ ଅନୁଷ୍ଠାନର ୱେବ୍‌ସାଇଟ୍ www.yogamdniy.nic.in ଏବଂ ଆୟୁଷ ମନ୍ତ୍ରଣାଳୟର ୱେବ୍‌ସାଇଟ୍ www.ayush.gov.inରୁ ହାସଲ କରାଯାଇପାରିବ । ପୂରଣ ହୋଇଥିବା ଆବେଦନକୁ ନିର୍ଦ୍ଦେଶକ, ମୋରାରଜୀ ଦେସାଇ ଜାତୀୟ ଯୋଗ ଅନୁଷ୍ଠାନ (ଏମ୍‌ଡିଏନ୍‌ଆଇୱାଇ), ଆୟୁଷ ମନ୍ତ୍ରଣାଳୟ, ଭାରତ ସରକାର, ୬୮, ଅଶୋକ ରୋଡ୍, ନୂଆଦିଲ୍ଲୀ-୧୧୦୦୦୧ ଠିକଣାରେ ଏକ ଜଉମୁଦଦିଆ ଲଫାପାର ଉପରିଭାଗରେ "________ ପଦବୀ ପାଇଁ ଆବେଦନ" ଉଲ୍ଲେଖ କରି ପଠାଯିବା ଆବଶ୍ୟକ । ଏମ୍‌ଡିଏନ୍‌ଆଇୱାଇରେ ଆବେଦନର ହାର୍ଡ କପି ପ୍ରାପ୍ତ କରିବାର ଶେଷ ତାରିଖ ହେଉଛି ଏମ୍ପ୍ଲୟମେଣ୍ଟ ନ୍ୟୁଜ୍‌ରେ ବିଜ୍ଞାପନ ନଂ. CBC 17213/11/0006/2425 ପ୍ରକାଶିତ ହେବା ତାରିଖରୁ ୪୫ ଦିନ, ଅର୍ଥାତ୍ ୨୧-୨୭ ସେପ୍ଟେମ୍ବର, ୨୦୨୪ ଯାହା ଏମ୍‌ଡିଏନ୍‌ଆଇୱାଇ ୱେବ୍‌ସାଇଟ୍‌ରେ ପ୍ରକାଶିତ ହୋଇଛି ।
CBC 17213/11/0007/2425 ଭାରପ୍ରାପ୍ତ ଉପ ନିର୍ଦ୍ଦେଶକ

**ODISHA COAL AND POWER LTD.**
**(A GOVT. OF ODISHA COMPANY)**
Odisha Coal and Power Limited OCPL
Zone-A, Fourth Floor, Fortune Towers, Chandrasekharpur, Bhubaneswar - 751023, Odisha, Ph. No. : 0674-2300654 / 2300664
**SHORT TENDER NOTICE**
NIT No : OCPL/SER-182_1/2024 Date : 04.10.2024
Sealed bids in prescribed format are invited from Companies / firms / agencies for the following work :

| Sl. No. | Name of the work | Cost of Tender Paper | Issue of Tender Document | Last date of Download of Tender Document | Last date of Submission / Opening of bid |
|---|---|---|---|---|---|
| 1 | Annual Maintenance Contract (AMC) for 03 Nos. STP at R&R Colony (Phase-II), Hemgir, Sundargarh, Odisha | Rs.1,180/- (Rupees One Thousand One Hundred Eighty only) including GST | 04/10/2024 | 18/10/2024 | 03:00 PM / 03:30 PM on 25/10/2024 |

For further details, bidders may visit our website, i.e., www.ocpl.org.in. Any clarification may please be addressed to the undersigned at the above address or by email to : contracts@ocpl.org.in
Sd./- Chief Operating Officer

**यूनियन बैंक ऑफ इंडिया Union Bank of India**
ZONAL OFFICE:BHUBANESWAR
M-14, Baramunda Housing Board Colony, Bhubaneswar-751003
**E-AUCTION SALE NOTICE DETAILS**
Mega E-Auction Date: 09.10.2024 & 29.10.2024.
Union Bank of India is Conducting Mega E-Auction of Flats, Residential Building, Open Lands, Factory Land & Building and Commercial Properties etc. on the above Dates. For details of the properties, Interested Bidders are invited to scan the QR CODE

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI
ଆଞ୍ଚଳିକ କାର୍ଯ୍ୟାଳୟ: କେନ୍ଦୁଝର ଅଞ୍ଚଳ, ସା.: କାଶୀପୁର, ପୋ.: ମାଣ୍ଡୁଆ, କେନ୍ଦୁଝର-୭୫୮୦୧୪
**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**
ସରଫେଶୀ ଆକ୍ଟ ୨୦୦୨ ଅନୁସାରେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି
ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨(ସରଫେଶୀ ଆକ୍ଟ) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ନିୟମ ୯(୧) ବ୍ୟବସ୍ଥା ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ତା.୨୫.୧୦.୨୦୨୪ରିଖ ପୂର୍ବାହ୍ନ ୧୧.୦୦ ଘଟିକା ଠାରୁ ଅପରାହ୍ନ ୦୫.୦୦ ଘଟିକା ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।
ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ଧାରା ୧୩(୧୨) ସହିତ ନିୟମ ୮ ଓ ୯ ରେ ଦିଆଯାଇଥିବା କ୍ଷମତା ପ୍ରୟୋଗ କରି ଋଣଗ୍ରହୀତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରିଥିଲେ ଏବଂ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନ ଦର୍ଶିତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇଛନ୍ତି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା କଥିତ ରୁଲ୍ ୮ର ସବ୍-ରୁଲ୍ ୫ ଏବଂ ୬ ଅନୁଯାୟୀ ତା୨୫.୧୦.୨୦୨୪ରିଖ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୦୫.୦୦ ଘଟିକା ମଧ୍ୟରେ ଇ-ନିଲାମ ବିକ୍ରୟ ନିମନ୍ତେ ପ୍ରସ୍ତାବମାନ ଆହ୍ୱାନ କରାଯାଉଅଛି। ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣ ଓ ଋଣଗ୍ରହୀତା, ବନ୍ଧକଦାତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦିଆଯାଉଅଛି କି ସରଫେଶୀ ଆକ୍ଟ, ୨୦୦୨ ର ନିୟମ ଏବଂ ସର୍ତ୍ତାବଳୀ ଅନୁଯାୟୀ ବ୍ୟାଙ୍କର ଋଣ ଆଦାୟକରଣ ନିମନ୍ତେ ନିମ୍ନଲିଖିତ ସମ୍ପତ୍ତିକୁ ଇ-ନିଲାମ ମାଧ୍ୟମରେ ବିକ୍ରୟ କରାଯିବ।
ଇ-ନିଲାମ ତାରିଖ ଓ ସମୟ: ୨୫.୧୦.୨୦୨୪ ପୂର୍ବାହ୍ନ ୧୧.୦୦ ଘଟିକା ଠାରୁ ଅପରାହ୍ନ ୫.୦୦ ଘଟିକା ପ୍ରତ୍ୟେକଙ୍କ ପାଇଁ ୧୦ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ
ଅମାନତ ଜମା ଏବଂ କାଗଜାତ୍ ଦାଖଲର ଅନ୍ତିମ ତାରିଖ: ୨୩.୧୦.୨୦୨୪ ପୂର୍ବାହ୍ନ ୧୦.୦୦ ଘଟିକାରୁ ୨୫.୧୦.୨୦୨୪ ମଧ୍ୟାହ୍ନ ୧୨.୦୦ ଘଟିକା ପର୍ଯ୍ୟନ୍ତ
ସମ୍ପତ୍ତି ତନଖି କରିବାର ସମୟ: ୨୧.୧୦.୨୦୨୪ ରୁ ୨୨.୧୦.୨୦୨୪ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ
ସମ୍ପତ୍ତି ତନଖି ପାଇଁ ସମ୍ପୃକ୍ତ ଶାଖା ମୁଖ୍ୟ କିମ୍ବା ରିକଭରୀ ଡିପାର୍ଟମେଣ୍ଟ, ଆଞ୍ଚଳିକ କାର୍ଯ୍ୟାଳୟ, କେନ୍ଦୁଝର
(ଶ୍ରୀ ଶୁଭ ଶଙ୍କର ସାହୁ, ମୋ.: ୭୦୦୮୦୫୫୫୧୮ ଏବଂ ଶ୍ରୀ ଲକ୍ଷ୍ମୀ ନାରାୟଣ ପ୍ରସାଦ, ମୋ.: ୯୧୦୧୫୦୮୦୧୯) ସହ ଯୋଗାଯୋଗ କରନ୍ତୁ

| କ୍ର. ନଂ. | ଶାଖା / ଋଣଗ୍ରହୀତା/ ବନ୍ଧକଦାତାଙ୍କ ନାମ ଓ ଠିକଣା / ମୋଟ ବକେୟା ରାଶି | ସମ୍ପତ୍ତିର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ଦଖଲ ପ୍ରକାର |
|---|---|---|---|
| ୧. | ଚମ୍ପୁଆ ଶାଖା / ଋଣଗ୍ରହୀତା/ବନ୍ଧକଦାତା: ପ୍ରେମ ଚାନ୍ଦ ପୋଦ୍ଦାର, ପିତା: ରାମଚନ୍ଦ୍ର ପୋଦ୍ଦାର, ସା/ପୋ: ଚମ୍ପୁଆ, ଥାନା: ଚମ୍ପୁଆ, ଜିଲ୍ଲା: କେନ୍ଦୁଝର-୭୫୮୦୪୧ / ମୋଟ ବକେୟା ରାଶି: ତା.୧୨.୧୦.୨୦୨୩ ରିଖ ସୁଦ୍ଧା ଟ.୩୨,୫୨,୬୮୭.୦୧ + ପରବର୍ତ୍ତୀ ସୁଧ, ଆଇନ୍‌ଗତ ଦେୟ ଏବଂ ଆନୁସଙ୍ଗିକ ଖର୍ଚ୍ଚ | ପ୍ରେମ ଚାନ୍ଦ ପୋଦ୍ଦାରଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୪୫୦/୭୦୧, ପ୍ଲଟ୍ ନଂ.: ୭୧୬/୨୫୭୬/୨୯୮୧, କ୍ଷେତ୍ର: ଏକର ୦.୨୦ ଡିସିମିଲି, କିସମ: ଘରବାରୀ, ମୌଜା: ଚମ୍ପୁଆ ୟୁନିଟ ନଂ.: ୪, ତହସିଲ: ଚମ୍ପୁଆ ନଂ.୦୩, ଜିଲ୍ଲା: କେନ୍ଦୁଝର, ଏହାର ଚାରିପାର୍ଶ୍ୱରେ ଉତ୍ତର: ମହମ୍ମଦ ଇମ୍ରାନ୍, ଦକ୍ଷିଣ: ମହମ୍ମଦ ମୁସ୍ତାଫା, ପୂର୍ବ: ସରକାରୀ ପ୍ଲଟ୍, ପଶ୍ଚିମ: ମହମ୍ମଦ ଇଶରାହା | ଟ. ୫୭,୩୭,୯୫୦/- / ଟ. ୫,୭୩,୭୯୫/- / ସାଙ୍କେତିକ |
| ୨. | ଢେଙ୍କାନାଳ ଶାଖା / ଋଣଗ୍ରହୀତା: ମେସର୍ସ ପୃଷ୍ଟି ଏଣ୍ଟରପ୍ରାଇଜର୍ସ, ଲକ୍ଷ୍ମୀ ବଜାର, ପୋ/ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା - ୭୫୯୦୦୧, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ସମିର ପୃଷ୍ଟି, ପିତା: ୰ ପ୍ରାଣବନ୍ଧୁ ପୃଷ୍ଟି, ସା: ସିମିଳିଆ, ପୋ: କାଙ୍କଡପାଳ, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା - ୭୫୯୦୧୩ / ଗ୍ୟାରେଣ୍ଟିଦାତାମାନେ: ୰ ପ୍ରାଣବନ୍ଧୁ ପୃଷ୍ଟି ଏବଂ ୰ ସରୋଜ ପୃଷ୍ଟିଙ୍କ ଆଇନଗତ ଉତ୍ତରାଧିକାରୀମାନେ: ୧) ଶ୍ରୀମତୀ ଦୁର୍ଗାବତୀ ପୃଷ୍ଟି, ସ୍ୱାମୀ: ୰ ପ୍ରାଣବନ୍ଧୁ ପୃଷ୍ଟି, ୨) ଶ୍ରୀ ସଲିଳ ପୃଷ୍ଟି, ପିତା: ୰ ପ୍ରାଣବନ୍ଧୁ ପୃଷ୍ଟି, ୩) ଶ୍ରୀମତୀ କଳ୍ପନା ପୃଷ୍ଟି, ସ୍ୱାମୀ: ୰ ସରୋଜ ପୃଷ୍ଟି, ସମସ୍ତଙ୍କ ଠିକଣା - ସା: ସିମିଳିଆ, ପୋ: କାଙ୍କଡପାଳ, ଜିଲ୍ଲା: ଢେଙ୍କାନାଳ, ଓଡ଼ିଶା - ୭୫୯୦୧୩ / ମୋଟ ବକେୟା ରାଶି: ତା.୨୦.୦୩.୨୦୨୩ ରିଖ ସୁଦ୍ଧା ଟ.୨୫,୧୦,୦୦୦.୬୭ + ପରବର୍ତ୍ତୀ ସୁଧ, ଆଇନ୍‌ଗତ ଦେୟ ଏବଂ ଆନୁସଙ୍ଗିକ ଖର୍ଚ୍ଚ | ୰ ପ୍ରାଣବନ୍ଧୁ ପୃଷ୍ଟିଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୫୭, ପ୍ଲଟ୍ ନଂ.: ୩୫୯ (ମ୍ୟୁଟେସନ୍ କେସ୍), କ୍ଷେତ୍ର: ଏକର ୦.୧୦ ଡିସିମିଲି, କିସମ: ଘରବାରୀ, ମୌଜା: ସିମିଳିଆ, ଥାନା: ସଦର, ଏସ୍‌ଆରଓ: ଢେଙ୍କାନାଳ, ତହସିଲ/ଜିଲ୍ଲା: ଢେଙ୍କାନାଳ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ରଘୁନାଥ ଜୀଉ, ପୂର୍ବ: ଶ୍ରୀ ଅଚ୍ୟୁତାନନ୍ଦ ବେହେରା, ପଶ୍ଚିମ: ଶ୍ରୀ କେଶବ ପାତ୍ର | ଟ. ୪୧,୪୨,୭୪୫/- / ଟ. ୪,୧୪,୨୭୪.୫୦ / ସାଙ୍କେତିକ |
| ୩. | ଅନୁଗୁଳ ଶାଖା / ଋଣଗ୍ରହୀତା: ମେସର୍ସ ମା ଅଟୋମେଟିଭସ୍, ତାଳଚେର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ପ୍ଲଟ୍ ନଂ.: ୨୦, ସାଉଥ୍ ବଲଣ୍ଡା, ଥାନା: ତାଳଚେର, ଜିଲ୍ଲା: ଅନୁଗୁଳ, ଓଡ଼ିଶା-୭୫୯୧୧୬, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ଦୀପ୍ତି ମଲ୍ଲ, ସ୍ୱାମୀ: ଶ୍ରୀ ଦୁର୍ଯ୍ୟୋଧନ ମଲ୍ଲ, ସା: ଏଫସିଆଇ ରୋଡ, କୁଲାଡ, ଥାନା: ନାଲକୋ ନଗର, ଜିଲ୍ଲା: ଅନୁଗୁଳ, ଓଡ଼ିଶା - ୭୫୯୧୪୫ / ମୋଟ ବକେୟା ରାଶି: ତା.୧୮.୦୭.୨୦୨୩ ରିଖ ସୁଦ୍ଧା ଟ.୫୮,୧୨,୨୭୧.୫୦ + ପରବର୍ତ୍ତୀ ସୁଧ, ଆଇନ୍‌ଗତ ଦେୟ ଏବଂ ଆନୁସଙ୍ଗିକ ଖର୍ଚ୍ଚ | ଶ୍ରୀମତୀ ଦୀପ୍ତି ମଲ୍ଲଙ୍କ ନାମରେ ଥିବା ଲିଜ୍ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୭୯, ଇଡ୍‌କୋ ପ୍ଲଟ୍ ନଂ.: ୨୦,ରେଭିନ୍ୟୁ ପ୍ଲଟ୍ ନଂ.: ୪୮ (ଅଂଶ), କ୍ଷେତ୍ର: ଏକର ୦.୪୦ ଡିସିମିଲି, ମୌଜା: ଘଣ୍ଟାପଡା, ତହସିଲ: ତାଳଚେର, ଜିଲ୍ଲା: ଅନୁଗୁଳ, ଏହାର ଚାରିପାର୍ଶ୍ୱରେ ଉତ୍ତର: ଇଡ୍‌କୋ ପ୍ଲଟ୍ ନଂ.: ୨୧, ଦକ୍ଷିଣ: ଇଡ୍‌କୋ ରାସ୍ତାଏବଂ ପ୍ଲଟ୍ ନଂ.: ୨୭, ପୂର୍ବ: ରାସ୍ତା, ପଶ୍ଚିମ: ଇଡ୍‌କୋ ଜମି | ଟ.୪୯,୫୮,୮୮୭.୫୦ / ଟ.୪,୯୫,୮୮୮.୭୫ / ସାଙ୍କେତିକ |

**ଇ-ନିଲାମର ନିୟମ ଓ ସର୍ତ୍ତାବଳୀ :**
ବିକ୍ରୟ ନୋଟିସ୍‌ରେ ବିକ୍ରୟର ସାଧାରଣ ନିୟମ ଏବଂ ସର୍ତ୍ତାବଳୀ ୱେବ୍‌ସାଇଟ୍: https://ebkray.in ରେ ଉପଲବ୍ଧ ଏବଂ ପ୍ରକାଶିତ। ଇ-ନିଲାମ ସମୟରେ କିମ୍ବା ପୂର୍ବରୁ କୌଣସି ଅସୁବିଧା କିମ୍ବା ସହାୟତା ନିମନ୍ତେ ଇ-ନିଲାମ ସେବାପ୍ରଦାନକାରୀ (https://ebkray.in) ଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ସହ ଯୋଗାଯୋଗ କରିପାରିବେ। ଯାହାର ସବିଶେଷ ବିବରଣୀ ଇ-ନିଲାମ ପୋର୍ଟାଲରେ ଉପଲବ୍ଧ।
**ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା(ମାନ)ଙ୍କୁ ୧୫ ଦିନିଆ ଇ-ନିଲାମ ବିକ୍ରୟ ନୋଟିସ୍**
ଉପରୋକ୍ତ ଋଣ ଆକାଉଣ୍ଟର ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଏହା ଏକ ୧୫ ଦିନିଆ ନୋଟିସ୍ କି ସେମାନେ ସେମାନଙ୍କର ଉପରଦର୍ଶିତ ଋଣ ଆକାଉଣ୍ଟକୁ ଫଏସଲା କରନ୍ତୁ ଅନ୍ୟଥା ସେମାନଙ୍କର ସମ୍ପତ୍ତି ଉପରଦର୍ଶିତ ତାରିଖରେ ବିକ୍ରୟ କରାଯାଇ ବ୍ୟାଙ୍କ ଦେୟ ଆଦାୟ କରାଯିବ ।
ସ୍ଥାନ : କେନ୍ଦୁଝର, ତାରିଖ : ୦୩.୧୦.୨୦୨୪ କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ଇଣ୍ଡିଆ

# ମହିଳା ବିଶ୍ୱକପରେ ଶତକ

**ୟୁଏଇରେ ଗୁରୁବାର ଆରମ୍ଭ ହୋଇଛି ମହିଳା ଟି୨୦ ବିଶ୍ୱକପ । ଏଥିରେ ୧୦ ଦେଶ ଅଂଶଗ୍ରହଣ କରୁଛନ୍ତି । ଟି୨୦ରେ ଶତକ ହାସଲ କରିବା କାଠିକର ପାଠ ହୋଇଥିବା ବେଳେ ବିଶ୍ୱକପର ଭିନ୍ନ ଚାପ ରହିଥାଏ। ବିଶ୍ୱକପରେ ସମୁଦାୟ ୬ଟି ଶତକ ସ୍କୋର ହୋଇଥିବା ବେଳେ ଏହା ଉପରେ ଏକ ନଜର...**




ୟୁଏଇରେ ଗୁରୁବାର ଆରମ୍ଭ ହୋଇଛି ମହିଳା ଟି୨୦ ବିଶ୍ୱକପ। ୧୦ ଦେଶ ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରୁଥିବା ବେଳେ ଅଷ୍ଟ୍ରେଲିଆ ଟାଇଟଲ୍ ଫେଭରିଟ୍ ରହିଛି। ଟି୨୦ରେ ଶତକ ହାସଲ କରିବା କାଠିକର ପାଠ ହୋଇଥିବା ବେଳେ ବିଶ୍ୱକପରେ ଆଉ ଏକ ଭିନ୍ନ ଚାପ ରହିଥାଏ। ଟି୨୦ ବିଶ୍ୱକପରେ ସମୁଦାୟ ୬ଟି ଶତକ ସ୍କୋର ହୋଇଥିବା ବେଳେ ଏହା ଉପରେ ଏକ ନଜର। ଅଷ୍ଟ୍ରେଲିଆର ମେଗ୍ ଲାନିଙ୍ଗ, ୱେଷ୍ଟଇଣ୍ଡିଜ୍‌ର ଡିଆଣ୍ଡ୍ରା ଡଟିନ୍, ଇଂଲଣ୍ଡର ହିଥର ନାଇଟ୍, ଭାରତର ହରମନ୍ପ୍ରୀତ୍ କୌର, ପାକିସ୍ତାନର ମୁନିବା ଅଲୀ ଓ ଦକ୍ଷିଣ ଆଫ୍ରିକାର ଲିଜେଲ ଲି ଏହି ତାଲିକାରେ ରହିଛନ୍ତି।

**ଲିଜେଲ ଲି:** ଅଷ୍ଟ୍ରେଲିଆରେ ଅନୁଷ୍ଠିତ ୨୦୨୦ ସଂସ୍କରଣର ଟି୨୦ ବିଶ୍ୱକପରେ ଶତକ ହାସଲର ରେକର୍ଡ କରିଥିଲେ ଦକ୍ଷିଣ ଆଫ୍ରିକା ଓପନର ଲିଜେଲ ଲି। ଥାଇଲାଣ୍ଡ ବିପକ୍ଷରେ ୬୦ ବଲ୍‌ରୁ ୧୦୧ ରନ୍ ସ୍କୋର କରିଥିଲେ ଲିଜେଲ୍। ଏହି ଇନିଂସରେ ୧୬ ଚୌକା ଓ ୩ ଛକା ସାମିଲ ଥିଲା। ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ୩ ଉଇକେଟରେ ୧୯୫ ରନ୍ କରିଥିବା ବେଳେ ଥାଇଲାଣ୍ଡ ମାତ୍ର ୮୨ ରନ୍‌ରେ ଅଲ୍‌ଆଉଟ ହୋଇଥିଲା।

**ମୁନିବା ଅଲୀ:** ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ୨୦୨୩ ସଂସ୍କରଣରେ ପ୍ରଥମ ପାକିସ୍ତାନୀ ମହିଳା ଭାବରେ ଶତକ ହାସଲ କରିଥିଲେ ମୁନିବା ଅଲୀ। କେପ୍ ଟାଉନ୍‌ରେ ଖେଳାଯାଇଥିବା ଆୟର୍ଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ୬୮ ବଲ୍ ଖେଳି ସେ ୧୦୨ ରନ୍ କରିଥିଲେ। ମୁନିବାଙ୍କ ଇନିଂସ ବଳରେ ପାକିସ୍ତାନ ୫ ଉଇକେଟ ହରାଇ ୧୬୫ ରନ୍ କରିଥିଲା। ଜବାବରେ ଆୟର୍ଲାଣ୍ଡ ୯୫ ରନ୍‌ରେ ଅଲ୍‌ଆଉଟ ହୋଇଥିଲା। ମୁନିବାଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ହରମନ୍ପ୍ରୀତ୍ କୌର:** ଭାରତୀୟ କ୍ରିକେଟ ଦଳର ଅଧିନାୟିକା ହରମନ୍ପ୍ରୀତ କୌର ଏହି ଏଲିଟ୍ ତାଲିକାରେ ସାମିଲ ଅଛନ୍ତି। ୨୦୧୮ ଟି୨୦ ବିଶ୍ୱକପରେ ପ୍ରୋଭିଡେନ୍ସରେ ଖେଳାଯାଇଥିବା ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ କୌର ପ୍ରଥମ ଭାରତୀୟ ଭାବରେ ଏହି ରେକର୍ଡ କରିଥିଲେ। ୫୧ ବଲ୍ ଖେଳି ୧୦୩ ରନ୍ କରିଥିଲେ ହରମନପ୍ରୀତ୍। ଏହି ଇନିଂସରେ ୭ ଚୌକା ଓ ୮ ଛକା ସାମିଲ ଥିଲା। ଭାରତ ୨୦ ଓଭରରେ ୫ ଉଇକେଟ ହରାଇ ୧୯୪ ରନ୍ କରିଥିବା ବେଳେ ନ୍ୟୁଜିଲାଣ୍ଡ ୧୬୦/୯ରେ ସୀମିତ ରହିଥିଲା। ହରମନପ୍ରୀତଙ୍କୁ ଶତକୀୟ ଇନିଂସ ପାଇଁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା।

**ହିଥର୍ ନାଇଟ୍ :** ଇଂଲଣ୍ଡ କ୍ରିକେଟ ଦଳର ଅଧିନାୟିକା ହିଥର୍ ନାଇଟ୍ ଚତୁର୍ଥ ଖେଳାଳି ଭାବରେ ଏହି ତାଲିକାରେ ସାମିଲ ଅଛନ୍ତି। ଅଷ୍ଟ୍ରେଲିଆରେ ଅନୁଷ୍ଠିତ ୨୦୨୦ ସଂସ୍କରଣର କାନ୍‌ବେରାରେ ଥାଇଲାଣ୍ଡ ବିପକ୍ଷରେ ଶତକ ରେକର୍ଡ କରିଥିଲେ ହିଥର୍। ୬୬ ବଲ୍ ଖେଳି ହିଥର୍ ଅପରାଜିତ ୧୦୮ ରନ ସ୍କୋର କରିଥିଲେ। ଏହି ଇନିଂସରେ ୧୩ ଚୌକା ଓ ୪ ଛକା ସାମିଲ ଥିଲା। ଇଂଲଣ୍ଡ ୨ ଉଇକେଟରେ ୧୭୬ ରନ୍ କରିଥିବା ବେଳେ ଥାଇଲାଣ୍ଡ ୨୦ ଓଭରରେ ୭୮/୭ରେ ସୀମିତ ରହିଥିଲା।

**ଡିଆଣ୍ଡ୍ରା ଡଟିନ:** ୱେଷ୍ଟଇଣ୍ଡିଜ୍ କ୍ରିକେଟ ଦଳର ପୂର୍ବତନ ଅଧିନାୟିକା ଡିଆଣ୍ଡ୍ରା ଡଟିନ ମହିଳା ଟି୨୦ ବିଶ୍ୱକପରେ ପ୍ରଥମ ଶତକ ନିଜ ନାମରେ ରେକର୍ଡ କରିଥିଲେ। ୱେଷ୍ଟଇଣ୍ଡିଜରେ ଖେଳାଯାଇଥିବା ବିଶ୍ୱକପରେ ଡଟିନ୍ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୪୫ ବଲ୍ ଖେଳି ଅପରାଜିତ ୧୧୨ ରନ୍ କରିଥିଲେ। ଏହା ମହିଳା ଟି୨୦ ତଥା ଟି୨୦ ବିଶ୍ୱକପରେ ଦ୍ରୁତତମ ଶତକ ରହିଆସିଛି। ୪୫ ବଲର ଇନିଂସରେ ଡଟିନ୍ ୭ ଚୌକା ଓ ୯ ଛକା ମାରିଥିଲେ। ୱେଷ୍ଟଇଣ୍ଡିଜ୍ ପ୍ରଥମେ ବ୍ୟାଟିଂ କରି ୫ ଉଇକେଟରେ ୧୭୫ ରନ୍ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୧୫୮/୪ରେ ସୀମିତ ରହିଥିଲା।

**ମେଗ୍ ଲାନିଙ୍ଗ:** ଅଷ୍ଟ୍ରେଲିଆ ତଥା ବିଶ୍ୱର ସବୁଠାରୁ ସଫଳତମ ଅଧିନାୟିକା ମେଗ୍ ଲାନିଙ୍ଗ ଏହି ତାଲିକାର ସର୍ବାଗ୍ରେ ଅଛନ୍ତି। ଲାନିଙ୍ଗ ଅଧିନାୟିକା ଭାବରେ ୫ ଥର ଟି୨୦ ବିଶ୍ୱକପ ଜିତିଥିବା ବେଳେ ସର୍ବାଧିକ ବ୍ୟକ୍ତିଗତ ସ୍କୋରର ରେକର୍ଡ ମଧ୍ୟ ତାଙ୍କ ନାମରେ ରହିଛି। ୨୦୧୪ରେ ବାଂଲାଦେଶରେ ଅନୁଷ୍ଠିତ ବିଶ୍ୱକପରେ ଆୟର୍ଲାଣ୍ଡ ବିପକ୍ଷରେ ଲାନିଙ୍ଗ ସ୍କୋର କରିଥିବା ୧୨୬ ରନ୍, ଏଯାଏ ମହିଳା ବିଶ୍ୱକପର ସର୍ବାଧିକ ବ୍ୟକ୍ତିଗତ ସ୍କୋର ରହିଛି। ୬୫ ବଲ୍‌ରୁ ସେ ୧୮ ଚୌକା ଓ ୪ ଛକା ସହାୟତାରେ ୧୨୬ ରନ୍ ସ୍କୋର କରିଥିଲେ। ଲାନିଙ୍ଗଙ୍କ ଇନିଂସ ବଳରେ ଅଷ୍ଟ୍ରେଲିଆ ୪ ଉଇକେଟରେ ୧୯୧ ରନ୍ କରିଥିଲା। ଜବାବରେ ଆୟର୍ଲାଣ୍ଡ ୧୧୩/୭ରେ ଅଟକି ଯାଇଥିଲା।

# ଚା' ଦୋକାନୀଙ୍କ ଝିଅ ଜାତୀୟ ଚାମ୍ପିୟନ

**ଓଡ଼ିଶା ଫୁଟ୍‌ବଲ ଦଳର ଫରୱାର୍ଡ ଖେଳାଳି ସୁଭଦ୍ରା ସାହୁ। ଏକ ନିମ୍ନ ମଧ୍ୟବିତ୍ତ ପରିବାରରେ ଜନ୍ମ ଓ ବାପା ଜଣେ ଚା' ବିକାଳି ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିଲେ ମଧ୍ୟ ଫୁଟ୍‌ବଲ ପ୍ରତି ଥିବା ଭଲପାଇବା କାରଣରୁ ଓଡ଼ିଶା ଦଳରେ ସ୍ଥାନ ପାଇବା ସହ ଜାତୀୟ ଚାମ୍ପିୟନ ହେବାର ଗୌରବ ନିଜ ନାମରେ କରିଛନ୍ତି ସୁଭଦ୍ରା।**


ସୁଭଦ୍ରା ସାହୁ

ନିରନ୍ତର ଅଧ୍ୟବସାୟ ବଳରେ ଯେ କୌଣସି କ୍ଷେତ୍ରରେ ଆମେ ଆଗକୁ ବଢ଼ିଥାଉ। ଜୀବନରେ ସର୍ବଦା କିଛି ବାଧାବିଘ୍ନ ଦେଖିବାକୁ ମିଳିଥାଏ। ତେବେ ଏଭଳି ସମସ୍ତ ଜିନିଷକୁ ଏଡାଇ ସଫଳତା ସାଉଁଟିବାରେ ସମର୍ଥ ହୋଇଛନ୍ତି ଓଡ଼ିଶା ଫୁଟବଲ ଦଳର ଫରୱାର୍ଡ ଖେଳାଳି ସୁଭଦ୍ରା ସାହୁ। ଏକ ନିମ୍ନ ମଧ୍ୟବିତ୍ତ ପରିବାରରେ ଜନ୍ମ ଓ ବାପା ଜଣେ ଚା' ଦୋକାନୀ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିଲେ ମଧ୍ୟ ଫୁଟବଲ ପ୍ରତି ଥିବା ଭଲପାଇବା କାରଣରୁ ଓଡ଼ିଶା ଦଳରେ ସ୍ଥାନ ପାଇବା ସହ ଜାତୀୟ ଚାମ୍ପିୟନ ହେବାର ଗୌରବ ନିଜ ନାମରେ କରିଛନ୍ତି ସୁଭଦ୍ରା।

**ପ୍ରଶ୍ନ:** ନିଜ ବିଷୟରେ କିଛି କୁହନ୍ତୁ ?

**ଉତ୍ତର:** ମୁଁ ସୁଭଦ୍ରା ସାହୁ। ଓଡ଼ିଶା ମହିଳା ଫୁଟବଲ ଦଳର ସଦସ୍ୟ। ଦଳରେ ମୁଁ ଷ୍ଟ୍ରାଇକର ଭାବରେ ଖେଳିଥାଏ। ଭୁବନେଶ୍ୱରର ସାଇନ୍ସ ପାର୍କ ବସ୍ତିରେ ମୋର ଜନ୍ମ। ବାପାଙ୍କ ନାମ ପ୍ରଫୁଲ୍ଲ କୁମାର ସାହୁ ଓ ମା' ବିଷ୍ଣୁପ୍ରିୟା ସାହୁ। ଚା' ଦୋକାନ କରି ବାପା ପରିବାର ଚଳାନ୍ତି।

**ପ୍ରଶ୍ନ:** ଫୁଟବଲ ପ୍ରତି କିଭଳି ଆକୃଷ୍ଟ ହେଲେ ?

**ଉତ୍ତର:** ସ୍କୁଲ ସମୟରେ ଆରମ୍ଭରୁ କ୍ରିକେଟର ହେବାର ସ୍ୱପ୍ନ ଦେଖିଥିଲି। ତେବେ ସମୟକ୍ରମେ କ୍ରିକେଟ ପ୍ରତି ଥିବା ଦୁର୍ବଳତା ଫୁଟବଲ ଆଡକୁ ମୁହାଁଇଲା। ୧୪-୧୫ ବର୍ଷର ଥିବା ସମୟରେ ସ୍କୁଲରେ ଫୁଟବଲ ଖେଳିବା ଆରମ୍ଭ କରିଥିଲି, ଆଉ ତା' ପରଠୁ ଆଉ ପଛକୁ ଚାହିଁନାହିଁ।

**ପ୍ରଶ୍ନ:**ପରିବାର ଲୋକଙ୍କ ପ୍ରତିକ୍ରିୟା କେମିତି ଥିଲା ?

**ଉତ୍ତର:** ଝିଅପିଲା ଭାବରେ ଫୁଟବଲ ଖେଳିବାକୁ ନେଇ ପରିବାର ଲୋକ ପ୍ରଥମରୁ ବିରୋଧ କରିଥିଲେ। ମା' ନ ଥିବା କାରଣରୁ ପରିବାର ଲୋକେ ଓ ପାଖ ପଡୋଶୀ ମୋ ଖେଳକୁ ବିରୋଧ କରିଥିଲେ। ତେବେ ସବୁ ବାଧାବିଘ୍ନକୁ ଏଡାଇ ମୁଁ ଖେଳିବା ଜାରି ରଖିଥିଲି। ଓଡ଼ିଶା ଦଳରେ ସ୍ଥାନ ପାଇବା ପରଠାରୁ ପରିବାର ଲୋକେ ମଧ୍ୟ ନିୟମିତ ଭାବରେ ସମର୍ଥନ କରୁଛନ୍ତି।

**ପ୍ରଶ୍ନ:** ଫୁଟବଲ ଖେଳ ଜାରି ରଖିବାକୁ କ'ଣ ସଂଘର୍ଷ କରିବାକୁ ପଡ଼ିଛି ?

**ଉତ୍ତର:** ଏକ ନିମ୍ନମଧ୍ୟବିତ୍ତ ପରିବାରରୁ ଆସିଥିବାରୁ ଅର୍ଥାଭାବ ଏକ ବଡ଼ ସମସ୍ୟା ଥିଲା। ଯେଉଁଠି ଖାଇବା ପାଇଁ ସଂଘର୍ଷ ଥାଏ ସେଠାରେ ଫୁଟବଲ ନିଶ୍ଚିତ ଭାବରେ ଏକ ବ୍ୟୟବହୁଳ ଖେଳ ଭଳି ଲାଗିଥାଏ। ଏଭଳି ସମୟ ମଧ୍ୟ ରହିଥିଲା, ଯେତେବେଳେ ଫୁଟବଲ ଖେଳିବା ପାଇଁ ଜୋତା ମଧ୍ୟ ନ ଥିଲା। ସେ ସମୟରେ ଅନ୍ୟମାନଙ୍କ ଠାରୁ ଜୋତା ମାଗି ଖେଳିବା ଜାରି ରଖିଥିଲି। ଧୀରେ ଧୀରେ ସଫଳତା ମିଳିବା ପରେ ପରିବାର ଲୋକେ ମଧ୍ୟ ସମର୍ଥନ କରିବା ଆରମ୍ଭ କରିଥିଲେ।

**ପ୍ରଶ୍ନ:**ପ୍ରଥମ କୋଚ୍ କିଏ ରହିଥିଲେ ?

**ଉତ୍ତର:** ଫୁଟବଲ ଆରମ୍ଭ କରିବା ବେଳେ ସ୍କୁଲରେ ଉର୍ମିଳା ଦାସ ଓ ଅବ୍ଦୁଲ କରିମ୍ ଖାନ୍ (ଟୁନା ସାର୍) ଆମକୁ ପ୍ରଶିକ୍ଷଣ ଦେଉଥିଲେ। ସେଠାରୁ ବାହାରିବା ପରେ ମୁଁ ପ୍ରଥମେ ଓଡ଼ିଶା ଜୁନିୟର ଦଳ ଓ ପରେ ସିନିୟର ଦଳରେ ଖେଳିବା ଆରମ୍ଭ କରିଥିଲି। ପ୍ରଫେଶନାଲ ଫୁଟବଲର ହେବାଠାରୁ ବର୍ତ୍ତମାନ ଯାଏ ଗୀତାଞ୍ଜଳି ଖୁଣ୍ଟିଆ ମୋର କୋଚ୍ ଓ ମେଣ୍ଟର ରହିଆସିଛନ୍ତି।

**ପ୍ରଶ୍ନ:**ଜଣେ ଫରୱାର୍ଡ ଭାବେ ପଡ଼ିଆରେ କେମିତି ମାହୋଲ ରହିଥାଏ ?

**ଉତ୍ତର:** ଫୁଟବଲ ଏକ କଣ୍ଟାକ୍ଟ ସ୍ପୋର୍ଟ୍ସ। ପ୍ରତି ମ୍ୟାଚ୍‌ରେ ଭିନ୍ନ ଭିନ୍ନ ଡିଫେଣ୍ଡରଙ୍କୁ ସାମ୍ନା କରିବାକୁ ପଡ଼ିଥାଏ ଯାହାକି ଏକ ବଡ଼ ଚ୍ୟାଲେଞ୍ଜ ରହିଥାଏ। ସେମାନଙ୍କ ରଣନୀତିକୁ ପରାସ୍ତ କରି ଆଗକୁ ବଢ଼ି ଗୋଲ ସ୍କୋର କରିବା ସର୍ବଦା ଶାନ୍ତି ଦେଇଥାଏ।

**ପ୍ରଶ୍ନ:**ଓଡ଼ିଶା ପାଇଁ କେତେଦିନ ହେବ ଖେଳୁଛନ୍ତି ?

**ଉତ୍ତର:** ଦୀର୍ଘ ୯ ବର୍ଷ ହେବ ଓଡ଼ିଶା ପାଇଁ ଖେଳିଆସୁଛି। ପ୍ରଥମ ବର୍ଷ ଜୁନିୟର ଦଳ ପାଇଁ ଖେଳିଥିବା ବେଳେ ବିଗତ ୮ ବର୍ଷ ହେବ ସିନିୟର ଦଳ ପାଇଁ ଖେଳି ଆସୁଛି। ସିନିୟର ଦଳ ସହିତ ଜାତୀୟ ଚାମ୍ପିୟନଶିପ୍‌ରେ ଦୁଇ ଥର ରନର ଅପ୍ ଓ ଥରେ ଟାଇଟଲ ହାସଲରେ ସକ୍ଷମ ହୋଇଛୁ। ୨୦୧୮ ଓ ୨୦୨୨ରେ ଓଡ଼ିଶା ଦଳ ରନର ଅପ୍ ରହିଥିବା ବେଳେ ୨୦୨୩ରେ ଆମେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲୁ। ୨୦୧୮ ଓ ୨୦୨୨ରେ ବ୍ୟକ୍ତିଗତ ଭାବରେ ମୁଁ ୩ଟି ଲେଖାଏ ଗୋଲ ସ୍କୋର କରିଥିବା ବେଳେ ୨୦୨୩ରେ ମୁଁ ୨ଟି ଗୋଲ ସ୍କୋର କରିଥିଲି।

**ପ୍ରଶ୍ନ:** କେଉଁ ଦଳ ବିପକ୍ଷରେ ଖେଳିବା ସବୁଠାରୁ କଷ୍ଟସାଧ୍ୟ ?

**ଉତ୍ତର:** ଜାତୀୟ ସ୍ତରରେ ମଣିପୁର ଏକ ଶକ୍ତିଶାଳୀ ଦଳ ଓ ଏହା ବିପକ୍ଷରେ ଖେଳିବା ସର୍ବଦା ଏକ ଚ୍ୟାଲେଞ୍ଜ ହୋଇ ରହିଥାଏ। ମଣିପୁରରେ ସର୍ବଦା ଅଭିଜ୍ଞ ଖେଳାଳିମାନେ ରହୁଥିବା ବେଳେ ଏହାର ଡିଫେନ୍ସ ବେଶ୍ ଚମତ୍କାର ରହିଥାଏ। ଫଳରେ ମଣିପୁର ବିପକ୍ଷରେ ଖେଳିବା ସାମାନ୍ୟ କଷ୍ଟସାଧ୍ୟ ରହିଥାଏ।

ପ୍ରଶ୍ନ: ଅନ୍ୟ କେଉଁ କ୍ଲବ ପକ୍ଷରୁ ଖେଳିଛନ୍ତି ?

**ଉତ୍ତର:** ମୁଁ ପୂର୍ବରୁ ରାଇଜିଂ ଷ୍ଟୁଡେଣ୍ଟ, ସ୍ପୋର୍ଟ୍ସ ଓଡ଼ିଶା ଓ ମହାରାଷ୍ଟ୍ରର କୋହ୍ଲାପୁର ଟିମ୍ ପାଇଁ ଖେଳିସାରିଛି।

**ପ୍ରଶ୍ନ:** ଇଣ୍ଡିଆନ୍ ଓମେନ୍ସ ଲିଗ୍ ଖେଳିଛନ୍ତି ?

**ଉତ୍ତର:**ପ୍ରଥମତଃ ୨୦୧୮ରେ ଇଣ୍ଡିଆନ୍ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍)ର ଦ୍ୱିତୀୟ ସିଜନରେ ମୁଁ ଚାମ୍ପିୟନ ରାଇଜିଂ ଷ୍ଟୁଡେଣ୍ଟ ଦଳ ପକ୍ଷରୁ ଖେଳିଥିଲି। ଉକ୍ତ ସିଜନରେ ମୁଁ ୪ଟି ଗୋଲ ମଧ୍ୟ ସ୍କୋର କରିଥିଲି। ପରେ ମହାରାଷ୍ଟ୍ରର କୋହ୍ଲାପୁର ଦଳ ପକ୍ଷରୁ ୨୦୧୯-୨୦୨୩ ଯାଏ ଆଇ ଲିଗ୍ ଖେଳିଥିଲି। ୨୦୨୨ ସିଜନରେ ସ୍ପୋର୍ଟ୍ସ ଓଡ଼ିଶା ପକ୍ଷରୁ ଆଇଡବ୍ଲ୍ୟୁଏଲ୍‌ରେ ୧୨ଟି ମ୍ୟାଚ ଖେଳିବାର ସୁଯୋଗ ମିଳିଥିଲା। ଏଥିରେ ୭ ଗୋଲ ସ୍କୋର କରିଥିଲି। ଏହା ସହ ପ୍ଲେୟର ଅଫ୍ ଦ ମ୍ୟାଚ୍ ମଧ୍ୟ ରହିଥିଲି। ୨୦୨୨ରେ ଆନ୍ତଃଜିଲା ଚାମ୍ପିୟନଶିପରେ ଭୁବନେଶ୍ୱରର ପ୍ରତିନିଧିତ୍ୱ କରି ୯ ଗୋଲ ସ୍କୋର କରିଥିଲି।

**ପ୍ରଶ୍ନ:** ଫୁଟବଲରେ ଆପଣଙ୍କ ଆଦର୍ଶ କିଏ ?

**ଉତ୍ତର:** ପୁରୁଷ ଖେଳାଳିଙ୍କ ମଧ୍ୟରେ ସୁନୀଲ ଛେତ୍ରୀ ଓ ମହିଳା ଖେଳାଳିଙ୍କ ମଧ୍ୟରେ ସସ୍ମିତା ମଲିକ ମୋର ଆଦର୍ଶ। ସୁନୀଲ ଛେତ୍ରୀ ଯେଉଁଭଳି ଭାବରେ ଦୀର୍ଘ ବର୍ଷ ଧରି ନିଜକୁ ଫିଟ୍ ରଖି ଭାରତୀୟ ଦଳ ପାଇଁ ପ୍ରଦର୍ଶନ କରି ଲିଓନେଲ ମେସି ଓ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି ସେ ସର୍ବଦା ଆଦର୍ଶ ରହିବେ। ଅନ୍ୟ ପକ୍ଷରେ ସସ୍ମିତା ଦୀର୍ଘ ବର୍ଷ ଜାତୀୟ ଦଳରେ ଖେଳି ଆମ ପାଇଁ ଆଦର୍ଶ ରହି ଆସିଛନ୍ତି।

**ପ୍ରଶ୍ନ:** ଭବିଷ୍ୟତର ଲକ୍ଷ୍ୟ କ'ଣ ରହିଛି ?

**ଉତ୍ତର:** ବର୍ତ୍ତମାନ କେବଳ ଓଡ଼ିଶା ପାଇଁ ଖେଳିଥିବା ବେଳେ ଭାରତ ପାଇଁ ଖେଳିବାର ସ୍ୱପ୍ନ ରହିଛି। କଠିନ ପରିଶ୍ରମ କରିବା ସହ ଭାରତୀୟ ଦଳରେ ସ୍ଥାନ ପାଇବା ମୋର ଏକମାତ୍ର ଲକ୍ଷ୍ୟ।

**-ସରୋଜ ଜେନା**

## ରେକର୍ଡ

ବାଂଲା ବିପକ୍ଷ ସେକେଣ୍ଡ ଟେଷ୍ଟକୁ
ଅଢ଼େଇ ଦିନରେ ଜିତି
ରେକର୍ଡ ସିରିଜ୍ ବିଜୟ କରିଛି
ଟିମ୍ ଇଣ୍ଡିଆ କୋ. ସାଥୀ
ଭାରତର ନୂଆ କୀର୍ତ୍ତି
ନିଜ ମାଟିରେ ଦି'ହଜାର ତେରଠୁ
ହାରି ନାହିଁ ଜମା ନାତି।
ଦ୍ରୁତତମ ଫିଫ୍‌ଟି,
ହଣ୍ଡ୍ରେଡ୍, ଟୁ ହଣ୍ଡ୍ରେଡ
ରନ୍ କରିବାରେ ଦେଶ
ରେକର୍ଡ କରିଛି କାନପୁର ଠାରେ
ସତ ଲାଗେ ଅବିଶ୍ୱାସ
ଟେଷ୍ଟରେ ଯଶସ୍ୱୀ ଯଶ
ଲୋକେଶ, କୋହଲି,
ରୋହିତଙ୍କ ମାଡ



କଲା ନୂଆ ଇତିହାସ।
ଭାରତରେ ହେବ ସର୍ବ
ପ୍ରଥମ ଖୋ ଖୋ
ବିଶ୍ୱକପ୍ ଆୟୋଜନ
କାଦୁଅର ଆରମ୍ଭ ଦେଶ
ଖୋ ଖୋ କ୍ରୀଡ଼ା
ଜଗତେ ଉଇଁଲା ଜହ୍ନ
ରେକର୍ଡ ବି ଅଛି ଭିନ୍ନ
ଅଲୋଡା ରେକର୍ଡ ବେଦନା ବଢାଏ
ବିରଳ ରେକର୍ଡ ଧନ୍ୟ।

**-ସୁବାସ ଚନ୍ଦ୍ର ପ୍ରଧାନ**

# ଦିନକରେ ନିବେଶକ ହରାଇଲେ ୧୦ ଲକ୍ଷ କୋଟି

**■ସେନ୍‌ସେକ୍ସ ୧୮୦୦ ପଏଣ୍ଟ**
**■୨୫,୦୦୦ ଅଙ୍କ ଉପରେ ନିଫ୍ଟି**



ମୁମ୍ବାଇ,୩।୧୦

ଅନ୍ତଃରାଷ୍ଟ୍ରୀୟ ଘଟଣାବଳୀ ସାଙ୍ଗକୁ ଦରବୃଦ୍ଧିଜନିତ ମାନ୍ଦାବସ୍ଥାର ବଡ଼ ଧରଣ ପ୍ରଭାବ ଭାରତୀୟ ପୁଞ୍ଜିବଜାର କାରବାର ଉପରେ ପଡିଛି। ଫଳରେ ଘରୋଇ ଶେୟାର ବଜାରର ନିବେଶକମାନେ ଏକ ବୃହତ୍ କ୍ଷତି ସହିଛନ୍ତି। ଏପରିକି ଦିନକରେ ଶେୟାର ବଜାର ନିବେଶକ ପ୍ରାୟ ୧୦ ଲକ୍ଷ କୋଟି ଟଙ୍କାର ନିବେଶ ହରାଇଛନ୍ତି। ପୂର୍ବ ଦିନର କାରବାର ଶେଷ ସୁଦ୍ଧା ବଜାର ପୁଞ୍ଜି ପ୍ରାୟ ୪୭୪ ଲକ୍ଷ କୋଟି ଥିଲା। ଗୁରୁବାରର କାରବାର ଶେଷ ସୁଦ୍ଧା ବଜାର ପୁଞ୍ଜି ୯.୭୮ଲକ୍ଷ କୋଟି ହ୍ରାସ ହୋଇ ୪୬୫ ଲକ୍ଷ କୋଟିରେ ପହଞ୍ଚିଛି।

ଉଲ୍ଲେଖଯୋଗ୍ୟ, ଘରୋଇ ଶେୟାର ବଜାରର ଉଭୟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର କାରବାର ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସରେ ବଡ ହ୍ରାସ ଘଟିଛି। ଏପରିକି ୩୦ଶେୟାର ବିଶିଷ୍ଟ ବିଏସ୍‌ଇ ସେନ୍‌ସେକ୍ସ ପ୍ରାୟ ୧୮୦୦ ପଏଣ୍ଟ ହ୍ରାସ ଘଟି ୮୨,୪୩୩ ଅଙ୍କାରେ କାରବାର ବନ୍ଦ କରିଥିଲାବେଳେ ନିଫ୍ଟି-୫୦ରେ ମଧ୍ୟ କାରବାର ୨.୧୯% କମି ୨୫,୨୩୧ ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ମିଡ୍‌କ୍ୟାପର କାରବାର ୨.୨୭% ଏବଂ ସ୍ମଲକ୍ୟାପର କାରବାରରେ ୧.୮୪ % ହ୍ରାସ ଘଟିଛି।

ସେହିଭଳି ନିଫ୍ଟି ମିଡ୍‌କ୍ୟାପ କାରବାର ୨.୨୧% କମି ୫୯,୦୨୪.୭୦ଅଙ୍କରେ ଥିଲାବେଳେ ସ୍ମଲକ୍ୟାପ ୧.୯୨% ହ୍ରାସ ଘଟି ୯୧୧୦.୦୫ ଅଙ୍କରେ ପହଞ୍ଚିଛି। ସେହିପରି ନିଫ୍ଟି ବ୍ୟାଙ୍କର କାରବାର ୨.୦୪% କମି ୫୧,୮୪୫.୨୦ ଅଙ୍କରେ କାରବାର ବନ୍ଦ ହୋଇଥିଲା।

## ଶେୟାର ବଜାର କାରବାରରେ ହ୍ରାସ

କ୍ରମାଗତ ଚତୁର୍ଥ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୭୬୯ (୧୭୬୯.୧୯) ପଏଣ୍ଟ କମି ୮୨,୪୯୭ (୮୨,୪୯୭.୧୦) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୫୪୭ (୫୪୬.୮୦) ପଏଣ୍ଟ ହ୍ରାସ ଘଟି ୨୫,୨୫୦ (୨୫,୨୫୦.୧୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡ୍‌କ୍ୟାପ,ସ୍ମଲ୍‌କ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି।

## ୱଣ୍ଡର୍ଲା ଭୁବନେଶ୍ୱରର ପାର୍ବଣ ଉପହାର ଅଫର




ଭୁବନେଶ୍ୱର,୩।୧୦

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ସର୍ବବୃହତ୍ ଆମ୍ୟୁଜ୍‌ମେଣ୍ଟ ପାର୍କଚେନ୍ ୱଣ୍ଡର୍ଲା ହଲିଡେଜ୍ ଲିମିଟେଡ୍‌ର ବହୁ ପ୍ରତୀକ୍ଷିତ ପାର୍ବଣ ଉପହାର ଅଫରର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅଫର ୨୦୨୪ ଅକ୍ଟୋବର ୩୧ ପର୍ଯ୍ୟନ୍ତ ବୈଧ ରହିଛି। ପାର୍ବଣ ଋତୁ ଅବସରରେ ୱଣ୍ଡର୍ଲା ଭୁବନେଶର ପାର୍କର ଟିକେଟ ଉପରେ ମଧ୍ୟ ସ୍ୱତନ୍ତ୍ର ରିହାତି ପ୍ରଦାନ କରୁଛି। ଏପରିକି ସୀମିତ ସମୟ ଅଫର ପାଇଁ ଏହି ଟିକେଟଗୁଡିକ ଚଳିତ ମାସ ଶେଷ ପର୍ଯ୍ୟନ୍ତ ଉପଲବ୍ଧ ଥିଲାବେଳେ କେବଳ ୬୭୯ ଟଙ୍କାରେ ୨୧ରୁ ଅଧିକ ଲ୍ୟାଣ୍ଡ ଏବଂ ୱାଟର ରାଇଡ୍ ପାଇଁ ସୀମାହୀନ ସୁବିଧା ସହ ପାର୍କ ଟିକେଟ ଏବଂ ଏହି ସୀମିତ ଅବଧି ଅଫର ଅନ୍‌ଲାଇନ ବୁକିଂ ପାଇଁ ଉପଲବ୍ଧ ହେଉଛି, ଯାହା ପରିବାର ଓ ବନ୍ଧୁମାନଙ୍କୁ ପାର୍କରେ ଏକାଠି କରାଇବା ଓ ପାର୍ବଣ ଉତ୍ସାହକୁ ଉପଭୋଗ କରିବା ପାଇଁ ଆମନ୍ତ୍ରିତ କରୁଛି।

ଏ ସମ୍ପର୍କରେ ୱଣ୍ଡର୍ଲା ହଲିଡେଜ୍ ଲିମିଟେଡ୍‌ର ଏମ୍‌ଡି ଅରୁଣ କେ. ଚିଟ୍ଟିଲାପିଲ୍ଲୀ କହିଥିଲେ, ପୂଜା ହେଉଛି ଆନନ୍ଦ,ଏକତା ଓ ଉତ୍ସବର ଏକ ସମୟ ଏବଂ ଆମେ ଆମର ଅତିଥିମାନଙ୍କୁ ଏହି ସ୍ୱତନ୍ତ୍ର ପାର୍ବଣ ଋତୁରେ ୱଣ୍ଡର୍ଲା ଭୁବନେଶ୍ୱରର ଆକର୍ଷଣୀୟ ଅନୁଭୂତି ଦେବା ପାଇଁ ଏକ ସ୍ୱତନ୍ତ୍ର ସୁଯୋଗ ପ୍ରଦାନ କରିବା ଲାଗି ଉତ୍ସାହିତ ରହିଛୁ। ଏପରିକି ଆମର ପୂଜା ଉପହାର ଅଫରକୁ ପରିବାର ଓ ବନ୍ଧୁମାନଙ୍କୁ ଏକାଠି କରାଇବା ସହିତ ରୋମାଞ୍ଚକର ରାଇଡ୍‌ଗୁଡ଼ିକୁ ଉପଭୋଗ କରିବା ଏବଂ ସ୍ମରଣୀୟ ମୁହୂର୍ତ୍ତ ସୃଷ୍ଟି ପାଇଁ ପରିକଳ୍ପନା କରିଛୁ।

## ୪୧% ବୃଦ୍ଧି ପାଇବ ଅବସରକାଳୀନ ଯୋଜନା

ନୂଆଦିଲ୍ଲୀ,୩।୧୦

ବର୍ତ୍ତମାନ ଅବସର ପରବର୍ତ୍ତୀ ସମୟରେ ସ୍ୱାଧୀନ ଭାବେ ଏକ ଆର୍ଥିକ ଭବିଷ୍ୟତ ସୁରକ୍ଷିତ ରଖିବା ସହ ଅବସର ଯୋଜନାକୁ ପ୍ରାଥମିକତା ଦେବା ଏବଂ ଅନ୍ୟାନ୍ୟ ନିବେଶ ସମେତ ବିବିଧ ନିବେଶ ବିକଳ୍ପଗୁଡିକୁ ଅନ୍ୱେଷଣ କରିବା ଆବଶ୍ୟକ କରୁଛି ବୋଲି ବନ୍ଧନ ଏଏମ୍‌ସିର ସେଲ୍‌ସ ଆଣ୍ଡ ମାର୍କେଟିଂ ବିଭାଗର ମୁଖ୍ୟ ଗୌରବ ପରିଜା କହିଛନ୍ତି। ଏପରିକ ବର୍ଦ୍ଧିତ ସହରୀକରଣ,ପରିବର୍ତ୍ତିତ ପାରିବାରିକ ସ୍ଥିତି ଓ ଅର୍ଥନୈତିକ ଚାପ ସହିତ ଅବସର ସମୟରେ ପାରିବାରିକ ସହାୟତା ଓ ପିଲାମାନଙ୍କ ଉପରେ ନିର୍ଭରଶୀଳତା ଆଧୁନିକ ଭାରତ ପରିପ୍ରେକ୍ଷୀରେ ମୂଲ୍ୟବାନ୍ ହୋଇରହିନାହିଁ। ପରିବର୍ତ୍ତିତ ସାମାଜିକ, ଅର୍ଥନୈତିକ ଗତିଶୀଳତା ଓ ବଢୁଥିବା ଜୀବନ ପ୍ରତ୍ୟାଶା ଏବଂ ଜୀବନଧାରଣର ବର୍ଦ୍ଧିତ ଖର୍ଚ୍ଚ, ଲୋକମାନେ ସ୍ୱାଧୀନ ଅବସର ଯୋଜନା ପାଇଁ ଆବଶ୍ୟକତାକୁ ଚିହ୍ନଟକରନ୍ତୁ ବୋଲି ଗୁରୁତ୍ୱ ଦେଉଛି, ଯାହାକୁ ସାଧାରଣତଃ ସମ୍ପତ୍ତି, ଅଳଙ୍କାର, ଯାନ ଭଳି ଭୌତିକ ସମ୍ପତ୍ତି କିଣିବା ସହ ବିବେଚନା କରାଯାଇଥାଏ। ଜୀବନଧାରଣ ମୂଲ୍ୟରେ ବୃଦ୍ଧି ଓ ବର୍ଦ୍ଧିତ ଜୀବନ ପ୍ରତ୍ୟାଶା ସମେତ ଏହି ସ୍ଥାନାନ୍ତର ମଜଭୁତ ଅବସରକାଳୀନ ଯୋଜନା ପାଇଁ ଜରୁରୀ ଆବଶ୍ୟକତାକୁ ରେଖାଙ୍କିତ କରୁଛି। ଏହି ପରିସ୍ଥିତି ଆହୁରି ଅଧିକ ଜଟିଳ ହୋଇପଡିଛି। କାରଣ ୨୦୨୪ରେ ପ୍ରତି ୫ ଜଣ ଭାରତୀୟଙ୍କ ମଧ୍ୟରୁ ୨ ଜଣ ବର୍ତ୍ତମାନ ବି ଅବସରକାଳୀନ ଯୋଜନା ଆରମ୍ଭକରି ନ ଥିବା ବେଳେ ୬୧% ଭାରତୀୟ ସେମାନଙ୍କର ସଞ୍ଚୟ ୧୦ବର୍ଷ ମଧ୍ୟରେ ଶେଷ ହୋଇଯିବ ବୋଲି ପରିଜା ଚିନ୍ତା ବ୍ୟକ୍ତ କରିଛନ୍ତି। ବିଶେଷକରି ଭାରତର ଅବସରକାଳୀନ ଜନସଂଖ୍ୟା ୨୦୩୧ ସୁଦ୍ଧା ୪୧% ବୃଦ୍ଧି ପାଇବ ବୋଲି ଆକଳନ କରାଯାଉଥିବା ବିଚାରକୁ ନେଲେ ଏଭଳି ପ୍ରସ୍ତୁତିର ଅଭାବ ଚିନ୍ତାଜନକ। ଅନ୍ୟାନ୍ୟ ନିବେଶ ଭଳି ଅବସରକାଳୀନ ଯୋଜନା ଯୁବପିଢ଼ିଙ୍କ ପାଇଁ ଏକ ଅବହେଳିତ ପ୍ରାଥମିକତା ରହିଆସିଛି, ଯିଏକି ଏହାକୁ ଏକ ଦୂରବର୍ତ୍ତୀ ବାସ୍ତବତା ଭାବେ ଦେଖିଥାନ୍ତି ଏବଂ ଏହାକୁ ଅଣଦେଖା କରିଥାନ୍ତି । କାରଣ ସେମାନେ ଗାଡ଼ି କିମ୍ବା ଘର କିଣିବା ଭଳି ତତ୍କାଳ ଆର୍ଥିକ ଲକ୍ଷ୍ୟଗୁଡିକୁ ପୂରଣ କରିବାରେ ବ୍ୟସ୍ତ ରହିଥାନ୍ତି।

## ଏନ୍‌ଟିପିସି କଣିହାଁର ୪ଟି କ୍ୱାଲିଟି ସର୍କଲକୁ ସ୍ୱର୍ଣ୍ଣପଦକ



ମଦୁରାଇ ଚାପ୍ଟର କ୍ୟୁସି ସମ୍ମିଳନୀରେ ସ୍ୱର୍ଣ୍ଣ ସହିତ ଜୁରି ପୁରସ୍କାର ପ୍ରଦାନ କରାଯାଉଛି।

ତାଳଚେର,୩।୧୦ (ମନୋଜ ନନ୍ଦ)

ବିଭିନ୍ନ କ୍ୱାଲିଟି ସର୍କଲ ସମ୍ମିଳନୀରେ ଏନ୍‌ଟିପିସି କଣିହାଁର ୪ଟି କ୍ୱାଲିଟି ସର୍କଲ (କ୍ୟୁସି) ଟିମ୍‌କୁ ସ୍ୱର୍ଣ୍ଣ ପୁରସ୍କାର ପ୍ରଦାନ କରାଯାଇଛି। ସେପ୍ଟେମ୍ବର ୨୯ରେ ବାରାଣସୀ (ୟୁପି) ଚାପ୍ଟରର କ୍ୟୁସି ସମ୍ମିଳନୀରେ ଇଏମ୍‌ଡି ବିଭାଗର କ୍ୱାଲିଟି ସର୍କଲ ଏନର୍ଜି ସ୍ୱର୍ଣ୍ଣ ପୁରସ୍କାର ହାସଲ କରିଛି। ୨୬ ଏବଂ ୨୭ ସେପ୍ଟେମ୍ବରରେ ଆୟୋଜିତ ରାଜସମାନ୍ଦ ଚାପ୍ଟର କ୍ୟୁସି ସମ୍ମିଳନୀରେ ସମାନ ବିଭାଗର କ୍ୱାଲିଟି ସର୍କଲ ସ୍ପାର୍କ ସ୍ୱର୍ଣ୍ଣପଦକ ଜିତିଥିଲେ। ଅପରେସନ (ଗ୍ରୁପ-ବି) ବିଭାଗର କ୍ୱାଲିଟି ସର୍କଲ କୁଶାଗ୍ରା ମଧ୍ୟ ରାଜସମାନ୍ଦ ସମ୍ମିଳନୀରେ ସ୍ୱର୍ଣ୍ଣ ପଦକ ଜିତିଛି। ସେହିପରି ଅପରେସନ୍ସ (ଗ୍ରୁପ-ଏ) ବିଭାଗର କ୍ୱାଲିଟି ସର୍କଲ ଗ୍ଲୋବାଲ ସେପ୍ଟେମ୍ବର ୨୫ ଏବଂ ୨୬ରେ ଆୟୋଜିତ ମଦୁରାଇ ଚାପ୍ଟର କ୍ୟୁସି ସମ୍ମିଳନୀରେ ସ୍ୱର୍ଣ୍ଣ ସହିତ ଜୁରି ପୁରସ୍କାର ଲାଭ କରିଛି। ସୂଚନାଯୋଗ୍ୟ, କ୍ୱାଲିଟି ସର୍କଲ ବା ଗୁଣବତା ମଣ୍ଡଳୀ ହେଉଛି ବିଭାଗୀୟ କର୍ମଚାରୀମାନଙ୍କ ଏକ ଗୋଷ୍ଠୀ, ଯେଉଁମାନେ ନିୟମିତ ଭାବେ ସମସ୍ୟାର ସମାଧାନ, ଉତ୍ପାଦ ଗୁଣାତ୍ମକ ନିୟନ୍ତ୍ରଣରେ ଉନ୍ନତି ଆଣିବା ଏବଂ କର୍ମକ୍ଷେତ୍ରରେ ଉଚ୍ଚମାନର ସୁବିଧା ପାଇଁ ଲକ୍ଷ୍ୟ ରଖିଥାନ୍ତି। ଏହି କାର୍ଯ୍ୟକ୍ରମ ଦଳଗତ କାର୍ଯ୍ୟକୁ ବିକଶିତ କରେ ଏବଂ ଏହାର ସ୍ୱେଚ୍ଛାକୃତ ପ୍ରବୃତି ସଦସ୍ୟମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଏବଂ ଚାକିରିର ସନ୍ତୁଷ୍ଟତା ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଥାଏ।

## ସିମେଣ୍ଟ ଦର ବୃଦ୍ଧି

ଭୁବନେଶ୍ୱର,୩।୧୦ (ଅନୁରାଧା ମହାରଣା)

ଦେଶରୁ ମୌସୁମୀ ଅପସାରଣ ହେଉଥିବାବେଳେ ଅଧିକାଂଶ ସ୍ଥାନରେ ବର୍ଷା ପରିମାଣ ମଧ୍ୟ କମିବାରେ ଲାଗିଛି। ଏହାର ପ୍ରତ୍ୟକ୍ଷ ପ୍ରଭାବ ବର୍ତ୍ତମାନ ନିର୍ମାଣ କ୍ଷେତ୍ରରେ ଦେଖିବାକୁ ମିଳୁଛି। ବର୍ଷା କମୁଥିବାରୁ ନିର୍ମାଣ ଜନିତ କାର୍ଯ୍ୟ ବଢ଼ିବାରେ ଲାଗିଛି। ଏଭଳି ପରିସ୍ଥିତିରେ ସିମେଣ୍ଟର ଚାହିଦା ମଧ୍ୟ ବଢ଼ିବାରେ ଲାଗିଛି। କେବଳ ଚାହିଦା ନୁହେଁ ବରଂ ଏହା ସହିତ ସିମେଣ୍ଟର ମୂଲ୍ୟ ମଧ୍ୟ ବୃଦ୍ଧି ପାଇଛି। ନିକଟରେ ସିମେଣ୍ଟର ମୂଲ୍ୟ ବସ୍ତା ପିଛା ୧୦ରୁ ୩୦ ଟଙ୍କା ବୃଦ୍ଧି ପାଇଛି। ୫୦ କିଲୋଗ୍ରାମ ସିମେଣ୍ଟ ବସ୍ତାରେ ଏହି ମୂଲ୍ୟ ବୃଦ୍ଧି ହୋଇଥିବାବେଳେ ଘର ତିଆରି ମହଙ୍ଗା ହେବା ସୁନିଶ୍ଚିତ ହୋଇଛି। ଘର ନିର୍ମାଣ ପାଇଁ ସିମେଣ୍ଟ ମୁଖ୍ୟ ଉପାଦାନ ହୋଇଥିବାବେଳେ ପ୍ରତିବର୍ଷ ସିମେଣ୍ଟ ମୂଲ୍ୟରେ ବୃଦ୍ଧି ହେତୁ ଘର ନିର୍ମାଣ ଖର୍ଚ୍ଚ ବୃଦ୍ଧି ହେବାର ପରିସ୍ଥିତି ଦେଖାଯାଉଛି। ଗୁରୁବାରଠାରୁ ହିମାଚଳ ପ୍ରଦେଶ ସମେତ ୩ ଟି ବଡ ରାଜ୍ୟରେ ସିମେଣ୍ଟର ବର୍ଦ୍ଧିତ ମୂଲ୍ୟ କାର୍ଯ୍ୟକାରୀ କରାଯାଇଛି। ସୂଚନା ଥାଉକି, ଚଳିତ ବର୍ଷ ଦେଶରେ ଲୋକସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା ଏବଂ ଆଚରଣ ବିଧି ଲାଗୁ ହେତୁ ଦେଶରେ ନିର୍ମାଣ କାର୍ଯ୍ୟ କିଛି ମାସ ପର୍ଯ୍ୟନ୍ତ ବନ୍ଦ ରହିଥିଲା। ଏହାର ସିମେଣ୍ଟ ହାର ଉପରେ ଏହାର ପ୍ରଭାବ ପଡିଥିଲା ଏବଂ ସାଧାରଣ ଜନତା ବର୍ଷର ପ୍ରଥମାର୍ଦ୍ଧରେ ସିମେଣ୍ଟ ମୂଲ୍ୟରେ ବୃଦ୍ଧି ହେବାର ଆଶଙ୍କା ଅନୁଭବ କରିନଥିଲେ। ବର୍ତ୍ତମାନ ସମସ୍ତ ସିମେଣ୍ଟ କମ୍ପାନୀଗୁଡିକ ମଧ୍ୟ ଷ୍ଟକ ମାର୍କେଟରେ ହ୍ରାସ ପାଇ ଆମ୍ବୁଜା ସିମେଣ୍ଟରେ ୨.୧୮ ପ୍ରତିଶତ ହ୍ରାସ ଘଟିଛି। ଏସିସିରେ ୨.୦୭ ପ୍ରତିଶତ ହ୍ରାସ ଘଟିଛି। ଏହା ବ୍ୟତୀତ ଷ୍ଟକ ମାର୍କେଟରେ ହ୍ରାସର ପ୍ରଭାବ ଅନେକ ସିମେଣ୍ଟ କମ୍ପାନୀ ଉପରେ ଦେଖାଯାଉଛି। କେବଳ ୪ ଟି ସିମେଣ୍ଟ କମ୍ପାନୀ ଇଣ୍ଡିଆ ସିମେଣ୍ଟ, ଜେ.କେ ଲକ୍ଷ୍ମୀ ସିମେଣ୍ଟ, ସାଗର ସିମେଣ୍ଟ ଏବଂ ଉଦୟପୁର ସିମେଣ୍ଟ ଦେବାଳିଆ ପରିସ୍ଥିତିରୁ ବର୍ତ୍ତିଛି।

## ପାର୍ବଣରେ ଅତୁଳନୀୟ ସୁବିଧା ପାଇବେ ଗ୍ରାହକ

ନୂଆଦିଲ୍ଲୀ,୩।୧୦

ଚଳିତ ବର୍ଷ ପାର୍ବଣରେ ଆମାଜନ୍.ଇନ୍‌ର ନବରାତ୍ରି ଷ୍ଟୋର ଗ୍ରାହକଙ୍କ ପାଇଁ ପୋଷାକ,ଇଲେକ୍ଟ୍ରୋନିକ୍ ସାମଗ୍ରୀ, ଗ୍ୟାଜେଟ୍ ଏବଂ ପ୍ରିୟଜନଙ୍କ ପାଇଁ ଉପହାରର ଆକର୍ଷଣୀୟ ଚୟନ ସହିତ ପ୍ରସ୍ତୁତ ହେବା ପାଇଁ ଶପିଂ ଅନୁଭୂତି ପ୍ରଦାନ କରୁଛି। ଏପରିକି ଏହାର ସମସ୍ତ ସଦସ୍ୟ ଅତୁଳନୀୟ ସୁବିଧାର ଲାଭ ଉଠାଇବା ସହିତ ସେମାନେ ଏଥିନିକ୍ ପୋଷାକ, ଉପକରଣ, ହୋମ୍ ଡେକୋର, ଫ୍ୟାଶନ, ସୌନ୍ଦର୍ଯ୍ୟ ଉତ୍ପାଦ ଏବଂ ଆହୁରି ଅନେକ ପ୍ରକାର ଅତ୍ୟାବଶ୍ୟକ ସାମଗ୍ରୀର ବ୍ୟାପକ ଚୟନରୁ ଚୟନ କରିପାରିବେ। ଏହି ଷ୍ଟୋର ୨୦୨୩ ଅକ୍ଟୋବର ୧୨ ପର୍ଯ୍ୟନ୍ତ ଲାଇଭ୍ ରହିବ। ବିଶେଷକରି ଏହାକୁ କ୍ୟାସିଓ, ବଡିସପ୍, ରିଅଲମି, ବୋଟ୍, ସାମ୍‌ସଙ୍ଗ୍, ଆମାଜନ ଇକୋଡଟ୍, ଏଲଜି, ଟାଟା, କ୍ୟାଡ୍‌ବରି, ଟାଇଟନ୍ ଏବଂ ଆହୁରି ଅନେକ ପସନ୍ଦର ବ୍ରାଣ୍ଡ ସହ ଗ୍ରହକଙ୍କ ପାର୍ବଣ ଶପିଂ ଅନୁଭୂତିକୁ ସରଳ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ଏହି ସ୍ୱତନ୍ତ୍ର ଷ୍ଟୋର ଚଳିତ ପାର୍ବଣ ଋତୁରେ ମହିଳା ଆକର୍ଷଣୀୟ ଗର୍ବା ସ୍କର୍ଟ ସହ ସୂକ୍ଷ୍ମ ଏମ୍ବ୍ରୋଇଡରିଡ୍ କ୍ରପ୍ ଟପ୍, କଚ୍ଛି ଲେସ୍ ୱାର୍କ ରେଡ୍ କଲର ଲଙ୍ଗ୍ ଆଡଜଷ୍ଟେବଲ୍ ନେକ୍‌ଲେସ୍ ସେଟ୍ ସହିତ ଇୟରରିଂ,କ୍ୟାସିଓ ଭିଣ୍ଟେଜ ସିରିଜ୍ ଡିଜିଟାଲ ଓମେନ୍ସ ୱାଚ୍, ଲାଭି ଓମେନ୍ସ ଷ୍ଟାର ଫ୍ରେମ୍‌ଡ କ୍ଲଚ୍, ଗ୍ଲାସ୍ କଭର ସହିତ ଏଇନ୍ ସୋଫ୍ ଲାର୍ଜ ସାଇଜ୍ ଡେକୋରେଟିଭ ବ୍ରାସ୍ ଅଖଣ୍ଡ ଦିଆ, ହୋମସେକ୍ ଟିଲାଇଟ୍ କ୍ୟାଣ୍ଡେଲ ହୋଲଡର, ଏରୋହେଭେନ୍ ପ୍ରିମିୟମ୍ ସେଟ୍ ଅଫ୍ ୫ କୁସନ୍ କଭର୍ ଆଦି ସାମିଲ ରହିଛି। ସେହିଭଳି ପର୍ବପର୍ବାଣି ଉପହାରରେ ଟାଟା ସମ୍ପନ୍ ପ୍ୟୋର କାଲିଫର୍ନିଆ ଆଲମଣ୍ଡ, ଗର୍ମେଟ୍ ପଫ୍‌କର୍ଣ୍ଣ,ବେଲଜିୟାନ ଚୋକୋ କାରାମେଲ୍, କ୍ୟାଡ୍‌ବରି ସେଲିବ୍ରେସନ ଚକୋଲେଟ୍ ଗିଫ୍ଟ ପ୍ୟାକ୍ ଆଦି ସାମିଲ ରହିଛି। ଟ୍ରେଣ୍ଡି ଇଲେକ୍ଟ୍ରୋନିକ୍ସ ବର୍ଗରେ ରିଅଲମି ନାର୍ଜୋ ୭୦ଏକ୍ସ ୫ଜି, ଆମାଜନ ଇକୋ ଡଟ୍ (୫ମ ଜେନେରେଶନ) ସ୍ମାର୍ଟ ସ୍ପିକର, ବୋଟ୍ ନିର୍ବାଣ ଆୟନ ଟିଡବ୍ଲ୍ୟୁଏସ୍ ଇୟରବଡ୍ସ, ସାମ୍‌ସଙ୍ଗ୍ ଗାଲାକ୍ସି ଟ୍ୟାବ୍ ଏ୯+, ଆଲେକ୍ସା ଭଏସ୍ ରିମୋଟ୍ ସହ ଫାୟାର ଟିଭି ଷ୍ଟିକ୍, ଇକୋ ପପ୍, ଇକୋ ସୋ ୫ (୨ୟ ଜେନ) ଆଦି ସାମିଲ ରହିଛି।

## କିଟ୍, କିସ୍ ଓ ଜାପାଇଗୋ ମଧ୍ୟରେ ଏମ୍‌ଓୟୁ

ଭୁବନେଶ୍ୱର,୩।୧୦(ଶର୍ମିଷ୍ଠା ପାଣିଗ୍ରାହୀ)



ଜନଜାତି ସ୍ୱାସ୍ଥ୍ୟ ବିକାଶ ଓ ଯୁବ ସଶକ୍ତୀକରଣ ପାଇଁ କିଟ୍, କିସ୍ ଓ ଅନ୍ତର୍ଜାତୀୟ ଏନ୍‌ଜିଓ ସଂସ୍ଥା ଜାପାଇଗୋ ମଧ୍ୟରେ ଗୁରୁବାର ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। 'ଟ୍ରାଇବାଲ ହେଲ୍‌ଥ ରିସର୍ଚ୍ଚ ଇନୋଭେଶନ ଆଣ୍ଡ ଭୋକେଶନାଲ ଏମ୍ପାୱାରମେଣ୍ଟ' ଶୀର୍ଷକ ବୁଝାମଣା ପତ୍ରରେ କିଟ୍ ବିଶ୍ୱବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ବେହେରା ଓ ଜାପାଇଗୋ ପକ୍ଷରୁ ଡ. ସୋମେଶ କୁମାର ସ୍ୱାକ୍ଷର କରିଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି ବୁଝାମଣା ଦ୍ୱାରା ଜନଜାତି ଗବେଷଣା, ସଂସ୍କୃତି ସଂରକ୍ଷଣ ଓ ଯୁବ ସଶକ୍ତୀକରଣ ଦିଗରେ କାର୍ଯ୍ୟ କରାଯିବା ସହ ଜନଜାତି ଲୋକଙ୍କ ମଧ୍ୟରେ ଜଟିଳ ରୋଗ ଓ ସାମାଜିକ ସମସ୍ୟା ଦୂର କରିବା ଲକ୍ଷ୍ୟ ରହିଛି। ଏହି ଅବସରରେ କିସ୍ ପରିସରରେ ଟ୍ରାଇବାଲ ହେଲ୍ ଆଣ୍ଡ ରିସର୍ଚ୍ଚ (ସିଟିଏଚ୍‌ଆର୍) ଓ ସେଣ୍ଟର ଫର୍ ୟୁଥ ଇନୋଭେଶନ ଆଣ୍ଡ ଇନ୍‌କ୍ଲୁସିଭେନ୍‌ସ (ସିୱାଇଆଇଆଇ) ଭଳି ଦୁଇଟି ଗବେଷଣା କେନ୍ଦ୍ର ଉଦ୍‌ଘାଟିତ ହୋଇଥିଲା। ଏହି ଦୁଇ କେନ୍ଦ୍ର ଦ୍ୱାରା ଜନଜାତି ଓ ଯୁବ ବିକାଶ କାର୍ଯ୍ୟ ଉପରେ ଗବେଷଣା କରାଯିବ। ଜାପାଇଗୋ ସଭାପତି ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଲେସ୍‌ଲି ମାନ୍‌କୁସୋ ଏକ ଭିଡିଓ ବାର୍ତ୍ତାରେ ସୂଚନା ଦେଇ କହିଲେ, ଏହି ବୁଝାମଣା ଫଳରେ ଜନଜାତି ସ୍ୱାସ୍ଥ୍ୟର ବିକାଶ, ଶୈକ୍ଷିକ ଭାଗୀଦାରି ଓ ଦକ୍ଷତା ବୃଦ୍ଧି ଆଦି ଦିଗରେ ମିଳିତ କାର୍ଯ୍ୟ କରାଯିବ। ଜାପାଇଗୋ ଗ୍ଲୋବାଲ ପ୍ରୋଗ୍ରାମର ବରିଷ୍ଠ ଉପସଭାପତି ଦେବୋରା ବୋସମେୟର କହିଲେ, ଏହାଦ୍ୱାରା ଯୁବଗୋଷ୍ଠୀଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ବିଚାରଗତ କ୍ଷେତ୍ରରେ ଭବିଷ୍ୟତରେ ଆସିବାକୁ ଥିବା ସମସ୍ୟାର ସମାଧାନ କରାଯାଇପାରିବେ। ଡ. ସୋମେଶ କୁମାର କହିଲେ, ଏହି ଦୁଇଟି କେନ୍ଦ୍ର ଦ୍ୱାରା ଜନଜାତି ସମାଜର ବ୍ୟାପକ ବିକାଶ ହୋଇପାରିବ।

## ୪କେ ଏଣ୍ଡୋସ୍ପାଇନ୍ ସର୍ଜରିର ଶୁଭାରମ୍ଭ

ଭୁବନେଶ୍ୱର,୩।୧୦

ବର୍ତ୍ତମାନ ସମୟରେ ପିଠି ଯନ୍ତ୍ରଣା ଏକ ବଡ ସମସ୍ୟା ଓ ଶୁଣିବାକୁ ମିଳୁଥିବା ଶତାବ୍ଦୀର ସବୁଠାରୁ ସାଧାରଣ ଅଭିଯୋଗ। ଏହା ସାଧାରଣ ହେବା ବ୍ୟତୀତ ଅତ୍ୟନ୍ତ ଯନ୍ତ୍ରଣାଦାୟକ, ଦୁଃଖଦାୟକ ଏବଂ ଦୈନନ୍ଦିନ କାର୍ଯ୍ୟକଳାପରେ ପ୍ରତିବନ୍ଧକ ସୃଷ୍ଟି କରିଥାଏ। ଏପରିକି ଏହାର ସମାଧାନ ପାଇଁ ଭୁବନେଶ୍ୱରରେ ୪କେ ଏଣ୍ଡୋସ୍ପାଇନ୍ ସର୍ଜରିର ଶୁଭାରମ୍ଭ କରାଯାଇଛି। ବିଶେଷକରି ମେରୁଦଣ୍ଡ ଓ ଭର୍ଟେବ୍ରାଏ ସ୍ଲିପ୍ ଡିସ୍କ ତଥା ସ୍କିଆଟିକାର ଦୁଇଟି ସାଧାରଣ ଓ ଯନ୍ତ୍ରଣାଦାୟକ ରୋଗର ସଫଳ ଅସ୍ତ୍ରୋପଚାର କରାଯାଇପାରିବ ବୋଲି ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ମଡର୍ନ ଆର୍ଥୋ କ୍ଲିନିକ୍‌ର ଏଣ୍ଡୋସ୍କୋପିକ୍ ସର୍ଜନ୍ ତଥା ଅର୍ଥୋପେଡିସିଆନ୍ ଡା. ପି. ସି. ଦେ କହିଛନ୍ତି। ସେହିଭଳି ଅତ୍ୟାଧୁନିକ ୩ଡି+୪କେ ୫୫'' ଏଣ୍ଡୋସ୍ପାଇନ୍ ଅସ୍ତ୍ରୋପଚାର ବର୍ତ୍ତମାନ ଓଡ଼ିଶାରେ ଉପଲବ୍ଧ ବୋଲି ଦେ ବିସ୍ତୃତ ଭାବେ ମତବ୍ୟକ୍ତ କରିଛନ୍ତି, ଯାହାକି ବିଶ୍ୱରେ ପ୍ରଥମ । ଏହାକୁ ଏକ ସର୍ବନିମ୍ନ ଇନ୍‌ଭେସିଭ୍ କୌଶଳ ଭାବେ ବିବେଚନା କରାଯାଏ। ୩ଡି+୪କେ ୫୫'' ଏଣ୍ଡୋଭିଜନ୍ ସିଷ୍ଟମ୍ ଭଳି ଉନ୍ନତ ଚିକିତ୍ସା ବିଜ୍ଞାନର ଆବିର୍ଭାବ ହେଲେ ଏଭଳି ରୋଗର ଚିକିତ୍ସା ଓ ଅସ୍ତ୍ରୋପଚାର ସର୍ବନିମ୍ନ ଇନ୍‌ଭେସିଭ ଜ୍ଞାନକୌଶଳରେ କରାଯାଇପାରିବ ବୋଲି ଦେ କହିଛନ୍ତି। ଏଭଳି କୌଶଳ ଚିକିତ୍ସା ସମୟରେ କମ୍ ରକ୍ତ କ୍ଷୟ, ଅସ୍ତ୍ରୋପଚାର ପାଇଁ ଛୋଟ ଛୋଟ କଣା ବା ଗାତ ହୋଇଥାଏ ଏବଂ ରୋଗୀଙ୍କ ଶୀଘ୍ର ଆରୋଗ୍ୟ ଲାଭ କରିଥାଏ। ଡା. ଦେ ଗତ ୧୭ ବର୍ଷ ମଧ୍ୟରେ ଏଭଳି ୩୦୦୦ ରୁ ଅଧିକ ମାମଲା କରିସାରିଛନ୍ତି। ଫ୍ରାନ୍ସର ଡା. ଜନ୍ ଡେଷ୍ଟାଣ୍ଡାଉଙ୍କଠାରୁ ପ୍ରଶିକ୍ଷଣ ନେବା ପରେ ସେ ୨୦୦୭ ରେ ଏଣ୍ଡୋସ୍ପାଇନ୍ ସର୍ଜନ୍ ଭାବେ କ୍ୟାରିୟର ଆରମ୍ଭ କରିଥିଲେ।

## ସୂର୍ଯ୍ୟ କୁମାରଙ୍କ ସହ ନୂତନ ଅଭିଯାନର ଶୁଭାରମ୍ଭ

ନୂଆଦିଲ୍ଲୀ,୩।୧୦




ରୟାଲ ଷ୍ଟାଗ୍ ପ୍ୟାକେଜ୍‌ଡ ଡ୍ରିଙ୍କିଂ ୱାଟରର ବହୁ ପ୍ରତୀକ୍ଷିତ ପାର୍ବଣ କ୍ୟାମ୍ପେନିଂ 'ହାସ୍‌ଟ୍ୟାଗ୍ ସେଲିବ୍ରେଟ୍ ଲାର୍ଜ' ଶୀର୍ଷକ ଏକ ନୂତନ ଅଭିଯାନର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଆଜିର ଯୁବପିଢ଼ି କିପରି ନିଜର ନିଆରା ଶୈଳୀ ଓ ଶକ୍ତିରେ ବିଭିନ୍ନ ଉତ୍ସବ ପାଳନ କରିବାକୁ ଚାହୁଁଛନ୍ତି, ତାହା ଏହି ଅଭିଯାନ ଜରିଆରେ ଦର୍ଶାଯାଇଛି। ଏହି କ୍ୟାମ୍ପେନିଂ ଟ୍ୟାଗ୍ ଲାଇନ୍ 'ଜେନେରେଶନ ଲାର୍ଜ କା ସେଲିବ୍ରେଶନ୍ ଲାର୍ଜ' ବ୍ରାଣ୍ଡର ଲିଭ୍ ଇଟ୍ ଲାର୍ଜ ଦର୍ଶନ ସହିତ ଯୁବପିଢ଼ିଙ୍କ ଏହି ଇଚ୍ଛାକୁ ସୁନ୍ଦର ଭାବେ ପ୍ରସ୍ତୁତ କରିଛି। ସେହିଭଳି ଏହି ଅଭିଯାନ ଜରିଆରେ ଭାରତର ଟି-୨୦ କ୍ରିକେଟ ଅଧିନାୟକ ସୂର୍ଯ୍ୟ କୁମାର ଯାଦବ ସୁନ୍ଦର ଅଭିନୟ କରିଛନ୍ତି ଏବଂ ଏହା ଏକ ଇଣ୍ଟରଆକ୍ଟିଭ୍ ଏଆଇ ଚଳଚ୍ଚିତ୍ର ହୋଇଥିଲାବେଳେ ଏକ ଅଭିନବ ଏଆର୍-ସକ୍ଷମ ଉତ୍ସବ କ୍ୟାନ୍‌ଭାସ୍ ଏବଂ ନିଜେ ଭାରତୀୟ କ୍ରିକେଟ ସୁପରଷ୍ଟାର ସୂର୍ଯ୍ୟ କୁମାର ଯାଦବଙ୍କ ସହ ଉତ୍ସବ ପାଳନ କରିବାର ସୁଯୋଗ ସହିତ ଏକ ନିୟୋଜିତ ୩୬୦ ଅଭିଯାନ ଅନ୍ତର୍ଭୁକ୍ତ ରହିଛି। ସେହିପରି ଏହାକୁ କ୍ରିଏଟିଭ୍ ଏଜେନ୍ସି ପାର୍ଟନେର ଏଫ୍‌ସିବି ଇଣ୍ଡିଆ ସହଯୋଗରେ ଆରମ୍ଭ କରାଯାଇଛି। ଏହି ଅଭିଯାନରେ ବିଭିନ୍ନ ଅଞ୍ଚଳର ସମସ୍ତ ପ୍ରମୁଖ ଉତ୍ସବକୁ ସୁନ୍ଦର ଭାବେ ପ୍ରଦର୍ଶିତ କରାଯାଇଛି ଏବଂ ସୂର୍ଯ୍ୟ କୁମାର ଯାଦବଙ୍କ ସହ ହାସ୍‌ଟ୍ୟାଗ୍ ସେଲିବ୍ରେଟ୍ ଲାର୍ଜ କରିବାକୁ ଦର୍ଶକଙ୍କୁ ଆମନ୍ତ୍ରଣ କରାଯାଇଛି। ଅପରପକ୍ଷରେ ପ୍ରିଣ୍ଟ ଓ ଆଉଟ୍‌ଡୋର କ୍ୟାମ୍ପେନ କମ୍ୟୁନିକେଶନରେ ଦିଆଯାଇଥିବା କ୍ୟୁଆର୍ କୋଡ୍ ସ୍କାନିଂ କରିବା ପରେ ଦର୍ଶକମାନେ ଫେଷ୍ଟିଭାଲ କ୍ୟାନ୍‌ଭାସର ଏକ ଏଆର୍ ଭର୍ସନ ଖୋଲିପାରିବେ ଏବଂ ଯେଉଁଥିରେ ଉତ୍ସବର ବିଭିନ୍ନ ଦିଗକୁ ସୁନ୍ଦର ଭାବେ ଉପଭୋଗ କରିପାରିବେ ବୋଲି ଉକ୍ତ ଚଳଚ୍ଚିତ୍ରରେ ସୁନ୍ଦର ଭାବେ ଦର୍ଶାଯାଇଛି। ଏ ସମ୍ପର୍କରେ ପର୍ନୋଡ୍ ରିକାର୍ଡ ଇଣ୍ଡିଆର ମୁଖ୍ୟ ମାର୍କେଟିଂ ଅଫିସର ତଥା ଗ୍ଲୋବାଲ ବିଜ୍‌ନେସ୍ ଡେଭଲପମେଣ୍ଟର ମୁଖ୍ୟ କାର୍ତ୍ତିକ ମହିନ୍ଦ୍ରା କହିଛନ୍ତି, ପର୍ବପର୍ବାଣି ହେଉଛି ଯୁବପିଢ଼ିଙ୍କ ପାଇଁ ଏକ ଉତ୍ସବର ସମୟ ହୋଇଥାଏ। ଏପରିକି ଲିଭ୍ ଇଟ୍ ଲାର୍ଜ ପାଇଁ ଏହା ଏକ ଉପଯୁକ୍ତ ଅବସର ହୋଇଥିଲାବେଳେ ଯୁବପିଢ଼ିଙ୍କର ଅନନ୍ୟ ଶୈଳୀ ଓ ଶକ୍ତିରେ ପରିପୂର୍ଣ୍ଣ ହେବା ଏବଂ ଆଗାମୀ ବର୍ଷମାନଙ୍କ ପାଇଁ ସ୍ମରଣୀୟ ସ୍ମୃତି ସୃଷ୍ଟି କରିବା।

## ଇନୋଭେଟ୍ ଓଡ଼ିଶା ୨.୦ ହାକାଥନ୍‌ର ଉଦ୍‌ଯାପନୀ ସମାରୋହ

ଭୁବନେଶ୍ୱର,୩।୧୦ (ଅଭୟ ଦାଶ)




ଚନ୍ଦକାସ୍ଥିତ ନାଳନ୍ଦା ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିଠାରେ ଓଡ଼ିଶାର ସର୍ବବୃହତ୍ ନିର୍ମାତା ହାକାଥନ୍ ଇନୋଭେଟ୍ ଓଡ଼ିଶା ୨.୦ ତଥ୍ୟପୂର୍ଣ୍ଣ ଆଲୋଚନା ଓ ନୂତନ ସମାଧାନଗୁଡିକର ଉତ୍ସବ ସହିତ ଶେଷ ହୋଇଛି। ଏହି ଉଦ୍‌ଯାପନୀ ସମାରୋହରେ ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ଏବଂ ଏମ୍‌ଏସ୍‌ଏମ୍‌ଇ ବିଭାଗର ରାଜ୍ୟ ମନ୍ତ୍ରୀ (ସ୍ୱାଧୀନ) ଗୋକୁଳାନନ୍ଦ ମଲ୍ଲିକଙ୍କ ସମେତ ମନମୋହନ ସାମଲ, ଡ. ତପନ କୁମାର ଚାନ୍ଦ,ପ୍ରଭାତ କେଶରୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏଆଇସି-ନାଳନ୍ଦା ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି ଫାଉଣ୍ଡେଶନ ଓ କାରଖାନା ମେକରସ୍ପେଶ୍ ପକ୍ଷରୁ ଆୟୋଜିତ ଏହି ୨ୟ ସଂସ୍କରଣ ଜେନେରେଟିଭ ଏଆଇ, କ୍ଲାଇମେଟ୍ ଟେକ୍, ଡିଜିଟାଲ ଟ୍ୱିନ ଓ ଇଣ୍ଡଷ୍ଟ୍ରି ଅଟୋମେଶନ ଭଳି ଉଦୀୟମାନ କ୍ଷେତ୍ରଗୁଡିକ ଉପରେ ଗୁରୁତ୍ୱ ଦେଇଥିଲା। ଓଡ଼ିଶାର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ୨୦୦ରୁ ଅଧିକ ଆବେଦନ ମିଳିବା ସହିତ ଏହି କାର୍ଯ୍ୟକ୍ରମରେ ଉତ୍ସାହଜନକ ଅଂଶଗ୍ରହଣର ଦେଖିବାକୁ ମିଳିଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ୧୫ରୁ ଅଧିକ ବୈଷୟିକ ଶିକ୍ଷାନୁଷ୍ଠାନରୁ ୧୨୦ରୁ ଅଧିକ ଛାତ୍ରୀଛାତ୍ର ସାମିଲ ଥିବା ୨୦ଟି ଟିମ୍‌କୁ ତାଲିକାଭୁକ୍ତ କରାଯାଇଛି। ଏହି ୨୪ ଘଣ୍ଟାର ହାକାଥନ୍ ବୈଷୟିକ ଛାତ୍ରୀଛାତ୍ର ଓ ପ୍ରଫେସନାଲଙ୍କୁ ସହଯୋଗିତା ଓ ଉଦ୍ଭାବନ କରିବା ଏବଂ ବାସ୍ତବ ଦୁନିଆର ସମସ୍ୟାଗୁଡିକୁ ସମାଧାନ କରିବା ପାଇଁ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛି। ଏହି ଅବସରରେ ମନ୍ତ୍ରୀ ମଲ୍ଲିକ କହିଛନ୍ତି, ଓଡ଼ିଶାର ଯୁବପିଢ଼ିଙ୍କ ନିକଟରେ ସର୍ବୋତ୍ତମ କାର୍ଯ୍ୟ କରିବାର କ୍ଷମତା ରହିଛି ଏବଂ ସରକାର ସେମାନଙ୍କର ପ୍ରୟାସରେ ସେମାନଙ୍କୁ ସହଯୋଗ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ସେହିପରି ମନମୋହନ ସାମଲ କହିଛନ୍ତି, ନୂଆ ସରକାର ଓଡ଼ିଶାର ଲୋକ ଏବଂ ସମାଜର ସମସ୍ତ ବର୍ଗର ଲୋକମାନଙ୍କ ସାମଗ୍ରିକ ବିକାଶ ପ୍ରତି ପ୍ରତିବଦ୍ଧ ରହିଛି। ଡ. ଚାନ୍ଦ ଉଲ୍ଲେଖ କରିଛନ୍ତି, ରାଜ୍ୟର ନୂଆ ଭାଜପା ସରକାର ଓଡ଼ିଶାରେ ଶିଳ୍ପ ସ୍ଥାପନ କରିବା ପାଇଁ କେବଳ ପୁଞ୍ଜିନିବେଶ ଆଣିବ ନାହିଁ ବରଂ ଭବିଷ୍ୟତରେ ରାଜ୍ୟର ଯୁବପିଢ଼ିଙ୍କ ପାଇଁ ଅନେକ ହଜାର ନିଯୁକ୍ତି ସୃଷ୍ଟି କରିବ।

ଏହି ସମାରୋହ ସମୟରେ ହାକାଥନ୍‌ର ବିଜେତାମାନଙ୍କୁ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଦ୍ୱାରା ସମ୍ମାନିତ କରାଯିବା ସହ ସେମାନଙ୍କ ଚମତ୍କାର ଉଦ୍ଭାବନକୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ଶୀର୍ଷ ୪ଟି ପ୍ରଦର୍ଶନୀ ଟିମକୁ ୧,୭୫,୦୦୦ ଟଙ୍କାର ନଗଦ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଭାତ କେଶରୀ ମିଶ୍ର,ସୁଶ୍ରୀ ଆରତୀ ଦେବୀ, ଏଆଇସି-ନାଳନ୍ଦାର ଅଧ୍ୟକ୍ଷ ମଳୟ କୁମାର ପାଢ଼ୀ, ଏଆଇସି-ନାଳନ୍ଦାର ସିଇଓ ଦୁର୍ଗାପ୍ରସାଦ ମଧ୍ୟ ଉପସ୍ଥିତ ଥିଲେ।

ଧରିତ୍ରୀ DHARITRI 50 Years
www.orissakhabar.com/ www.dharitri.com ପୃଷ୍ଠା ୧୦ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୪/୨୦୨୪ Bhubaneswar, Friday, October 4/ 2024

# ବାଂଲାଦେଶ ଜିତିଲା ଉଦ୍‌ଘାଟନୀ ମ୍ୟାଚ

**ଶାରଜା, ୩।୧୦**

ମହିଳା ଟି୨୦ କ୍ରିକେଟ ବିଶ୍ୱକପ ଗୁରୁବାର ଏଠାରେ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ମ୍ୟାଚରେ ବାଂଲାଦେଶ ୧୬ ରନରେ ସ୍କଟଲାଣ୍ଡକୁ ପରାସ୍ତ କରିଛି। ବାଂଲାଦେଶ ୨୦ ଓଭରରେ ୭ ଉଇକେଟ ହରାଇ ୧୧୯ ରନ କରିଥିଲା। ସ୍କଟଲାଣ୍ଡ ପୂରା ୨୦ ଓଭର ଖେଳିଥିଲେ ମଧ୍ୟ ୭ ଉଇକେଟ ହରାଇ ୧୦୩ ରନ କରିବାକୁ

## ମହିଳା ଟି୨୦ ବିଶ୍ୱକପ

ସକ୍ଷମ ହୋଇଥିଲା। ନିଜ ୪ ଓଭର ସ୍ପେଲ୍‌ରେ ମାତ୍ର ୧୫ ରନ ଦେଇ ୨ଟି ଗୁରୁତ୍ୱପୂର୍ଣ୍ଣ ଉଇକେଟ ଅକ୍ତିଆର କରିଥିବା ବାଂଲାଦେଶର ରିତୁ ମୋନି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ୧୦ ବର୍ଷ ବ୍ୟବଧାନରେ ବାଂଲାଦେଶ ପ୍ରଥମଥରପାଇଁ ବିଶ୍ୱକପରେ ଏକ ମ୍ୟାଚ ଜିତିବାକୁ ସକ୍ଷମ ହୋଇଛି। ଶେଷ ଥରପାଇଁ ୨୦୧୪ ସଂସ୍କରଣରେ ଏହି ଦଳ ବିଜୟ ସ୍ୱାଦ ପାଇଥିଲା।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ବାଂଲାଦେଶ। ଓପନର ମୁର୍ଶିଦା ଖାତୁନ ୧୨ ରନକରି ଆଉଟ ହୋଇଥିଲେ ହେଁ ଟପ୍ ଅର୍ଡରରେ ସାଥି ରାନି ୨୯ ଓ ଶୋଭନା ମୋଷ୍ଟାରିଙ୍କ ୩୬ ରନ ବଳରେ ବାଂଲାଦେଶ ସମ୍ମାନଜନକ ସ୍କୋର କରିବାକୁ ସକ୍ଷମ ହୋଇଥିଲା। ମିଡିଲ ଓ ଲୋୟର ଅର୍ଡର ବ୍ୟାଟିଂ ଫେଲ୍ ମାରିଥିଲା। ଆୟର୍ଲାଣ୍ଡ ପକ୍ଷରୁ ସସ୍କିଆ ହର୍ଲେ ୩ଟି ଏବଂ କାଥ୍ରିନ ବ୍ରେସ, ଓଲିଭିଆ ବେଲ୍ ଓ କାଥେରିନ ଫ୍ରାସର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଟାର୍ଗେଟ ବଡ଼ ନ ଥିଲେ ହେଁ ସ୍କଟଲାଣ୍ଡ ସାରା ବ୍ରେସ୍‌ଙ୍କ ଅପରାଜିତ ୪୯ ରନ ସତ୍ତ୍ୱେ ବିଜୟ ଲକ୍ଷ୍ୟଠାରୁ ୧୬ ରନ ଦୂରରେ ରହି ଯାଇଥିଲା। ଅନ୍ୟ କୌଣସି ବ୍ୟାଟର ବାଂଲାଦେଶ ବୋଲରଙ୍କୁ ସଫଳ ମୁକାବିଲା କରିପାରି ନ ଥିଲେ। ଅଧିନାୟିକା କାଥରିନ ବ୍ରେସ୍ ଓ ଆଇଲ୍ସା ଲିଷ୍ଟର ୧୧ ରନ ଲେଖାଏ କରିବାକୁ ସକ୍ଷମ ହୋଇଥିଲେ। ବାଂଲାଦେଶ ବୋଲରଙ୍କ ମଧ୍ୟରେ ରିତୁ ମୋନି ୨ଟି ଏବଂ ମାରୁଫା ଅକତର, ନାହିଦା ଅକତର, ଫହିମା ଖାତୁନ ଓ ରବେୟା ଖାଁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ସ୍କଟଲାଣ୍ଡର ଏକ ଉଇକେଟ ପତନରେ ଉଲ୍ଲସିତ ବାଂଲାଦେଶ ଖେଳାଳି।

### ପାକିସ୍ତାନ ବିଜୟୀ

ଅନ୍ୟଏକ ମ୍ୟାଚ୍‌ରେ ପାକିସ୍ତାନ ୩୧ ରନ୍‌ରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ପାକିସ୍ତାନ ୨୦ ଓଭରରେ ୧୧୬ ରନ୍ କରି ଅଲ୍‌ଆଉଟ୍ ହୋଇଥିବାବେଳେ ଶ୍ରୀଲଙ୍କା ଦଳ ୨୦ ଓଭରରେ ୯ ଉଇକେଟ ହରାଇ ୮୫ ରନ୍ କରିବାକୁ ସମର୍ଥ ହୋଇଥିଲା। ପାକିସ୍ତାନ ଅଧିନାୟିକା ଫାତିମା ସାନା ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ୨୦ ଓଭରରେ ୧୧୯/୭ (ଶୋଭନା ମୋଷ୍ଟାରି–୩୬, ସାଥି ରାନି–୨୯, ସସ୍କିଆ ହର୍ଲେ–୩/୧୩, କାଥ୍ରିନ ବ୍ରେସ–୧/୨୩, ଓଲିଭିଆ ବେଲ୍–୧/୨୩, କାଥେରିନ ଫ୍ରାସର–୧/୨୩)। ସ୍କଟଲାଣ୍ଡ ୨୦ ଓଭରରେ ୧୦୩/୭ (ସାରା ବ୍ରେସ–୪୯*, ରିତୁ ମୋନି–୨/୧୫, ମାରୁଫା ଅକତର–୧/୧୭, ନାହିଦା ଅକତର୧/୧୯, ଫହିମା ଖାତୁନ–୧/୨୧, ରବେୟା ଖାଁ–୧/୨୦)।

## ଖୁସିଙ୍କୁ ବ୍ରୋଞ୍ଜ, ଭାରତର ପଦକ ସଂଖ୍ୟା ୧୫କୁ ବୃଦ୍ଧି

**ଲିମା (ପେରୁ) ୩।୧୦:** ମହିଳା ୫୦ମିଟର ରାଇଫଲ ୩ ପୋଜିଶନରେ ଭାରତର ଖୁସି ସଂଘର୍ଷପୂର୍ଣ୍ଣ ପ୍ରଦର୍ଶନ ସହ ଏକ ବ୍ରୋଞ୍ଜ ପଦକ ପାଇଛନ୍ତି। ତାଙ୍କର ଏହି ପଦକ ଦ୍ୱାରା ଭାରତର ପଦକ ସଂଖ୍ୟା ୧୦ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ୪ ବ୍ରୋଞ୍ଜ ସହ ୧୫ରେ ପହଞ୍ଚିଛି। ଦେଶ ବର୍ତ୍ତମାନ ଷ୍ଟାଣ୍ଡିଂରେ ଶୀର୍ଷରେ ରହିଛି। ଖୁସି ଫାଇନାଲରେ ୪୪୭.୩ ଶଟ୍ ସହ ସ୍ୱର୍ଣ୍ଣ ଓ ରୌପ୍ୟ ଜିତିଥିବା ନରୱେର ସଇନୋସିଟ୍ ବର୍ଗ (୪୫୮.୪) ଓ କାରୋଲିନ୍ ଲୁଣ୍ଡ (୪୫୮.୩)ଙ୍କ ପଛରେ ତୃତୀୟ ହୋଇଥିଲେ। ଖୁସି ୫୮୫ ସ୍କୋର ସହ କ୍ୱାଲିଫିକେଶନର ଫାଇନାଲ ଷ୍ଟାଣ୍ଡିଂରେ ୭ମ ସ୍ଥାନ ଅଧିକାର କରି ଫାଇନାଲ ରାଉଣ୍ଡରେ ପ୍ରବେଶ କରିଥିଲେ। ଜୁନିୟର ମହିଳା ୩ ଟିମ୍ ଇଭେଣ୍ଟରେ ସାକ୍ଷୀ ପାଡେକର, ମେଲଭିନା ଜୋଏଲ ଗ୍ଲାଡସନ ଓ ପ୍ରାଚୀ ଗାଏକ୍ୱାଡଙ୍କୁ ନେଇ ଭାରତୀୟ ଦଳ ୫ମ ସ୍ଥାନ ଅଧିକାର କରିଥିଲେ।

# ଓଡ଼ିଶାର ରାକେଶ ଭାଗନେବେ

**ଭୁବନେଶ୍ୱର, ୩।୧୦ (ତପନ ସ୍ୱାଇଁ)**

ହଙ୍ଗେରୀର ସଜୋମ୍ବାଥେଲିଠାରେ ଏଫ୍‌ଆଇଜି ୱାର୍ଲ୍ଡ ଚ୍ୟାଲେଞ୍ଜ୍ କପ୍ ଜିମ୍ନାଷ୍ଟିକ୍ସ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତାର ପୁରୁଷ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସରେ ଅଂଶଗ୍ରହଣ ପାଇଁ ଓଡ଼ିଶାର ରାକେଶ

## ୱାର୍ଲ୍ଡ ଚ୍ୟାଲେଞ୍ଜ କପ୍ ଜିମ୍ନାଷ୍ଟିକ୍ସ

ପାତ୍ର ମନୋନୀତ ହୋଇଛନ୍ତି। ଓଡ଼ିଶାର ପ୍ରତିଷ୍ଠିତ ଜିମ୍ନାଷ୍ଟ ରାକେଶ କ୍ରମାଗତ ଭାବେ ଗତ ଦୁଇ ଦଶନ୍ଧି ଧରି ଅନ୍ତର୍ଜାତୀୟ ସ୍ତରରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ଆସୁଛନ୍ତି। ବିଶ୍ୱସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ ହୋଇ ରାକେଶ ଏହି କ୍ରୀଡ଼ା ପ୍ରତି ନିଜର ଉତ୍ସର୍ଗୀକୃତ ମନୋଭାବର ପରିଚୟ ଦେଇଛନ୍ତି। ଆଗାମୀ ପ୍ରତିଯୋଗିତାରେ ବିଶ୍ୱର ନାମୀ ଜିମ୍ନାଷ୍ଟମାନେ ଅଂଶଗ୍ରହଣ କରିବେ। ଏଭଳି ଏକ ବଡ଼ ପ୍ରତିଯୋଗିତା ପାଇଁ ମନୋନୀତ ହୋଇ ରାକେଶ ଭାରତ ଓ ଓଡ଼ିଶାକୁ ଗର୍ବିତ କରିଛନ୍ତି। ଓଡ଼ିଶା ଜିମ୍ନାଷ୍ଟିକ୍ସ ଆସୋସିଏଶନ ସଭାପତି ସମୀର ଦେ ଓ ସମ୍ପାଦକ ଅଶୋକ କୁମାର ସାହୁ, ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା ସମ୍ପାଦକ ଆଶୀର୍ବାଦ ବେହେରା, ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସମ୍ପାଦକ ଅଭିଜିତ ପାଲ୍ ପ୍ରମୁଖ ରାକେଶଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ରାକେଶ ପାତ୍ର

# ସ୍ୱତନ୍ତ୍ର ବୈଠକ ଡକାଇଲେ ଉଷା

**ନୂଆଦିଲ୍ଲୀ, ୩।୧୦ (ପି.ଟି.)**

ବିବାଦରେ ଛନ୍ଦି ହୋଇଯାଇଥିବା ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ)ର ସଭାପତି ପି.ଟି. ଉଷା ଅକ୍ଟୋବର ୨୫ରେ ଏକ ସ୍ୱତନ୍ତ୍ର ସାଧାରଣ ବୈଠକ (ଏସ୍‌ଜିଏମ୍) ଡକାଇଛନ୍ତି। ସେଥିରେ ସିଇଓ ରଘୁରାମ ଆୟରଙ୍କ ନିଯୁକ୍ତି, କୋଷାଧ୍ୟକ୍ଷ ସହଦେବ ଯାଦବଙ୍କ ବିରୋଧରେ ଆସିଥିବା ଦୁର୍ନୀତି ଅଭିଯୋଗ, କେତେଜଣ କାର୍ଯ୍ୟନିର୍ବାହୀ ପରିଷଦ ଯୋଗ୍ୟତା ହରାଇ ସାରିଥିବା ଯେଉଁ ଅଭିଯୋଗମାନ ହୋଇଛି ଏଥିରେ ସେ ସବୁ ଆଲୋଚନା ହେବ। ଏହି ସମସ୍ତ ପ୍ରସଙ୍ଗ ନେଇ କିଛିଦିନ ହେଲା କାର୍ଯ୍ୟନିର୍ବାହୀ କମିଟି ଓ ଉଷାଙ୍କ ମଧ୍ୟରେ ଆରୋପ ଓ ପ୍ରତ୍ୟାରୋପ ଚାଲିଛି। ଚଳିତ ମାସ ୨୫ ତାରିଖରେ ଏସ୍‌ଜିଏମ୍ ପୂର୍ବାହ୍ନ ୧୧ଟା ବେଳେ ଆଇଓଏ ଭାବରେ ଅନୁଷ୍ଠିତ ହେବ।

## ଆଇଓଏ ବିବାଦ

ଏଥିରେ ଯୋଗଦାନ କରିବା ଲାଗି ସମସ୍ତ କର୍ମକର୍ତ୍ତା ଓ ଅଂଶୀଦାରମାନଙ୍କ ଇ–ମେଲ ଜରିଆରେ ଚିଠି କରାଯାଇଛି। ଆଇଓଏ ସମ୍ବିଧାନର ଧାରା ୮.୩ ଅନୁସାରେ ଏହି ଏସ୍‌ଜିଏମ୍‌କୁ ଏକ ହାଇବ୍ରିଡ୍ ବୈଠକ କୁହାଯାଉଛି। ଯେଉଁମାନେ ବ୍ୟକ୍ତିଗତ ଭାବେ ବୈଠକରେ ଯୋଗଦେଇ ପାରିବେ ନାହିଁ ୱେବେକ୍ସ ଜରିଆରେ ଭାଗ ନେଇପାରିବେ। ସିଇଓଙ୍କ ନିଯୁକ୍ତି ଆନୁଷ୍ଠାନିକ ଅନୁମୋଦ ଲାଭ କରି ନ ଥିବାରୁ ଏହାକୁ ନେଇ ସେପ୍ଟେମ୍ବର ୨୬ରେ କାର୍ଯ୍ୟନିର୍ବାହୀ କମିଟି ଓ ଉଷା ମୁହାଁମୁହିଁ ହୋଇଥିଲେ। ଏସ୍‌ଜିଏମ୍‌ର ଏଜେଣ୍ଡା ଅନୁସାରେ ସମ୍ବିଧାନର ଧାରା ୧୫– ୩.୧ ଅନୁସାରେ ସିଇଓଙ୍କ ଚୟନ ନାମାଙ୍କନ କମିଟି ଦ୍ୱାରା ଚୂଡ଼ାନ୍ତ ହୋଇଛି କିମ୍ବା ନିଯୁକ୍ତି ପ୍ରକ୍ରିୟାକୁ ପ୍ରତ୍ୟାଖ୍ୟାନ କରିବାର କ୍ଷମତା ଆଇଓଏ କାର୍ଯ୍ୟନିର୍ବାହୀ କମିଟି ହାତରେ ରହିଛି ସେ ନେଇ ଭୋଟ ଗ୍ରହଣ ହେବ। ଉଷା ଚେତାଇ ଦେଇଛନ୍ତି ଯେ, ଆସୋସିଏଶନର ସୁପରିଚାଳନା ପାଇଁ ସିଇଓଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହି ନିଯୁକ୍ତିକୁ କାର୍ଯ୍ୟନିର୍ବାହୀ କମିଟିର କିଛି ସଦସ୍ୟ ଯଦି ଗ୍ରହଣ ନ କରନ୍ତି ଏବଂ ନିଯୁକ୍ତିରେ ଯଦି ବିଳମ୍ବ ଘଟେ ତେବେ ଆସୋସିଏଶନର ପରିଚାଳନାକୁ ପ୍ରଭାବିତ କରିବ। ସୂଚନାଯୋଗ୍ୟ, ଆଇଓଏରେ ଯୋଗଦାନ ପୂର୍ବରୁ ଆୟର ଆଇପିଏଲ୍ ଦଳ ରାଜସ୍ଥାନ ରୟାଲ୍ସ ଓ ଲକ୍ଷ୍ନୌ ସୁପର ଜାଏଣ୍ଟ ପାଇଁ କାର୍ଯ୍ୟ କରିଛନ୍ତି। ଫୁଟ୍‌ବଲର ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ଏବଂ ଅଲ୍‌ଟିମେଟ୍ ଟେବୁଲ ଟେନିସରେ ତାଙ୍କର ପ୍ରଶାସନିକ ଭୂମିକା ରହିଛି।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ 50 Years
ପୃଷ୍ଠା-୧୨+୮
ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୪/୨୦୨୪ (୧୨ + ୮ = ୨୦ ପୃଷ୍ଠା) Bhubaneswar, Friday, October 4/2024 Page 20 ₹ 7.00



କୋଲକାତାର ଏକ ଦୁର୍ଗାପୂଜା ମଣ୍ଡପରେ ଦେବୀ ଦୁର୍ଗାଙ୍କ ୧୦୦ ଫୁଟ୍ ଉଚ୍ଚତାର ମୂର୍ତ୍ତି ସ୍ଥାପନ କରାଯାଇଛି।

# ସୋୟା ବଡ଼ି ଲାଇସେନ୍ସରେ ନକଲି ଘିଅ

## କାରଖାନା ସିଲ୍

**ମଙ୍ଗୁଳି-ଜଗତପୁର,୩।୧୦(ମାନସ ସାମଲ)**



ସୋୟାବିନ ବଡ଼ି ତିଆରି ପାଇଁ ଲାଇସେନ୍ସ ଆଣିଥିବା ଜଣେ ବ୍ୟକ୍ତି ନକଲି ଘିଅ ପ୍ରସ୍ତୁତ କରି ବଜାରକୁ ବିକ୍ରି ପାଇଁ ଛାଡୁଥିଲେ। କଟକ ଜଗତ୍‌ପୁର ଶିଳ୍ପାଞ୍ଚଳରେ ୪ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଏହି ନକଲି କାରବାର ଚାଲିଥିବାବେଳେ ଗୁରୁବାର ତାଙ୍କ କାରଖାନା ଉପରେ ଚଢ଼ାଉ ହୋଇଛି। ଡବା ଉପରେ ନାମୀଦାମୀ କମ୍ପାନୀ(ବାଲ୍‌ଗୋପାଲ ଓ ନିର୍ମାଲ୍ୟ)ର ବ୍ରାଣ୍ଡ ଲଗାଇ ନକଲି ଗୁଆଘିଅ ଏବଂ ରାଶିତେଲ ବିକ୍ରି କରାଯାଉଥିବା ଜଣାପଡ଼ିଛି। ଜଗତପୁର ଥାନା ଅଧୀନ ନିୟୁ ଶିଳ୍ପାଞ୍ଚଳ ଫେଜ-୨ରେ ଥିବା ଏଭଳି ଏକ ନକଲି ଗୁଆ ଘିଅ ଓ ରାଶି ତେଲ କମ୍ପାନୀକୁ ସିଲ୍ କରାଯାଇଛି। ସ୍ଥାନୀୟ ପୋଲିସ ଓ କଟକ ମହାନଗର ନିଗମ (ସିଏମ୍‌ସି) ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉକ୍ତ କାରଖାନା ଉପରେ ଚଢ଼ାଉ କରାଯାଇ ପ୍ରାୟ ୨୦ ଲକ୍ଷ ଟଙ୍କାର କଞ୍ଚାମାଲ(ଡାଲ୍‌ଡା, ରିଫାଇନ୍ ତେଲ, ତେଲିଆ ଅତର, ଗୁଆ ଘିଅ, ରାଶି ତେଲ, ସୋୟାବିନ ବଡ଼ି, ପ୍ୟାକିଂ ମେଶିନ, ଗ୍ରାଇଣ୍ଡିଂ ମେଶିନ, ଓଜନ କଣ୍ଟା, ହିଟ୍ ମେଶିନ ଜବତ କରାଯିବା ସହ ୨ଜଣ କର୍ମଚାରୀଙ୍କୁ ଅଟକ ରଖିଛି। ତେବେ ଏ କମ୍ପାନୀକୁ ଚଳାଉଥିବା ମାଲିକ ସରୋଜ ମିଶ୍ର ଫେରାର ଅଛନ୍ତି। ସରୋଜଙ୍କ ଘର କଟକ ଜିଲା ସୋମପୁରରେ ହୋଇଥିବାବେଳେ ସେ କଟକରେ ରୁହନ୍ତି ବୋଲି କମ୍ପାନୀରେ କାମ କରୁଥିବା କର୍ମଚାରୀ ପ୍ରକାଶ କରିଛନ୍ତି। ପୋଲିସ ଅଟକ ଥିବା ଦୁଇ କର୍ମଚାରୀଙ୍କୁ ଅଧିକ ପଚରାଉଚରା କରୁଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

ମିଳିଥିବା ସୂଚନା ମୁତାବକ, ଉକ୍ତ କମ୍ପାନୀ ଦୀର୍ଘ ଚାରି ବର୍ଷରୁ ଊର୍ଦ୍ଧ୍ୱ ଧରି ଚାଲୁଥିବା ଜଣାପଡ଼ିଛି। ବିଶେଷ ସୂତ୍ରରୁ ଖବରପାଇ ଗୁରୁବାର ସନ୍ଧ୍ୟାରେ ଜୋନ-୧ ଏସିପି ଅରୁଣ କୁମାର ସ୍ୱାଇଁ, ଜଗତପୁର ଥାନା ଅଧିକାରୀ ଓମ୍ ପ୍ରକାଶ ମହାନ୍ତିଙ୍କ ସହ ପୋଲିସ କର୍ମଚାରୀ ଓ ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ରଙ୍କ ସହ ୬ ଜଣିଆ ଟିମ୍ ଉକ୍ତ କମ୍ପାନୀ ଉପରେ ଅଚାନକ ଚଢ଼ାଉ କରିଥିଲେ। ସେଠାରେ ତିଆରି ହେଉଥିବା ଘିଅ ସାମଗ୍ରୀରେ କୌଣସି କ୍ଷୀର ଜାତୀୟ ସାମଗ୍ରୀ ଦେଖିବାକୁ ମିଳି ନ ଥିଲା। ଯାଞ୍ଚ ପରେ ଉକ୍ତ କମ୍ପାନୀଟି ସୋୟାବିନ ବଡ଼ି ତିଆରି ପାଇଁ ଲାଇସେନ୍ସ ଆଣି ନକଲି ଘିଅ ଓ ରାଶି ତେଲ ପ୍ରସ୍ତୁତ କରୁଥିବା ଜାଣିବାକୁ ମିଳିଛି। ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର କହିଛନ୍ତି, ଘିଅରେ କ୍ଷୀରର ସାମଗ୍ରୀ ମିଶ୍ରଣ କରାଯାଉ ନାହିଁ। ଏକ ଗ୍ରାଇଣ୍ଡିଂ ମେଶିନରେ ଏକ ବଡ଼ ହଣ୍ଡା ଲାଗିଛି। ସେଇ ହଣ୍ଡାରେ ଡାଲ୍‌ଡା, ରିଫାଇନ ତେଲ ସହ ଏକ ତେଲିଆ ଅତର ମିଶାଯାଉଛି। ଏହି ତେଲିଆ ଅତର କେଉଁଥିରେ ତିଆରି ହେଉଛି ତାହା ଜଣା ପଡୁନାହିଁ। ଅତରକୁ ହାତରେ ଲଗାଇ ଘଷିଲେ ତାହା ପଶୁ ଚର୍ବି ପରି ଚିକ୍କଣ ଲାଗୁଛି ଓ ଗୁଆ ଘିଅ ପାରି ବାସ୍ନା ମଧ୍ୟ ହେଉଛି। ଏହା କେଉଁ ସାମଗ୍ରୀରେ ତିଆରି, ଟେଷ୍ଟ ରିପୋର୍ଟ ଆସିଲେ ଜଣାପଡ଼ିବ। ଏଠାରେ ଲ୍ୟାବ ନାହିଁ କି ଟେକ୍ନିସିଆନ ନାହାନ୍ତି। କେତେ ପରିମାଣର ସାମଗ୍ରୀ ମିଶିଲେ ତାହା ମଣିଷ ଖାଇ ହଜମ କରିପାରିବ ସେନେଇ ମଧ୍ୟ କୌଣସି ବ୍ୟବସ୍ଥା ଏଠାରେ ନାହିଁ। ଅସ୍ୱାସ୍ଥ୍ୟକର ପରିବେଶରେ ଏହି କମ୍ପାନୀ ଚାଲୁଥିଲା। ଉକ୍ତ ଘିଅ ଖାଇଲେ ମଣିଷର ସ୍ୱାସ୍ଥ୍ୟ ଉପରେ ସିଧାସଳଖ ପ୍ରଭାବ ପଡ଼ିବ ବୋଲି ମହାପାତ୍ର କହିଛନ୍ତି। କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ୱେଷ୍ଟ ବେଙ୍ଗଲର ବିଭିନ୍ନ ଜିଲାର ବଜାରକୁ ଏହି ନକଲି ଘିଅ ଏବଂ ତେଲ ବିକ୍ରି ପାଇଁ ପଠାଯାଉଥିଲା ବୋଲି ଜଣାପଡ଼ିଛି। ଅଟକ କର୍ମଚାରୀଙ୍କୁ ଅଧିକ ପଚରାଉଚରା କରାଯାଉଛି ବୋଲି ଜୋନ-୧ ଏସିପି ଅରୁଣ କୁମାର ସ୍ୱାଇଁ କହିଛନ୍ତି। ତେବେ ଜଗତପୁର ଥାନାଠୁ ମାତ୍ର ୨ କିଲୋମିଟର ଦୂରରେ ଥିବା ଉକ୍ତ କମ୍ପାନୀ ଦୀର୍ଘ ୪ବର୍ଷ ଧରି ନକଲି ସାମଗ୍ରୀ ପ୍ରସ୍ତୁତ କରୁଥିବାବେଳେ ପୋଲିସ କିପରି ଏହା ଜାଣିପାରୁ ନ ଥିଲା, ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।






# ରେଳ କର୍ମଚାରୀଙ୍କୁ ମିଳିବ ୭୮ ଦିନର ବୋନସ

**ନୂଆଦିଲ୍ଲୀ,୩।୧୦(ପି.ଟି.)**

ଏଥର ଦଶହରା ପୂର୍ବରୁ ରେଲୱେ କର୍ମଚାରୀଙ୍କୁ ୭୮ ଦିନର ବୋନସ୍ ମିଳିବ। କେନ୍ଦ୍ର କ୍ୟାବିନେଟ ଗୁରୁବାର ଉକ୍ତ ପ୍ରଡକ୍ଟିଭିଟି ଲିଙ୍କଡ୍ ବୋନସ୍‌କୁ ଅନୁମୋଦନ କରିଛି। ଏଥିପାଇଁ ୨୦୨୮.୫୭ କୋଟି ଟଙ୍କା ବ୍ୟୟ ହେବ ଏବଂ ୧୧,୭୨,୨୪୦ ଜଣ ରେଳ କର୍ମଚାରୀ ଉପକୃତ ହେବେ। ଟ୍ରାକ୍ ମେଣ୍ଟେନର, ଲୋକୋ ପାଇଲଟ, ଟ୍ରେନ୍ ଗାର୍ଡ, ଷ୍ଟେଶନ ମାଷ୍ଟର, ସୁପରଭାଇଜର, ଟେକ୍ନିସିଆନ, ଟେକ୍ନିସିଆନ ହେଲ୍ପର, ପଏଣ୍ଟମ୍ୟାନ, ମନ୍ତ୍ରଣାଳୟ କର୍ମଚାରୀ ଏବଂ ଅନ୍ୟ ଗ୍ରୁପ୍ ସି କର୍ମଚାରୀଙ୍କୁ ଏହି ବୋନସ ପ୍ରଦାନ କରାଯିବ।

# ବନ୍ଦୀଙ୍କୁ ଜାତି ଆଧାରରେ କାମ ବାଣ୍ଟିବା ବନ୍ଦ

## ବଦଳିବ ଜେଲ ମାନୁଆଲ

**ନୂଆଦିଲ୍ଲୀ,୩।୧୦(ପି.ଟି.)**



ଦେଶର ୧୧ ରାଜ୍ୟରେ ଜେଲ୍ ନିୟମାବଳୀରେ ରହିଥିବା ଜାତିଭିତ୍ତିକ ପକ୍ଷପାତିତାକୁ ସୁପ୍ରିମକୋର୍ଟ ଗୁରୁବାର ଖାରଜ କରିଦେଇଛନ୍ତି। ଉକ୍ତ ମାନୁଆଲ ଅନୁଯାୟୀ ବନ୍ଦୀମାନଙ୍କୁ କାର୍ଯ୍ୟ ବଣ୍ଟନ ବେଳେ ସେମାନଙ୍କୁ ଜାତିକୁ ଆଧାର କରି ପକ୍ଷପାତ କରାଯାଉଥିଲା ଓ ଅଲଗା ୱାର୍ଡରେ ପୃଥକ ରଖାଯାଉଥିଲା। ୩ ମାସ ମଧ୍ୟରେ ଜେଲ ନିୟମାବଳୀରେ ପରିବର୍ତ୍ତନ ଆଣିବା ପାଇଁ ସୁପ୍ରିମକୋର୍ଟ ଉକ୍ତ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ଶୁଣାଣି ବେଳେ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ୍ ଜେ.ବି. ପର୍ଡିୱାଲା ଏବଂ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ କହିଛନ୍ତି, ପକ୍ଷପାତର ପ୍ରତିକାର ପାଇଁ ରାଷ୍ଟ୍ରର ସକାରାତ୍ମକ ଦାୟିତ୍ୱ ରହିଛି। ଜେଲ ଭିତରେ ଜାତି ଆଧାରିତ ପାତରଅନ୍ତର ଦୂର କରିବା ନିମନ୍ତେ ଖଣ୍ଡପୀଠ ଅନେକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ବର୍ତ୍ତମାନର ଜେଲ ମାନୁଆଲରେ ରହିଥିବା ବ୍ୟବସ୍ଥା ଅସାମ୍ବିଧାନିକ। ସମସ୍ତ ରାଜ୍ୟଙ୍କୁ ସେମାନଙ୍କ ଜେଲ ମାନୁଆଲରେ ପରିବର୍ତ୍ତନ କରିବାକୁ ନିର୍ଦ୍ଦେଶ ଦିଆଯାଉଛି ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ସେହିପରି ରାଜ୍ୟ ଜେଲ ନିୟମାବଳୀରେ ଅଭ୍ୟାସଗତ ଅପରାଧୀ ଶବ୍ଦ ଜାତି ଆଧାରିତ ହୋଇଥିଲେ, ତାହା ମଧ୍ୟ ଅସାମ୍ବିଧାନିକ ବୋଲି ସିଜେଆଇ କହିଛନ୍ତି। ଜେଲଗୁଡ଼ିକରେ ଜାତି ଆଧାରରେ ବନ୍ଦୀମାନଙ୍କ ପ୍ରତି ପକ୍ଷପାତ କରାଯାଉଥିବା ଜାଣିବା ପରେ ସର୍ବୋଚ୍ଚ ଅଦାଲତ ଏହାକୁ ନିଜ ଆଡୁ ବିଚାର ପାଇଁ ଗ୍ରହଣ କରିଥିଲେ। ରାୟର ଅନୁପାଳନ ରିପୋର୍ଟ ଦାଖଲ କରିବାକୁ ଖଣ୍ଡପୀଠ ରାଜ୍ୟଗୁଡ଼ିକୁ କହିଛନ୍ତି।

# ବଢ଼ିପାରେ ତେଲ ଦର

## ଇରାନ ତୈଳଭଣ୍ଡାର ଉପରେ ଆକ୍ରମଣ ପାଇଁ ଆଲୋଚନା ଚାଲିଛି: ବାଇଡେନ୍

**ୱାଶିଂଟନ,୩।୧୦**

ମଧ୍ୟପ୍ରାଚ୍ୟର ଆତଙ୍କବାଦୀ ସଂଗଠନଗୁଡ଼ିକୁ ଟାର୍ଗେଟ କରି ଇସ୍ରାଏଲ ତୁହାକୁ ତୁହା ଆକ୍ରମଣ ଜାରି ରଖିଥିବାବେଳେ ବାଇଡେନ୍‌ଙ୍କ ଏକ ମନ୍ତବ୍ୟ ଅନ୍ତର୍ଜାତୀୟ ତୈଳ ବଜାରରେ ନିଆଁ ଲଗାଇଛି। ଇସ୍ରାଏଲ୍ ଇରାନର ତୈଳଭଣ୍ଡାରଗୁଡ଼ିକ ଉପରେ ଆକ୍ରମଣ ପାଇଁ ଯୋଜନା କରୁଥିବା ଗୁରୁବାର ହ୍ୱାଇଟ୍ ହାଉସ୍‌ରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଖବରଦାତାମାନଙ୍କୁ କହିଛନ୍ତି। ବାଇଡେନ୍‌ଙ୍କ ଏହି ମନ୍ତବ୍ୟ ପରେ ଇରାନ ସମେତ ମଧ୍ୟପ୍ରାଚ୍ୟର ଆଉ କେତେକ ରାଷ୍ଟ୍ର ତୈଳ ଉତ୍ପାଦନ ଓ ରପ୍ତାନି ବନ୍ଦ କରିଦେବା ଆଶଙ୍କା ସୃଷ୍ଟି ହେବାରୁ ଅଶୋଧିତ ତୈଳ ଦର ୫ ପ୍ରତିଶତ ବୃଦ୍ଧି ପାଇଛି। ଗୁରୁବାର ବିଳମ୍ବିତ ରାତିରେ ରିପୋର୍ଟ ଲେଖାଯିବା ସୁଦ୍ଧା କ୍ରୁଡ୍ ଅଏଲ୍ ବ୍ୟାରେଲ ପିଛା ୫.୩୪ ପ୍ରତିଶତ ବଢ଼ି ୭୩.୮୪ ଡଲାରରେ ପହଞ୍ଚିଥିବାବେଳେ ବ୍ରେଣ୍ଟ ଅଏଲ୍ ଦରରେ ୫.୨୦ ପ୍ରତିଶତ ବୃଦ୍ଧି ଘଟି ୭୭.୭୭ ଡଲାର ରହିଛି।

# ୫ ଭାଷାକୁ ମିଳିଲା ଶାସ୍ତ୍ରୀୟ ମାନ୍ୟତା

**ନୂଆଦିଲ୍ଲୀ,୩।୧୦(ପି.ଟି.)**

କେନ୍ଦ୍ର ସରକାର ମରାଠୀ, ପାଲି, ପ୍ରାକୃତ, ଅସମୀୟା ଏବଂ ବଙ୍ଗଳା ଭାଷାକୁ ଶାସ୍ତ୍ରୀୟ ଭାଷା ମାନ୍ୟତା ପ୍ରଦାନ କରିଛନ୍ତି। ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ବୈଠକ ବସି ଉକ୍ତ ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ଏହା ଏକ ଐତିହାସିକ ନିଷ୍ପତ୍ତି ବୋଲି କ୍ୟାବିନେଟ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି। ଏହି ପଦକ୍ଷେପ ଶିକ୍ଷା, ଗବେଷଣା ଏବଂ ଡିଜିଟାଲ ମିଡିଆରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ଉପରୋକ୍ତ ଭାଷାଗୁଡ଼ିକ, ମହାରାଷ୍ଟ୍ର, ବିହାର, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ ଏବଂ ଆସାମରେ ବହୁଳ ବ୍ୟବହୃତ ହୋଇଥାଏ। ମରାଠୀକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ ଲାଗି ୨୦୧୩ରେ ମହାରାଷ୍ଟ୍ର ସରକାର କେନ୍ଦ୍ରକୁ ପ୍ରସ୍ତାବ ଦେଇଥିଲେ। ଉକ୍ତ ପ୍ରସ୍ତାବକୁ ଭାଷାବିଜ୍ଞାନ ବିଶେଷଜ୍ଞ କମିଟି (ଏଲ୍‌ଇସି)କୁ ପଠାଯାଇଥିଲା। ୨୦୧୭ରେ ଏଲ୍‌ଇସି ମରାଠୀ ଭାଷାକୁ ଶାସ୍ତ୍ରୀୟ ଭାଷା ମାନ୍ୟତା ଦେବା ଲାଗି ସୁପାରିସ କରିଥିଲା। ସେହିପରି ଅନ୍ୟ ଭାଷାଗୁଡ଼ିକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ ଲାଗି ବିହାର, ଆସାମ ଓ ପଶ୍ଚିମବଙ୍ଗରୁ ପ୍ରସ୍ତାବ ଆସିଥିଲା। ଶାସ୍ତ୍ରୀୟ ଭାଷା ହେଉଛି ଭାରତର ଗଭୀର ଆଧ୍ୟାତ୍ମିକ ଜ୍ଞାନ ଓ ପୁରାତନ ସାଂସ୍କୃତିକ ଐତିହ୍ୟର ତତ୍ତ୍ୱାବଧାରକ। ପ୍ରତ୍ୟେକ ସମ୍ପ୍ରଦାୟର ଐତିହାସିକ ଓ ସାଂସ୍କୃତିକ ସଫଳତାର ସାରାଂଶକୁ ଏକତ୍ର କରିବାରେ ଏହାର ବଡ଼ ଭୂମିକା ରହିଛି। ୨୦୦୪ ଅକ୍ଟୋବର ୧୨ରେ ଭାରତ ସରକାର ଭାଷାର ନୂତନ ବର୍ଗ ଭାବେ ଶାସ୍ତ୍ରୀୟ ଭାଷା ସୃଷ୍ଟି କରିବାକୁ ନିଷ୍ପତ୍ତି ନେଇଥିଲେ ଏବଂ ତାମିଲ ଭାଷାକୁ ଶାସ୍ତ୍ରୀୟ ଭାଷା ଘୋଷଣା କରାଯାଇଥିଲା। ଏହା ପରେ ସଂସ୍କୃତ, ତେଲୁଗୁ, କନ୍ନଡ଼, ମାଲୟାଲମ ଏବଂ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଥିଲା।

# ରାଜ୍ୟରେ ୬୯୬ କଲରାପତରିଆ

**ଭୁବନେଶ୍ୱର, ୩।୧୦ (ବନ୍ଦନା ସେଠୀ)**

## ମୟୂରଭଞ୍ଜ-କେନ୍ଦୁଝର ଲ୍ୟାଣ୍ଡସ୍କେପ୍‌ରେ ସର୍ବାଧିକ ୨ଶହ

### ରାଜ୍ୟ ସରକାରଙ୍କ ପ୍ରଥମ କଲରାପତରିଆ ଗଣନା ରିପୋର୍ଟ



ଓଡ଼ିଶାରେ ମୋଟ ୬୯୬ କଲରାପତରିଆ ବାଘ ଅଛନ୍ତି। ରାଜ୍ୟ ସରକାରଙ୍କ ନିଜସ୍ୱ ଗଣନା ରିପୋର୍ଟ ୨୦୨୪ରୁ ଏହା ଜଣାପଡିଛି। ପୂର୍ବରୁ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ (ଏନ୍‌ଟିସିଏ) ପକ୍ଷରୁ ବାଘ ଗଣନା ରିପୋର୍ଟ ପ୍ରକାଶ ପାଉଥିଲା। ତେବେ ଚଳିତବର୍ଷ ରାଜ୍ୟ ବନ ବିଭାଗ ପ୍ରଥମଥର ପାଇଁ କଲରାପତରିଆ ଗଣନା କରିବା ସହ ରିପୋର୍ଟ ପ୍ରକାଶ କରିଛି। ୨୦୨୨ରେ ଏନ୍‌ଟିସିଏ ଦେଇଥିବା ରିପୋର୍ଟ ଅନୁଯାୟୀ, ଓଡ଼ିଶାର ବିଭିନ୍ନ ଜଙ୍ଗଲରେ ୫୬୮ କଲରାପତରିଆ ବାଘ ରହିଥିଲେ। ତେଣୁ ସେହି ଅନୁସାରେ ଦୁଇବର୍ଷ ମଧ୍ୟରେ ରାଜ୍ୟରେ କଲରାପତରିଆ ସଂଖ୍ୟା ୧୨୮କୁ ବୃଦ୍ଧି ପାଇଛି। କିନ୍ତୁ ୨୦୧୮ ଏନ୍‌ଟିସିଏ ରିପୋର୍ଟକୁ ହିସାବକୁ ଦେଖିଲେ ରାଜ୍ୟରେ କଲରାପତରିଆ ସଂଖ୍ୟାରେ ୬୪ ହ୍ରାସ ପାଇଛି, ଅର୍ଥାତ୍ ସେତେବେଳେ ରାଜ୍ୟରେ ମୋଟ ୭୬୦ କଲରାପତରିଆ ବାଘ ରହିଥିଲେ। ଏନେଇ ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ କହିଛନ୍ତି, ୨୦୧୮ ଓ ୨୦୨୨ରେ ଏନ୍‌ଟିସିଏର ଗଣନା ଷ୍ଟାଟିଷ୍ଟିକାଲ୍ ମଡେଲ ଥିଲା। ସେମାନେ ଶିମିଳିପାଳ ଓ ସାତକୋଶିଆ ଭଳି ସୀମିତ ସ୍ଥାନରେ କ୍ୟାମେରା ଲଗାଉଥିଲେ। ମାତ୍ର ରାଜ୍ୟ ସରକାର ନିଜସ୍ୱ କଲରାପତରିଆ ଗଣନା ବେଳେ ୪୭ଟି ଡିଭିଜନରେ କ୍ୟାମେରା ଲଗାଇଥିଲେ। ସେହିପରି ୨୦୧୮ରେ ଏନ୍‌ଟିସିଏର ଷ୍ଟାଟିଷ୍ଟିକାଲ ଏରର ୩୫% ଥିବାବେଳେ ୨୦୨୨ରେ ୩୩% ଏରର ହୋଇଥିଲା। ମାତ୍ର ଆମର ଏଷ୍ଟିମେଶନ ଷ୍ଟାଟିଷ୍ଟିକାଲ ଏରର ୧୦%ରୁ କମ୍। ରାଜ୍ୟ ସରକାରଙ୍କ ପକ୍ଷରୁ ଲାଗିଥିବା କ୍ୟାମେରା ଟ୍ରାପ୍‌ରେ ୨୮୪ରୁ ୨୯୬ ୟୁନିକ୍ କଲରାପତରିଆ ଚିହ୍ନଟ ହୋଇଛନ୍ତି। ମାତ୍ର ଏନ୍‌ଟିସିଏର ୟୁନିକ୍ କଲରାପତରିଆ ସଂଖ୍ୟା ୧୦୦ ତଳେ ଥିଲା। ରାଜ୍ୟରେ ପୂର୍ବବର୍ଷ ଅପେକ୍ଷା କଲରାପତରିଆ ବାଘଙ୍କ ସଂଖ୍ୟା ଉତ୍ସାହଜନକ ଭାବେ ବୃଦ୍ଧି ପାଇଛି। ୬୯୬ କଲରାପତରିଆଙ୍କ ମଧ୍ୟରୁ ଶିମିଳିପାଳ ଅଭୟାରଣ୍ୟରେ ଥିବା ମୟୂରଭଞ୍ଜ-କେନ୍ଦୁଝର ଲ୍ୟାଣ୍ଡସ୍କେପ୍‌ରେ ସର୍ବାଧିକ ୨ଶହ କଲରାପତରିଆ ବାଘ ଅଛନ୍ତି। ସେହିପରି ସାତକୋଶିଆ-ଆଠମଲ୍ଲିକ-ବୌଦ୍ଧ ଲ୍ୟାଣ୍ଡସ୍କେପରେ ୧୫୦ରୁ ୧୬୦, ହୀରାକୁଦ-ରେଢ଼ାଖୋଲ-ସମ୍ବଲପୁର ଲ୍ୟାଣ୍ଡସ୍କେପ୍‌ରେ ୭୦ରୁ ୮୦, ଖରିଆର-ସୁନାବେଢ଼ା ଅଞ୍ଚଳରେ ପ୍ରାୟ ୪୦ରୁ ୫୦ ଓ ଢେଙ୍କାନାଳ ଅଞ୍ଚଳରେ ପାଖାପାଖି ୨୦ କଲରାପତରିଆ ବାଘ ଅଛନ୍ତି। ତେବେ ଆମ ରାଜ୍ୟରେ ଘଞ୍ଚ ଜଙ୍ଗଲ ଥିବାରୁ କଲରାପତରିଆ ବାଘସଂଖ୍ୟା ବଢ଼ିବାର ସମ୍ଭାବନା କମ୍ ରହିଛି। ତେଣୁ କଲରାପତରିଆ ସଂଖ୍ୟା ୭ଶହରୁ ୮ଶହ ରହିବ ବୋଲି ପିସିସିଏଫ ଆକଳନ କରିଛନ୍ତି। ସେହିପରି କଲରାପତରିଆ ବାଘ ଶିକାରକୁ ନେଇ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍‌ର ଯେଉଁ ତଥ୍ୟ ସାମ୍ନାକୁ ଆସିଛି, ତାହା ଉପରେ କଠୋର କାର୍ଯ୍ୟାନୁଷ୍ଠାନ ହେବ ବୋଲି ପିସିସିଏଫ୍ କହିଛନ୍ତି।




## ସଂକ୍ଷେପରେ

### ଦେଶର କେହି ପିତା ନାହାନ୍ତି: କଙ୍ଗନାଙ୍କ ପୋଷ୍ଟକୁ ନେଇ ବିବାଦ



ନୂଆଦିଲ୍ଲୀ, ୩।୧୦

ଅଭିନେତ୍ରୀ ତଥା ଭାଜପା ଏମ୍‌ପି କଙ୍ଗନା ରାଣାଓ୍ୱତଙ୍କୁ ନେଇ ପୁଣି ବିବାଦ ଦେଖାଦେଇଛି। ବୁଧବାର ସେ ଏକ୍ସ'ରେ ଏକ ପୋଷ୍ଟ କରି ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ୧୨୦ତମ ଜୟନ୍ତୀ ଅବସରରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ଏହି ପୋଷ୍ଟରେ ସେ ଲେଖିଥିଲେ, ଦେଶର କେହି ପିତା ନ ଥାନ୍ତି ବରଂ ଦେଶର ପୁଅ ଥାନ୍ତି। ଭାରତ ମାଟିର ପୁଅ ଲାଲ୍‌ବାହାଦୁର ଶାସ୍ତ୍ରୀଙ୍କ ପାଇଁ ଦେଶବାସୀ ସର୍ବଦା ଗର୍ବ ଅନୁଭବ କରନ୍ତି। କଙ୍ଗନାଙ୍କ ଉକ୍ତ ପୋଷ୍ଟକୁ ନେଇ କଂଗ୍ରେସ ନେତା ସୁପ୍ରିୟା ଶ୍ରୀନେତ୍ ସମାଲୋଚନା କରିଛନ୍ତି। ସେ କଙ୍ଗନାଙ୍କୁ ମହାତ୍ମା ଗାନ୍ଧୀଙ୍କ ହତ୍ୟାକାରୀ ନାଥୁରାମ ଗଡ୍‌ସେଙ୍କ ଉପାସକ ଦର୍ଶାଇଛନ୍ତି। କଙ୍ଗନା ତାଙ୍କ ପୋଷ୍ଟରେ ବାପୁ ଏବଂ ଶାସ୍ତ୍ରୀଙ୍କ ବ୍ୟକ୍ତିତ୍ୱ ମଧ୍ୟରେ ଭେଦଭାବ ସୃଷ୍ଟି କରୁଥିବାରୁ ଏନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ପଷ୍ଟୀକରଣ ଦେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। ତେବେ କଙ୍ଗନାଙ୍କ ଏହି ବିବାଦୀୟ ପୋଷ୍ଟକୁ ପଞ୍ଜାବର ବରିଷ୍ଠ ଭାଜପା ନେତା ମନୋରଞ୍ଜନ କାଲିଆ ସମାଲୋଚନା କରିଛନ୍ତି। ଗାନ୍ଧୀ ଏବଂ ଶାସ୍ତ୍ରୀଙ୍କୁ ନେଇ କଙ୍ଗନାଙ୍କର ମତ ଭାଜପାର ନୁହେଁ ବୋଲି ସେ କହିଛନ୍ତି।

### ଇରାନରେ ବିଷାକ୍ତ ମଦ ପିଇ ୨୬ରୁ ଅଧିକ ମୃତ

ତେହେରାନ, ୩।୧୦

ଇରାନରେ ମିଥାନୋଲ ମିଶ୍ରିତ ବିଷାକ୍ତ ମଦ ପିଇ ଅତି କମ୍‌ରେ ୨୬ ଜଣଙ୍କର ମୃତ୍ୟୁ ଘଟିଥିବାନେଇ ଗୁରୁବାର ଦେଶର ସରକାରୀ ମିଡିଆ ପକ୍ଷରୁ ସୂଚନା ଦିଆଯାଇଛି। ଉତ୍ତର ଇରାନର ମାଜନ୍ଦରାନ ଓ ଗିଲାନ୍ ରାଜ୍ୟ ଏବଂ ପଶ୍ଚିମ ଇରାନର ହମାଦାନ୍ ରାଜ୍ୟର ବିଭିନ୍ନ ସହରରେ ବିଷାକ୍ତ ମଦ ମୃତ୍ୟୁ ମାମଲା ସାମ୍ନାକୁ ଆସିଛି। ସେହିପରି ବିଷାକ୍ତ ମଦ ପିଇ ଶତାଧିକ ଲୋକ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ପ୍ରକାଶ ଯେ, ଇରାନରେ ୧୯୭୯ରେ ଦେଖାଦେଇଥିବା ଇସ୍‌ଲାମିକ ବିପ୍ଳବ ପରେ ଦେଶରେ ମଦ୍ୟପାନକୁ ନିଷେଧ କରାଯାଇଥିଲା। ତେବେ ବିଭିନ୍ନ ରିପୋର୍ଟ ଅନୁଯାୟୀ, ସମ୍ପ୍ରତି ବହୁ ଇରାନବାସୀ ଚୋରାରେ ମଦ କିଣିଛନ୍ତି। କିଛି ଲୋକ ବ୍ୟକ୍ତିଗତ ଭାବେ ଉପଭୋଗ କରିବା ପାଇଁ ଘରେ ମଧ୍ୟ ମଦ ପ୍ରସ୍ତୁତ କରୁଛନ୍ତି। ଗତ କିଛି ବର୍ଷ ହେବ ଦେଶରେ ବିଷାକ୍ତ ମଦ୍ୟପାନଜନିତ ମୃତ୍ୟୁ ମାମଲା ବଢ଼ିବାରେ ଲାଗିଛି। ୨୦୨୦ରେ ବିଷାକ୍ତ ମଦ ପିଇ ଇରାନର ୭୦୦ରୁ ଅଧିକ ଲୋକ ପ୍ରାଣ ହରାଇଥିଲେ।

# ଜାଲ୍ ବ୍ୟାଙ୍କ ଖୋଲି ଠକିନେଲେ ଅନେକ ଲକ୍ଷ

ରାୟପୁର,୩।୧୦

ବ୍ୟାଙ୍କ କାରବାରରେ ଜାଲିଆତି, ଜାଲ୍ କାଗଜପତ୍ର ଦେଇ ଠକେଇ ଏବଂ ଅନ୍ୟାନ୍ୟ ଆର୍ଥିକ ଦୁର୍ନୀତି ଖବର ଅନେକ ସମୟରେ ପ୍ରକାଶ ପାଇଥାଏ। ତେବେ ଛତିଶଗଡ଼ରେ ନିକଟରେ ହୋଇଥିବା ଏକ ଠକେଇ ସମ୍ପୂର୍ଣ୍ଣ ନିଆରା। ଅପରାଧୀମାନେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ)ର ଏକ ଜାଲ୍ ଶାଖା ଖୋଲି ୧୦ ଦିନ ମଧ୍ୟରେ ଅନେକ ଲୋକଙ୍କଠାରୁ ବହୁ ଲକ୍ଷ ଟଙ୍କା ଠକିନେଇଛନ୍ତି। ବେରୋଜଗାରୀଙ୍କୁ ଉକ୍ତ ଶାଖାରେ ଚାକିରି ଦେଇ ସେମାନଙ୍କଠାରୁ ଟଙ୍କା ଠକିନେଇଥିବାବେଳେ ସ୍ଥାନୀୟ ଲୋକେ ଲୋଭନୀୟ ସ୍କିମ୍ ଦ୍ୱାରା ପ୍ରଭାବିତ ହୋଇ ଟଙ୍କା ଜମା ରଖି ଠକାମିର ଶିକାର ହୋଇଛନ୍ତି।

ଛତିଶଗଡ଼ ରାଜଧାନୀ ରାୟପୁରଠାରୁ ୨୫୦ କି.ମି. ଦୂର ଶକ୍ତି ଜିଲାର ଛାପୋରା ଗ୍ରାମରେ ଏଭଳି ଅଭିନବ ଠକେଇ ହୋଇଛି। ସେଠାରେ ୧୦ ଦିନ ପୂର୍ବରୁ ଦେଶର ସର୍ବବୃହତ୍ ବ୍ୟାଙ୍କ ଏସ୍‌ବିଆଇର ଏକ ନୂଆ ଶାଖା ଖୋଲାଯାଇ ୬ ଜଣ ଲୋକଙ୍କୁ ନିଯୁକ୍ତି ଦିଆଯାଇଥିଲା। ପ୍ରକୃତ ବ୍ୟାଙ୍କ ଶାଖା ଭଳି ସେଠାରେ ନୂଆ ଆସବାବପତ୍ର, ପେସାଦାରି କାଗଜପତ୍ର ସହ ବ୍ୟାଙ୍କ କାଉଣ୍ଟର ଚାଲୁଥିଲା। ଗ୍ରାମବାସୀ ଏହି ଦୁର୍ନୀତି ସମ୍ପର୍କରେ ଜାଣି ନ ପାରି ନୂଆ ଶାଖାକୁ ଯାଇ ଆକାଉଣ୍ଟ ଖୋଲି କାରବାର ଆରମ୍ଭ କରିଦେଇଥିଲେ। ସବୁକିଛି ସ୍ୱାଭାବିକ ଚାଲିଥିଲା। ତେବେ ସେପ୍ଟେମ୍ବର ୨୭ରେ ସେଠାରେ ପୋଲିସ ଅଧିକାରୀ ଏବଂ ଏସ୍‌ବିଆଇ ଅଫିସରମାନେ ପହଞ୍ଚି ଜେରା କରିବା ପରେ ଦୁର୍ନୀତି ପଦାକୁ ଆସିଥିଲା। ନିକଟବର୍ତ୍ତୀ ଡାବ୍ରା ଶାଖାର ମ୍ୟାନେଜର ଉକ୍ତ ଶାଖା ଉପରେ ସନ୍ଦେହ କରି ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। ତଦନ୍ତରୁ ଛପୋରା ଶାଖା ଜାଲ୍ ବୋଲି ଜଣାପଡ଼ିଥିଲା। ସେହିପରି ସେଠାରେ ଯେଉଁମାନେ ନିଯୁକ୍ତି ପାଇଥିଲେ, ତାହା ମଧ୍ୟ ଜାଲ୍ ଥିଲା। ଏହି ଦୁର୍ନୀତିରେ ୪ ଜଣ ସମ୍ପୃକ୍ତ। ସେମାନେ ସେଠାରେ ନିଯୁକ୍ତ କର୍ମଚାରୀମାନଙ୍କୁ ମ୍ୟାନେଜର, ମାର୍କେଟିଂ ଅଫିସର, କ୍ୟାଶିୟର ଏବଂ କମ୍ପ୍ୟୁଟର ଅପରେଟର ନାମରେ ଜାଲ୍ ନିଯୁକ୍ତିପତ୍ର ଦେଇଥିଲେ, ଯାହା ବାସ୍ତବ ଆପଏଣ୍ଟମେଣ୍ଟ ଲେଟର ଭଳି ଲାଗୁଥିଲା। ସେମାନଙ୍କଠାରୁ ପଦବୀ ଅନୁଯାୟୀ ୨ରୁ ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଉତ୍କୋଚ ନିଆଯାଇଥିଲା। ନବନିଯୁକ୍ତ କର୍ମଚାରୀମାନଙ୍କୁ ଠକମାନେ ତାଲିମ ଦେଇଥିଲେ। ଠକ ସଂସ୍ଥାର ମାଷ୍ଟରମାଇଣ୍ଡ ବେରୋଜଗାରୀମାନଙ୍କୁ ବିଭିନ୍ନ ସରକାରୀ ସଂସ୍ଥାରେ ଲୋଭନୀୟ ଚାକିରି ଲୋଭ ଦେଖାଇ ସେମାନଙ୍କଠାରୁ ମୋଟା ଅଙ୍କର ଟଙ୍କା ଦାବି କରୁଥିଲେ। ଅଜୟ କୁମାର ଅଗ୍ରୱାଲ ନାମକ ସ୍ଥାନୀୟ ବ୍ୟକ୍ତି ଏସ୍‌ବିଆଇ କିଓସ୍କ ଖୋଲିବା ପାଇଁ ଆବେଦନ କରିଥିଲେ। ତେବେ ଛାପୋରାରେ ରାତାରାତି ବ୍ୟାଙ୍କ ଶାଖା ଖୋଲିବାକୁ ନେଇ ତାଙ୍କ ସନ୍ଦେହ ବଢ଼ିଥିଲା। ବ୍ୟାଙ୍କ ଶାଖାର କୋଡ୍ ମଧ୍ୟ ଏହାର ସାଇନ୍ ବୋର୍ଡରେ ନ ଥିଲା। ଏନେଇ ଅଜୟ ଡାବ୍ରା ବ୍ରାଞ୍ଚ ମ୍ୟାନେଜରଙ୍କୁ ଜଣାଇବା ପରେ ଖୋଳତାଡ଼ ଆରମ୍ଭ ହୋଇଥିଲା।



ଛତିଶଗଡ଼ର ଛାପୋରା ଗ୍ରାମରେ ଖୋଲା ଯାଇଥିବା ଜାଲ୍ ବ୍ୟାଙ୍କ ଶାଖା।

## ପୋଲିସ କାର୍ଯ୍ୟାନୁଷ୍ଠାନ ଉପରେ ରୋକ ଲଗାଇଲେ ସୁପ୍ରିମକୋର୍ଟ

ଈଶା ଫାଉଣ୍ଡେଶନ ମାମଲା

ନୂଆଦିଲ୍ଲୀ,୩।୧୦


ସଦ୍‌ଗୁରୁ ଜଗି ବାସୁଦେବ

ଆଧ୍ୟାତ୍ମିକ ଗୁରୁ ଜଗି ବାସୁଦେବଙ୍କ କୋଏମ୍ବାଟୁରସ୍ଥିତ ଈଶା ଫାଉଣ୍ଡେଶନ ଆଶ୍ରମରେ ୨ ମହିଳାଙ୍କୁ ବେଆଇନ ଭାବେ ବନ୍ଧକ ରଖାଯାଇଥିବା ଅଭିଯୋଗର ପୋଲିସ ତଦନ୍ତ ଉପରେ ସୁପ୍ରିମକୋର୍ଟ ଗୁରୁବାର ରୋକ ଲଗାଇଛନ୍ତି। ମାଡ୍ରାସ୍ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ୧୫୦ ଜଣିଆ ପୋଲିସ ଟିମ୍ ମଙ୍ଗଳବାର ଆଶ୍ରମର ତଲାସି ନେଇଥିଲା। ସୁପ୍ରିମକୋର୍ଟ ଉକ୍ତ ହେବିଅସ୍ କର୍ପସ୍ ପିଟିଶନ୍‌ର ବିଚାର ପାଇଁ ଏହାକୁ ହାଇକୋର୍ଟରୁ ନିଜ ଅଧୀନକୁ ନେଇଛନ୍ତି। ଜଣେ ପ୍ରଫେସର ତାଙ୍କ ୨ ଝିଅଙ୍କୁ ସେମାନଙ୍କ ଇଚ୍ଛା ବିରୋଧରେ ଆଶ୍ରମରେ ବନ୍ଧକ ରଖାଯାଇଥିବା ଅଭିଯୋଗ ଆଣିଥିଲେ। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ତାମିଲନାଡୁ ପୋଲିସକୁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନେବାକୁ ମନା କରିଛନ୍ତି। ପୋଲିସ କାର୍ଯ୍ୟାନୁଷ୍ଠାନର ଷ୍ଟାଟସ୍ ରିପୋର୍ଟ ସୁପ୍ରିମକୋର୍ଟରେ ଦାଖଲ କରିବାକୁ କୁହାଯାଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ଈଶା ଫାଉଣ୍ଡେଶନ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା।

## ମରିସସ୍‌କୁ ଚାଗୋସ୍ ଦ୍ୱୀପ ଫେରାଇବ ବ୍ରିଟେନ୍

ଲଣ୍ଡନ, ୩।୧୦

ଲମ୍ବା ସମୟ ଧରି ବିବାଦ ମଧ୍ୟରେ ଥିବା ଚାଗୋସ ଦ୍ୱୀପପୁଞ୍ଜର ସାର୍ବଭୌମତ୍ୱକୁ ମରିସସ୍‌କୁ ହସ୍ତାନ୍ତର କରିବା ପାଇଁ ଗୁରୁବାର ବ୍ରିଟେନ୍ ସହମତି ପ୍ରକାଶ କରିଛି। ଡିଏଗୋ ଗାର୍ସିଆରେ ଥିବା ବ୍ରିଟେନ୍ ଓ ଆମେରିକାର ସାମରିକ ବେସ୍‌ର ଭବିଷ୍ୟତକୁ ସୁରକ୍ଷିତ ରଖିବା ପାଇଁ ରଣନୈତିକ ଭାବେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ଚୁକ୍ତିରେ ଆମେରିକା ଭଳି ଅନ୍ତର୍ଜାତୀୟ ଅଂଶୀଦାରମାନଙ୍କ ସହମତି ରହିଥିବା ବ୍ରିଟେନ କହିଛି। ବ୍ରିଟେନ ବୈଦେଶିକ ମନ୍ତ୍ରୀ ଡେଭିଡ୍ ଲାମି କହିଛନ୍ତି, ଏହି ଚୁକ୍ତି ଦେଶର ସାମରିକ ଆଧାରକୁ ସୁରକ୍ଷିତ କରିବ।


ଉତ୍ତରପ୍ରଦେଶ ଲଖିମପୁର ଖେରି ଘଟଣାରେ ମୃତକଙ୍କ ପାଇଁ ନ୍ୟାୟ ଦାବିକରି ଅମୃତସରରେ କୃଷକମାନେ ରେଳରୋକ କରିଛନ୍ତି।

## ରାମମନ୍ଦିର ଶିଖର ନିର୍ମାଣ କାର୍ଯ୍ୟ ଆରମ୍ଭ

ଅଯୋଧ୍ୟା,୩।୧୦(ପି.ଟି.)

ଅଯୋଧ୍ୟାର ୧୬୧ ଫୁଟ୍ ଉଚ୍ଚ ରାମମନ୍ଦିରର ମୁଖ୍ୟ ଶିଖର ନିର୍ମାଣ କାର୍ଯ୍ୟ ଗୁରୁବାର ଆରମ୍ଭ ହୋଇଛି। ୪ ମାସ ମଧ୍ୟରେ ନିର୍ମାଣ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିବା ମନ୍ଦିର ନିର୍ମାଣ କମିଟି ଅଧ୍ୟକ୍ଷ ନୃପେନ୍ଦ୍ର ମିଶ୍ରା କହିଛନ୍ତି। କସହ ମନ୍ଦିର ପରିସରରେ ୭ ସନ୍ଥଙ୍କ ନିମନ୍ତେ ୭ଟି ମନ୍ଦିର ନିର୍ମାଣ କାର୍ଯ୍ୟ ମଧ୍ୟ ତ୍ୱରାନ୍ୱିତ ହୋଇଛି। ସେଗୁଡ଼ିକର ନିର୍ମାଣ କାର୍ଯ୍ୟ ୧୨୦ ଦିନ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ଗୁରୁବାରଠାରୁ ଏକ ୩ ଦିନିଆ ସମୀକ୍ଷା ବୈଠକ ଆରମ୍ଭ ହୋଇଛି। ମନ୍ଦିର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଶ୍ରମଶକ୍ତି ବଢ଼ାଇବା ଉପରେ ଆଲୋଚନା ହୋଇଛି। ଆବଶ୍ୟକ ପଡ଼ିଲେ ବୈଷୟିକ ଟିମ୍‌କୁ ମଧ୍ୟ ବଢ଼ାଯିବ।

## ଭାରତରୁ ଉଚ୍ଚାୟୁକ୍ତଙ୍କୁ ଫେରାଇନେଲା ବାଂଲାଦେଶ

ଢାକା,୩।୧୦(ପି.ଟି.)

ବାଂଲାଦେଶର ଅନ୍ତରୀଣ ସରକାର କୂଟନୈତିକ ସେବାରେ ଦ୍ୱିତୀୟ ପର୍ଯ୍ୟାୟ ଅଦଳବଦଳ କରିବାକୁ ଯାଉଛନ୍ତି। ଏଥିପାଇଁ ବାଂଲାଦେଶ ଭାରତରୁ ଏହାର ଉଚ୍ଚାୟୁକ୍ତ ମୁସ୍ତାଫିଜୁର ରହମାନଙ୍କ ସମେତ ୫ ଦେଶର ରାଷ୍ଟ୍ରଦୂତଙ୍କୁ ଫେରାଇ ନେଇଛି। ପ୍ରଫେସର ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱରେ ଚାଲିଥିବା ଅନ୍ତରୀଣ ସରକାର ଭାରତ ସମେତ ବ୍ରୁନେଇ, କାନ୍‌ବେରା, ଲିସ୍‌ବନରେ ଥିବା ଏହାର ରାଷ୍ଟ୍ରଦୂତ ଏବଂ ଜାତିସଂଘରେ ଥିବା ସ୍ଥାୟୀ ମିଶନଙ୍କୁ ପ୍ରତ୍ୟାହାର କରିନେଇଛନ୍ତି। ସେମାନଙ୍କୁ ତୁରନ୍ତ ଆସି ବହିର୍ବ୍ୟାପାର ମନ୍ତ୍ରଣାଳୟରେ ରିପୋର୍ଟ କରିବାକୁ କୁହାଯାଇଛି। ଲଣ୍ଡନରୁ ବାଂଲାଦେଶ ହାଇ କମିଶନରଙ୍କୁ ୪ ଦିନ ପୂର୍ବରୁ ପ୍ରତ୍ୟାହାର କରିନିଆଯାଇଥିଲା। ଅଗଷ୍ଟ ୫ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନା କ୍ଷମତାରୁ ଯିବା ପରେ ସେହି ମାସ ୮ ତାରିଖରେ ନୋବେଲ ବିଜୟୀ ୟୁନୁସ୍‌ଙ୍କୁ ଅନ୍ତରୀଣ ସରକାରର ଦାୟିତ୍ୱ ଦିଆଯାଇଥିଲା। ସେହି ସମୟରେ ଆମେରିକା, ରୁଷିଆ, ଜର୍ମାନୀ, ଜାପାନ, ୟୁଏଇ ଏବଂ ସାଉଦି ଆରବରୁ ବାଂଲାଦେଶ ଏହାର ରାଷ୍ଟ୍ରଦୂତଙ୍କୁ ଫେରାଇ ନେଇଥିଲା।

## ସଭରକର ଗୋମାଂସ ଖାଉଥିଲେ

କର୍ଣ୍ଣାଟକ ମନ୍ତ୍ରୀଙ୍କ ଅଭିଯୋଗକୁ ନେଇ ବିବାଦ

ବେଙ୍ଗାଲୁରୁ,୩।୧୦

ହିନ୍ଦୁ ଜାତୀୟତାବାଦୀ ରାଜନେତା ବିନାୟକ ଦାମୋଦର ସଭରକର ମାଂସ ଖାଉଥିଲେ। ସେ ଗୋହତ୍ୟାକୁ ବିରୋଧ କରୁ ନ ଥିଲେ ବୋଲି କର୍ଣ୍ଣାଟକ ସ୍ୱାସ୍ଥ୍ୟମନ୍ତ୍ରୀ ଦୀନେଶ ଗୁଣ୍ଡୁ ରାଓ ଅଭିଯୋଗ କରିବା ପରେ ଏହାକୁ ନେଇ ବିବାଦ ମୁଣ୍ଡ ଟେକିଛି। ବେଙ୍ଗାଲୁରୁରେ ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ରାଓ କହିଥିଲେ, ସଭରକର କେବଳ ମାଂସ ଖାଉ ନ ଥିଲେ, ସେ ଗୋମାଂସ ମଧ୍ୟ ଖାଉଥିଲେ ଏବଂ ସର୍ବସାଧାରଣରେ ଏହି ପ୍ରଥାର ପ୍ରସାର କରାଉଥିଲେ। ସଭରକର ବ୍ରାହ୍ମଣ ହୋଇଥିଲେ ମଧ୍ୟ ସେ ପାରମ୍ପରିକ ଖାଦ୍ୟପେୟ କଟକଣା ମାନୁ ନ ଥିଲେ। ସେ ଜଣେ ଆଧୁନିକବାଦୀ ଥିଲେ ବୋଲି ରାଓ କହିଛନ୍ତି।


ବିନାୟକ ଦାମୋଦର ସଭରକର

କର୍ଣ୍ଣାଟକ ମନ୍ତ୍ରୀଙ୍କ ଏଭଳି ବିବାଦୀୟ ମନ୍ତବ୍ୟକୁ ନେଇ ଭାଜପା କଂଗ୍ରେସକୁ ନିନ୍ଦା କରିଛି। ମନ୍ତ୍ରୀଙ୍କର ଏଭଳି ମନ୍ତବ୍ୟ ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ ବୋଲି ଭାଜପା ସାଧାରଣ ସମ୍ପାଦକ ତରୁଣ ଚୁଗ୍ କହିଛନ୍ତି।

## ଭାରତରେ ଧର୍ମୀୟ ସଂଖ୍ୟାଲଘୁଙ୍କ ପ୍ରତି ଦୁର୍ବ୍ୟବହାର ବଢ଼ୁଛି

ଉଦ୍‌ବେଗ ଜଣାଇଲା ୟୁଏସ୍‌ସିଆଇଆର୍‌ଏଫ୍

ୱାଶିଂଟନ,୩।୧୦

ଭାରତରେ ଧର୍ମୀୟ ସ୍ୱାଧୀନତା ଅଧିକ ଖରାପ ହେବାରେ ଲାଗିଥିବା ଆମେରିକା ସରକାରଙ୍କ ଏକ କମିଶନ ଅଭିଯୋଗ କରିବା ସହ ଏହାକୁ 'କଣ୍ଟ୍ରି ଅଫ୍ ପର୍ଟିକୁଲାର କନ୍‌ସର୍ନ' ବର୍ଗରେ ରଖିବା ପାଇଁ ପରରାଷ୍ଟ୍ର ବିଭାଗକୁ ସୁପାରିସ କରିଛି। ଅର୍ଥାତ୍ ଭାରତରେ ନିର୍ଦ୍ଦିଷ୍ଟ ଭାବେ ସଂଖ୍ୟାଲଘୁମାନେ ଟାର୍ଗେଟର ଶିକାର ହେଉଥିବା ଆମେରିକା କମିଶନ ଫର୍ ଇଣ୍ଟରନ୍ୟାଶନାଲ ରିଲିଜିଅସ୍ ଫ୍ରିଡମ୍ (ୟୁଏସ୍‌ସିଆଇଆର୍‌ଏଫ୍) ଏହାର ବାର୍ଷିକ ରିପୋର୍ଟରେ ଜଣାଇଛି। ତେବେ ଆମେରିକା ପରରାଷ୍ଟ୍ର ବିଭାଗ ଉକ୍ତ ସୁପାରିସକୁ ଏପର୍ଯ୍ୟନ୍ତ ଗ୍ରହଣ କରିନାହିଁ।

ୟୁଏସ୍‌ସିଆଇଆର୍‌ଏଫ୍ ରିପୋର୍ଟ ଅନୁଯାୟୀ, ଚଳିତ ବର୍ଷ ଭାରତରେ ଅପରାଧୀଙ୍କୁ ଦଣ୍ଡ ଆଳରେ କେତେକ ଗୋଷ୍ଠୀ ଲୋକମାନଙ୍କୁ ମାଡ଼ ମାରିବା ସହ ହତ୍ୟା କରୁଛନ୍ତି। ଧର୍ମୀୟ ନେତାମାନଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ଗିରଫ କରାଯାଉଛି ଓ ସେମାନଙ୍କ ଘର ଓ ଉପାସନା ସ୍ଥଳକୁ ଭାଙ୍ଗିଦିଆଯାଉଛି। ଏଠାରେ ଧର୍ମୀୟ ସ୍ୱାଧୀନତା ଅଧିକ ବିପନ୍ନ ହୋଇଛି। ଆସାମର ସୋନପୁରଠାରେ ଉଚ୍ଛେଦ ଅଭିଯାନ ବେଳେ ୨ ମୁସଲମାନ ନାବାଳକ ପୋଲିସ ଗୁଳିରେ ନିହତ ହୋଇଛନ୍ତି। ଏଭଳି ଘଟଣା ଧର୍ମୀୟ ସ୍ୱାଧୀନତାର ଗୁରୁତର ଉଲ୍ଲଂଘନ ବୋଲି ୟୁଏସ୍‌ସିଆଇଆର୍‌ଏଫ୍ କହିଛି। ଏପରିକି ଧର୍ମୀୟ ସଂଖ୍ୟାଲଘୁଙ୍କୁ ଟାର୍ଗେଟ କରିବା ପାଇଁ ଭାରତରେ ଆଇନ ବ୍ୟବସ୍ଥାରେ ପରିବର୍ତ୍ତନ କରାଯାଉଛି। ଏଥିପାଇଁ ନାଗରିକତ୍ୱ ସଂଶୋଧନ ଆଇନ, ସମାନ ନାଗରିକ ସଂହିତା, ବିଭିନ୍ନ ରାଜ୍ୟ ସ୍ତରରେ ଧର୍ମାନ୍ତରୀକରଣ ଏବଂ ଗୋହତ୍ୟା ନିରୋଧୀ ଆଇନ ଅଣାଯାଇଥିବା ଆମେରିକୀୟ କମିଶନ କହିଛି। ସୂଚନାଯୋଗ୍ୟ, ମନମୋହନ ସିଂଙ୍କ ନେତୃତ୍ୱାଧୀନ ସରକାରଙ୍କ ସମୟରୁ ୟୁଏସ୍‌ସିଆଇଆର୍‌ଏଫ୍‌ର ସଦସ୍ୟମାନଙ୍କୁ ଭାରତ ଆସିବା ପାଇଁ ଭିଜା ଦିଆଯାଉ ନାହିଁ। ସେମାନେ ଭାରତର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରୁଥିବା ସରକାର ଦର୍ଶାଉଛନ୍ତି। ଭାରତକୁ ବଦ୍‌ନାମ କରିବା ପାଇଁ ଉକ୍ତ ସଂସ୍ଥା ପକ୍ଷପାତ, ଅଣବିଜ୍ଞାନଭିତ୍ତିକ ଏବଂ ଏଜେଣ୍ଡା ଆଧାରିତ ରିପୋର୍ଟ ପ୍ରସ୍ତୁତ କରୁଥିବା ଭାରତ ଏବଂ ଅନେକ ଭାରତୀୟ-ଆମେରିକୀୟ ସଂଗଠନ ପୂର୍ବରୁ ଅଭିଯୋଗ କରିଛନ୍ତି।

## ୧୨୫୭ ରେଡିଓ ସଂଗ୍ରହ ସହ ଗିନିଜ୍ ୱାର୍ଲ୍ଡ ରେକର୍ଡ

ଲକ୍ଷ୍ନୌ

ଭାରତର ରେଡିଓ ମ୍ୟାନ୍ ଭାବେ ପରିଚିତ ଉତ୍ତରପ୍ରଦେଶର ଅମରୋହା ଜିଲା ଗଜରୌଲା ନିବାସୀ ରାମ ସିଂ ବୌଧଙ୍କର ଦୀର୍ଘ ଦିନର ପୁରୁଣା ସ୍ୱପ୍ନ ପୂରଣ ହୋଇଛି। ବର୍ତ୍ତମାନ ସୁଦ୍ଧା ସେ ସମୁଦାୟ ୧,୨୫୭ ରେଡିଓ ସେଟ୍ ସଂଗ୍ରହ କରିଥିବାରୁ ଗୁରୁବାର ତାଙ୍କ ନାମ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ୍ସ(ଜିଡବ୍ଲ୍ୟୁଆର୍)ରେ ସ୍ଥାନିତ ହୋଇଛି। ତାଙ୍କ ନିକଟରେ ୧୯୨୦ରୁ ବର୍ତ୍ତମାନ ପର୍ଯ୍ୟନ୍ତ ବିଭିନ୍ନ କମ୍ପାନୀର ଅନେକ ମଡେଲର ରେଡିଓ ରହିଛି। ଜିଡବ୍ଲ୍ୟୁଆର୍ ପକ୍ଷରୁ କୁହାଯାଇଛି, ବୌଧଙ୍କ ପାଖରେ ସମୁଦାୟ ୧,୪୦୦ ରେଡିଓ ଅଛି। ତେବେ ଜିଡବ୍ଲ୍ୟୁଆର୍ ଗାଇଡ୍‌ଲାଇନ ମୁତାବକ ସମସ୍ତ ରେଡିଓ ସେଟ୍ ୟୁନିକ୍ ହେବା ଆବଶ୍ୟକ। ଏହି ନିୟମ ଅନୁଯାୟୀ, ବୌଧଙ୍କ ନିକଟରେ ଥିବା ୧୪୩ଟି ରେଡିଓ ସେଟ୍‌କୁ ବାଦ ଦିଆଯାଇଛି। ପୂର୍ବରୁ ୬୨୫ଟି ରେଡିଓ ସଂଗ୍ରହ କରିଥିବା ଏମ୍ ପ୍ରକାଶଙ୍କ ନାମରେ ଏହି ରେଡିଓ ଥିଲା। ସମାଜ ଉପରେ ରେଡିଓର ପ୍ରଭାବ ବିଷୟରେ ଭବିଷ୍ୟତର ପିଢ଼ିକୁ ଅବଗତ କରାଇବା ପାଇଁ ସେ ଦୀର୍ଘ ବର୍ଷ ଧରି ରେଡିଓ ସଂଗ୍ରହ କରି ଆସୁଛନ୍ତି ବୋଲି ବୌଧ କହିଛନ୍ତି।



## ଫୁର୍‌ସତ୍



### 'ବର୍ଡର ୨'ରେ ଆହାନଙ୍କ ଏଣ୍ଟ୍ରି

**ମୁମ୍ବାଇ:** ୧୯୯୭ ମସିହାରେ ରିଲିଜ୍ ହୋଇଥିବା ବ୍ଲକ୍‌ବଷ୍ଟର ଚଳଚ୍ଚିତ୍ର 'ବର୍ଡର' ଏବେ ମଧ୍ୟ ଲୋକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ତେବେ ଖୁବଶୀଘ୍ର ଏହାର ସିକ୍ୱେଲ 'ବର୍ଡର ୨' ଆସିବାକୁ ଯାଉଛି। ସମ୍ପ୍ରତି 'ବର୍ଡର ୨' ପାଇଁ ଜୋର୍‌ସୋରରେ ପ୍ରସ୍ତୁତି ଚାଲିଛି। ଗୁରୁବାର ଫିଲ୍ମକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ଅପ୍‌ଡେଟ୍ ସାମ୍ନାକୁ ଆସିଛି। ଯଦିଓ 'ବର୍ଡର'ର ଅଭିନେତା ସୁନୀଲ ଶେଟ୍ଟୀ 'ବର୍ଡର ୨'ରେ ନଜରକୁ ଆସିବେ ନାହିଁ ତେବେ ତାଙ୍କ ପୁଅ ଆହାନ ଶେଟ୍ଟୀ ଏହି ଚଳଚ୍ଚିତ୍ରରେ ଅଭିନୟ କରୁଥିବାର ନଜରକୁ ଆସିବେ। ଏନେଇ ଫିଲ୍ମ ନିର୍ମାତାଙ୍କ ପକ୍ଷରୁ ଇନ୍‌ଷ୍ଟଗ୍ରାମରେ ଏକ ଭିଡିଓ ଜାରି କରାଯାଇ ଘୋଷଣା କରାଯାଇଛି। ଏହି ପୋଷ୍ଟକୁ ଅଭିନେତା ସନି ଦେଓଲ ମଧ୍ୟ ଟ୍ୟାଗ୍ କରିଛନ୍ତି। ଉକ୍ତ ଭିଡିଓରେ ଆହାନଙ୍କ ଏକ ଭଏସ୍ ଓଭର ରହିଛି। ଭିଡିଓ ଆରମ୍ଭରେ 'ବର୍ଡର' ଫିଲ୍ମରେ ଥିବା ସୁନୀଲ ଶେଟ୍ଟୀଙ୍କ କିଛି ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଛି। ପୋଷ୍ଟ'ର କ୍ୟାପ୍‌ଶନ୍‌ରେ ସନି ଲେଖିଛନ୍ତି, 'ବର୍ଡର ୨' ବାଟାଲିୟନରେ ଫୌଜି ଆହାନ ଶେଟ୍ଟୀଙ୍କୁ ସ୍ୱାଗତ। ଜେ.ପି. ଦତ୍ତା, ନିଧି ଦତ୍ତା ଏବଂ ଟି-ସିରିଜ୍ ଦ୍ୱାରା ନିର୍ମିତ ଓ ଅନୁରାଗ ସିଂଙ୍କ ଦ୍ୱାରା ନିର୍ଦ୍ଦେଶିତ 'ବର୍ଡର ୨' ଫିଲ୍ମ ୨୦୨୬ ଜାନୁୟାରୀ ୨୩ରେ ମୁକ୍ତିଲାଭ କରିବ। ଫିଲ୍ମ ପାଇଁ ଆହାନଙ୍କ ବ୍ୟତୀତ ଅଭିନେତା ସନି ଦେଓଲ, ବରୁଣ ଧାୱନ, ଦିଲ୍‌ଜିତ ଦୋସାଞ୍ଜ ଓ ଅଭିନେତ୍ରୀ ଭିନାଲି ଭଟ୍ଟନାଗରଙ୍କୁ ବର୍ତ୍ତମାନ ସୁଦ୍ଧା କାଷ୍ଟ କରାଯାଇଛି। ଖୁବ୍‌ଶୀଘ୍ର ଫିଲ୍ମର ଷ୍ଟାର୍‌କାଷ୍ଟରେ ବଲିଉଡ୍‌ର କେତେଜଣ ବଡ଼ ତାରକାଙ୍କୁ ଦେଖିବାକୁ ମିଳିବ ବୋଲି ଫିଲ୍ମ ନିର୍ମାତାଙ୍କ ସୂତ୍ରରୁ ପ୍ରକାଶ ପାଇଛି। ପ୍ରକାଶ ଯେ, ୨୦୨୧ରେ ରିଲିଜ୍ ହୋଇଥିବା 'ତଡ଼ପ' ଫିଲ୍ମରେ ଆହାନ୍ ବଲିଉଡ୍‌ରେ ନିଜର ଡେବ୍ୟୁ କରିଥିଲେ।

## ପ୍ରାଣୀ-ମନୁଷ୍ୟ ମଧ୍ୟରେ ସୁସମ୍ପର୍କ ଆବଶ୍ୟକ

ଆଜି ବିଶ୍ୱ ପ୍ରାଣୀ ଦିବସ



ପ୍ରାଣୀମାନଙ୍କ ଅଧିକାର ଓ ବିଶେଷକରି ସେମାନଙ୍କ କଲ୍ୟାଣ ପାଇଁ ପ୍ରତିବର୍ଷ ଅକ୍ଟୋବର ୪କୁ ବିଶ୍ୱ ପ୍ରାଣୀ ଦିବସ ଭାବେ ପାଳନ କରାଯାଉଛି। ଚଳିତ ବର୍ଷର ଥିମ୍ ହେଉଛି 'ବିଶ୍ୱ ତାଙ୍କର ମଧ୍ୟ ଘର'। ମଣିଷ ସର୍ବଦା ନିଜର ଲାଭ ପାଇଁ ଓ ଲୋଭର ବଶବର୍ତ୍ତୀ ହୋଇ ଅନେକ ସମୟରେ ପ୍ରାଣୀମାନଙ୍କର ଅଧିକାରକୁ ଛଡାଇ ନେଉଛି। ଏଥିସହ ସେମାନଙ୍କର ଉପରେ ଅତ୍ୟାଚାର କରିବାକୁ ପଛାଉ ନାହାନ୍ତି। ଫଳରେ ଅନେକ ସମୟରେ ପ୍ରାଣୀ-ମନୁଷ୍ୟ ମଧ୍ୟରେ ସଂଘର୍ଷ ହେବା ସହ ଅନେକ ଜୀବନହାନୀ ଘଟୁଛି। ତେଣୁ ଏଦିଗରେ ସଚେତନତା ସୃଷ୍ଟି କରିବା ସହ ପରସ୍ପର ମଧ୍ୟରେ ଏକ ସୁସମ୍ପର୍କ ରଖିବା ନିହାତି ଆବଶ୍ୟକ। ପ୍ରଥମ କରି ସିନୋଲୋଜିଷ୍ଟ ହେନେରିକ୍ ଜିମର୍‌ମେନ୍‌ଙ୍କ ଦ୍ୱାରା ଏହି ପାଳନ କରାଯାଇଥିଲା। ଜର୍ମାନୀର ବର୍ଲିନ୍ ସହରର ସ୍ପୋର୍ଟ ପ୍ୟାଲେସ୍ ଠାରେ ପ୍ରଥମ କରି ୧୯୨୫ ମାର୍ଚ୍ଚ ୨୪ରେ ବିଶ୍ୱ ପ୍ରାଣୀ ଦିବସ ପାଳିତ ହୋଇଥିଲା। ତେବେ ଏହି ଦିବସ ପାଳନ ପାଇଁ ଅକ୍ଟୋବର ୪କୁ ନିର୍ଦ୍ଧାରିତ କରାଯାଇଥିଲା। ମାତ୍ର କୌଣସି କାରଣ ବଶତଃ ମାର୍ଚ୍ଚ ୨୪ରେ ପ୍ରଥମଥର ପାଳନ କରାଯାଇଥିଲା। ପରେ ୧୯୨୯ରେ ପ୍ରଥମ କରି ଅକ୍ଟୋବର ୪ରେ ଏହି ଦିବସ ପାଳନ କରାଗଲା। ଏହାପରେ ୧୯୩୧ ମେ ୩୧ରେ ଇଟାଲୀର ଫ୍ଲୋରେନ୍ସ ଠାରେ ଅନ୍ତରାଷ୍ଟ୍ରୀୟ ପଶୁ ସଂରକ୍ଷଣ କଂଗ୍ରେସର ଏକ ସମ୍ମିଳନୀରେ ଅକ୍ଟୋବର ୪କୁ ବିଶ୍ୱ ପ୍ରାଣୀ ଦିବସ ଭାବେ ବିଧିବଦ୍ଧ ଭାବେ ଘୋଷଣା କରାଗଲା।










ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ନୂଆଦିଲ୍ଲୀରେ ଏଡୋବ୍ ଇଣ୍ଡିଆ, ମୋଗଲିକ୍ସ, ଇଣ୍ଡୋରମା, ପେଟ୍ରୋନେଟ୍ ଏଲ୍ଏନ୍‌ଜି, ଓଆଇଏଲ୍, ଜେ.କେ. ପେପର ଲିମିଟେଡ୍ ଆଦି କେତେକ ପ୍ରମୁଖ ନିବେଶକ ସଂସ୍ଥାର କର୍ତ୍ତୃପକ୍ଷ ଓ ଅଧିକାରୀଙ୍କୁ ଭେଟି ଓଡ଼ିଶାରେ ନିବେଶ ସୁଯୋଗ ସମ୍ପର୍କରେ ଆଲୋଚନା କରିବା ସହ ସେମାନଙ୍କୁ ଆସନ୍ତା ଜାନୁୟାରୀ ୨୮ ଓ ୨୯ରେ ଭୁବନେଶ୍ୱରରେ ହେବାକୁ ଥିବା 'ଉତ୍କର୍ଷ ଓଡ଼ିଶା କନ୍‌କ୍ଲେଭ-୨୦୨୫' ନିମନ୍ତେ ଆମନ୍ତ୍ରଣ କରିଛନ୍ତି।

# ୯ରେ 'ସୁଭଦ୍ରା' ଦ୍ୱିତୀୟ ପର୍ଯ୍ୟାୟ ପ୍ରଥମ କିସ୍ତି

ଭୁବନେଶ୍ୱର,୩।୧୦(ଅନିଲ ଦାସ)

ମହିଳାମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରୁଥିବା ରାଜ୍ୟ ସରକାରଙ୍କ ପ୍ରମୁଖ ଜନ କଲ୍ୟାଣକାରୀ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ଅର୍ଥରାଶି ପ୍ରଥମ ପର୍ଯ୍ୟାୟରେ ୨୫ ଲକ୍ଷ ୨୯ ହଜାର ୭୨୦ ହିତାଧିକାରୀଙ୍କୁ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରେରଣ କରାଯାଇଛି। ୧ କୋଟି ହିତାଧିକାରୀଙ୍କ ମଧ୍ୟରୁ ପ୍ରଥମ କିସ୍ତି ପ୍ରଦାନ ପରେ ଅବଶିଷ୍ଟ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ୨୦୨୫ ମାର୍ଚ୍ଚ ୮ ପୂର୍ବରୁ ମିଳିବା ନେଇ ରାଜ୍ୟ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ ହିତାଧିକାରୀଙ୍କୁ ଅକ୍ଟୋବର ୯ରେ ପ୍ରଦାନ ପାଇଁ ଘୋଷଣା କରିଛନ୍ତି।

ଦ୍ୱିତୀୟ ପର୍ଯ୍ୟାୟରେ ଯୋଗ୍ୟ ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନା ଅର୍ଥ ପ୍ରେରଣ ନିମନ୍ତେ ରାଜ୍ୟ ସରକାରଙ୍କ ପ୍ରସ୍ତୁତି ସମ୍ପର୍କରେ ଗୁରୁବାର ଲୋକସେବା ଭବନସ୍ଥିତ କାର୍ଯ୍ୟାଳୟରେ ଉନ୍ନୟନ କମିଶନର ଅନୁ ଗର୍ଗ ସମୀକ୍ଷା କରିଛନ୍ତି। ଏହି ବୈଠକରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ, ମହିଳା ଓ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ବିଭାଗର ନିର୍ଦ୍ଦେଶିକା ମୋନୀଷା ବାନାର୍ଜୀଙ୍କ ଉପସ୍ଥିତିରେ 'ସୁଭଦ୍ରା' କିସ୍ତି ଅର୍ଥ ରାଶି ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରେରଣ ସମ୍ପର୍କରେ ବୈଷୟିକ ଟିମ୍ ସହିତ ଆଲୋଚନା କରିଛନ୍ତି। ଏଥିସହିତ ଯେଉଁ ହିତାଧିକାରୀମାନେ ପ୍ରଥମ ପର୍ଯ୍ୟାୟରେ ପ୍ରଥମ କିସ୍ତି ଅର୍ଥରାଶି ପାଇଛନ୍ତି, ସେମାନଙ୍କଠାରୁ ମତାମତ ସଂଗ୍ରହ ପ୍ରକ୍ରିୟା(ଫିଡ୍ ବ୍ୟାକ୍ ମନିଟରିଂ) ବ୍ୟବସ୍ଥା କରାଯିବାକୁ ଉନ୍ନୟନ କମିଶନର ପରାମର୍ଶ ଦେଇଛନ୍ତି। ପ୍ରଥମ କିସ୍ତି ଅର୍ଥରାଶି ପାଇଥିବା ହିତାଧିକାରୀ କେତେ ଉତ୍ସାହିତ ଅଛନ୍ତି, ଏହି ଆର୍ଥିକ ସହାୟତା ସେମାନଙ୍କୁ କିପରି ସହାୟକ ହୋଇଛି ଆଦି ମତାମତ ନିଆଯିବ। ଏଥିସହିତ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ 'ସୁଭଦ୍ରା' ସମ୍ପର୍କିତ ଜନସଚେତନତା ଜାରି ରଖିବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ସୂଚନାଯୋଗ୍ୟ, ୨ୟ ପର୍ଯ୍ୟାୟରେ ଯେତେ ଅଧିକ ସଂଖ୍ୟକ ସମ୍ଭବ ହିତାଧିକାରୀଙ୍କୁ ଅକ୍ଟୋବର ୯ରେ ପ୍ରଥମ କିସ୍ତି ଅର୍ଥ ରାଶି ପ୍ରେରଣ କରାଯିବ, ସେଥିପାଇଁ ପ୍ରକ୍ରିୟା ଜାରି ରହିଛି। ଅଦ୍ୟାବଧି ସୁଭଦ୍ରାରେ ପ୍ରାୟ ୯୮ ଲକ୍ଷ ଆବେଦନକାରୀ ପଞ୍ଜୀକରଣ କରିଛନ୍ତି। ଅକ୍ଟୋବର ୬ ତାରିଖ ସୁଦ୍ଧା ପ୍ରସ୍ତୁତି ଶେଷ କରିବାକୁ ସମ୍ପୃକ୍ତ ବିଭାଗଗୁଡ଼ିକୁ ପରାମର୍ଶ ଦିଆଯାଇଛି।

**ଉନ୍ନୟନ କମିଶନରଙ୍କ ସମୀକ୍ଷା**

- ୯୮ ଲକ୍ଷ ଆବେଦନକାରୀ ପଞ୍ଜୀକୃତ
- କିସ୍ତି ପାଇଥିବା ହିତାଧିକାରୀଙ୍କଠାରୁ ନିଆଯିବ ମତାମତ

# ୫ରେ ମିଳିବ ପିଏମ୍ କିଷାନ କିସ୍ତି: ଉପମୁଖ୍ୟମନ୍ତ୍ରୀ ସିଂଦେଓ

## ଚାଷୀଙ୍କୁ ଭଡ଼ା ସୂତ୍ରରେ ଯୋଗାଇ ଦିଆଯିବ କୃଷି ଯନ୍ତ୍ରପାତି

ଭୁବନେଶ୍ୱର, ୩।୧୦(ସୁନିତ୍ ମିଶ୍ର)

ଦଶହରା ପୂର୍ବରୁ ଚାଷୀମାନଙ୍କ ପାଇଁ ଖୁସି ଖବର ଆସିଛି। ପିଏମ୍ କିଷାନ ଯୋଜନାର ୧୮ତମ କିସ୍ତି ହିତାଧିକାରୀମାନଙ୍କୁ ପ୍ରଦାନ କରାଯିବ। ଆସନ୍ତା ୫ ତାରିଖରେ ଚାଷୀମାନଙ୍କୁ ପିଏମ୍ କିଷାନ ଯୋଜନାର କିସ୍ତି ଲୋକଙ୍କ ଆକାଉଣ୍ଟକୁ ଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ସହାୟତା ରାଶି ପ୍ରଦାନ କରିବେ। ରାଜ୍ୟର ପ୍ରାୟ ୩୦ ଲକ୍ଷରୁ ଅଧିକ ହିତାଧିକାରୀଙ୍କ ଆକାଉଣ୍ଟକୁ ଏହି ଟଙ୍କା ଯିବ। ପିଏମ୍ କିଷାନ ଲାଗି ଜିଲାସ୍ତରରେ କାର୍ଯ୍ୟକ୍ରମ ହେବ। ଧାନ କିଣାକୁ ନେଇ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ ଗୁରୁବାର ଏହି ସୂଚନା ଦେଇଛନ୍ତି। ଉପମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ରାଜ୍ୟ



ସରକାର ସୋହେଲାରୁ ଧାନ କିଣିବା ଆରମ୍ଭ କରିବେ। ସୋହେଲାରେ ବିଜେଡି ବୋନସ୍ ଦେବ କହି ଦେଇ ନ ଥିଲା। ସେହି ସୋହେଲାରୁ ହିଁ ୮୦୦ ଟଙ୍କା ବୋନସ୍ ଦେଇ ଚାଷୀଙ୍କ ଠାରୁ ଧାନ କିଣାଯିବ। ସେହିପରି ଗୁରୁବାର କୃଷି ଭବନସ୍ଥିତ ଅଡିଟୋରିୟମରେ କୃଷି ଯନ୍ତ୍ରପାତି ନିର୍ମାତାଙ୍କ ସମାବେଶ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ନିର୍ମାତା ଯୋଗଦେଇଥିଲେ। ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ କୃଷି ଯନ୍ତ୍ରପାତି ମେଳା ଆଞ୍ଚଳିକ ସ୍ତରରେ ବ୍ରହ୍ମପୁର, ବଲାଙ୍ଗୀର, ଜୟପୁର ଓ କେନ୍ଦୁଝରରେ ଅନୁଷ୍ଠିତ ହେବ। ସେହିଭଳି ଜିଲା ଏବଂ ଉପଖଣ୍ଡସ୍ତରରେ ମଧ୍ୟ କ୍ରମ ଅନୁଯାୟୀ ଏହି ଯନ୍ତ୍ରପାତି ମେଳା ଅନୁଷ୍ଠିତ ହେବାକୁ ଯାଉଛି। ଓଡ଼ିଶାରେ କ୍ଷୁଦ୍ର ଓ ଅତିକ୍ଷୁଦ୍ର ଚାଷୀଙ୍କ ସଂଖ୍ୟା ଅପେକ୍ଷାକୃତ ଅଧିକ। ତେଣୁ ସେମାନଙ୍କ ହିତକୁ ଦୃଷ୍ଟିରେ ରଖି ନିର୍ମାତାମାନେ ଆବଶ୍ୟକ କୃଷି ଯନ୍ତ୍ରପାତି ନିର୍ମାଣ କରିବା ଦରକାର ଏବଂ ସେହି କମ୍ପାନୀଗୁଡ଼ିକ ନିଜର ବିକ୍ରୟ ତଥା ମରାମତି କେନ୍ଦ୍ର ନିକଟରେ ଖୋଲିବାକୁ ଉପମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଏହାଦ୍ୱାରା ଚାଷୀ କୌଣସି ସମସ୍ୟାର ସମ୍ମୁଖୀନ ହେଲେ ତୁରନ୍ତ ମରାମତି ସୁବିଧା ପାଇପାରିବେ ବୋଲି ସମାବେଶରେ ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ନିର୍ମାତାମାନେ ଉତ୍କୃଷ୍ଟ ମାନର ଯନ୍ତ୍ରପାତି ଗ୍ରାହକଙ୍କୁ ଯୋଗାଇଦିଅନ୍ତୁ। ଆବଶ୍ୟକସ୍ଥଳେ ଏକାଧିକ ଚାଷୀଙ୍କୁ ଭଡା ସୂତ୍ରରେ ଏହି ଯନ୍ତ୍ରପାତି ଯୋଗାଇଦେଇପାରିବେ।


ସମଗ୍ର ଶିକ୍ଷା
समग्र शिक्षा
Samagra Shiksha

## ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ

"ଶିକ୍ଷା ସୌଧ", ୟୁନିଟ୍-୫, ଭୁବନେଶ୍ୱର-୭୫୧୦୦୧

**ନବନିଯୁକ୍ତ କନିଷ୍ଠ ଶିକ୍ଷକ-ଶିକ୍ଷୟିତ୍ରୀ(ସ୍କିମାଟିକ୍)ଙ୍କ ପାଇଁ ସୂଚନା**

**No.n-** ଅକ୍ଟୋବର ୫ ତାରିଖରେ କଳିଙ୍ଗ ଷ୍ଟାଡିୟମଠାରେ ୧୬୦୦୯ କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀଙ୍କର ନିଯୁକ୍ତି ସମାରୋହ ଓ ନବନିଯୁକ୍ତ କନିଷ୍ଠ ଶିକ୍ଷକ-ଶିକ୍ଷୟିତ୍ରୀ(ସ୍କିମାଟିକ୍)ଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏଥିରେ ଅଂଶଗ୍ରହଣ କରିବାକୁ ଥିବା ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ପାଇଁ ଜିଲ୍ଲା ପକ୍ଷରୁ ପରିବହନର ବ୍ୟବସ୍ଥା ହୋଇଛି । ଏଥିପାଇଁ ଜିଲ୍ଲା ଭିତ୍ତିକ ପାର୍କିଂ ଏବଂ ବସିବା ବ୍ୟବସ୍ଥା ସମ୍ବନ୍ଧୀୟ ସୂଚନା ନିମ୍ନରେ ପ୍ରଦତ୍ତ କରାଯାଉଛି ।

**ଜିଲ୍ଲାଭିତ୍ତିକ ପାର୍କିଂ ଏବଂ ବସିବା ବ୍ୟବସ୍ଥା**

| ପାର୍କିଂ ସ୍ଥାନ | ଜିଲ୍ଲା | ବସିବା ବ୍ୟବସ୍ଥା |
|---|---|---|
| ପୋଲିସ ପାର୍କିଂ ସ୍ଥାନ, କଳିଙ୍ଗ ଷ୍ଟାଡିୟମ ସାମ୍ନା | ବରଗଡ଼ (୪୭୯) | ଉତ୍ତର ଷ୍ଟାଣ୍ଡ – ତଳ ମହଲା (୪୧୨) ଏବଂ ଭିତର ପଡ଼ିଆ – ଉତ୍ତର ପାର୍ଶ୍ୱ (୬୭) |
| | ଦେବଗଡ଼ (୨୧) | ଭିତର ପଡ଼ିଆ – ପଶ୍ଚିମ ପାର୍ଶ୍ୱ (୨୧) |
| | ଢେଙ୍କାନାଳ (୫୮୩) | ପୂର୍ବ ପଡ଼ିଆ – ପ୍ରଥମ ମହଲା (୫୮୩) |
| | ଜଗତସିଂହପୁର (୮୮) | ଉତ୍ତର ଷ୍ଟାଣ୍ଡ – ପ୍ରଥମ ମହଲା (୮୮) |
| | ଝାରସୁଗୁଡ଼ା (୩୮) | ଭିତର ପଡ଼ିଆ – ପଶ୍ଚିମ ପାର୍ଶ୍ୱ (୩୮) |
| | ପୁରୀ (୭୩୩) | ପୂର୍ବ ଷ୍ଟାଣ୍ଡ – ପ୍ରଥମ ମହଲା (୭୩୩) |
| | ସମ୍ବଲପୁର (୨୧୮) | ଉତ୍ତର ଷ୍ଟାଣ୍ଡ – ପ୍ରଥମ ମହଲା (୨୧୮) |
| | ସୁନ୍ଦରଗଡ଼ (୧୬୦) | ଭିତର ପଡ଼ିଆ– ପଶ୍ଚିମ ପାର୍ଶ୍ୱ (୧୬୦) |
| ଗେଟ-୮ (ଉତ୍ତର ପାର୍କିଂ ) | କଟକ (୮୯୩) | ଉତ୍ତର ଷ୍ଟାଣ୍ଡ – ପ୍ରଥମ ମହଲା (୮୯୩) |
| | ଯାଜପୁର (୮୭୨) | ପୂର୍ବ ଷ୍ଟାଣ୍ଡ – ପ୍ରଥମ ମହଲା (୮୭୨) |
| | କେନ୍ଦ୍ରାପଡ଼ା (୧୦୩୮) | ଉତ୍ତର ଷ୍ଟାଣ୍ଡ – ପ୍ରଥମ ମହଲା (୧୦୩୮) |
| | କେନ୍ଦୁଝର (୧୩୨୯) | ପଶ୍ଚିମ ଷ୍ଟାଣ୍ଡ– ପ୍ରଥମ ମହଲା (୧୩୨୯) |
| | ମୟୂରଭଞ୍ଜ (୮୨୭) | ଉତ୍ତର ଷ୍ଟାଣ୍ଡ – ପ୍ରଥମ ମହଲା (୮୨୭) |
| ଗେଟ-୮ବି (ପଶ୍ଚିମ ପାର୍କିଂ ) | ଅନୁଗୋଳ (୪୨୪) | ପଶ୍ଚିମ ଷ୍ଟାଣ୍ଡ– ତଳ ମହଲା (୪୨୪) |
| | ବାଲେଶ୍ୱର (୬୦୦) | ଦକ୍ଷିଣ ଷ୍ଟାଣ୍ଡ – ତଳ ମହଲା (୬୦୦) |
| | ଭଦ୍ରକ (୨୬୦) | ପୂର୍ବ ଷ୍ଟାଣ୍ଡ-ପ୍ରଥମ ମହଲା (୨୬୦) |
| | ବଲାଙ୍ଗିର (୧୦୮୦) | ଦକ୍ଷିଣ ଷ୍ଟାଣ୍ଡ-ପ୍ରଥମ ମହଲା (୧୦୮୦) |
| | ବୌଦ୍ଧ (୬୫) | ଭିତର ପଡ଼ିଆ-ପଶ୍ଚିମ ପାର୍ଶ୍ୱ (୬୫) |
| | ଗଜପତି (୧୩) | ଦକ୍ଷିଣ ଷ୍ଟାଣ୍ଡ -ପ୍ରଥମ ମହଲା (୧୩) |
| | ଗଞ୍ଜାମ (୧୨୬୪) | ପୂର୍ବ ଷ୍ଟାଣ୍ଡ-ପ୍ରଥମ ମହଲା (୧୨୬୪) |
| | କଳାହାଣ୍ଡି (୮୧୧) | ଦକ୍ଷିଣ ଷ୍ଟାଣ୍ଡ-ପ୍ରଥମ ମହଲା (୮୧୧) |
| | କନ୍ଧମାଳ (୧୫୧) | ଦକ୍ଷିଣ ଷ୍ଟାଣ୍ଡ-ପ୍ରଥମ ମହଲା (୧୫୧) |
| | ଖୋର୍ଦ୍ଧା (୭୫୩) | ଭିତର ପଡ଼ିଆ- ଉତ୍ତର ପାର୍ଶ୍ୱ (୭୫୩) |
| | କୋରାପୁଟ (୯୨୨) | ଦକ୍ଷିଣ ଷ୍ଟାଣ୍ଡ- ପ୍ରଥମ ମହଲା (୯୨୨) |
| | ମାଲକାନଗିରି (୫୫୫) | ଭିତର ପଡ଼ିଆ-ଦକ୍ଷିଣ ପାର୍ଶ୍ୱ (୫୫୫) |
| | ନବରଙ୍ଗପୁର (୮୬୦) | ପଶ୍ଚିମ ଷ୍ଟାଣ୍ଡ-ପ୍ରଥମ ମହଲା (୮୬୦) |
| | ନୟାଗଡ଼ (୮୩) | ଦକ୍ଷିଣ ଷ୍ଟାଣ୍ଡ- ପ୍ରଥମ ମହଲା (୮୩) |
| | ନୂଆପଡ଼ା (୨୨୧) | ଭିତର ପଡ଼ିଆ-ପଶ୍ଚିମ ପାର୍ଶ୍ୱ (ଡାହାଣ) (୨୨୧) |
| | ରାୟଗଡ଼ା (୫୧୧) | ପଶ୍ଚିମ ପାର୍ଶ୍ୱ -ପ୍ରଥମ ମହଲା (୫୧୧) |
| | ସୁବର୍ଣ୍ଣପୁର (୧୫୭) | ଭିତର ପଡ଼ିଆ - ପଶ୍ଚିମ ପାର୍ଶ୍ୱ (ଡାହାଣ) (୧୫୭) |

ସ୍ୱା/-
ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ

OIPR-27068/11/0008/2425


## ମୌସୁମୀ ପ୍ରତ୍ୟାବର୍ତ୍ତନ ପରେ କମିବ ଗୁଳୁଗୁଳି

ଭୁବନେଶ୍ୱର,୩।୧୦ (ଅନୁରାଧା ମହାରଣା)

ମୌସୁମୀ ଅପସାରଣ ପ୍ରକ୍ରିୟା ଜାରି ରହିଥିବାରୁ ବାୟୁରେ ଆର୍ଦ୍ରତା ବଢ଼ୁଛି। ଏହା ପ୍ରଭାବରେ ଗରମ ଓ ଗୁଳୁଗୁଳି ଅନୁଭୂତ ହେଉଛି। ରାଜ୍ୟରୁ ସମ୍ପୂର୍ଣ୍ଣ ଭାବେ ମୌସୁମୀ ପ୍ରତ୍ୟାବର୍ତ୍ତନ କରିବା ପରେ ଗୁଳୁଗୁଳି କମିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଦକ୍ଷିଣ-ପୂର୍ବ ବାଲାଂଦେଶ ଓ ଏହାର ଆଖପାଖ ଅଞ୍ଚଳରେ ଏକ ଘୂର୍ଣ୍ଣବଳୟ ସୃଷ୍ଟି ହୋଇଛି। ଶୁକ୍ରବାର ଏହା ଉତ୍ତର ବଙ୍ଗୋପସାଗର ଓ ପାଶ୍ୱବର୍ତ୍ତୀ ଅଞ୍ଚଳକୁ ଅଗ୍ରସର ହେବା ଫଳରେ ରାଜ୍ୟରେ ବିଜୁଳି ଘଡଘଡ଼ି ସହ ବର୍ଷା ହେବ। ଏଥିପାଇଁ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, କୋରାପୁଟ, ମାଲକାନଗିରି, ରାୟଗଡ଼ା, ଢେଙ୍କାନାଳ, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁର ଆଦି ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି ପାଣିପାଗ କେନ୍ଦ୍ର। ଶନିବାର ଠାରୁ ୬ ତାରିଖ ସକାଳ ପର୍ଯ୍ୟନ୍ତ ଉତ୍ତର ଓଡ଼ିଶା, ଦକ୍ଷିଣ ଉପକୂଳ ଓଡ଼ିଶାର ଗୋଟିଏ ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ହାଲୁକାରୁ ମଧ୍ୟମ ଧରଣ ବର୍ଷା ସମ୍ଭାବନା ରହିଛି। ବିଶେଷକରି ମାଲକାନଗିରି, କୋରାପୁଟ୍, ରାୟଗଡ଼ା, ନବରଙ୍ଗପୁର ଆଦି ଜିଲାରେ ବର୍ଷା ହେବାକୁ ଥିବାବେଳେ ଅନ୍ୟାନ୍ୟ ଜିଲାରେ ପାଗ ପ୍ରାୟ ଶୁଖିଲା ରହିବ। ୯ ତାରିଖ ଅପରାହ୍ନ ପର୍ଯ୍ୟନ୍ତ ଏଭଳି ପାଗରେ ବିଶେଷ ପରିବର୍ତ୍ତନ ନ ହୋଇପାରେ।




## ସଂକ୍ଷେପରେ

### ଗୋଷ୍ଠୀ ସଂଘର୍ଷ ଘଟଣାରେ ୨ ଗିରଫ

ଯାଜପୁରରୋଡ୍,୩।୧୦(ପବିତ୍ର ରଞ୍ଜନ ମହାନ୍ତି): ଯାଜପୁରରୋଡ୍ ଥାନା ଅନ୍ତର୍ଗତ ରାଚ୍ଛିପୁର ଗ୍ରାମରେ ଏକ ବିବାଦୀୟ ଜମିରେ ଗୃହ ନିର୍ମାଣକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ହୋଇଥିବା ସଂଘର୍ଷ ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଗ୍ରାମର ନବକିଶୋର ନାଥ(୫୮) ଓ ଜିତେନ୍ଦ୍ର ଆଲିଆସ ମାନସ ଘଣା(୪୦)।
ଏକ ଜମିର ମାଲିକାନାକୁ ନେଇ ଗ୍ରାମର ଶତ୍ରୁଘନ ନାଥ ଓ ନବକିଶୋର ନାଥଙ୍କ ମଧ୍ୟରେ ପୂର୍ବରୁ ବିବାଦ ଲାଗିରହିଥିଲା। ଏନେଇ ଉଭୟ ପକ୍ଷ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟରେ ମାମଲା ବିଚାରାଧୀନ ଥିବାବେଳେ ମଙ୍ଗଳବାର ଶତ୍ରୁଘନଙ୍କ ପୁଅ ସପନ ନାଥ ଉକ୍ତ ଜମିରେ ଘର ନିର୍ମାଣ ପାଇଁ କାର୍ଯ୍ୟ ଆରମ୍ଭ କରିଥିଲେ। ଏହି ସମୟରେ ନବକିଶୋରଙ୍କ ପୁଅ ନରୋତ୍ତମ ବିରୋଧ କରିଥିଲେ। ଫଳରେ ଉଭୟ ପକ୍ଷ ମଧ୍ୟରେ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ନରୋତ୍ତମ ଏବଂ ତାଙ୍କ ଭାଇ ସୁନନ୍ଦ ସପନଙ୍କୁ ଏକ ଧାରୁଆଅସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିରେ ସପନଙ୍କ ବେକ ଓ ହାତରେ ଗଭୀର ଆଘାତ ଲାଗିଥିଲା। ପାଲଟା ଆକ୍ରମଣରେ ନରୋତ୍ତମ ଓ ତାଙ୍କ ମା' ଇନ୍ଦୁମତୀ ନାଥ ଆହତ ହୋଇଥିଲେ। ଉଭୟ ପକ୍ଷ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନାରେ ନଂ.୫୮୪/୨୪ ଓ ୫୮୫/୨୪ରେ ୨ ଟି ମାମଲା ରୁଜୁ ହୋଇଛି। ଘଟଣାରେ ସମ୍ପୃକ୍ତ ଥାଇ ଚିକିତ୍ସିତ ଥିବା ବ୍ୟକ୍ତିଙ୍କୁ ସୁସ୍ଥ ହେଲାପରେ ଗିରଫ କରାଯିବ ବୋଲି ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

### ଯାଜପୁରରେ ନୂଆ ଏସ୍‌ପିଙ୍କ ଦାୟିତ୍ୱ ଗ୍ରହଣ



ପାଣିକୋଇଲି,୩।୧୦(ବିକାଶ ମଲ୍ଲିକ): ପାଣିକୋଇଲିସ୍ଥିତ ଯାଜପୁର ଜିଲା ପୋଲିସ ମୁଖ୍ୟାଳୟରେ ଗୁରୁବାର ନୂତନ ଆରକ୍ଷୀ ଅଧୀକ୍ଷକ(ଏସ୍‌ପି) ଯଶପ୍ରତାପ ଶ୍ରୀମଲ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଠାରେ ଥିବା ଏସ୍‌ପି ଭିନୀତ ଅଗ୍ରୱାଲଙ୍କ ପୁରୀ ଜିଲାକୁ ବଦଳି ହୋଇଛି। ୨୦୨୦ ବ୍ୟାଚ୍‌ର ଆଇପିଏସ ଅଫିସର ଶ୍ରୀମଲ ମୁଖ୍ୟାଳୟରେ ପହଞ୍ଚିବା ପରେ ମୁଖ୍ୟାଳୟର ସମସ୍ତ ଅଧିକାରୀ, ଜିଲାର ସମସ୍ତ ଥାନାଧିକାରୀ ଓ ହାବିଲଦାର କନଷ୍ଟେବଳ ସଂଘ କର୍ମକର୍ତ୍ତା ତାଙ୍କୁ ସ୍ୱାଗତ କରିଥିଲେ। ଜିଲାରେ ଆଇନଶୃଙ୍ଖଳା ରକ୍ଷା, ନାରୀ ଓ ଶିଶୁ ନିର୍ଯ୍ୟାତନା ନିୟନ୍ତ୍ରଣ ପାଇଁ ବିଶେଷ ପଦକ୍ଷେପ ନିଆଯିବା ସହିତ ଆଇନଶୃଂଖଳାକୁ ପ୍ରାଥମିକତା ଦିଆଯିବ ବୋଲି ଶ୍ରୀମଲ ସୂଚନା ଦେଇଛନ୍ତି।

# ଦବିଗଲା ଜିଲା ପ୍ରଶାସନର ତଦନ୍ତ ପ୍ରତିଶ୍ରୁତି

## କୁସୁମା ପରିସରରେ ୨ ମହଲା କଟେଜ୍ ନିର୍ମାଣ ପ୍ରସଙ୍ଗ

ଯାଜପୁର,୩।୧୦(ହର୍ଷବର୍ଦ୍ଧନ ବେହେରା):

କୌଣସି ଦୁର୍ନୀତିର ଅଭିଯୋଗ ଆସିଲେ ବିବାଦ ସୃଷ୍ଟି ହୋଇଥାଏ । ବିଭିନ୍ନ ସ୍ଥାନରେ ଆନ୍ଦୋଳନ, ହଟ୍ଟଗୋଳ ଚାଲେ । ଏହାପରେ ଜିଲା ପ୍ରଶାସନ ସେହି ଘଟଣାରେ ହସ୍ତକ୍ଷେପ କରି ତଦନ୍ତ କରିବାକୁ ପ୍ରତିଶ୍ରୁତି ଦିଏ । ପରିସ୍ଥିତି ଶାନ୍ତ ପଡିଲେ ପ୍ରଶାସନ ବି ଚୁପ୍ ହୋଇ ବସିପଡେ । ସେମିତି ନାନା ଘଟଣା ଯାଜପୁର ଜିଲାରେ ଦେଖିବାକୁ ମିଳିଛି । ଜିଲା ପ୍ରାଶସନର ପ୍ରତିଶ୍ରୁତି ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ନଜିର ରହିଛି । ବିଶେଷ କରି ଯାଜପୁର ସହରରେ କୁସୁମା ପୋଖରୀ ପରିସରରେ ୨ ମହଲା ବିଶିଷ୍ଟ ୯ଟି କଟେଜ୍ ନିର୍ମାଣ, ବ୍ୟାସ ସରୋବରରେ ୬୯ କୋଟି ଟଙ୍କାର ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ, ଧର୍ମଶାଳାରେ ବଲେ ବଲେ ଢାବା, ସୁକିନ୍ଦା ଅଞ୍ଚଳରେ ବସବାସ କରୁଥିବା ଆଦିବାସୀଙ୍କ ବସତି କଲୋନି ନିର୍ମାଣରେ ଜିଲା ଖଣିଜ ପଦାର୍ଥ ପ୍ରତିଷ୍ଠାନ( ଡିଏମ୍‌ଏଫ୍)ପାଣ୍ଠିର



କୁସୁମା ପରିସରରେ ନିର୍ମିତ ହୋଇଥିବା କଟେଜ।

ଅନିୟମିତତା, ନକଲି ଶିକ୍ଷାଗତ ଯୋଗ୍ୟତା ଓ ଆଦିବାସୀ ପ୍ରମାଣପତ୍ର ହାସଲ କରି ଶିକ୍ଷକତା, ରାସ୍ତା ଓ କୋଠାବାଡ଼ି ନିର୍ମାଣରେ ଅନିୟମିତତା ଏଭଳି ଅନେକ ଲମ୍ବା ତାଲିକା ରହିଛି; ଯେଉଁଠାରେ ଉପୁରି, ଲାଞ୍ଚ, ପିସି ଇତ୍ୟାଦି ନାମରେ ଲୋକଙ୍କୁ ଶୋଷଣ କରାଯାଉଛି ବୋଲି ଅଭିଯୋଗ ହୋଇଛି ।

ଯାଜପୁର ପୌର ପରିଷଦ ପକ୍ଷରୁ କୁସୁମା ପରିସରରେ କଟେଜ୍ ନିର୍ମାଣକୁ ନେଇ କିଛି ମାସ ତଳେ ଜିଲାରେ ଖୁବ୍ ଚର୍ଚ୍ଚା ହୋଇଥିଲା। କଟେଜ୍ ନିର୍ମାଣ ଶେଷ ହେବାର ଦୀର୍ଘ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ କାହା ସ୍ୱାର୍ଥରେ ତାହା ରହିଥିଲା ସେ ନେଇ ସାଧାରଣରେ ପ୍ରଶ୍ନ ଉଠିଥିଲା। ପରେ ପୌର ପରିଷଦ ପକ୍ଷରୁ କ୍ରୀଡ଼ା କ୍ଷେତ୍ର ପାଇଁ ଏହା ନିର୍ମାଣ ହୋଇଥିଲା ଏବଂ ଖେଳାଳି, କ୍ରୀଡ଼ା ପ୍ରଶିକ୍ଷକ ପ୍ରମୁଖଙ୍କ ରହଣି ପାଇଁ ଏହି ଆଲିସାନ ବଙ୍ଗଳା ନିର୍ମାଣ କରାଯାଇଛି ବୋଲି କୁହାଯାଇଥିଲା। ଏହାପରେ ଉକ୍ତ କଟେଜ୍‌କୁ ପ୍ରଶାସନ ନିଜ ହାତକୁ ନେଇଥିଲା। ତତ୍କାଳୀନ ଜିଲାପାଳ ନିଖିଲ ପବନ କଲ୍ୟାଣ ଉକ୍ତ କଟେଜ୍ ନିର୍ମାଣରେ ସ୍ୱଚ୍ଛତାକୁ ନେଇ ତଦନ୍ତ କରାଯିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। କିନ୍ତୁ ଏହି ଦୃଢ଼ୋକ୍ତି କେବଳ ପ୍ରତିଶ୍ରୁତିରେ ଅଟକି ରହିଛି। ଅଭିଯୋଗଟି ଯେତେବେଳେ ଜଳଜଳ ହୋଇ ଦିଶୁଛି ସେତେବେଳେ ତଦନ୍ତ ପ୍ରକ୍ରିୟାରେ ବିଳମ୍ବ କାହିଁକି ବୋଲି ଜିଲାବାସୀ ପ୍ରଶ୍ନ କରିଛନ୍ତି । ଗତ ପ୍ରାୟ ୪ ବର୍ଷ ମଧ୍ୟରେ ସେହି କଟେଜ୍‌ରେ କିଏ ରହିଥିଲେ, କେଉଁ କ୍ରୀଡ଼ା କାର୍ଯ୍ୟକ୍ରମ ହୋଇଛି, କଟେଜ୍ ନିର୍ମାଣରେ କେଉଁ ଯୋଜନାରେ କେତେ ଟଙ୍କା ଖର୍ଚ୍ଚ ହୋଇଛି ଇତ୍ୟାଦି ଅନିୟମିତତାର ପର୍ଦ୍ଦାଫାଶ ହୋଇପାରିନାହିଁ। ସରକାରୀ ଜମିରେ ଓ ଅର୍ଥରେ ନିର୍ମାଣ ହୋଇଥିବା ବିଭିନ୍ନ କୋଠାଘର ବ୍ୟକ୍ତିଗତ ସମ୍ପତ୍ତି ଭାବେ ବ୍ୟବହାର ହୋଇଛି। ଭୁବନେଶ୍ୱରରେ ବିଧାୟକଙ୍କ ସରକାରୀ କୋଠା ପରିସରରେ ଆଲିସାନ ବଙ୍ଗଳା ଏବଂ ଯାଜପୁର ଜିଲା ଧର୍ମଶାଳା ଭବନ ପରିସରରେ ବଲେ ବଲେ ଢାବା ପରେ ପର୍ଯ୍ୟଟନସ୍ଥଳୀ ଯାଜପୁର କୁସୁମା ପୋଖରୀ ଭିତରେ ଶିଶୁ ଉଦ୍ୟାନକୁ ନଷ୍ଟ କରି ଏକ ବିଳାସପୂର୍ଣ୍ଣ ବଙ୍ଗଳା ନିର୍ମାଣ ହୋଇଥିବା ଦେଖିବାକୁ ମିଳିଛି। ଏହି ବଙ୍ଗଳା ନିର୍ମାଣ ପାଇଁ ପ୍ରାୟ ୧୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ଅନୁମାନ କରାଯାଉଛି। ତେବେ କେଉଁ ଅନୁଦାନ ଓ ଉଦ୍ଦେଶ୍ୟରେ ଏହି ଆଲିସାନ ବଙ୍ଗଳା ନିର୍ମାଣ ହୋଇଥିଲା ତାହା ଏଯାଏ ସ୍ପଷ୍ଟ ହୋଇପାରିନାହିଁ। ପୂର୍ବରୁ ଏଭଳି ଅନେକ ତଦନ୍ତ ନିର୍ଦ୍ଦେଶ ଦବି ଯାଇଥିବାବେଳେ ଏଥିରେ ସମ୍ପୃକ୍ତ ଥିବା କେତେଜଣ ଅଧିକାରୀ କିମ୍ବା ଯନ୍ତ୍ରୀଙ୍କୁ ସୁରକ୍ଷା ଦେବାକୁ ସବୁପ୍ରକାର ଉଦ୍ୟମ ହୋଇଛି। ଏହିସବୁ କ୍ଷେତ୍ରରେ ସରକାର ଯଦି ଚାହାନ୍ତେ ତେବେ ତୁରନ୍ତ ଅନୁସନ୍ଧାନ କରି ଦୋଷୀଙ୍କୁ ଦଣ୍ଡ ଦେଇପାରିବେ ବୋଲି ସାଧାରଣରେ ଦାବି କରାଯାଉଛି।

ଏ ସଂକ୍ରାନ୍ତରେ ଯାଜପୁର ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ମତାମତ ନେବାକୁ ତାଙ୍କ ମୋବାଇଲକୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ ଉଠାଇ ନ ଥିଲେ।

### ଜିଲାପାଳ, ଏସ୍‌ପିଙ୍କ ଜନଶୁଣାଣି କାର୍ଯ୍ୟକ୍ରମ ସ୍ଥିରୀକୃତ

ଯାଜପୁର ଟାଉନ,୩।୧୦ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):

ଚଳିତ ମାସରେ ଯାଜପୁର ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଏବଂ ଆରକ୍ଷୀ ଅଧୀକ୍ଷକ (ଏସ୍‌ପି)ଯଶପ୍ରତାପ ଶ୍ରୀମଲଙ୍କ ଜିଲାସ୍ତରୀୟ ଏବଂ ବ୍ଲକସ୍ତରୀୟ ଜନଅଭିଯୋଗ ଶୁଣାଣି ଶିବିର ପାଇଁ କାର୍ଯ୍ୟସୂଚୀ ସ୍ଥିରୀକୃତ ହୋଇଛି। ଜନସାଧାରଣଙ୍କ ବିଭିନ୍ନ ଆପତ୍ତି, ଅଭିଯୋଗକୁ ଜିଲାସ୍ତରୀୟ ଅଧିକାରୀ ଏବଂ ଅଧୀକ୍ଷଣ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀମାନଙ୍କ ଉପସ୍ଥିତିରେ ଜିଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକ ଶୁଣାଣି କରି ତତ୍କାଳ ସମାଧାନ କରିବେ। କାର୍ଯ୍ୟସୂଚୀ ଅନୁଯାୟୀ ୭ ତାରିଖ ସୋମବାର ଜିଲା ପରିଷଦ ସମ୍ମିଳନୀ ଗୃହ, ୧୪ ତାରିଖ ସୋମବାର କେଏନ୍‌ଡିଏ ସମ୍ମିଳନୀ ଗୃହ, ୨୧ ତାରିଖ ସୋମବାର ରସୁଲପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହ, ୨୮ ତାରିଖ ସୋମବାର ଦାନଗଦି ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଯଥାକ୍ରମେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ରସୁଲପୁର ବ୍ଲକ୍, ଦାନଗଦି ବ୍ଲକ ଏବଂ ଜିଲାର ଯେଉଁ ଜନସାଧାରଣଙ୍କ କୌଣସି ଅଭିଯୋଗ ଥିଲେ ସେମାନେ ନିର୍ଦ୍ଧାରିତ ଦିବସ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ସେମାନଙ୍କ ଅଭିଯୋଗଗୁଡ଼ିକର ସମାଧାନ କରିବାକୁ ଜିଲା ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି।

# ଡେକୋ ଖଣିରୁ ଆନ୍ଦୋଳନ ପ୍ରତ୍ୟାହୃତ

## ପୁନଃ ନିଯୁକ୍ତି ପାଇଲେ ୪ ଯୁବକ

କାଳିଆପାଣି,୩।୧୦(ଅସିତ ମହାନ୍ତ):

ଓଡ଼ିଶା ଖଣିନିଗମ ପରିଚାଳିତ ସୁକରଙ୍ଗି ଖଣିରେ ନିୟୋଜିତ ଧନେଶ୍ୱର ଇଞ୍ଜିନିୟରିଂ ଆଣ୍ଡ କୋପ୍ରାଇଭେଟ ଲିମିଟେଡ୍ (ଡେକୋ) କମ୍ପାନୀରେ ପୁନଃ ନିଯୁକ୍ତି ଦାବିରେ ଚାଲିଥିବା ଆନ୍ଦୋଳନ ସମବାୟ ମନ୍ତ୍ରୀ ତଥା ସୁକିନ୍ଦା ବିଧାୟକ ଡ. ପ୍ରଦୀପ ବଳସାମନ୍ତଙ୍କ ହସ୍ତକ୍ଷେପ ପରେ ବୁଧବାର ପ୍ରତ୍ୟାହୃତ ହୋଇଛି। ମନ୍ତ୍ରୀ ଡେକୋ କମ୍ପାନୀ ଅଧିକାରୀଙ୍କ ସହ ଆଲୋଚନା କରି ତୁରନ୍ତ ସୁକୁରଙ୍ଗୀ ଗ୍ରାମର ଛଟେଇ ୪ କର୍ମଚାରୀଙ୍କୁ ନିଯୁକ୍ତି ଦେବାକୁ କହିଛନ୍ତି। ଏହାପରେ କମ୍ପାନୀର ବରିଷ୍ଠ ଅଧିକାରୀ ମନୋରଞ୍ଜନ ନାଥ ଓ ଚନ୍ଦନ ମହାପାତ୍ର ସମ୍ପୃକ୍ତ ଯୁବକମାନଙ୍କୁ ନିଯୁକ୍ତି ଦେଇଛନ୍ତି। ଏନେଇ କର୍ମଚାରୀ ମହଲରେ ଆନନ୍ଦର ଲହରି ଖେଳିଯାଇଛି।

କିଛି ଦିନ ପୂର୍ବରୁ ଡେକୋ କମ୍ପାନୀ ଗ୍ୟାରେଜରେ ପଶି ସମ୍ପୃକ୍ତ ୪ ଯୁବକ ଗାଡ଼ି ଭଙ୍ଗାରୁଜା କରିଥିଲେ। କମ୍ପାନୀ ପକ୍ଷରୁ ସେମାନଙ୍କ ନାମରେ କାଳିଆପାଣି ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୋଲିସ ସେମାନଙ୍କୁ ଗିରଫ କରି ଜେଲ୍ ପଠାଇଥିଲା। ସମ୍ପୃକ୍ତ ୪ ଯୁବକ ଡେକୋ



କମ୍ପାନୀ ଅଧିକାରୀଙ୍କ ସହ ମନ୍ତ୍ରୀ ଆଲୋଚନା କରୁଛନ୍ତି।

କମ୍ପାନୀର କର୍ମଚାରୀ ଥିଲେ। ଜେଲରୁ ଫେରିବା ପରେ ଗ୍ରାମବାସୀଙ୍କ ମଧ୍ୟସ୍ଥତାରେ ସେମାନଙ୍କୁ ପୁନଃନିଯୁକ୍ତି ଦେବାପାଇଁ କମ୍ପାନୀକୁ ନିବେଦନ କରିଥିଲେ। କମ୍ପାନୀ ସେପ୍ଟେମ୍ବର ୧ରେ ନିଯୁକ୍ତି ପାଇଁ ପ୍ରତିଶ୍ରୁତି ଦେଇଥିଲା। ହେଲେ ନିଯୁକ୍ତି ନ ମିଳିବାରୁ ଗ୍ରାମବାସୀ କମ୍ପାନୀ ଗାଡ଼ିଗୁଡିକ ବନ୍ଦ କରି ରାସ୍ତାରେ ବସିଥିଲେ। କିନ୍ତୁ କମ୍ପାନୀ ନିଜ ଜିଦରେ ଅଟଳ ରହିଥିଲା। ଫଳରେ ସମ୍ପୃକ୍ତ ଯୁବକମାନେ କମ୍ପାନୀ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ଏହାକୁ ନେଇ ସମ୍ପୃକ୍ତ ଗ୍ରାମବାସୀ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ସମାଧାନ ବାଟ ବାହାର କରିବାକୁ ନିବେଦନ କରିଥିଲେ।

### ଅସହାୟ ମହିଳା ଉଦ୍ଧାର

ପାଣିକୋଇଲି,୩।୧୦(ବିକାଶ ମଲ୍ଲିକ): ପାଣିକୋଇଲି ବଜାର ବିଦ୍ୟୁତ୍ ଉପଖଣ୍ଡ କାର୍ଯ୍ୟାଳୟ ନିକଟରୁ ବୁଧବାର ରାତିରେ ଜଣେ ଅସହାୟ ମହିଳାଙ୍କୁ ତାଙ୍କ ଶିଶୁକନ୍ୟା ସହ ଉଦ୍ଧାର କରାଯାଇଛି। ଉଦ୍ଧାର ପରେ ପୋଲିସ ଜିମା ଦିଆଯାଇଥିବାବେଳେ ପୋଲିସ ମହିଳାଙ୍କୁ ସ୍ୱଧାର ଗୃହରେ ଛାଡ଼ି ଘଟଣାର ତଦନ୍ତ ଚଳାଇଛି। କେନ୍ଦ୍ରାପଡ଼ା ଅଞ୍ଚଳର ସମ୍ପୃକ୍ତ ମହିଳା ସ୍ୱାମୀଙ୍କ ସହ ଚେନ୍ନାଇରେ ରହୁଥିଲେ। ହେଲେ ସେ ତାଙ୍କ ସ୍ୱାମୀଙ୍କୁ ଛାଡ଼ି ବାଲେଶ୍ୱର ସୋର ଅଞ୍ଚଳର ଅନ୍ୟ ଜଣେ ଯୁବକଙ୍କୁ ପ୍ରେମ କରି ଚେନ୍ନାଇରୁ ପଳାଇ ଆସିଥିଲେ। ମାତ୍ର ଉକ୍ତ ଯୁବକ ଜଣଙ୍କ ମହିଳାଙ୍କଠାରୁ ଟଙ୍କାସୁନା ସବୁ ନେଇ ଭୁବନେଶ୍ୱରରେ ରହିବା କହି ପାଣିକୋଇଲିଠାରେ ତାଙ୍କ ମୋବାଇଲକୁ ଭାଙ୍ଗି ଫେରାର ହୋଇଯାଇଥିଲେ। ଫଳରେ ମହିଳା ଜଣଙ୍କ ନିରୁପାୟ ହୋଇ ୩ ବର୍ଷ ଶିଶୁକନ୍ୟାଙ୍କୁ ଧରି କାନ୍ଦୁଥିଲେ। ଆମେ ଆପଣଙ୍କ ପାଇଁ ହେଲପିଂ ଗ୍ରୁପ ସଭାପତି ଅଶୋକ ଦାସ ଓ ସାଥିମାନେ ମହିଳାଙ୍କୁ ଉଦ୍ଧାର କରି ପୋଲିସ ଜିମା ଦେଇଥିଲେ।

# ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ




ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇଥିବା ଫିଟ୍ ଆଣ୍ଡ ଫାଇନ ପ୍ରାତଃ ଭ୍ରମଣ ସଂଘ ସଦସ୍ୟ।

ଯାଜପୁରରୋଡ୍,୩।୧୦(ପବିତ୍ର ରଞ୍ଜନ ମହାନ୍ତି):

ଯାଜପୁରରୋଡ୍ ସହରର ଅନ୍ୟତମ ସାମାଜିକ ଅନୁଷ୍ଠାନ ଫିଟ୍ ଆଣ୍ଡ ଫାଇନ ପ୍ରାତଃ ଭ୍ରମଣ ସଂଘ ପକ୍ଷରୁ ଗାନ୍ଧୀ ଏବଂ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ସଂଘ ସଦସ୍ୟମାନେ ଚୋରଦା ମହତାବ ଛକଠାରୁ କାଳୀମେଲଣ ପଡ଼ିଆ ପର୍ଯ୍ୟନ୍ତ ସଫେଇ କରିଥିଲେ। ସ୍ୱଚ୍ଛତା ଅଭିଯାନ ବ୍ୟାନର ଓ ବିଭିନ୍ନ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ସାଧାରଣ ଲୋକଙ୍କୁ ସଚେତନ କରାଇଥିଲେ। ସଂଘ ସଭାପତି ସନ୍ତୋଷ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅତିଥିଭାବେ ସ୍ଥାନୀୟ କାଉନସିଲର ମନୀନ୍ଦ୍ର କୁମାର ସାହୁ ଯୋଗଦେଇ ମହାପୁରୁଷମାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ୭ ଜଣ ମହିଳା ସ୍ୱଚ୍ଛ କର୍ମୀଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର ବରିଷ୍ଠ ସଭ୍ୟ ରବିନାରାୟଣ ଦେଓ, ପ୍ରମୋଦ କୁମାର ବୋଇତାଇ, ସଂଗ୍ରାମ କେଶରୀ ସିଂ, କୋଷାଧ୍ୟକ୍ଷ କୁଳମଣି ରାଉତ, ପ୍ରମୋଦ କୁମାର ବୋଇତାଇ, ସୁଶାନ୍ତ କୁମାର ରାଉତ, ସୁଦର୍ଶନ ବେହୁରା, ରମେଶ ଚନ୍ଦ୍ର ମହାରଣା, ଶରତ ଚନ୍ଦ୍ର ସାହୁ, ଅଶ୍ୱିନୀ ଦାସ, ଅରବିନ୍ଦ ମଲ୍ଲିକ, ଅନିରୁଦ୍ଧ ମହାନ୍ତି, ପବିତ୍ର ରାଉତ, ଯଶୋବନ୍ତ ଦେଓ, ପ୍ରତାପ ବଳ, ପବିତ୍ର ମହାନ୍ତି, କିଶୋର ଅଗ୍ରୱାଲ, ଦର୍ଶନ କନୱାର ଓ ବିନୋଦ ଶର୍ମା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ସମ୍ପାଦକ ଅକ୍ଷୟ କୁମାର ଦେଓ ଧନ୍ୟବାଦ ଦେଇଥିଲେ।

## ଜାରକା ରୋଟାରି, ଧର୍ମଶାଳା ପ୍ରେସ୍‌କ୍ଲବର ମନ୍ଦିର ସଫେଇ

ଧର୍ମଶାଳା,୩।୧୦(ବଟକୃଷ୍ଣ ପରିଡ଼ା):

ଗାନ୍ଧୀ ଜୟନ୍ତୀରେ ଜାରକା ରୋଟାରି ଓ ଧର୍ମଶାଳା ପ୍ରେସ୍ କ୍ଲବ୍ ମିଳିତ ଉଦ୍ୟମରେ ଧର୍ମଶାଳାର ପ୍ରସିଦ୍ଧ ଶୈବପୀଠ ଗୋକର୍ଣ୍ଣେଶ୍ୱର ମନ୍ଦିର ପରିସର ସଫେଇ କରାଯାଇଛି। ବେଢ଼ା ପରିସରରେ ଆଳିଆ ଆବର୍ଜନା ପଡ଼ିରହି ଦୁର୍ଗନ୍ଧ ହେଉଥିଲା। ଦୈନନ୍ଦିନ ପ୍ରସାଦ ସେବନ ପରେ ଭକ୍ତମାନେ ଖଲିପତ୍ରଗୁଡିକୁ ପାର୍ଶ୍ୱ ଡ୍ରେନରେ ପକାଇ ଦେଉଥିବାରୁ ଏହା ମନ୍ଦିର ପରିବେଶକୁ ନଷ୍ଟ କରିବା ସହ ଦୁର୍ଗନ୍ଧ ସୃଷ୍ଟି କରୁଥିଲା। ରୋଟାରି କ୍ଲବ ସଭାପତି ରାଜେନ୍ଦ୍ର ପ୍ରସାଦ ପଲେଇ, ରୋଟାରିଆନ ପ୍ରଦୀପ ବରାଳ, ପ୍ରମୋଦ ସାମଲ, ସୁକାନ୍ତ ସ୍ୱାଇଁ, ପ୍ରଶାନ୍ତ ପୃଷ୍ଟି, ଚକ୍ରଧର ଲେଙ୍କା, ଜୟନ୍ତ ସାହୁ, ହରିହର ପଣ୍ଡା, ଇନରହୁଇଲ କ୍ଲବ୍ ପୂର୍ବତନ ସଭାପତି ମିନତି ସାହୁ, ବିଶ୍ୱମିତ୍ରା ସାହୁ, କାଦମ୍ବିନୀ ମିଶ୍ର, ଅରୁଣା ରଶ୍ମୀ ସାମଲ, ଧର୍ମଶାଳା ପ୍ରେସ୍‌କ୍ଲବ ସଭାପତି ରମାକାନ୍ତ ଜେନା, ସମ୍ପାଦକ ଅବିନେଶ୍ୱର ଶତପଥୀ, ପୂର୍ଣ୍ଣଚନ୍ଦ୍ର ଶତପଥୀ, ଅଖିଳ କୁମାର ସ୍ୱାଇଁ, ପ୍ରଶାନ୍ତ ଗନ୍ତାୟତ, ମାନସ ରଞ୍ଜନ ଜେନା, ଗିରିଧାରୀ ବେହେରା, ବିକ୍ରମ କେଶରୀ ମହାନ୍ତି ପ୍ରମୁଖ ଏକତ୍ରିତ ହୋଇ ସଫେଇ କରିଥିଲେ।




ସଫେଇ କାର୍ଯ୍ୟକ୍ରମରେ ସାମିଲ ଜାରକା ରୋଟାରି, ଧର୍ମଶାଳା ପ୍ରେସ୍‌କ୍ଲବ୍ କର୍ମକର୍ତ୍ତା।

## ସୁରଭିରେ ସିଂହପୁର ବିଦ୍ୟାଳୟର ସଫଳତା

ସିଂହପୁର,୩।୧୦ (ଅନଙ୍ଗ ଉଦୟ ବେଉରିଆ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଦାଣ୍ଡିସାହି ପ୍ରକଳ୍ପ ସରକାରୀ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ସିଂହପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ଛାତ୍ରୀ ସାଇ ସୁଶ୍ରୀ ବେଉରିଆ, ନିଶାନ୍ତ ସାମଲ ବ୍ଲକସ୍ତରୀୟ ପ୍ରତିଯୋଗିତାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିପରି ଆର୍ଦ୍ଦଶିନୀ ପାତ୍ର, ଜୀବନ ଜ୍ୟୋତିପାତ୍ର, ଭାଗ୍ୟଶ୍ରୀ ଦାଶ, ପ୍ରିୟଦର୍ଶିନୀ ସାହୁ, ଶିବପ୍ରସାଦ ଦାଶ ପ୍ରମୁଖ ଛାତ୍ରୀଛାତ୍ର ସଫଳତା ହାସଲ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି।

# ପଦ୍ମଧରିଲେ ୨ ପଞ୍ଚାୟତର ମହିଳାପୁରୁଷ



ଭାଜପାରେ ସାମିଲ ହୋଇଥିବା ୨ ପଞ୍ଚାୟତର ମହିଳା ପୁରୁଷଙ୍କୁ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ସ୍ୱାଗତ କରୁଛନ୍ତି।

କାଳିଆପାଣି,୩।୧୦(ଅସିତ ମହାନ୍ତ):

ସୁକିନ୍ଦା ଭାଜପା ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ୍ ଅଧୀନ କାଳିଆପାଣି ପଞ୍ଚାୟତ ସୁକୁରୁଙ୍ଗି ଗାଁର ୬୦ରୁ ଉର୍ଦ୍ଧ୍ୱ ପରିବାରର ୨୦୦ମହିଳାପୁରୁଷ ଓ ଚିଙ୍ଗୁଡ଼ିପାଳ ପଞ୍ଚାୟତର ୫୦ ମହିଳାପରୁଷ ଭାଜପାରେ ଯୋଗଦେଇଛନ୍ତି। ସୁକୁରୁଙ୍ଗୀ ଗ୍ରାମ୍ୟ ମଣ୍ଡପଠାରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଏଥିରେ ସମବାୟ, ହସ୍ତତନ୍ତ, ହସ୍ତଶିଳ୍ପ ଓ ବୟନ ଶିଳ୍ପ ମନ୍ତ୍ରୀ ଡ. ପ୍ରଦୀପ ବଳସାମନ୍ତ ଯୋଗଦେଇ କର୍ମୀମାନଙ୍କୁ ଉତ୍ତରୀୟ ଦେଇ ଦଳରେ ସାମିଲ କରାଇଥିଲେ। ଏହି ଅବସରରେ ମନ୍ତ୍ରୀ କହିଥିଲେ, ସୁକିନ୍ଦାର ବିକାଶ ଦିଗରେ ସମସ୍ତେ ମିଳିମିଶି କାର୍ଯ୍ୟ କରିବା ଉଚିତ। ବିଶେଷକରି ଖଣି ଅଞ୍ଚଳର ବିକାଶ ଦିଗରେ ସମସ୍ତେ ସହଯୋଗ କରନ୍ତୁ। ସୌରିକ ଅଞ୍ଚଳର ୭ ପଞ୍ଚାୟତ ଭାଜପା କର୍ମକର୍ତ୍ତାଙ୍କ ନୀତିଆଦର୍ଶ ଏବଂ ମନ୍ତ୍ରୀ ବଳସାମନ୍ତଙ୍କ ସ୍ୱଚ୍ଛଭାବମୂର୍ତ୍ତିକୁ ବିଶ୍ୱାସ କରି ସୁକୁରୁଙ୍ଗୀ ଗାଁର ମହିଳାପୁରୁଷ ଭାଜପାରେ ସାମିଲ ହୋଇଛନ୍ତି ବୋଲି ଗାଁ ମୁଖିଆ ନବକିଶୋର ପ୍ରଧାନ କହିଛନ୍ତି। ଏହି ମିଶ୍ରଣପର୍ବରେ ସୁକିନ୍ଦା ଭାଜପାର ବରିଷ୍ଠ ନେତା ଅମଳେନ୍ଦୁ ବେହୁରା, ସାମାଜିକକର୍ମୀ ବିଦ୍ୟାଧର ପାତ୍ର, ସଂଗଠକ ବେଣୁଧର ମହାନ୍ତ, ଯୁବ ସଂଗଠକ ବେଣୁଧର ମହାକୁଡ଼, ଦୀପକ କୁମାର ପାତ୍ର, ସଚି ମୁର୍ମୁ, କାଳିଆ ମହାନ୍ତ, ପୂର୍ବତନ କଂସ ସରପଞ୍ଚ ରବୀନ୍ଦ୍ର ସାହୁ, ଧୀର ଦେହୁରୀ, କୁନା ମହାନ୍ତ, ମନୋଜ ମହାନ୍ତ ଏବଂ ଯଦୁମଣି ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ପୂଜାମଣ୍ଡପରେ ପୋଲିସ ପ୍ରହରା ପାଇଁ ଅନୁରୋଧ

## ଦୁର୍ଗାପୂଜା ଶାନ୍ତି କମିଟିର ପ୍ରସ୍ତୁତି ବୈଠକ

ଯାଜପୁର ସଦର,୩।୧୦ (ସମର ବିଜୟ ଶରଣ):

ଯାଜପୁର ବ୍ଲକ ଅନ୍ତର୍ଗତ ମହେଶ୍ୱରପୁର ପଞ୍ଚାୟତ ପୁରୁଷୋତ୍ତମପୁରଠାରେ ଚଳିତ ବର୍ଷ ଶାରଦୀୟ ଦୁର୍ଗାପୂଜା ଶାନ୍ତି ଶୃଙ୍ଖଳାର ସହ ପାଳନ ପାଇଁ ଗୁରୁବାର ଶାନ୍ତି କମିଟିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶାନ୍ତି କମିଟି ଅଧ୍ୟକ୍ଷ ବ୍ରଜକିଶୋର ପାଢ଼ୀଙ୍କ ଅଧ୍ୟକ୍ଷତାରେ ପୁରୁଷୋତ୍ତମପୁର ଗ୍ରାମର ରାୟ ସାହି ଦୁର୍ଗା ମଣ୍ଡପଠାରେ ଅନୁଷ୍ଠିତ ବୈଠକରେ ସଦର ଥାନା ଅଧିକାରୀ ସଙ୍କର୍ଷଣ ଦଳେଇ, ସ୍ଥାନୀୟ ସରପଞ୍ଚ ସୁଜିତ ରାୟ, ଘୋଷସାହି ପୂଜା କମିଟି ପକ୍ଷରୁ ଅଞ୍ଜନ ଘୋଷ, ସଞ୍ଜୟ ଦାସ, ଅକ୍ଷୟ ଓଝା, ଆଶୁତୋଷ ବାନାର୍ଜୀ, ମହେଶ୍ୱରପୁର ହରଗୌରି ପୂଜା କମିଟିର ସୁଶାନ୍ତ ବେହେରା, କୈଳାସ ଚନ୍ଦ୍ର ବେହେରା, ଦାମୋଦର ବେହେରା, ଶ୍ୟାମସୁନ୍ଦର ବେହେରା, ଦେୱାନ ସାହି ପୂଜା କମିଟିର ସୁନୀଲ କୁମାର ଘୋଷ, ରବୀନ୍ଦ୍ର ବେହେରା, ମାଧବ ମାଝୀ, ଜ୍ୟୋତିପ୍ରକାଶ ଘୋଷ, ଗୋପାଳ ତରେଇ, ଶ୍ରୀଧର କବି, ରତନ ତରେଇ, ମଥୁରି ବେହେରା, ଜ୍ୟୋର୍ତିମୟ ବୋଷ, ରାୟସାହି ପୂଜା କମିଟିର ଉଦୟ ଶଙ୍କର ରାୟ ପ୍ରମୁଖ ଯୋଗଦେଇ ଦୁର୍ଗାପୂଜା ସମ୍ପର୍କରେ ଆଲୋଚନା କରିଥିଲେ। ଜନଗହଳିକୁ ନିୟନ୍ତ୍ରଣ କରିବା ସହ ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ପୂଜାମଣ୍ଡପରେ ପୋଲିସ ପ୍ରହରା ପାଇଁ ଥାନାଧିକାରୀଙ୍କୁ କମିଟି ପକ୍ଷରୁ ଅନୁରୋଧ କରାଯାଇଥିଲା। ଚଳିତ ବର୍ଷ ୪ ମେଢ଼ ଭସାଣି ଓ ରାବଣ ପୋଡ଼ି ଉତ୍ସବକୁ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବାକୁ ଥାନା ଅଧିକାରୀ ପରାମର୍ଶ ଦେଇଥିଲେ। ଭସାଣି ସମୟରେ ମେଢ଼ ସମ୍ମୁଖରେ ଶବ୍ଦ ପ୍ରଦୂଷଣ ସୃଷ୍ଟି କରୁଥିବା ଡିଜେକୁ ନିଷିଦ୍ଧ କରି କମ୍‌ଶକ୍ତି ସମ୍ପନ୍ନ ଯୁକ୍ତ ଡାକବାଜି ଯନ୍ତ୍ର ବ୍ୟବହାରକରିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। ୧୪ ତାରିଖ ଭସାଣି ଉତ୍ସବ ନିର୍ଦ୍ଧାରିତ ସମୟ ସକାଳ ୧୦ଟାରେ ଆରମ୍ଭ ହୋଇ ଅପରାହ୍ନ ୩ଟା ମଧ୍ୟରେ ସାରିବାକୁ କମିଟି ପକ୍ଷରୁ ସମସ୍ତ ପୂଜାମଣ୍ଡପକୁ ଅବଗତ କରାଯାଇଥିଲା।



ବୈଠକରେ ଯୋଗଦେଇଥିବା ଥାନାଧିକାରୀ ଓ ଶାନ୍ତି କମିଟିର କର୍ମକର୍ତ୍ତା।

# ଜନଜୀବନକୁ ପ୍ରଭାବିତ କରୁଛି ଶବ୍ଦ, ଜଳ ପ୍ରଦୂଷଣ

**କେନ୍ଦ୍ରାପଡ଼ା,୩।୧୦(ଜଗନ୍ନାଥ ଧଳ)**


ଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ଚାଲିଛି।

- ଡିଜେ ପାଇଁ ଜଣେ ମୃତ, ସଦର ଥାନାରେ ମାମଲା
- ପରିବେଶ ଉପଯୋଗୀ ମୂର୍ତ୍ତି ନିର୍ମାଣ ଦାବି

ଗଣେଶ ପୂଜାଠାରୁ ଆରମ୍ଭ ହୋଇଯାଇଛି ପାର୍ବଣ ଋତୁ। ଏହି ଉତ୍ସବରେ ଉଚ୍ଚସ୍ୱରରେ ମାଇକ, ଷ୍ଟେରିଓ ଓ ଡିଜେ ବାଜି ଶବ୍ଦ ପ୍ରଦୂଷିତ କରୁଥିବା ବେଳେ ମୂର୍ତ୍ତି ନିର୍ମାଣରେ ବ୍ୟବହୃତ ରାସାୟନିକ ରଙ୍ଗ, ପ୍ଲାଷ୍ଟିକ ଓ ଭସାଣି ଶୋଭାଯାତ୍ରାରେ ଆତସବାଜି ବ୍ୟବହାର ଜନଜୀବନକୁ ପ୍ରଭାବିତ କରୁଛି। ନିକଟରେ ଗଣେଶ ଭସାଣି ସମୟରେ କେନ୍ଦ୍ରାପଡ଼ା ବ୍ଲକ ଆଳିଜଙ୍ଗାର ଜଣେ ଯୁବକ ଡିଜେ ସାଉଣ୍ଡ ପ୍ରଭାବରୁ ହୃଦ୍‌ଘାତରେ ମୃତ୍ୟୁ ହୋଇଥିବା ସଦର ଥାନାରେ ଅଭିଯୋଗ ହୋଇଛି। ସେହପରି ଗରଦପୁର ବ୍ଲକ ପାଟକୁରା ଥାନା ଅଞ୍ଚଳର ୧୫ ଜଣ ବ୍ୟକ୍ତି ଡିଜେର ଉଚ୍ଚ ଶବ୍ଦ ପାଇଁ ଅସୁସ୍ଥ ହୋଇଛନ୍ତି। ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି। ସେହିପରି ଡିଜେ ପ୍ରଚଳନକୁ ବନ୍ଦ ଓ ପରିବେଶ ଅନୁକୂଳ ମୂର୍ତ୍ତି ନିର୍ମାଣ ପାଇଁ କେନ୍ଦ୍ରାପଡ଼ା ଜିଲା ଜନ ସୁରକ୍ଷା ମଞ୍ଚ ସଭାପତି ଗଣେଶ ଚନ୍ଦ୍ର ସାମଲ ସୋମବାର ଜିଲାପାଳଙ୍କ ସ୍ମାରକପତ୍ର ମାଧ୍ୟମରେ ଦୃଷ୍ଟି ଆକର୍ଷଣ କରିଛନ୍ତି ।

ମଞ୍ଚର ସଭାପତି ସାମଲ ଏହି ସ୍ମାରକପତ୍ରରେ ଦର୍ଶାଇଛନ୍ତି, ଏବେ ପାର୍ବଣ ଋତୁ ଚାଲିଛି। ବିଭିନ୍ନ ପୂଜା ପାଇଁ ମୂର୍ତ୍ତି ନିର୍ମାଣ ହେଉଛି। ତେବେ ଏହି ମୂର୍ତ୍ତିରେ ପ୍ଲାଷ୍ଟର ଅଫ୍ ପ୍ୟାରିସ ଓ କେତେକ ରାସାୟନିକ ରଙ୍ଗ ବ୍ୟବହାର ହେଉଛି। ଏହାଦ୍ୱାରା ମୂର୍ତ୍ତି ବିସର୍ଜନ ପରେ ଜଳ ପ୍ରଦୂଷିତ ହେଉଛି। ଯାହା ଜଳଚର ଜୀବଙ୍କ ପାଇଁ ହାନିକାରକ। ପରିବେଶବିତ୍ ଲକ୍ଷ୍ମୀଧର ସ୍ୱାଇଁ କୁହନ୍ତି, ମୂର୍ତ୍ତି କାରିଗରମାନେ ପ୍ଲାଷ୍ଟର ଅଫ୍ ପ୍ୟାରିସ, କାଡମିୟମ, ଲିଡ୍, କପର, ଜିଙ୍କ, ପାରଦ, କ୍ରୋମିୟମ ଆଦି ରାସାୟନିକ ଦ୍ରବ୍ୟକୁ ବ୍ୟବହାର କରୁଛନ୍ତି। ଏହି ପଦାର୍ଥ ଜଳରେ ମିଳାଇ ନ ଯାଇ ଅଧିକ ସମୟ ରହିଥାଏ। ଫଳରେ ଏହି ରାସାୟନିକ ଦ୍ରବ୍ୟର ସଂସ୍ପର୍ଶରେ ଆସି ଜଳଚର ଜୀବ ମୃତ୍ୟୁମୁଖରେ ପଡ଼ିଥାଆନ୍ତି। ବୁଦ୍ଧିଜୀବୀ ରାଧାକାନ୍ତ ମହାନ୍ତି କୁହନ୍ତି, ଏବେ ପର୍ବପର୍ବାଣି ପାଳନରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ୁଛି। ପୂଜା ସମୟରେ ଆଲୋକ ସାଜସଜ୍ଜା, ଟ୍ରାଫିକ ସମସ୍ୟା, ଭସାଣି ସମୟରେ ଡିଜେର କୁପ୍ରଭାବ ସାଧାରଣ ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ଭସାଣି ସମୟରେ ଡିଜେ ବାଦ୍ୟ ହୃଦ୍‌ରୋଗୀଙ୍କ ପାଇଁ ଆତଙ୍କ ସୃଷ୍ଟି କରିଛି। ସେହିପରି ପୂଜା ସରିବା ପରେ ବର୍ଜ୍ୟବସ୍ତୁ ପରିଚାଳନା ପ୍ରତି ଧ୍ୟାନ ଦିଆଯାଉନାହିଁ। ପଣ୍ଡିତ ହୃଷୀକେଶ ରଥ କୁହନ୍ତି, ପୁରାଣ ଓ ବ୍ରତରେ ମୂର୍ତ୍ତି ନିର୍ମାଣ ପାଇଁ ବିଧି ବ୍ୟବସ୍ଥା ଅଛି। ଏହି ମୂର୍ତ୍ତି ସାଧାରଣତଃ ସୁନା, ରୁପା, ପିତଳ, ପଥର ଆଦି ସହ ମାଟିରେ ନିର୍ମାଣ ହୁଏ। ମାଟି ମୂର୍ତ୍ତିକୁ ବିସର୍ଜନ କରାଯାଏ। ମୂର୍ତ୍ତିକୁ ଆକର୍ଷଣୀୟ କରିବାକୁ ପୂର୍ବରୁ ପ୍ରାକୃତିକ ସରଞ୍ଜାମ ବ୍ୟବହାର କରାଯାଉଥିଲା। ଯାହା ଜୀବଜଗତ ପାଇଁ କୌଣସି କ୍ଷତି କରୁ ନ ଥିଲା। ମୂର୍ତ୍ତି ଗଠନ ସମ୍ପର୍କରେ କାରିଗର କୈଳାସ ମହାରଣା କୁହନ୍ତି, ସ୍ୱଳ୍ପ ସମୟ, ଅଳ୍ପ ଧନ ବ୍ୟୟରେ ସୁନ୍ଦର ମୂର୍ତ୍ତି ନେବାକୁ ଶ୍ରଦ୍ଧାଳୁ ସର୍ବଦା ଚାହିଁଥାନ୍ତି। ଏକ୍ଷେତ୍ରରେ ପ୍ଲାଷ୍ଟର ଅଫ୍ ପ୍ୟାରିସ ଓ ବଜାରରୁ ମିଳୁଥିବା ରଙ୍ଗକୁ ବ୍ୟବହାର କରିବାକୁ ପଡ଼େ। ତେବେ ବଡ଼ ମୂର୍ତ୍ତି ନିର୍ମାଣ କ୍ଷେତ୍ରରେ ମାଟି ଓ ନଡ଼ାକୁ ପ୍ରାଧାନ୍ୟ ଦେଉଛୁ। ସାମାଜିକ କର୍ମୀ ବାନାମ୍ବର ସାହୁ କୁହନ୍ତି, ମୂର୍ତ୍ତିର ଆକର୍ଷଣୀୟ ରୂପ ପାଇଁ ଜୈବିକ ରଙ୍ଗର ବ୍ୟବହାର କରିବା ଦରକାର। ସେହିପରି ପରିବେଶ ଅନୁକୂଳ ଓ ଜଳଚର ଜୀବଙ୍କ ଖାଦ୍ୟକୁ ବ୍ୟବହାର କରି ମୂର୍ତ୍ତି ତିଆରି ହୋଇପାରିବ। ଛୋଟ ମୂର୍ତ୍ତି ଗଠନ ସମୟରେ ପ୍ଲାଷ୍ଟର ଅଫ୍ ପ୍ୟାରିସ ବଦଳରେ ମଇଦା, ଅଟା, ମକା, ବାଜରା ଓ ଅନ୍ୟ ଖାଦ୍ୟ ପଦାର୍ଥକୁ ନେଇ ତିଆରି କରିପାରିବା। ସେହିପରି ହଳଦୀ, ଚନ୍ଦନ, କାଜଳ, ଗେରୁ ରଙ୍ଗ, ଫୁଲ ପତ୍ର ମାଧ୍ୟମରେ ମୂର୍ତ୍ତିର ସୌନ୍ଦର୍ଯ୍ୟ ଅଣାଯାଇପାରିବ। ଫଳରେ ମୂର୍ତ୍ତି ବିସର୍ଜନ ପରେ ଜଳଚର ଜୀବ ଏହାକୁ ଖାଦ୍ୟ ଭାବେ ଗ୍ରହଣ କରିପାରିବେ। ଏ ସମ୍ପର୍କରେ ଜନ ସଚେତନତା ସୃଷ୍ଟି ନ ହେଲେ ଜଳ ପ୍ରଦୂଷଣ ବଢ଼ିବ। ଯାହା ଆଗାମୀ ଦିନରେ ମନୁଷ୍ୟ ଓ ଜୀବଜନ୍ତୁଙ୍କ ବଞ୍ଚିବା ଅସମ୍ଭବ ହୋଇପଡ଼ିବ ବୋଲି ସାମାଜିକ କର୍ମୀ ସାହୁ ଚେତାଇଛନ୍ତି। ଏଡିଏମ୍ ନିଲୁ ମହାପାତ୍ର କହିଛନ୍ତି, ଡିଜେ ବାଦ୍ୟ ବନ୍ଦ ପାଇଁ ପଦକ୍ଷେପ ନିଆଯାଇଛି। ମୂର୍ତ୍ତି ନିର୍ମାଣ କ୍ଷେତ୍ରରେ ପରିବେଶ ପ୍ରତି ଧ୍ୟାନ ଦିଆଯିବ। ମୂର୍ତ୍ତି ବିସର୍ଜନ ପାଇଁ ଅସ୍ଥାୟୀ ପୋଖରୀ ନିର୍ମାଣ ହେଉଥିବା ସେ ସୂଚନା ଦେଇଛନ୍ତି।

# ଅପହୃତା ନାବାଳିକା ଉଦ୍ଧାର, ଅପହର୍ତ୍ତା ଗିରଫ

**ଡେରାବିଶ, ୩।୧୦(ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ପୋଲିସ୍ ଅପହର୍ତ୍ତାକୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଅପହୃତା ନାବାଳିକାଙ୍କୁ କେନ୍ଦ୍ରାପଡ଼ା ସର୍ଟଷ୍ଟେ ହୋମରେ ରଖାଯାଇଛି। ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କ ବିଧବା ମା'ର ଅଭିଯୋଗ ଅନୁଯାୟୀ, ସେ ରାତିରେ ତାଙ୍କ ନାବାଳିକା ଝିଅ ସହ ଘରେ ଶୋଇଥିଲେ। ପଲେଇ ପଞ୍ଚାୟତ ଅନ୍ତର୍ଗତ ଅଢ଼ଙ୍ଗ ମଲ୍ଲିକେଶ୍ୱରପୁର ଗାଁର ପ୍ରମୋଦ କୁମାର ଧଳ ମଧ୍ୟ ରାତ୍ରିରେ ଝିଅକୁ ଅପହରଣ କରିବା ସହ ଘରେ ଭିତରେ ଥିବା ଆଲମିରା ଭାଙ୍ଗି ସେଥିରୁ ସୁନା ଚେନ୍, ମୁଦି ଓ ନଗଦ ୫ ହଜାର ଟଙ୍କା ନେଇ ପଳାଇ ଯାଇଥିଲେ। ବିଳମ୍ବିତ ରାତିରେ ମା' ଉଠି ଦେଖନ୍ତି ତ ଘର ଓ ଆଲମିରା ଖୋଲା ପଡ଼ିଛି ଓ ଝିଅ ଘରେ ନାହିଁ। ପୂର୍ବରୁ ଅଭିଯୁକ୍ତ ଯୁବକ ଝିଅଙ୍କୁ ପ୍ରଲୋଭନ ଦେଖାଇ ନେଇଯାଇଥିଲେ। ପରେ ଥାନାରେ ଅଭିଯୋଗ କରିବା ପରେ ଉଭୟପକ୍ଷଙ୍କ ମଧ୍ୟରେ ଆପୋଷ ସମାଧାନ ହୋଇ ନାବାଳିକାଙ୍କୁ ଘରକୁ ଫେରାଇ ଦେଇଥିଲେ। ସେହି ସନ୍ଦେହରେ ବିଧବା ମା' ଅଭିଯୁକ୍ତ ଧଳଙ୍କ ଘରେ ପହଞ୍ଚି ଝିଅଙ୍କ ଅପହରଣ ବିଷୟରେ ପଚାରିଥିଲେ। ହେଲେ ଅଭିଯୁକ୍ତ ଧଳ, ତାଙ୍କ ମା' ବାପା ମିଳିତ ଭାବରେ ନାବଳିକାଙ୍କ ମା'ଙ୍କୁ ଖରାପ ଭାଷାରେ ଗାଳି ଗୁଲଜ କରିବା ସହ ନିଆଁରେ ପୋଡ଼ି ମାରି ଦେବାକୁ ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଅଭିଯୋଗ ପାଇବା ପରେ ପୋଲିସ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ଧଳଙ୍କୁ ଗିରଫ କରିଥିଲେ। ଥାନାରେ ନଂ. ୧୩୫/୨୪ରେ ମାମଲା ରୁଜୁ କରିଛି। ଅପହୃତା ନାବାଳିକାଙ୍କୁ କେନ୍ଦ୍ରାପଡ଼ାସ୍ଥିତ ସର୍ଟଷ୍ଟେ ହୋମ୍‌ରେ ରଖାଯିବା ସହ ଅଭିଯୁକ୍ତ ଧଳଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ବିଜେଡି ଗରଦପୁର ବ୍ଲକ୍ ଶାଖା ପକ୍ଷରୁ ଜନସମ୍ପର୍କ ପଦଯାତ୍ରା


ପଦଯାତ୍ରା ବେଳେ ନୂଆପଡ଼ାରେ ବିଧାୟକ ଅରବିନ୍ଦ ମହାପାତ୍ର ଲୋକଙ୍କ ସମସ୍ୟା ପଚାରି ବୁଝୁଛନ୍ତି।

**ପାଟକୁରା, ୩।୧୦(ରବୀନ୍ଦ୍ର ନାଥ ବାରିକ)**

ପାଟକୁରା ବିଜେଡି ଗରଦପୁର ବ୍ଲକ ଶାଖା ପକ୍ଷରୁ ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ନେତୃତ୍ୱରେ ଏକ ଜନସମ୍ପର୍କ ପଦଯାତ୍ରା ପଦ୍ମପୁର ପଞ୍ଚାୟତ ବିଚଣା ଗ୍ରାମରୁ ଆରମ୍ଭ ହୋଇଥିଲା। ପଦଯାତ୍ରା ନୂଆପଡ଼ା, ଗୋତ୍ରବିଲ, କିଣିଲୋ, ପଦ୍ମପୁର ଗ୍ରାମ ପରିକ୍ରମା କରି ଶେଷରେ ମହାମୁଦା ଗ୍ରାମରେ ପହଞ୍ଚିଥିଲା। ପରିକ୍ରମା ସମୟରେ ବିଧାୟକଙ୍କ ସମେତ ଜନତାଙ୍କ ସହିତ ଭାବ ବିନିମୟ କରି ସେମାନଙ୍କ ସମସ୍ୟା ବାବଦରେ ଅବଗତ ହୋଇଥିଲେ। ପଦଯାତ୍ରାରେ ବିଧାୟକଙ୍କ ସହ ବ୍ଲକ ଅଧ୍ୟକ୍ଷ ଅଭୟ ମହାରାଜ, ଯୁବନେତା କ୍ଷିତୀଶ ଦାସ, ଜିଲା ପରିଷଦ ସଦସ୍ୟ ସତ୍ୟାନନ୍ଦ ରାଉତ, ପୂର୍ବତନ ବ୍ଲକ ବିଜେଡି ସଭାପତି ଶୈଳେନ୍ଦ୍ର ମହାନ୍ତି, ସମିତି ସଭ୍ୟ ରାକେଶ ମହାପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବାସୁଦେବ ବେହେରା, ରାଜ୍ୟ ମହିଳା ଉପସଭାନେତ୍ରୀ ମଞ୍ଜୁବାଳା ଜେନା, ପୂର୍ବତନ ସରପଞ୍ଚ ରଞ୍ଜନ ନାୟକ, ମେହରବାନ ଅଲି,ସରପଞ୍ଚ ପ୍ରଭାତ ନଳିନୀ ଜେନା, ସରପଞ୍ଚ ଅନସୂୟା ବେହେରା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ଅହଲ୍ୟା ଲେଙ୍କା, ପୂର୍ବତନ ବ୍ଲକ ବିଜେଡି ମହିଳା ସଭାନେତ୍ରୀ ସୁଧୁସ୍ମିତା ଲେଙ୍କାଙ୍କ ସମେତ ବିଭିନ୍ନ ପଞ୍ଚାୟତର ଦଳୀୟ ସରପଞ୍ଚ, ସମିତିସଭ୍ୟ ଓ ଶତାଧିକ ଛାମୁଆ କର୍ମୀମାନେ ସାମିଲ ହୋଇଥିଲେ। ପରେ ମହାମୁଦା ନଟବର ହାଇସ୍କୁଲରେ ଆୟୋଜିତ ସୁରଭି କାର୍ଯ୍ୟକ୍ରମରେ ବିଧାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାର୍ଥୀମାନଙ୍କୁ ସବୁ କ୍ଷେତ୍ରରେ ପାରଦର୍ଶିତା ଲାଭ କରିବାକୁ ପରାମର୍ଶ ଦେଇଥିଲେ।

# ମଦ ବିରୋଧୀ ଜନ ସଚେତନତା ରାଲି


ସଚେତନତା ରାଲିରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

**ରାଜକନିକା, ୩।୧୦(ସଞ୍ଜୟ କୁମାର ଦାଶ)**

ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ(ମୋନା), ରାଜକନିକା ଶାଖା ପକ୍ଷରୁ ଏକ ମଦ ବିରୋଧୀ ଜନ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ମଦ ମୁକ୍ତ ଓଡ଼ିଶା ଗଠନ ଲକ୍ଷ୍ୟରେ ରାଜକନିକା ବ୍ଲକ ମୋନାର ସଂଯୋଜକ କୈଳାସ ଚନ୍ଦ୍ର ମଲ୍ଲିକଙ୍କ ନେତୃତ୍ୱରେ ବୁଧବାର ଏହି ମଦ ବିରୋଧୀ ଜନ ସଚେତନତା ରାଲି ସ୍ଥାନୀୟ ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟର ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ରାଲିରେ କାନ ଖୋଲି ଶୁଣ ସରକାର, ଆମର ନାହିଁ ମଦ ଦରକାର, ନିଶା ହଟାଅ ଓଡ଼ିଶା ବଞ୍ଚାଅ ଭଳି ବିଭିନ୍ନ ସ୍ଲୋଗାନ ସହ ମହାବିଦ୍ୟାଳୟ ପରିସରରୁ ବାହାରି କଣ୍ଟପଡ଼ା ବଜାର, ଅଶୋକ ବଜାର ଆଦି ପରିକ୍ରମା କରି କନିକା ରିଡିଂ ରୁମ ପରିସରରେ ପହଞ୍ଚି ଶେଷ କରିଥିଲେ। ସେଠାରେ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସେବା ନିବୃତ୍ତ ଅଧ୍ୟକ୍ଷ ପ୍ରାଧ୍ୟାପକ ସୁରେଶ ଚନ୍ଦ୍ର ମିଶ୍ର, ସେବା ନିବୃତ୍ତ ଶିକ୍ଷକ କାଳୀ ପ୍ରସାଦ ନାୟକ, ଦିଲୀପ କୁମାର ରାଉତ, ଗୋପୀନାଥ ବିଶ୍ୱାଳ, ନିରଞ୍ଜନ ପଲାଇ, ଫିରୋଜ କୁମାର ବେହେରା, ନାରାୟଣ ଦାସ, ସତ୍ୟବାନ ମିଶ୍ର, ବିଶ୍ୱଜିତ ନାୟକ, ଶୁଭ୍ରଜ୍ୟୋତି ବିଶ୍ୱାଳ ଓ ଗୀତା ସିଂ ଦେଓ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜନଗର ପାଇଁ ଗୌରବ ଆଣିଲେ ପ୍ରସନ୍ନ

**ରାଜନଗର,୩।୧୦(ଭାସ୍କର ରାଉତରାୟ)**



କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ମହୁଲିଆ ପଞ୍ଚାୟତ ରାଜଗଡ଼ ଗାଁର ପ୍ରସନ୍ନ କୁମାର ଦାସ ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ର। ପ୍ରସନ୍ନ ଅଣ୍ଡର ୧୯ ହାମରବଲ କ୍ରିକେଟରେ ଓଡ଼ିଶାକୁ ଚାମ୍ପିୟନ କରାଇ ରାଜ୍ୟ ତଥା ରାଜନଗର ପାଇଁ ଗୌରବ ଆଣିଛନ୍ତି। ଏଥିପାଇଁ ପ୍ରସନ୍ନ ଓ ତାଙ୍କ ପରିବାର ସଦସ୍ୟଙ୍କ ପାଖକୁ ଏବେ ଶୁଭେଚ୍ଛାର ଶୁଅ ଛୁଟୁଛି। ଅଣ୍ଡର ୧୯ ହାମରବଲ କ୍ରିକେଟର ଓଡ଼ିଶାର ନେତୃତ୍ୱ ନେଇ ପ୍ରସନ୍ନ ଉତ୍ତରପ୍ରଦେଶର ଲକ୍ଷ୍ନୌକୁ ଖେଳିବାକୁ ଯାଇଥିଲେ। ପ୍ରଥମ ମ୍ୟାଚରେ ରାଜସ୍ଥାନ ଓ ପରେ ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ବିହାରକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲେ। ସେମିଫାଇନାଲରେ ଉତ୍ତରପ୍ରଦେଶକୁ ହରାଇ ଫାଇନାଲରେ ପ୍ରବେଶ କରିବା ସହ ଫାଇନାଲରେ ଉତ୍ତରାଖଣ୍ଡକୁ ହରାଇ ଓଡ଼ିଶାକୁ ଚାମ୍ପିୟନ କରାଇଥିଲେ। ବୁଧବାର ପ୍ରସନ୍ନ ଓ ତାଙ୍କ ଟିମ୍ ଉତ୍ତରପ୍ରଦେଶରୁ ଫେରି ଭୁବନେଶ୍ୱରରେ ପହଞ୍ଚିଛନ୍ତି। ପ୍ରସନ୍ନଙ୍କ ସଫଳ ନେତୃତ୍ୱ ଯୋଗୁ ଓଡ଼ିଶା ଚାମ୍ପିୟନ ହୋଇପାରିଛି। ପ୍ରସନ୍ନ ମଧ୍ୟପ୍ରଦେଶ ବିରୋଧରେ ଶେଷ ୫ ବଲରେ ୪ଟି ଛକା ମାରି ଦଳକୁ ବିଜୟୀ କରାଇଥିଲେ। ଫାଇନାଲ ମ୍ୟାଚ୍‌ରେ ୪ ରନ ଆବଶ୍ୟକ ଥିବାବେଳେ ଛକା ମାରି ଦଳକୁ ଚାମ୍ପିୟନ କରାଇଥିଲେ।

ରାଜଗଡ଼ ଗାଁର ପ୍ରଶାନ୍ତ କୁମାର ଦାସଙ୍କ ଏକମାତ୍ର ପୁଅ ପ୍ରସନ୍ନ। ସେ ଶହୀଦ ସ୍ପୋର୍ଟିଂରେ କୋଚିଂ ନେଉଥିଲେ। କରୋନା ଯୋଗୁ ଗାଁକୁ ଫେରି ଆସିଥିଲେ। ଗାଁରେ ପିଲାଙ୍କ ସହିତ ଟେନିସ ବଲ ଖେଳୁଥିଲେ। ସେ ଟେନିସ ବଲରେ ଓଡ଼ିଶା ପକ୍ଷରୁ ୧୬ ବର୍ଷୀୟ ଟିମ୍, ୧୭ ବର୍ଷୀୟ ଟିମ୍ ଓ ୧୮ ବର୍ଷୀୟ ଟିମ୍‌ରେ ସାମିଲ ହୋଇଥିଲେ। ୧୯ ବର୍ଷୀୟ ହାମର ବଲ କ୍ରିକେଟ ଟିମ୍‌ରେ ସାମିଲ ହୋଇ ଓଡ଼ିଶା ଦଳର ନେତୃତ୍ୱ ନେବାର ସୁଯୋଗ ପାଇଥିଲେ। ଏହି ଟୁର୍ନାମେଣ୍ଟରେ ୧୨ଟି ରାଜ୍ୟ ଭାଗ ନେଇଥିଲେ। ପ୍ରସନ୍ନଙ୍କ ବାପା ଦାସ କହିଛନ୍ତି, ପୁଅର କ୍ରିକେଟ ପ୍ରତି ଆଗ୍ରହ ଦେଖି ତାକୁ ଆଗକୁ ଯିବାକୁ ପ୍ରେରଣା ଦେଇ ଆସିଥିଲି। ବିଭିନ୍ନ ଟିମ୍‌ରେ ଖେଳିବା ପାଇଁ ଫୋନ ଆସିବା ପରେ ପୁଅ ଖେଳିବାକୁ ଯାଇଥାଏ। ପୁଅ ନେତୃତ୍ୱ ନେଇ ଓଡ଼ିଶା ପାଇଁ ଗୌରବ ଆଣିଛି, ଏଥିପାଇଁ ଆମେ ଗର୍ବ ଅନୁଭବ କରୁଛୁ। ଓଡ଼ିଶା ପାଇଁ ଗୌରବ ଆଣିଥିବା ପ୍ରସନ୍ନଙ୍କ କହିବା କଥା ହେଲା କ୍ରିକେଟ ପ୍ରତି ତାଙ୍କ ଭଲ ପାଇବା ରହିଛି। ଓଡ଼ିଶା ରଣଜି ଦଳରେ ଖେଳିବାକୁ ସେ ଲକ୍ଷ୍ୟ ରଖିଥିବା କହିଛନ୍ତି।

# ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟରେ ସୁରଭି କାର୍ଯ୍ୟକ୍ରମ


ସୁରଭି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ରାଜନଗର, ୩।୧୦(ଭାସ୍କର ରାଉତରାୟ)**

ରାଜନଗର ବ୍ଲକ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ଚାନ୍ଦିବାଉଁଶମୂଳଠାରେ ବାରଗାଁ ମାଟିଆ ମଙ୍ଗଳା ନୋଡାଲ ଉଚ୍ଚ ପ୍ରାଥମିକ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ବାରଗାଁ ମାଟିଆ ମଙ୍ଗଳା କ୍ଲଷ୍ଟରର ପ୍ରାୟ ୧୮ଟି ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ବେହେରା ସଭାପତିତ୍ୱ କରିଥିଲେ। ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଅନାଦି ଚରଣ ଜେନା ମୁଖ୍ୟ ଅତିଥି, ସୀତାକାନ୍ତ ରାଉଳ ସମ୍ମାନିତ ଅତିଥି, ସରପଞ୍ଚ ଚିତ୍ତରଞ୍ଜନ ପଣ୍ଡା, ସମିତି ସଭ୍ୟା ସସ୍ମିତା ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଏଂ ସିଆର୍‌ସିସି ଅମର କୁମାର ବେହୁରା ଯୋଗଦେଇଥିଲେ। ଉତ୍ସବର ସମସ୍ତ କାର୍ଯ୍ୟକ୍ରମକୁ ସାବିତ୍ରୀ ଦେବୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସମିରଣ ମଣ୍ଡଳ ଓ ଶିକ୍ଷକ ପ୍ରିୟ ରଞ୍ଜନ ପ୍ରଧାନ ସମ୍ପାଦନ କରିଥିଲେ।

## ୫ ଇନ୍ସପେକ୍ଟରଙ୍କର ଅଦଳବଦଳ

**କେନ୍ଦ୍ରାପଡ଼ା, ୩।୧୦ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲା ପୋଲିସର ୫ ଇନ୍ସପେକ୍ଟରସ୍ତରରେ ଗୁରୁବାର ବଦଳି ହୋଇଛି। ଏସ୍‌ପିଙ୍କ ମେମୋ ନଂ. ୨୪୦୧ ଅନୁସାରେ ଜିଲା ହେଡକ୍ୱାର୍ଟର୍ସରେ ଥିବା ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକଙ୍କୁ ମାର୍ଶାଘାଇ ଥାନା ଅଧିକାରୀ ଓ ଧୀରଜ ଲେଙ୍କାଙ୍କୁ ମହାକାଳପଡ଼ା ଥାନା ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ମହାକାଳପଡ଼ା ଥାନା ଅଧିକାରୀ ବିମଳ କୁମାର ମଲ୍ଲିକଙ୍କୁ ସଦର ଥାନା ଅଧିକାରୀ, ମାର୍ଶାଘାଇ ଥାନା ଅଧିକାରୀ ପ୍ରଜ୍ଞା ପରିମିତା ଜେନା ଓ ସଦର ଥାନା ଅଧିକାରୀ ସରୋଜ ସାହୁଙ୍କୁ ଜିଲା କାର୍ଯ୍ୟାଳୟକୁ ସ୍ଥାନାନ୍ତର କରାଯାଇଛି।

# ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

**ଡେରାବିଶ, ୩।୧୦ (ବେବର୍ତ୍ତା ଅଜୟ ଦାସ)**

**ମାଉଜର, ଗୁଳି ସହ ମାରଣାସ୍ତ୍ର ଜବତ ଘଟଣା**

୬ଜଣ ଅପରାଧିକ ପ୍ରବୃତ୍ତିର ଯୁବକ ମଙ୍ଗଳବାର ସନ୍ଧ୍ୟାରେ ପ୍ରଥମେ ଯାଜପୁର ଅଞ୍ଚଳର ଜନୈକ ମାଛ ବ୍ୟବସାୟୀଙ୍କୁ ବଟି ମାଗି ଯୁକ୍ତତର୍କ କରିଥିଲେ। ପରେ ଡେରାବିଶ ଥାନା ଅନ୍ତର୍ଗତ ୫୩ ନଂ. ଜାତୀୟ ରାଜପଥର ପଞ୍ଚୁପାଣ୍ଡବ ଛକସ୍ଥିତ ଏକ ଢ଼ାବାରେ ମଦ୍ୟପାନ କରି ଡ଼କାୟତି ଯୋଜନା କରୁଥିବା ସମ୍ପର୍କରେ ପୋଲିସ କୌଣସି ସୂତ୍ରରୁ ଖବରପାଇ ଆତର୍କିତ ଚଢ଼ାଉ କରି ୨ ଜଣ ଅଭିଯୁକ୍ତଙ୍କୁ କାବୁ କରି ନେଇଥିଲା। ଏଥିସହ ସେମାନଙ୍କଠାରୁ ଏକ ମାଉଜର, ଜୀବନ୍ତ ଗୁଳି ଓ ଅନ୍ୟ ମାରଣାସ୍ତ୍ର ଜବତ କରିଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନେ କୌଶଳକ୍ରମେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ତେବେ ଧରାପଡ଼ିଥିବା ଅଭିଯୁକ୍ତ ଯୁବକ ଦ୍ୱୟଙ୍କ ସୂଚନାକୁ ଆଧାର କରି ଫେରାର ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଆଇଆଇସି କିଶୋର ତରାଇ ଓ ସବ୍ ଇନ୍ସପେକ୍ଟର ପ୍ରଦୋଷ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ରାତି ସାରା ବିଭିନ୍ନ ଆଡ଼େ ଚଢ଼ାଉ କରି ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ତେବେ ଏହି ଘଟଣାରେ ଗିରଫ ହୋଇଥିବା ୩ ଅଭିଯୁକ୍ତ ହେଲେ ଯାଜପୁର ଜିଲାର ବାଲିଚନ୍ଦ୍ରପୁର ଥାନା ଅଧୀନ ପଲେଇ ଗାଁର କାହ୍ନୁଚରଣ ମଲିକ(୩୦), ପ୍ରିୟବ୍ରତ ମଲିକ(୨୦) ଏବଂ ବାଲିପଡ଼ିଆ ଗ୍ରାମର ବିନୋଦ ମଲିକ(୪୨) ବୋଲି ପୋଲିସ ସୂତ୍ରରୁ ଜଣାଯାଇଛି। ତେବେ ଡକାୟତି ଷଡ଼ଯନ୍ତ୍ର କରୁଥିବାବେଳେ ଗିରଫ ହୋଇଥିବା ୩ ଅଭିଯୁକ୍ତଙ୍କ ବିରୋଧରେ ପୋଲିସ ପକ୍ଷରୁ କରାଯାଇଥିବା ଅଭିଯୋଗ ଆଧାରରେ ଥାନା ପକ୍ଷରୁ ନଂ. ୧୩୪/୨୪ରେ ମାମଲା ରୁଜୁ କରାଯାଇଥିଲା। ଗୁରୁବାର ସନ୍ଧ୍ୟାରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ଆଇଆଇସି ତରାଇ ଦେଇଥିବା ସୂଚନାରୁ ଜଣାଯାଇଛି। ଅପରପକ୍ଷରେ ଫେରାର ହୋଇଯାଇଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ ପାଇଁ ପୋଲିସ ପକ୍ଷରୁ ପ୍ରୟାସ ଜାରି ରହିଛି।

## ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ସଂଘର ପ୍ରତିଷ୍ଠା ଦିବସ

**କେନ୍ଦ୍ରାପଡ଼ା, ୩।୧୦ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ବ୍ଲକ ଚଉଦକୁଲାଟ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ସଂଘର ୧୬ତମ ପ୍ରତିଷ୍ଠା ଦିବସ ବୁଧବାର ପୂର୍ବାହ୍ଣରେ ସ୍ଥାନୀୟ ସରସ୍ୱତୀ ଶିଶୁମନ୍ଦିର ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ଜାତିର ଜନକ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଶାନ୍ତିଦୂତ ଲାଲବାହାଦୂର ଶାସ୍ତ୍ରୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇ ଜୟନ୍ତୀ ପାଳନ କରାଯାଇଛି। ଗୌରାଙ୍ଗ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଂଗଠନର ସମ୍ପାଦକ କେଶବ ବିଶ୍ୱାଳ ବାର୍ଷିକ ବିବରଣୀ ପାଠ କରି ଆଗାମୀ ବର୍ଷ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନିତ୍ୟନନ୍ଦ ମିଶ୍ର, ପ୍ରଭାକର ନାଥଶର୍ମା, ରାଜକିଶୋର ମିଶ୍ର, ତ୍ରିଲୋଚନ ମିଶ୍ର, ସେକ ଅବଦୁଲ ରହିମ, ବାସୁଦେବ ମଳିକ, ପ୍ରଫୁଲ୍ଲ ପରିଡା, ନରହରି ସାମଲ, ଭାଗବତ ନାୟକ, ନବକିଶୋର ଦାସ, ସମେତ ଅନ୍ୟମାନେ ଯୋଗ ଦେଇଥିଲେ।

# ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**ରାଜକନିକା,୩।୧୦(ସଞ୍ଜୟ କୁମାର ଦାଶ)**

ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟର ୪୯ତମ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ସଭାରେ ଅଧ୍ୟକ୍ଷା ସୁରେଖା ରାଉତ ଅଧ୍ୟକ୍ଷତା କରିଥିଲେ। ରସାୟନ ବିଜ୍ଞାନ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଡ.ଅଜୟ କୁମାର କୁଣ୍ଡ ସଭା ସଂଯୋଜନା କରି ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିଥି ଭାବେ ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକ, ଚାନ୍ଦବାଲି କଲେଜ ଅଧ୍ୟକ୍ଷ ଡ. ତରଣୀସେନ ପଣ୍ଡା, ସାହିତ୍ୟିକ ଶାନ୍ତନୁ କୁମାର ମହାନ୍ତି, ପୂର୍ବତନ ଅଧ୍ୟକ୍ଷ ପ୍ରାଧ୍ୟାପକ ବୈକୁଣ୍ଠନାଥ ପରିଡ଼ା, ଅବସରପ୍ରାପ୍ତ ଅଧୀକ୍ଷଣ ଯନ୍ତ୍ରୀ ଶିବ ନାରାୟଣ ବାରିକ, ପୂର୍ବତନ ଓଳାଭର କଲେଜ ଅଧ୍ୟକ୍ଷ ପ୍ରାଧ୍ୟାପକ ସୁରେଶ ଚନ୍ଦ୍ର ମିଶ୍ର, ଇଂ. ବିପିନ ବିହାରୀ ରାଉତ, ପୁରାତନ ଛାତ୍ର ସଂସଦ ସଭାପତି ଅଜୟ କୁମାର ନାଥ, ପୂଜ୍ୟପୂଜା ସମ୍ପାଦକ କପିଳ ମିଶ୍ର, ସେବା ନିବୃତ୍ତ ଶିକ୍ଷକ ରାଧାକୃଷ୍ଣ ନାୟକ, ଶିକ୍ଷା ବିଭାଗର ବିଭାଗୀୟ ମୁଖ୍ୟ ଅଧ୍ୟାପିକା ତୃପ୍ତି ରାଉତ, ରିଡିଂ ରୁମ୍ ସମ୍ପାଦକ ଗୋପୀନାଥ ଦାଶ, ଆଥଲେଟିକ ଆସୋସିଏଶନ ସମ୍ପାଦକ ଅଜୟ କୁମାର ନାୟକ, ସେବା ନିବୃତ୍ତ ଶିକ୍ଷକ ବିଚିତ୍ରାନନ୍ଦ ବେହେରା ପ୍ରମୁଖ ଯୋଗଦେଇ ସାର୍ଥକୁ ତ୍ୟାଗ କଲେ ହିଁ ଏହିପରି ଦ୍ରୁମ ସଦୃଶ ମହାବିଦ୍ୟାଳୟର ଉତ୍ତରୋତ୍ତର ଉନ୍ନତି ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ମିର୍ଜା ଇବ୍ରାହିମ ବେଗ୍ ଧନ୍ୟବାଦ ଦେଇଥିଲେ ।



କଲେଜର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

# ଜଣଙ୍କ ଜମିକୁ ଦର୍ଶାଇ ଅନ୍ୟ ଜଣଙ୍କୁ କୃଷି ଋଣ

**ରାଜକନିକା, ୩।୧୦ (ସଞ୍ଜୟ କୁମାର ଦାଶ)**

- ପାକ୍ସ ସମ୍ପାଦକଙ୍କ ନାମରେ ଥାନାରେ ଏତଲା
- କେଲେଙ୍କାରୀ ପିଛା ଛାଡୁନି କୃଷି ସମବାୟ ସମିତି

ଜଣକ ନାମରେ ଥିବା ଜମିକୁ ଦର୍ଶାଇ ଅନ୍ୟଜଣେ କୃଷି ଋଣ ନେବା ଅଭିଯୋଗରେ ଗୁରୁବାର ସନ୍ଧ୍ୟାରେ ପାକ୍ସ ସମ୍ପାଦକଙ୍କ ନାମରେ ଥାନାରେ ଏତଲା ହୋଇଛି। ସୂଚନାଯୋଗ୍ୟ ସିକୋ କୃଷି ସମବାୟ ସମିତି(ପାକ୍ସ)ର ଚାଷୀ ତ୍ରିଲୋଚନ ସ୍ୱାଇଁ (୭୦)ଙ୍କ ପୁଅ ନିରାକାର ସ୍ୱାଇଁ (୩୦)ଙ୍କ ଏତଲାକ୍ରମେ ଗୋବାଙ୍ଗ ମୌଜା ଖାତା ନଂ.୧୩୧/୫୦୧, ଏରିଆ ୦.୧୯ ଥିବା ଜମି ଉପରେ କୌଶଳ କରି ସିକୋ କୃଷି ସମବାୟ ସମିତି(ପାକ୍ସ)ର ସମ୍ପାଦକ ହେମନ୍ତ କୁମାର ନାୟକ ସେହି ଜମିରୁ ଇସି ବାହାର କରି ପରମାନନ୍ଦ ରଥ ନାମକ ବ୍ୟକ୍ତିଙ୍କୁ ଋଣ ଦେଇଛନ୍ତି। ଯାହା ଅନ୍ୟ ଏକ ବ୍ୟାଙ୍କରେ ମୋର ଋଣ ପାଇଁ ଇସି ଆବଶ୍ୟକ ଥିବାରୁ କନିକା ତହସିଲ କାର୍ଯ୍ୟାଳୟରେ ଆବେଦନ କରିବାରୁ ଜାଣିବାକୁ ପାଇଲି। ତେବେ ଏ ସମ୍ପର୍କରେ ସମ୍ପାଦକଙ୍କୁ ପଚାରିବାରେ, ସେ ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ। ଏ ସଂକ୍ରାନ୍ତରେ ସମ୍ପାଦକ ହେମନ୍ତ କୁମାର ନାୟକଙ୍କ ମୋବାଇଲ ଫୋନକୁ ଯୋଗାଯୋଗ କରିଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇ ନ ଥିଲା। ତେବେ ଏତଲାକୁ ଭିତ୍ତି କରି ପୋଲିସ ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ଦିଲୀପ କୁମାର ଧଳ କହିଛନ୍ତି।


ନିରାକାର ସ୍ୱାଇଁ ଥାନାରେ ଅଭିଯୋଗ କରୁଛନ୍ତି।

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣା, ଜଣେ ମୃତ

ମୋହନା,୩।୧୦(ମନ୍ମଥ ମିଶ୍ର)

ମୋହନା ଥାନା ହାଲାପଙ୍କା ଗାଁ ନିକଟରେ ବୁଧବାର ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି । ମୃତକ ହେଲେ କେଶରା ଗାଁର କୃଷ୍ଣ କାର୍ଜି। ସେହି ଗାଁର ଧନୁ ବିଷୋୟୀ ଓ ଅଶୋକ ଗୌଡ଼ ଗୁରୁତର ହୋଇଛନ୍ତି। ଉଭୟଙ୍କୁ ମୋହନା ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ୩ଜଣ ବାଇକ୍ (ଓଡ଼ି ୦୭ଏଡି-୬୪୧୩)ରେ ମଳାସପଦର ଗାଁରୁ ନିଜ ଗାଁ କେଶରାକୁ ଆସୁଥିଲେ। ହାଲାପଙ୍କା ନିକଟରେ ଭାରସାମ୍ୟ ହରାଇ ବାଇକ୍ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ପୋଲିସ ନଂ.୧୯୪/୨୪ରେ ମାମଲା ରୁଜୁ କରି ତଦନ୍ତ କରୁଥିବା ଥାନା ଅଧିକାରୀ ବସନ୍ତ ସେଠୀ କହିଛନ୍ତି ।

### ଯୁବକଙ୍କ ମୃତଦେହ ଜବତ

ଛତ୍ରପୁର,୩।୧୦ (ଦିଲ୍ଲୀପ ସାମଲ/ସନ୍ତୋଷ ପାଢ଼ୀ): ଚମାଖଣ୍ଡି ଥାନା ଅନ୍ତର୍ଗତ ଟାଙ୍ଗଣାପଲ୍ଲୀ-ବଳରାମପୁର ରାସ୍ତା ପାର୍ଶ୍ୱ ଗୋଲାଶଙ୍ଖ ତଳୁ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ଟାଙ୍ଗଣାପଲ୍ଲୀ ଗ୍ରାମ ବଡ଼ସାହିର ଜଗବନ୍ଧୁ ପ୍ରଧାନ (୩୦)। ତାଙ୍କ ମୃତ୍ୟୁର କାରଣ ଜଣାପଡିନି । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଛି।

### ଛେଳି ପାଳନ ତାଲିମ

ପାରଳାଖେମୁଣ୍ଡି,୩।୧୦(ଗିରିଧାରୀ ପରିଛା):ଗୁମ୍ମା ବ୍ଲକ ଅନ୍ତର୍ଗତ ଏଡିଏସ୍ କାର୍ଯ୍ୟାଳୟ ଠାରେ ଛେଳି ପାଳନ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଦୁଇ ଦିନିଆ ଏହି ଶିବିରରେ ଜଳଛାୟା ସଂଗଠନର ଅଧିକାରୀମାନେ ଛେଳି ପାଳକମାନଙ୍କୁ ଡବ୍ଲ୍ୟୁଓଟିଆର ତରଫରୁ ଛେଳି ପାଳନ ନିମନ୍ତେ ତାଲିମ ପ୍ରଦାନ କରିଛନ୍ତି। ଅବସର ପ୍ରାପ୍ତ ପଶୁପାଳନ ଅଧିକାରୀ ଡ଼ଃ ରାଜେନ୍ଦ୍ର ପାଢ଼ୀ ଉପସ୍ଥିତ ହିତାଧିକାରୀଙ୍କୁ ଛେଳି ପାଳନ ସମ୍ବନ୍ଧୀୟ ରୋଗ ଓ ଏହାର ନିରାକରଣ ବାବଦରେ ତାଲିମ ଦେବା ସହିତ ସରକାରଙ୍କ ସହିତ ସମ୍ପର୍କ କରି କିପରି ସମସ୍ତ ଟୀକାକରଣ ବ୍ୟବସ୍ଥା କରିହେବ ସେ ବିଷୟରେ ଆଲୋଚନା କରିଥିଲେ। ଛେଳି ପାଳନ ମାଧ୍ୟମରେ ହିତାଧିକାରୀ ନିଜର ଜୀବନ ଜୀବିକାକୁ ସୁଦୃଢ଼ କରିପାରିବେ ବୋଲି ଅଧିକାରୀମାନେ ବୁଝାଇଥିଲେ। ଛେଳି ପାଳକମାନଙ୍କୁ ବିଭିନ୍ନ ପ୍ରକାର ଔଷଧ ଯୋଗାଇ ଦିଆଯାଇ ଔଷଧର ପ୍ରୟୋଗ ସମ୍ପର୍କରେ ହିତାଧିକାରୀଙ୍କୁ ମାନଙ୍କୁ ଡବ୍ଲ୍ୟୁଓଟିଆର ଅଧିକାରୀ ଜ୍ଞାନ ରଞ୍ଜନ ବରାଳ ବିସ୍ତୃତ ଭାବେ ବୁଝେଇବା ସହ ଛେଳିର କିପରି ଯତ୍ନ ନେବେ ସେ ନେଇ ପରାମର୍ଶ ଦେଇଥିଲେ।

### ଜିଲାସ୍ତରୀୟ କ୍ରୀଡ଼ା ମହୋତ୍ସବ ପ୍ରସ୍ତୁତି ବୈଠକ

ବେଲଗୁଣ୍ଠା,୩।୧୦(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ଦୀର୍ଘ ବର୍ଷ ପରେ ବେଲଗୁଣ୍ଠା ବ୍ଲକ୍‌ରେ ଅନୁଷ୍ଠିତ ହେବାକୁ ଯାଉଛି ଗଞ୍ଜାମ ଜିଲାସ୍ତରୀୟ କ୍ରୀଡା ମହୋତ୍ସବ। ଆସନ୍ତା ୬ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଏହି କ୍ରୀଡ଼ା ମହୋତ୍ସବ କ୍ଷତ୍ରିୟବରପୁର ସରକାରୀ ନୋଡ଼ାଲ୍ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହେବ। ଏନେଇ ପ୍ରସ୍ତୁତି ଚାଲିଥିବା ବେଳେ ଗୁରୁବାର ଗଞ୍ଜାମ ଜିଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକ ପ୍ରସ୍ତୁତି ସମ୍ପର୍କରେ ଏକ ସମୀକ୍ଷା କରିଛନ୍ତି। ସେ ଅପରାହ୍ନ ଗୋଟାଏରେ ସମ୍ପୃକ୍ତ ବିଦ୍ୟାଳୟରେ ପହଞ୍ଚି ଖେଳ ପଡିଆ, କ୍ରୀଡାବିତ୍‌ଙ୍କ ରହିବା ବ୍ୟବସ୍ଥା ସହ ଅନ୍ୟାନ୍ୟ ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଥିଲେ। ପଟ୍ଟନାୟକଙ୍କ ସହିତ ଜିଲା ଶାରିରୀକ ଶିକ୍ଷା ପରିଦର୍ଶକ ଭାଗିରଥୀ ସ୍ୱାଇଁ, ନୋଡ଼ାଲ୍ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଲୋପାମୁଦ୍ରା ରଥ, ଶରତଚନ୍ଦ୍ର ପଣ୍ଡା ସ୍ମାରକୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ସାହୁ, ତନରଡ଼ା ଆର୍ଯ୍ୟକନ୍ୟା ଗୁରୁକୁଳ ପ୍ରଧାନ ଶିକ୍ଷକ ସୂର୍ଯ୍ୟନାରାୟଣ ସେଠୀଙ୍କ ସମେତ କ୍ରୀଡ଼ା ଶିକ୍ଷକ ଆଶୁତୋଷ ସ୍ୱାଇଁ, ଦୁର୍ଗା ମାଧବ ଶତପଥୀ, ସନ୍ତୋଷ ଆଚାରୀ ଏବଂ ଅନ୍ୟ ବିଦ୍ୟାଳୟର କ୍ରୀଡା ଶିକ୍ଷକମାନେ ଉପସ୍ଥିତ ଥିଲେ। ଏହି କ୍ରୀଡା ମହୋତ୍ସବରେ ଜିଲାର ୮୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିବେ। ପରେ ସେ ଶରତଚନ୍ଦ୍ର ପଣ୍ଡା ସ୍ମାରକୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ବିଦ୍ୟାଳୟର ପରିବେଶ ଏବଂ ଶିକ୍ଷା ବ୍ୟବସ୍ଥା ତଦାରଖ କରିଥିଲେ। ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ସହିତ ଗଣିତ ସମ୍ପର୍କରେ ଆଲୋଚନା କରି ଜ୍ୟାମିତି ପଢାଇବା ସହିତ ଦଶମ ଶ୍ରେଣୀରେ ସଂସ୍କୃତ ପଢାଇଥିଲେ। ଜୀବନରେ ସଫଳତା ପାଇବାକୁ ହେଲେ କଠିନ ପରିଶ୍ରମ କରିବାକୁ ସେ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ।

# ଅସୁରକ୍ଷିତ ପରିବେଶରେ ଛାତ୍ରୀଙ୍କ ଭବିଷ୍ୟତ ଗଢ଼ା

- ମିଶ୍ରଣ ପରେ ଆସୁନି ଅନୁଦାନ
- ନୀରବରେ ବସିଛନ୍ତି ଜିଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ

ସୋରଡ଼ା,୩।୧୦(ରଜନୀ ମହାପାତ୍ର)

ସୋରଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଲାଗି ରହିଥିବା ଅବ୍ୟବସ୍ଥା ସୁଧୁରୁନି। ଅସୁରକ୍ଷିତ ପରିବେଶରେ ଛାତ୍ରୀଙ୍କ ଭବିଷ୍ୟତ ଗଢ଼ା ହେଉଛି। ଏନେଇ ଅଭିଭାବକ ଅସନ୍ତୋଷ ପ୍ରକାଶ କରିଛନ୍ତି। ସୋରଡ଼ାରେ ବାଳିକାମାନଙ୍କ ଶିକ୍ଷା ପାଇଁ ୧୯୬୪ରେ ଏହି ବିଦ୍ୟାଳୟ ଆରମ୍ଭ ହୋଇଥିଲା। ଏବେ ପ୍ରଶାସନିକ ଅବହେଳା ଯୋଗୁ ବିଦ୍ୟାଳୟର ଉନ୍ନତି ହୋଇପାରୁ ନାହିଁ। ବର୍ତ୍ତମାନ ସୁଦ୍ଧା ଏହା ଶଶିଭୂଷଣ ଉଚ୍ଚ ବିଦ୍ୟାଳୟରେ ମିଶ୍ରଣ ହୋଇ ରହିଛି। ଏଥିଯୋଗୁ ବାଳିକା ଉଚ୍ଚ ବିଦ୍ୟାଳୟକୁ ଆର୍ଥିକ ଅନୁଦାନ ମିଳୁନି। ବିଦ୍ୟାଳୟ ମିଶ୍ରଣ ପାଇଁ ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇ ଏହି କାର୍ଯ୍ୟ ୧୦।୧୧।୨୦୧୭ ସୁଦ୍ଧା ଶେଷ କରିବାକୁ କୁହାଯାଇଥିଲା। ଏହି ମିଶ୍ରଣ ପରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ପ୍ରାଥମିକ ଶିକ୍ଷା ତଥା ଏଲିମେଣ୍ଟାରି ୟୁନିଟ୍ ଓ ନବମ, ଦଶମ ଶ୍ରେଣୀକୁ ସେକେଣ୍ଡାରି ୟୁନିଟ୍ ଭାବେ ବିବେଚନା କରାଗଲା। ୧୦୦ ମିଟର ଭିତରେ ଥିବା ବିଭିନ୍ନ ସରକାରୀ ବିଦ୍ୟାଳୟ ନିଜ ସୁବିଧା ଅନୁସାରେ ପ୍ରାର୍ଥନା ସଭା, କ୍ରୀଡ଼ା, ଶିକ୍ଷା, ସମୟ, ଛୁଟି ସବୁ ଧାର୍ଯ୍ୟ କରୁଥିଲେ। ଏପରି ସ୍ଥିତିରେ ସମସ୍ତ ବିଦ୍ୟାଳୟର ନାମକରଣ ସମସ୍ୟା ଉପୁଜିବାରୁ ନୋଡାଲ ଉଚ୍ଚ ବିଦ୍ୟାଳୟ ଖୋଲାଗଲା। ନୋଡାଲ ଉଚ୍ଚ ବିଦ୍ୟାଳୟରେ ଯେଉଁ ବିଦ୍ୟାଳୟଗୁଡ଼ିକ ରହିବେ, ସେମାନଙ୍କ ଅନୁମତି (ଇଚ୍ଛାପତ୍ର) ଲୋଡ଼ାଯାଇଥିଲା। ସୋରଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଏହି ପତ୍ର ଦେଇ ନ ଥିଲା। ସେହି ସମୟର ଗୋଷ୍ଠୀ ଶିକ୍ଷାଧିକାରୀ ମଧ୍ୟ ଏ ସମ୍ପର୍କରେ କୌଣସି ଲିଖିତ ପତ୍ର ଜିଲା ଶିକ୍ଷାଧିକାରୀଙ୍କୁ ଦେଇନାହାନ୍ତି। କୌଣସି ଅନୁମତିପତ୍ର ନ ଥାଇ ଏହି ବାଳିକା ଉଚ୍ଚ ବିଦ୍ୟାଳୟକୁ ଶଶିଭୂଷଣ ଉଚ୍ଚ ବିଦ୍ୟାଳୟରେ ମିଶ୍ରଣ କରାଗଲା। ତେବେ ୩୦।୮।୨୦୧୭ ପତ୍ରସଂଖ୍ୟା ୧୬୧୬୭ରେ ବିଦ୍ୟାଳୟ ଗଣଶିକ୍ଷା ବିଭାଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ଯେଉଁ ମିଶ୍ରଣ ତାଲିକା ପ୍ରକାଶ କଲେ, ସେଥିରେ ଗଞ୍ଜାମ ଜିଲାର ୯୮ଟି ବିଦ୍ୟାଳୟ ମିଶ୍ରଣ ହୋଇଥିବା ବେଳେ ଏହି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ନାଁ ନ ଥିଲା। କେବଳ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନାଁ ଥିଲା। ଫଳରେ ଏହି ବିଦ୍ୟାଳୟ ଏଯାଏ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ହୋଇ ରହିଛି। ଏଥିରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ମିଶ୍ରଣର କୌଣସି ସୂଚନା ନାହିଁ।



ସୋରଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ।

ତେବେ ଅନୁମତି ପତ୍ର ନ ଥିବା ଏବଂ ଶିକ୍ଷା ଅଧିକାରୀଙ୍କ ଅନୁମତି ପତ୍ର ନ ଥାଇ କିପରି ଏହି ବାଳିକା ଉଚ୍ଚ ବିଦ୍ୟାଳୟକୁ ଶଶିଭୂଷଣ ଉଚ୍ଚ ବିଦ୍ୟାଳୟରେ ମିଶ୍ରଣ କରାଗଲା ସେନେଇ ପ୍ରଶ୍ନ ଉଠିଛି। ନିକଟରେ ବସିଥିବା ଅଭିଭାବକ ବୈଠକରେ ମଧ୍ୟ ଏ ସମ୍ପର୍କରେ ଆଲୋଚନା ହୋଇଥିଲା। ଉପସ୍ଥିତ ପ୍ରଧାନଶିକ୍ଷକ ଅଚ୍ୟୁତାନନ୍ଦ ସେଠୀ ନୀରବ ରହିଥିଲେ। ସୋରଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ମିଶ୍ରଣ ପରେ ଏହି ବିଦ୍ୟାଳୟର ୟୁଡାଇସ୍ (ୟୁନିଫାଏଡ୍ ଡିଷ୍ଟ୍ରିକ୍ଟ ଇନ୍‌ଫରମେଟିଭ ସିଷ୍ଟମ ଅଫ ଏଜୁକେଶନ) କୋଡ୍ ୨୦୨୨ ପର୍ଯ୍ୟନ୍ତ ଚାଲୁଥିଲା। ପରେ ୟୁଡାଇସ୍ ବ୍ୟବସ୍ଥା ବନ୍ଦ କରାଯାଇଥିଲା। ବର୍ତ୍ତମାନ ସୋରଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ସରକାରଙ୍କ ପକ୍ଷରୁ ଆଉ ଅନୁଦାନ ଆସୁନାହିଁ। ମିଶ୍ରଣ ପରେ ବିଦ୍ୟାଳୟ ଆର୍ଥିକ ଅନୁଦାନରୁ ବଞ୍ଚିତ ହୋଇଛି। ଯାହା ଅନୁଦାନ ଆସୁଛି ଶଶିଭୂଷଣ ଉଚ୍ଚ ବିଦ୍ୟାଳୟକୁ ଆସୁଛି। ଶଶିଭୂଷଣ ଉଚ୍ଚ ବିଦ୍ୟାଳୟ ଡାଇସ୍ କୋଡ୍‌ରେ ଅନୁଦାନ ଆସୁଥିବାରୁ ଏହା ସେହି ବିଦ୍ୟାଳୟ ପାଇଁ ଖର୍ଚ୍ଚ ହେଉଛି। ଫଳରେ ଏହି ବାଳିକା ଉଚ୍ଚ ବିଦ୍ୟାଳୟରେ ବର୍ତ୍ତମାନ କୌଣସି ଉନ୍ନତିମୂଳକ କାର୍ଯ୍ୟ ହୋଇପାରୁ ନାହିଁ। ଏପରିକି ଝିଅଙ୍କ ପାଇଁ ପରିସ୍ରାଗାର ଓ ପାଇଖାନାଟିଏ ମଧ୍ୟ ନାହିଁ। ବିଦ୍ୟାଳୟ ପରିବେଶ ଜଙ୍ଗଲରେ ପରିଣତ ହେଲାଣି। ଖେଳିବା ପାଇଁ ଜାଗା ଖଣ୍ଡେ ନାହିଁ। ଏପରି ଅବସ୍ଥାରେ ଛାତ୍ରୀମାନଙ୍କ ଭବିଷ୍ୟତ ଗଢ଼ା ହେଉଛି। ଏ ସମ୍ପର୍କରେ ସୋରଡ଼ା ବିଧାୟକଙ୍କୁ ମଧ୍ୟ ଅବଗତ କରାଯାଇଛି। ସୋରଡ଼ା ବିଇଓଙ୍କୁ ଏ ନେଇ ପଚାରିବାରୁ ଏହା ଜିଲା ଶିକ୍ଷାଧିକାରୀଙ୍କ କ୍ଷମତାଧୀନ। ଏନେଇ ତାଙ୍କୁ ଅବଗତ କରିବୁ ବୋଲି କହିଥିଲେ। ଏ ସମ୍ପର୍କରେ ପ୍ରଧାନଶିକ୍ଷକ ସେଠୀଙ୍କୁ ପଚାରିବାରୁ ସେ କହିଲେ, ବିଦ୍ୟାଳୟର ଏହି ସମସ୍ୟା ବିଷୟରେ ଜିଲା ଶିକ୍ଷା ଅଧିକାରୀଙ୍କୁ ସେ ଜଣାଇଛନ୍ତି। ଜିଲା ଶିକ୍ଷା ଅଧିକାରୀ ଅମିତା ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଲେ,ଏ ଦିଗରେ ଦୃଷ୍ଟି ଦେଇ ପଦକ୍ଷେପ ନେବେ। ଶିକ୍ଷା ପ୍ରଶାସନ ସୋରଡା ବାଳିକା ଉଚ୍ଚ ବିଦ୍ୟାଳୟରେ ଲାଗି ରହିଥିବା ଅବ୍ୟବସ୍ଥା ଦୂର କରିବାକୁ ସାଧାରଣରେ ଦାବି ହେଉଛି।

## ସ୍ୱତନ୍ତ୍ର ଗ୍ରାମସଭା

ଆର୍.ଉଦୟଗିରି,୩।୧୦(ମନୋଜ ପାଢ଼ୀ)

ଆର୍.ଉଦୟଗିରି ବ୍ଲକ୍‌ର ଛେଲାଗଡ଼ ପଞ୍ଚାୟତ କାର୍ଯ୍ୟାଳୟଠାରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଛି। ଏଥିରେ ନାଏବ ସରପଞ୍ଚ ସୁମତି ରଇତ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ରୂପେ ବିଡିଓ ଲରିମନ ଖର୍ସେଲ, ସିଡିପିଓ ଲଳିତା ପୂଜାରୀ, ବିଜେଡି ଜିଲା ସଭାପତି ଜଗବନ୍ଧୁ ଦାସ, ସାମାଜିକ ସୁରକ୍ଷା ଅଧିକାରୀ ଅରଣ ଉଦୟଭାନୁ, ଜିପିଇଓ ଦାମୋଦର ରେଡି ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। ଅନ୍ୟ ଜିଲାସ୍ତରରୁ ଶୁଭ ସଂଯୋଗ ସାଥୀ କାର୍ଯ୍ୟକ୍ରମ ଅଧିକାରୀ ଏବଂ ଏବିଏଫ୍ କାହ୍ନୁଚରଣ ପାଣିଗ୍ରାହୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ବିଡିଓ ଖର୍ସେଲ ସମୃଦ୍ଧ ଗାଁ, ଶକ୍ତିଶାଳୀ ପଞ୍ଚାୟତ ଓ ପଞ୍ଚାୟତ ବିକାଶ ଯୋଜନା ପାଇଁ ସଂକଳ୍ପବଦ୍ଧ ରହିବା, ସର୍ବଦା ସ୍ୱଚ୍ଛତା ରଖିବା ପାଇଁ କହିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜିବୀକା ମିଶନ, ଶିଶୁ ବିକାଶର ଅଧିକାରୀମାନେ ନିଜ ନିଜ ବିଭାଗର ଯୋଜନା ଏବଂ ସଫଳତା ସମ୍ପର୍କରେ ଅବଗତ କରାଇଥିଲେ । ୫୦ ଜଣ ହିତାଧିକାରୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ, ୨୨ ଜଣଙ୍କୁ କୃତଜ୍ଞତା ପତ୍ର ପ୍ରଦାନ ସହ ସ୍ୱଚ୍ଛଭାରତ ସ୍ୱଚ୍ଛତା ହିଁ ସେବା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଡିଓ ଖର୍ସେଲ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ।

## ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆଶାକର୍ମୀ ସଂଘର ଦାବିପତ୍ର



ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ସଂଘର କର୍ମକର୍ତ୍ତା ଓ ସଦସ୍ୟମାନେ।

ଛତ୍ରପୁର,୩।୧୦(ଦିଲ୍ଲୀପ ସାମଲ):

ଭାରତୀୟ ମଜଦୁର ସଂଘ ଅନୁବନ୍ଧିତ ଓଡ଼ିଶା ରାଜ୍ୟ ଆଶା କର୍ମୀ ସଂଘର ଗଞ୍ଜାମ ଜିଲା ଶାଖା ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗଞ୍ଜାମ ଜିଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ଆଶାକର୍ମୀମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ, ଯେ ପର୍ଯ୍ୟନ୍ତ ସରକାରୀ ମାନ୍ୟତା ମିଳିନାହିଁ ସେ ପର୍ଯ୍ୟନ୍ତ ମାସିକ ୧୮ ହଜାର ଟଙ୍କା ଦେବା, ସାମାଜିକ ସୁରକ୍ଷା ଦିଆଯିବା, ଅବସରପ୍ରାପ୍ତ ଆଶା କର୍ମୀଙ୍କୁ ୫ ଲକ୍ଷ ଟଙ୍କା ଏବଂ ମାସିକ ପେନ୍‌ସନ ୫ ହଜାର ଟଙ୍କା ପ୍ରଦାନ କରାଯିବା, ସବୁ ପିଏଚ୍‌ସି ଏବଂ ସିଏଚ୍‌ସିରେ ଆଶା ଗୃହ ନିର୍ମାଣ କରାଯିବା ଲାଗି ଦାବି ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ସଂଘର ଜିଲା ସଭାନେତ୍ରୀ ଲଳିତା ଦୋରା, ଜିଲା ସମ୍ପାଦିକା ବବିତା ରାଉତ, ଜିଲା କୋଷାଧ୍ୟକ୍ଷ ସସ୍ମିତା ପାଢ଼ୀ, ଛତ୍ରପୁର ବ୍ଲକ ସଭାନେତ୍ରୀ ସୁଜାତା ପାତ୍ର, ରଙ୍ଗେଇଲୁଣ୍ଡା ବ୍ଲକ ସଭାନେତ୍ରୀ ମମତା ମହାନ୍ତି, ସମ୍ପାଦିକା ଲକ୍ଷ୍ମୀପ୍ରିୟା ପାତ୍ର, ଖଲ୍ଲିକୋଟ ବ୍ଲକ ସମ୍ପାଦିକା ସନ୍ତୋଷିନୀ ମହାପାତ୍ର, ପୁରୁଷୋତ୍ତମପୁର ବ୍ଲକ ସଭାନେତ୍ରୀ ରାଜଲକ୍ଷ୍ମୀ ପଣ୍ଡାଙ୍କ ସମେତ ବହୁ ଆଶାକର୍ମୀ ଉପସ୍ଥିତ ଥିଲେ।

## ନବରାତ୍ର ପୂଜା

ଆସିକା,୩।୧୦(ସୁରେନ୍ଦ୍ର ନାଥ ସାହୁ): ଆସିକା ସହରର ଆଖପାଖ ଅଞ୍ଚଳର ବିଭିନ୍ନ ଶକ୍ତିପୀଠରେ ଗୁରୁବାର ନବରାତ୍ର ପୂଜା ଆରମ୍ଭ ହୋଇଛି। ସକାଳୁ ଋଷିକୂଲ୍ୟା ନଦୀରୁ ଜଳ କଳସ ଧରି ଶ୍ରଦ୍ଧାଳୁ ବିଭିନ୍ନ ମନ୍ଦିରକୁ ଯିବା ପରେ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ଆସିକାର ଆରାଧ୍ୟା ଦେବୀ ମା' ଖମ୍ବେଶ୍ୱରୀଙ୍କ ପୀଠରେ ଦିନତମାମ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା। ସନ୍ଧ୍ୟାରେ ବହୁ ଶ୍ରଦ୍ଧାଳୁ ଆଳତୀ ଦର୍ଶନ କରିବା ସହ ମା'ଙ୍କ ନିକଟରେ ଅଖଣ୍ଡ ଦୀପ ଜାଳିଛନ୍ତି। ଆସିକା ଏନଏସିର କାଳିମୁଖୀ ମନ୍ଦିର, ବସଷ୍ଟାଣ୍ଡସ୍ଥିତ ବୁଢୀମା ଠାକୁରାଣୀ ମନ୍ଦିର, ସୁନାମ୍ବସାହିସ୍ଥିତ ଦଣ୍ଡକାଳୀ ମନ୍ଦିର, ତାଲୁକା ରୋଡସ୍ଥିତ ବୈଷ୍ଣଦେବୀ ମନ୍ଦିର ଓ କାଳଷଣ୍ଡପୁର, ନୂଆଗାଁ ଆଦି ସ୍ଥାନରେ ଥିବା ଦଣ୍ଡକାଳି ମନ୍ଦିରଗୁଡ଼ିକରେ ନବରାତ୍ର ପୂଜା ଲାଗି ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି।

## ଦାୟିତ୍ୱ ନେଲେ ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ର

ଛତ୍ରପୁର,୩।୧୦(ସନ୍ତୋଷ ପାଢ଼ୀ):

ଗଞ୍ଜାମ ଏସ୍‌ପି ଭାବେ ଶୁଭେନ୍ଦୁ କୁମାର ପାତ୍ର ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ୨୦୧୯ ବ୍ୟାଚ୍‌ର ଆଇପିଏସ୍ ଅଫିସର ପାତ୍ର ଏହା ପୂର୍ବରୁ କନ୍ଧମାଳ ଏସ୍‌ପି ଭାବେ କାର୍ଯ୍ୟ କରୁଥିଲେ । ଗଞ୍ଜାମରେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ତାଙ୍କୁ ଛତ୍ରପୁରସ୍ଥିତ ପୋଲିସ ମୁଖ୍ୟାଳୟରେ ଗାର୍ଡ ଅଫ ଅନର୍ ଦିଆଯାଇଥିଲା । ଧାର୍ମିକ ଗଞ୍ଜାମ ଜିଲାରେ କାମ କରିବାକୁ ସୁଯୋଗ ଦେଇଥିବାରୁ ରାଜ୍ୟ ସରକାର ଓ ଓଡ଼ିଶା ପୋଲିସକୁ ଧନ୍ୟବାଦ ଦେଉଛି ବୋଲି ଦାୟିତ୍ୱ ଗ୍ରହଣ କରିବା ପରେ ସେ ଗଣମାଧ୍ୟମକୁ କହିଛନ୍ତି। ଅପରାଧ ନିୟନ୍ତ୍ରଣ ଓ ପଦକ୍ଷେପ, ଆଇନ୍ ଶୃଙ୍ଖଳା ବଜାୟ ରଖିବା ପୋଲିସର ଫୋକସ ରହିବ ବୋଲି ଏସ୍‌ପି କହିଛନ୍ତି। ଜିଲାରେ ପ୍ରତିବର୍ଷ ୧୭ ହଜାର କେସ୍ ରୁଜୁ ହେଉଛି। ରାଜ୍ୟକୁ ଦେଖିଲେ ଗଞ୍ଜାମରେ ୮ ପ୍ରତିଶତ କେସ୍ ରହୁଛି । ଜିଲାର ଅଫିସରମାନଙ୍କୁ ନେଇ ତଥ୍ୟ ସଂଗ୍ରହ କରି ଜିଲା ପାଇଁ ଏକ ଷ୍ଟ୍ରାଟେଜି କରାଯିବ ବୋଲି ଏସ୍‌ପି କହିଛନ୍ତି।


ଶୁଭେନ୍ଦୁ କୁମାର ପାତ୍ର।

## ସେବା ନ ମିଳିବାରୁ ବ୍ୟାଙ୍କରେ ତାଲା ପକାଇ ରାସ୍ତାରୋକୋ

ତୁମୁଡିବନ୍ଧ,୩।୧୦(ଦୀପକ କୁମାର ପରାସେଠ)

ଗ୍ରାହକମାନେ ଦୀର୍ଘ ଦିନରୁ ଭାରତୀୟ ଷ୍ଟେଟ ବ୍ୟାଙ୍କ ସେବା ନ ପାଇ ଅତିଷ୍ଠ ହୋଇପଡ଼ିଥିଲେ। ଏହାର ପ୍ରତିବାଦରେ ଗୁରୁବାର ଲୋକେ ତୁମୁଡିବନ୍ଧ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖାକୁ ତାଲା ପକାଇ ଦେଇଥିଲେ। ଏଥିସହ ବ୍ୟାଙ୍କ ସମ୍ମୁଖ ବାଲିଗୁଡା-ମୁନିଗୁଡ଼ା ରାଜ୍ୟ ରାଜପଥ ଅବରୋଧ କରିଥିଲେ। ଫଳରେ ଏହି ରାସ୍ତାରେ ଯାତାୟତ ଠାପ ହୋଇଥିଲା। ଏହି ବ୍ୟାଙ୍କରେ ତୁମୁଡିବନ୍ଧ ବ୍ଲକର ୧୧ଟି ପଞ୍ଚାୟତର ୩୫ହଜାର ଗ୍ରାହକ ରହିଛନ୍ତି। ସେଥି ମଧ୍ୟରୁ ୩୦ହଜାର ଗ୍ରାହକଙ୍କ ଖାତା ଠିକ୍ ରୂପେ ଚାଲୁରହିଛି। ଏପରି ସ୍ଥଳେ ୨ଟି କ୍ୟାଶ କାଉଣ୍ଟର ଓ ଦୁଇଟି ଗ୍ରାହକ ସେବା ଡେସ୍କ ରହିବା କଥା। ଦୁଇଟି କ୍ୟାଶ କାଉଣ୍ଟର ଥିବା ବେଳେ ଗୋଟିଏ ଗ୍ରାହକ ସେବା ଡେସ୍କ ରହିଛି। ବ୍ୟାଙ୍କରେ ୫ଜଣ କର୍ମଚାରୀ ଅଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଦୁର୍ଘଟଣାରେ ଗୁରୁତର ହୋଇ ଚିକିତ୍ସାଧୀନ ଅଛନ୍ତି। ଅନ୍ୟଜଣେ ଚକ୍ଷୁଜନିତ ଚିକିତ୍ସାରେ ଛୁଟିରେ ରହିଛନ୍ତି। ଫଳରେ ପ୍ରାୟ ୧୫ଦିନରୁ ଊର୍ଦ୍ଧ୍ୱ ହେବ ବ୍ୟାଙ୍କରେ ଗ୍ରାହକ ସେବା ଠିକ୍ ଭାବରେ ମିଳିପାରୁନି। ଲୋକେ ବ୍ୟାଙ୍କ ଆସି ହଇରାଣ ହେଉଛନ୍ତି। ଘଣ୍ଟାଘଣ୍ଟା ଧରି ଅପେକ୍ଷା କରୁଛନ୍ତି। ଗୁରୁବାର ତୁମୁଡିବନ୍ଧ ବ୍ଲକର ଦୁର୍ଗମ ପଞ୍ଚାୟତଗୁଡ଼ିକରୁ ବ୍ୟାଙ୍କକୁ ଆସିଥିବା ଶତାଧିକ ମହିଳା ପୁରୁଷ ସେବା ପ୍ରଦାନରେ ବ୍ୟାଙ୍କର ଅବ୍ୟବସ୍ଥା ନେଇ ଅସନ୍ତୋଷ ପ୍ରକାଶ କରି ବ୍ୟାଙ୍କରେ ତାଲା ପକାଇ ଦେଇ ପରେ ରାସ୍ତାରୋକୋ କରିଥିଲେ। ଖବରପାଇ ଘଟଣାସ୍ଥଳରେ ତୁମୁଡିବନ୍ଧ ପୋଲିସ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବାପରେ ସେମାନେ ରାସ୍ତା ଅବରୋଧରୁ ହଟିଥିଲେ। ଏନେଇ ଲଙ୍କାଗଡ଼ର ସମିତି ସଭ୍ୟ ବିଭୀଷଣ ପାତ୍ର କହନ୍ତି, ଆମେ ଦୁର୍ଗମ ଅଞ୍ଚଳରୁ ବହୁ କଷ୍ଟରେ ଆସୁଛୁ। ସେବା ନ ପାଇବାରୁ ବାଧ୍ୟ ହୋଇ ତାଲା ପକାଇଥିଲୁ। ଏ ସମ୍ପର୍କରେ ଶାଖା ପରିଚାଳକ ହୃଷୀନାଥ ନାୟକଙ୍କ ପଚାରିବାରୁ ସେ କହିଲେ, ଆମେ ୫ଜଣ କର୍ମଚାରୀ ଅଛୁ। ଏଥିରୁ ୩ଜଣ କିରାଣୀ ଓ ଦୁଇଜଣ ଅଧିକାରୀ। ୩ଜଣ କିରାଣୀଙ୍କ ମଧ୍ୟରୁ ୨ଜଣ ସ୍ୱାସ୍ଥ୍ୟଗତ ଛୁଟିରେ ରହିଥିବାରୁ ଅନ୍ୟ ଜଣକ ପକ୍ଷରେ ଗ୍ରାହକଙ୍କୁ ଶୀଘ୍ର ସେବା ଯୋଗାଇବା ସମ୍ଭବ ହେଉନାହିଁ। ଏ ସମ୍ପର୍କରେ ୧୫ଦିନ ତଳେ ଲିଖିତ ଭାବେ ମୁଁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି କର୍ମଚାରୀ ବ୍ୟାଙ୍କକୁ ଦେଇ ନ ଥିବା ସେ କହିଛନ୍ତି।

## ଧରାକୋଟର ବିଭିନ୍ନ କ୍ଲଷ୍ଟରରେ ସୁରଭି

ଧରାକୋଟ,୩।୧୦(ବିଷ୍ଣୁକେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକର ବିଭିନ୍ନ କ୍ଲଷ୍ଟର ବିଦ୍ୟାଳୟରେ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। ଶ୍ରୀରାଜ ଉଚ୍ଚ ବିଦ୍ୟାଳୟରେ ବିଇଓ ଲିଙ୍ଗରାଜ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ହୋଇଥିବା ବେଳେ ଶିକ୍ଷକ ପ୍ରଶିକ୍ଷକ ବିଷ୍ଣୁ ଚରଣ ଜେନା, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ କୁଷଗୁମାର ଅଧ୍ୟକ୍ଷ ରଜନୀକାନ୍ତ ସାହୁ ପ୍ରମୁଖଙ୍କ ସମେତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀମାନେ ଉପସ୍ଥିତ ଥିଲେ। ଶିକ୍ଷକ ସୁରେଶ ପାତ୍ର କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ପରିଚାଳନା କମିଟି ସଭାପତି କୈବଲ୍ୟ ଦାସ ଅତିଥି ଭାବେ ଯୋଗ ଦେଇଥିଲେ । ସିଆର୍‌ସିସି ଭାସ୍କର ବାଡ଼ତ୍ୟା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ବଳରାମପୁର ସେବାଶ୍ରମ ବିଦ୍ୟାଳୟରେ ଓ ମଛାକୋଟରେ ମଧ୍ୟ ସୁରଭି ଅନୁଷ୍ଠିତ ହୋଇଯାଇଛି ।

## ଆଦିଲିନା, କ୍ଷେତ୍ରପାନଙ୍କୁ ମିଳିନି ପ୍ରଧାନମନ୍ତ୍ରୀ ଆବାସ



ଦାରିଙ୍ଗବାଡି,୩।୧୦ (ଅରୁଣ ସାହୁ )

କେନ୍ଦ୍ର ଓ ରାଜ୍ୟ ସରକାର ଗରିବ ଲୋକଙ୍କ ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ମାତ୍ର ତାହାର ସୁଫଳ ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚୁନାହିଁ। ଏପରି ଏକ ନିଦର୍ଶନ ଦେଖିବାକୁ ମିଳିଛି କନ୍ଧମାଳ ଜିଲା ଦାରିଙ୍ଗିବାଡି ବ୍ଲକରେ। ଏହି ବ୍ଲକର ପର୍ତ୍ତମାହା ପଞ୍ଚାୟତ ସାଲେଜୁ ଗ୍ରାମର କ୍ଷେତ୍ରପାନ ନାୟକ ଓ ତାଙ୍କ ସ୍ତ୍ରୀ ଆଦିଲିନା ପ୍ରଧାନମନ୍ତ୍ରୀ ଆବାସ ପାଇଁ ଯୋଗ୍ୟ ହିତାଧିକାରୀ ହୋଇଥିଲେ ସୁଦ୍ଧା ଏଯାଏ ଏହି ଦମ୍ପତିଙ୍କୁ ମିଳିନି ଆବାସ। ଫଳରେ ଭଙ୍ଗା ଦଦରା ଘରେ କଟୁଛି ସେମାନଙ୍କ ଜୀବନ। ଗୋଟିଏ ବଖରାର ଏହି

**ବୟସ ୭୦ ଟପିଲାଣି**

କୁଡିଆର ପିଣ୍ଡାରେ ଉଭୟଙ୍କ ସମୟ କଟୁଛି। କ୍ଷେତ୍ରପାନଙ୍କ ୩ ପୁଅ ଅଛନ୍ତି। ସମସ୍ତେ ଅଲଗା ରୁହନ୍ତି। ଗୋଟିଏ ପୁଅ ରାଜ୍ୟ ବାହାରେ କାମ କରୁଛନ୍ତି। ଅନ୍ୟ ୨ଜଣ ଅଛନ୍ତି ଗାଁରେ। ପୁଅ ବୋହୂ ଉଭୟଙ୍କ କଥା ବୁଝୁଛନ୍ତି। ଖାଇବାକୁ ଦେଉଛନ୍ତି। କେବଳ ସେମାନେ ନୁହନ୍ତି ଉକ୍ତ ଗାଁର ପ୍ରାୟ ଷାଠିଏରୁ ଊର୍ଦ୍ଧ୍ୱ ପରିବାରର ଅବସ୍ଥା ପ୍ରାୟ ସମାନ। ସରକାର ଗ୍ରାମର ଆଦିଲିନା ଓ କ୍ଷେତ୍ରପାନଙ୍କ ପରି ବୃଦ୍ଧାବୃଦ୍ଧଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

## ଶହୀଦ କୃଷକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲା କୃଷକ ସଙ୍ଗଠନ



ପ୍ରତିବାଦ ଜଣାଉଥିବା ଚାଷୀମାନେ।

କାଶୀନଗର, ୩।୧୦ (ଟି.କ୍ରିଷ୍ଣାରାଓ)

ସଂଯୁକ୍ତ କିଷାନ ମୋର୍ଚ୍ଚାର ଡାକରାରେ ଅଖିଳ ଭାରତୀୟ କିଷାନ ମଜଦୁର ସଭା କାଶୀନଗର ବ୍ଲକ କମିଟି ଓ ଗଜପତି ଜିଲା ରଇତ କୁଲି ରଇତ ସଂଘ ପକ୍ଷରୁ ଷ୍ଟେଟବ୍ୟାଙ୍କ ଛକରେ କେନ୍ଦ୍ର ସରକାରଙ୍କ କୃଷକ-ବିରୋଧୀ ନୀତିର ପ୍ରତିବାଦ କରିଛନ୍ତି। ୩।୧୦।୨୦୨୧ରେ ଉତ୍ତର ପ୍ରଦେଶ ଲକ୍ଷ୍ମୀପୁର ଖେରି ଘଟଣାରେ ଶହୀଦ ହୋଇଥିବା କୃଷକମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ କୃଷକମାନେ ଏହି ପ୍ରତିବାଦ ଜଣାଇଛନ୍ତି। କେଦାର ଶବରଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ଆର୍. ଲୋକନାଥମଙ୍କ ସମେତ ଶତାଧିକ କୃଷକ ଯୋଗଦେଇଥିଲେ। ଲକ୍ଷ୍ମୀପୁର ଖେରି

**ଲକ୍ଷ୍ମୀପୁର ଖେରି ଘଟଣା**

ଘଟଣା କେବଳ କୃଷକ ଦମନକାରୀ ନୁହେଁ ଏହା ମାନବିକତା ବିରୋଧୀ। ସମଗ୍ର ଦେଶରେ ୭୫୦ କୃଷକ ଶହୀଦ ହେବା ପରେ ଚାପର ବଶବର୍ତ୍ତୀ ହୋଇ କେନ୍ଦ୍ର ସରକାର ୩ କଳା କୃଷି ଆଇନକୁ ପ୍ରତ୍ୟାହାର କରିବାକୁ ବାଧ୍ୟ ହୋଇଥିଲେ। ଏବେ ନୂଆ ବାଟରେ ସେସବୁ ପୁଣି ଲାଗୁକରିବା ପାଇଁ ଉଦ୍ୟମ ଚଳାଇଛନ୍ତି ବୋଲି ବକ୍ତାମାନେ ପ୍ରକାଶ କରିଥିଲେ। ସ୍ୱାମୀନାଥନ କମିଟିର ସୁପାରିସ ଲାଗୁକରିବା, ପ୍ରତି ପଞ୍ଚାୟତରେ ଧାନ ଓ ଅନ୍ୟାନ୍ୟ କୃଷିଜାତ ଦ୍ରବ୍ୟ ରଖିବା ପାଇଁ ଗୋଦାମ ଖୋଲିବା ସକାଶେ ଗଜପତି ଜିଲା ରଇତ କୁଲି ରଇତ ସଂଘ ସଭାରେ ଦାବି କରିଥିଲା।

## ୫ ପଞ୍ଚାୟତରେ ଜନଯୋଜନା ଅଭିଯାନରେ ସ୍ୱତନ୍ତ୍ର ଗ୍ରାମସଭା

ପାରଳାଖେମୁଣ୍ଡି,୩।୧୦(ଗିରିଧାରୀ ପରିଛା)

ଗଜପତି ଜିଲାର ୨ଟି ବ୍ଲକ୍‌ର ୫ଟି ପଞ୍ଚାୟତରେ ଜନ ଯୋଜନା ଅଭିଯାନ ଅନ୍ତର୍ଗତ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ବିକଶିତ ଭାରତ ବିକଶିତ ପଞ୍ଚାୟତ ରୂପେ ଗଢ଼ି ତୋଳିବା ପାଇଁ ସବୁ କ୍ଷେତ୍ରରେ ପ୍ରୟାସ ଜାରି ରହିଥିବା ବେଳେ ଏହି ଅବସରରେ ଜିଲାର ଗୁମ୍ମା ବ୍ଲକର ଉଖୁରା, ବଡକଳାକୋଟ, ଭୁବନୀ ପଞ୍ଚାୟତ ଓ ଆର୍. ଉଦୟଗିରି ବ୍ଲକ୍‌ର ମହେନ୍ଦ୍ରଗଡ଼, ଛେଲାଗଡ଼ ପଞ୍ଚାୟତରେ ଗ୍ରାମସଭା ସହ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପିପୁଲ୍ସ ପ୍ଲାନ୍ କ୍ୟାମ୍ପେନ (୨୦୨୪-୨୫)ର ଅଂଶ ଭାବରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗଜପତି ଜିଲାକୁ କିପରି ଆକାଂକ୍ଷୀ ଜିଲାରୁ ପ୍ରେରଣାଦାୟୀ ଜିଲାରେ ପରିଣତ କରାଯିବ ସେନେଇ ଗୁରୁତ୍ୱାରୋପ କରାଯାଇଥିଲା।

ଗୁମ୍ମା ବ୍ଲକ୍‌ରେ ଗ୍ରାମସଭାରେ ମୁଖ୍ୟ ଅତିଥି ଭାବେ ଜିଲା ପଞ୍ଚାୟତ ଅଧିକାରୀ ଅଶୋକ ପଟ୍ଟନାୟକ, ରାଷ୍ଟ୍ରୀୟ ଗ୍ରାମ ସ୍ୱରାଜ କାର୍ଯ୍ୟକ୍ରମ ପରିଚାଳକ ତପନ ବାବୁ, ପିରାମଲ ଫାଉଣ୍ଡେଶନର ଦେବବ୍ରତ ଆଚାର୍ଯ୍ୟ ଓ ପ୍ରେମ ସଙ୍ଗଠନ କର୍ମୀ, ବ୍ଲକ,ପଞ୍ଚାୟତ ଅଧିକାରୀମାନେ ଉପସ୍ଥିତ ଥିଲେ। ପଞ୍ଚାୟତ ପାଇଁ ଆନୁଷଙ୍ଗିକ ଯୋଜନା, ଗ୍ରାମୀଣ ବିକାଶ ଏବଂ ସୁସ୍ଥ ଶାସନ ନେଇ ସମ୍ପୃକ୍ତ ସାମୁଦାୟିକ ଅଂଶଗ୍ରହଣ ନିଶ୍ଚିତ କରିବା, ବରିଷ୍ଠ ନାଗରିକଙ୍କୁ ସମ୍ମାନ ଦେବା ନେଇ ଆଲୋଚନା ହୋଇଥିଲା। ସେହିପରି ଆର୍.ଉଦୟଗିରି ବ୍ଲକ୍‌ର ମହେନ୍ଦ୍ରଗଡ଼, ଛେଲାଗଡ ପଞ୍ଚାୟତରେ ବିଡିଓ ଲାରିମେନ ଖର୍ସେଲଙ୍କ ସମେତ ବ୍ଲକ କର୍ମଚାରୀ, ପଞ୍ଚାୟତର ଅଧିକାରୀ ଯୋଗ ଦେଇଥିଲେ।

କାର୍ଯ୍ୟକ୍ରମରେ ସାମୁଦାୟିକ ଭାଗୀଦାରିକୁ ସୁନିଶ୍ଚିତ କରିବା ନେଇ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ସ୍ୱତନ୍ତ୍ର ଗ୍ରାମସଭା ପାଇଁ ସ୍ୱାସ୍ଥ୍ୟସେବା ଶିବିର ଏବଂ ସ୍ୱଚ୍ଛତା ହିଁ ସେବା ଅଭିଯାନ, ଚାରାରୋପଣ ହୋଇଥିଲା। ଅଧିକାରୀମାନେ ସ୍ଥାନୀୟ ବିକାଶ ଲକ୍ଷ୍ୟ, ପଞ୍ଚାୟତ ଉନ୍ନୟନ ସୂଚକ, ପଞ୍ଚାୟତ ବିକାଶ ଯୋଜନା ୨୦୨୪-୨୫ ଏବଂ ପଞ୍ଚାୟତ ଯୋଜନା ସହଯୋଗୀ ଦଳ ଗଠନ, ଏହାର ନିୟମିତ ବୈଠକ ଉପରେ ଆଲୋଚନା କରାଯାଇଥିଲା। ପିରାମଲ ଫାଉଣ୍ଡେଶନର ପ୍ରୋଗ୍ରାମ ମୁଖ୍ୟ ମାନସ ପ୍ରଧାନ ଗ୍ରାମ ପଞ୍ଚାୟତରେ ଶିକ୍ଷା, ସ୍ୱାସ୍ଥ୍ୟ, ପୋଷଣ, କୃଷି, ସହିତ କିପରି ୯ଟି ସ୍ଥାନୀୟ ବିକାଶ ଲକ୍ଷ୍ୟକୁ ଆଧାରକରି ଯୋଜନା ପ୍ରସ୍ତୁତ କରି ପଞ୍ଚାୟତରେ ସମସ୍ତ ଗ୍ରାମ ଏବଂ ବ୍ୟକ୍ତିଙ୍କ ବିକାଶ କରିପାରିବ ସେ ଉପରେ ଗୁରୁତ୍ୱାରୋପ କରାଯାଇଛି ବୋଲି କହିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ସଂକ୍ଷେପରେ

### ନଦୀରେ ବୁଡ଼ି ବୃଦ୍ଧ ମୃତ

ରସୁଲପୁର,୩।୧୦(ରଂଜିତ ରାଉତ): କୁଆଖିଆ ଥାନା ଅନ୍ତର୍ଗତ ଯାବରା ପଞ୍ଚାୟତର ଜଣେ ବୃଦ୍ଧଙ୍କ ନଦୀରେ ବୁଡ଼ି ମୃତ୍ୟୁହୋଇଛି। ମୃତକ ହେଲେ ଗ୍ରାମର ବାବାଜୀ ଚରଣ ପାଳ(୭୪)। ରସୁଲପୁର ଦମକଳ କେନ୍ଦ୍ର ବାହିନୀ ପକ୍ଷରୁ ବୃଦ୍ଧଙ୍କୁ ଉଦ୍ଧାର କରାଯାଇଛି। ବାବାଜୀ ବୁଧବାର ପୂର୍ବାହ୍ନରେ ବ୍ରାହ୍ମଣୀକୁ ଗାଧୋଇବାକୁ ଯାଇ ନିଖୋଜ ହୋଇଯାଇଥିଲେ। ଏନେଇ ତାଙ୍କ ପରିବାର ପକ୍ଷରୁ କୁଆଖିଆ ଥାନାରେ ଅଭିଯୋଗ କରାଯାଇଥିଲା। ଗୁରୁବାର ବୃଦ୍ଧଙ୍କ ମୃତଦେହ ନଦୀରେ ଭାସୁଥିବା ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଦମକଳବାହିନୀ ସହାୟତାରେ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ତଦନ୍ତ ଜାରି ରଖିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ.୨୬/୨୪ ରୁଜୁ ହୋଇଛି।

### ଅପହୃତା ନାବାଳିକା ଉଦ୍ଧାର, ଅପହର୍ତ୍ତା ଗିରଫ

ଡେରାବିଶ,୩।୧୦(ବେବର୍ତ୍ତା ଅଜୟ ଦାସ) ଡେରାବିଶ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ପୋଲିସ୍ ଅପହର୍ତ୍ତାକୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ଅପହୃତା ନାବାଳିକାଙ୍କୁ କେନ୍ଦ୍ରାପଡ଼ା ସର୍ଟଷ୍ଟେ ହୋମରେ ରଖାଯାଇଛି। ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କ ବିଧବା ମା'ର ଅଭିଯୋଗ ଅନୁଯାୟୀ, ସେ ରାତିରେ ତାଙ୍କ ନାବାଳିକା ଝିଅ ସହ ଘରେ ଶୋଇଥିଲେ। ପଲେଇ ପଞ୍ଚାୟତ ଅନ୍ତର୍ଗତ ଅଡ଼ଙ୍ଗ ମଲ୍ଲିକେଶ୍ୱରପୁର ଗାଁର ପ୍ରମୋଦ କୁମାର ଧଳ ମଧ୍ୟ ରାତ୍ରିରେ ଝିଅକୁ ଅପହରଣ କରିବା ସହ ଘରେ ଭିତରେ ଥିବା ଆଲମିରା ଭାଙ୍ଗି ସେଥିରୁ ସୁନା ଚେନ୍, ମୁଦି ଓ ନଗଦ ୫ ହଜାର ଟଙ୍କା ନେଇ ପଳାଇ ଯାଇଥିଲେ। ବିଳମ୍ବିତ ରାତିରେ ମା' ଉଠି ଦେଖନ୍ତି ତ ଘର ଓ ଆଲମିରା ଖୋଲା ପଡ଼ିଛି ଓ ଝିଅ ଘରେ ନାହିଁ। ପୂର୍ବରୁ ଅଭିଯୁକ୍ତ ଯୁବକ ଝିଅଙ୍କୁ ପ୍ରଲୋଭନ ଦେଖାଇ ନେଇଯାଇଥିଲେ। ପରେ ଥାନାରେ ଅଭିଯୋଗ କରିବା ପରେ ଉଭୟପକ୍ଷଙ୍କ ମଧ୍ୟରେ ଆପୋଷ ସମାଧାନ ହୋଇ ନାବାଳିକାଙ୍କୁ ଘରକୁ ଫେରାଇ ଦେଇଥିଲେ। ସେହି ସନ୍ଦେହରେ ବିଧବା ମା' ଅଭିଯୁକ୍ତ ଧଳଙ୍କ ଘରେ ପହଞ୍ଚି ଝିଅଙ୍କ ଅପହରଣ ବିଷୟରେ ପଚାରିଥିଲେ। ହେଲେ ଅଭିଯୁକ୍ତ ଧଳ, ତାଙ୍କ ମା' ବାପା ମିଳିତ ଭାବରେ ନାବଳିକାଙ୍କ ମା'ଙ୍କୁ ଖରାପ ଭାଷାରେ ଗାଳି ଗୁଲଜ କରିବା ସହ ନିଆଁରେ ପୋଡ଼ି ମାରି ଦେବାକୁ ଧମକ ଦେଇଥିବା ଅଭିଯୋଗରେ ଦର୍ଶାଯାଇଛି।

### ୫ ଇନ୍ସପେକ୍ଟରଙ୍କର ଅଦଳବଦଳ

କେନ୍ଦ୍ରାପଡ଼ା, ୩।୧୦ (ଜଗନ୍ନାଥ ଧଳ) କେନ୍ଦ୍ରାପଡ଼ା ଜିଲା ପୋଲିସର ୫ ଇନ୍ସପେକ୍ଟରସ୍ତରରେ ଗୁରୁବାର ବଦଳି ହୋଇଛି। ଏସ୍‌ପିଙ୍କ ମେମୋ ନଂ. ୨୪୦୧ ଅନୁସାରେ ଜିଲା ହେଡକ୍ୱାର୍ଟର୍ସରେ ଥିବା ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତଙ୍କୁ ମାର୍ଶାଘାଇ ଥାନା ଅଧିକାରୀ ଓ ଧୀରଜ ଲେଙ୍କାଙ୍କୁ ମହାକାଳପଡ଼ା ଥାନା ଅଧିକାରୀ ଭାବେ ଅବସ୍ଥାପିତ କରାଯାଇଛି। ସେହିପରି ମହାକାଳପଡ଼ା ଥାନା ଅଧିକାରୀ ବିମଳ କୁମାର ମଲ୍ଲିକଙ୍କୁ ସଦର ଥାନା ଅଧିକାରୀ, ମାର୍ଶାଘାଇ ଥାନା ଅଧିକାରୀ ପ୍ରଜ୍ଞା ପରିମିତା ଜେନା ଓ ସଦର ଥାନା ଅଧିକାରୀ ସରୋଜ ସାହୁଙ୍କୁ ଜିଲା କାର୍ଯ୍ୟାଳୟକୁ ସ୍ଥାନାନ୍ତର କରାଯାଇଛି।

# ରାଜ୍ୟସ୍ତରୀୟ ସାହିତ୍ୟ, ସଂସ୍କୃତି ସମାରୋହ



ସମାରୋହରେ କଳାକାରଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଉଛି।

ଯାଜପୁର,୩।୧୦(ହର୍ଷବର୍ଦ୍ଧନ ବେହେରା): ବିରଜା କଲଚରାଲ୍ ଏକାଡେମୀ ଓ ମହାତ୍ମା ଗାନ୍ଧୀଙ୍କ ଜନ୍ମ ବାର୍ଷିକୀ କମିଟି ପକ୍ଷରୁ ରାଜ୍ୟସ୍ତରୀୟ ସାହିତ୍ୟ, ସଂସ୍କୃତି ସମାରୋହ-୨୦୨୪ ବୁଧବାର ଯାଜପୁର ଗୌତମବୁଦ୍ଧ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଆୟକର ବିଭାଗର ଆବସରପ୍ରାପ୍ତ ମୁଖ୍ୟ ଆୟୁକ୍ତ ଡ. ନୃସିଂହ ତ୍ରିପାଠୀ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ୪୮୦ ପୃଷ୍ଠା ସମ୍ବଳିତ 'କ୍ରାନ୍ତି କାମୋଦୀ କଲ୍‌କୀ' ଶାରଦୀୟ ଓ ସ୍ୱନକ୍ଷତ୍ର ବିଶେଷାଙ୍କ ଉନ୍ମୋଚିତ ହୋଇଥିଲା। କମିଟିର ମହାସଚିବ ଘନ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ସତ୍ୟ ନାରାୟଣ ରାଉତରାୟ ମୁଖ ଅତିଥି, ଅବସରପ୍ରାପ୍ତ ସ୍ୱତନ୍ତ୍ର ଶାସନ ସଚିବ ଲାବଣ୍ୟ ଶବର ବିଶିଷ୍ଟ ଅତିଥି, ଭାରତୀୟ ରିଜର୍ଭ ବ୍ୟାଙ୍କର ଅବସରପ୍ରାପ୍ତ ସହାୟକ ମହାପ୍ରବନ୍ଧକ ସଂଯୁକ୍ତା ଦାଶ, ଶିକ୍ଷାବିତ୍ ବଟକୃଷ୍ଣ ମହାପାତ୍ର ଓ ହେମନ୍ତ କୁମାର ରାଉତ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଗାନ୍ଧିଜୀଙ୍କୁ ସମଗ୍ର ବିଶ୍ୱରେ ବିଂଶ ଶତକର ସର୍ବଶ୍ରେଷ୍ଠ ମାନବ ବୋଲି ଅଭିହିତ କରିଥିଲେ। ସାମାଜିକ କର୍ମୀ ରବୀନ୍ଦ୍ର ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ ଶ୍ରୀହରି ଧଳ ସ୍ୱାଗତ ଭାଷଣ, ସେକ୍ ଅବଦୁଲ ସାଜିଦ୍ ପ୍ରାରମ୍ଭିକ ସୂଚନା ଓ ଶିକ୍ଷାବିତ୍ ଧରଣୀଧର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସସ୍ମିତା ସ୍ୱାଇଁ, ଗଙ୍ଗାଧର ମହାପାତ୍ର, ଜଗଦାନନ୍ଦ ମିଶ୍ର, ଗୋପାଳ ଚନ୍ଦ୍ର ମିଶ୍ର, ସୁପ୍ରକାଶ ଶତପଥୀ, ପ୍ରମୋଦ କୁମାର ଶତପଥୀ, ସାହିତ୍ୟ ପାଇଁ ସୁକାନ୍ତୀ ରାଉତ, ଶ୍ରୀହରି ଧଳ, ସୁରେନ୍ଦ୍ର ମହାନ୍ତି, ହରିଶ୍ଚନ୍ଦ୍ର ବେହେରା, ପ୍ରଭାତ ସିହ୍ନା, କାର୍ତ୍ତିକ ଦ୍ୱିବେଦୀ, ଶିକ୍ଷା ପାଇଁ ନିକୁଞ୍ଜ ବିହାରୀ ମହାପାତ୍ର, ଦୀନବନ୍ଧୁ ରାଉତ, ବୃନ୍ଦାବନ ପାଣି, ନିମାଇଁ ଚରଣ ଧଳ, ତାରିଣୀ ପ୍ରସାଦ ପୁହାଣ, ଦେବସ୍ମିତା ସାହୁ, ଅକ୍ଷୟ ପଣ୍ଡା, ହିମାଂଶୁ ଦ୍ୱିବେଦୀ, ବିନ୍ଦୁରେଖା ମହାପାତ୍ର, ବିଷ୍ଣୁମୋହନ ସାହୁ, କୁଳମଣି ଦତ୍ତ, ସମାଜସେବା ପାଇଁ ବରଦା ପ୍ରସାଦ ମହାପାତ୍ର, ବୀରେନ୍ଦ୍ର ମହାନ୍ତି, ନାରାୟଣ ସାମନ୍ତ, ଦେବେନ୍ଦ୍ର ପଣ୍ଡା, ନରେନ୍ଦ୍ର ଜେନା, ସୁରେନ୍ଦ୍ର ରାୟ, ହୃଷୀକେଶ ସାହୁ, ରାମଚନ୍ଦ୍ର ଜେନା, ହରେକୃଷ୍ଣ ସାହୁ, ପରିବେଶ ପାଇଁ ଅଲେଖ ଜେନା, ସୁଦର୍ଶନ ନାୟକ, ମହେନ୍ଦ୍ର ଧଳ ଏବଂ ଉତ୍ତମ ସାମ୍ବାଦିକତା ପାଇଁ ସଂଗ୍ରାମ କେଶରୀ ସିଂହ, ହର୍ଷବର୍ଦ୍ଧନ ବେହେରା, ଦିଲୀପ କୁମାର ଦାସ, ବିରଜା ପ୍ରସାଦ ପାଣି, ଚିନ୍ତାମଣି ପାଢ଼ୀ, ପବିତ୍ର ରଞ୍ଜନ ମହାନ୍ତି, ଶରତ ଚନ୍ଦ୍ର ପୋଥାଳ ଓ ଜିତେନ୍ଦ୍ରନାଥ କର ପ୍ରମୁଖଙ୍କ ସମେତ ବରେଣ୍ୟ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବିନ୍ଦୁରେଖା ମହାପାତ୍ରଙ୍କ ରଚିତ ଏକ ସାମାଜିକ ନାଟକ ପୁସ୍ତକ 'କୈକେୟୀ'ଲୋକାର୍ପିତ ହୋଇଥିଲା। ବିରଜା କଲ୍ଟରାଲ ଏକାଡେମୀର ନୃତ୍ୟ ଶିଳ୍ପୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ମୁଖ୍ୟମନ୍ତ୍ରୀ ବସ୍ ସେବାକୁ ବିରୋଧ

ଯାଜପୁର ସଦର,୩।୧୦ (ସମର ବିଜୟ ଶରଣ): ମୁଖ୍ୟମନ୍ତ୍ରୀ ବସ୍‌ସେବାକୁ ବିରାଧ କରାଯାଇଛି। ଏହି ବସ୍‌ସେବା ଗାଁକୁ ସହର ସହିତ ଯୋଡ଼ିବା ଲକ୍ଷ୍ୟରେ ଆରମ୍ଭ ହୋଇଥିଲା। ମାତ୍ର ବର୍ତ୍ତମାନ ଉକ୍ତ ବସ ମୁଖ୍ୟ ରାସ୍ତାରେ ପ୍ରଚଳିତ ହେଉଥିବାରୁ ଘରୋଇ ବସ ଓ ଛୋଟଛୋଟ ଯାତ୍ରୀବାହୀ ଯାନ ପ୍ରଭାବିତ ହେଉଥିବା ଅଭିଯୋଗ ହୋଇଛି। ଗୁରୁବାର ମଧ୍ୟାହ୍ନରେ ଯାଜପୁର ମେଡିକାଲ ଛକରେ ଏକ ବସକୁ ଯାଜପୁର ଘରୋଇ ମୋଟର ଗାଡ଼ି ମାଲିକ ଓ କର୍ମଚାରୀ ସଂଘ ପକ୍ଷରୁ ଅଟକାଯାଇ ଯାତ୍ରୀମାନଙ୍କୁ ଓହ୍ଲାଇ ଦିଆଯାଇଛି। ଏହାକୁ ନେଇ ବସ୍ କର୍ମଚାରୀମାନେ ଘରୋଇ ଗାଡ଼ି ମୋଟର ମାଲିକ ଓ କର୍ମଚାରୀଙ୍କୁ ପୋଲିସର ଭୟ ଦେଖାଇବାରୁ କିଛି ସମୟ ପାଇଁ ସେଠାରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ପରେ ମୁଖ୍ୟମନ୍ତ୍ରୀ ବସ୍ ସେବାର ସୁପରଭାଇଜର ଆସି ବୁଝାଶୁଝା କରିବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା। ତୁରନ୍ତ ଏହାର ସମାଧାନ କରିବାକୁ ଘରୋଇ ମୋଟର ଗାଡି ମାଲିକ ଓ କର୍ମଚାରୀମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।



ବସକୁ ଘରୋଇ ଗାଡ଼ି ମୋଟର ମାଲିକ ଓ କର୍ମଚାରୀ ସଂଘ ସଦସ୍ୟ ଅଟକ ରଖିଛନ୍ତି।

# ଜିନ୍ଦଲ ଷ୍ଟେନ୍‌ଲେସ୍ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ



କଳିଙ୍ଗନଗର,୩।୧୦(ଶୁଭାଶିଷ ରାଉତ): ଜିନ୍ଦଲ ଷ୍ଟେନଲେସ ଲିମିଟେଡ୍ କର୍ପୋରେଟ ସାମାଜିକ ଦାୟିତ୍ୱ ପଦକ୍ଷେପ ମାଧ୍ୟମରେ ପାରିପାର୍ଶ୍ୱିକ ସମ୍ପ୍ରଦାୟର କଲ୍ୟାଣ ବୃଦ୍ଧିରେ ସକ୍ରିୟ ଭାବରେ ଜଡିତଅଛି। ଏହି ପରିପ୍ରେକ୍ଷୀରେ ଦାନଗଦିର ସୋଲେଇ ଗାଁରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଅଧୀନରେ ଉକ୍ତ ଗ୍ରାମର ୩ ସ୍ଥାନରେ ଥିବା ଅଳିଆ ସଫା କରାଯାଇ ଚାରାରୋପଣ କରାଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ସତ୍ୟନାରାୟଣ ନାୟକ, ସମ୍ମାନିତ ଅତିଥିଭାବେ ଦାନଗଦି ବିଡିଓ ସାରଦା ପ୍ରସନ୍ନ ପଣ୍ଡା, ଆରଡବ୍ଲ୍ୟୁଏସ୍‌ଏସ୍ ଅଧିକାରୀ ଦୀପ୍ତିମନ୍ତ ମଲ୍ଲିକ, ତ୍ରିଜଙ୍ଗା ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ କାମିନୀ ସାହୁ ଏବଂ ଜିନ୍ଦଲ ଷ୍ଟେନଲେସର ସିଏସ୍‌ଆର ଓ ପରିବେଶ ବିଭାଗର ଅଧିକାରୀମାନେ ଯୋଗଦେଇ ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

ଏହାସହିତ ଜିନ୍ଦଲ ଓଦା ଏବଂ ଶୁଖିଲା ଅଳିଆ ସଂଗ୍ରହ କରି ପରିବେଶ ସମସ୍ୟା ଉପରେ ଏଠିକାର ବାସିନ୍ଦାଙ୍କୁ ଶିକ୍ଷାଦେଇ ସୋଲେଇକୁ ଏକ ମଡେଲ ବର୍ଜ୍ୟମୁକ୍ତ ଗ୍ରାମ କରିବାକୁ ଲକ୍ଷ୍ୟ ରଖିଛି। ଏହିକାର୍ଯକ୍ରମରେ ସୋଲେଇ ଗ୍ରାମର ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟା, କିଶୋରୀ ବାଳିକା ମଣ୍ଡଳର ସଭ୍ୟା ଓ ବିଦ୍ୟାଳୟର ଛାତ୍ରୀଛାତ୍ର ପ୍ରମୁଖ ଅଂଶଗ୍ରହଣ କରି ଚାରାରୋପଣ କରିବା ସହିତ ସୋଲେଇ ଗ୍ରାମକୁ ବର୍ଜ୍ୟବସ୍ତୁ ମୁକ୍ତ ଗ୍ରାମ କରିଗଢି ତୋଳିବା ପାଇଁ ଜିନ୍ଦଲ ଷ୍ଟେନଲେସ ଲିମିଟେଡ ସହଯୋଗ କରିବ ବୋଲି କୁହାଯାଇଛି। ଅନ୍ୟ ଏକ ପଦକ୍ଷେପରେ ଜିନ୍ଦଲ ଷ୍ଟେନଲେସ ଲିମିଟେଡ ରଣଗୁଣ୍ଡି ପଞ୍ଚାୟତର ମାଣ୍ଡପଡା ଗ୍ରାମରେ ଏକ ସିଲେଇ ତାଲିମ କେନ୍ଦ୍ର ଆରମ୍ଭ କରି ଅଞ୍ଚଳର ୪୦ରୁ ଅଧିକ ମହିଳାଙ୍କୁ ତାଲମ ଦେଇଛି। କମ୍ପାନୀର ମାନବ ସମ୍ବଳ ଓ ଶିଳ୍ପ ସମ୍ପର୍କ ବିଭାଗ ଜିଏମ୍ ଜିଆର କ୍ରୀଷ୍ଣା କୁମାର ଏହାକୁ ଉଦ୍‌ଘାଟନ କରିଥିଲେ। ସିଏସଆର ବିଭାଗର ସୁକାନ୍ତ ରଥ, ସଞ୍ଜୟ କୁମାର ମହାନ୍ତି, ତପନ କୁମାର ନାୟକ ଏବଂ ହେମନାଥ ବାହାଲିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଜଣକ ଜମିକୁ ଦର୍ଶାଇ ଅନ୍ୟ ଜଣଙ୍କୁ କୃଷିଋଣ

ରାଜକନିକା, ୩।୧୦ (ସଞ୍ଜୟ କୁମାର ଦାଶ) ଜଣକ ନାମରେ ଥିବା ଜମିକୁ ଦର୍ଶାଇ ଅନ୍ୟଜଣେ କୃଷି ଋଣ ନେବା ଅଭିଯୋଗରେ ଗୁରୁବାର ସନ୍ଧ୍ୟାରେ ପାକ୍ସ ସମ୍ପାଦକଙ୍କ ନାମରେ ଥାନାରେ ଏତଲା ହୋଇଛି। ସୂଚନାଯୋଗ୍ୟ ସିକୋ କୃଷି ସମବାୟ ସମିତି(ପାକ୍ସ)ର ଚାଷୀ ତ୍ରିଲୋଚନ ସ୍ୱାଇଁ (୭୦)ଙ୍କ ପୁଅ ନିରାକାର ସ୍ୱାଇଁ (୩୦)ଙ୍କ ଏତଲାକ୍ରମେ ଗୋବାଙ୍ଗ ମୌଜା ଖାତା ନଂ.୧୩୧/୫୦୧, ଏରିଆ ୦.୧୯ ଥିବା ଜମି ଉପରେ କୌଶଳ କରି ସିକୋ କୃଷି ସମବାୟ ସମିତି(ପାକ୍ସ)ର ସମ୍ପାଦକ ହେମନ୍ତ କୁମାର ନାୟକ ସେହି ଜମିରୁ ଇସି ବାହାର କରି ପରମାନନ୍ଦ ରଥ ନାମକ ବ୍ୟକ୍ତିଙ୍କୁ ଋଣ ଦେଇଛନ୍ତି। ଯାହା ଅନ୍ୟ ଏକ ବ୍ୟାଙ୍କରେ ମୋର ଋଣ ପାଇଁ ଇସି ଆବଶ୍ୟକ ଥିବାରୁ କନିକା ତହସିଲ କାର୍ଯ୍ୟାଳୟରେ ଆବେଦନ କରିବାରୁ ଜାଣିବାକୁ ପାଇଲି। ତେବେ ଏ ସମ୍ପର୍କରେ ସମ୍ପାଦକଙ୍କୁ ପଚାରିବାରେ, ସେ ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ। ଏ ସଂକ୍ରାନ୍ତରେ ସମ୍ପାଦକ ହେମନ୍ତ କୁମାର ନାୟକଙ୍କ ମୋବାଇଲ ଫୋନକୁ ଯୋଗାଯୋଗ କରିଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇ ନ ଥିଲା। ତେବେ ଏତଲାକୁ ଭିତ୍ତି କରି ପୋଲିସ ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ଦିଲୀପ କୁମାର ଧଳ କହିଛନ୍ତି।



# ଉତ୍ତଙ୍ଗରା ଭାଜପା ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ



ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଭାଜପା କର୍ମକର୍ତ୍ତା।

ବିଞ୍ଝାରପୁର,୩।୧୦(ରାମକୃଷ୍ଣ ଦାସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଉତ୍ତଙ୍ଗରା ପଞ୍ଚାୟତ ଭାଜପା ପକ୍ଷରୁ ବୁଧବାର ସ୍ୱଚ୍ଛଭାରତ ଅଭିଯାନ କାର୍ଯ୍ୟକ୍ରମ ଯୁବନେତା ମନୋରଞ୍ଜନ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍ତଙ୍ଗରା ପ୍ରାଥମିକ ଚିକିତ୍ସାଳୟ, ଯଜ୍ଞପଡ଼ିଆ, ଉତ୍ତଙ୍ଗରା ଉଚ୍ଚ ବିଦ୍ୟାଳୟ ପରିସର ଓ ଉତ୍ତଙ୍ଗରା ବଜାରରେ ଏଣେତେଣେ ପଡ଼ିରହିଥିବା ଅଳିଆଆବର୍ଜନା ସଫେଇ କରାଯାଇଛି। କାର୍ଯ୍ୟକ୍ରମରେ ବିଘ୍ନରାଜ କର, ଦୈତାରୀ ମଲ୍ଲିକ, ହିମାଂଶୁ ଲେଙ୍କା, ପରମେଶ୍ୱର ସାହୁ, ପ୍ରତାପ ରଣା, ସତ୍ୟବ୍ରତ ରାଉତ, ରବିନାରାୟଣ ଜେନା, ବିଜୟ ରାଉତ, ସଞ୍ଜୟ ବେହୁରିଆ ଓ ରଞ୍ଜୟ ତ୍ରିପାଠୀ ପମୁଖ ସାମିଲ ହୋଇଥିଲେ।

### ବିହାରୀ ପଞ୍ଚାୟତରେ ସ୍ୱଚ୍ଛ ଭାରତ ଅଭିଯାନ

ଝୁମ୍ପୁରୀ,୩।୧୦(ସରୋଜ ନାୟକ): ଦଶରଥପୁର ବ୍ଲକ୍ ବିହାରୀ ପଞ୍ଚାୟତ ସାଉଣ୍ଡିହି ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗାନ୍ଧୀ ଜୟନ୍ତୀ ଅବସରରେ ଏକ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିହାରୀ ପଞ୍ଚାୟତ ଭାଜପା ସଭାପତି ରିପୁନାଥ ସାମଲଙ୍କ ତତ୍ତ୍ୱାବଧାନରେ ଦଳୀୟ କାର୍ଯ୍ୟକର୍ତ୍ତା ଅକ୍ଷୟ ସାମଲ, ଗଦାଧର ସାହୁ, ପ୍ରମୋଦ ଜେନା, ଅଶୋକ ଜେନା, ରାଜେନ୍ଦ୍ର ମଲ୍ଲିକ, ଶୁଭେନ୍ଦୁ କୁମାର ଦାସ, କପିଳ ଜେନା, ପୀତାମ୍ବର ଜେନା, ଘନଶ୍ୟାମ ଜେନା, ବିଶ୍ୱମ୍ଭର ପଣ୍ଡା, ବଳରାମ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇ ବିଦ୍ୟାଳୟ ପରିସର ସଫେଇ କରିଛନ୍ତି।

# ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

**ମାଉଜର, ଗୁଳି ସହ ମାରଣାସ୍ତ୍ର ଜବତ ଘଟଣା**

ଡେରାବିଶ, ୩।୧୦ (ବେବର୍ତ୍ତା ଅଜୟ ଦାସ) ୬ଜଣ ଅପରାଧିକ ପ୍ରବୃତ୍ତିର ଯୁବକ ମଙ୍ଗଳବାର ସନ୍ଧ୍ୟାରେ ପ୍ରଥମେ ଯାଜପୁର ଅଞ୍ଚଳର ଜନୈକ ମାଛ ବ୍ୟବସାୟୀଙ୍କୁ ବଟି ମାଗି ଯୁକ୍ତତର୍କ କରିଥିଲେ। ପରେ ଡେରାବିଶ ଥାନା ଅନ୍ତର୍ଗତ ୫୩ ନଂ. ଜାତୀୟ ରାଜପଥର ପଞ୍ଚୁପାଣ୍ଡବ ଛକସ୍ଥିତ ଏକ ଢ଼ାବାରେ ମଦ୍ୟପାନ କରି ଡ଼କାୟତି ଯୋଜନା କରୁଥିବା ସମ୍ପର୍କରେ ପୋଲିସ କୌଣସି ସୂତ୍ରରୁ ଖବରପାଇ ଆତର୍କିତ ଚଢ଼ାଉ କରି ୨ ଜଣ ଅଭିଯୁକ୍ତଙ୍କୁ କାବୁ କରି ନେଇଥିଲା। ଏଥିସହ ସେମାନଙ୍କଠାରୁ ଏକ ମାଉଜର, ଜୀବନ୍ତ ଗୁଳି ଓ ଅନ୍ୟ ମାରଣାସ୍ତ୍ର ଜବତ କରିଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନେ କୌଶଳକ୍ରମେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ତେବେ ଧରାପଡ଼ିଥିବା ଅଭିଯୁକ୍ତ ଯୁବକ ଦ୍ୱୟଙ୍କ ସୂଚନାକୁ ଆଧାର କରି ଫେରାର ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଆଇଆଇସି କିଶୋର ତରାଇ ଓ ସବ୍ ଇନ୍ସପେକ୍ଟର ପ୍ରଦୋଷ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ରାତି ସାରା ବିଭିନ୍ନ ଆଡ଼େ ଚଢ଼ାଉ କରି ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ତେବେ ଏହି ଘଟଣାରେ ଗିରଫ ହୋଇଥିବା ୩ ଅଭିଯୁକ୍ତ ହେଲେ ଯାଜପୁର ଜିଲାର ବାଲିଚନ୍ଦ୍ରପୁର ଥାନା ଅଧୀନ ପଲେଇ ଗାଁର କାହ୍ନୁଚରଣ ମଲିକ(୩୦), ପ୍ରିୟବ୍ରତ ମଲିକ(୨୦) ଏବଂ ବାଲିପଡ଼ିଆ ଗ୍ରାମର ବିନୋଦ ମଲିକ(୪୨) ବୋଲି ପୋଲିସ ସୂତ୍ରରୁ ଜଣାଯାଇଛି। ତେବେ ଡକାୟତି ଷଡ଼ଯନ୍ତ୍ର କରୁଥିବାବେଳେ ଗିରଫ ହୋଇଥିବା ୩ ଅଭିଯୁକ୍ତଙ୍କ ବିରୋଧରେ ପୋଲିସ ପକ୍ଷରୁ କରାଯାଇଥିବା ଅଭିଯୋଗ ଆଧାରରେ ଥାନା ପକ୍ଷରୁ ନଂ. ୧୩୪/୨୪ରେ ମାମଲା ରୁଜୁ କରାଯାଇଥିଲା। ଗୁରୁବାର ସନ୍ଧ୍ୟାରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ଆଇଆଇସି ତରାଇ ଦେଇଥିବା ସୂଚନାରୁ ଜଣାଯାଇଛି। ଅପରପକ୍ଷରେ ଫେରାର ହୋଇଯାଇଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ ପାଇଁ ପୋଲିସ ପକ୍ଷରୁ ପ୍ରୟାସ ଜାରି ରହିଛି।

# ଦଳକୁ ସଶକ୍ତ କରିବାରେ ସଦସ୍ୟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ରାଜେନ୍ଦ୍ରପୁର ପଞ୍ଚାୟତରେ ଭାଜପାର ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ**



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଭାଜପା ନେତାମାନେ।

ରସୁଲପୁର,୩।୧୦(ରଂଜିତ ରାଉତ): ରସୁଲପୁର ବ୍ଲକ ଅନ୍ତର୍ଗତ ରାଜେନ୍ଦ୍ରପୁର ପଞ୍ଚାୟତରେ ଭାଜପା ପକ୍ଷରୁ ଏକ ସାଧାରଣ ସଭା ଓ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲା ଭାଜପା ସଭାପତି ଗୌତମ ରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବରେ ଯାଜପୁର ଏମ୍‌ପି ଡ. ରବୀନ୍ଦ୍ର ନାରାୟଣ ବେହେରା ଯୋଗଦେଇ ସଦସ୍ୟତା ଅଭିଯାନକୁ ସ୍ୱାଗତ କରିବା ସହ ଏହି ପଞ୍ଚାୟତରେ କାର୍ଯ୍ୟରତ ସମସ୍ତ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସଦସ୍ୟତା ଅଭିଯାନକୁ ଆଗକୁ ବଢାଇବାକୁ ପରାମର୍ଶ ଦେଇଥିଲେ। ଦଳକୁ ସଶକ୍ତ କରିବାରେ ପ୍ରତ୍ୟେକ ସଦସ୍ୟଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଯାଜପୁର ଜିଲା ଭାଜପା କାର୍ଯ୍ୟକାରୀ ସଭାପତି ଆଶୁତୋଷ ପରିଡ଼ା, ବରୀ ଭାଜପା ନେତା ଉମେଶ ଜେନା, ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ନାରୀନେତ୍ରୀ ବବିତା ମଲ୍ଲିକ, ଯାଜପୁର ଜିଲା ସମ୍ପାଦକ ମୁକୁନ୍ଦଦେବ ମହାନ୍ତି, ଯୁବନେତା ପ୍ରଦୀପ ଦାସ ପ୍ରମୁଖ ଯୋଗଦେଇଥିଲେ। ଚନ୍ଦନେଶ୍ୱର ମଣ୍ଡଳ ସଭାପତି ଲକ୍ଷ୍ମୀଧର ପତି ସଭା ସଞ୍ଚାଳନ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଭାଜପା କର୍ମୀ ଉପସ୍ଥତଥିଲେ। ସଭାସ୍ଥଳରେ ଅତିଥିମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

# ଚାନ୍ଦି ଅଳଙ୍କାର ସାଙ୍ଗକୁ ମୂର୍ତ୍ତି, ମେଢ଼ ଆକର୍ଷିତ କରିବ

## ଥାନପତି ମହାଦେବ କ୍ଲବ

ଜଗତ୍‌ସିଂହପୁର, ୩।୧୦
(ପ୍ରମୋଦ କୁମାର ନାୟକ)



ଦୁର୍ଗାପୂଜା ପାଖେଇ ଆସିଲାଣି। ଏନେଇ ସାରା ଜଗତ୍‌ସିଂହପୁର ଜିଲାରେ ପାର୍ବଣର ମାହୋଲ ଆରମ୍ଭ ହୋଇଛି। କିନ୍ତୁ ଅନିୟମିତ ବର୍ଷା କେତେକାଂଶରେ ପ୍ରଭାବିତ କରୁଛି। ଦୁର୍ଗାପୂଜା ସମୟରେ ଅଧିକ ବର୍ଷାର ସମ୍ଭାବନା ଥିବାରୁ ପୂଜା କମିଟି ଓ କ୍ଲବଗୁଡ଼ିକ କେତେକାଂଶରେ ଚିନ୍ତାରେ ଅଛନ୍ତି। ତଥାପି ସମ୍ଭାବ୍ୟ ପରିସ୍ଥିତିରୁ ପ୍ରତିହତ କରିବା ପାଇଁ ଲକ୍ଷ୍ୟ ରଖି ବିଗତ ବର୍ଷଗୁଡ଼ିକଠାରୁ ଅଧିକ ଆକର୍ଷଣୀୟ ମୂର୍ତ୍ତି ଓ ମେଢ଼ ଆଦି କରିବା ପାଇଁ ଯୋଜନା ରଖିଛନ୍ତି। ପ୍ରତିବର୍ଷ ପରି ଚଳିତବର୍ଷ ୨୩ଟି ଅନୁଷ୍ଠାନ ପକ୍ଷରୁ ଅଳକା ନଦୀର ବିଭିନ୍ନ ସ୍ଥାନରୁ ମାଟି ଉଠିଲା ପରେ ମୂର୍ତ୍ତି ତିଆରି କାମ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ସେଥିରୁ ସାନବଜାରସ୍ଥିତ ଥାନପତି ମହାଦେବ କ୍ଲବ ଅନ୍ୟତମ। ଏହି କ୍ଲବ ପକ୍ଷରୁ ଦୀର୍ଘ ୬୧ ବର୍ଷ ଧରି ସମାନ ପ୍ରକାର ହର-ପାର୍ବତୀ ମୂର୍ତ୍ତି ତିଆରି କରାଯାଉଛି। ଚଳିତବର୍ଷ ଅନୁରୂପ ଭାବେ ମୂର୍ତ୍ତି କାମ ଚାଲିଛି। ଏଠାକାର ନିଖୁଣ ମୂର୍ତ୍ତି ଶ୍ରଦ୍ଧାଳୁଙ୍କୁ କିଛି ସମୟ ଅଟକିଯିବାକୁ ବାଧ କରେ। କେବଳ ଏତିକି ନୁହେଁ ଚାନ୍ଦିରେ ତିଆରି ଅଳଙ୍କାର ସାଙ୍ଗକୁ ମେଢ ଓ ସାଜସଜ୍ଜା ମଧ୍ୟ ବେଶ୍ ମନୋରମ। ସବୁଠାରୁ ବଡ଼ କଥା ହେଲା ରୀତିନୀତି ଅନୁଯାୟୀ ନିଷ୍ଠାର ସହ ପୂଜା ଶ୍ରଦ୍ଧାଳୁଙ୍କୁ ବାନ୍ଧି ରଖିବାରେ ସହଯୋଗ କରିଥାଏ।

ଏ ସମ୍ପର୍କରେ ଥାନପତି କ୍ଲବ ପକ୍ଷରୁ କୁହାଯାଇଛି, ବିଗତ ବର୍ଷଗୁଡ଼ିକ ପରି ଚଳିତବର୍ଷ ମଧ୍ୟ ଆନନ୍ଦ ଉଲ୍ଲାସର ସହ ୫ ଦିନ ଧରି ପୂଜା ହେବ। ସାନବଜାର ମୁଖ୍ୟ ରାସ୍ତା ଚଉଡା ସାଙ୍ଗକୁ ତୋରଣ ବଜାରର ସୌନ୍ଦର୍ଯ୍ୟ ବୃଦ୍ଧି କରିବ। ଡିଜେ ଉପରେ ଅଙ୍କୁଶ ଲଗାଯାଇଥିଲେ ସୁଦ୍ଧା ପାରମ୍ପରିକ ପୂଜା, ପାଠର ଧ୍ୱନି ସମ୍ପୂର୍ଣ୍ଣ ପରିବେଶକୁ ମନ୍ତ୍ରମୁଗ୍ଧ କରିଦେବ। ଏହାବ୍ୟତୀତ ପ୍ରତିବର୍ଷ ପରି ଏବର୍ଷ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆରେ ମେଲଣ ଅନୁଷ୍ଠିତ ହେବ। ଏହି ମେଲଣ ଦେଖିବା ପାଇଁ ଜଗତ୍‌ସିଂହପୁର ସହର ସମେତ ଅନ୍ୟ ଅଞ୍ଚଳରୁ ଲୋକଙ୍କ ଭିଡ଼ ଜମିବ। କାରଣ ସହରର ସମସ୍ତ ମେଢ ଗୋଟିଏ ସ୍ଥାନରେ ଏକତ୍ରିତ ହେବେ। ଆଉ ଏସବୁ ମେଢ ଆଗମନ ସମୟରେ ବାଦ୍ୟରୋଳ, ଆତସବାଜି, ଘଣ୍ଟ, ଘଣ୍ଟା ସାଙ୍ଗକୁ ଭିନ୍ନ ଭିନ୍ନ ପ୍ରକାର ନାଚକୁଦରେ ସାରା ସହର ଉତ୍ସବମୁଖର ହୋଇପଡ଼ିବ। ବିଗତ ବର୍ଷଗୁଡିକ କଥା ଦେଖିଲେ ଜଣାଯାଏ, ଏଭଳି ଦୃଶ୍ୟ ନିଆରା ପରିବେଶ ସୃଷ୍ଟି କରିଥାଏ। ଥାନପତି ପ୍ରଥମେ ମେଲଣ ପଡିଆରେ ପ୍ରବେଶ ସହ ଆସନ ଅଳଙ୍କୃତ କରିଥାନ୍ତି। ତା'ପରେ ଅନ୍ୟ ମେଢ଼ଗୁଡ଼ିକ ଶୋଭାଯାତ୍ରାରେ ଆସି ଗୋଟିଏ ପରେ ଗୋଟିଏ ପହଞ୍ଚିଥାନ୍ତି। ମେଲଣ ସମୟରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆ ଲୋକାରଣ୍ୟ ହୋଇପଡ଼େ। ମେଲଣ ପରେ ଅର୍ଥାତ୍ ବିସର୍ଜନ ଲାଗି ମେଢ଼ଗୁଡ଼ିକ ଗଲାବେଳେ ଶୋଭାଯାତ୍ରାରେ ଯାଇଥାନ୍ତି। କିନ୍ତୁ ଥାନପତି ଶେଷରେ ମେଲଣ ପଡ଼ିଆ ଛାଡିଥାନ୍ତି। ଏସବୁ କିପରି ଶାନ୍ତି ଓ ଶୃଙ୍ଖଳାର ସହ ହେବ ସେନେଇ ପୋଲିସ, ପ୍ରଶାସନ ସମେତ ଅନ୍ୟ କ୍ଲବର ସଦସ୍ୟମାନେ ଦାୟିତ୍ୱ ନିଭାଇଥାନ୍ତି। କିନ୍ତୁ ଥାନପତି ମହାଦେବ କ୍ଲବର ଗୁରୁ ଦାୟିତ୍ୱ ଥାଏ। ଦୀର୍ଘ ବର୍ଷ ଧରି ଏହି ପୂଜା ଅନୁଷ୍ଠାନର ଉନ୍ନତି ପାଇଁ ସ୍ଥାନୀୟ ବ୍ୟବସାୟୀମାନେ ସଦାସର୍ବଦା ସହଯୋଗର ହାତ ବଢ଼ାଇ ଚାଲିଛନ୍ତି ବୋଲି କୁହାଯାଇଛି।



"ଜଗତ୍‌ସିଂହପୁର ସହରର ସର୍ବପଥମ ଦୁର୍ଗାପୂଜା ଅନୁଷ୍ଠାନ ହେଉଛି ଥାନପତି ମହାଦେବ କ୍ଲବ ପକ୍ଷରୁ ୧୯୬୩ ମସିହାରୁ ନିରବଚ୍ଛିନ୍ନ ଭାବେ ଦୁର୍ଗାପୂଜା ହୋଇଆସୁଛି। ସେବେଠାରୁ ପବିତ୍ର ଦୁର୍ଗାପୂଜାରେ ହର-ପାର୍ବତୀ ପୂଜା ହୋଇଆସୁଛନ୍ତି। ପରବର୍ତ୍ତୀ ସମୟରେ ବସଷ୍ଟାଣ୍ଡ ପାର୍ଶ୍ୱରେ ମା'ପୂର୍ଣ୍ଣମାସୀ ପୂଜା କମିଟି ତରଫରୁ ଦୁର୍ଗା ମୂର୍ତ୍ତି କରାଯାଉଛି। ଦୁଇଟି ସ୍ଥାନରେ ପୃଥକ୍ ଭାବେ ହର-ପାର୍ବତୀ ଏବଂ ମା'ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଉଥିଲେ ସୁଦ୍ଧା କମିଟି କିନ୍ତୁ ଗୋଟିଏ। ମା'ଙ୍କ ଆଶୀର୍ବାଦରୁ ବିଗତ ବର୍ଷଗୁଡ଼ିକରେ ସେଭଳି କିଛି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନାହିଁ। ଚଳିତ ବର୍ଷ ମଧ ସେଭଳି ହେବନାହିଁ ବୋଲି ଆଶା। ଏନେଇ ଆମେ ବିଶେଷ ଦାୟିତ୍ୱବାନ ହେବୁ। ସହରର ପାଖାପାଖି ଶତାଧିକ ବ୍ୟବସାୟୀଙ୍କ ସହଯୋଗରେ ନିରବଚ୍ଛିନ୍ନ ଭାବରେ ପୂଜା କରାଯାଇପାରୁଛି। ଏନେଇ କମିଟିର କର୍ମକର୍ତ୍ତା, ବ୍ୟବସାୟୀ ଭାଇମାନେ ଏବଂ ସାଧାରଣ ଜନତାଙ୍କ ସହଯୋଗ ଗୁରୁତ୍ୱପୂର୍ଣ୍ଣ।

- ସତ୍ୟବ୍ରତ ମହାପାତ୍ର, ସଭାପତି, ଥାନପତି ମହାଦେବ କ୍ଲବ



"ଚଳିତବର୍ଷ କିପରି ପୂଜା ଅଧିକ ଲୋକାଭିମୁଖୀ ଓ ଆକର୍ଷଣୀୟ ହୋଇପାରିବ ସେନେଇ ଉଦ୍ୟମ ଚାଲିଛି। ଯେହେତୁ ପ୍ରତିବର୍ଷ ପରି ଚଳିତବର୍ଷ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଆଗମନ ହେବାର ଅଛି, ତେଣୁ ଏଥର ଶୃଙ୍ଖଳା ରକ୍ଷା ଉପରେ ଧାନ ଦିଆଯିବ। କୌଣସି ଲୋକ ଯେପରି ଦର୍ଶନରୁ ବଞ୍ଚିତ ନ ହେବେ ସେଥିପ୍ରତି ଧାନ ଦିଆଯିବ। ଭସାଣି ଉତ୍ସବରେ କ୍ଲବର ସଦସ୍ୟମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବାରୁ ପ୍ରତ୍ୟେକ ମିଳିମିଶି ଏହି କାମ ସମ୍ପନ୍ନ କରିବୁ। ମୋଟାମୋଟି ଭାବେ ଚଳିତବର୍ଷ ଦଶହରାରେ ଗତବର୍ଷ ପରି ଭକ୍ତିମୟ ପରିବେଶ ସୃଷ୍ଟି ହେବ।

-ଗୌରପ୍ରସାଦ ମହାନ୍ତି, ସମ୍ପାଦକ, ଥାନପତି ମହାଦେବ କ୍ଲବ



"ପ୍ରତିବର୍ଷ ପୂଜା, ପାଠ ଉପରେ ଆମେ ଗୁରୁତ୍ୱ ଦେଇଥାଉ। ଏଥିରେ ଯେପରି କୌଣସି ପ୍ରକାର ବ୍ୟତିକ୍ରମ ନ ହେବ ସେନେଇ କ୍ଲବର ସମସ୍ତ ସଦସ୍ୟ ନିଷ୍ଠାର ସହ ଲାଗିଥାନ୍ତି। ଭୋଗ ବହୁତ ଭଲ ହୁଏ। ଏହି ଭୋଗ କ୍ଲବର ସମସ୍ତ ସଦସ୍ୟଙ୍କୁ ଦିଆଯାଇଥାଏ। ଦଶମୀ ଦିନ ପ୍ରସାଦ ସେବନ ଓ ଦଶହରା ପରେ ହଳଦୀ ଭାତର ଆୟୋଜନ ହୁଏ। ଏହା ଚଳିତ ବର୍ଷ ମଧ ହେବ।

-ଶ୍ରୀକାନ୍ତ ଚୌଧୁରୀ, ଉପସଭାପତି, ଥାନପତି ମହାଦେବ କ୍ଲବ

# ମା' ସିଦ୍ଧିଦାତ୍ରୀଙ୍କ ଶୈଳପୁତ୍ରୀ ବେଶ

ନାଉଗାଁ,୩।୧୦ (ସୁଧା ବେହୁରା)



ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ସରାପ୍ୟୋସ୍ଥିତ ମା'ସିଦ୍ଧିଦାତ୍ରୀଙ୍କ ଷୋଡଶ ଦିନାତ୍ମକ ଶାରଦୀୟ ଦୁର୍ଗାପୂଜାର ନବମ ତଥା ନବରାତ୍ରର ପ୍ରଥମ ଦିବସରେ ମା'ଙ୍କୁ ଶୈଳପୁତ୍ରୀ ବେଶରେ ସୁସଜ୍ଜିତ କରାଯାଇଥିଲା। ଉକ୍ତ ବେଶକୁ ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଗୋକୁଳାନନ୍ଦ ସରସ୍ୱତୀଙ୍କ ତତ୍ତ୍ୱାବଧାନରେ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଆଶ୍ରମର ସମ୍ପାଦକ ଅକ୍ଷୟ କୁମାର ମିଶ୍ରଙ୍କ ସମେତ ଆଶ୍ରମବାସୀ ପରିଚାଳନା କରିଥିଲେ।

# ଦାୟିତ୍ୱ ନେଲେ ନୂଆ ଏସ୍‌ପି

ଜଗତ୍‌ସିଂହପୁର, ୩।୧୦
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା



ଭବାନୀଶଙ୍କର ଉଦ୍‌ଗାତା

ଜଗତ୍‌ସିଂହପୁର ଏସ୍‌ପି ଭାବେ ଭବାନୀଶଙ୍କର ଉଦ୍‌ଗାତା ଗୁରୁବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ ବର୍ତ୍ତମାନ ଏସ୍‌ପି ଥିବା ରାହୁଲ ପିଆର୍‌ଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ଢେଙ୍କାନାଳରେ କାର୍ଯ୍ୟରତ ଥିଲେ। ଦାୟିତ୍ୱ ନେଲା ପରେ ନୂଆ ଏସ୍‌ପି ଧରିତ୍ରୀକୁ ସ୍ୱତନ୍ତ୍ର ଭାବେ କହିଛନ୍ତି, ସେ ପବ୍ଲିକ ଫ୍ରେଣ୍ଡଲି ପୋଲିସକୁ ପ୍ରାଥମିକତା ଦେବେ। ପ୍ରତ୍ୟେକଙ୍କୁ ଉତ୍ତମ ବ୍ୟବହାର ଗୁରୁତ୍ୱପୂର୍ଣ୍ଣ। ଏଥିପ୍ରତି ପ୍ରତ୍ୟେକେ ଯେପରି ଯତ୍ନବାନ ହେବେ ସେଥିପ୍ରତି ଦୃଷ୍ଟି ଦିଆଯିବ। ଏଥିସହ ଆଇନଶୃଙ୍ଖଳା ଓ ଅନ୍ୟ ଦିଗ ଉପରେ ଧାନ ଦିଆଯିବ। ବ୍ରାଉନ୍‌ସୁଗାର, ଗଞ୍ଜେଇ, ମଦ ଆଦି ନିଶା ଚୋରା କାରବାର ଓ ବାଲି ଚୋରା ଚାଲାଣ ଉପରେ ଅଙ୍କୁଶ ଲଗାଯିବା ପାଇଁ ପଦକ୍ଷେପ ନିଆଯିବ। ପାଟ୍ରୋଲିଂକୁ ଜୋରଦାର କରାଯିବ। ମୋଟାମୋଟି ଭାବେ ପୋଲିସ ଉପରେ ଲୋକଙ୍କ ଆସ୍ଥା ବୃଦ୍ଧି ପାଇଁ ସମସ୍ତ ଚେଷ୍ଟା ଜାରି ରହିବ ବୋଲି ଏସ୍‌ପି ଉଦ୍‌ଗାତା କହିଛନ୍ତି।

# ହାଇୱା ଧକ୍କାରେ ସ୍ୱାସ୍ଥ୍ୟକର୍ମୀ ଗୁରୁତର

ପାରାଦୀପ,୩।୧୦(ଶରତ ରାଉତ)

ପାରାଦୀପ ଚଣ୍ଡିଖୋଲ ୫୩ ନଂ. ଜାତୀୟ ରାଜପଥର ଲକ୍‌ଥାନା ଅନ୍ତର୍ଗତ ଗୋଆ କାର୍ବନ ଦୋଛକିରେ ଗୁରୁବାର ଏକ ଦୁର୍ଘଟଣା ଘଟିଛି। ଏକ ବାଲି ବୋଝେଇ ହାଇୱା ଧକ୍କାରେ ଜଣେ ସ୍ୱାସ୍ଥ୍ୟ କର୍ମଚାରୀ ଗୁରୁତର ହୋଇଛନ୍ତି। ସେ ହେଲେ କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅନ୍ତର୍ଗତ ହଳଦିଆ ଗ୍ରାମର ପ୍ରଭାତ କୁମାର ମଲ୍ଲ। ଗୁରୁବାର ସକାଳେ ଏକ ହାଇୱା (ଓଡି ୦୪-ଏସ-୯୭୨୭)ପାରାଦୀପ ଅଭିମୁଖେ ଆସୁଥିଲା। ଏହି ହାଇୱା ଆଗରେ ପ୍ରଭାତ ମଧ ବାଇକ୍ ଯୋଗେ ପାରାଦୀପ ଆସୁଥିଲେ। ଦୋଛକି ଗୋଆ କାର୍ବନ ରାସ୍ତା ମଧ୍ୟରେ ହାଇୱାଟି ତାଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ପ୍ରଭାତ ଗୁରୁତର ହୋଇଥିଲେ। ଖବରପାଇ ଲକ୍ ଥାନା ପୋଲିସ ତାଙ୍କୁ ଉଦ୍ଧାର କରି ପ୍ରଥମେ ବିଜୁ ମେମୋରିଆଲ ହସ୍ପିଟାଲ ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଛି। ପ୍ରଭାତ ପାରାଦୀପସ୍ଥିତ ଇଏସ୍‌ଆଇ ହସ୍ପିଟାଲ କର୍ମଚାରୀ ବୋଲି ଜଣାପଡ଼ିଛି। ଲକଥାନା ପୋଲିସ ଉକ୍ତ ହାଇୱା ଓ ବାଇକକୁ ଜବତ କରିଛି। ରିପୋର୍ଟ ଲେଖା ହେବା ସୁଦ୍ଧା କୌଣସି ମାମଲା ରୁଜୁ ହୋଇ ନ ଥିଲା।

# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

ପଟ୍ଟାମୁଣ୍ଡାଇ, ୩।୧୦(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ମଣ୍ଡପଡ଼ାଠାରେ ବାଲିପାଟଣା ନୋଡାଲ ହାଇସ୍କୁଲ କ୍ଲଷ୍ଟର ପକ୍ଷରୁ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ମଣ୍ଡପଡ଼ା-ବାଛରା ନୋଡାଲ ଉପ୍ରା ବିଦ୍ୟାଳୟଠାରେ ସିଆର୍‌ସିସି ନମିତା ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଏବିଇଓ ପ୍ରେମବାଳା ମହାପାତ୍ର ମୁଖ୍ୟଅତିଥି, ଏବିଇଓ ସୁନୀତି ଦାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିଶୁଙ୍କ ଅନ୍ତର୍ନିହିତ ପ୍ରତିଭା ବିକାଶ ପାଇଁ ଶିଶୁ ମହୋତ୍ସବ ସୁରଭି ଏକ ସଫଳ ପ୍ରୟାସ ବୋଲି ମତପ୍ରକାଶ କରିଥିଲେ। ସହକାରୀ ଶିକ୍ଷକ ଦିବାକର ଦାସ ସ୍ୱାଗତ ଭାଷଣ ଓ ସହକାରୀ ଶିକ୍ଷକ ଗୋଲକ ବିହାରୀ ଭୂୟାଁ ଅତିଥିପରିଚୟ ପ୍ରଦାନ କରିଥିଲେ। ଖଡ଼ିପାଳ ନୋଡାଲ ଉପ୍ରା ସ୍କୁଲ ପ୍ରଧାନ ଶିକ୍ଷକ ମନୋଜ ମୁଦୁଲି ଧନ୍ୟବାଦ ଦେଇଥିଲେ। ସିଆର୍‌ସିସି ନମିତା ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ବିଆର୍‌ସିସି ଚନ୍ଦ୍ରଶେଖର ତ୍ରିପାଠୀ ମୁଖ୍ୟଅତିଥି, ସିଆର୍‌ସିସି ମଳୟ ଜେନା ମୁଖ୍ୟବକ୍ତା, ସରପଞ୍ଚ ରଞ୍ଜିତା ସାହୁ, ସାମାଜିକ କର୍ମୀ ବରାହ ଚରଣ ସାମଲ, ମଣ୍ଡପଡ଼ା ଭଜନେଶ୍ୱର ହାଇସ୍କୁଲ ପ୍ରଧାନ ଶିକ୍ଷକ ଅନନ୍ତ କିଶୋର ବେହେରା, ମଣ୍ଡପଡ଼ା-ବାଛରା ନୋଡାଲ ଉପ୍ରା ସ୍କୁଲ ପ୍ରଧାନ ଶିକ୍ଷକ ଅମରେନ୍ଦ୍ର ଜେନା, ସ୍କୁଲ ପରିଚାଳନା କମିଟି ସଭାପତି ମୋହନ ଶେଖର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେମାନେ ଶିଶୁ ପ୍ରତିଭା ବିକାଶ ପାଇଁ ସରକାରଙ୍କ ଏହି ପଦକ୍ଷେପର ପ୍ରଶଂସା କରିଥିଲେ। ସହକାରୀ ଶିକ୍ଷକ ରଜନୀକାନ୍ତ ଦାଶ ସ୍ୱାଗତ ଭାଷଣ ଓ ଅନୁସୂୟା ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ସଙ୍ଗୀତା ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# ବ୍ଲକସ୍ତରୀୟ ଭୀମ ଭୋଇ ସାମର୍ଥ୍ୟ ଶିବିର: ୮୯୧ ଦିବ୍ୟାଙ୍ଗ ପଞ୍ଜୀକୃତ

ବାଲିକୁଦା,୩।୧୦(ତାପସ ସ୍ୱାଇଁ)

ବାଲିକୁଦା ବ୍ଲକ ଅନ୍ତର୍ଗତ ଆମ୍ବଶାଳ ହାଇସ୍କୁଲ ପଡ଼ିଆରେ ଭୀମ ଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୮୯୧ ଜଣ ଭିନ୍ନକ୍ଷମ ନିଜର ନାମ ପଞ୍ଜୀକରଣ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରକୁ ବ୍ଲକ ଅଧ୍ୟକ୍ଷ ପ୍ରକାଶ ପ୍ରଧାନ ଉଦ୍‌ଘାଟନ କରିଥିଲେ। ବିଡିଓ ବିକାଶ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଏକ ସଚେତନତା ସଭା ଆୟୋଜନ କରାଯାଇଥିଲା। ସଭାରେ ଉପାଧ୍ୟକ୍ଷା ପ୍ରିୟମ୍ବଦା ପଲାଉର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁନୀଲ ନାୟକ, ଏବିଡିଓ ସଞ୍ଜୟ ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ ଦୀପ୍ତିରେଖା ମଲ୍ଲିକ, ବ୍ଲକ ସାମାଜିକ ସୁରକ୍ଷାଧିକାରୀ ଶ୍ରୀନିବାସ ବେହେରା, ସ୍ଥାନୀୟ ସରପଞ୍ଚ ଆଲୋକ ସ୍ୱାଇଁ, ସମାଜ ମଙ୍ଗଳ ଅଧିକାରୀ ଦୀପକ ଓଝା, ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ରୋଜାଲିନ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। କୋଷାଧ୍ୟକ୍ଷ ଆଶୁତୋଷ ସ୍ୱାଇଁ, ଏସ୍‌ଓ ଜଗନ୍ନାଥ ଜେନା, ପି.ଏ କାର୍ତ୍ତିକ ବିଶ୍ୱାଳ, ଡିଇଓ ସୁବାସ ଦାଶ, ଏଫ୍‌ଓ ରାହିଲ ଖାଁଙ୍କ ସମେତ ପଞ୍ଚାୟତ ସମିତିର ସମସ୍ତ କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।



ଶିବିରରେ ଯୋଗଦେଇଥିବା ଭିନ୍ନକ୍ଷମମାନେ।

# ୬ ସୁଦ୍ଧା ରାସ୍ତା ମରାମତି, ଗଛଡାଳ କାଟ



ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ବିଭିନ୍ନ ପୂଜାକମିଟି ସଦସ୍ୟ।

## ଦୁର୍ଗାପୂଜା ଉପଲକ୍ଷେ ଶାନ୍ତି କମିଟି ବୈଠକ

ଜଗତ୍‌ସିଂହପୁର, ୩।୧୦
(ପ୍ରମୋଦ କୁମାର ନାୟକ)

ଦୁର୍ଗାପୂଜା ନେଇ ଗୁରୁବାର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ ପୌରୋହିତ୍ୟ କରି ଜଗତ୍‌ସିଂହପୁର ସହରରେ ଚଳିତ ଦୁର୍ଗାପୂଜା, ରାବଣ ପୋଡ଼ି ଓ ଭସାଣି ଉତ୍ସବ କିପରି ଶାନ୍ତି ଓ ଶୃଙ୍ଖଳାର ସହ ସମ୍ପନ୍ନ ହେବ ସେନେଇ ପ୍ରତ୍ୟେକଙ୍କ ସହଯୋଗ କାମନା କରିଥିଲେ। ଏହି ଅବସରରେ ଉପଜିଲାପାଳ କହିଥିଲେ, ଗାଲୁପଡ଼ାଠାରୁ ପୋଷ୍ଟ ଅଫିସ ଛକ, କଲେଜ ଛକରୁ ଚାଟରା ପୋଲ, ଜୀରାଠାରୁ ଟର୍ଚ୍ଚିକା ବଜାର, କୋର୍ଟ ଛକରୁ ଓହଳ, ସାଥୀ ଭଉଣୀ ମେଢ଼ଠାରୁ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ (ଜୟବଡ଼), ବଙ୍ଗଳା ଛକରୁ ପୁରୋହିତପୁର, ଜଗତ୍‌ସିଂହପୁର ପୌର ପରିଷଦ କାର୍ଯ୍ୟାଳୟ ନିକଟରେ ଥିବା ଟ୍ରାଫିକ ପଏଣ୍ଟ, ଗାନ୍ଧୀ ଛକଠାରୁ ସର୍କିଟ ହାଉସ ପର୍ଯ୍ୟନ୍ତ ରାସ୍ତା ମରାମତି କାମ ଆସନ୍ତା ୬ ତାରିଖ ସୁଦ୍ଧା ଶେଷ କରିବାକୁ ପଡ଼ିବ। ରାସ୍ତା ଉପରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ଗଛଗୁଡ଼ିକର ଡାଳ କାଟିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଖରାପ ଥିବା ସିସିଟିଭି ଓ ଷ୍ଟ୍ରିଟ ଲାଇଟ୍ ମରାମତି କରିବା ଆବଶ୍ୟକ। ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ମେଢ଼ଗୁଡିକ ନିକଟରେ ପୋଲିସ ମୁତୟନ ରହିବେ। ଦୁର୍ଗାପୂଜା ସମୟରେ ଡିଜେ ବାଜିବା ଉପରେ ଅଙ୍କୁଶ ଲଗାଯାଇଛି। ଅସ୍ଥାୟୀ ପୋଖରୀ ଖନନ ସାଙ୍ଗକୁ ଦୁର୍ଗାପୂଜା ସମୟରେ ଭାରିଯାନ ଚଳାଚଳ ଉପରେ କଟକଣା ଲଗାଯିବ। ପ୍ରତି ମେଢ଼ ନିକଟରେ ସମ୍ପୃକ୍ତ କମିଟି ତରଫରୁ ସ୍ୱେଚ୍ଛାସେବୀ ନିୟୋଜିତ ହେବେ। ଆବଶ୍ୟକସ୍ଥଳେ ସିସିଟିଭି ଲଗାଇବା ଉଚିତ। ଭସାଣି ଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ସମାପନ ପାଇଁ ସେଦିନ ମେଢ଼ଗୁଡ଼ିକୁ କ୍ରମାନ୍ୱୟରେ ବସିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବିଶେଷକରି ରାତ୍ର ୧୦ଟା ସୁଦ୍ଧା ମୂର୍ତ୍ତି ବିସର୍ଜନ କରିବା ଉପରେ ଆଲୋଚନା ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଶାନ୍ତି କମିଟି ସଦସ୍ୟ ସତ୍ୟବ୍ରତ ମହାପାତ୍ର, ବିନାୟକ ପଟ୍ଟନାୟକ, ଶ୍ରୀକାନ୍ତ ଚୌଧୁରୀ, ରତ୍ନାକର ବିଶ୍ୱାଳ, ଲାଲା ବିକ୍ରମ କେଶରୀ ରାୟ, ରଶ୍ମିକାନ୍ତ ସାହୁ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ, ଅତିରିକ୍ତ ତହସିଲଦାର, ଜିଲା ସଂସ୍କୃତି ଅଧିକାରୀ, ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଲୋଚନା ସମୟରେ ଜଗତ୍‌ସିଂହପୁର ଆରକ୍ଷୀ ନିରୀକ୍ଷକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମଧ ଉପସ୍ଥିତ ଥିଲେ।

# କେସିସିଏଲ ପକ୍ଷରୁ ଅସହାୟ ପରିବାରକୁ ସହାୟତା

ଡେରାବିଶ ୩।୧୦
(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ନରସିଂହପୁର ଗାଁରେ ସେପ୍ଟେମ୍ବର ୨୬ରେ ବୃଦ୍ଧା ମା' ନଖି ବେହେରାଙ୍କ ମୃତ୍ୟୁର ୭ମ ଦିନରେ ଏକମାତ୍ର ପୁଅ ଅରୁଣ(୪୧)ଙ୍କ ବିଷାକ୍ତ ସାପ କାମୁଡ଼ାରେ ଅକାଳ ମୃତ୍ୟୁ ହୋଇଥିଲା। ଏଥିଯୋଗୁ ଗରିବ ମୃତକ ଅରୁଣଙ୍କ ପରିବାର ଅନାଥ ଓ ଅସହାୟ ହୋଇ ପଡ଼ିଥିଲେ। ଉକ୍ତ ଅସହାୟ ପରିବାର ପ୍ରତିପୋଷଣ ପାଇଁ ନାହିଁ ନ ଥିବା ଅସୁବିଧା ଭୋଗୁଥିବା ଖବରପାଇ କେନ୍ଦ୍ରାପଡ଼ା କ୍ରେଡିଟ୍ କୋ-ଅପରେଟିଭ୍ ସୋସାଇଟି ଲିଃ (କେସିସିଏଲ) ପକ୍ଷରୁ ସହାୟତାର ହାତ ବଢ଼ାଯାଇଛି। ଗୁରୁବାର କେସିସିଏଲର ସଭାପତି ପ୍ରମୋଦ କୁମାର ସାହୁ ନରସିଂହପୁର ଗାଁର ଉକ୍ତ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହ ମୃତ ଅରୁଣଙ୍କ ସ୍ତ୍ରୀ କବିତା ବେହେରାଙ୍କୁ ୧୦ହଜାର ଟଙ୍କାର ଆର୍ଥିକ ସହାୟତା ରାଶି ପ୍ରଦାନ କରିଥିଲେ। ତେବେ ମୃତ ଅରୁଣଙ୍କ କଲେଜରେ ଅଧ୍ୟୟନରତ ଝିଅ ଓ ନବମ ଶ୍ରେଣୀରେ ପଢୁଥିବା ପୁଅଙ୍କୁ ଧରି ବିଧବା କବିତା ଉକ୍ତ ପରିବାର ଚଳିବାକୁ ଅସମର୍ଥ ଥିବା ଅନୁଭବ କରି ସାହୁ ଏହି ଅସହାୟ ପରିବାରଙ୍କ ପାଇଁ ଜ୍ଞାନଦେବୀ ଗୁଜୁରାଣ ସହାୟତା ପାଣ୍ଠିରୁ ପ୍ରତ୍ୟେକ ମାସରେ ୧ ହଜାର ଟଙ୍କା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

ନରସିଂହପୁର ଗାଁରେ କୁଶ ବେହେରାଙ୍କ ପୂର୍ବରୁ ମୃତ୍ୟୁ ଘଟିଥିବା ବେଳେ ସ୍ତ୍ରୀ ନଖୀଙ୍କ ମୃତ୍ୟୁର ୭ମ ଦିନରେ ପୁତ୍ର ଅରୁଣ (୪୧) ରାତିରେ ଶୋଇଥିବା ବେଳେ ଏକ ବିଷାକ୍ତ ସାପ ତାଙ୍କ ଅଣ୍ଟାକୁ କାମୁଡ଼ି ଦେଇଥିଲା। ପରିବାର ପକ୍ଷରୁ ଗୁରୁତର ଅରୁଣଙ୍କୁ ପ୍ରଥମେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ନିଆଯାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ ଅରୁଣ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିବାବେଳେ ସ୍ତ୍ରୀ କବିତା, ୧୬ବର୍ଷର ଝିଅ ପୂଜା ଓ ୧୩ ବର୍ଷର ପୁଅ ଚନ୍ଦନ ହତବାକ୍ ହୋଇପଡିଥିଲେ। ଗ୍ରାମବାସୀଙ୍କ ସହାୟତାରେ ଅନ୍ତେଷ୍ଟିକ୍ରିୟା ସମ୍ପର୍ଣ୍ଣ ହୋଇଥିଲା। ସହାୟତା ପ୍ରଦାନ କାର୍ଯ୍ୟକ୍ରମ ସମୟରେ କୋ-ଅପରେଟିଭ୍ ସୋସାଇଟିର ମୁଖ୍ୟଶାଖା ପରିଚାଳକ ପଙ୍କଜ ମଲିକ, ଦୈନିକ ଜମା ସଂଗ୍ରହକାରୀ ରାଜକିଶୋର କର, ସ୍ଥାନୀୟ ୱାର୍ଡ଼ ସଭ୍ୟା ରଶ୍ମିରେଖା ବେହେରା, ୱାର୍ଡ ସଭ୍ୟ ଧନେଶ୍ୱର ରାଉତ, ନିମାଇଁ ବେହେରା, ଶରତ କୁମାର ବାରିକ, କୁଞ୍ଜ ବିହାରୀ ରାଉତ, ସୁରେନ୍ଦ୍ର ବେହେରା, ଅନନ୍ତ ଚରଣ ପ୍ରଧାନ, ବିଜୟ କୁମାର ନାୟକ ଓ ରାମଚନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# କେନାଲ ବନ୍ଧ ରାସ୍ତା ଶୋଚନୀୟ

ରଘୁନାଥପୁର,୩।୧୦
(ରାଜେନ୍ଦ୍ର ନାରାୟଣ ସିଂହ)



- ପାଦରେ ଚାଲିଯିବା କଷ୍ଟକର
- ୨୫ ପରିବାର ଭୋଗୁଛନ୍ତି ଦୁର୍ଦ୍ଦଶା
- ଦୀର୍ଘ ବର୍ଷ ହେବ ମୋରମ ପଡ଼ିନାହିଁ

ରଘୁନାଥପୁର ବ୍ଲକ ଏରଡ଼ଙ୍ଗା ପଞ୍ଚାୟତ ୧୭ ନଂ. ୱାର୍ଡ ନାଲିବରଠାରୁ ହନୁମାନ ମନ୍ଦିର ପର୍ଯ୍ୟନ୍ତ ୧୧ ନଂ. କେନାଲ ବନ୍ଧ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତାରେ ବାଇକ୍ ତ ଦୂରର କଥା ଖାଲି ପାଦରେ ଚାଲିକରି ଯିବା ପାଇଁ ମଧ ସ୍ଥାନୀୟ ଅଧିବାସୀଙ୍କ ପାଇଁ କଷ୍ଟକର ହେଉଛି। ଫଳରେ ଏଠାରେ ଥିବା ୨୫ ପରିବାରଙ୍କ ପାଇଁ ଏହା ମୁଖ୍ୟ ସମସ୍ୟା ପାଲଟିଛି। ରାସ୍ତାରେ ଥିବା ବଡ଼ ଗାତରେ ଓ ଖାଲଖମାରେ ବର୍ଷାଦିନେ ପାଣି ଜମି ରହିଛି। ଫଳରେ ଏହା ଯାତାୟାତ ଅନୁପଯୋଗୀ ହୋଇପଡିଛି। ଏହି କେନାଲ ବନ୍ଧ ରାସ୍ତାଟି ମଣିଜଙ୍ଗା ଇରିଗେଶନ ଏସ୍‌ଡିଓଙ୍କ ଅଧୀନରେ ରହିଛି। ସମ୍ପୃକ୍ତ ବିଭାଗର ଦୂରଦୃଷ୍ଟି ଅଭାବରୁ ଦୀର୍ଘ ବର୍ଷ ହେବ ଏଠାରେ ମୋରମ ମଧ ପଡି ନ ଥିବା ଅଭିଯୋଗ ହେଉଛି। ସରକାର ରାସ୍ତାଘାଟର ଉନ୍ନତି ପାଇଁ କୋଟି କୋଟି ଟଙ୍କା ବ୍ୟୟବରାଦ କରୁଥିବାବେଳେ ଉକ୍ତ ରାସ୍ତା ନିର୍ମାଣ ପାଇଁ ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତା ନ ଥିବା ଗ୍ରାମବାସୀ କହିଛନ୍ତି। ତୁରନ୍ତ ଉକ୍ତ ୮୦୦ ମିଟର ରାସ୍ତାର କେନାଲ ପାର୍ଶ୍ୱରେ ଗାର୍ଡୱାଲ ନିର୍ମାଣ ସହ ସମ୍ପୂର୍ଣ୍ଣ ରାସ୍ତାକୁ କଂକ୍ରିଟ କରିବା ପାଇଁ ଖୋକନ ମଣ୍ଡଳ, ପାନସ ଦାସ, ଦଣ୍ଡପାଣି ବେହେରା, ଅନିଲ ପରିଡା, ଗଜି ସେନାପତି, ମାନସୀ ବେହେରା, କାଞ୍ଚନ ମଣ୍ଡଳ, ପ୍ରଭାତୀ ଦାସଙ୍କ ସହ ଗ୍ରାମବାସୀ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ, ଜିଲାପାଳ ଓ ଜଳସମ୍ପଦ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଉକ୍ତ ରାସ୍ତାକୁ ଅନୁଧ୍ୟାନ କରିବା ପରେ ଏଷ୍ଟିମେଟ କରି ଉଚ୍ଚ କର୍ତ୍ତୃପକ୍ଷଙ୍କ ପାଖକୁ ପଠାଯିବ ବୋଲି ଏସ୍‌ଡିଓ ପ୍ରତ୍ୟୁଷ କୁମାର ତରେଇ ପ୍ରକାଶ କରିଛନ୍ତି।

# ବାକି ଟଙ୍କା ମାଗିବାରୁ ବାପ, ପୁଅଙ୍କୁ ଆକ୍ରମଣ

**ଦିଗପହଣ୍ଡି,୩।୧୦(ଅଶେଷ ନାଥ ମିଶ୍ର)**

ଦିଗପହଣ୍ଡି ବ୍ଲକ ବଡ଼ଡୁମୁଳା ଗ୍ରାମର ପ୍ରଦୀପ ପାଣିଗ୍ରାହୀ ଏବଂ ତାଙ୍କ ବାପା ଚୁନା ପାଣିଗ୍ରାହୀଙ୍କୁ ଗ୍ରାମର ନିଳାଞ୍ଚଳ ମହାରଣା ଓରଫ ନିଳା କାତିରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ପ୍ରଦୀପ ଏନେଇ ଗୁରୁବାର ଦିଗପହଣ୍ଡି ଥାନାରେ ଏତଲା ଦେଇଛନ୍ତି। ଏହାକୁ ଭିତ୍ତିକରି ଆଇଆଇସି ପ୍ରଶାନ୍ତ ପାତ୍ର ନଂ.୩୬୭/୨୪ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି। ଅଭିଯୁକ୍ତ ନିଳା ପ୍ରଦୀପଙ୍କ ଦୋକାନରୁ କିଛିଦିନ ତଳେ ଧାରରେ ସଉଦା ନେଇଥିଲେ। ବାରମ୍ବାର ମାଗିବାରୁ ମଧ୍ୟ ସେ ଧାର ଟଙ୍କା ଦେଉ ନ ଥିଲେ। ପ୍ରଦୀପ ତାଙ୍କୁ ପୂର୍ବରୁ ଥିବା ବାକି ଟଙ୍କା ମାଗିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା।

# ଠିକ୍ ସ୍ଥାନରେ କଲ୍ୟାଣ ମଣ୍ଡପ ନିର୍ମାଣ ଦାବି ତେଜିଲା

**ନୂଆଗାଁ,୩।୧୦(ଧନେଶ୍ୱର ସାହୁ)**

**ବିଡିଓଙ୍କୁ ଭେଟି ଅଭିଯୋଗ କଲେ ଗ୍ରାମବାସୀ**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଢେଙ୍କେଣା ପଞ୍ଚାୟତର ଠିକ୍ ସ୍ଥାନରେ କଲ୍ୟାଣ ମଣ୍ଡପ ନିର୍ମାଣ କରିବା ପାଇଁ ଢେଙ୍କେଣା ପଞ୍ଚାୟତବାସୀ ଗୁରୁବାର ବିଡିଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି ।

ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଲୋକମାନଙ୍କ ସୁବିଧା ପାଇଁ ଯୋଜନା ପ୍ରସ୍ତୁତ କରି ସରକାର ଅନୁଦାନ ଦେଉଛନ୍ତି । କିନ୍ତୁ ସ୍ୱାର୍ଥବାଦୀ ଜନ ପ୍ରତିନିଧି , ଲାଭଖୋର ଠିକାଦାରମାନେ ସରକାରୀ କର୍ମଚାରୀମାନଙ୍କୁ ହାତବାରିଶି ସଜେଇ ନିଜକୁ ସୁହାଇଲା ଭଳି କାର୍ଯ୍ୟ କରୁଥିବାରୁ ତାହାର ସୁଫଳ ଜନସାଧାରଣ ପାଇ ପାରୁ ନାହାନ୍ତି । ଅନ୍ୟପକ୍ଷେ ସରକାରଙ୍କ ମହତ ଉଦ୍ଦେଶ୍ୟ ବିଫଳ ହେଉଛି। ଏପରି ଅନେକ ଦୃଷ୍ଟାନ୍ତ ରହିଛି। ଢେଙ୍କେଣା ପଞ୍ଚାୟତବାସୀଙ୍କ ଅନୁରୋଧ କ୍ରମେ ବିବାହ , ବ୍ରତ ଆଦି ଶୁଭକର୍ମ ପାଇଁ ଉକ୍ତ ପଞ୍ଚାୟତରେ ଗୋଟିଏ କଲ୍ୟାଣ ମଣ୍ଡପ ନିର୍ମାଣ କରିବା ନିମନ୍ତେ ୨୦୨୨-୨୩ ଆର୍ଥିକ ବର୍ଷରେ ୫ମ ଏସ୍ଏଫ୍ସି ଯୋଜନାରେ ୧୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ତେବେ ପଞ୍ଚାୟତବାସୀଙ୍କ ଅଭିଯୋଗ ମୁତାବକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ପଞ୍ଚାୟତରେ ଅନେକ ଜାଗା ରହିଥିଲେ ମଧ୍ୟ ଉକ୍ତ କଲ୍ୟାଣମଣ୍ଡପକୁ ଏକ ଅପନ୍ତରିଆ ଜାଗାରେ ନିର୍ମାଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଥିବା ସ୍ଥାନ ଜନ ବସତିଠାରୁ ବହୁ ଦୂରରେ ନିଛାଟିଆ ସ୍ଥାନରେ ହୋଇଥିବା ବେଳେ ସେଠାରେ ନିର୍ମାଣ କରାଗଲେ ତାହା ଲୋକମାନଙ୍କ କାମରେ ଆସିବ ନାହିଁ। ତେଣୁ ସେହି ସ୍ଥାନକୁ ପରିବର୍ତ୍ତନ କରି ଲୋକମାନଙ୍କ ସହ ଆଲୋଚନା କରି ଲୋକମାନେ ବ୍ୟବହାର କରିପାରିଲା ଭଳି ସ୍ଥାନରେ ନିର୍ମାଣ କରାଯାଉ ବୋଲି ପଞ୍ଚାୟତବାସୀ ଦାବି କରିଛନ୍ତି । ଏଥିପାଇଁ ଏକଲିଖିତ ଅଭିଯୋଗ ପତ୍ରରେ ଢେଙ୍କେଣା ପଞ୍ଚାୟତର ଶତାଧିକ ଲୋକଙ୍କ ଦସ୍ତଖତ ରହିଛି । ଗୁରୁବାର ଶତାଧିକ ଲୋକ ବିଡିଓଙ୍କୁ ଭେଟି ଅଭିଯୋଗ ପତ୍ର ଦେଇଛନ୍ତି । ତେବେ ଏ ବାବଦରେ ନୂଆଗାଁ ବିଡିଓ ବାସୁଦେବ ନାୟକଙ୍କୁ ପଚାରିବାରେ ଏ ବାବଦରେ ମୁଁ ସଂପୃକ୍ତ ଯନ୍ତ୍ରୀଙ୍କ ସହ ଆଲୋଚନା କରିବି । ଯେଉଁ ସ୍ଥାନରେ କଲ୍ୟାଣ ମଣ୍ଡପ ନିର୍ମାଣ କଲେ ଲୋକମାନେ ଉପକୃତ ହେବେ ସେହି ସ୍ଥାନ ଠିକ୍ କରି ନିର୍ମାଣ କରିବା ପାଇଁ ନିର୍ଦ୍ଦେଶ ଦେବି ବୋଲି କହିଛନ୍ତି ।

# ମହାଳୟାରେ ପିତୃପକ୍ଷ ଶ୍ରାଦ୍ଧ ସରିଲା



ମହାଳୟାରେ ଏକ ପରିବାରରେ ଶ୍ରାଦ୍ଧ ଦିଆଯାଉଛି।

**ଖଣ୍ଡପଡ଼ା,୩।୧୦ (ଅଜୟ କୁମାର ମହାରଣା)**

ଭାଦ୍ରବ ମାସ ଶୁକ୍ଳପକ୍ଷ ପୂର୍ଣ୍ଣିମାଠାରୁ ଆଶ୍ୱିନ କୃଷ୍ଣପକ୍ଷ ଅମାବାସ୍ୟା ପର୍ଯ୍ୟନ୍ତ ପାଳିତ ହେଉଥିବା ପିତୃପକ୍ଷ ଶ୍ରାଦ୍ଧର ଅନ୍ତିମ ଦିବସକୁ ମହାଳୟା କୁହାଯାଏ। ଅପରପକ୍ଷ (ପିତୃପକ୍ଷ)ଠାରୁ ପିତୃଋଣ ଶୁଝିବା ଲକ୍ଷ୍ୟରେ ଆରମ୍ଭ ହୋଇଥିବା ଶ୍ରାଦ୍ଧ, ତର୍ପଣ ଓ ପିଣ୍ଡଦାନର ନୀତି ବୁଧବାର ଶେଷ ହୋଇଛି। ଜଣେ ଗୃହସ୍ଥ ପକ୍ଷରେ ଜୀବଦଶା ମଧ୍ୟରେ ୫ଟି ଋଣ ଶୁଝିବାର ବ୍ୟବସ୍ଥା ଅଛି। ସେଥିମଧ୍ୟରୁ ପିତୃଋଣ ଅନ୍ୟତମ । ଶାସ୍ତ୍ର ପୁରାଣରେ ଏହାର ଅବତାରଣା ଛଳରେ ପ୍ରତିପାଦନ କରାଯାଇଛି ମାତା ପିତାଙ୍କ ବିଶେଷତ୍ୱ । ଏହାଛଡା ପରଲୋକଗତ ପୂର୍ବ ପୁରୁଷଙ୍କ ଶୁଭାଗମନର ସମ୍ମାନାର୍ଥେ ଭକ୍ତି ଓ ଶ୍ରଦ୍ଧାର ସହିତ ଯେଉଁ ଶ୍ରଦ୍ଧାନୁଷ୍ଠାନ କରାଯାଏ, ତାହାରି ନାମ ମହାଳୟା । ଶ୍ରାଦ୍ଧ ଚନ୍ଦ୍ରିକା ମତରେ ଅନ୍ତଃକରଣ ଏବଂ ଶ୍ରଦ୍ଧାର ସହିତ ପୂର୍ବ ପୁରୁଷମାନଙ୍କ ତୃପ୍ତି ନିମିତ୍ତ ଶ୍ରାଦ୍ଧ ତର୍ପଣାଦି କର୍ମ ସମ୍ପାଦନ କଲେ ପିତୃଗଣ ଆତ୍ମ ସନ୍ତୋଷ ଲାଭ ପୂର୍ବକ ଆନନ୍ଦରେ ପୁନର୍ବାର ପିତୃ ଲୋକକୁ ଫେରିଯାଆନ୍ତି। ସେମାନଙ୍କର ଆଶୀର୍ବାଦ ପୁତ୍ର ତଥା ପରିବାର ପକ୍ଷରେ କଲ୍ୟାଣକର ହୋଇଥାଏ । ଏହି ଉପଲକ୍ଷେ ବୁଧବାର ଖଣ୍ଡପଡ଼ା, ଖଳିସାହି, ସିଧାମୂଳା, ବେଣାଗାଡ଼ିଆ, ଜଗନ୍ନାଥ ପ୍ରସାଦ, କଣ୍ଟିଲୋ ଓ ଏହାର ଆଖପାଖ ଅଞ୍ଚଳରେ ପିତୃପକ୍ଷ ଶ୍ରାଦ୍ଧ ପାଳିତ ହୋଇଯାଇଛି । ପିଣ୍ଡଦାନ ଦ୍ୱାରା ପିତୃପକ୍ଷଙ୍କ ଅତୃପ୍ତ ଆତ୍ମା ତୃପ୍ତି ହେବା ସହିତ ପରିବାରର ସୁଖ ସମୃଦ୍ଧି ବୃଦ୍ଧି ପାଇଥାଏ ବୋଲି ବିଶ୍ୱାସ ରହିଛି। ତେଣୁ ସ୍ଥାନୀୟ ଲୋକେ ପୂର୍ବାହ୍ନରୁ ଶ୍ରାଦ୍ଧ, ତର୍ପଣ ଓ ପିଣ୍ଡଦାନ କରିଛନ୍ତି । ମାତା ପିତାଙ୍କ ଋଣ ଶୁଝିବା ପୁତ୍ର ପକ୍ଷେ ଆଦୌ ସମ୍ଭବ ନୁହେଁ । ତେଣୁ ଏହି ପରମ୍ପରା କ୍ରମେ ପିତୃଋଣରୁ ମୁକ୍ତି ପାଇବା ପାଇଁ ବ୍ୟବସ୍ଥା ରହିଛି। ବେଦ ଅନୁଯାୟୀ ମାତା ପିତା ଦେବତା ସଦୃଶ୍ୟ । ଆଉ ଦେବ ପିତୃକାର୍ଯ୍ୟରେ ଅବହେଳା କରିବା ଆଦୌ ଉଚିତ ନୁହେଁ । ଏଣୁ ପ୍ରତ୍ୟେକ ଜ୍ୟେଷ୍ଠପୁତ୍ର ନିଜ ପିତୃଗଣଙ୍କ ତୃପ୍ତି ପାଇଁ ଶ୍ରାଦ୍ଧ, ତର୍ପଣ ଓ ପିଣ୍ଡଦାନ କରିବା ଜରୁରୀ । ମହାଳୟା ପିତୃପକ୍ଷରେ ପିତୃମାନଙ୍କ ପାଇଁ ଶ୍ରାଦ୍ଧ, ତର୍ପଣ ନ କଲେ ଅଭିଶପ୍ତ ଜୀବନ ବିତାଇବାକୁ ପଡିବ ବୋଲି ଶାସ୍ତ୍ରରେ ବର୍ଣ୍ଣିତ ଅଛି।

# ନୀଳମାଧବ ମନ୍ଦିରରେ ନବରାତ୍ର ପୂଜା,ଚଣ୍ଡୀପାଠ ଆରମ୍ଭ



**ଖଣ୍ଡପଡ଼ା,୩।୧୦(ଅଜୟ କୁମାର ମହାରଣା)**

ଗୁରୁବାରଠାରୁ ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋ ଶ୍ରୀ ନୀଳମାଧବ ଜୀଉଙ୍କ ମନ୍ଦିରରେ ପୂଜକ ସମାଜ ପକ୍ଷରୁ ନବରାତ୍ର ପୂଜା, ହୋମଯଜ୍ଞ ଆରମ୍ଭ ହୋଇଛି । ଏହି ଅବସରରେ ମା' ବିମଳାଙ୍କୁ ଧବଳେଶ୍ୱରୀ ବେଶରେ ସଜ୍ଜିତ କରାଯାଇଥିଲା । ମା'ଙ୍କ ଦର୍ଶନ ପାଇଁ ବହୁ ଶ୍ରଦ୍ଧାଳୁ ସମାଗମ ହୋଇଥିଲା । କଣ୍ଟିଲୋ ଶ୍ରୀ ନୀଳମାଧବ ଜୀଉଙ୍କ ପାର୍ଶ୍ୱ ଠାକୁରାଣୀ ମା' ବିମଳାଙ୍କ ନିକଟରେ ଗୁରୁବାର ଠାରୁ ୯ଦିନ ବ୍ୟାପୀ ଚଣ୍ଡୀପାଠ ସହ ଅପରାହ୍ନରେ ହୋମକାର୍ଯ୍ୟ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ମା' ବିମଳାଙ୍କ ଶାରଦୀୟ ଷୋଡଶ ଉପଚାର ପୂଜା ଉତ୍ସବ ଆରମ୍ଭ ହୋଇଥିବା ବେଳେ ଆଜିର ତିଥିରେ ମା' ବିମଳାଙ୍କ ଘଟ ସ୍ଥାପନ କରାଯାଇ ପୂଜାର୍ଚ୍ଚନା ପରେ ପୁରୋହିତ ସୁକାନ୍ତ ମିଶ୍ର, ସହଯୋଗୀ ପୁରୋହିତ ନିରଞ୍ଜନ ମିଶ୍ର, ମୁଖ୍ୟ କର୍ତ୍ତା ବ୍ରଜରାଜ ମିଶ୍ର, ସାଥି କର୍ତ୍ତା ସମୀର ମିଶ୍ର ପ୍ରମୁଖଙ୍କ ଦ୍ୱାରା ଚଣ୍ଡୀପାଠ ଓ ହୋମଯଜ୍ଞ ଆରମ୍ଭ ହୋଇଥିଲା । ମା'ବିମଳାଙ୍କ ଧବଳେଶ୍ୱରୀ ବେଶ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଏହି ପାର୍ବଣ ଉତ୍ସବରେ ନୀଳମାଧବ ମନ୍ଦିର ପାଇଁ ଦେବୋତ୍ତର ସୁପରଭାଇଜର ବାଇଧର ରାଉତ ଉପସ୍ଥିତ ରହି କାର୍ଯ୍ୟ ପରିଚାଳନା କରିଥିଲେ । ଏହି ନବଦିନାତ୍ମକ ବ୍ରତରେ ମନୋଜ କୁମାର ମିଶ୍ର, ଶ୍ରବଣରାମ ମିଶ୍ର, ଦୟାନିଧି ମିଶ୍ର, ନୀଳମାଧବ ମିଶ୍ର, ଶଶୀ ମିଶ୍ର, ଦୀପକ ମିଶ୍ର, ଶିବ ପ୍ରସାଦ ମିଶ୍ର, ସାନୁ ମିଶ୍ର, ମୁନା ମିଶ୍ର, ରାମଚନ୍ଦ୍ର ମିଶ୍ର ପ୍ରମୁଖ ବ୍ରତଧାରୀମାନେ ଉପବାସରେ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ୯ଦିନ ବ୍ୟାପୀ ଏହି କାର୍ଯ୍ୟକ୍ରମରେ ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା ପୂଜକ ସମାଜ ପକ୍ଷରୁ ସୂଚନା ମିଳିଛି।

# ଲୁକ୍କାୟିତ ପ୍ରତିଭାର ବିକାଶ ଶିଶୁ ମହୋତ୍ସବର ଲକ୍ଷ୍ୟ



ସୁରଭି ଉତ୍ସବରେ ଛାତ୍ରୀମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

**ଖଣ୍ଡପଡ଼ା,୩।୧୦(ଅଜୟ କୁମାର ମହାରଣା)**

**ମାଧପୁରରେ କ୍ଲଷ୍ଟରସ୍ତରୀୟ ସୁରଭି**

ଲୁକ୍କାୟିତ ପ୍ରତିଭାର ବିକାଶ ଶିଶୁ ମହୋତ୍ସବ ସୁରଭିର ମୁଖ୍ୟ ଲକ୍ଷ୍ୟ । ଏ ପରିପ୍ରେକ୍ଷୀରେ ଭାପୁର ବ୍ଲକ ପଥରଚକଡା ପଞ୍ଚାୟତ ଅଧୀନ ମାଧପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ଏକ ଶିଶୁ ମହୋତ୍ସବ ସୁରଭି୨୦୨୪ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନକର୍ମୀ ଭ୍ରମରବର ଦାସଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏବଂ ପ୍ରଧାନ ଶିକ୍ଷୟିତ୍ରୀ କ୍ଷଣପ୍ରଭା ସୁବୁଦ୍ଧିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମାଧପୁର କ୍ଲଷ୍ଟରର ୨ ଉଚ୍ଚ ବିଦ୍ୟାଳୟ ଓ ୧୨ଟି ପ୍ରାଥମିକ ବିଦ୍ୟାଳୟ ଏପରି୧୪ଟି ଶିକ୍ଷାନୁଷ୍ଠାନର ୧୭୨ରୁ ଊର୍ଦ୍ଧ୍ୱ ପ୍ରତିଯୋଗି ଛାତ୍ରୀଛାତ୍ର ବରିଷ୍ଠ ଓ କନିଷ୍ଠ ବିଭାଗ ତର୍କ, ପ୍ରବନ୍ଧ, ସଙ୍ଗୀତ, ଚିତ୍ରାଙ୍କନ, କୁଇଜ୍, ସୃଜନଶୀଳ ଲିଖନ ଏବଂ ସାଂସ୍କୃତିକ କାର୍ଯ୍ୟ ଆଦି ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। କୃତି ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାର ପୁରସ୍କୃତ କରାଯାଇଥିଲା । ପଥରଚକଡା ପଞ୍ଚାୟତ ସରପଞ୍ଚ ଶିବାନୀ ଦାଶ ମୁଖ୍ୟ ଅତିଥି ଓ ଅବସରପ୍ରାପ୍ତ ଶିକ୍ଷକ ମହେଶ୍ୱର ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭାର ବିକାଶ ସୁରଭି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ମୁଖ୍ୟ ଅତିଥିଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତି ମତ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାନେତ୍ରୀ ପୁଷ୍ପଲତା ବାରିକ, ବ୍ଲକ୍ ଅତିରିକ୍ତ ଶିକ୍ଷାଧିକାରୀ ସୁବାସ ଚନ୍ଦ୍ର ନାୟକ, ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାରଣା, ତ୍ରିନାଥ ସାହୁପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। କ୍ଲଷ୍ଟରସ୍ତରୀୟ ପ୍ରତିଯୋଗିତାର ଶ୍ରେଷ୍ଠ ବିବେଚିତ ଛାତ୍ରୀଛାତ୍ରମାନେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଆସନ୍ତା ୮ ତାରିଖ ଅଂଶ ଗ୍ରହଣ କରିବେ ବୋଲି ସୂଚନା ମିଳିଛି। କାର୍ଯ୍ୟକ୍ରମକୁ ଶିକ୍ଷକ ଦୁର୍ବାସା ସାମଲ ପରିଚାଳନା କରିଥିବା ବେଳେ ବଂଶୀଧର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ରାସ୍ତା ଅରୋଧ ମୁକ୍ତ କରିବା ପାଇଁ ଦାବି ତେଜିଲା

**ଦଶପଲ୍ଲା,୩।୧୦(ପ୍ରକାଶ କୁମାର ପାଣି)**

ଦଶପଲ୍ଲା ବ୍ଲକ୍‌ର ଜାତୀୟ ରାଜପଥ ୫୭ରୁ ଖମାରସାହି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପାଇକାଘୁଆରେଣୀ ମଧ୍ୟ ଦେଇ ସାରେଣିଗଣ୍ଡା ପର୍ଯ୍ୟନ୍ତ ନିର୍ମିତ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ରାସ୍ତାକୁ କେତେଜଣ ଖଳ ପ୍ରକୃତିର ଲୋକ ଜବରଦଖଲ କରିଛନ୍ତି। ଏଥିଯୋଗୁ ଯାନବାହନ ଚଳାଚଳରେ ଗୁରୁତର ସମସ୍ୟା ସୃଷ୍ଟି ହୋଇଛି । ପ୍ରତିଦିନ ଦୁର୍ଘଟଣା ଘଟୁଛି। ଏହି ରାସ୍ତା ଅରୋଧମୁକ୍ତ କରିବା ପାଇଁ ଦଶପଲ୍ଲା ତହସିଲଦାରଙ୍କୁ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ କରାଯାଇଥିଲା । ହେଲେ ଜବରଦଖଲ ଉଚ୍ଛେଦ ନ ହେବାରୁ ନୟାଗଡ଼ ଜିଲାପାଳଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଛି । ସରକାର ବିଭିନ୍ନ ସମୟରେ ସର୍ବସାଧାରଣ ରାସ୍ତା ଓ ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରିବେ ବୋଲି ଡିଣ୍ଡିମ ପିଟୁଥିଲେ ମଧ୍ୟ ଉପରୋକ୍ତ ରାସ୍ତାରୁ ଜବରଦଖଲ ଉଚ୍ଛେଦ କରାଯାଉ ନ ଜନ ଅସନ୍ତୋଷ ବଢ଼ି ଚାଲିଛି। ଦୁର୍ଗାପୂର୍ବରୁ ଏଥିପାଇଁ ପଦକ୍ଷେପ ନେବାକୁ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ସମ୍ପାଦକ ଚଣ୍ଡାଳ ପ୍ରଧାନ ସରକାରଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି।

# ମୂଲ୍ୟବାନ୍ ପଟା, ଅର୍ଦ୍ଧ ନିର୍ମିତ କାଠ ସରଞ୍ଜାମ ଜବତ: ଜଣେ ଗିରଫ



ଜବତ ହୋଇଥିବା କାଠ ପଟା।

**ଓଡ଼ଗାଁ,୩।୧୦(ଆଦର୍ଶ କୁମାର ପଟ୍ଟନାୟକ)**

ସ୍ଥାନୀୟ ବନ ବିଭାଗ ସପ୍ତାହ ମଧ୍ୟରେ ୨ୟ ଚଢ଼ାଉରେ ରୋହିବାଙ୍କ ଓ ରଙ୍ଗଣୀପାଟଣାରେ କରିଛି । ଗୁରୁବାର ମଧ୍ୟାହ୍ନରେ ଏହି ଥାନା ରୋହିବାଙ୍କ ଗ୍ରାମର ପାଦୁ ଚରଣ ପ୍ରଧାନଙ୍କ ଏକ ବେଆଇନ କାଠ ଡିପୋ ଉପରେ ଚଢାଉ କରି ବିପୁଳ ପରିମାଣର ଶାଗୁଆନ ସମେତ ବିଭିନ୍ନ କିସମର ମୂଲ୍ୟବାନ ପଟା ଜବତ କରିଛି। ଏହା ସହିତ ସେଠାରୁ କେତେକ ଅର୍ଦ୍ଧ ନିର୍ମିତ ଫର୍ନିଚର ସହିତ ବଢେଇ ସରଞ୍ଜାମ ଜବତ କରାଯାଇଛି । ଘଟଣା ସ୍ଥଳରୁ ପାଦୁ ଚରଣଙ୍କ ପୁଅ ରିଙ୍କୁ ପ୍ରଧାନ(୨୫)ଙ୍କୁ ବନ ବିଭାଗ ଗିରଫ କରିଛି । ଏନେଇ ଏକ ମାମଲା(ନଂ.୨୪/୨୪) ରୁଜୁ ହୋଇଛି । ସେହିପରି ବନ ବିଭାଗ ରଙ୍ଗଣୀପାଟଣା ଗ୍ରାମରେ ଚିତରନ ସାହୁଙ୍କ ହେପାଜତରେ ଥିବା ଅନ୍ୟ ଏକ ବନ୍ଦ ଘରେ ଚଢାଉ କରି ଅନେକ ମୂଲ୍ୟବାନ ପଟା ଜବତ କରାଯାଇଛି। ଚିତ୍ତରଞ୍ଜନଙ୍କ ବିରୋଧରେ ଅନ୍ୟ ଏକ ମାମଲା (୨୫/୨୪) ରୁଜୁ ହୋଇଛି।

# ବକେୟା ଦରମା ପାଇଁ ନିବେଦନ କଲେ ଛଟେଇ କର୍ମଚାରୀ

**ନୟାଗଡ,୩।୧୦(ଲୋକନାଥ ମିଶ୍ର)**

**ଜିଲାପାଳଙ୍କୁ ଭେଟି ଦାବି ଜଣାଇଲେ**

ନୟାଗଡ଼ ବ୍ଲକରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଡାଟାଏଣ୍ଟ୍ରି ଅପରେଟର ଭାବେ କାର୍ଯ୍ୟକରି ଛଟେଇ ହୋଇଥିବା ଅସ୍ଥାୟୀ କର୍ମଚାରୀ ଯୋଗିନାଥ ନାୟକଙ୍କ ବକେୟା ଦରମା ପାଇଁ ଜିଲାପାଳଙ୍କୁ ଫେରାଦ୍ ହୋଇଛନ୍ତି। ଅଭିଯୋଗ ଅନୁସାରେ ନୟାଗଡ଼ ବ୍ଲକ ଭୁତଡିହି ଗାଁର ଯୋଗୀନାଥ ନାୟକ ୧୬।୧୧।୨୦୧୧ରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ନୟାଗଡ଼ରେ ଏମଜିଏନ୍‌ଆରଇଜିଏସ ସହାୟକ ଭାବେ କଟକର କେୟାର ସିକ୍ୟୁରିଟ୍ ମାଧ୍ୟମରେ ଆଉଟ ସୋର୍ସିଂରେ ନିଯୁକ୍ତି ପାଇଁ କାର୍ଯ୍ୟ ଆରମ୍ଭ କରିଥିଲେ। କେୟାର ସିକ୍ୟୁରିଟର ଚୁକ୍ତି ଅବଧି ଶେଷ ପରେ ନୂତନ ଆଉଟ ସୋର୍ସିଂ ସଂସ୍ଥା ଉତ୍କଳ ହେଲପ ଡେକ୍ସ ସର୍ଭିସେସ ପ୍ରା ଲିମିଟେଡ ନୂଆ ଟେଣ୍ଡର ୨୦୨୧ ପାଇଥିଲେ। ନୂତନ ଆଉଟ ସୋର୍ସିଂ ପୁଣି ଅସ୍ଥାୟୀ କର୍ମଚାରୀଙ୍କୁ ନିଯୁକ୍ତି ଦେଲା। ଏଥିରେ ଯୋଗିନାଥ ନାୟକ ମୂଳ ପଦବୀ ହରାଇ ନୟାଗଡ ବ୍ଲକରେ ଡାଟା ଏଣ୍ଟ୍ରି ଅପରେଟର ଭାବେ ନିଯୁକ୍ତି ପାଇଲେ। କିଛି ମାସ କାମ କଲା ପରେ ୩୧।୫।୨୦୨୨ରେ ଯୋଗିନାଥଙ୍କୁ ଛଟେଇ କରାଯାଇଥିଲା। ଛଟେଇ ପରେ ଯୋଗିନାଥ ଚାକିରି ହରାଇଥିଲେ। ତେବେ ଯୋଗିନାଥ ଅଭିଯୋଗ କରିଛନ୍ତି ଚାକିରି ଅବଧି ଭିତରେ ସରକାର ଦେଇଥିବା ଏରିଅର ଟଙ୍କାକୁ ଉତ୍କଳ ହେଲପ ଡେକ୍ସ ସର୍ଭିସେସ ପ୍ରା ଲିମିଟେଡ ତାଙ୍କୁ ଦେଇ ନାହିଁ। ପୁଣି ତାଙ୍କୁ ଛଟେଇ କରି ହଇରାଣ କରିଛି। ଏଣୁ ନ୍ୟାୟ ପାଇଁ ଯୋଗିନାଥ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଉତ୍କଳ ହେଲପ ଡେକ୍ସ ସର୍ଭିସେସ ପ୍ରା ଲିମିଟେଡର ପରିଚାଳନା ନିର୍ଦ୍ଦେଶକ କମଳ କାନ୍ତ ନାୟକଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ ଆମ୍ଭ ସଂସ୍ଥା ପକ୍ଷରୁ ଯୋଗିନାଥ ନାୟକଙ୍କୁ କୌଣସି ଅଣଦେଖା କରାଯାଇ ନାହିଁ। ଆମ୍ଭ ସଂସ୍ଥା ଦ୍ୱାରା ନିୟୋଜିତ ସମସ୍ତ କର୍ମଚାରୀଙ୍କୁ ସବୁ ସମୟରେ ଭଲ ବ୍ୟବହାର ଦେଖାଇ ଆସିଛୁ। ଆମ୍ଭ ସଂସ୍ଥା ବିରୋଧରେ ଯୋଗିନାଥ କରିଥିବା ଅଭିଯୋଗ ର ସତ୍ୟତା ନାହିଁ।

# ସାମନ୍ତ ଚନ୍ଦ୍ରଶେଖର ଶିକ୍ଷା କେନ୍ଦ୍ରରେ ବିଜ୍ଞାନମେଳା

**ଖଣ୍ଡପଡ଼ା,୩।୧୦ (ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ସହରର ୧୩ନଂ. ୱାର୍ଡ ସ୍ଥିତ ସାମନ୍ତ ଚନ୍ଦ୍ର ଶେଖର ଶିକ୍ଷା କେନ୍ଦ୍ର ପରିସରରେ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବିଜ୍ଞାନମେଳାରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ୫୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଅନୁଷ୍ଠାନର ପ୍ରଧାନ ଶିକ୍ଷକ ବିଷ୍ଣୁ ପ୍ରସାଦ ରଥ ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ । ଅନୁଷ୍ଠାନର ବିଜ୍ଞାନ ଶିକ୍ଷକ ସ୍ୱାଧୀନ ପାତ୍ର ଓ ଶରତ ପୃଷ୍ଟିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାଧାନରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ଯାଇଛି । ବିଚାରକ ଭାବେ ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଅଭିଜିତ କହଁର ଓ ଶିକ୍ଷୟିତ୍ରୀ ସସ୍ମିତା ପ୍ରଧାନ ଯୋଗ ଦେଇଥିଲେ । ଉକ୍ତ ବିଜ୍ଞାନ ମେଳାରୁ ୯ଟି ପ୍ରକଳ୍ପ ରାଜ୍ୟସ୍ତରକୁ ମନୋନୀତ ହୋଇଛି । ଶିକ୍ଷା ପରିଷଦ ଓଡ଼ିଶା ପକ୍ଷରୁ ଆସନ୍ତା ଅକ୍ଟୋବର ୨୬ ତାରିଖରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ବିଜ୍ଞାନ ମେଳାରେ ଏହି ୯ଟି ପ୍ରକଳ୍ପ ସ୍ଥାନ ପାଇବ ବୋଲି ଅନୁଷ୍ଠାନର କର୍ମକର୍ତ୍ତା କହିଛନ୍ତି ।

# ଖଣ୍ଡପଡ଼ାରେ ଶୁଳିଆ କାଠି ପର୍ବ

**ଖଣ୍ଡପଡ଼ା,୩।୧୦(ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ଅଞ୍ଚଳରେ ଶୁଳିଆ କାଠି ପର୍ବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଶୁଳିଆ କାଠି ଦିଅଁ ସହର ପରିକ୍ରମା କରି ଖଣ୍ଡପଡ଼ା ରାଜବାଟୀ ପରିସରସ୍ଥିତ ପର୍ବ ଘରେ ପହଞ୍ଚି ଥିବା ଜଣାପଡିଛି । ପାରମ୍ପରିକ ପ୍ରଥାନୁଯାୟୀ ଖଳିସାହି ତୋଟା ହନୁମାନଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ଶୁଳିଆ କାଠି ଦିଅଁକୁ ସେବାୟତମାନେ ସଙ୍ଗରେ ଧରି ଗ୍ରାମ ପରିକ୍ରମା କରି ଖଣ୍ଡପଡା ରାଜବାଟୀ ପରିସରସ୍ଥିତ ପର୍ବ ଘରେ ପହଞ୍ଚି ଥିଲେ । ପାରମ୍ପରିକ ପ୍ରଥାନୁଯାୟୀ ଖଳିସାହି ତୋଟା ହନୁମାନଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ଶୁଳିଆ କାଠି ଦିଅଁକୁ ସେବାୟତମାନେ ସଙ୍ଗରେ ଧରି ଗ୍ରାମ ପରିକ୍ରମା କରିଥାଆନ୍ତି। ଶୁଳିଆ କାଠି ଦିଅଁ ଖଣ୍ଡପଡାରେ ପହଞ୍ଚିବା ପରେ ଶ୍ରଦ୍ଧାଳୁମାନେ ଶୁଳିଆ କାଠି ଦିଅଁ ବିଜେ କରିବା ପରେ ସେଠାରୁ ପର୍ବ ଘରକୁ ଯାଇ ପୂଜା ପାଇଥାଆନ୍ତି। ପର୍ବ ଘରେ ଦଶହରା ପର୍ଯ୍ୟନ୍ତ ଷୋଡଶ ଉପଚାରରେ କାଠି ଦିଅଁ ପୂଜା ପାଇବାର ପରମ୍ପରା କେଉଁ ଆବାହମାନ କାଳରୁ ପ୍ରଚଳିତ ହୋଇ ଆସୁଛି।

# ଚୋରି ପରେ ନୂଆ ତାଲା ପକାଇଲା ଚୋର

**ନୟାଗଡ଼,୩।୧୦(ଲୋକନାଥ ମିଶ୍ର)**

- କ୍ୟାମେରା ଭାଙ୍ଗିଲା, ସିସିଟିଭି ଫୁଟେଜକୁ ଚୋରାଇ ନେଲେ
- ଗୋଡ଼ିପଡ଼ା ତେଜରାତି ଦୋକାନରୁ ଚୋରି



ଦୋକାନରେ ବିଭିନ୍ନ ସାମଗ୍ରୀ ବିଛାଡ଼ିହୋଇ ପଡ଼ିଛି।

ଗୋଡିପଡା ଫାଣ୍ଡି ନୂଆ ଜଗନ୍ନାଥ ସଡକର ଗୋଡିପଡା ଗୁଣ୍ଡିଚା ମଣ୍ଡପ ନିକଟସ୍ଥ କୁଳମଣି ସାହୁଙ୍କ ତେଜରାତି ଦୋକାନରୁ ୪୫ ହଜାର ଟଙ୍କା, ୫ରୁ ୬ ହଜାର ଟଙ୍କାର ଖୁଚୁରା ପଇସା, ସର୍ଫ, ସାବୁନ, ବିସ୍କୁଟ ପରି ବହୁ ସାମଗ୍ରୀ ଚୋରି ହୋଇଛି। ବୁଧବାର ରାତିରେ ବାଡିପଟ କବାଟ ଭାଙ୍ଗି ଚୋର ପ୍ରଥମେ ସିସିଟିଭି କ୍ୟାମେରା ଭାଙ୍ଗିଥିଲା। ପରେ ଦୋକାନରୁ ଚୋରି କରି ସିସିଟିଭି ଫୁଟେଜ ସାଥିରେ ନେଇ ଚାଲି ଯାଇଥିଲା। ତେବେ କବାଟରୁ ଭାଙ୍ଗିଥିବା ତାଲାକୁ ଫୋପାଡି ନୂଆ ତାଲା ପକାଇଥିବା ଜଣାପଡିଛି। ଗୋଡିପଡା ଛୋଟ ତେଲିସାହିର କୁଳମଣି ସାହୁ ଓ ତାଙ୍କ ସ୍ତ୍ରୀ ୭ ଦିନ ହେଲା ଜମ୍ମୁ ଯାଇଛନ୍ତି । ପୁଅର ସୈନ୍ୟ ବାହିନିରେ ନୂଆ ଚାକିରି ପାଇ ଯୋଗ ଦେବାକୁ ଯାଇଥିବାରୁ ତାଙ୍କ ପାଖରେ ଅଛନ୍ତି। ଏଭଳିସ୍ଥଳେ ଗାଁ ଘରେ କୁଳମଣିଙ୍କ ଝିଅ ନୟାଗଡ଼ ବଡ଼ିଆସାହିର ରଶ୍ମିତା ଘରେ ଅଛନ୍ତି । ପୁଣି ବାପାଙ୍କ ଦୋକାନ ଖୋଲି ବ୍ୟବସାୟ କରନ୍ତି । ମଙ୍ଗଳବାର ରାତି ପ୍ରାୟ ୯ଟାରେ ରଶ୍ମିତା ଦୋକାନ ବନ୍ଦ କରି ଘରକୁ ଆସିଥିଲେ । ବୁଧବାର ସକାଳୁ ତାଲା ଖୋଲି ନ ଥିଲା । ତାଲା ନ ଖୋଲିବାରୁ ସନ୍ଦେହ ବଢ଼ିଥିଲା । ଚୋରି ସନ୍ଦେହକୁ ନେଇ ଗୋଡିପଡା ଫାଣ୍ଡିରେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ ଶରଣକୁଳ ଥାନା ଓ ଗୋଡିପଡା ଫାଣ୍ଡି ପୋଲିସ ଏକ ମାମଲା(ନଂ.୨୦୩/୨୪)ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି । ଏନେଇ ଶରଣକୁଳ ଥାନା ଆଇଆଇସି ଜ୍ୟୋତି ରଞ୍ଜନ ସ୍ୱାଇଁ କୁହନ୍ତି ଚୋରି ଘଟଣାର ତଦନ୍ତ ଚାଲିଛି । ସନ୍ଧାନୀ କୁକୁର ଦ୍ୱାରା ଯାଞ୍ଚ ପାଇଁ ଉଦ୍ୟମ ହେଉଛି । ଚୋର ପକାଇଥିବା ତାଲା ଭାଙ୍ଗି ପରିବାର ଲୋକ ନୂଆ ତାଲା ପକାଇବା ଠିକ ହୋଇ ନାହିଁ । ଘଟଣାର ତଦନ୍ତ ଜାରି ରହିଛି ବୋଲି ସେ କହିଛନ୍ତି।

# ପୋତିହୋଇପଡ଼ିଛି କେନାଲ

**ଖଣ୍ଡପଡ଼ା,୩।୧୦(ଅଜୟ କୁମାର ମହାରଣା)**

ବିଭିନ୍ନ ଚାଷ ଜମିକୁ ଜଳସେଚିତ ପାଇଁ ଖଣ୍ଡପଡ଼ା କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଜଳସେଚନର ବ୍ୟବସ୍ଥା କରାଯାଇ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଥିଲା । ମାତ୍ର ସମୟାନୁକ୍ରମେ ଆବଶ୍ୟକୀୟ ମରାମତି ତଥା ରକ୍ଷଣାବେକ୍ଷଣ ଅଭାବରୁ କେନାଲ ଗୁଡିକ ମାଟିରେ ପୋତି ହୋଇ ପଡିଥିବା ଅଭିଯୋଗ ହେଉଛି । ଖଣ୍ଡପଡ଼ା, ବାହାଡ଼ା, ବନମାଳୀପୁର, ଇଚ୍ଛାପୁର, ବରଡାବାରୀ,ଶାଳଝରିଆ,କୁସୁମିତରା ଗ୍ରାମ ସମେତ ଆଖ ପାଖ ଅଞ୍ଚଳର ଚାଷ ଜମିଗୁଡିକୁ ଜଳସେଚିତ କରିବାର ଲକ୍ଷ ନେଇ ଲକ୍ଷାଧିକ ଟଙ୍କା ବ୍ୟୟରେ ସୁନାମୁହିଁ ଜଳଭଣ୍ଡାରରୁ ବିଭିନ୍ନ ସ୍ଥାନକୁ କେନାଲ ସଂଯୋଗ କରାଯାଇଛି । ମାତ୍ର ଦୀର୍ଘ ବର୍ଷ ଧରି ଆବଶ୍ୟକୀୟ ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ କେନାଲ ଗୁଡିକ ଗଛଲତା ଆଡୁଆଳରେ ଲୁଚି ଯିବା ସହ ମାଟିରେ ପୋତି ହୋଇ ପଡିଛି । ଫଳରେ ଆବଶ୍ୟକ ସମୟରେ ଚାଷଜମିକୁ ଜଳସେଚିତ କରାଯାଇ ପାରୁ ନ ଥିବାରୁ କେନାଲ ପାର୍ଶ୍ୱବର୍ତ୍ତୀ ଜମିର ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି ।

ଏପରିକି ଖଣ୍ଡପଡ଼ା କ୍ଷୁଦ୍ର ଜଳସେଚନ ବିଭାଗ କର୍ତ୍ତୃପକ୍ଷଙ୍କ ସ୍ଥାଣୁତା ଯୋଗୁ କେଉଁଠି କେନାଲ ଭାଙ୍ଗି ମାଟିରେ ମିଶିଲାଣି ତ ପୁଣି କେଉଁଠି କେନାଲ ଉପରେ ଗଛଲତା ଉଠି ଏହା ଦୂରରୁ ଜଙ୍ଗଲ ପରି ପ୍ରତୀୟମାନ ହେଲାଣି । ଏପରି ସ୍ଥିତିରେ କେନାଲଗୁଡିକର ଜଳଧାରଣ କ୍ଷମତା ବେଳକୁ ବେଳ ହ୍ରାସ ପାଇବାରେ ଲାଗିଥିବାରୁ ବିଭିନ୍ନ ଅଞ୍ଚଳର ଚାଷୀମାନେ ଏ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି । ତେଣୁ ଚାଷୀମାନଙ୍କ ହିତକୁ ଦୃଷ୍ଟିରେ ରଖି ସୁନାମୁହିଁ ଜଳ ଭଣ୍ଡାରରୁ ବିଭିନ୍ନ ଅଞ୍ଚଳକୁ ସଂଯୋଗ କରୁଥିବା କେନାଲଗୁଡିକର ପୁନରୁଦ୍ଧାର ଦିଗରେ କ୍ଷୁଦ୍ର ଜଳସେଚନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ, ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି । ଏ ସମ୍ପର୍କରେ ଖଣ୍ଡପଡା କ୍ଷୁଦ୍ର ଜଳସେଚନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶ୍ୱିନୀକୁମାରଙ୍କୁ ପଚାରିବାରେ ଏଥିପ୍ରତି ସେ ଦୃଷ୍ଟି ଦେବେ ବୋଲି କହିଛନ୍ତି ।

# ଡିଜିଏମ୍ଏସ୍‌ଙ୍କ ନିର୍ଦ୍ଦେଶକୁ ଅବମାନନା

**ଯାଜପୁର,୩।୧୦(ହର୍ଷବର୍ଦ୍ଧନ ବେହେରା):**

**ଅସୁରକ୍ଷିତ କଳାପଥର ଖାଦାନ**

- ୧ ମାସ ପରେ ବି ନିଯୁକ୍ତ ହେଲେନି ମାଇନ ମ୍ୟାନେଜର
- ବଢ଼ୁଛି କଳାପଥର ଚୋରି କାରବାର
- ଲଘୁ ଖଣି ବିଭାଗ ସବୁ ଜାଣି ଅଜଣା





भारत सरकार/ Government of India
श्रम एवं रोजगार मंत्रालय / Ministry of Labour & Employment
खान सुरक्षा महानिदेशालय / Directorate General of Mines Safety
भुवनेश्वर क्षेत्र–1 /Bhubaneswar Region-1

संख्या- BBR1/Miner mineral/2024/ 711 /    भुवनेश्वर, दिनांक 20/08/2024

प्रेषक,
खान सुरक्षा निदेशक,
भुवनेश्वर क्षेत्र–1 ।

To
The Dy. Director of Mines,
Miner Mineral, Mining Circle Office,
Jajpur, Odisha

*Subject: Information about the granted leasehold areas of miner minerals/ quarries in Jajpur district - regarding.*

Sir,
Please refer to this Directorate letter No. BBR1/Stone/2023/ dated /10/2023 on the above mentioned subject(copy enclosed).

It is to inform that in order to run the mining operation smoothly in accordance with the rules and safety standards in the Stone mines, located in Jajpur district, it is mandatory to appoint a manager at each mine, as per section 17 of the Mines Act, 1952 and under regulation 34(1) of Metalliferous Mines Regulation, 1961. Simultaneously, according to the provisions of the Mines Act, 1952 and the Metalliferous Mines Regulation, 1961, explosives can be used in any mine, including stone quarries, only if there is duly qualified Mine Manager, holding prescribed qualifications, and blaster are appointed by the owner of the mine. It is also stated in Rule 97 of the Explosive Rules, 2008 that any explosive used in mines shall be governed by the provisions of the Mines Act, 1952 and the Regulations/Rules made thereunder.

Further, this is to inform you that before deployment of Heavy Earth Moving Machinery (HEMM) in conjunction with or without blasting for extraction of ore from the mine required permission from this Directorate under Regulations 106(2)(b) of the Metalliferous mines Regulations, 1961.

खान सुरक्षा महानिदेशालय वर्ष 1902 से खनिकों के स्वास्थ्य एवं सुरक्षा के लिए प्रतिबद्ध
Directorate General of Mines Safety – Protecting Miner's Safety & Health Since 1902
L-1, Nayapalli, PO: RRL Campus, Bhubaneswar-751013
(Phone – (0674) 2301453; e-mail: dgmsbbsr22@gmail.com)

ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳରେ କଳାପଥର ଉତ୍ତୋଳନରେ କୌଣସି ଆଇନକାନୁନ୍‌କୁ ଲିଜ୍‌ଧାରୀମାନେ ମାନୁ ନାହାନ୍ତି। କେନ୍ଦ୍ର ଖଣି ସୁରକ୍ଷା ନିର୍ଦ୍ଦେଶକ ତଥା ଡାଇରେକ୍ଟୋରେଟ ଜେନେରାଲ ଅଫ୍ ମାଇନ୍ସ ସେଫ୍ଟି(ଡିଜିଏମ୍ଏସ୍), ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଯାଜପୁର ଲଘୁ ଖଣି ସର୍କଲର ଉପନିର୍ଦ୍ଦେଶକ(ଡିଡିଏମ୍)ଙ୍କ ବିଭିନ୍ନ ନିର୍ଦ୍ଦେଶ ପତ୍ର ପାଣିରେ ପଡୁଛି। କଳାପଥର ଖାଦାନରେ ଶୂନ୍ୟମୃତ୍ୟୁ ଲକ୍ଷ୍ୟ ନେଇ ହୋଇଥିବା ମାଇନ ମ୍ୟାନେଜର ନିଯୁକ୍ତି ନିର୍ଦ୍ଦେଶକୁ ୧ ମାସରୁ ଊର୍ଦ୍ଧ୍ୱ ସମୟ ଅତିକ୍ରାନ୍ତ ହୋଇ ସାରିଥିଲେ ବି ତାକୁ ଅବମାନନା କରାଯାଇଛି। ଏହାବାଦ୍ କଳାପଥର ଲୁଟ୍ ପରିମାଣ କ୍ରମଶଃ ବଢ଼ିବାରେ ଲାଗିଛି । କେତେଜଣ ବିଭାଗୀୟ ଅଧିକାରୀ କଳାପଥର ଟନ୍ ପିଛା ୬୦ ଟଙ୍କା, କ୍ରଶରରେ ଟନ୍ ପିଛା ୨୦ ଟଙ୍କା ଲେଖାଏ ଆଦାୟ କରୁଥିବା ଅଭିଯୋଗ ହୋଇଛି। ଫଳରେ କଳାପଥର ଲିଜ୍ ବାତିଲ ହୋଇ ପାରୁନାହିଁ। ବରଂ ବ୍ୟବସାୟୀମାନେ ବିନା ଟିପିରେ ପରିବହନ କରି ସରକାରଙ୍କ ନିଷ୍ପତ୍ତିକୁ ଏକ ପ୍ରକାର ଚ୍ୟାଲେଞ୍ଜ କରୁଥିବା ଅଭିଯୋଗ ହୋଇଛି।

ମରଣଯନ୍ତା ଭାବେ ପରିଚିତ ଯାଜପୁର ଜିଲା ଧର୍ମଶାଳା ତହସିଲ ଅଞ୍ଚଳର ବିଭିନ୍ନ କଳାପଥର ଖାଦାନରେ ବିସ୍ଫୋରଣ ଶବ୍ଦ ଥମୁନି । ଶତାଧିକ ଲିଜ୍‌ପ୍ରାପ୍ତ ଏବଂ ବେଆଇନ ଖାଦାନରେ ଅହରହ ୱାଗନ ବ୍ଲାଷ୍ଟିଂରେ ଆଖପାଖ ଅଞ୍ଚଳ ଥରି ଉଠୁଛି । ମାଇନିଂ ପ୍ଲାନ ବ୍ୟତୀତ ଜଙ୍ଗଲ ଓ ପରିବେଶ ଅନୁମତି, ୱାଗନ ଡ୍ରିଲିଂ ଆଦି ଅନୁମତି ନ ଥାଇ ଏଭଳି ବିସ୍ଫୋରଣ ଏବଂ ଦୁର୍ଘଟଣା ଯୋଗୁ ଶ୍ରମିକମାନଙ୍କ ଅକାଳ ମୃତ୍ୟୁ ହେଉଛି। ଏହି ଶ୍ରମିକ ମୃତ୍ୟୁ ଘଟଣାରେ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ୧୪୭/୨୦୨୪/ଇଜେଡରେ ଏକ ମାମଲା ରୁଜୁ ହୋଇଛି। ଉକ୍ତ ଅଭିଯୋଗରେ ୨୦୧୭ରେ ୧୦ ଜଣ, ୨୦୧୮ରେ ୧୪ ଜଣ ଓ ୨୦୨୩-୨୪ରେ ୨୦ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ଏହାପୂର୍ବରୁ ମଧ ୫୦ରୁ ଊର୍ଦ୍ଧ୍ୱ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଡିଜିଏମ୍ଏସ୍‌ର ବିଭିନ୍ନ ଆଇନ ଅନୁସାରେ କଳାପଥର ଉତ୍ତୋଳନ ହେଉ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ଏହି କ୍ରମରେ ଭୁବନେଶ୍ୱର କ୍ଷେତ୍ରର ଡିଜିଏମ୍ଏସ୍ ପ୍ରତ୍ୟେକ କଳାପଥର ଖାଦାନରେ ସମସ୍ତ ଆଇନର ପାଳନ ସହ ଜଣେ ଲେଖାଏଁ ମାଇନ ମ୍ୟାନେଜର ନିଯୁକ୍ତି କରିବାକୁ ଯାଜପୁର ଲଘୁ ଖଣି ସର୍କଲର ଉପନିର୍ଦ୍ଦେଶକ(ଡିଡିଏମ୍)ଙ୍କୁ ନିର୍ଦ୍ଦେଶ ଜାରି କରିଥିଲେ। ଏହାପରେ ଯାଜପୁର ଡିଡିଏମ୍ ୧ ମାସ ମଧ୍ୟରେ ଡିଜିଏମ୍ଏସ୍‌ଙ୍କ ଉକ୍ତ ନିର୍ଦ୍ଦେଶକୁ ପାଳନ କରିବାକୁ ଧର୍ମଶାଳା ତହସିଲଦାରଙ୍କ ସମେତ ସମସ୍ତ ଲିଜ୍‌ଧାରୀଙ୍କୁ ୨୭।୮।୨୦୨୪ରେ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହି ନିର୍ଦ୍ଦେଶର ୧ ମାସ ଅତିକ୍ରାନ୍ତ ହୋଇ ସାରିଥିଲେ ବି କୌଣସି ଖାଦାନରେ ମାଇନ ମ୍ୟାନେଜର ନିଯୁକ୍ତ ହୋଇନାହାନ୍ତି । ଏହିସବୁ ଆଇନ ଏବଂ ନିର୍ଦ୍ଦେଶକୁ ଲିଜ୍‌ଧାରୀମାନେ ଭ୍ରୂକ୍ଷେପ ନ କରି ବିନା ଟିପିରେ କଳାପଥର ପରିବହନ ଜାରି ରଖିଛନ୍ତି। ଏପରି କି ବରଡା, ମାଲଗୋଡା, ବାଜବାଟୀ, ଡଙ୍କାରୀର ୧୮ ନମ୍ବର ଖାଦାନରୁ ବ୍ୟାପକ କଳାପଥର ବିନା ଅନୁମତିରେ ଚୋରା ଚାଲାଣ ହେଉଥିବା ଅଭିଯୋଗ ହେଉଛି। ସେହିପରି କ୍ରଶର ଏବଂ କଳାପଥର ଖାଦାନ ସହ ଲିଙ୍କେଜ ବ୍ୟବସ୍ଥାର ନିଷ୍ପତ୍ତି ମଧ୍ୟ ଏଠାରେ କାର୍ଯ୍ୟକାରୀ ହୋଇ ପାରିନାହିଁ। ଫଳରେ କ୍ରଶରଗୁଡିକରେ ବେଆଇନ ଭାବେ ବିପୁଳ ପରିମାଣର କଳାପଥର ମହଜୁଦ ରହୁଥିବା ଦେଖିବାକୁ ମିଳିଛି। ଇତିମଧ୍ୟରେ ଏନ୍‌ଜିଟିର ନିର୍ଦ୍ଦେଶ ଅନୁସାରେ କେନ୍ଦ୍ର ସରକାରଙ୍କ ଖଣି ସୁରକ୍ଷା ନିର୍ଦ୍ଦେଶକଙ୍କ ସମେତ ରାଜ୍ୟ ସରକାରଙ୍କ ରାଜସ୍ୱ, ଜଳ ସମ୍ପଦ, ଖଣି, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) ଆଦି ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ଧର୍ମଶାଳା ଗସ୍ତରେ ଆସି ତଦନ୍ତ କରି ଫେରି ଯାଇଛନ୍ତି। ହେଲେ କଳାପଥର ଖାଦାନରେ ଶୂନ୍ୟ ମୃତ୍ୟୁ ଲକ୍ଷ୍ୟ ନେଇ ହୋଇଥିବା ବିଭିନ୍ନ ନିଷ୍ପତ୍ତି କେବଳ କାଗଜ କଲମରେ ସୀମିତ ରହିଛି। ଏଥିରୁ ଏହି ବେଆଇନ କାରବାରର ଚେର ସ୍ଥାନୀୟ କେତେଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଜରିଆରେ ଲଘୁ ଖଣି ନିର୍ଦ୍ଦେଶକଙ୍କ ପର୍ଯ୍ୟନ୍ତ ଲମ୍ବିଥିବା ମତପ୍ରକାଶ ପାଇଛି।

ଏ ସଂକ୍ରାନ୍ତରେ ଯାଜପୁର ଡିଡିଏମ୍ ଜୟପ୍ରକାଶ ନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ଏଯାଏ ଜଣେ ହେଲେ ଲିଜ୍‌ଧାରୀ ମାଇନ ମ୍ୟାନେଜର ନିଯୁକ୍ତି କରିଥିବା ସୂଚନା ମିଳିନାହିଁ। ଯେଉଁ ଲିଜ୍‌ଧାରୀ ଡିଜିଏମ୍ଏସ୍‌ର ନିର୍ଦ୍ଦେଶକୁ ଅବମାନନା କରିବେ, ତା'ର ଫଳ ସେମାନେ ହିଁ ଭୋଗିବେ ।



ମା' ବିରଜାଙ୍କ ରଥ।

# ମା' ବିରଜାଙ୍କ ରଥଯାତ୍ରା ଆରମ୍ଭ

**ଯାଜପୁର ଟାଉନ,୩।୧୦ (ପ୍ରଯଜ୍ଞା ପ୍ରିୟଦର୍ଶନୀ ମହାନ୍ତି):**

ଯାଜପୁର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ରଥଯାତ୍ରା ଗୁରୁବାରଠାରୁ ଆରମ୍ଭ ହୋଇଛି। ଏହା ୯ଦିନ ପର୍ଯ୍ୟନ୍ତ ଚାଲିବ। ମା'ଙ୍କ ରଥ ଟାଣିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ରଥଯାତ୍ରା ଉତ୍ସବକୁ ବହୁ ଆଡମ୍ବର ସହକାରେ ପାଳନ ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ବିଗତ ବର୍ଷପରି ଚଳିତ ବର୍ଷ ମଧ୍ୟ ଯାଜପୁରର ବୈଦ୍ୟରାଜପୁର ଘଣ୍ଟବାଦକ ସଂଘ ପକ୍ଷରୁ ଘଣ୍ଟବାଦନ, ବିଭିନ୍ନ କୀର୍ତ୍ତନ ଦଳ ଏହି କାର୍ଯ୍ୟକ୍ରମରେ ସାମିଲ ହେବେ ବୋଲି ଜଣାପଡିଛି।

ଓଡ଼ିଶାରେ ଯେତେ କ୍ଷେତ୍ର ଅଛି ସେଥିମଧ୍ୟରୁ ୪ କ୍ଷେତ୍ରକୁ ପ୍ରାଧାନ୍ୟ ଦିଆଯାଇଛି ରଥ ସଂସ୍କୃତି ପାଇଁ। ଏହାମଧ୍ୟରୁ ମା' ବିରଜାଙ୍କ ରଥଯାତ୍ରା ଅନ୍ୟତମ। ଶକ୍ତିପୀଠରେ ରଥଯାତ୍ରା ସମଗ୍ର ଭାରତ ବର୍ଷରେ ଏକ ବିରଳ ପରମ୍ପରା। ପ୍ରତ୍ୟେକ ବର୍ଷ ପରି ଆଶ୍ୱିନ ଶୁକ୍ଳ ପ୍ରତିପଦ ତିଥିରେ ମା'ଙ୍କ ରଥ ପ୍ରତିଷ୍ଠା ପର୍ବ ହୋଇଥାଏ। ମନ୍ଦିରରେ ଦେବୀଙ୍କର ଷୋଡଶ ଉପଚାର ପୂଜା କରାଯାଇ ରଥ ସମର୍ପିତ ହୁଏ।



ଦେବୀଙ୍କର ରୌପ୍ୟ ଆଶାଦଣ୍ଡ ରଥ ମଣ୍ଡପକୁ ବିଜେ କରନ୍ତି। ସେଠାରେ ଗଣପତିଙ୍କ କଳସ ସହ ଦଶଦିଗପାଳଙ୍କ କଳସ ସ୍ଥାପନା କରାଯାଇ ଯଥାବିଧି ପୂଜା ପାଠ ଓ ହୋମ କରାଯାଏ। ରଥରେ ରଥାଧିଷ୍ଠାତୃଦେବ/ଦେବୀଙ୍କ ପୂଜା କରାଯାଇ ରଥ ଚାରିଦିଗରେ ଦଶଦିଗପାଳଙ୍କୁ ମାଷୋଦୋନ-ବଳି ପ୍ରଦାନ କରାଯାଏ। ଏହି ପୂଜାକର୍ମ ସମୟରେ ଦେବୀଙ୍କ ସେବାୟତ, ବ୍ରାହ୍ମଣ, ଅନ୍ୟାନ୍ୟ ସେବକ, ରଥନିର୍ମାତା ମହାରଣା ଓ ଭକ୍ତମାନେ ଉପସ୍ଥିତ ରୁହନ୍ତି। ବିଧିବିଧାନ ସହିତ ପୂଜା ଶେଷ ହେବା ପରେ ରଥକୁ ବିଜେ କରିବା ପାଇଁ ପୂଜକ ଦେବୀଙ୍କୁ ନିବେଦନ ଜଣାନ୍ତି। ଭକ୍ତଙ୍କ ହରିବୋଲ, ହୁଳହୁଳି, ମୃଦଙ୍ଗ, ଶଙ୍ଖ, ଆଦି ବାଦ୍ୟଘୋଷ ଓ ପୂଜକଙ୍କ ସ୍ତୁତି ଗାନରେ ପ୍ରକମ୍ପିତ ହୋଇପଡେ ମା'ଙ୍କ ମନ୍ଦିର ପରିବେଶ। ପରେ ଦେବୀ ବିରଜାଙ୍କ ଚଳନ୍ତି ପ୍ରତିମା ମନ୍ଦିରରୁ ବାହାରି ସୁସଜ୍ଜିତ ଦୋଳା ବିମାନରେ ସିଂହଦ୍ୱାର ନିକଟକୁ ବିଜେକରନ୍ତି। ରଥ ପ୍ରଦକ୍ଷିଣ କରିବା ପରେ ଦେବୀଙ୍କୁ ରଥାରୂଢ କରାଯାଇଥାଏ। ରଥଉପରେ ପ୍ରତିପଦ ଠାରୁ ମହାନବମୀ ପର୍ଯ୍ୟନ୍ତ ଦେବୀଙ୍କର ଷୋଡଶ ଉପଚାର ପୂଜା ଓ ଚଣ୍ଡୀପାଠ ହୋଇଥାଏ। ମା' ବିରଜାଙ୍କ ଏହି ରଥକୁ ସିଂହଧ୍ୱଜ ବା ବିଜୟା ରଥ ବୋଲି କୁହାଯାଏ। ରଥର ଉଚ୍ଚତା ୪୫ହାତ ଅଧେ ଏବଂ ଏଥିରେ ୧୨ଟି ଚକ ଲାଗିଥାଏ। ୭୪୬ ଖଣ୍ଡ ଦାରୁରେ ତିଆରି ହୋଇଥିବା ସିଂହଧ୍ୱଜ ରଥଟି ନିର୍ମାଣ ସରିବା ପରେ ଏହାକୁ ଶ୍ୱେତ, ରକ୍ତ ଓ ପିତ ବସ୍ତ୍ରରେ ଆବରଣ କରାଯାଇଥାଏ। ରଥରେ ଥିବା ଚକ ୧୨ଟିକୁ ଦ୍ୱାଦଶ ଆଦିତ୍ୟଙ୍କର ପ୍ରତୀକ ଏବଂ ଏହାକୁ ଯୁଗଚକ୍ର, କାଳଚକ୍ର ଇତ୍ୟାଦି ନାମରେ ନାମିତ କରାଯାଇଛି। ରଥର ନେତର ନାମ ତ୍ରୈଲୋକ୍ୟ ପାବନୀ ବୋଲି କୁହାଯାଏ। ରଥର ଊର୍ଦ୍ଧ୍ୱରେ ରଥ ରକ୍ଷକ-ଉଗ୍ର ନୃସିଂହ, ରଥ ରକ୍ଷିକା-ମହାସରସ୍ୱତୀ ଏବଂ ସାରଥି-ସ୍ୱୟଂ ବ୍ରହ୍ମା ରଥର ସୁରକ୍ଷା ଓ ପରିଚାଳନା ଭାର ବହନ କରନ୍ତି ବୋଲି କିମ୍ବଦନ୍ତୀ ରହିଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଥମ୍ପସନ



@ ମନୋଜ



@ ରଞ୍ଜନ



@ ଶୈଳ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଗଚ୍ଛିତ କ୍ରୋମାଇଟ୍ ଜବତ

**ପାଣିକୋଇଲି,୩।୧୦(ବିକାଶ ମଲ୍ଲିକ):**

ପାଣିକୋଇଲି ଥାନା ଅନ୍ତର୍ଗତ ମାଳଆନନ୍ଦପୁର ପଞ୍ଚାୟତର ସଠିପୁରଠାରେ ଗଚ୍ଛିତ ଥିବା କ୍ରୋମାଇଟକୁ ଯାଜପୁରରୋଡ ଖଣି ବିଭାଗ ପକ୍ଷରୁ ଜବତ କରାଯାଇଛି। ସବୁଜ ପାଲ ଘେରା ମଧ୍ୟରେ ୨୦.୫ ମେଟ୍ରିକ ଟନ କ୍ରୋମାଇଟକୁ ଜବତ କରି କାର୍ଯ୍ୟାଳୟକୁ ନିଆଯାଇଛି। ଉଚ୍ଚ ମାନର ଏହି କ୍ରୋମାଇଟର ଆନୁମାନିକ ମୂଲ୍ୟ ୭ ଲକ୍ଷଟଙ୍କା ହେବ। ହେଲେ ଏହି ବ୍ୟବସାୟ କିଏ କରୁଥିଲେ ତା'ର କିଛି ସୂଚନା ମିଳିନି। ଖଣି ଅଧିକାରୀ ରଞ୍ଜିତ ଦାସଙ୍କ ନେତୃତ୍ୱରେ ଆଶିଷ କୁମାର ସାହୁ, ପୁନମ ବେହେରା ଓ କାହ୍ନୁଚରଣ ଦେହୁରୀ ପ୍ରମୁଖ ଏହି ଚଢ଼ାଉ କରିଥିଲେ।

# ପାରାଦୀପ ଇଫ୍‌କୋ ୟୁନିଟ୍ ମୁଖ୍ୟ ହେଲେ ପି.କେ. ମହାପାତ୍ର

**ପାରାଦୀପ,୩।୧୦(ଶରତ ରାଉତ)**

ପାରାଦୀପ ଇଫ୍‌କୋ ସାର କାରଖାନାର ମୁଖ୍ୟ ଭାବେ ଗୁରୁବାର ପ୍ରଦୀପ କୁମାର ମହାପାତ୍ର ଦାୟିତ୍ୱ ଗ୍ରହଣ କରିଛନ୍ତି। ତାଙ୍କୁ ପୂର୍ବତନ ୟୁନିଟ୍ ମୁଖ୍ୟ ତଥା ବର୍ତ୍ତମାନ ନିର୍ଦ୍ଦେଶକ କେ.ଜେ. ପଟେଲ ଦାୟିତ୍ୱ ପ୍ରଦାନ କରିଥିଲେ। ଏନେଇ ଇଫ୍‌କୋ ପ୍ରଶାସନିକ ଭବନର ବରିଷ୍ଠ ଅଧିକାରୀ, ପ୍ଲାଣ୍ଟରେ କାମ କରୁଥିବା ବୈଷୟିକ ଅଧିକାରୀମାନେ ତାଙ୍କୁ ସ୍ୱାଗତ କରିଥିଲେ। ନିର୍ଦ୍ଦେଶକ ପଟେଲ ପଦୋନ୍ନତି ପାଇ ଦିଲ୍ଲୀରେ ବୈଷୟିକ ନିର୍ଦ୍ଦେଶକ ଭାବେ ଦେଶର ସମସ୍ତ ଇଫ୍‌କୋ କାରଖାନା ପରିଚାଳନା କରିବେ। ପି.କେ. ମହାପାତ୍ର ୨୦୦୭ ରୁ ପାରାଦୀପ ୟୁନିଟ କାରଖାନାର ସାଧାରଣ ପରିଚାଳକ ଭାବେ କାମ କରୁଛନ୍ତି। ସମଗ୍ର ବିଶ୍ୱରେ ପାରାଦୀପ ଇଫ୍‌କୋ ୟୁନିଟ୍ ପ୍ରଥମ କରି ନାନା ତରଳ ସାର ଉତ୍ପାଦନ ଆରମ୍ଭ କରିଛି। ଏହି ସାର ଉତ୍ପାଦନରେ ମହାପାତ୍ରଙ୍କ ପ୍ରମୁଖ ଭୂମିକା ଥିଲା। ଆଗକୁ ଇଫ୍‌କୋ ସଂସ୍ଥାର ମାନ ଗୁଣବତ୍ତା ବଳବତ୍ତର ରଖିବା ସହ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହ ସୁସମ୍ପର୍କ ରଖିବୁ ବୋଲି ମହାପାତ୍ର କହିଛନ୍ତି।



କେ.ଜେ. ପଟେଲଠାରୁ ପ୍ରଦୀପ କୁମାର ମହାପାତ୍ର ଦାୟିତ୍ୱ ଗ୍ରହଣ କରୁଛନ୍ତି।

# ବାଇପାସ୍ ରାସ୍ତା ନିର୍ମାଣ ପାଇଁ ଅବାଧ ଗଛକଟା

**ପଟ୍ଟାମୁଣ୍ଡାଇ,୩।୧୦(କଳ୍ପତରୁ ନାୟକ)**

- ଅଳ୍ପ ଟଙ୍କାରେ ନିଲାମ କଲା ବନ ବିଭାଗ
- ଉଠିଗଲା କାଠଗଣ୍ଡି, ପଡ଼ିଛି ଚେର

କେନ୍ଦ୍ରାପଡ଼ା ଜିଲା ରାଜନଗର ବନଖଣ୍ଡ ଅଧୀନ ମହାକାଳପଡ଼ା ରେଞ୍ଜ ଅଧୀନ ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ନୂଆ ବାଇପାସ୍ ରାସ୍ତା ନିର୍ମାଣ ପାଇଁ ଅବାଧ ଗଛ କଟା ହୋଇଛି। ସର୍ବସାଧାରଣ ସ୍ଥାନରୁ ମୂଲ୍ୟବାନ ଗଛ କାଟି ଦିଆଯିବା ଏବଂ ତାକୁ ସ୍ୱଳ୍ପ ଟଙ୍କାରେ ବନ ବିଭାଗ ନିଲାମ କରିବା ଘଟଣା ଏଠାରେ ବିବାଦ ସୃଷ୍ଟି କରିଛି। ଦିନେ ସ୍ଥାନୀୟ ବଜାର ପାଖ କେନାଲ ରାସ୍ତାର ସବୁଜିମା ଲୋକମାନଙ୍କୁ ଶାନ୍ତ, ଶୀତଳ ପରିବେଶର ଅନୁଭୂତି ଦେଉଥିଲା। ବର୍ତ୍ତମାନ ସେହି ସ୍ଥାନ ଗଛଶୂନ୍ୟ ହୋଇଛି। ବିଭିନ୍ନ ସମୟରେ ବନ୍ଧକୁ ମଜଭୁତ କରିବାକୁ ସରକାର ପଦକ୍ଷେପ ନେଇ ବନ୍ଧପାର୍ଶ୍ୱରେ ଗଛ ଲଗାଇବାର ବ୍ୟବସ୍ଥା କରିଥିଲେ। ହେଲେ ଏବେ ଶତାଧିକ ଗଛ କଟାଯିବା ଫଳରେ ବନ୍ଧ ଏବଂ ପରିବେଶ ଉପରେ ଏହାର ପ୍ରଭାବ ପଡ଼ିବା ଆଶଙ୍କା ସୃଷ୍ଟି ହୋଇଛି।

ଏହି ଘଟଣାକୁ ନେଇ ସାମାଜିକ କର୍ମୀ ପ୍ରବୀର ନାୟକ କହିଛନ୍ତି, ପଟ୍ଟାମୁଣ୍ଡାଇ ସହରରୁ ଟ୍ରାଫିକ୍ ସମସ୍ୟା ଦୂର କରିବା ପାଇଁ ରାଜ୍ୟ ସରକାର ୨୦୨୨ରେ ପଟ୍ଟାମୁଣ୍ଡାଇଠାରୁ କଖାରୁଣୀ ପୋଲ ପର୍ଯ୍ୟନ୍ତ ବାଇପାସ୍ ରାସ୍ତା ପୂର୍ତ୍ତ ବିଭାଗ ଅଧୀନରେ ନିର୍ମାଣ କରିବାକୁ ଯୋଜନା ପ୍ରସ୍ତୁତ କରିଥିଲେ। ଏଥିପାଇଁ ୨୧ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ଟେଣ୍ଡର କରାଯିବା ପରେ ଠିକା ସଂସ୍ଥା ନିର୍ମାଣ କାମ ଆରମ୍ଭ କରିଛି। ମାତ୍ର ଗଛ ସମସ୍ୟା ପାଇଁ ରାସ୍ତା ନିର୍ମାଣ କାର୍ଯ୍ୟ ଅଗ୍ରଗତି ହୋଇପାରୁ ନ ଥିଲା। ଏଥିପାଇଁ ସରଜମିନ ତଦନ୍ତ ପରେ ରାସ୍ତା ନିର୍ମାଣ ବାଟରୁ ଗଛ ହଟାଇବାକୁ ନିଷ୍ପତ୍ତି ନିଆଗଲା। ମାତ୍ର କେତେଜଣ ବ୍ୟକ୍ତି ରାସ୍ତାର ଦକ୍ଷିଣ ପାର୍ଶ୍ୱ ୧୦ରୁ ୧୫ ଫୁଟ ଦୂରରୁ ପାଖାପାଖି ୫୦ରୁ ଅଧିକ ତାଳ ଆକାଶିଆ, ଚାକୁଣ୍ଡା, ନିମ୍ବ, ୟୁକାଲପଟାସ ଓ ବାଉଁଶ ଗଛ କାଟି ଦେଇଥିଲେ। ବର୍ତ୍ତମାନ ସମୟରେ ବୃକ୍ଷ କାଟିବା ପ୍ରକୃତି ଓ ପରିବେଶ ସୁରକ୍ଷା ଉପରେ ଗଭୀର ପ୍ରଭାବ ପଡୁଛି। ଏପରି ସ୍ଥଳେ ପ୍ରଶାସନ ସମୂହ ସ୍ୱାର୍ଥକୁ ଆଡ଼େଇ ଯାଇ ସହରକୁ ଚକାଚକ୍ କରିବାକୁ ଆଗଭର ହୋଇ କାର୍ଯ୍ୟ କରିଛି। ଏ ନେଇ ପରିବେଶବିତ୍



କଟାଯାଇଥିବା ଗଛକୁ ନିଲାମ ପରେ ଅନ୍ୟତ୍ର ନିଆଯାଉଛି।

ବିଭୂତି ମହାପାତ୍ରଙ୍କ କହିବା ଅନୁଯାୟୀ, ଗଛ ଚେର ମାଟିକୁ ଜାବୁଡ଼ି ଧରୁଥିବାରୁ ମାଟି ଖସିବାକୁ ଦିଏନାହିଁ। ଏଥିପାଇଁ ବନ୍ଧକୁ ସୁରକ୍ଷା ଓ ମଜଭୁତ କରିବାରେ ଗଛର ଭୂମିକା ଅଧିକ ରହିଛି। ସେହିପରି ପରିବେଶରେ ସନ୍ତୁଳନ ବଜାୟ ରଖିବାକୁ ଯେତିକି ଗଛ କଟାଯିବ ତା'ର ପାଞ୍ଚଗୁଣା ଗଛ ବିଭିନ୍ନ ସ୍ଥାନରେ ରୋପଣ କରାଯିବା ଉଚିତ। ଗଛ କାଟି କଂକ୍ରିଟ ରାସ୍ତା ତିଆରି କରାଯାଉଛି, ହେଲେ ଗଛଟିଏ ଲଗାଇବା ଦିଗରେ କୌଣସି ପଦକ୍ଷେପ ନିଆଯାଉନାହିଁ ବୋଲି ସେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ବାସିନ୍ଦା ଦେବାଶିଷ ପ୍ରଧାନ କହିଛନ୍ତି, ସହରରେ ବହୁ କୋଠାବାଡ଼ି ନିର୍ମାଣ କରାଯାଉଥିବାରୁ ଗଛର ପରିମାଣ କମି କମି ଯାଇଛି । ଏହିରାସ୍ତାରେ ଭରପୂର ଗଛ ଥିବାରୁ ସବୁଜିମା ଭରି ରହି ଖରାଦିନେ ଶାନ୍ତି ଅନୁଭବ ହେଉଥିଲା। ବର୍ତ୍ତମାନ ଏହାର ଚିତ୍ର ସମ୍ପୂର୍ଣ୍ଣ ବଦଳି ଯାଇଛି। ସେହିପରି ରବୀନ୍ଦ୍ର ଭଞ୍ଜ କହିଛନ୍ତି, ପିଲାବେଳୁ ଏହି ଅଞ୍ଚଳରେ ଆମେ ଅଛୁ। ବ୍ରିଟିଶ ଅମଳର ବନ୍ୟା ନିରୋଧ ଦଶହଜାରୀ ରିଂ ବନ୍ଧରେ ଗଛଲତା ଭରପୂର ଥିବାରୁ ବନ୍ୟା ଦାଉରୁ ସହରକୁ ବଞ୍ଚାଯାଇ ପାରିଥିଲା। ଏଠାରେ ବନ୍ଧ ନିର୍ମାଣଠାରୁ ବହୁ ଉନ୍ନତୀକରଣ ଦେଖି ଆସୁଛି। ହେଲେ ପୂର୍ବରୁ ଉନ୍ନତୀକରଣ ନାମରେ ଏପରି ଗଛ କାଟିବା ଦେଖି ନ ଥିଲି। ବହୁ ବର୍ଷ ପୂର୍ବରୁ ଲଗାଯାଇଥିବା ଗଛ ଅଞ୍ଚଳର ସୌନ୍ଦର୍ଯ୍ୟକରଣର ବୃଦ୍ଧି ସହ ସବୁଜିମାରେ ପରିଣତ କରିଥିଲା। ହେଲେ ବର୍ତ୍ତମାନ ସେହି ସ୍ଥାନ ଶୁଷ୍କ ଅଞ୍ଚଳ ଭଳି ଦେଖାଯାଉଛି। ରାଜନଗର ବନ ବିଭାଗ ଜାଣତରେ ଅନେକ ପୁରୁଣା ଗଛ କାଟି ଦିଆଯାଇଛି ବୋଲି ସହରବାସୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଏହିସବୁ ଗଛର ଆନୁମାନିକ ମୂଲ୍ୟ ପ୍ରାୟ ୫ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ବନ ବିଭାଗ ମାତ୍ର ୭୩ ହଜାର ୭୧୪ ଟଙ୍କାରେ କଟାଯାଇଥିବା ଗଛ ନିଲାମ କରିବା ଘଟଣା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ମହାକାଳପଡ଼ା ରେଞ୍ଜର ନଳିନୀକାନ୍ତ ବେହେରାଙ୍କୁ ପଚାରିବାରୁ ଏଥିରେ ମୋର କୌଣସି ଭୂମିକା ନାହିଁ। ଏସ୍‌ଡିଏମ୍ ଯାଜପୁର ନିଲାମ ପ୍ରକ୍ରିୟା କରିଛନ୍ତି ବୋଲି ସେ କହିଛନ୍ତି।

# ସ୍ୱଚ୍ଛଳ ପାଉଛନ୍ତି, ଗରିବଙ୍କୁ ମିଳୁନି ଆବାସ ଘର




ଦିଶା ବୈଠକରେ ଏମ୍ପି ଭର୍ତ୍ତୃହରି ମହତାବ, ବାଚସ୍ପତି ସୁରମା ପାଢ଼ୀଙ୍କ ସମେତ ଅନ୍ୟମାନେ।

**ନୟାଗଡ଼,୩।୧୦(ଲୋକନାଥ ମିଶ୍ର)**

## ଜିଲା ଉନ୍ନୟନ କୋଅର୍ଡିନେଶନ ଆଣ୍ଡ ମନିଟରିଂ କମିଟି ବୈଠକ

- ୩୦ ହଜାର ଟଙ୍କା ଦେଲେ ମିଳୁଛି ଆବାସ ଯୋଜନାର କାର୍ଯ୍ୟାଦେଶ
- ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରିବାକୁ ଉଠିଲା ଦାବି
- ଦଶପଲ୍ଲାରେ ଖୋଲିଲା ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ ଅଫିସ

ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲା ଉନ୍ନୟନ କୋଡିନେଶନ ଆଣ୍ଡ ମନିଟରିଂ କମିଟି(ଦିଶା)ର ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କମିଟିର ଅଧକ୍ଷ କଟକ ଏମ୍ପି ଭର୍ତ୍ତୃହରି ମହତାବ ଏଥିରେ ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଚସ୍ପତି ତଥା ରଣପୁର ବିଧାୟକ ସୁରମା ପାଢ଼ୀ, ପୁରୀ ଏମ୍ପି ସମ୍ବିତ ପାତ୍ର, କନ୍ଧମାଳ ଏମ୍ପି ସୁକାନ୍ତ ପାଣିଗ୍ରାହୀ,ଦଶପଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ, ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଜିଲା ପରିଷଦ ନିର୍ବାହୀ ଅଧିକାରୀ ଦେବଦତ୍ତ ପଣ୍ଡା ପ୍ରମୁଖ ସମୀକ୍ଷା କରିଥିଲେ। ଜିଲା ପରିଷଦ ସଭ୍ୟ, ବ୍ଲକ ଅଧକ୍ଷମାନେ ମଧ ସମୀକ୍ଷାରେ ଭାଗ ନେଇଥିଲେ। ଏଥିରେ ବନବିଭାଗର କାମ୍ପା ଯୋଜନା ସଂକ୍ରାନ୍ତରେ ଆଲୋଚନା ହୋଇଥିଲା। ତେବେ ତଥ୍ୟ ଥିବାବେଳେ ଡିଏଫ୍ଓ ଅନୁପସ୍ଥିତ ଥିବାରୁ ପରବର୍ତ୍ତୀ ବୈଠକକୁ ଆଲୋଚନା ରଖାଯାଇଛି। ଅନ୍ୟପକ୍ଷେ ଦଶପଲ୍ଲା ବ୍ଲକର ମଞ୍ଜରୀଠାରେ ଥିବା ବୃତ୍ତଙ୍ଗ ପ୍ରକଳ୍ପକୁ ପରିବେଶ ମଞ୍ଜୁରୀ ପରେ ପ୍ରକଳ୍ପ ପାଇଁ ୧୬୫୮ କୋଟି ୭୨ ଲକ୍ଷ ବ୍ୟୟ ମଞ୍ଜୁର କରାଯାଇଛି। ପ୍ରକଳ୍ପର କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଚିଫ୍ କନଷ୍ଟ୍ରକଶନ ଇଞ୍ଜିନିୟର ଅଫିସ ଦଶପଲ୍ଲାରେ ଖୋଲି ସାରିଲାଣି। ଜଳସମ୍ପଦ ବିଭାଗ ପକ୍ଷରୁ ଦାୟିତ୍ୱ ହସ୍ତାନ୍ତର କରାଯାଇଛି ବୋଲି ବୈଠକରେ କୁହାଯାଇଥିଲା।

୩୦ ହଜାର ଟଙ୍କା ଦେଲେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳୁଛି ବୋଲି ଖଣ୍ଡପଡ଼ା ବିଧାୟକ ସ୍ୱାଇଁ ଅଭିଯୋଗ କରିଥିଲେ। ବିଭିନ୍ନ ଅଞ୍ଚଳ ବୁଲିବା ସମୟରେ ଏଭଳି ଅଭିଯୋଗ ମିଳୁଛି ବୋଲି କ୍ଷୋଭର ସହ କହିଥିଲେ। ସେହିଭଳି ବହୁ ସ୍ୱଚ୍ଛଳ ବର୍ଗ ଆବାସ ଯୋଜନାରେ ଘର କରିବାରେ ସକ୍ଷମ ହେଉଛନ୍ତି। ମାତ୍ର ଭଙ୍ଗା ଘରେ ଓ ପାଲଟଣା ଘରେ ରହୁଥିବା ପରିବାର, ଘରପୋଡ଼ି ବିପନ୍ନ, ଗୃହଶୂନ୍ୟ ପରିବାର ଆବାସ ଯୋଜନା ପାଉ ନାହାନ୍ତି। ଆବାସ ଯୋଜନାରେ ଘରଟିଏ ପାଇଁ ବହୁ ଗରିବ ଲୋକ ବାଦ୍ ପଡି ଘରଟିଏ ପାଇଁ ସଂଗ୍ରମ କରୁଛନ୍ତି। ସେମାନଙ୍କୁ କିଭଳି ଆବାସ ଯୋଜନାରେ ସାମିଲ କରାଯିବ ସେନେଇ ଏମ୍ପି, ବିଧାୟକ ଗୃହରେ ପ୍ରସଙ୍ଗ ଉଠାଇ ସମାଧାନ ପାଇଁ ପନ୍ଥା ନିର୍ଦ୍ଧାରଣ କରିବାକୁ ପ୍ରସ୍ତାବ ରଖିଥିଲେ। ସେହିଭଳି ଜିଲାରେ କେତେ ପରିବାର ଆବାସ ଯୋଜନା ପାଇବାକୁ ହକଦାର, କେତେଜଣ ପ୍ରକୃତ ହିତାଧିକାରୀ କଟି ଯାଇଛନ୍ତି ତାର ତଥ୍ୟ ଠିକରେ ମିଳୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ସହର ଆବାସ ଯୋଜନା ଉପରେ ମଧ୍ୟ ଆଲୋଚନା ହୋଇଥିଲା।

## ବିଶ୍ୱକର୍ମା ଯୋଜନା ତ୍ୱରାନ୍ୱିତ କରିବାକୁ ଦାବି

ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ସମ୍ପର୍କରେ ଗୃହରେ ଠିକ୍ ତଥ୍ୟ ଉପସ୍ଥାପନ କରାଯାଇ ପାରୁ ନ ଥିବା କମିଟି ଅଧ୍ୟକ୍ଷ କହିଥିଲେ। ଏହାର ପ୍ରଚାର, ପ୍ରସାର କରିବାର ଆବଶ୍ୟକତା ରହିଛି। ନୟାଗଡ଼ ଜିଲାର ମନ୍ଦିର ଶିଳ୍ପୀ ସାରା ଭାରତରେ ସୁନାମ ଅର୍ଜନ କରିଥିବାବେଳେ ଦକ୍ଷତା ପ୍ରମାଣର ଆବଶ୍ୟକତା ନାହିଁ। ଅନ୍ୟପକ୍ଷେ ବିଶ୍ୱକର୍ମା ଯୋଜନାରେ ସରପଞ୍ଚଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। ଆବେଦନକାରୀଙ୍କ ଦରଖାସ୍ତ ପରେ ସରପଞ୍ଚଙ୍କ ସ୍ୱୀକୃତି ନ ମିଳିଲେ ହିତାଧିକାରୀ ଯୋଜନାର ସୁଫଳ ପାଇବେ ନାହିଁ। ଏଣୁ ଅନେକ ଆବେଦନକାରୀ ଏହାର ସୁଫଳ ନେଇ ପାରୁନାହାନ୍ତି। ଏନେଇ ଅଧିକ ସଚେତନତାର ଆବଶ୍ୟକତା ରହିଛି। ତେବେ ବିଶ୍ୱକର୍ମା ଯୋଜନାରେ ଜିଲାରେ ୩୫୬୭୪ ପଞ୍ଜିକୃତ ହୋଇଛି। ତୃତୀୟ ପର୍ଯ୍ୟାୟ ତଦନ୍ତ ଶେଷ ହୋଇଛି। ୩୦୦ ହିତାଧିକାରୀ ତାଲିମ ପାଇଛନ୍ତି।

# ତଥ୍ୟ ଦେଇ ନ ପାରି ବୀମା କମ୍ପାନୀ ମ୍ୟାନେଜର ଅପଦସ୍ଥ

**ନୟାଗଡ଼,୩।୧୦(ଲୋକନାଥ ମିଶ୍ର)**

ଦିଶା ବୈଠକରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ତଥ୍ୟ ଦେଇ ନ ପାରି ବୀମା କମ୍ପାନୀର ମ୍ୟାନେଜର ହଟହଟା ହେବା ଦେଖିବାକୁ ମିଳିଥିଲା। ଏମ୍ପି, ବିଧାୟକ, ଜିଲାପାଳ, ଜିଲା ପରିଷଦ ସଭ୍ୟଙ୍କ ପ୍ରଶ୍ନରେ ମ୍ୟାନେଜର ନୀରବ ରହିଥିଲେ। କମ୍ପାନୀର ମ୍ୟାନେଜର ଓଡିଆ ବୁଝୁ ନ ଥିବାରୁ ଗୃହରେ ହିନ୍ଦି ଓ ଇଂଲିଶରେ ପ୍ରାୟ ୨୦ ମିନିଟ ଧରି ତର୍କ ବିତର୍କ ଲାଗି ରହିଥିଲା।ଅନ୍ୟପକ୍ଷେ ୨୦୨୩ ଆର୍ଥିକ ବର୍ଷରେ ୨୮ ହଜାର ୮୨୭ ଚାଷୀ ବୀମା କରିଥିବାବେଳେ ଚଳିତ ବର୍ଷ ୩୨ ହଜାର ୬୦୧ ଚାଷୀ ବୀମା କରିଛନ୍ତି। ବୀମା କରିବା ଦେୟ ମୁକ୍ତ ଥିବାବେଳେ ଚଳିତ ବର୍ଷ ଚାଷୀଙ୍କ ସଂଖ୍ୟା ବଢ଼ିଥିଲେ ମଧ ଏହା ସନ୍ତୋଷଜନକ ନ ଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ସଂଖ୍ୟା କାହିଁକି ବଢ଼ିଲାନି, ଜିଲାରେ କେତେ ଚାଷୀ ଅଛନ୍ତି ସେନେଇ କିଛି ସୂଚନା ମିଳି ପାରି ନ ଥିଲା। ଅନ୍ୟପକ୍ଷେ କେତେ ଚାଷୀ ବୀମା କ୍ଷତିପୂରଣ ପାଇଛନ୍ତି, କେତେ ପାଇବାକୁ ଆବେଦନ କରିଥିଲେ, କେତେ ସେଟେଲ ହୋଇଛି, କେତେ ବାତିଲ ହୋଇଛି, କେତେ ପେଣ୍ଡିଂ ଅଛି ସେନେଇ ମ୍ୟାନେଜର ଉତ୍ତର ରଖି ପାରି ନ ଥିଲେ। ଜିଲା ପରିଷଦ ନିର୍ବାହୀ ଅଧିକାରୀଙ୍କ ସହ ଯୋଗାଯୋଗ କରି ସବିଶେଷ ତଥ୍ୟ ରଖିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ।

# ସରକାରୀ ଜମିରେ ଆବାସ ଗୃହ

**ନୟାଗଡ଼,୩।୧୦(ଲୋକନାଥ ମିଶ୍ର)**

ବସୁନ୍ଧରା ଯୋଜନାରେ ୪ ଡେସିମିଲ ଜମି ପାଇଛନ୍ତି ଅଥଚ ଅନେକ ହିତାଧିକାରୀ ସରକାରୀ ଜମିରେ ଘର କରିଛନ୍ତି। ଏଣୁ ଜିଲାରେ ଅନେକ ହିତାଧିକାରୀ କେବଳ ୪୦ ହଜାର ଆବାସ ଯୋଜନାରେ ସରକାରୀ ଅନୁଦାନ ପାଇ ଅନ୍ୟ ଟଙ୍କା ପାଇ ପାରୁ ନାହାନ୍ତି। ବସୁନ୍ଧରା ଯୋଜନାରେ ପାଇଥିବା ଜମିରେ ଘର ନ କରିଲେ ଆବାସ ଯୋଜନାର ଅର୍ଥ ମିଳିବ ନାହିଁ ବୋଲି ବୁଧବାର ବୈଠକରେ କୁହାଯାଇଛି। ଅନ୍ୟପକ୍ଷେ ଜିଲାର ୮ ବ୍ଲକରେ ୭୪୨ ଭୂମିହୀନ ଚିହ୍ନଟ ହୋଇଥିବାବେଳେ ସବୁ ପରିବାର ଆବାସ ଯୋଜନାରେ ଘର କରି ପାରୁ ନାହାନ୍ତି। କେତେକ ପରିବାର ବସୁନ୍ଧରା ଯୋଜନାରେ ୪ ଡେସିମିଲ ଜମି ପାଇଛନ୍ତି ହେଲେ ସେମାନଙ୍କ ଜମି ଚିହ୍ନଟ କରାଯାଇ ହସ୍ତାନ୍ତର ହୋଇ ନ ଥିବାରୁ ଆବାସ ଯୋଜନାର ତ୍ୱରାନ୍ୱିତ ହୋଇ ପାରୁନି। କେତେଜଣ ସେବାସୀ ଠାକୁରଙ୍କ ଜମିରେ ବର୍ଷ ବର୍ଷ ଧରି ରହିଛନ୍ତି। ହେଲେ ପଟ୍ଟା ନ ଥିବାରୁ ଆବାସ ଯୋଜନା କାର୍ଯ୍ୟାଦେଶ ପାଇ ବି ଘର କରି ପାରୁନାହାନ୍ତି। ଆବାସ ଯୋଜନାରେ ଘର କରିବାକୁ ହେଲେ ଏନ୍‌ଓସିର ଆବଶ୍ୟକତା ରହିଛି। ଏନ୍‌ଓସି ପାଇବାକୁ ବର୍ଷ ବର୍ଷ ଲାଗୁଥିବାର ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ରଣପୁର ବ୍ଲକ୍‌ର ଲୋଧାଚୁଆର ମାନପୁର, କାସନ୍ଦାର ପାଟଚଣ୍ଡୀ ପାଟଣା ଓ ବରପଲ୍ଲୀ ଗାଁର ଲୋକମାନେ ଆବାସ ଯୋଜନାରେ ଘର ପାଇବାକୁ ନାମ ନାହିଁ। ଏମାନଙ୍କର ନାମ ସାମିଲ କରିବାକୁ ଦାବି ଉଠିଛି। ପୁଣି ଗଣିଆ ବ୍ଲକର କରଡାପଡା ୭୦ରୁ ୮୦ ପରିବାର ଆବାସ ଯୋଜନାରୁ ବାଦ୍ ପଡିଛନ୍ତି। ଏନେଇ ହାଇକୋର୍ଟରେ ମାମଲା ଥିବାରୁ ଛୋଟିଆ ବ୍ଲକ୍ ହୋଇବି ଗଣିଆର ଆବାସ ଯୋଜନାରେ ଟାର୍ଗେଟ ପୂରଣ ହୋଇ ପାରୁନି। କୋର୍ଟ କେଶ ଯେପରି ଶୀଘ୍ର ସମାଧାନ ହେବ ସେଥିପ୍ରତି ଗୁରୁତ୍ୱ ଦେବାକୁ କୁହାଯାଇଛି।

# ମା'ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣରେ ନିମଗ୍ନ କାରିଗର



ଖଣ୍ଡପଡ଼ାରେ ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣ ଚାଲିଛି।

## ଚଳଚଞ୍ଚଳ ହୋଇଛି ସହର ବଜାର

**ଖଣ୍ଡପଡ଼ା,୩।୧୦(ଅଜୟ କୁମାର ମହାରଣା)**

ପାର୍ବଣ ଋତୁରେ ସହରଠାରୁ ଆରମ୍ଭ କରି ପୁରପଲ୍ଲୀ ଉତ୍ସବ ମୁଖର ହୋଇଉଠିଛି। ନୟାଗଡ଼ ଜିଲା ଖଣ୍ଡପଡ଼ା ସହରର କୁମ୍ଭାରସାହିଠାରୁ ଆରମ୍ଭ କରି କଣ୍ଟିଲୋ, ଖଳିସାହି, ବାହାଡ଼ା, ବେଣାଗାଡ଼ିଆ, କୋସକା,ସିଂଘାପଡ଼ା ଆଦି ଅଞ୍ଚଳରେ ବାସ କରୁଥିବା କାରିଗର ପରିବାର ଏବେ ମା'ଦୁର୍ଗାଙ୍କର ମୃଣ୍ମୟୀ ମୂର୍ତ୍ତି ନିର୍ମାଣରେ ବ୍ୟସ୍ତ ରହିଛନ୍ତି । ଏଥିପାଇଁ କାରିଗରମାନଙ୍କ ଆଖିରେ ନିଦ ନାହିଁ। ସେମାନେ ଦିନରାତି ଏକକରି ମୂର୍ତ୍ତି ନିର୍ମାଣରେ ଲାଗିଛନ୍ତି। ସେହିପରି ବିଭିନ୍ନ ସ୍ଥାନରେ ଥିବା ପୂଜାମଣ୍ଡପଗୁଡିକ ଏବେ ନୂଆ ରୂପରେ ଶୋଭାପାଉଛି । ଦୁର୍ଗା ପୂଜା ପାଇଁ ଖଣ୍ଡପଡ଼ା ସହର ଓ ଖଳିସାହି ସମେତ ଆଖ ପାଖ ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି। ଖଣ୍ଡପଡ଼ା ସହରର କୁମ୍ଭାରସାହି ଓ ତଳସାହି ପୂଜାମଣ୍ଡପରେ ଧୂମଧାମରେ ପୂଜା ପାଳନ ପାଇଁ ଏବେଠୁ ପ୍ରସ୍ତୁତି ଆରମ୍ଭ ହୋଇଛି । ଆସନ୍ତା ୧୨ ତାରିଖ ଦଶହରା ପୂଜା ଅନୁଷ୍ଠିତ ହେବ। ୯ତାରିଖରୁ ମା'ଙ୍କ ସପ୍ତମୀ ପୂଜା ଅନୁଷ୍ଠିତ ହେଉଥିବା ବେଳେ ବିଭିନ୍ନ ପୂଜା କମିଟି ପକ୍ଷରୁ ମା'ଙ୍କ ମୂର୍ତ୍ତି ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ମହାଳୟାରେ ଦେବୀଙ୍କ ମୂର୍ତ୍ତିରେ ଖଡ଼ି ଲାଗି ହୋଇଛି। ଏହାପରେ ରଙ୍ଗ ଲାଗିବା ପରେ କାରିଗରମାନେ ଦେବୀଙ୍କ ମୂର୍ତ୍ତିରେ ଶେଷ ସ୍ପର୍ଶ ଦେବେ । କଣ୍ଟିଲୋ ଅଞ୍ଚଳର ମୂର୍ତ୍ତି କାରିଗର ପ୍ରଶାନ୍ତ କୁମାର ସାହୁ ଓ ଅନ୍ୟ କାରିଗରମାନେ ଏଥିପାଇଁ ଲାଗି ପଡିଛନ୍ତି। କେବଳ ମୂର୍ତ୍ତି ନିର୍ମାଣ ନୁହେଁ, ବିଭିନ୍ନ ପୂଜାମଣ୍ଡପରେ ତୋରଣ ନିର୍ମାଣ ଚାଲିଛି । ରଙ୍ଗର ବିଦ୍ୟୁତ୍ ଆଲୋକମାଳାରେ ବିଭିନ୍ନ ସାହିବସ୍ତି ଝଲମଲ ହେବ ବୋଲି ଏବେଠୁ ସୂଚନା ମିଳିଛି । ସାହି ମୁରବୀଙ୍କ ସହିତ ଯୁବଗୋଷ୍ଠୀ ପ୍ରସ୍ତୁତି ପର୍ବରେ ଲାଗିପଡିଛନ୍ତି।

# ଭାଜପା ସଦସ୍ୟତା ଅଭିଯାନରେ ପିଇଓ



ଭାଜପାର ସଦସ୍ୟତା ଅଭିଯାନରେ ଉପସ୍ଥିତ ପିଇଓ।

**ନୟାଗଡ଼,୩।୧୦(ଲୋକନାଥ ମିଶ୍ର)**

ନୟାଗଡ଼ ବ୍ଲକ ନଡ଼ିଆଳି ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) ପ୍ରସନ୍ନ କୁମାର ସେଠୀ ଭାଜପା ସଦସ୍ୟତା ଅଭିଯାନରେ ବୁଲୁଥିବା ଅଭିଯୋଗ ହୋଇଛି। ସେହିଭଳି ପୁରୀ ଏମ୍ପି ସମ୍ବିତ ପାତ୍ରଙ୍କ ପୋଷ୍ଟରେ ଅନେକ ଫଟୋରେ ପିଇଓ ଉପସ୍ଥିତ ଅଛନ୍ତି। ଏମ୍ପିଙ୍କ ସଦସ୍ୟତା ଅଭିଯାନରେ ପିଇଓ କିଭଳି ସାମିଲ ହେଲେ ସେ ନେଇ ପ୍ରଶ୍ନ ଉଠିଛି। ଏନେଇ ପିଇଓ ସେଠୀଙ୍କୁ ପଚାରିବାରୁ କହିଥିଲେ ମୋ ଗାଁ ରୋହିବାଙ୍କରେ ଗଜଲକ୍ଷ୍ମୀ ପୂଜା ହେଉଛି। ମୋ ପରିବାର ଓ ଗାଁର କେତେଜଣ ଲୋକ ନିମନ୍ତ୍ରଣ କରିବାକୁ ଯାଇଥିଲୁ। ଆମେ ଚାକିରିଆ ଲୋକ କ'ଣ ସଦସ୍ୟତା ଅଭିଯାନରେ ସାମିଲ ହୋଇ ପାରିବୁ। ଏହାକୁ ଅଯଥାରେ ରାଜନୀତି କରା ନ ଯାଉ। ମୋତେ ଅଯଥାରେ ବିବାଦକୁ ଟଣା ନ ଯାଉ ବୋଲି କହିଛନ୍ତି। ନୟାଗଡ଼ ବିଡିଓ ପଦ୍ମଚରଣ ସାହୁଙ୍କୁ ପଚାରିବାରେ, ମୋ ପାଖକୁ କୌଣସି ଅଭିଯୋଗ ଆସିନାହିଁ। ଅଭିଯୋଗ ଆସିଲେ ଅନୁଧ୍ୟାନ କରାଯିବ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଥମ୍ସନ




@ ମନୋଜ



@ ରଞ୍ଜନ



@ ଶୈଳ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସ୍ୱଚ୍ଛ ଭାରତ ପାଇଁ ସଭା

**ନୟାଗଡ଼,୩।୧୦ (ଲୋକନାଥ ମିଶ୍ର)**

ବୁଧବାର ଗାନ୍ଧୀ ଜୟନ୍ତୀ ଅବସରରେ ନୟାଗଡ଼ ବ୍ଲକର ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଯଦୁପୁର ସିଙ୍ଗେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସ୍ୱଚ୍ଛ ଭାରତ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ଭାଜପା ସଙ୍ଗଠନ ମନ୍ତ୍ରୀ ମାନସ ମହାନ୍ତି ଏବଂ ପୂର୍ବତନ କନ୍ଧମାଳ ଏମ୍ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂହ, ଶାସକ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ,ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ସରକାରଙ୍କ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇଥିଲା।

# ଦଶହରା ପଡ଼ିଆକୁ ବିଜେ ହେବେ ଶ୍ରୀଜୀଉ

## ସନ୍ଧ୍ୟା ପୂର୍ବରୁ ଶ୍ରୀଜୀଉଙ୍କ ବିଜେ ଦାବି ତେଜିଲା

**ଖଣ୍ଡପଡ଼ା,୩।୧୦ (ଅଜୟ କୁମାର ମହାରଣା)**



ଅବହେଳିତ ହୋଇ ପଡ଼ିଥିବା ଦଶହରା ପଡ଼ିଆ।

ପ୍ରତିବର୍ଷ ଦଶହରାକୁ ନୀଳମାଧବଜୀଉଙ୍କ ଚଳନ୍ତି ପ୍ରତିମା ମହାନଦୀ ଓ କମେଇ ନଦୀର ସଙ୍ଗମସ୍ଥଳରେ ଥିବା ଦଶହରା ପଡ଼ିଆକୁ ସନ୍ଧ୍ୟାରେ ବିଜେ ହୋଇଥାଆନ୍ତି । ତେବେ ସଙ୍କୁଚିତ ମାଳବନ୍ଧ ରାସ୍ତା ତଥା ଅନ୍ଧକାରମୟ ପରିବେଶରେ ଦଶହରା ପଡ଼ିଆକୁ ବିମାନ ଯୋଗେ ଠାକୁର ବିଜେ କରିବାରୁ ନାନା ସମସ୍ୟା ଉପୁଜିବାର ଆଶଙ୍କା ରହିଛି । ଏଥିପାଇଁ ସନ୍ଧ୍ୟା ପୂର୍ବରୁ ଠାକୁରଙ୍କୁ ବିଜେ କରାଯିବା ପାଇଁ ନୀଳମାଧବ ପୂଜକ ସମାଜ ପକ୍ଷରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି ବୋଲି ପୂଜକ ସମାଜ ସମ୍ପାଦକ ପ୍ରଶାନ୍ତ କୁମାର ମିଶ୍ର, ସଭାପତି ସୀମାଞ୍ଚଳ ମିଶ୍ର ସୂଚନା ଦେଇଛନ୍ତି ।

ସୂଚନାଯୋଗ୍ୟ, ପୁରୀ ଶ୍ରୀମନ୍ଦିର ପୂଜାନୀତି ସହ ଶ୍ରୀନୀଳମାଧବଜୀଉ ମନ୍ଦିରର ପୂଜାନୀତିରେ ସାମଞ୍ଜସ୍ୟ ରହିଛି। ଏହି କାରଣରୁ ଶ୍ରୀମନ୍ଦିରରେ ପାଳିତ ହେଉଥିବା ବିଭିନ୍ନ ଯାନିଯାତ୍ରା ମଧ ଏହି ମନ୍ଦିରରେ ପାରମ୍ପରିକ ରୀତିରେ ପାଳିତ ହୋଇଥାଏ। ବିଶେଷ କରି ବର୍ଷର ଗୋଟିଏ ଦିନ ଠାକୁର ଦଶହରା ଅନୁକୂଳ ପାଇଁ ଦଶହରା ପଡ଼ିଆକୁ ବିଜେ କରିଥାଆନ୍ତି । ମାତ୍ର ଐତିହ୍ୟ ସମ୍ପନ୍ନ ଏହି ଦଶହରା ପଡ଼ିଆ ଏବେ ପ୍ରଶାସନିକ ନଜର ଆଢୁଆଳରେ ରହିଛି। କଣ୍ଟିଲୋସ୍ଥିତ ମହାନଦୀ ଓ କମେଇ ନଦୀର ସଂଯୋଗ ସ୍ଥଳରେ ରାଜରାଜୁଡ଼ା ଅମଳରୁ ଯୁଦ୍ଧ କୌଶଳର ଅଭ୍ୟାସ ପାଇଁ ଏହି ପଡିଆ ରହିଥିଲା । ଏହି ପଡ଼ିଆରେ ଖଣ୍ଡାୟତ ଓ ପାଇକମାନେ ଦଶହରାରେ ନୀଳମାଧବଙ୍କ ଚଳନ୍ତି ପ୍ରତିମାଙ୍କୁ ବିଜେ କରାଇ ରଣକୌଶଳ ଶିକ୍ଷାର ଶୁଭାରମ୍ଭ କରୁଥିଲେ । କାଳକ୍ରମେ ସେହି ପରମ୍ପରା ଲୋପ ପାଇ ଯାଇଥିବା ବେଳେ ଦଶହରାରେ ଠାକୁର ଏହି ପଡ଼ିଆକୁ ସନ୍ଧ୍ୟା ସମୟରେ ପାଟପଟୁଆର ସହିତ ବିଜେ କରିଥାଆନ୍ତି । ଠାକୁରଙ୍କ ଏହି କାର୍ଯ୍ୟକ୍ରମକୁ ସୁପରିଚାଳନା ପାଇଁ ଦେବୋତ୍ତର ବିଭାଗ ରହିଥିଲେ ହେଁ ଜଳ ସମ୍ପଦ ଓ ବିଦ୍ୟୁତ ବିଭାଗ ସହଯୋଗ କରିବାକୁ ଦାବି ହୋଇଛି। ନଚେତ୍ ଠାକୁର ଅନ୍ଧକାର ରାତିରେ ପଡ଼ିଆକୁ ବିଜେ କରିବେ ବୋଲି ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି । ଆସନ୍ତା ୧୨ ତାରିଖ ଦଶହରା ଅବସରରେ ଠାକୁର ଏହି ପଡ଼ିଆକୁ ବିଜେ ହେବେ । ଏଥିପାଇଁ ଉକ୍ତ ସ୍ଥାନକୁ ସଫା ସୁତୁରା କରାଯିବାର ଆବଶ୍ୟକତା ରହିଛି । ଅପରପକ୍ଷେ ମାଳବନ୍ଧର ଶେଷମୁଣ୍ଡରେ ଠାକୁର ବିମାନରେ ଓହ୍ଲାଇବାରେ ସମସ୍ୟା ସୃଷ୍ଟି ହେବାର ସମ୍ଭାବନା ଥିବାରୁ ଜଳ ସମ୍ପଦ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି।

ଏ ସମ୍ପର୍କରେ କଣ୍ଟିଲୋ ଜଳ ସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଇଂ.ରାମ ମୋହନ ବେହେରାଙ୍କ ସହ ଯୋଗାଯୋଗ କରିବାରେ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।

# ରଣପୁରରେ ଶିଶୁ ମହୋତ୍ସବ ସୁରଭି

**ରଣପୁର,୩।୧୦ (ସୁକାନ୍ତ କିଶୋର ଡାକୁଆ)**



ସୁରଭି କାର୍ଯ୍ୟକ୍ରମରେ କୃତୀ ଛାତ୍ରୀଛାତ୍ର ପ୍ରମାଣପତ୍ର ପ୍ରଦର୍ଶନ କରୁଛନ୍ତି।

ରଣପୁର ବ୍ଲକ ଅନ୍ତର୍ଗତ ରାଜସୁନାଖଳା ଗୋପୀନାଥପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସାଧନ କେନ୍ଦ୍ରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ରାଜସୁନାଖଳା ସିନିୟର ବେସିକ ସ୍କୁଲ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସାଧନ କେନ୍ଦ୍ରର ସଂଯୋଜକ ପବିତ୍ର କୁମାର ସାମନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ନୟାଗଡ଼ ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ବିଜୟ କୁମାର ତ୍ରିପାଠୀ ମୁଖ୍ୟଅତିଥି, ରାଜସୁନାଖଳା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରକାଶ ଚନ୍ଦ୍ର ସାହୁ ମୁଖ୍ୟବକ୍ତା, ନରେନ୍ଦ୍ରପୁର ବିଡିଏ ବିଦ୍ୟାପୀଠରେ ପ୍ରଧାନଶିକ୍ଷକ ମନୋଜ କୁମାର ଗୁମାନସିଂହ ଓ ସିନିୟର ବେସିକ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସବିତା କୁମାରୀ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ। ସଙ୍ଗୀତଜ୍ଞ ଅବିନାଶ ସୁବୁଦ୍ଧି, ପ୍ରଶିକ୍ଷକ ମନୋରଞ୍ଜନ ଦାଶ ଓ ସନ୍ତୋଷ କୁମାର ମିଶ୍ର ସାଂସ୍କୃତିକ ପ୍ରତିଯୋଗିତା ପରିଚାଳନା କରିଥିଲେ। ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ କ୍ଲଷ୍ଟରର ୧୨ଟି ବିଦ୍ୟାଳୟରୁ ୨୦୦ ଜଣ ପ୍ରତିଯୋଗିତାରେ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଶିକ୍ଷକ ମାନସ କୁମାର ପଟ୍ଟନାୟକ ମଞ୍ଚ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................


ପ୍ରିୟାଂଶୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# କେରଳ ସହ ପଏଣ୍ଟ ଭାଗ କଲା ଓଡ଼ିଶା

**ଭୁବନେଶ୍ୱର, ୩।୧୦ (ତପନ ସ୍ୱାଇଁ)**

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଗୁରୁବାର ଓଡ଼ିଶା ଏଫ୍‌ସି ଓ କେରଳ ବ୍ଲାଷ୍ଟର୍ସ ମଧ୍ୟରେ ଅନୁଷ୍ଠିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ମ୍ୟାଚ ୨-୨ ଗୋଲରେ ଡ୍ର ରହିଛି। ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରିଛନ୍ତି। ଚେନ୍ନାଇନ୍ ଏଫ୍‌ସି ଓ ପଞ୍ଜାବ ଏଫ୍‌ସି ନିକଟରୁ କ୍ରମାଗତ ୨ ମ୍ୟାଚରେ ପରାଜୟ ସହ ଅଭିଯାନ ଆରମ୍ଭ କରିଥିବା ଓଡ଼ିଶା ଏଫ୍‌ସି

**ଇଣ୍ଡିଆନ ସୁପର ଲିଗ୍**

ପରବର୍ତ୍ତୀ ମ୍ୟାଚରେ ଜାମସେଦପୁର ଏଫ୍‌ସିକୁ ପରାସ୍ତ କରିଥିଲା। ଏଠାରେ ମ୍ୟାଚ ଡ୍ର ରଖିବା ଫଳରେ ଦଳ ୪ ମ୍ୟାଚରୁ ୪ ପଏଣ୍ଟ ପାଇ ଟେବୁଲର ୯ମ ସ୍ଥାନରେ ରହିଛି। ଅନ୍ୟପକ୍ଷରେ କେରଳ ବ୍ଲାଷ୍ଟର୍ସ ୧ ବିଜୟ, ୧ ପରାଜୟ ଓ ୨ ଡ୍ର ସହ ୫ ପଏଣ୍ଟ ପାଇଛି।

ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚର ୧୮ଶ ମିନିଟରେ ଗୋଲ ଦେଇ କେରଳ ଦଳକୁ ଅଗ୍ରଣୀ କରିଥିଲେ ନୋଆ ସଦାଓଇ। ୨୧ତମ ମିନିଟରେ ଏହାକୁ ୨-୦ରେ ପରିଣତ କରିଥିଲେ ଜେସସ ଜିମେନେଜ। ଓଡ଼ିଶା ଏଫ୍‌ସି ଉପରେ ଚାପ କ୍ରମଶଃ ବଢ଼ି ଚାଲିଥିବାବେଳେ ୨୯ତମ ମିନିଟରେ କେରଳ ଦଳର ଫ୍ରେଞ୍ଚ୍ ଡିଫେଣ୍ଡର ଆଲେକ୍ସଜାଣ୍ଡ୍ରେ କୋଏଫ୍ ଏକ ଆତ୍ମଘାତୀ ଗୋଲ କରିଥିଲେ। ଏହା ଓଡ଼ିଶା ଏଫ୍‌ସି ପାଇଁ ପ୍ରତ୍ୟାବର୍ତ୍ତନର ପଥ ପରିଷ୍କାର କରିଥିଲା। ୩୬ତମ ମିନିଟରେ ଡିଏଗୋ ମୌରିସିଓ ଏକ ଗୋଲ ଦେଇ ମ୍ୟାଚକୁ ୨-୨ ସ୍ତରକୁ ନେଇ ଆସିଥିଲେ। ପ୍ରଥମାର୍ଦ୍ଧର ଅବଶିଷ୍ଟ ସମୟ ଏବଂ ଦ୍ୱିତୀୟାର୍ଦ୍ଧରେ ଆକ୍ରମଣ ପ୍ରତିଆକ୍ରମଣ ଜାରି ରହିଥିଲେ ହେଁ ଗୋଲ ହୋଇପାରି ନ ଥିଲା। ମ୍ୟାଚରେ ଉଭୟ ଦଳ ସମକକ୍ଷ ପ୍ରଦର୍ଶନ କରିଥିଲେ। ଓଡ଼ିଶା ଏଫ୍‌ସି ୫୧ ପ୍ରତିଶତ ଓ କେରଳ ବ୍ଲାଷ୍ଟର୍ସ ୪୯ ପ୍ରତିଶତ ବଲ୍‌କୁ ନିୟନ୍ତ୍ରଣରେ ରଖିବାରେ ସକ୍ଷମ ହୋଇଥିଲା। ଓଡ଼ିଶା ଏଫ୍‌ସି ଖେଳାଳିମାନେ ୩୭୦ ପାସ୍ ଦେଇଥିବାବେଳେ କେରଳ ଦଳର ପାସ୍ ୩୪୫ ରହିଥିଲା।



କଳିଙ୍ଗ ଷ୍ଟାଡିୟମ୍‌ରେ ଗୁରୁବାର ଓଡ଼ିଶା ଏଫ୍‌ସି ଓ କେରଳ ବ୍ଲାଷ୍ଟର୍ସ ମଧ୍ୟରେ ଅନୁଷ୍ଠିତ ଆଇଏସ୍‌ଏଲ୍ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। (ଫଟୋ: ବିକାଶ ନାୟକ)

# ଅଭିମନ୍ୟୁ ଈଶ୍ୱରନଙ୍କ ଶତକ

**ଲକ୍ଷ୍ନୌ, ୩।୧୦ (ପି.ଟି.)**

ସ୍ଥାନୀୟ ଏକନା ଷ୍ଟାଡିୟମରେ ଚାଲିଥିବା ମୁମ୍ବାଇ ବିପକ୍ଷ ଇରାନୀ କପ୍ କ୍ରିକେଟ ମ୍ୟାଚରେ ଫର୍ମରେ ଥିବା ଅଭିମନ୍ୟୁ ଈଶ୍ୱରନଙ୍କ ଉପଯୋଗୀ ଶତକ ସହାୟତାରେ ଅବଶିଷ୍ଟ ଭାରତ ଏକାଦଶ ୪ ଉଇକେଟରେ ୨୮୯ ରନ କରିଛି। ଗୁରୁବାର ମ୍ୟାଚର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ଦଳ ତଥାପି ମୁମ୍ବାଇର ପ୍ରଥମ ଇନିଂସ ସ୍କୋର ୫୩୭ ରନଠାରୁ ଆଉ ୨୪୮ ରନ ପଛରେ ରହିଛି। ଈଶ୍ୱରନ ୨୧୨ ବଲ୍ ସାମ୍ନା କରି ୧୫୧ ରନ କରି ଅପରାଜିତ ରହିଛନ୍ତି। ସେ ୧୨ ଚୌକା ଓ ଗୋଟିଏ ଛକା ଲଗାଇଛନ୍ତି। ଈଶ୍ୱରନଙ୍କର ଏହା ହେଉଛି ଦ୍ୱିତୀୟ ଇରାନୀ ଟ୍ରଫି ଶତକ। ଆଗାମୀ ଅଷ୍ଟ୍ରେଲିଆ ଲମ୍ବା ଟୁର୍ ପାଇଁ ରିଜର୍ଭ ଟେଷ୍ଟ ଓପନର ଲାଗି ବେଙ୍ଗଲର ଏହି ୨୯ ବର୍ଷୀୟ କ୍ରିକେଟରଙ୍କ ଦୌଡ଼ରେ ଅଛନ୍ତି ତାଙ୍କ ଅବଶିଷ୍ଟ ଭାରତ ଏକାଦଶର ସାଥୀ ଖେଳାଳି ଋତୁରାଜ ଗାଏକ୍ୱାଡ ଓ ସାଇ ସୁଦର୍ଶନ। ସେ ମୋହିତ ଅବସ୍ଥିଙ୍କ ବୋଲିଂରେ ଅଫ୍ ସାଇଡ୍‌ରେ ଏକ ଚୌକା ଲଗାଇ ୧୧୭ ବଲ୍‌ରେ ତାଙ୍କର ଶତକ ହାସଲ କରିଥିଲେ। ଚଳିତ ସିଜନରେ ଈଶ୍ୱରନଙ୍କର ଏହା ହେଉଛି କ୍ରମାଗତ ତୃତୀୟ ଶତକ। ଅଧିନାୟକ ଗାଏକ୍ୱାଡ (୯ରନ)ଙ୍କ ଶୀଘ୍ର ଉଇକେଟର ପତନ ପରେ ଏଠାରେ ଦଳ ନିହାତି ଆବଶ୍ୟକ କରୁଥିବା ବେଳେ ସେ ତାଙ୍କ ଶତକ ହାସଲ କରିଛନ୍ତି। ସୁଦର୍ଶନଙ୍କ ଆରମ୍ଭ ଉତ୍ସାହଜନକ ରହିଥିଲା। ମାତ୍ର ସେ ୭୯ ବଲ୍‌ରେ ୪ ଚୌକା ସହ ମାତ୍ର ୩୨ ରନ କରି କ୍ରିଜ୍ ଛାଡ଼ିଥିଲେ। ଦେବଦତ୍ତ ପଡ଼ିକଲ ମଧ୍ୟ ତିଷ୍ଠି ପାରି ନ ଥିଲେ। ସେ ୩୧ବଲ୍‌ରୁ ମାତ୍ର ୧୬ ରନ କରି ପେସର ମୋହିତ ଅବସ୍ଥିଙ୍କ ଶିକାର ହୋଇଥିଲେ। ପରବର୍ତ୍ତୀ ବ୍ୟାଟର ଇଶାନ କିଶନ ଏକ ବଡ଼ ସୁଯୋଗ ହାତଛଡ଼ା କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ପ୍ରଥମ ଇନିଂସ: ୫୩୭/ଅଲଆଉଟ (ସର୍ଫରାଜ ଖାନ୍-୨୨୨*, ଅଜିଙ୍କ୍ୟ ରାହାନେ-୯୭, ମୁକେଶ କୁମାର-୫/୧୧୦, ଯଶ ଦୟାଲ-୨/୮୯, ପ୍ରସିଦ୍ଧ କ୍ରିଷ୍ଣା-୨/୧୦୨)। ଅବଶିଷ୍ଟ ଭାରତ ଏକାଦଶ ପ୍ରଥମ ଇନିଂସ: ୨୮୯/୪ (ଅଭିମନ୍ୟୁ ଈଶ୍ୱରନ-୧୫୧ ବ୍ୟାଟିଂ; ମୋହିତ ଅବସ୍ଥି-୨/୬୬)।

**ଦ୍ୱିତୀୟ ଜନ୍ମବାର୍ଷିକ ଶୁଭେଚ୍ଛା**



**ପ୍ରିୟାଂଶୀ ପାଣିଗ୍ରାହୀ**
ଜନ୍ମ- ୦୪।୧୦।୨୦୨୨
ତୁମର ଚଲାପଥ କୁସୁମିତ ହେଉ, ଏଥିପାଇଁ ଆମେ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା କରୁଛୁ।
ଶୁଭେଚ୍ଛା ସହ- ଅଜା: କୁମୁଦ ପାଣିଗ୍ରାହୀ, ପବିତ୍ର ପାଣିଗ୍ରାହୀ, ବାପା: ଗୀତେଶ ପାଣିଗ୍ରାହୀ, ମାଆ: ପ୍ରିୟଙ୍କା ପାଣିଗ୍ରାହୀ, ରିପୁନ ଓ ବବୁଲ୍ କାକା, ଦିଦି ପ୍ରିୟଙ୍କା ଓ ଅନ୍ୟମାନେ।
ଧ-୧୫୪୮



ଚାମ୍ପିୟନ ରାଉରକେଲା ସ୍ପୋର୍ଟ୍ସ ହଷ୍ଟେଲର ଖେଳାଳିମାନେ ଅତିଥିଙ୍କ ଗହଣରେ।

# ରାଉରକେଲା ସ୍ପୋର୍ଟ୍ସ ହଷ୍ଟେଲ ଚାମ୍ପିୟନ

**ଭୁବନେଶ୍ୱର, ୩।୧୦ (ତପନ ସ୍ୱାଇଁ)**

ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ଅନୁଷ୍ଠିତ ୩ୟ ସବ୍‌ଜୁନିୟର ମହିଳା ହକି ଚାମ୍ପିୟନଶିପ୍‌ରେ ରାଉରକେଲା ସ୍ପୋର୍ଟ୍ସ ହଷ୍ଟେଲ ଚାମ୍ପିୟନ ହୋଇଛି। ଗୁରୁବାର ଅନୁଷ୍ଠିତ ତୀବ୍ର ସଂଘର୍ଷପୂର୍ଣ୍ଣ ଫାଇନାଲରେ ରାଉରକେଲା ଦଳ ଶୁଟ୍‌ଆଉଟ ୨-୧ ଗୋଲରେ ସୁନ୍ଦରଗଡ଼ ସ୍ପୋର୍ଟ୍ସ ହଷ୍ଟେଲକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ଖେଳ ଗୋଲଶୂନ୍ୟ ରହିଥିଲା। ୩ୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ସୁନ୍ଦରଗଡ଼ ୫-୦ ଗୋଲରେ ଗାଙ୍ଗପୁର ହକି ଆସୋସିଏଶନକୁ ହରାଇ ଦେଇଛି। ସୁନ୍ଦରଗଡ଼ ସ୍ପୋର୍ଟ୍ସ ହଷ୍ଟେଲର କିରଣ ଏକ୍କା ଶ୍ରେଷ୍ଠ ଡିଫେଣ୍ଡର ଓ ଦୀପିକା ବାଗେ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ, ସୁନ୍ଦରଗଡ଼ର ପ୍ରିୟଙ୍କା ମିଞ୍ଜ ଶ୍ରେଷ୍ଠ ଫରୱାର୍ଡ, ଗାଙ୍ଗପୁର ହକି ଆସୋସିଏଶନର ସୁସ୍ମିତା ସିଂ ଶ୍ରେଷ୍ଠ ମିଡ୍‌ଫିଲ୍ଡର, ରାଉରକେଲା ସ୍ପୋର୍ଟ୍ସ ହଷ୍ଟେଲର ପ୍ରିୟାଂଶି ମିଞ୍ଜ୍ ଶ୍ରେଷ୍ଠ ଗୋଲକିପର ପୁରସ୍କାର ପାଇଥିଲେ। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ସମସ୍ତ ଦଳକୁ ଅଭିନନ୍ଦନ ଜଣାଇବା ସହ ପ୍ରତିଭାଧର ଖେଳାଳିମାନେ ଓଡ଼ିଶା ହକିର ଭବିଷ୍ୟତ ବୋଲି ପ୍ରକାଶ କରିଥିଲେ। ଯୁବ ଖେଳାଳିଙ୍କ ପ୍ରତିଭାର ବିକାଶ ପାଇଁ ଓଡ଼ିଶା ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଥିଲେ।

# ସେଣ୍ଟ୍ରାଲ କଣ୍ଟ୍ରାକ୍ଟରୁ ଓହରିଲେ ଶାମ୍‌ସି

**ଜୋହାନ୍ସବର୍ଗ, ୩।୧୦ (ପି.ଟି.):** ବାମହାତୀ ରିଷ୍ଟ ସ୍ପିନର ଟାବ୍ରେଜ୍ ଶାମ୍‌ସି ଗୁରୁବାର କ୍ରିକେଟ ସାଉଥ୍ ଆଫ୍ରିକା (ସିଏସ୍‌ଏ)ର ସେଣ୍ଟ୍ରାଲ କଣ୍ଟ୍ରାକ୍ଟରୁ ଓହରିଯାଇଛନ୍ତି। ବିଶ୍ୱବ୍ୟାପୀ ଟି୨୦ ଲିଗ୍‌ରେ ଖେଳିବା ସୁଯୋଗ ଲକ୍ଷ୍ୟରେ ସେ ଏହି ନିଷ୍ପତ୍ତି ନେଇଛନ୍ତି। ଶାମ୍‌ସି କିନ୍ତୁ ପ୍ରମୁଖ ଦ୍ୱିପାକ୍ଷିକ ସିରିଜ କିମ୍ବା ହ୍ୱାଇଟ ବଲ୍ ଫର୍ମାଟ ଆଇସିସି ଟୁର୍ନାମେଣ୍ଟ ପାଇଁ ଉପଲବ୍ଧ ହେବେ। ଶାମ୍‌ସି କହିଛନ୍ତି ସେଣ୍ଟ୍ରାଲ କଣ୍ଟ୍ରାକ୍ଟରୁ ଓହରିଯିବା ଦ୍ୱାରା ତାଙ୍କୁ ସମସ୍ତ ପ୍ରକାର ସୁଯୋଗ ଉପଲବ୍ଧ ହେବ। ସେ ତାଙ୍କ ପରିବାର ପାଇଁ ସମୟ ଦେଇ ପାରିବେ। ଶାମ୍‌ସି ଆହୁରି ମଧ୍ୟ ଦୋହରାଇ କରି କହିଛନ୍ତି ଯେ, ଦକ୍ଷିଣ ଆଫ୍ରିକା କ୍ରିକେଟ ପ୍ରତି ତାଙ୍କ ପ୍ରତିବଦ୍ଧତା ବଜାୟ ରହିବ। ଭବିଷ୍ୟତରେ ବିଶ୍ୱକପ୍ ବିଜୟୀ ଦଳର ସେ ଅଂଶବିଶେଷ ରହିବେ ବୋଲି ଆଶା ପ୍ରକାଶ କରି କହିଛନ୍ତି।

# ଭାରତୀୟ ଦଳକୁ ହାଡିନଙ୍କ ଡର

**ମେଲବୋର୍ନ, ୩।୧୦ (ପି.ଟି.):** ଭାରତ କାନପୁର ଟେଷ୍ଟରେ ବାଂଲାଦେଶକୁ ଯେପରି ଦୟନୀୟଭାବେ ପରାସ୍ତ କଲା ଏଥିରେ ଆଶଙ୍କା ପ୍ରକାଶ କରିଛନ୍ତି ଅଷ୍ଟ୍ରେଲିଆର ପୂର୍ବତନ ଉଇକେଟକିପର ବ୍ୟାଟର ବ୍ରାଡ ହାଡିନ। ସେହିଛନ୍ତି ଆସନ୍ତା ମାସରେ ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତୀୟ କ୍ରିକେଟ ଦଳ ଅଷ୍ଟ୍ରେଲିଆକୁ ଏକ ଲମ୍ବା ଟୁର୍‌ରେ ଆସିବ। ସେତେବେଳେ ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ କାନପୁର ଟେଷ୍ଟ ପ୍ରଦର୍ଶନକୁ ଯେ ଦୋହରାଇ ନ ପାରେ ତାହା କିଏ କହିବ ବୋଲି ହାଡିନ କହିଛନ୍ତି। କାନପୁରରେ ବର୍ଷା ଏବଂ ଆଉଟ ଫିଲ୍ଡ ଓଦା ଯୋଗୁ ୨ଦିନରୁ ଅଧିକ ସମୟ ଖେଳ ସମ୍ଭବ ନ ଥିଲା। ତେଣୁ ମ୍ୟାଚ ଡ୍ର ସମ୍ଭାବନା ଥିଲା। ମାତ୍ର ଭାରତୀୟ ଦଳ ଆଶ୍ଚର୍ଯ୍ୟଜନକ ପ୍ରଦର୍ଶନ କରି ମ୍ୟାଚକୁ ଜିତବା ସହ ସିରିଜ ୨-୦ରେ ବିଜୟୀ ହୋଇଥିଲା। ରୋହିତଙ୍କ ନେତୃତ୍ୱକୁ ହାଡିନ ଉଚ୍ଚ ପ୍ରଶଂସା କରିଛନ୍ତି। ବାଂଲାଦେଶର ପ୍ରଥମ ଇନିଂସ ୨୩୩ରେ ସୀମିତ ହୋଇଯିବା ପରେ ଭାରତୀୟ ବ୍ୟାଟରମାନେ ଟେଷ୍ଟ କ୍ରିକେଟରେ ଦ୍ରୁତ ୫୦, ୧୦୦, ୧୫୦, ୨୦୦ ଓ ୨୫୦ ରନ ସଂଗ୍ରହ କରିଥିଲେ। କେବଳ ସେତିକି ନୁହେଁ ପରେ ବାଂଲାଦେଶକୁ ଦ୍ୱିତୀୟ ଇନିଂସରେ ଅଲ୍ ଆଉଟ କରିବାରେ ମଧ୍ୟ ସଫଳ ରହିଥିଲେ। ବାଂଲାଦେଶ ତୁଳନାରେ ଅଷ୍ଟ୍ରେଲିଆ ଅଧିକ ଶକ୍ତିଶାଳୀ ଏହା ସତ୍ତ୍ୱେ ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ ବୋଲି ହାଡିନ ତାଙ୍କର ଏକ ସାକ୍ଷାତ୍କାରରେ କହିଛନ୍ତି।

**Classified Everyday**
**0674-2580101, 2549949**


**REAL ESTATE**
**SALE**

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9853035888, 9437054765.** D-1553

**ମାତ୍ର ତିନି ଲକ୍ଷରେ ଓଡ଼ିଶାର ସର୍ବାଧିକ ଲାଭଦାୟକ ପ୍ଲଟ୍ (Investment Plot). Contact: 8917622925.** D-1526

Plot for sale 42Mouza, Jagatpur, Choudwar ସଙ୍ଗେସଙ୍ଗେ ଘର କଲା ଭଳି 30ft., 20ft. ରାସ୍ତା, ପାଚେରି, ବିଜୁଳି ସୁବିଧା ଥାଇ plot ମିଳୁଅଛି। 7008287609. D-1486

High profile Three Storied building at Jaydurga Nagar, Bomikhal, Bhubaneswar for 2.4.crores. Brokers Excuse. Call- 8917520527. D-1528

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 8249877810, 9439368599.** D-1552

**3/4BHK ready to move speious duplex with amenities at Balianta near Syphon Sqr. Contact No.-8457085107.** D-1535

ନଖରା Grandbazar Opposite ରେ, Biswalapadaରେ, Sum Hospital ଘଙ୍ଗାପାଟଣାରେ 30' ରାସ୍ତା ଥାଇ plot କିଣନ୍ତୁ। 6372851880. D-71078




Asribada Panchakarma herbal SPA, Kesharimall, Bhubaneswar. Contact- 8926173473. D-75790

Newly open health benefits SPA special Offer @ 799 Bapuji Nagar. 9861237682. D-76160

Newly open Jyoti SPA positively health benefits (Expert therapist). 8458067955. D-76157

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LOST**

ମୁଁ ଶ୍ରୀ ଆତ୍ମୀୟ କୁମାର ଦାସ, ପି- ଅମିୟ କୁମାର ଦାସ, ସା- ସପନପୁର, ପୋ- ଶିଶୁଆ, ଥା- ସାଲେପୁର, ଜି- କଟକ, ଜଣାଉଅଛିକି ତା୨୦।୦୩।୨୪ରିଖ ଦିନ ଅପରାହ୍ନ ୬ଟା ସମୟରେ ସାଲେପୁର ବଜାରରେ ମୋର (ମାଇଗ୍ରେସନ) ପ୍ରବାସନ ପ୍ରମାଣପତ୍ର (ସାର୍ଟିଫିକେଟ)ଟି ଯାହାକୁ କି ବିଜୁପଟ୍ଟନାୟକ ୟୁନିଭରସିଟି, ରାଉରକେଲା, ଓଡ଼ିଶାରୁ ମେକାନିକାଲ ଇଞ୍ଜିନିୟରିଂ ସିନର୍ଜି ଇନ୍‌ଷ୍ଟିଚ୍ୟୁସନ୍ ଟେକ୍ନୋଲୋଜି, ଢେଙ୍କାନାଳ ତରଫରୁ ଡିଗ୍ରୀରେ ୨୦୧୪-୨୦୧୫ ମସିହାରେ ପ୍ରାପ୍ତ ହୋଇଥିଲା ତାହା ହଜିଯାଇଅଛି। ଯଦି କୌଣସି ସହୃଦୟ ବ୍ୟକ୍ତି ଓ ଅନୁଷ୍ଠାନ ପାଇଥିବେ ମୋ ଠିକଣା ଓ ଉକ୍ତ ଖବରକାଗଜକୁ ଜଣାଇଲେ ମୁଁ ବିଶେଷ ଉପକୃତ ହେବି। ରେଜିଷ୍ଟ୍ରେସନ ନଂ.- 1101230280, ଯୋଗାଯୋଗ- ମୋ: 9040745437, 9776080918. D-1551

**AFFIDAVIT**

By Virtue of an affidavit sworn before EXECUTIVE MAGISTRATE, PATRAPUR, dated 06.09.2024. I BIBEK BADATYA, Address At- B Nuagam Sasan, P.O.- B. Nuagam, P.S.- Jarada, Dist.- Ganjam, Odisha, 761006, declare that I have changed my name from GANESH BADATYA to BIBEK BADATYA. Henceforth I shall be known as BIBEK BADATYA for all purposes.
BIBEK BADATYA
D-1550

I Pabitra Jena (41yrs), W/o- Naresh Jena, Vill- Baudpur, P.O.- Madhabnagar, P.S.- Bhadrak (Rural), Dist.- Bhadrak. My daughter's actual name is Arpita Priyadarshni Jena. But in her Birth Certificate her name is wrongly mentioned Arpita Priyadarshani. By this affidavit I declare that Arpita Priyadarshni Jena and Arpita Priyadarshani same and one child. D-1555

I Sri L Abhilash, S/o- Shri Ajit Kumar Lenka, resident & Smt. Jyotirekha Mohanty of Plot No.- N6/89, IRC Village, Jayadev Vihar, Bhubaneswar, P.S.- Nayapalli, Dist.- Khordha, Odisha, declare by this affidavit of No.- 70, dated- 02.03.2020. That now onwards I shall be known as Abhilash Lenka Mohanty for all future purposes. D-1554

I Smt. Jyotirekha Mohanty, W/o- Ajit kumar Lenka and D/o- Sarbeswar Mohanty and Manjula Mohanty, resident of Plot No.- N6/89, IRC Village, Jayadev Vihar, Bhubaneswar, P.S.- Nayapalli, Dist.- Khordha, Odisha declare by this affidavit No.- 101, dated- 03.10.2024. That inadvertently my name has been reflected as Jyoti Rekha Lenka instead of Jyotirekha Mohanty in my Son's Matriculation Certificate and etc. So, henceforth I will be known as Jyotirekha Mohanty for all future purposes. D-1556

By virtue of an affidavit I, Gopal Dalabehera, S/o- Narottam Dalabehera, AT/P.O.- Balugaon, P.S./ Dist.-Nayagarh, Pin- 752070 hereby declare that my name has been wrongly recorded as Babu Dalabehera in my D.L. bearing No.- OR25 20060001246. Both the name stand for one and same person and I shall be known as Gopal Dalabehera for all purposes. D-1549

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ଧରିତ୍ରୀ DHARITRI**
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**ମନେ ପଡ଼ନ୍ତି**

**ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**୰କୁମାରୀ ଦାଶ**
କାଉଁଶିଆ, ରଘୁନାଥପୁର ଶାସନ, ଶରଣକୁଳ, ନୟାଗଡ଼
ଆବିର୍ଭାବ: ୦୬।୧୦।୧୯୫୩
ତିରୋଧାନ: ୦୮।୧୦।୨୦୨୧
ବୋଉ, ତୁମେ ସ୍ୱର୍ଗ ଧାମକୁ ଯିବାର ତିନିବର୍ଷ ହୋଇଗଲା। ତେବେ ତୁମେ ଆମ ହୃଦୟରେ ସଦାସର୍ବଦା ରହିଅଛ। ତୁମର ଆଦର୍ଶ, ସ୍ନେହ, ଶ୍ରଦ୍ଧା, ଭାଗବତ୍ ବିଶ୍ୱାସ, କଷ୍ଟସହିଷ୍ଣୁ ସ୍ୱଭାବ ଓ ପରୋପକାର ଗୁଣଗୁଡ଼ିକ ଆମର ପ୍ରେରଣାଦାୟୀ ହୋଇ ରହିବ। ଶ୍ରୀଜଗନ୍ନାଥଙ୍କ ନିକଟରେ ତୁମ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଅଛୁ।
ଇତି ତୁମର: ସ୍ୱାମୀ: ତ୍ରିନାଥ ଦାଶ, ପୁତ୍ର: ସନ୍ତୋଷ, ସୁଶାନ୍ତ, ପୁତ୍ରବଧୂ: ନନ୍ଦିତା, ସରୋଜିନୀ, ନାତି ଓ ନାତୁଣୀ: ଆଶୁତୋଷ ଓ ଅଙ୍କିତା, ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୧୫୫୭

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ପୂର୍ଣ୍ଣଚନ୍ଦ୍ର ପାତ୍ର**
ଦୁର୍ଗେଶ୍ୱରଗଡ଼, ଗୋପ, ପୁରୀ
ଆବିର୍ଭାବ-୧୯୩୬ ମସିହା ଇନ୍ଦ୍ରୋତ୍ସବ ପୂର୍ଣ୍ଣିମା
ତିରୋଧାନ- ୨୦୨୪ ମସିହା ଆଶ୍ୱିନ କୃଷ୍ଣ ଅଷ୍ଟମୀ
ବାପା! ତୁମେ ଚାଲିଗଲ ସେ ପାରିକୁ, ଏପାରିରେ ଛାଡ଼ି ଯାଇଥିବା ତୁମ ସରଳ ଧାରାର ପିଲାମାନେ ସବୁବେଳେ ଝୁରୁଥିବେ ତୁମକୁ। ତୁମେ ସେଠାରେ ଭଲରେ ଥାଅ। ଆମମାନଙ୍କୁ ଆଶୀର୍ବାଦ ଦେଉଥାଅ। ଏ ସରଳ ସଂସାର ତୁମ ଆଦର୍ଶରେ ବଞ୍ଚିରହୁ, ଏତିକି ପ୍ରାର୍ଥନା।
ଇତି ତୁମର ଶୋକସନ୍ତପ୍ତ ପରିବାର:
ଲୁଟୁ, ରଙ୍ଗା, କାଳିଆ (ପୁଅ), ସୁଧା, ସନ୍ଧ୍ୟା, ସ୍ୱିଗ୍ଧା, ସିପ୍ରା, ସ୍ମିତା (ଝିଅ), ଶୁଭ୍ରା, ସ୍ୱପ୍ନା, ସୋମା (ପୁତ୍ରବଧୂ), ନାତି, ନାତୁଣୀ, ପରିବାର ଓ ବନ୍ଧୁବର୍ଗ।
ଧ-୧୫୫୮

ଧରିତ୍ରୀ
DHARITRI
50 Years
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଅକ୍ଟୋବର ୪/୨୦୨୪ Bhubaneswar, Friday, October 4/ 2024

# ତ୍ରିପୁରା ବିପକ୍ଷରୁ ଓଡ଼ିଶାର ଅଭିଯାନ

**ଭୁବନେଶ୍ୱର, ୩।୧୦ (ତପନ ସ୍ୱାଇଁ)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଆୟୋଜନ ହେଉଥିବା ଘରୋଇ କ୍ରିକେଟର ସର୍ବୋଚ୍ଚ ପ୍ରତିଯୋଗିତା ରଣଜୀ ଟ୍ରଫି ୨୦୨୪-୨୫ ସିଜନ ପାଇଁ ଓଡ଼ିଶା ଏଲିଟ୍ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ସ୍ଥାନ ପାଇଥିବା ଅନ୍ୟ ଦଳଗୁଡ଼ିକ ହେଲେ ମେଘାଳୟ, ତ୍ରିପୁରା, ବରୋଦା, ମୁମ୍ବାଇ, ଜମ୍ମୁ-କଶ୍ମୀର, ମହାରାଷ୍ଟ୍ର ଓ ସର୍ଭିସେସ। ତ୍ରିପୁରା ବିପକ୍ଷରେ ମ୍ୟାଚ ଖେଳି ଓଡ଼ିଶା ଏହାର ଅଭିଯାନ ଆରମ୍ଭ କରିବ। ତ୍ରିପୁରାର ଏମ୍‌ବିବି ଷ୍ଟାଡିୟମରେ ଏହି ମ୍ୟାଚ ଅକ୍ଟୋବର ୧୧ରୁ ୧୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଓଡ଼ିଶା ଏହାର ଦ୍ୱିତୀୟ ମ୍ୟାଚ କଟକର ବାରବାଟୀ ଷ୍ଟାଡିୟମରେ ଜମ୍ମୁ-କଶ୍ମୀର ବିପକ୍ଷରେ ଖେଳିବ। ଅକ୍ଟୋବର ୧୮ରୁ ୨୧ ପର୍ଯ୍ୟନ୍ତ ଏହି ମ୍ୟାଚ ଅନୁଷ୍ଠିତ ହେବ। ଅକ୍ଟୋବର ୨୬ରୁ ୨୯ ପର୍ଯ୍ୟନ୍ତ ଓଡ଼ିଶା ଏହାର ତୃତୀୟ ମ୍ୟାଚ ବରୋଦା ବିପକ୍ଷରେ ଭଦୋଦରାର କୋଟାମ୍ବି ଷ୍ଟାଡିୟମରେ ଖେଳିବ। ଚତୁର୍ଥ ମ୍ୟାଚ ମୁମ୍ବାଇ ବିପକ୍ଷରେ ନଭେମ୍ବର ୬ରୁ ୯ (ମୁମ୍ବାଇର ଶରଦ ପାୱାର କ୍ରିକେଟ ଏକାଡେମୀ ପଡ଼ିଆ) ପର୍ଯ୍ୟନ୍ତ ଖେଳିବା ପରେ ପଞ୍ଚମ ମ୍ୟାଚ ଘରୋଇ ପରିବେଶରେ କଟକର ବାରବାଟୀ ଷ୍ଟାଡିୟମରେ ମହାରାଷ୍ଟ୍ର ବିପକ୍ଷରେ ନଭେମ୍ବର ୧୩ରୁ ୧୬ ପର୍ଯ୍ୟନ୍ତ ଅନୁଷ୍ଠତ ହେବ। ଷଷ୍ଠ ମ୍ୟାଚ ମେଘାଳୟ ବିପକ୍ଷରେ ୨୦୨୫ ଜାନୁୟାରୀ ୨୩ରୁ ୨୬ ପର୍ଯ୍ୟନ୍ତ ଶିଲଂର ଏମ୍‌ସିଏ କ୍ରିକେଟ (ପୋଲୋ) ଗ୍ରାଉଣ୍ଡରେ ଖେଳାଯିବ। ଓଡ଼ିଶା ସିଜନରେ ଏହାର ୭ମ ତଥା ଶେଷ ମ୍ୟାଚ ସର୍ଭିସେସ ବିପକ୍ଷରେ ୨୦୨୫ ଜାନୁଆରୀ ୩୦ରୁ ଫେବୃଆରୀ ୨ ପର୍ଯ୍ୟନ୍ତ କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଖେଳିବ। ଅର୍ଥାତ୍ ଆସନ୍ତା ସିଜନରେ

**ରଣଜୀ ଟ୍ରଫି ୨୦୨୪-୨୫ ସିଜନ**



ଓଡ଼ିଶା ଘରୋଇ ପରିବେଶରେ ୩ଟି ମ୍ୟାଚ ଖେଳିବାର ସୁଯୋଗ ପାଇବ। ଏଥିରୁ ୨ଟି ମ୍ୟାଚ ବାରବାଟୀ ଷ୍ଟାଡିୟମ ଏବଂ ଗୋଟିଏ ଡ୍ରିମ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ଘରୋଇ ପରିବେଶରେ ଜମ୍ମୁ-କଶ୍ମୀର, ମହାରାଷ୍ଟ୍ର ଓ ସର୍ଭିସେସକୁ ଭେଟିବ ଓଡ଼ିଶା। ବାହାର ପରିବେଶରେ ତ୍ରିପୁରା, ମେଘାଳୟ, ବରୋଦା, ମୁମ୍ବାଇ ବିପକ୍ଷରେ ମୁକାବିଲା କରିବ।

କଲୋନେଲ ସି.କେ. ନାୟୁଡୁ ଟ୍ରଫିର ଗ୍ରୁପ୍ 'ଏ'ରେ ସ୍ଥାନ ପାଇଥିବା ଓଡ଼ିଶା ଘରୋଇ ପରିବେଶରେ ମହାରାଷ୍ଟ୍ର, କର୍ନାଟକ, ତ୍ରିପୁରା ଓ ଛତିଶଗଡ଼ ବିପକ୍ଷରେ ଖେଳିବ। ମ୍ୟାଚ ଗୁଡ଼ିକ ବରଗଡ଼ର ବିକାଶ ଗ୍ରାଉଣ୍ଡ (ଅକ୍ଟୋବର ୨୦-୨୩), ବଲାଙ୍ଗୀରର ଗାନ୍ଧୀ ଷ୍ଟାଡିୟମ (ନଭେମ୍ବର ୮-୧୧) ଓ ସମ୍ବଲପୁରର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ (୨୦୨୫ ଫେବୃଆରୀ ୧-୪)ରେ ଖେଳାଯିବାକୁ ଥିବାବେଳେ ଓଡ଼ିଶା-ତ୍ରିପୁରା ମ୍ୟାଚ (୨୦୨୪ ନଭେମ୍ବର ୧୫-୧୮)ର ଭେନ୍ୟୁ ନିର୍ଦ୍ଧାରିତ ହୋଇନାହିଁ। ସେହିପରି କୁଚ୍‌ବିହାର ଟ୍ରଫି ପାଇଁ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଛି ଓଡ଼ିଶା। ଘରୋଇ ପରିବେଶରେ ଓଡ଼ିଶା ୩ଟି ମ୍ୟାଚ ଯଥାକ୍ରମେ ବରଗଡ଼ର ବିକାଶ ଗ୍ରାଉଣ୍ଡରେ ମେଘାଳୟ (ନଭେମ୍ବର ୩-୧୬), ଗାନ୍ଧୀ ଷ୍ଟାଡିୟମରେ ବରୋଦା (ନଭେମ୍ବର ୨୦-୨୩) ଓ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଚଣ୍ଡିଗଡ଼ (ଡିସେମ୍ବର ୬-୯) ବିପକ୍ଷରେ ଖେଳିବ। ଭିନୁ ମଙ୍କଡ ଟ୍ରଫିର ଗ୍ରୁପ୍ 'ଏ' ମ୍ୟାଚଗୁଡ଼ିକ ଆୟୋଜନ ଅଧିକାର ପାଇଛି ଓଡ଼ିଶା। ମୋଟ ୧୫ଟି ମ୍ୟାଚ ବାରବାଟୀ ଷ୍ଟାଡିୟମ, ଭୁବନେଶ୍ୱରର ବିକାଶ ଗ୍ରାଉଣ୍ଡ ଓ ରେଭେନ୍ସା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡ-୧ରେ ଅନୁଷ୍ଠିତ ହେବ। ଏହା ଚଳିତ ମାସ ୪ରୁ ଆରମ୍ଭ ହୋଇ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ସେହିପରି ବିଜୟ ମର୍ଚ୍ଚାଣ୍ଟ ଟ୍ରଫି ପ୍ଲେଟ୍ ଗ୍ରୁପ୍ ମଧ୍ୟ ଓଡ଼ିଶାରେ ଅନୁଷ୍ଠିତ ହେବ। ମ୍ୟାଚଗୁଡ଼ିକ ବାରବାଟୀ, କଟକର ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟ୍ସ, ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଖେଳାଯିବ। ୨୦୨୪ ଡିସେମ୍ବର ୬ରୁ ୮ରେ ଏହା ଆରମ୍ଭ ହୋଇ ୨୦୨୫ ଜାନୁଆରୀ ୩ରୁ ୫ରେ ଶେଷ ହେବ।

୨୩ ବର୍ଷରୁ କମ୍ ମହିଳା ଟି୨୦ ଟ୍ରଫି ଗ୍ରୁପ୍ 'ଏଫ୍'ର ୨୬ଟି ଯାକ ମ୍ୟାଚ ଓଡ଼ିଶାରେ ଆୟୋଜନ ହେବ। ଡ୍ରିମ୍ସ କ୍ରିକେଟ ଗ୍ରାଉଣ୍ଡ, ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟ୍ସରେ ସମସ୍ତ ମ୍ୟାଚ ଅନୁଷ୍ଠିତ ହେବ। ୨୦୨୫ ଜାନୁୟାରୀ ୫ରେ ଏହା ଆରମ୍ଭ ହେବ ଏବଂ ୨୨ ତାରିଖରେ ଫାଇନାଲ ଡ୍ରିମ୍ସରେ ଖେଳାଯିବ। ୧୫ ବର୍ଷରୁ କମ୍ ମହିଳା ଦିନିକିଆ ଟ୍ରଫି ଗ୍ରୁପ୍ 'ଏଫ୍'ର ୧୫ଟି ମ୍ୟାଚ ଡ୍ରିମ୍ସ ଗ୍ରାଉଣ୍ଡ, ଭୁବନେଶ୍ୱରର ରେଲୱେ ଷ୍ଟାଡିୟମ ଓ ରେଭେନ୍‌ଶା ଗ୍ରାଉଣ୍ଡ-୧ରେ ଆୟୋଜନ ହେବ। ୨୦୨୪ ନଭେମ୍ବର ୨୧ରୁ ଏହା ଆରମ୍ଭ ହୋଇ ୨୯ ପର୍ଯ୍ୟନ୍ତ ଚାଲିବ।

## ଓଡ଼ିଶାର ରଣ୍‌ଜୀ କାର୍ଯ୍ୟସୂଚୀ

ଅକ୍ଟୋବର ୧୧ରୁ ୧୪: ବନାମ ତ୍ରିପୁରା, ଭେନୁ: ଏମ୍‌ବିବି ଷ୍ଟାଡିୟମ, ଅଗରତାଲା
ଅକ୍ଟୋବର ୧୮ରୁ ୨୧: ବନାମ ଜମ୍ମୁ-କଶ୍ମୀର, ଭେନ୍ୟୁ: ବାରବାଟୀ ଷ୍ଟାଡିୟମ, କଟକ
ଅକ୍ଟୋବର ୨୬ରୁ ୨୯: ବନାମ ବରୋଦା, ଭେନ୍ୟୁ: କୋଟାମ୍ବି ଷ୍ଟାଡିୟମ, ଭଦୋଦରା
ନଭେମ୍ବର ୬ରୁ ୯: ବନାମ ମୁମ୍ବାଇ, ଭେନ୍ୟୁ: ଶରଦ ପାୱାର କ୍ରିକେଟ ଏକାଡେମୀ, ମୁମ୍ବାଇ
ନଭେମ୍ବର ୧୩ରୁ ୧୬: ବନାମ ମହାରାଷ୍ଟ୍ର, ଭେନ୍ୟୁ: ବାରବାଟୀ ଷ୍ଟାଡିୟମ, କଟକ
୨୦୨୫ ଜାନୁଆରୀ ୨୩ରୁ୨୬: ବନାମ ମେଘାଳୟ, ଭେନ୍ୟୁ: ଏମ୍‌ସିଏ କ୍ରିକେଟ ଗ୍ରାଉଣ୍ଡ, ଶିଲଂ
୨୦୨୫ ଜାନୁଆରୀ ୩୦ରୁ ଫେବୃଆରୀ ୨: ବନାମ ସର୍ଭିସେସ, ଭେନ୍ୟୁ: ଡ୍ରିମ୍ସ ଗ୍ରାଉଣ୍ଡ, କଟକ

# ଆଜି ସୂର୍ଯ୍ୟସ-କ୍ୟାପିଟାଲ୍ସ ଟକ୍କର

**ଜମ୍ମୁ, ୩।୧୦**

ଚଳିତ ଲିଜେଣ୍ଡ୍ସ ଲିଗ୍ କ୍ରିକେଟ ଟୁର୍ନାମେଣ୍ଟରେ କୋଣାର୍କ ସୂର୍ଯ୍ୟସ ଓଡ଼ିଶା ଏହାର ୫ମ ମ୍ୟାଚ ଶୁକ୍ରବାର ସ୍ଥାନୀୟ ମୌଲାନା ଆଜାଦ ଷ୍ଟାଡିୟମରେ ଖେଳିବ। ଏଥର ପ୍ରତିଦ୍ୱନ୍ଦ୍ୱୀ ହେଉଛି ଇଣ୍ଡିଆ କ୍ୟାପିଟାଲ୍ସ। ମ୍ୟାଚ ଅପରାହ୍ନ ୩ଟାରେ ଅନୁଷ୍ଠିତ ହେବ। ଲିଗ୍‌ରେ ଉଭୟ ସୂର୍ଯ୍ୟସ ଓ କ୍ୟାପିଟାଲ୍ସ ୪ଟି ଲେଖାଏ ମ୍ୟାଚ ଖେଳି ୪ ପଏଣ୍ଟ ଲେଖାଏ ପାଇଛନ୍ତି। ପଏଣ୍ଟ ଟେବୁଲରେ କ୍ୟାପିଟାଲ୍ସ ୨ୟ ଓ ସୂର୍ଯ୍ୟସ ୩ୟ ସ୍ଥାନ ଅଧିକାର କରିଛି। ଦୁଇ ସମକକ୍ଷ ଦଳ ମଧ୍ୟରେ ଆଗାମୀ ମ୍ୟାଚ ବେଶ୍ ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଛି। ଇରଫାନ ପଠାନ କୋଣାର୍କ ସୂର୍ଯ୍ୟସ ଓ ଇଂଲଣ୍ଡର ଇଆନ ବେଲ୍ ଇଣ୍ଡିଆ କ୍ୟାପିଟାଲ୍ସ ଦଳର ନେତୃତ୍ୱ ନେଉଛନ୍ତି।

**ଲିଜେଣ୍ଡ୍ସ ଲିଗ୍ କ୍ରିକେଟ**

ରାଜସ୍ଥାନର ଯୋଧପୁରରେ ଓଡ଼ିଶାଭିତ୍ତିକ ଦଳ କୋଣାର୍କ ସୂର୍ଯ୍ୟସ ଉଦ୍‌ଘାଟନୀ ମ୍ୟାଚରେ ଡିଫେଣ୍ଡିଂ ଚାମ୍ପିୟନ ମଣିପାଲ ଟାଇଗର୍ସକୁ ୨ ରନରେ ହରାଇ ଅଭିଯାନ ଆରମ୍ଭ କରିଥିଲା। ମାତ୍ର ସୁରଟରେ ଏହି ଦଳର ପରବର୍ତ୍ତୀ ୨ଟି ମ୍ୟାଚ ଯଥାକ୍ରମେ ମଣିପାଲ ଟାଇଗର୍ସ ଓ ଇଣ୍ଡିଆ କ୍ୟାପିଟାଲ୍ସ ବିପକ୍ଷରେ ବର୍ଷା ଯୋଗୁ ବାତିଲ ହୋଇଥିଲା। ଫଳରେ ଉଭୟ ଦଳ ପଏଣ୍ଟ ଭାଗ କରିଥିଲେ। ଗତ ୨ ତାରିଖରେ ସେହି ସୁରଟରେ ଅନୁଷ୍ଠିତ ମ୍ୟାଚରେ କୋଣାର୍କ ସୂର୍ଯ୍ୟସ ଆକର୍ଷଣୀୟ ପ୍ରଦର୍ଶନ କରିଥିଲେ ହେଁ ସଦର୍ନ ସୁପର ଷ୍ଟାର୍ସ ନିକଟରୁ ହାରି ଯାଇଥିଲା। ହାଇସ୍କୋରିଂ ମ୍ୟାଚରେ ଓଡ଼ିଶା ଦଳ ୨୦ ଓଭରରେ ୯ ଉଇକେଟ ହରାଇ ୧୯୨ ରନ କରିଥିଲେ ହେଁ ବିଜୟ ପାଇଁ ତାହା ପର୍ଯ୍ୟାପ୍ତ ହୋଇ ନ ଥିଲା। ମାର୍ଟିନ ଗୁପଟିଲ (୫୪ ବଲ୍‌ରୁ ୧୩୪ ରନ)ଙ୍କ ଅପରାଜିତ ବିସ୍ଫୋରକ ଶତକ ସହାୟତାରେ ସୁପର ଷ୍ଟାର୍ସ ୧୬ ଓଭରରେ ବିଜୟ ଲକ୍ଷ୍ୟ ଅତିକ୍ରମ କରି ଯାଇଥିଲା। ଏବେ ପ୍ରତିଯୋଗିତାର ଜମ୍ମୁ ପର୍ଯ୍ୟାୟ ଆରମ୍ଭ ହୋଇଥିବାରୁ ଭିନ୍ନ ପିଚ୍ ଓ ପରିବେଶରେ କ୍ୟାପିଟାଲ୍ସର ମୁକାବିଲା କରିବ କୋଣାର୍କ ସୂର୍ଯ୍ୟସ।

କ୍ୟାପିଟାଲ୍ସ ଏହାର ପ୍ରଥମ ମ୍ୟାଚକୁ ଟୋୟମ ହାଇଦ୍ରାବାଦ ବିପକ୍ଷରେ ମାତ୍ର ୧ ରନରେ ଜିତିଥିଲା। ନିଜର ଦ୍ୱିତୀୟ ମ୍ୟାଚରେ ଏହି ଦଳ ସୁପର ଷ୍ଟାର୍ସ ନିକଟରୁ ୪ ଉଇକେଟରେ ହାରିଥିବାବେଳେ ପରବର୍ତ୍ତୀ ୨ଟି ମ୍ୟାଚ ଯଥାକ୍ରମେ କୋଣାର୍କ ସୂର୍ଯ୍ୟସ ଓ ମଣିପାଲ ଟାଇଗର୍ସ ବିପକ୍ଷରେ ବର୍ଷା ଯୋଗୁ ବାତିଲ ହୋଇଥିଲା।




# ସୁପର ଓଭରରେ ଜିତିଲା ଟାଇଗର୍ସ

ଜମ୍ମୁରେ ଗୁରୁବାର ଅନୁଷ୍ଠିତ ଲିଜେଣ୍ଡ୍ସ ଲିଗ୍ କ୍ରିକେଟ ମ୍ୟାଚରେ ମଣିପାଲ ଟାଇଗର୍ସ ସୁପର ଓଭରରେ ଟୋୟମ ହାଇଦ୍ରାବାଦକୁ ପରାସ୍ତ କରିଛି। ମଣିପାଲ ଟାଇଗର୍ସ ୨୦ ଓଭରରେ ୭ ଉଇକେଟ ହରାଇ ୧୪୪ ରନ କରିଥିଲା। ଦଳ ପକ୍ଷରୁ ଥିସାରା ପେରେରା ସର୍ବାଧିକ ୪୮ ରନ କରି ଅପରାଜିତ ରହିଥିବାବେଳେ ଦ୍ୱିତୀୟ ସର୍ବାଧିକଭାବେ ହାଇଦ୍ରାବାଦ ବୋଲରମାନେ ଅତିରିକ୍ତ ୨୫ ରନ ବ୍ୟୟ କରିଥିଲେ। ଜବାବରେ ଟୋୟମ ହାଇଦ୍ରାବାଦ ୨୦ ଓଭରରେ ୬ ଉଇକେଟ ହରାଇ ଠିକ୍ ୧୪୪ ରନ କରିଥିଲା। ଶନ୍ ମାର୍ଶ ୩୮ ରନ କରିଥିବାବେଳେ ଗୁରକୀରଟ ସିଂ ମାନ୍ ୩୭ ରନରେ ଅପରାଜିତ ରହିଥିଲେ। ରାହୁଲ ଶୁକ୍ଲାଙ୍କୁ ୨ ଉଇକେଟ ମିଳିଥିଲା। ସୁପର ଓଭରରେ ହାଇଦ୍ରାବାଦ ୧ ଉଇକେଟ ହରାଇ ମାତ୍ର ୪ ରନ କରିଥିଲା। ୫ ରନ ବିଜୟ ଲକ୍ଷ୍ୟନେଇ ମଣିପାଲ ଟାଇଗର୍ସ କୌଣସି ଉଇକେଟ ନ ହରାଇ ୩ ବଲ୍‌ରୁ ୯ ରନ ସଂଗ୍ରହ କରି ନେଇଥିଲା। ଚଳିତ ସିଜନରେ ପ୍ରଥମଥରପାଇଁ ଏହି ମ୍ୟାଚରେ ସୁପର ଓଭରରୁ ଫଳାଫଳ ଆସିଥିଲା।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ